ଅନାଦି – ଅନନ୍ତ

ଅନ୍ତର୍ଭାରତୀୟ ପୁସ୍ତକମାଳା

ଅନାଦି – ଅନନ୍ତ

ଶ୍ରୀରଙ୍ଗ

ଅନୁବାଦ

ପଞ୍ଚାନନ ମହାନ୍ତି

ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ

ISBN 81-237-0023-7

1992 (ଶକାବ୍ଦ 1914)
ମୂଳରଚନା © ଲେଖକାଧୀନ
ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ ଟ୍ରଷ୍ଟ, ଇଣ୍ଡିଆ, 1992
ଟ 29.00
Original Title: ANADI ANANT (*Kannada*)
Oriya Translation: ANADI ANANT
ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ ଟ୍ରଷ୍ଟ, ଇଣ୍ଡିଆ, ଏ–5, ଗ୍ରୀନ୍ ପାର୍କ, ନୂଆ ଦିଲ୍ଲୀ–110016 କର୍ତ୍ତୃକ ପ୍ରକାଶିତ ।

ଭୂମିକା

ସାହିତ୍ୟ - ପ୍ରେମୀ ଓ ନାଟକ - ପ୍ରେମୀ ମାନଙ୍କ ନିକଟରେ 'ଶ୍ରୀରଂଗ' ନାମରେ ପ୍ରସିଦ୍ଧ ଆଦ୍ୟରଂଗାଚାରୀ ପ୍ରାୟ୍ଯ ଗତ ପଚାଶ ବର୍ଷ ଧରି ସାହିତ୍ୟ ରଚନା କରି ଆସୁଛନ୍ତି । ସେ 35 ଟି ନାଟକ ଓ 50 ଟି ଏକାଙ୍କିକା ଲେଖିଛନ୍ତି । ଏହାଛଡା ନୂଆ ନୂଆ ପ୍ରୟୋଗରେ ସିଦ୍ଧହସ୍ତ ହୋଇଥିବାରୁ ସେ ନାଟକକୁ ମାଧ୍ୟମକରି ନୂଆ ନୂଆ ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ପ୍ରଯତ୍ନଶୀଳ । ତାଙ୍କର ଟେକ୍‌ନିକ୍ ଖାଲି ଯେ ନୂଆ ତାହା ନୁହେଁ, ତାହା ନୂଆ ନୂଆ ଚିନ୍ତାର ବାହକ ମଧ୍ୟ । 1963 ମସିହାରେ ସେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ନାଟକ କ୍ଷେତ୍ରରେ ଶ୍ରୀରଂଗ ଯଥେଷ୍ଟ ଖ୍ୟାତି ହାସଲ କରିଛନ୍ତି ଓ ସେଥିପାଇଁ ସେ ବି ହକଦାର । କିନ୍ତୁ ଏହାଦ୍ୱାରା ତାଙ୍କପ୍ରତି ଏକପ୍ରକାର ଅନ୍ୟାୟ ହୋଇଛି ବୋଲି କୁହାଯାଇ ପାରେ । ଏ ପର୍ଯ୍ୟନ୍ତ ସେ ବାରଟି ଉପନ୍ୟାସ ଲେଖିଛନ୍ତି । ନାଟ୍ୟକାର ଭାବେ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିବା 'ହରିଜନ ବାର' 1930 ରେ ରଚିତ ହୋଇଥିଲାବେଳେ ତାଙ୍କର ପ୍ରଥମ ଉପନ୍ୟାସ 'ବିଶ୍ୱାମିତ୍ରନ ସୃଷ୍ଟି' 1934 ରେ ପ୍ରକାଶିତ ହୋଇଥିଲା ଃ କନ୍ନଡ ଉପନ୍ୟାସ ଜଗତରେ ଏହା ଥିଲା ଏକ ନୂଆ ପ୍ରୟୋଗ । ମାତ୍ର ତାଙ୍କର ଏ ଉପନ୍ୟାସ ବା ଅନ୍ୟ ଉପନ୍ୟାସ ଗୁଡିକ ଆଲୋଚକ ମାନଙ୍କର ଧ୍ୟାନ ବିଶେଷଭାବେ ଆକର୍ଷଣ କରିପାରିଲାନି;?

କନ୍ନଡ଼ ଭାଷାରେ ପ୍ରଥମ ଉପନ୍ୟାସ କେଉଁଟି ? ଏ ପ୍ରଶ୍ନ ନିକଟ ଅତୀତରେ ଆଲୋଚକମାନଙ୍କୁ ଆକୃଷ୍ଟ କରିଛି । ପ୍ରାୟ୍ଯ 1805 ରେ ରଚିତ 'କଳାବତୀ ପରିଣୟ' (ଲେଖକ ଃ ଯାଦବ) ଓ 1821 ରେ ରଚିତ 'ସୌଗନ୍ଧିକା ପରିଣୟ' (ଲେଖକ ଃ ମୁମ୍ମଡୀ କୃଷ୍ଣରାଜ ଓଡେୟର) 'ମୁଦ୍ରା ମଞ୍ଜୁଷ' ପୂର୍ବର ଦୁଇଟି କୃତି । ନିକଟରେ ପ୍ରକାଶିତ ଡ. ଶ୍ରୀନିବାସ ହାବନୂରଙ୍କ ଏକ ପ୍ରବନ୍ଧକୁ ଆଧାର କରି ଉକ୍ତ ଉପନ୍ୟାସ ଦୁଇଟିକୁ ରୋମାଣ୍ଟିକ୍ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇ ପାରେ । କେମ୍ପୁନାରାୟଣଙ୍କ 'ମୁଦ୍ରା ମଞ୍ଜୁଷ' (1823) ହିଁ କନ୍ନଡ଼ ଭାଷାର ପ୍ରଥମ ଐତିହାସିକ ଉପନ୍ୟାସ, 1842 ବେଳକୁ ବନ୍ୟାନଙ୍କ 'ପିଲଗ୍ରିମସ୍ ପ୍ରୋଗେସ୍' 'ଯାତ୍ରିକନ୍ ସଂଚାର' ନାମରେ ପ୍ରକାଶିତ ହେଲା । 1857 ରେ ଏସ୍. ବି. କୃଷ୍ଣସ୍ୱାମୀ ଆୟଙ୍ଗାର, ଡେନିୟଲ୍ ଡିଫୋଙ୍କ ରବିନ୍‌ସନ୍ କ୍ରୁସୋ' କୁ କନ୍ନଡ଼ରେ ଅନୁବାଦ କଲେ । ସେତେବେଳକୁ କନ୍ନଡ଼ ଉପନ୍ୟାସ - ସାହିତ୍ୟରେ ବର୍ଣ୍ଣନାତ୍ମକତାର ପଦାର୍ପଣ ହୋଇସାରିଥିଲା ।

ବି. ଭେଙ୍କଟାଚାର୍ଯ୍ୟ 1895 ରେ ବଙ୍କିମଚନ୍ଦ୍ରଙ୍କ ' ଦୁର୍ଗେଶ ନନ୍ଦିନୀ' କନ୍ନଡ଼ରେ ଅନୁବାଦ କଲେ । ତା' ପରେ ସେ କନ୍ନଡ୍ ସାହିତ୍ୟକୁ ଅନେକ ବଂଗଳା ଉପନ୍ୟାସ ପ୍ରଦାନ କଲେ । ଭେଙ୍କଟାଚାର୍ଯ୍ୟଙ୍କ ଅନୁବାଦ ବେଶ୍ ଜନପ୍ରିୟ ହେଲା । ଏଇପରିଭାବେ କନ୍ନଡ଼ ଉପନ୍ୟାସର କ୍ଷେତ୍ରରେ ବଂଗଳା ଉପନ୍ୟାସର ପ୍ରଭାବ ଆରମ୍ଭ ହେଲା । ଭେଙ୍କଟାଚାର୍ଯ୍ୟ ' ଦୁର୍ଗେଶ ନନ୍ଦିନୀ' ର ଭୂମିକା ଇଂରେଜିରେ ଲେଖିଲେ ଏବଂ ସେଥିରେ 'ନଭେଲ'

ଶବ୍ଦର ପ୍ରୟୋଗ କରି ତା'ର ଏହିପରି ବ୍ୟାଖ୍ୟା କରିଥିଲେ - "ସମାଜ ଓ ସମାଜର ଅଙ୍ଗୀଭୂତ ମଣିଷ ଜୀବନରେ ଦେଖାଦେଉଥିବା ଦୁର୍ବ୍ୟବହାର ପ୍ରବୃତିକୁ ପ୍ରକାଶିତ କରି ପ୍ରତ୍ୟେକ ଲୋକକୁ ଏହା ଠିକ୍ ଭାବେ ଚାଲିବାର ରାସ୍ତା ଦେଖାଇବା ଉଚିତ୍ ।"

ଗୁଲବାଡୀ ଭେଙ୍କଟରାୟଙ୍କ 'ଇନ୍ଦିରା ବାଈ' କନ୍ନଡ଼ରେ ପ୍ରଥମ ମୌଳିକ ସାମାଜିକ ଉପନ୍ୟାସ । ଏହାର ଅନ୍ୟ ନାମ 'ସଦ୍ଧର୍ମ ବିଜୟ' (ତତ୍କାଳୀନ ଜିଲାଧିକାରୀ କାଜ ୀନ ଏହାକୁ ଇଂରେଜିରେ ଅନୁବାଦ କରିଥିଲେ) । ଏଇ ଦ୍ୱିତୀୟ ନାମରୁ ତା' ର ଉଦ୍ଦେଶ୍ୟ ସ୍ପଷ୍ଟ । ବି. ଭେଙ୍କଟାଚାର୍ଯ୍ୟ ନଭେଲ ବ୍ୟାଖ୍ୟାକରି ତା' ଦ୍ୱାରା ପାଠକମାନଙ୍କ ସ୍ୱଭାବ ବଦଳେଇବାର କ୍ଷମତା ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏଇ ଉପନ୍ୟାସରେ ମଧ୍ୟ ସେଇ ଉଦ୍ଦେଶ୍ୟ ନିହିତ । ସମକାଳୀନ ସମାଜର ମଠ ତଥା ସାମାଜିକ ପ୍ରଥା ସମ୍ପର୍କରେ ଏଥିରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ସତ୍ୟବାଦିତା ଓ ହୃଦୟର ନିର୍ମଳତା, ଏଦୁଇର ସାଧନା ହିଁ ଆମ ପାଇଁ ଇହଲୋକ ଏବଂ ପରଲୋକରେ ଆବଶ୍ୟକ । ଏହାକୁ ବାଦ ଦେଲେ ସମସ୍ତ ପ୍ରଚେଷ୍ଟା ନିରର୍ଥକ । ଲେଖକ ତାଙ୍କର ଏଇ ଦୃଷ୍ଟିକୋଣକୁ ସ୍ପଷ୍ଟ କରି ଦେଇଛନ୍ତି । ଏଠି ସ୍ମରଣୀୟ ଯେ 1905 ରେ ପ୍ରକାଶିତ "ବାଗ୍ ଦେବୀ"(ବୋଲାର ବାବୁ ରାୟଙ୍କ ରଚନା) ରେ ଏଭଳି ଉପଦେଶାତ୍ମକତା ନାହିଁ । ବରଂ ସେଥିରେ ମନୁଷ୍ୟର ଚରିତ୍ରରେ ଆସକ୍ତି ର ପ୍ରାଧାନ୍ୟ ପ୍ରଦର୍ଶିତ ହୋଇଛି ।

କନ୍ନଡ଼ରେ ଉପନ୍ୟାସ - ସାହିତ୍ୟ ଏକ ସ୍ୱତନ୍ତ୍ର ବିଭାଗ ରୂପେ 1915 ରେ ପ୍ରକାଶିତ ଏମ୍. ଏସ୍. ପୁଟ୍ଟାଣ୍ଣାଙ୍କ 'ମାଡିଦୁଣ୍ଣୋ ମହାରାୟା' ଠାରୁ ବିକଶିତ ହୋଇ ଆସିଛି । ସାଧାରଣତଃ ଲେଖକ ଏପରି ଚରିତ୍ର ମାନଙ୍କୁ ସୃଷ୍ଟି କରନ୍ତି ଯେଉଁମାନେ କି ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ଛିଡା ହେବେ । ମାତ୍ର ଉକ୍ତ ଉପନ୍ୟାସର ନୂତନତ୍ୱ ହେଉଛି ଯେ ଏଥିରେ ମଣିଷର ଚରିତ୍ରରେ ଆସକ୍ତିର ଚିତ୍ରଣ କରାଯାଇଚି । ଏଥିରେ ଅଦ୍ଭୁତ ଘଟଣାମାନଙ୍କ ପାଇଁ ଅବକାଶ ରହିଛି । ଏଥିରେ ମୃତ ବୋଲି ଧରିନିଆଯାଇଥିବା ସ୍ତ୍ରୀ ଜୀବିତ ହୋଇ ଆସିଛି ଓ ଗୁଣିଗାରେଡି ପାଇଁ ମଧ୍ୟ ସ୍ଥାନ ରହିଛି । ଏଥିରେ ଚିତ୍ରିତ ଚରିତ୍ରମାନଙ୍କର ବିବିଧତା ପାଠକକୁ ବିସ୍ମିତ କରେ । ଚରିତ୍ରମାନଙ୍କର ପାରସ୍ପରିକ ସ୍ୱଭାବ ଓ ଜୀବନର ଅନୁଭୂତିରୁ ସେମାନଙ୍କ ଚରିତ୍ର କିପରି ପରିବର୍ତ୍ତିତ ହୁଏ ତାହା ଏହି ଉପନ୍ୟାସ ବ୍ୟକ୍ତ କରିଛି । ଏଥିରେ ପୁଟ୍ଟଣ୍ଣା ଏକ ପ୍ରଭାବଶାଳୀ ଶୈଳୀର ପ୍ରୟୋଗ କରିଛନ୍ତି । 'ମାଡିଦୁଣ୍ଣୋ ମହାରାୟା' କନ୍ନଡ଼ର ପ୍ରଥମ ଉପନ୍ୟାସ ଯେଉଁଥିରେ ଲେଖକଦ୍ୱାରା ସୃଷ୍ଟ ଜଗତ ଓ ବର୍ଣ୍ଣିତ କାଳ୍ପନିକ ଘଟଣାବଳିରୁ ଏକ ସାର୍ଥକ ଅର୍ଥ-ବିନ୍ୟାସ ହୋଇଛି ।

1926 ରେ ପ୍ରକାଶିତ 'ସୁବର୍ଣ୍ଣା' କୁ ଲଘୁ ଉପନ୍ୟାସ ସଂଜ୍ଞା ଦିଆଯାଇପାରେ । ସଂଘର୍ଷ ମଧ୍ୟ ଦେଇ ବ୍ୟକ୍ତିର ଜୀବନ କିପରି ଧୀରେ ଧୀରେ ପରିପକ୍ୱ ହୁଏ ତାହା ଶ୍ରୀନିବାସ (ଡ଼ : ମାସ୍ତି ଭେଙ୍କଟେଶ ଆୟଙ୍ଗାର) ଏଥିରେ ଚିତ୍ରଣ କରିଛନ୍ତି । ସଂଗୀତକାର ହେବାଲାଗି ସୁବର୍ଣ୍ଣାର ଖୁବ୍ ଇଚ୍ଛା । ମାଆ ବାପାଙ୍କ ସହ ମନୋମାଳିନ୍ୟ ହେତୁ ସେ ସେମାନଙ୍କୁ ଛାଡି ମହୀଶୂରରୁ କଲିକତା ଯାଇଛି ଏବଂ ସ୍ତ୍ରୀ ଓ ପିଲାମାନଙ୍କୁ ହରେଇ ସଂଗୀତ ମାଧ୍ୟମରେ ହିଁ ମନରେ ଶାନ୍ତି ଲାଭ କରିବା ସଙ୍ଗେ ସଙ୍ଗେ ଜୀବନ ସହ ମୁକାବିଲା କରିବାକୁ ସ୍ଥିର କରିଛି । ସଂକ୍ଷେପରେ ଏହାହିଁ ଏ ଲଘୁ ଉପନ୍ୟାସର କଥା ବସ୍ତୁ । ମଣିଷର ବ୍ୟକ୍ତିତ୍ୱ ବିକଶିତ ହୋଇ କିପରି ପରିପକ୍ୱତା ଲାଭ କରେ, ଏହା ଏଇ ଉପନ୍ୟାସରେ ବର୍ଣ୍ଣନୀୟ ବିଷୟ । ଏଥିରେ ନାଟକୀୟ ଘଟଣାବଳିର ସମାବେଶ

ନାହିଁ । ଏଇ ଉପନ୍ୟାସ ଜରିଆରେ ପୁଟ୍ଟଣ୍ଣା କନ୍ନଡ଼ ଉପନ୍ୟାସର ଦୃଷ୍ଟିକୁ ମଣିଷର ଅନ୍ତର୍ଜଗତ ଆଡକୁ ମୁହାଁଇ ଦେଇଛନ୍ତି ।

'ବିନାୟକ' (ବିନାୟକ କୃଷ୍ଣଗୋକାକ) ୧୯୩୨ ରେ 'ଇଜୋଡ଼' ନାମକ ଏକ 172 ପୃଷ୍ଠାର ଉପନ୍ୟାସ ପ୍ରକାଶ କଲେ । ଜଣେ ବର୍ବର ତଥା ମୂର୍ଖ ସ୍ୱାମୀ ହାତରେ ଗୋଟିଏ କୋମଳ ଦୟାଳୁ କିଶୋରୀର ମୃତ୍ୟୁ ଏହାର କଥାବସ୍ତୁ । ତାପର ବର୍ଷ ଆନନ୍ଦକନ୍ଦ (ବେଟଗିରି କୃଷ୍ଣ ଶର୍ମା) ସୁଦର୍ଶନ ନାମକ ଏକ ଉପନ୍ୟାସ ଲେଖିଲେ । ସୁଦର୍ଶନକୁ ସାମାଜିକ ଉପନ୍ୟାସ ପର୍ଯ୍ୟାୟ ଭୁକ୍ତ କରାଯାଇପାରେ । ଜଣେ ଆଦର୍ଶ ଓ ପରିପୂର୍ଣ୍ଣ ବ୍ୟକ୍ତିକୁ ଚିତ୍ରଣ କରିବା ଏହାର ଉଦ୍ଦେଶ୍ୟ । ଏହା ଗାନ୍ଧୀ-ଯୁଗର ପ୍ରଥମ ଉପନ୍ୟାସ । ଏହାର ନାୟକ ସରଳ ଜୀବନଯାପନ, ଉଦାତ୍ତ ବିଚାର ଓ ଅପରିସୀମ ଧୈର୍ଯ୍ୟର ଏକ ମୂର୍ତ୍ତିମନ୍ତ ରୂପ । ଆଶ୍ଚର୍ଯ୍ୟର କଥା ଯେ ବିନାୟକଙ୍କ 'ଇଜୋଡର' ର ଷଷ୍ଠ ଭାଗ 25 ବର୍ଷପରେ 1953 ରେ ଅନ୍ୟ ଏକ ଆଦର୍ଶର ସ୍ୱାକ୍ଷର ବହନ କରି ପ୍ରକାଶିତ ହେଲା । କିନ୍ତୁ ତା' ସତ୍ୱେ ବିନାୟକଙ୍କ ନରହରି ବିଭିନ୍ନ ପ୍ରଭାବରେ ପ୍ରଭାବିତ ହୋଇ ଓ ଜୀବନର ଉତ୍ଥାନ ପତନକୁ ଅଙ୍ଗେ ନିଭେଇ କ୍ରମଶଃ ଆମ ଆଗରେ ଏକ ନିର୍ଦ୍ଦିଷ୍ଟ ରୂପ ପରିଗ୍ରହ କରି ଛିଡାହୁଏ । କୁବେମ୍ପୁ (ଡଃ କେ. ବି. ପୁଟ୍ଟପପ୍ପ) ଙ୍କ ' କାନୁର ସୁବ୍ବମ୍ମା ହେଗ୍ଗଡତୀ' (1936) ଏବଂ ଅ. ନ. କୃ. (ଡଃ ଅ. ନ. କୃଷ୍ଣରାଓ)ଙ୍କର ଅନେକ ଉପନ୍ୟାସ ରହିଛି । ଏଇ ଉପନ୍ୟାସିକ ମାନେ ନିଜ ନିଜର ଜୀବନ ଦର୍ଶନକୁ ବ୍ୟକ୍ତ କରିବା ଲାଗି ଉପନ୍ୟାସକୁ ମାଧ୍ୟମ ରୂପେ ଗ୍ରହଣ କରି ନେଇଥିଲେ । ଅବଶ୍ୟ ଏହା ସତ ଯେ ଧୀରେ ଧୀରେ ଜଟିଳତା ଓ ସତ୍ୟର ଭିତ୍ତିଭୂମି ଉପରେ ଅନେକ ଅବିକଶିତ ଆକାଶ-କୁସୁମର ନିର୍ମାଣ ହୋଇଛି ।

ଶିବରାମ କାରନ୍ତ 1933 ରେ 'ଚେମନ ଦୁଡୀ' ନାମକ ଏକ ଉତ୍କୃଷ୍ଟ ଉପନ୍ୟାସ ପ୍ରକାଶ କଲେ । (ସେତେବେଳକୁ କାରନ୍ତଙ୍କର ପାଞ୍ଚଟି ଉପନ୍ୟାସ ପ୍ରକାଶିତ ହୋଇ ସାରିଥିଲା) । ହରିଜନମାନଙ୍କର ସମସ୍ୟା କନ୍ନଡ଼ ଉପନ୍ୟାସ ଗୁଡିକରେ ପରବର୍ତ୍ତୀ ଯୁଗରେ ବାରମ୍ବାର ରୂପାୟିତ ହୋଇଛି । ମାତ୍ର ଏହାର ଚାଳିଶି ବର୍ଷ ପୂର୍ବେ କାରନ୍ତ ଏଥି ନିମିତ୍ତ ଏକ ଉଲ୍ଲେଖଯୋଗ୍ୟ ବାତାବରଣ ସୃଷ୍ଟି କରିଥିଲେ । ଏଥିରେ ଅସ୍ପୃଶ୍ୟମାନଙ୍କର ଜୀବନ ଏକ ମନୋଜ୍ଞ ତଥା କଳାତ୍ମକ ରୂପ ଘେନି ଫୁଟିଉଠିଛି । ସଂସ୍କାରଲିପସା ଅପେକ୍ଷା ଅନ୍ତଃକରଣର ରୂପାୟନ ଏଥିରେ ଅଧିକ ପ୍ରାଧାନ୍ୟ ଲାଭ କରିଛି । ଗରିବ ଓ ତାକୁ ପଦଦଳିତ କରିବାକୁ ଉନ୍ମୁଖ ପାରିପାର୍ଶ୍ୱିକ ସମାଜ-ଜଗତକୁ ପ୍ରକଟ କରିବା ଲାଗି ସେ କଳ୍ପନାର ଅସଂଖ୍ୟ ଦୀପ ପ୍ରଜ୍ୱଳିତ କରିଯାଇଛନ୍ତି । କିନ୍ତୁ ତାଙ୍କ ଲେଖନୀ କେବେ ଭାବୁକତାକୁ ଅବକାଶ ଦେଇନି । ଏ ପ୍ରକାର ପ୍ରତିଭାଧର ସାହିତ୍ୟସ୍ରଷ୍ଟା କାରନ୍ତଙ୍କ ଦୃଷ୍ଟିକୋଣ ଆଜି ସୁଦ୍ଧା ପାଠକକୁ ବିସ୍ମିତ କରେ । ଏଇ କାରଣରୁ ଆଜି କାରନ୍ତ କନ୍ନଡ଼ ଉପନ୍ୟାସ କ୍ଷେତ୍ରରେ ଏକ ମହାନ ସ୍ରଷ୍ଟା ରୂପେ ପରିଗଣିତ ହେଉଛନ୍ତି ।

ଶ୍ରୀରଙ୍ଗଙ୍କ 'ବିଶ୍ୱାମିତ୍ରନ ସୃଷ୍ଟି' 1943ରେ ପ୍ରକାଶ ଲାଭ କଲା । ଏଥିରୁ ଏହା ସ୍ପଷ୍ଟ ଯେ ସେତେ ପର୍ଯ୍ୟନ୍ତ କନ୍ନଡ଼ ଭାଷାର କୌଣସି ଉଲ୍ଲେଖନୀୟ ଉପନ୍ୟାସ ରଚିତ ହୋଇ ନ ଥିଲା । ଉପନ୍ୟାସ ଧର୍ମୋପଦେଶ ସ୍ଥାନରୁ ଦୂରେଇ ଯାଇଥିଲା । ଜୀବନ-ସଂଘର୍ଷ ମଧ୍ୟରୁ ଜନ୍ମ ନେଇଥିବା ଚରିତ୍ର ମାନେ ସେଥିରେ ସ୍ଥାନ ପାଇବାକୁ ଆରମ୍ଭ କଲେ । ଉପନ୍ୟାସ ମଣିଷର ଆନ୍ତର୍ଜଗତିକ ବ୍ୟାପାରର ମହତ୍ୱ ଚିହ୍ନିବାକୁ ଆରମ୍ଭ କଲା, ସମାଜର ଆଲୋଚନାରେ ଭାଗନବାକୁ ଲାଗିଲା ଏବଂ ଆଦର୍ଶର ପ୍ରଖ୍ୟାପନ କଲା । ସେହି ସମୟକୁ କଥିତ ଭାଷାର ପ୍ରୟୋଗ ମଧ୍ୟ ଆରମ୍ଭ ହେଲା । ଏମ୍. ଏସ୍. ପୁଟ୍ଟଣ୍ଣା ଓ ଶ୍ରୀ ନିବାସ ଉପନ୍ୟାସର ଭାଷାକୁ ସ୍ୱାଭାବିକତା,

କୋମଳତା ତଥା ଲାଳିତ୍ୟ ପ୍ରଦାନ କଲେ । ସେତେବେଳକୁ ପ୍ରକାଶିତ ଉପନ୍ୟାସର ସଂଖ୍ୟା ଥିଲା ଖୁବ୍ କମ୍ । (1945 ପର୍ଯ୍ୟନ୍ତ ପ୍ରାୟ 150 ଟି ଉପନ୍ୟାସ ପ୍ରକାଶିତ ହୋଇଥିଲା । ତା' ପରେ ଜନପ୍ରିୟ ଔପନ୍ୟାସିକ ଅ. ନ. କୃ. ଙ୍କ ପ୍ରାରମ୍ଭିକ ଉପନ୍ୟାସ 'ଜୀବନ ଯାତ୍ରେ ' ଓ 'ଉଦୟରାଗ' 1934 ରେ ପ୍ରକାଶିତ ହେଲା) ସାଧାରଣତଃ କନ୍ନଡ଼ ପାଠକମାନେ ସେତେବେଳେ ବି, ଭେଙ୍କଟାଚାର୍ଯ୍ୟ ଏବଂ ଗଳଗନାଥଙ୍କ ସାହସୀ ନାୟକମାନଙ୍କର ରୋମାଞ୍ଚକାରୀ କାର୍ଯ୍ୟ କଳାପ ହିଁ ପଢୁଥିଲେ । ଅନ୍ୟ ଉପନ୍ୟାସକାରଙ୍କ ମଧ୍ୟରୁ ପ୍ରାୟ ପ୍ରତ୍ୟେକ ଗୋଟିଏ ଗୋଟିଏ ଉପନ୍ୟାସ ଲେଖିସାରିଥିଲେ ।

ଏପରି ଏକ ପରିସ୍ଥିତିରେ 1934ରେ ଶ୍ରୀରଙ୍ଗଙ୍କ 'ବିଶ୍ୱାମିତ୍ରନ ସୃଷ୍ଟି' ରଚିତ ହେଲା । ଏଇ କୃତିର ମୁଖ୍ୟ ଚରିତ୍ର ନାରାୟଣ ଜଣେ ଯୁବକ । ଘରଲୋକ ତାଙ୍କ ଇଚ୍ଛା ବିରୁଦ୍ଧରେ ବାହାଘର କରି ଦବାକୁ ଚେଷ୍ଟା କରିବାରୁ ସେ ଘରଛାଡି ଚାଲିଯାଇଛି । ଯାଇ ରେଲଗାଡିରେ ବସିଛି । ରେଳଡବାରେ ହିଁ ଏ ବିରାଟ ଜଗତ ସହ ତା'ର ସମ୍ପର୍କ ଆରମ୍ଭ ହୋଇଛି । ଏକତ ସେ ଯୁବକ, ପୁଣି କଲେଜରେ ପଢିଛି ଓ ବୁଦ୍ଧିଜୀବୀ ମଧ୍ୟ । ତେଣୁ ତା'ର ଇଚ୍ଛା ଯେ ତାର ଚତୁର୍ପାର୍ଶ୍ୱରେ ଥିବା ସମାଜ ପରିପୂର୍ଣ୍ଣ ହୋଇଉଠୁ । ନିଜ ବିବାହ ପ୍ରସଙ୍ଗରୁ ଯୋଉ ଅସନ୍ତୋଷ ତା' ମନରେ ଜାତ ହୋଇଥିଲା ତାହା ରେଲଗାଡିରେ, ରାସ୍ତାରେ ତା' ଦୋକାନରେ ଓ ଗାଁର ବିଭିନ୍ନ ବର୍ଗର ଲୋକଙ୍କ ସହ ମିଶିବା ଫଳରେ ବଢି ବଢି ଯାଇଚି । ଜନସାଧାରଣଙ୍କ ମୂର୍ଖତା ଦେଖି ତାକୁ ଦୟା ଲାଗିଛି ଓ ସେଇ ମୂର୍ଖତାକୁ ଦୂରକରିବାର ଇଚ୍ଛା ତା' ଭିତରେ ପ୍ରବଳ ହୋଇ ଉଠିଛି । ଶିକ୍ଷିତ ହୋଇଥିବା ଯୋଗୁଁ ସେ ସମାଜରେ ସଂସ୍କାର ଆଣିବା ଲାଗି ଶିକ୍ଷାର ସାହାଯ୍ୟ ନେଇଛି । ଜନସାଧାରଣଙ୍କ ଭିତରେ ପାରମ୍ପାରିକ ଅନ୍ଧବିଶ୍ୱାସକୁ ଉଜ୍ଜୀବିତ ରଖି ନିଜର ଜୀବିକା ନିର୍ବାହ କରୁଥିବା କୁଳକର୍ଣ୍ଣୀର ସହାୟତାରେ ସେ ସ୍କୁଲ ଖୋଲିଛି । ଯୋଉ ମୂର୍ଖତାକୁ ଦୂର କରିବା ଲାଗି ନାରାୟଣ ଅଣ୍ଟା ଭିଡିଥିଲା, ସେଇ ମୂର୍ଖତା ତା'କୁ ବସେଇଚି ମହାପୁରୁଷର ଆସନରେ । ସେ ବର୍ଷା କରଉଥିବା ହଟଚମଟକାରୀ ପୁରୁଷ ପାଲଟି ଯାଇଛି । ଶେଷରେ ଦିନେ ସ୍କୁଲରେ ପଢଉଥିବା ବେଳେ ନାରାୟଣର ମୃତ୍ୟୁ ଘଟିଛି ।

ଏଥିରୁ ଶ୍ରୀରଙ୍ଗଙ୍କ ଉପନ୍ୟାସ ପ୍ରକାଶିତ ହେଲାପରେ ସେ ତତ୍କାଳୀନ ସମୟଠାରୁ କେତେ ଆଗରେ ଥିଲେ ତାହା ସ୍ପଷ୍ଟ ହୋଇଯାଇଥିଲା । ମାତ୍ର ବହୁ ବର୍ଷ ଯାଏ ଏକଥା ଆଲୋଚକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରି ନଥିଲା ଓ ପାଠକମାନେ ଉପନ୍ୟାସର ମୁଖ୍ୟ ଚରିତ୍ର ସହ ଏକାତ୍ମ ହୋଇ ଯାଉଥିଲେ । ହେଲେ 'ବିଶ୍ୱାମିତ୍ରନ ସୃଷ୍ଟି' ଏଭଳି ଲୋକମାନଙ୍କୁ ପ୍ରଭାବିତ କରି ପାରିଲାନି । ଉପନ୍ୟାସର ଅଧିକାଂଶ ସ୍ଥଳରେ ଔପନ୍ୟାସିକ ଚରିତ୍ର ମାନଙ୍କ ଠାରୁ ଦୂରରେ ଛିଡା ହୋଇ ସହାନୁଭୂତିର ସହ ସେମାନଙ୍କୁ ନିର୍ଲିପ୍ତ ଭାବେ ଦେଖିବାର ଚେଷ୍ଟା କରିଥିଲେ । କେବଳ ଶେଷ ଭାଗକୁ ଛାଡି ବାକି ସମଗ୍ର ଉପନ୍ୟାସ ବ୍ୟଙ୍ଗରେ ପରିପୂର୍ଣ୍ଣ । ଏ ବ୍ୟଙ୍ଗ ସାଧାରଣ ବା ଶସ୍ତା ନୁହେଁ । ନାରାୟଣ ଶିକ୍ଷିତ ଓ ଆଦର୍ଶବାଦୀ ସତ, କିନ୍ତୁ ତାହାର ଚିନ୍ତାରେ ବାସ୍ତବତାବୋଧ ନାହିଁ କି ଅନୁଭବର ଗଭୀରତା ନାହିଁ । କୌଣସି ଗାଁ କୁ ଯିବା ଆବଶ୍ୟକ କି ନୁହେଁ ସ୍ଥିର ନ କରି ସେ ରେଲଗାଡିରେ ବସିପଡେ । ଏଥିରୁ ତା' ଜୀବନର ସଙ୍କେତ ସ୍ପଷ୍ଟ ହୋଇଯାଏ । ତା' ର ଯିବାପାଇଁ ଇଚ୍ଛା ମାତ୍ର କୁଆଡେ ଯିବାକୁ ହବ ସେ ଠିକ୍ ଭାବେ ଜାଣିନି । ତୃତୀୟ ଶ୍ରେଣୀ ଡବାରେ ତା' ର ଯାତ୍ରାରମ୍ଭ ହୁଏ । ରାସ୍ତାସାରା ତା' କୁ ସୁଧାରିବାକୁ ଇଚ୍ଛୁକ ଲୋକ ଓ ତା' ଭିତରେ ବ୍ୟବଧାନର ସୂତ୍ରପାତ ହୁଏ ଏବଂ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ ହୋଇଯାଏ । ମାତ୍ର ନାରାୟଣ ତାହା ହୃଦୟଙ୍ଗମ କରିପାରେନି । ଏଇ ଉପନ୍ୟାସରେ ଦୁଇପ୍ରକାର ବ୍ୟଙ୍ଗ ମିଶି ଯାଇ ଖୁବ୍ ଜଟିଳତା ସୃଷ୍ଟିକରେ । ପ୍ରଥମ ବ୍ୟଙ୍ଗ ହଉଛି ନିଜର ଚତୁର୍ପାର୍ଶ୍ୱସ୍ଥ ଦୁନିଆକୁ ନାରାୟଣ ବୁଝୁନି।ସମାଜ

ଓ ତା ଭିତରେ ବ୍ୟବଧାନର ଏକ ଗଭୀର ଖାଲ ରହିଛି । ଦ୍ୱିତୀୟ ବ୍ୟଙ୍ଗ ହେଉଛି ତାର ନିଜର ଅନୁଭବହୀନତା ସମ୍ପର୍କରେ ସେ ଆଦୌ ସଚେତନ ନୁହେଁ । ଚାରିଆଡେ ଭରି ରହିଥିବା ମୂର୍ଖତାକୁ ଦେଖି ନାରାୟଣ ମନରେ ଦୟାର ଉଦ୍ରେକ ହୁଏ । ସେ ମୂର୍ଖ ଜନସାଧାରଣଙ୍କୁ ତିରସ୍କାର କରି କହେ, "ହାୟ ଏ ଲୋକମାନେ କେମିତି ସୁଧୁରିବେ ?" ତା' ପରେ ସେ ଅନୁଭବ କରେ ଯେ ଏମାନଙ୍କୁ ଶିକ୍ଷିତ କରିବା ଉଚିତ୍ । ଏମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ଅଛି । କିନ୍ତୁ ତା' ନିଜ ପାଇଁ ଜୀବନ ବିଷୟକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ସେ ବୁଝିପାରିନି ।

ଏଇ ଉପନ୍ୟାସରେ ଶ୍ରୀରଂଗ କନ୍ନଡ଼ରେ ପ୍ରଥମ ଥର ପାଇଁ ମନୋବୈଜ୍ଞାନିକ ଶୈଳୀର ପ୍ରୟୋଗ କରିଛନ୍ତି । (ବୋଧେ ତ. ରା. ସୁ. ଙ୍କ ବିତୁଗଡେୟ୍ୟ ବେଡିରେ ଦ୍ୱିତୀୟ ଥର ଏହାର ପ୍ରୟୋଗ କରାଗଲା) । ସେ କିଛିଦିନ ଇଂଲଣ୍ଡରେ ଥିଲେ । ତେଣୁ ତାଙ୍କ କୃତି ଗୁଡ଼ିକରେ ଇଂରେଜି ସାହିତ୍ୟର ପ୍ରଭାବ ଦେଖିବାକୁ ମିଳେ । ମନୋବୈଜ୍ଞାନିକ ଟେକ୍‌ନିକ୍‌ର ପ୍ରୟୋଗକର୍ତ୍ତା ଶ୍ରୀରଂଗଙ୍କୁ ଆମେ ଚିହ୍ନି ରଖିବା ଉଚିତ୍ । କାରଣ ସେ ନାରାୟଣର ପାରିପାର୍ଶ୍ୱିକ ଜଗତକୁ ସେଇ ଦୃଷ୍ଟିରେ ଦେଖିଛନ୍ତି । ତା' ମନର ଅବସ୍ଥା ଅଇନାରେ ପ୍ରତିଫଳିତ ହେଲା ପରି ପରିଷ୍କାର ଭାବେ ଦେଖାଇ ଦିଆଯାଇଛି । ଜେମସ୍ ଜୟସ୍‌ଙ୍କ ରଚନାରେ ଯୋଉ ବ୍ୟଗର ଅଭାବ ରହିଛି, ତାହା ଏଥିରେ ପରିଲକ୍ଷିତ ହୁଏ । ଏଠି ନାୟକର ମନକୁ ପରସ୍ତ ପରସ୍ତ କରି ବ୍ୟବଚ୍ଛେଦ କରିବାର ପ୍ରୟାସ ଲେଖକ କରିନାହାନ୍ତି ।

ଏହାର ଭାଷା ପ୍ରୟୋଗରେ ମଧ୍ୟ ବୈଶିଷ୍ଟ୍ୟ ରହିଛି । କଥୋପକଥନ ବେଳେ ଚରିତ୍ରମାନଙ୍କର ସାମାଜିକ ସ୍ତରକୁ ବିଚାର ନ କରି ମନସ୍ତାତ୍ତ୍ୱିକ ବ୍ୟାପାରର ଅନୁକୂଳ ଭାଷା ବ୍ୟବହାର କରାଯାଇଛି । ତେଣୁ ଏଥିରେ ଚରିତ୍ରର ଭାଷାରୁ ସେ ସମାଜର କୋଉ ଶ୍ରେଣୀର ପ୍ରତିନିଧି ଖାଲି ଏତିକି ଯେ ଜଣାପଡେ ତା' ନୁହେଁ, ତା' ର ଦୃଷ୍ଟିକୋଣର ସ୍ୱାତନ୍ତ୍ର୍ୟକୁ ବ୍ୟକ୍ତ କରୁଥିବା ସୂଚକ ବା ଇଣ୍ଡିକେଟର୍ ବି ପରିଲକ୍ଷିତ ହୁଏ ।

ଏଇପରି ଭାବରେ ଏକ ବିଶିଷ୍ଟ କୃତି ସହିତ ଉପନ୍ୟାସ କ୍ଷେତ୍ରରେ ପଦାର୍ପଣ କରି ଶ୍ରୀରଂଗ ଗୋଟେ ପରେ ଗୋଟେ ଉପନ୍ୟାସ ଲେଖି ଚାଲିଛନ୍ତି ଏବଂ ପ୍ରତିଟି ଉପନ୍ୟାସ ମାଧ୍ୟମରେ ନିଜ ସାଧନାର ନୂତନ କ୍ଷେତ୍ର ପ୍ରସ୍ତୁତି କରିଚାଲିଛନ୍ତି । ଗତ ଚାଳିଶ ବର୍ଷ ମଧ୍ୟରେ କନ୍ନଡ଼ ଉପନ୍ୟାସ-ସାହିତ୍ୟ କେବଳ ସମୃଦ୍ଧ ହୋଇନି, ଗୌରବଶାଳୀ ବି ହୋଇଛି । 1945 ପର୍ଯ୍ୟନ୍ତ ଶିବରାମ କାରନ୍ତ ଓ ଅ. ନ. କୃଷ୍ଣରାଓ କନ୍ନଡ଼ ସାହିତ୍ୟକୁ ବିଶିଷ୍ଟ ଉପନ୍ୟାସ କେତୋଟି ପ୍ରଦାନ କରିଥିଲେ । ତା' ପରେ ଶିବରାମ କାରନ୍ତ ନିଜପାଇଁ ଏକ ନୂଆ ରାସ୍ତା ବାଛିନେଲେ । 'ମରଳି ମଣ୍ଣିଗେ' ଠାରୁ 'ମୁକଜ୍ଜିୟ କନସୁଗଳୁ' ପର୍ଯ୍ୟନ୍ତ ପ୍ରତ୍ୟେକ ଉପନ୍ୟାସର କଥାବସ୍ତୁ ସହ ନିଜର ପରିପକ୍ୱ ଅନୁଭବ ଓ ଜୀବନର ଗଭୀର ଶ୍ରଦ୍ଧାକୁ ମିଶ୍ରିତ କରି ସେ ଟେକ୍‌ନିକ୍ ଦୃଷ୍ଟିରୁ ଅନେକ ସଫଳ ଉପନ୍ୟାସ ରଚନା କରିଛନ୍ତି । ବିଭିନ୍ନ ସମୟରେ ବହୁ ବାଦ ବିବାଦ କନ୍ନଡ ଉପନ୍ୟାସ କ୍ଷେତ୍ରରେ ମଥାଟେକି ଥିଲେ ହେଁ କୌଣସି ଆଲୋଚକ କାରନ୍ତଙ୍କ ଉପନ୍ୟାସ ଗୁଡ଼ିକୁ ଉପେକ୍ଷା କରି ପାରି ନାହାନ୍ତି । ସେ ଆପଣା ଦୃଷ୍ଟିକୋଣକୁ ବ୍ୟକ୍ତ କରିବାକୁ ଯାଇ କହିଛନ୍ତି, "ଏହା ସତ ଯେ ଆଜିକାଲି ସାହିତ୍ୟ କ୍ଷେତ୍ରରେ ଅନେକ ବାଦ-ବିବାଦ ଦେଖାଦେଇଛି । ପ୍ରତ୍ୟେକ ଜୀବନ୍ତ ସାହିତ୍ୟର ଏହା ଏକ ଗୁଣ କିନ୍ତୁ ଟେକ୍‌ନିକ୍, ଶୈଳୀ ଓ ପ୍ରକାର ଭେଦର ମହତ୍ତ୍ୱ ସେ ସବୁର କାର୍ଯ୍ୟ ଉପରେ ନିର୍ଭରଶୀଳ । ସାହିତ୍ୟ-ସ୍ରଷ୍ଟା ନିଜର କଳ୍ପନା, ଭାବନା ଓ ଉଦ୍ଦେଶ୍ୟ ସମୂହର ପ୍ରଭାବକୁ ପାଠକମାନଙ୍କ ହୃଦୟରେ ଚିରସ୍ଥାୟୀ କରିବାରେ ହିଁ ଏହାର ମହତ୍ତ୍ୱ ନିହିତ ।"

ଆନନ୍ଦକନ୍ଦ ଓ ବିନାୟକ ଯୋଉ ପରମ୍ପରାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ (କୋହ୍ଲାଣୀ କ୍ଷେତ୍ରରେ ଏହା ଶ୍ରୀନିବାସଙ୍କ ପରମ୍ପରା ସହ ସମ୍ପୃକ୍ତ) ତାହା ଏ ପର୍ଯ୍ୟନ୍ତ ଅନୁସୃତ ହୋଇ ଆସୁଛି । ସେଥିରେ ଆଦର୍ଶ ପ୍ରେମ ରହିଛି, ଜୀବନକୁ ଆତ୍ମାର ଯଜ୍ଞକୁଣ୍ଡ ବୋଲି ମାନି ନିଆଯାଇଛି ଏବଂ ତ୍ୟାଗ ତଥା ଚିତ୍ତର ସ୍ଥିରତାକୁ ମହିମାନ୍ୱିତ କରାଯାଇଛି । କନ୍ନଡ଼ର ଅଧିକାଂଶ ଉପନ୍ୟାସକାର ଏଇ ପରମ୍ପରାର ଦାୟାଦ । ଏଠାରେ ଆଶ୍ଚର୍ଯ୍ୟର କଥା ଯେ 1945ରେ ଆରମ୍ଭ ହୋଇ ପ୍ରାୟ ଦଶବର୍ଷକାଳ ଚାଲିଥିବା ପ୍ରଗତିବାଦୀ ଆନ୍ଦୋଳନର ପଛ ପୁରୋଧା ଥିଲେ ଅ. ନ. କୃ. । ତାଙ୍କର ବିଶିଷ୍ଟ କୃତି 'ସନ୍ଧ୍ୟାରାଗ' ଏଇ ପରମ୍ପରାରେ ରଚିତ, ଏଇ ପ୍ରଗତିବାଦୀ ଆନ୍ଦୋଳନ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଲାଭ କରିଥିଲା ଏବଂ ପ୍ରଗତିଶୀଳ ସାହିତ୍ୟକାରମାନେ ପ୍ରତିପାଦନ କଲେ ଯେ ସାହିତ୍ୟରେ ସମାଜର ଆବର୍ଜନା ଓ ଦୋଷଦୁର୍ବଳତାର ନିରାକରଣ ନିମନ୍ତେ ଯଥେଷ୍ଟ ଶକ୍ତି ରହିଥିବା ଆବଶ୍ୟକ । ଏଇ ସମୟ ମଧ୍ୟରେ ଅ. ନ. କୃ. ଙ୍କ ବ୍ୟତୀତ ତ. ରା. ସୁ. (ତ. ରା. ସୁବାରାଓ) ଓ ବସବରାଜ କଟ୍ଟୀମନୀ ପ୍ରଭୃତି ଜନପ୍ରିୟ ଲେଖକ ଗଣ ମଧ୍ୟ ଉପନ୍ୟାସ ରଚନା କରିଥିଲେ । ଅବଶ୍ୟ ଏହା ସତ୍ୟ ଯେ ଏଇ ଶ୍ରେଣୀର ଲେଖକମାନଙ୍କ ରଚନାରେ କଳା ଥିଲା ଗୌଣ ଏବଂ ଆବେଗ ଓ ପ୍ରଚାରଧର୍ମିତା ଥିଲା ମୁଖ୍ୟ । ମାତ୍ର 'ବିଦୁଗଡେୟ ବେଡି' ଓ 'ଜ୍ୱାଳାମୁଖୀ' ଆଦି ଶକ୍ତିଶାଳୀ ଉପନ୍ୟାସ ଗୁଡ଼ିକରେ କଥାବସ୍ତୁକୁ ଅନାବଶ୍ୟକ ଭାବେ ସଙ୍କୁଚିତ ନ କରି ବିସ୍ତୃତି କରାଯାଇଛି । ତେଣୁ ଏଗୁଡ଼ିକର ପାଠକ ସଂଖ୍ୟା ଯଥେଷ୍ଟ ବେଶି ।

ଗତ ପଚାଶ ବର୍ଷ ଭିତରେ 'ନବ୍ୟପନ୍ଥ' କନ୍ନଡ଼ରେ ବେଶ ପ୍ରଭାବ ବିସ୍ତାର କରିପାରିଛି । ନବ୍ୟପନ୍ଥ ରଚିତ ସାହିତ୍ୟ ଯେ ଅତି ଅଳ୍ପ, ଏ କଥା ସତ । ମାତ୍ର ସାହିତ୍ୟ ବିଷୟରେ ସୂକ୍ଷ୍ମ ଆଉ ସମୟ ସମୟରେ କଠୋର ତଥା ବିସ୍ତୃତି ଆଲୋଚନା - ସମାଲୋଚନା କରିବା ଫଳରେ ଏଇ ବାଦ ପ୍ରଭାବଶୀଳ ହୋଇପାରିଛି । ଗୋଟେ ଦୃଷ୍ଟି କୋଣରୁ ବିଚାର କଲେ ଏହାକୁ ଅଖିଳ ଭାରତୀୟ ବୌଦ୍ଧିକ ଆନ୍ଦୋଳନର ଏକ ରୂପ ବୋଲି କୁହାଯାଇପାରେ । କ୍ରମଶଃ ବିଦେଶ ଯାଉଥିବା ଯୁବକମାନଙ୍କ ସଂଖ୍ୟା ବଢ଼ିବା ହେତୁ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ଇଂରାଜି ସାହିତ୍ୟ ଅଧ୍ୟୟନ ଓ ଅଧ୍ୟାପନର ବିସ୍ତାର ଘଟିବା ହେତୁ ସାହିତ୍ୟ ତାର ଯଥୋଚିତ ସ୍ଥାନ ଅଧିକାର କଲା । ଫଳରେ ବହି ଓ ପତ୍ରପତ୍ରିକା ମାନଙ୍କର ସଂଖ୍ୟା ବଢ଼ିଲା । ଏଇପରିଭାବେ ଉକ୍ତ ଆନ୍ଦୋଳନ ପ୍ରୋତ୍ସାହିତ ହେଲା ଏବଂ ଅତ୍ୟଳ୍ପ ସମୟ ମଧ୍ୟରେ ଏହାର ପ୍ରଭାବ ସମଗ୍ର ଭାରତରେ ପଡ଼ିଲା । ଏହାର ପରିଣାମ ସ୍ୱରୂପ କାଫ୍‌କା, କାମ୍ୟୁ, ବ୍ରେଖ୍‌ତ ଆୟନେସ୍କୋ, ବୁଦ୍ଧ ଓ ସାର୍ତ୍ରେ ପ୍ରଭୃତି ସାହିତ୍ୟିକଙ୍କ ପ୍ରଭାବ ଭାରତୀୟ ସାହିତ୍ୟରେ ଅନୁଭୂତ ହେଲା । କନ୍ନଡ଼ ଉପନ୍ୟାସ ସମ୍ପର୍କରେ ବିଚାର କଲେ ନିମ୍ନୋକ୍ତ ପ୍ରବୃତ୍ତି ଗୁଡ଼ିକ ଦେଖିବାକୁ ମିଳେ - କୌଣସି ସିଦ୍ଧାନ୍ତକୁ ସର୍ବସମ୍ମତ ବୋଲି ସ୍ୱୀକାର ନକରି ଜୀବନର ଅନୁଭୂତି ଗୁଡ଼ିକର ବସ୍ତୁନିଷ୍ଠ ବିଶ୍ଳେଷଣ କରିବା ଆବଶ୍ୟକ । ଅନୁଭୂତି ତଥା ବ୍ୟକ୍ତିତ୍ୱକୁ ଅକ୍ଷତ ରଖି ଏବଂ ପୂର୍ବ ପ୍ରଚଳିତ କୌଣସି ଛାଞ୍ଚକୁ ଗ୍ରହଣ ନ କରି ସାହିତ୍ୟ ସୃଷ୍ଟି କରିବା ଉଚିତ୍ । ତାଦାତ୍ମ୍ୟକୁ ଅବକାଶ ନ ଦେଇ ନିର୍ଲିପ୍ତ ଓ ବସ୍ତୁନିଷ୍ଠ ଭାବେ ନିଜର ଅନୁଭୂତି ନିରୂପଣ ଦିଗରେ ପ୍ରୟାସ କଲେ ଭାଷାରେ ଏକ ସ୍ୱତନ୍ତ୍ର ସୌକୁମାର୍ଯ୍ୟ ଫୁଟି ଉଠେ, ଏବଂ ଏଇ ଭାଷାରେ ପ୍ରୟୋଗ ସମୟରେ ସଂଘର୍ଷ କରିବାକୁ ପଡ଼ିଥାଏ । କୃତିର ଆବଶ୍ୟକତାନୁଯାୟୀ ଭାଷାକୁ କେତେବେଳେ ଅପରିବର୍ତ୍ତିତ ରଖିବାକୁ ହୁଏ ତ କେତେବେଳେ ବଦଳେଇବାକୁ ହୁଏ । ଏହାହିଁ ଥିଲା ନବ୍ୟପନ୍ଥିମାନଙ୍କର ବିଚାର ଧାରାର ଆଧାର ।

କୌଣସି ବାଦ ସହିତ ସମ୍ପୃକ୍ତ ନ ହୋଇ ନିଜପାଇଁ ସ୍ୱତନ୍ତ୍ର ରାସ୍ତା ତିଆରି କରିଥିବା ଔପନ୍ୟାସିକ କନ୍ନଡ଼ରେ ଅନେକ ଅଛନ୍ତି । ଆଗରୁ କାରନ୍ତଙ୍କ ବିଷୟରେ କୁହାଯାଇଛି । 'ଗ୍ରାମାୟଣ' ର ଲେଖକ ରାଓ ବାହାଦୁର ଏବଂ

'ମନେସ୍ଥଳି ମଦୁମଗଳ'ର ଲେଖକ କୁବେମ୍ପୁ ଏଇ ଗୋଷ୍ଠୀର ଅନ୍ତର୍ଗତ । ଶଙ୍କର ମୋକାଶୀ 'ପୁଣେକର'ଙ୍କ 'ଗଙ୍ଗବା ଗଗାମାଇ' ନବ୍ୟ ଶୈଳୀରେ ରଚିତ ନୁହେଁ ବୋଲି କୁହାଯାଉଥିଲେ ହେଁ କେତେକ ଆଲୋଚକ ସେଥିରେ ନବ୍ୟ ଉପନ୍ୟାସର ଲକ୍ଷଣ ସନ୍ଧାନ କରିଛନ୍ତି । ନିକଟ ଅତୀତରେ ପ୍ରସିଦ୍ଧ ଲାଭ କରିଥିବା ଡଃ ଭୈରପ୍ପା 'ବଂଶବୃକ୍ଷ', ' ନାୟିନେରଳୁ' ଓ 'ଗୃହଭଙ୍ଗ' ପ୍ରଭୃତି କେତୋଟି ଉପନ୍ୟାସ କାରଂତଙ୍କ ପରି ବଳିଷ୍ଠ ଅନୁଭୂତିକୁ ଆଧାର କରି ରଚନା କରିଛନ୍ତି । ଏଇପରି କୌଣସି ବାଦସଙ୍ଗ ସଂପୃକ୍ତ ନ ହୋଇ ଲେଖୁଥିବା ଔପନ୍ୟାସିକ ମାନଙ୍କ ମଧ୍ୟରେ ଶ୍ରୀରଂଗଙ୍କ ନାମ ଉଲ୍ଲେଖନୀୟ ।

ଶ୍ରୀରଂଗଙ୍କ ପ୍ରତ୍ୟେକ ଉପନ୍ୟାସ ଗୋଟିଏ ଗୋଟିଏ ପ୍ରୟୋଗାତ୍ମକ କୃତି । ଏଣୁ, ପ୍ରୟୋଗ ପ୍ରତି ତାଙ୍କର ଯେ ବିଶେଷ ଆଗ୍ରହ ରହିଛି ଏହା କୁହାଯାଇ ପାରେ । ତାଙ୍କର 'ବିଶ୍ୱାମିତ୍ରନ୍ ସୃଷ୍ଟି' ଯେ ପ୍ରାୟୋଗିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ନୂତନ ଓ ସଫଳ, ଏଥିରେ ସନ୍ଦେହ ନାହିଁ । ଅ. ନ. କୃ. ଲୋକପ୍ରିୟ ହେବାର କାରଣ ହେଉଛି ଯେ ସେ ମଧ୍ୟବିତ୍ତ ପାରିବାରିକ ଜୀବନର ଆସ୍ଥା ଓ ଆଦର୍ଶପ୍ରିୟତାକୁ ତାହାଙ୍କ ସୃଷ୍ଟିରେ ପ୍ରତିବିମ୍ବିତ କରିଛନ୍ତି । ମାତ୍ର ଶ୍ରୀ ରଙ୍ଗଙ୍କ ଉପନ୍ୟାସଗୁଡ଼ିକ ବୌଦ୍ଧିକତା ପ୍ରଧାନ । ଶସ୍ତା ଭାବୁକତାକୁ ସେ ଭଲ ପାଆନ୍ତିନି (ଔପନ୍ୟାସିକ ଓ ନାଟ୍ୟକାର ଭାବରେ ସେ ଖୁବ୍ ତୀକ୍ଷଣ ହୋଇଥିବାରୁ ଏ ଆଲୋଚନା କରାଯାଉଛି) ପାରିପାର୍ଶ୍ୱିକ ଗତି ପ୍ରତି ତାଙ୍କର ଆସକ୍ତି ଯଥେଷ୍ଟ । ତେଣୁ ପ୍ରଥମେ ସେ ତାର ଏକ ଅଂଶକୁ ନିଅନ୍ତି । ମାତ୍ର ତାକୁ ଦେଖିସାରିବା ପରେ ଅନ୍ୟ ଏକ ଅଂଶପ୍ରତି ଆସକ୍ତ ହୋଇ ପଡନ୍ତି । ଏଇ କାରଣରୁ ତାଙ୍କର କୌଣସି ଉପନ୍ୟାସରେ ଚିତ୍ରିତ ବାତାବରଣ ବା ଚରିତ୍ର ଅନ୍ୟ ଉପନ୍ୟାସରେ ଦେଖିବାକୁ ମିଳେନି । ଏଇ ଦୃଷ୍ଟିରୁ ସେ ସମକାଳୀନ ଅଧିକାଂଶ ଲୋକପ୍ରିୟ ଉପନ୍ୟାସକାରଙ୍କଠୁ ଭିନ୍ନ ।

ଶ୍ରୀରଂଗଙ୍କ ପ୍ରତ୍ୟେକ ଉପନ୍ୟାସ ଗୋଟିଏ ଗୋଟିଏ ବୈଶିଷ୍ଟ୍ୟର ସ୍ୱାକ୍ଷର ବହନ କରିଥାନ୍ତି । 'ପ୍ରକୃତି' ରେ ସେ ତିନି ପୁରୁଷର ଚିତ୍ର ଆଙ୍କିଚନ୍ତି । ଏଇ ତିନି ପୁରୁଷ ସମୟ ଭିତରେ ସମାଜର ଭିନ୍ନ ଭିନ୍ନ ଶ୍ରେଣୀର ସମ୍ପର୍କ କିପରି ବଦଳିଛି ତାହା ଏଥିରେ ପ୍ରଦର୍ଶିତ ହୋଇଛି । ତେଣୁ ଏହା ଲେଖକର କଳ୍ପନା ବା ଆଦର୍ଶର ବିବରଣୀ ନ ହୋଇ ଜୀବନର ବାସ୍ତବ ଅନୁଭୂତି ରୂପେ ପ୍ରତୀତ ହୁଏ । ଟେକ୍‌ନିକ୍‌ର ପ୍ରାଧାନ୍ୟ ମଧ୍ୟ ଏଥିରେ ଲକ୍ଷଣୀୟ । ଦୁନିଆରେ ଅତୀତ ଓ ବର୍ତ୍ତମାନ ସବୁକିଛି କିପରି ଚକ୍ରାକାର ଗତିରେ ଘଟିଚାଲିଛି, ତାହା ଏଥିରେ ସାର୍ଥକ ରୂପେ ପ୍ରତିଫଳିତ ହୋଇଛି ।

1947 ମସିହା ଅଗଷ୍ଟ 15 ତାରିଖ ଦିନ ଶ୍ରୀରଂଗଙ୍କ 'ପୁରୁଷାର୍ଥ' ପ୍ରକାଶ ଲାଭ କଲା । ଲୋକ ମାନ୍ୟ ତିଳକଙ୍କ ଶ୍ମଶାନ ଯାତ୍ରା (1.8.1920) ଠାରୁ ଉପନ୍ୟାସର କାହାଣୀ ଆରମ୍ଭ ହୋଇ ସ୍ୱାଧୀନତା ପ୍ରାପ୍ତିରେ ସମାପ୍ତ ହୋଇଛି । ସ୍ୱାଧୀନତା ଆଣିବାକୁ ଚାରିବନ୍ଧୁ ଆପଣାକୁ ଉତ୍ସର୍ଗ କରି ଦେଇଛନ୍ତି । ମାତ୍ର ସେମାନଙ୍କ ଭିତରୁ ତିନିଜଣ ଆପଣା ଆଦର୍ଶରୁ ବିଚ୍ୟୁତ ହୋଇ ଭିନ୍ନ ଭିନ୍ନ ପଥ ଗ୍ରହଣ କଲେ ହେଁ ସଫଳତା ଲାଭ କରିଛନ୍ତି । ଶେଷରେ ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ କେବଳ ସାଧୁ ହିଁ ବାକି ରହିଯାଇଛି । ନିଷ୍ଠାର ସହିତ ଆଦର୍ଶ ପାଳନ କରିବାକୁ ଯାଇ ସାଧୁ ଆପଣା ସବୁକିଛି ତ୍ୟାଗ କରିଛି । ପରିଶେଷରେ ଚାରିଜଣଙ୍କ ସ୍ମୃତି ଚାରି ସଫଳତାର ରୂପ ଧାରଣ କରିଛି ।

ନିକଟରେ ପ୍ରକାଶିତ ଶ୍ରୀରଂଗଙ୍କ ଉପନ୍ୟାସ ବିଷଚକ୍ର ବ୍ୟୂହ'ରେ ଗାନ୍ଧୀବାଦ ର ପରବର୍ତ୍ତୀ କଥାବସ୍ତୁ ହିଁ

ଅବଲମ୍ବିତ, ଏଥିରେ ପିତା-ପୁତ୍ର ମାଧ୍ୟମରେ ଦୁଇ ପୁରୁଷର ପାର୍ଥକ୍ୟ ବ୍ୟକ୍ତ କରାଯାଇଛି । ଶ୍ରୀଙ୍ଗ ସର୍ବଦା ଭାଷାପ୍ରତି ଯତ୍ନବାନ । ଦୁଇ ପୁରୁଷର ବ୍ୟବଧାନ ବିଭିନ୍ନ ଶବ୍ଦର ଅଭିବ୍ୟକ୍ତି ମଧ୍ୟରେ ପ୍ରତିବିମ୍ବିତ ହୋଇଛି । 'କମାଣ୍ଡର', 'କହିବା ମୁତାବକ କରିବା','ଭିତର', 'ସୁଖ' ଓ 'ସାର୍ଥକ' ଇତ୍ୟାଦି ଶବ୍ଦ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରନ୍ତି । ଶେଷରେ ପୁତ୍ର ପିତାକୁ କହୁଛି, "ଗାନ୍ଧୀଙ୍କ ଭିତରେ ଆପଣମାନେ କଣ ଦେଖୁଥିଲେ ମୁଁ କିଛି ବୁଝିପାରୁନି ।"

'ଅନାଦି-ଅନନ୍ତ' ଶ୍ରୀଙ୍ଗଙ୍କର ଅଷ୍ଟମ ଉପନ୍ୟାସ (୧୨୫୨) । ପ୍ରଥମ ଭାଗ 'ଅନାଦି'ର ଘଟଣା ଓ ଦ୍ୱିତୀୟ ଭାଗ 'ଅନନ୍ତ' ର ଘଟଣା ଭିତରେ ଦଶବର୍ଷର ବ୍ୟବଧାନ । 'ଅନାଦି'ରେ ମୋଟ ତିନୋଟି ଚରିତ୍ର । ସେଥି ମଧ୍ୟରୁ ଜଣେ ହେଉଛି ସରଳା, ଯିଏକି ମୃତ । ମାତ୍ର ଅନ୍ୟ ଦୁଇ ଚରିତ୍ର ରାମଣ୍ଡା ଓ କୁମୁଦଙ୍କ ସ୍ମୃତି ଅନୁକ୍ରମରେ ସରଳା ଜୀବନ୍ତ ତଥା ବାସ୍ତବ ଭଳି ପ୍ରତୀତ ହୁଏ । ପୁଣି ତା'ର କଥାବାର୍ତ୍ତାରେ ଥିବା ରହସ୍ୟ, ରାମଣ୍ଡା ଓ କୁମୁଦଙ୍କ ମନର ସଂଘର୍ଷ ଏବଂ ସେମାନଙ୍କ ସମ୍ବନ୍ଧର ପରିବର୍ତ୍ତନ ପ୍ରତି ତା'ର ପ୍ରତିକ୍ରିୟା ଏକ ପ୍ରହେଳିକା ହୋଇ ରହିଥିବା ଯୋଗୁଁ ସେ ଏକ ରହସ୍ୟମୟ ଚରିତ୍ର ପାଲଟି ଯାଇଛି । ସ୍ତ୍ରୀ-ପୁରୁଷର ସମ୍ପର୍କ ଏଇ ଉପନ୍ୟାସଟିର କଥା ବସ୍ତୁ, (ଖାଲି ଦୈହିକ ସମ୍ବନ୍ଧ କହିଲେ ଏହାର କଥାବସ୍ତୁର ବ୍ୟାପକତାକୁ ଅବହେଳା କରିବା ହିଁ ସାର ହେବ । ସ୍ତ୍ରୀ ଓ ପୁରୁଷ ଉଭୟ କିପରି ପରସ୍ପର ମନ ଓ ଜୀବନକୁ ପ୍ରଭାବିତ କରନ୍ତି ତାହା ଏଥିରେ ବର୍ଣ୍ଣିତ) । ଏଇ ମୁଖ୍ୟ କାହାଣୀ ସହିତ କେତୋଟି ଉପକାହାଣୀ ଆରମ୍ଭରୁ ସାଙ୍କେତିକ ରୂପରେ ଗତି କରି ଉପନ୍ୟାସର ଜଟିଳତାକୁ ପୁଷ୍ଟ କରିଛି । ବ୍ୟକ୍ତି ବ୍ୟକ୍ତିର ସମ୍ବନ୍ଧ, ଭାଷାର ଆକର୍ଷଣ, ଅତୀତ-ବର୍ତ୍ତମାନର ସମ୍ବନ୍ଧ ଏବଂ ଶରୀର-ମନର ସମ୍ବନ୍ଧ- ଏ ସବୁ ଉପନ୍ୟାସର ପ୍ରଥମ ଛ' ଅଧ୍ୟାୟରେ (ତେତିଶି ପୃଷ୍ଠା ମଧ୍ୟରେ) ବ୍ୟକ୍ତ କରାଯାଇଛି । ଏହା କିଛି କମ୍ ଆଶ୍ଚର୍ଯ୍ୟର କଥା ନୁହେଁ । ପ୍ରଥମ ଅଧ୍ୟାୟରେ ରାମଣ୍ଡା ଓ କୁମୁଦ ସମାନ୍ତର ରେଖାରେ ଗତି କରୁଛନ୍ତି । ସେମାନଙ୍କର ଗୋଟେ ପାଦ ଅତୀତରେ ଓ ଅନ୍ୟଟି ବର୍ତ୍ତମାନରେ ହୋଇଛି । ସ୍ତ୍ରୀ-ପୁରୁଷର ଆକର୍ଷଣ, ଇଚ୍ଛା, ଇଚ୍ଛାଭିତରେ ବିଭିନ୍ନ ରୂପରେ ଲୁଚି ରହୁଥିବା ଦ୍ୱେଷ, ଦ୍ୱେଷର ଅଙ୍କୁରରୁ ବିକଶିତ ପ୍ରେମ, ବିବାହ ପାଇଁ ବାଧ୍ୟ କରୁଥିବା କ୍ରିୟାକଳାପ ଏବଂ ସେସବୁର ବିକାଶରୁ ସ୍ତ୍ରୀ-ପୁରୁଷ ସମ୍ବନ୍ଧର ଭିନ୍ନ ରୂପ ପ୍ରାପ୍ତି ସରଳ ଜୀବନର ପୃଷ୍ଠଭୂମି ରଚନା କରି କାହାଣୀକୁ ଅନ୍ୟ ଏକ ଦିଗରେ ପରିଚାଳିତ କରିଦେଇଛି ।

ଦ୍ୱିତୀୟ ଭାଗ (ଅନନ୍ତ) ରେ ବି ଚରିତ୍ର ତିନୋଟି -- ପ୍ରତ୍ୟକ୍ଷ ଦୁଇଟି ଓ ଅପ୍ରତ୍ୟକ୍ଷ ଗୋଟିଏ । ପ୍ରଥମ ଭାଗରେ କୁମୁଦ ଓ ରାମଣ୍ଡାଙ୍କୁ ପରସ୍ପରର ନିକଟକୁ ଆଣିଥିବା ସରଳା ପ୍ରତ୍ୟକ୍ଷ ନ ହୋଇ ବି ପ୍ରତ୍ୟକ୍ଷ ରୂପେ ଦେଖାଦେଇଛି । ମାତ୍ର ଏହି ଭାଗରେ କୁମୁଦ ଓ ରାମଣ୍ଡାଙ୍କ ସମ୍ବନ୍ଧର ଫଳ ମୋହନ ପ୍ରତ୍ୟକ୍ଷ ନୁହେଁ, ସେ ଅପ୍ରତ୍ୟକ୍ଷ ରହିଛି ଓ ଶେଷରେ ସରଳା ପରି ମୃତ୍ୟୁ କବଳରେ ପଡିଯାଇଛି । ଏଥିରେ ଶ୍ରୀଙ୍ଗ 'କଳା' କୁ ଏକ ବିଶିଷ୍ଟ ରୂପରେ ପ୍ରୟୋଗ କରିଛନ୍ତି । ଏ ଭାଗର ସମସ୍ତ କ୍ରିୟା କଳାପ ଗୋଟିଏ ଘଣ୍ଟା ଭିତରେ ସଂଘଟିତ ହୋଇଛି । ମାତ୍ର ଏଥିରେ କେବଳ ଦଶବର୍ଷ ଜୀବନରେ କେବଳ ଉତ୍ଥାନ ପତନ ନୁହେଁ, କୁମୁଦ ଓ ରାମଣ୍ଡାର ସଂଘର୍ଷ ମଧ୍ୟ ଏକ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିଛି । ଦେହ-ମନର ସମ୍ବନ୍ଧ (ନିଜର ଇଚ୍ଛା ନ ଥିଲେ ବି କୁମୁଦର ଦେହ ରାମଣ୍ଡାର ଦେହକୁ ଭଲ ପାଇବାକୁ ଲାଗିଛି । ତା'କୁ ସେ ଏକ ଅଭ୍ୟାସ ବୋଲି କହିଛି), କଥାବାର୍ତ୍ତା ତଥା ଭାବର ସମ୍ବନ୍ଧ ସବୁ ଏଠି ପରସ୍ପର ସଙ୍ଗ ମିଶିଯାଇଛି । 'ସ୍ୱାମୀ - ସ୍ତ୍ରୀଙ୍କୁ ମିଳିତ କରାଇବା ଲାଗି ସନ୍ତାନ ହିଁ ରଜ୍ଜୁ ସଦୃଶ'– ଭବଭୂତିଙ୍କ ଏଇ ଉକ୍ତିର ଭିତ୍ତି ଉପରେ ଲେଖକ ରାମଣ୍ଡା ଓ କୁମୁଦର ସମ୍ପର୍କକୁ ଏକ ନୂଆ

ରୂପ ଦେଇ ଗଢି ତୋଳିଛନ୍ତି ଏବଂ ମୋହନର ଅସ୍ତିତ୍ୱ ତଥା ମୃତ୍ୟୁ ଉଭୟର ଅର୍ଥକୁ ଭିନ୍ନ ରୂପେ ସୂଚିତ କରିଛନ୍ତି । ଏଥିରେ ଚିତ୍ରିତ ପିଉସୀ ବୁଢୀ ଅତୀତ ଓ ବର୍ତ୍ତମାନକୁ ବାରବାର ମିଳିତ କରେଇ ତା' ସହିତ କୁମୁଦର ଦଶବର୍ଷ ଅନୁଭୂତିକୁ ଯୋଡି ଦେଇଛି ।

'ଅନାଦି - ଅନନ୍ତ'ର କେତେକ ଭାଗର (ସରଳାର ଛବି ସହ ଭାମଣ୍ଡା କଥାବାର୍ତ୍ତା, ବଂଧୁଘରେ ଖାଇବା, ତା'ର ଆଘାତ ପ୍ରାପ୍ତି ଏବଂ ଏଇ ପ୍ରସଙ୍ଗ ଗୁଡିକରେ କୁମୁଦର ମାନସିକ ସ୍ଥିତି ଇତ୍ୟାଦି) ବର୍ଣ୍ଣନା ଆମକୁ ନାଟକୀୟ ବୋଧ ହୋଇପାରେ । ସ୍ଥାନେ ସ୍ଥାନେ ଏହା ବୁଦ୍ଧିର କସରତ୍ ବୋଲି ମଧ୍ୟ ମନେ ହୋଇପାରେ । କିନ୍ତୁ ଏହା ଯେ ସ୍ତ୍ରୀ-ପୁରୁଷର ସମ୍ପର୍କର ଜଟିଳତାକୁ ଭାଷା ମାଧ୍ୟମରେ ଅଭିବ୍ୟକ୍ତ କରିଥିବା ଏକ ସଫଳ କୃତି, ଏଥିରେ ସନ୍ଦେହ ନାହିଁ । କେବଳ ସ୍ମୃତି ମଧ୍ୟ ଦେଇ ଏଗାର ବାର ବର୍ଷର ଜୀବନକୁ ବ୍ୟକ୍ତ କରିବା ହିଁ ଏଇ ଉପନ୍ୟାସ ଶୈଳୀର ବୈଶିଷ୍ଟ୍ୟ । ଏହାର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ଯେ ଏଥିରେ ଭୌତିକ ଘଟଣା ଓ ମାନସିକ ପ୍ରକ୍ରିୟା ଉଭୟକୁ ଅଭିନ୍ନ ରୂପେ ଚିତ୍ରଣ କରାଯାଇଛି ।

ସତୁରି ବର୍ଷ ବୟସ୍କ ଶ୍ରୀରଙ୍ଗ ଏବେ ସୁଦ୍ଧା ନୂତନ ନୂତନ ପ୍ରୟୋଗ କରି ଚାଲିଚନ୍ତି । ତାଙ୍କର ପ୍ରୟୋଗ ହୁଏତ ସମ୍ପୂର୍ଣ୍ଣ ସଫଳ ହୋଇନି, ମାତ୍ର ଏହା କୌତୂହଳ ସୃଷ୍ଟି କରିଛି ବୋଲି ବିନାଦ୍ୱିଧାରେ କୁହାଯାଇ ପାରେ ।

— ଏଲ୍. ଏସ୍. ଶେଷଗିରି ରାଓ

ଅନାଦି

"ଚାଲ ସିନେମା ଯିବା ।"

"ହୁଁ – ଉଁ – ?"

"ସିନେମା ନ ହେଲେ ଆଉ କୁଆଡେ ଯିବା ଚାଲ ।"

କୌଣସି ଉତ୍ତର ମିଳିଲାନି ।

"ବାହାରେ ବୁଲି ଆସିଲେ ଭଲ ହୁଅନ୍ତା । ଘରେ ବସି ବସି ତମକୁ ବି ବିରକ୍ତ ଲାଗିବଣି । ସେଥିପାଇଁ କହୁଥିଲି ।"

ସେ ମୁହଁରେ ହାତ ଦେଇ ହାଇ ମାରିଲା । ଏହାହିଁ ଥିଲା ଯେପରି ତାର ଉତ୍ତର ।

"ତେବେ ତୁମେ କହୁଚ ଯେ କୁଆଡେ ଯିବା ଦରକାର ନାହିଁ । ଖାଲି ତମରି ପାଇଁ କହୁଥିଲି । ଏମିତି ମୋ' ର ତ ଲେଖା ଲେଖି କାମ ପଡିଛି । ଯିବ ଯଦି କୁହ । ମୁଁ ରାତିରେ ଲେଖିବି । ହୁଁ, ତାହେଲେ ନାଇଁ କରୁଚ ? ଆଚ୍ଛା ଭଲ କଥା । ହେଲେ ଚୁପ୍ ଚାପ୍ ବସି କରିବା କ'ଣ ? ମୁଁ ତେବେ ଲେଖି ବସୁଛି । କିଛି ଜରୁରି କାମ ପଡିଲେ ଜଣେଇବ ।"

ଏତିକି କହି ଧରିଥିବା ଖବର କାଗଜକୁ ଫିଙ୍ଗି ଦେଇ, ଅସନ୍ତୋଷର ଏକ ନିଶ୍ୱାସ ନେଇ ରାମଣ୍ଟା ଚୌକିରୁ ଉଠିଲା । ଆଜି ଏଇ ବାରଘଣ୍ଟା ଭିତରେ କୁମୁଦ ସହିତ କଥାବର୍ତ୍ତା କରିବା ପାଇଁ ଏହା ତା'ର ଶହେତମ ବା ହଜାରତମ ପ୍ରଚେଷ୍ଟା ହୋଇଥିବ ।

ଏ ପ୍ରକାର ଅସହଯୋଗ ବାତାବରଣର ଏହା ପ୍ରଥମ ବା ଶେଷ ଦିନ ନୁହେଁ । ଆଜିକି ଚାରିମାସ ବିତିଗଲାଣି । ଏଇ ଅସହନୀୟ ବାତାବରଣକୁ ମୁଁ ସହ୍ୟ କରୁଛି କାହିଁକି ? କୁମୁଦ କିଏ ? ତା' ସହିତ ମୋ'ର ସମ୍ପର୍କ କ'ଣ ? ତା ପାଇଁ ମୁଁ କାହିଁକି ଘରେ ଏଇ ମଶାଣିର ନିସ୍ତବ୍ଧତାକୁ ସହି ଚାଲିଥିବି ? ମୋ' ସ୍ତ୍ରୀ ସରଳା ସାଥିରେ ହିଁ କୁମୁଦର ସମ୍ବନ୍ଧ ଥିଲା । ବିଚାରି ସରଳା ସ୍ୱଭାବତଃ ଥିଲା ସରଳ ବିଶ୍ୱାସୀ । କୁମୁଦକୁ ସେ ନିଜ ମାଉସୀ ଝିଅ ବୋଲି କହୁଥିଲା । ସେ ମାଉସୀ କୋଉ ରାଇଜର, ଏକଥା କେହି ଜାଣିନି । ଏପରିକି ତାର ଜଣେ ମାଉସୀ ଅଛନ୍ତି ବୋଲି ସରଳା ସେତେ ପର୍ଯ୍ୟନ୍ତ କେବେ କହି ନ ଥିଲା । ଏକଥାରେ ଦିନେ ଭାଇ ଘରୁ ଫେରିଲା ବେଳେ ସେ କୁମୁଦକୁ ସାଥିରେ ନେଇ ଆସିଲା, ଏବଂ ମାଉସୀ ଝିଅ ଭଉଣୀ ରୂପେ ପରିଚୟ ଦେଇ ତାକୁ ଘରେ ରଖିଲା । ସେ ମାଉସୀ ବିଷୟରେ ପଚାରିବାକୁ ମୁଁ ଅବକାଶ ମଧ୍ୟ ପାଇଲିନି । କାରଣ ସେ ଏ ଦୁନିଆରେ ନ ଥିଲା । ଏଇପରି ଭାବେ କୁମୁଦ ନାମକ ଏକ ଚରିତ୍ର ଏ ଘରେ ପ୍ରବେଶ କରିଥିଲା । ଏହା ଛ' ବର୍ଷ ପୂର୍ବର କଥା । ମାତ୍ର ବର୍ତ୍ତମାନ କୁମୁଦ ଲାଗି ସେ ସମ୍ବନ୍ଧ ବି ଆଉ ନାଇଁ । କାରଣ ଚାରିମାସ ହେଲା ସରଳା ଚାଲିଗଲାଣି । ଅବଶ୍ୟ କୁମୁଦ ସହିତ ତା'ର ଛ' ବର୍ଷରୁ ସମ୍ପର୍କ ଓ ଘନିଷ୍ଠତା ରହିଛି । କିନ୍ତୁ ଏ ବ୍ୟବହାର ? ମଣିଷ ଆଉ କେତେଦିନ ଏ ବ୍ୟବହାର ସହିବ ? ଆଉ ସହିବା ସମ୍ଭବ ନୁହେଁ - ଏହା କହି ଖବର କାଗଜକୁ

ଚୌକି ଉପରେ ପୋପାଡି ଦେଇ, "କିଛି ଦରକାର ପଡିଲେ କହିବ, ଭୁଲିବନି " ଚେତାବନୀ ଶୁଣାଇ ରାମଣ୍ଡା ନିଜ କୋଠରୀକି ଚାଲିଗଲା ।

2

ରାମଣ୍ଡାର କୋଠରୀ-ଦ୍ୱାର ବନ୍ଦ ହବାର ଶବ୍ଦ ଶୁଣିବା ପରେ କୁମୁଦ ଆଉ ନିଜକୁ ସଯତ କରି ପାରିଲାନି । ସେ ଭାବିଲା, ରାମଣ୍ଡା ତ ଦୁଃଖ ପାଇଥିବ ! ରାମଣ୍ଡାକୁ ଦୁଃଖ ଦବାକୁ ସେ ଚାହୁଁ ନ ଥିଲା, କଦାପି ନୁହେଁ । ରାମଣ୍ଡାକୁ ଦୁଃଖୀ କରିବାର ଚିନ୍ତା ମଧ୍ୟ ତା' ପାଖରେ ସମ୍ପୂର୍ଣ୍ଣ ଅସମ୍ଭବ । ଦରକାର ପଡିଲେ ସେ ରାମଣ୍ଡା ପାଇଁ ମୃତ୍ୟୁବରଣ କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ କଣ କରାଯିବ ? ହୃଦୟ କିଛି ଚାହୁଁଚି ତ ମନ ଆଉ କିଛି ଚାହୁଁଛି । ହୃଦୟ ରାମଣ୍ଡାର ସାହଚର୍ଯ୍ୟ ଚାହୁଁଥିବା ବେଳେ ମନ ତା' ର ଥଟ୍ଟା ପରିହାସ ସହ୍ୟ କରି ପାରୁନି, ଏପରି ହଉଛି କାହିଁକି ? କୁମୁଦ ଏକଥା ଠିକ୍ ଭାବେ ବୁଝିପାରିଲିନି । କିନ୍ତୁ ଏହା ସତବୋଲି କୁମୁଦର ହାର୍ଦ୍ଦିକ ଅସ୍ଥିରତାରୁ ଜଣା ପଡୁଥିଲା । ସରଳା ଅପାର ମୃତ୍ୟୁ ତା'କୁ ଯଥେଷ୍ଟ ଆଘାତ ଦେଇଥିଲା । ସେଭାବିଲା, ମୋ ପରି ଗୋଟେ ବାରବର୍ଷର ଅନାଥ ବାଳିକାକୁ ପାଳିପୋଷି ଯିଏ ମଣିଷ କଲା, ସେଇ ମା' ସମାନ ସରଳା ଅପାର ମୃତ୍ୟୁ ପାଇଁ ଏସବୁ ହେଲା ? ମାତ୍ର ରାମଣ୍ଡାର ଅବସ୍ଥା ମୋ' ପରି ତ କାହିଁ ହେଲାନି ? ପ୍ରିୟ ପତ୍ନୀର ମୃତ୍ୟୁ ଫଳରେ ସ୍ୱାମୀ ଯେତିକି ଦୁଃଖ ପାଇଲା, ମତେ ବି କ'ଣ ସେତିକି ଦୁଃଖ ହେଇଛି ? ଏହା କ'ଣ ସଂଭବ ? ଏଇ ସନ୍ଦେହ ତା ମନରେ ବାରଂବାର ଉଠୁଥିଲା । ରାମଣ୍ଡା ଆଗରେ ବସି କଥାବାର୍ତ୍ତା କରିବା ପାଇଁ ତାକୁ ଅସହ୍ୟ ଲାଗୁଥିଲା । ହେଲେ ରାମଣ୍ଡା ଟିକେ ପାଖରୁ ଦୁରେଇ ଗଲେ ସେ ପାଗଳ ହେଇ ଯାଉଥିଲା । ଏଥିପାଇଁ ଦ୍ୱାର ବନ୍ଦ ହବାର ଶବ୍ଦ ଶୁଣିବା ସଙ୍ଗେ ସଙ୍ଗେ କିଛି ସମୟ ପାଇଁ ସେ ଦୁଃଖରେ ମ୍ରିୟମାଣ ହୋଇ ପଡିଥିଲେ ହେଁ ପର ମୁହୂର୍ତ୍ତରେ ତା ମୁହଁରେ ହସର ବିଜୁଳି ଖେଳିଗଲା । ଏହା କ'ଣ ଅନ୍ତର୍ଜଗତର ଗୁଢ ରହସ୍ୟ ? ଅନ୍ତର୍ଜଗତର ଆକାଶରେ ପ୍ରଥମେ ଗର୍ଜନ ଶୁଣାଯାଏ, ତା' ପରେ ବିଜୁଳି ଚମକେ । ମୁରୁକି ହସି କୁମୁଦ ରୁଦ୍ଧ ଦ୍ୱାରକୁ ଦେଖିବାକୁ ଲାଗିଲା । ଦେଖୁ ଦେଖୁ ସେଇ ସୁଖର ଅନୁଭୂତିକୁ ଅତି ନିବିଡ ଭାବେ ଅନୁଭବ କରିବା ପାଇଁ ସେ ଆଖି ବନ୍ଦ କଲା । ସୂର୍ଯ୍ୟ କିରଣ ଉପରେ ଝରି ପଡୁଥିବା ବିନ୍ଦୁ ବିନ୍ଦୁ ବର୍ଷା ପରି ତାର ହସନ୍ତ ମୁହଁ ଉପରେ ଆଖିରୁ ଧାର ଧାର ଲୁହ ବହି ଚାଲିଥିଲା । ଇଏ ତା' ର ସୁଖ ନା ଦୁଃଖ ? ବୋଧେ ଏ କଥା ବୁଝି ନ ପାରିବା ହେତୁ କିମ୍ବା ଏ ପ୍ରକାର ଚିନ୍ତାଠୁ ଆଗେଇ ଯାଇ ଏକ ଅଲୌକିକ ସୁଖ ଅନୁଭବ କଲାଭଳି ତା ମୁହଁ ଆକର୍ଷଣୀୟ ଲାଗୁଥିଲା । ଆଖି ବୁଜିବା ପରେ ସେ ଏକ ନୈସର୍ଗିକ ଆନନ୍ଦ ଉପଭୋଗ କରୁଥିଲା । ଆଖି ବୁଜି ବସିଥିବା କୁମୁଦ ମନରେ ପୁରୁଣା ସ୍ମୃତି ସବୁ ଆଜି ଉଙ୍କି ମାରି ଉଠୁଥିଲା ...... ସେଦିନ ମଧ୍ୟ ରାମଣ୍ଡାର କୋଠରୀ ବନ୍ଦଥିଲା । ସେତେବେଳେ ସେ ବାର ବର୍ଷର କିଶୋରୀ । ସରଳା ଅପା ସାଥିରେ ଏ ଘରକୁ ପ୍ରଥମ କରି ଆସିଥାଏ । ରେଳଗାଡିର ଝର୍କା ପାଖରେ ବସି କ୍ଷିପ୍ରଗତିରେ ପଛକୁ ଦୌଡିଚାଲିଥିବା ବାହ୍ୟଜଗତ ତା' ପାଇଁ ଥିଲା 'ରାଜା ଦେଖ, ରାଣୀ ଦେଖ' ଚିତ୍ରପଟ ଭଳି । ତାକୁ ଦେଖିବା ଲାଗି ତା ମନ ଉତ୍କଣ୍ଠିତ ଥିଲା । କିନ୍ତୁ ସରଳା ଅପା ଅବିରାମ ଗତିରେ କିଛି କହି ଚାଲିଥିଲା । ମଝିରେ ମଝିରେ ପଚାରୁଥିଲା, "ବୁଝୁଚ ତ କୁମୁଦ ?" ଏଣୁ କୁମୁଦକୁ ତା' କଥା ଶୁଣିବାକୁ ପଡୁଥିଲା । ସେ ବି କି କଥା ? ରାସ୍ତାସାରା କେବଳ ରାମଣ୍ଡାର ପ୍ରଶଂସା ।

ପ୍ରତିକଥାରେ କହୁଥିଲା,"ସେ ଏମିତି କହନ୍ତି ।'' ସେଦିନ ସେ ଥରେ ଗମ୍ଭୀର ହୋଇ ସ୍ପଷ୍ଟ ଭାବେ ଜଣେଇ ଦେଇଥିଲା ସେ ଲେଖକ । ତାଙ୍କ ସ୍ୱଭାବ ବିଚିତ୍ର ତୋ ସ୍ୱଭାବ ବିଚିତ୍ର । ତୋ ସାଥିରେ ଥଟ୍ଟା ମଜା କଲେ କାନ୍ଦିବୁନି'' । ଆଜି ସୁଦ୍ଧା ତା'ର ସେ ଗମ୍ଭୀର ମୁହଁ ମନେ ପଡିଲେ ହସ ଲାଗେ । ସେ ଚେତାବନି ଦେଇ କହିଥିଲା, ''ଆଉ ଗୋଟେ କଥା । ସେ ଥଟ୍ଟା ପରିହାସ କଲେ ବି ତୁ ତାଙ୍କ ସାଥିରେ ଥଟ୍ଟା ମଜା କରିବୁନି । ଏକାଥର ଜେ ଦାଣ୍ଡି ଦେବେ । କାହିଁକି ନା ତାଙ୍କ ମନ କେତେବେଳେ କି ଅବସ୍ଥାରେ ଥାଏ, ତାହା କହିବା ସମ୍ଭବ ନୁହେଁ ।'' ଏସବୁ ଶୁଣି ରାମଣ୍ଡାକୁ ଦେଖିବା ଲାଗି କୁମୁଦର ଭାରି ଇଚ୍ଛା ହୋଇଥିଲା । ଷ୍ଟେସନରୁ ସେ ସରଳା ଅପା ସାଥିରେ ଘରକୁ ଆସିଲା । କବାଟ ଖୋଲା ଥିଲା । ହେଲେ ଭିତରେ କେହି ଦେଖାଯାଉ ନଥିଲେ । ତା ସଙ୍ଗେ ସରଳା ଅପା ଧୀରେ ଧୀରେ କଥା କହିବାକୁ ଆରମ୍ଭ କଲା । ସେ କହିଲା, ''ହେ ଗୋଡହାତ ଧୋଇପକା । ମୁଁ ଚାହା କରୁଛି । ତାଙ୍କ ରୁମ୍ କବାଟ ବନ୍ଦ ଅଛି । ବୋଧେ ଲେଖାଲେଖି କରୁଥିବେ । ପାଟି ତୁଣ୍ଡ କରିବୁନି । ଚାହା ହେଇସାରିଲେ ଦେଖିବା ।'' କୁମୁଦ ଆଉ ସମ୍ଭାଳି ପାରିଲାନି । କବାଟ ଆଡେ ନିରେଖି ଚାହିଁଲା । କେତେବେଳେ ପର୍ଯ୍ୟନ୍ତ ସେ ସେମିତି ଠିଆ ହେଇଥିଲା କେଜାଣି ହଠାତ୍ ରୁମ୍ ଭିତରୁ ଆବାଜ ଆସିଲା, ''ସରଳା '' ଏବଂ ତା' ସାଙ୍ଗେ ସାଙ୍ଗେ ଧଡ କରି କବାଟ ଖୋଲିବାର ଶବ୍ଦ ହେଲା । ସାମନାରେ ରାମଣ୍ଡା ଛିଡା ହୋଇଥିଲା । ଏପରି ପରିସ୍ଥିତିରେ କ'ଣ କରିବାକୁ ହବ କୁମୁଦ ଠିକ୍ କରିପାରିଲାନି । ସେ ପଥର ମୂର୍ତ୍ତିଟିଏ ପରି କେବଳ ଠିଆ ହୋଇ ରହିଲା । ''ସରିଗଲା ସରଳା । ଅଳ୍ପ ବାକିଥିଲା । ସେତକ ଶେଷ କରିଦେଲି '' କହି ସେ ମୋ ପାଖକୁ ଆସି କାନ୍ଧ ଉପରେ ଦି' ହାତ ଥୋଇ କହିଲା,'' ବୁଝିଲ ସରଳା ଏହି ବହି ପାଇଁ ମୋ ଜୀବନ ବଦଳି ଯିବ । ତମେ ପଢିଲେ ଯାଇ ଜାଣିବ । ହାତ ମିଳାଅ ସରଳା ଆଜିଠୁ ତମ ସ୍ୱାମୀ ଜଣେ ପ୍ରସିଦ୍ଧ ସାହିତ୍ୟିକ ହେଇଗଲେ । ଏହା କହି ସେ କାନ୍ଧକୁ ମୁଠାଇ ଧରିଲା । ଏହି ସମୟରେ ସରଳା ଅପା ଭିତରକୁ ଆସି ''ଲେଖା ସରିଗଲା ?'' ବୋଲି ପଚାରିବାରୁ ରାମଣ୍ଡା ଚମକି ଉଠି ଦୂରକୁ ଘୁଞ୍ଚି ଯାଇ କୁମୁଦ ଆଡକୁ ଅନେଇ ପଚାରିଲେ ''ଆରେ ଏ ଝିଅଟି କିଏ ? ମତେ ବି ଲାଗୁଥିଲା, ସରଳା ଏତେ ପତଳା ହେଇଗଲା କେମିତି ? କିଏ ଜାଣେ ? ମୁଁ ଭାବିଲି, ହୁଏତ ଭାଇଘରେ ଖାଇବା କମ୍ ହେବାରୁ ଶୁଖି ଯାଇଥିବ ... ।'' ଏହା କହି ନିଜେ ନିଜକୁ ଧିକ୍କାର କ ରି ରାମଣ୍ଡା ହସିବାକୁ ଲାଗିଲା । ଯାହା ଘଟିଲା ତ ଘଟିଲା ; ମାତ୍ର ସେଥିରୁ ଯୋଉ ଅନୁଭୂତି ଜାତ ହେଲା ତାକୁ କୁମୁଦ ଭୁଲିପାରିଲା ନି । ତାହା ଥିଲା ରାମଣ୍ଡାର ସ୍ପର୍ଶ ଜନିତ ଅନୁଭବ । କାହିଁକି କେଜାଣି ? ଦେହ ଥରୁଥିଲେ ମଧ୍ୟ ମନ ପେଟପୂରା ଖାଇଥିବା ଲୋକର ନିଦ ପରି ସୁଖରେ ମଜ୍ଜି ଯାଇଥିଲା । ଏଇ ଛ' ବର୍ଷ ଭିତରେ କୁମୁଦ ଯେତେଥର ସେଇ କବାଟକୁ ଅର୍ଥାତ ବନ୍ଦ କବାଟକୁ ଦେଖିଛି, ସେତେଥର ସେ ଦିନର ସୁଖକୁ ମନ ପକେଇ ଆଖି ବୁଜି ପକାଇଛି । ଏବେ ସୁଦ୍ଧା ଆଖି ବନ୍ଦ କଲେ ମିନିଟିଏ ଦେଢ ମିନିଟ ପାଇଁ ସେଇ ସୁଖୋଦୟର କିରଣ ସ୍ୱରୂପ ତା ମୁଖ ମଣ୍ଡଳରେ ରକ୍ତିମ ଆଭା ବୁଣି ହୋଇଯାଏ ; ଲୁହ ବି ବହେ । କିନ୍ତୁ ଆଜିକାଲି ସେ ଲୁହର କାରଣ ସୁଖ କି ଦୁଃଖ, ଏ ବିଷୟ ସେ ନିଜେ ମଧ୍ୟ ଜାଣିନି । ଏବେ ଆଉ ସେ ତନ୍ମୟତା ତାର ନାହିଁ । ଏହା ଭାବି ସେ ଶୀଘ୍ର ଲୁହ ପୋଛିଲା ଓ ଶଙ୍କାକୁଳ ଦୃଷ୍ଟିରେ ଚାରିଆଡକୁ ଚାହିଁଲା । ମାତ୍ର କବାଟ ବନ୍ଦ ରହିଛି ବୋଲି ଦେଖିବା ପରେ ତା ମନକୁ ସାନ୍ତ୍ୱନା ମିଳିଲା । ତା' ପରେ ଗୋଟେ ଦୀର୍ଘଶ୍ୱାସ ନେଇ ସେ ଧରିଥିବା ବହିଟି ପଢିବାକୁ ଲାଗିଲା ।

୨

ଖାଇବା ଶୀଘ୍ର ସରିଯାଇଥିଲା । କେବଳ ସିନେମା ଯିବା କଥାଟି ବାକି ରହିଯାଇଥିଲା । ଲେଖିବାକୁ ଅଛି ବୋଲି କହି କବାଟ ବନ୍ଦ କରି ଦେବା ଯୋଗୁଁ କୁଆଡେ ବାହାରକୁ ଯିବା ବି ସମ୍ଭବ ନ ଥିଲା । ତେଣୁ ଶିକାରୀ କୁକୁରମାନଙ୍କ କବଳରୁ ରକ୍ଷା ପାଇବା ଲାଗି ଗାତ ଭିତରେ ଲୁଚି ଥିବା ଠେକୁଆଟି ପରି ରାମଣ୍ଡା ଚୌକି ଓ ଟେବୁଲ ମଝିରେ ବସି ଛଟପଟ ହେଉଥିଲା । ଶେଷରେ ଟେବୁଲ ଉପରେ କହୁଣି ଲଦି ଦି ହାତରେ ମଥାକୁ ଜୋର୍‌ରେ ଚାପି ଧରି ଆକାଶ ଦେଖିବାକୁ ଚେଷ୍ଟା କରୁଥିବା ଲୋକ ପରି ସାମ୍ନା କାନ୍ଥ କୁ ଚାହିଁଲା । କାନ୍ଥରେ ଝୁଲୁଥିବା ସରଳାର ଛବିଟି ଦେଖିଲା । ସଜ୍ଞା ଫେରି ପାଉଥିବା ଲୋକପରି ସେ ପୁଣିଥରେ ସେଇ ଛବିକି ଧ୍ୟାନ ସହକାରେ ଦେଖିଲା । ଇସ୍ସ୍ କ'ଣ ? ସରଳାର ଓଠ ମେଲିଯାଉଛି ଯେ ! ମୁଁ ଲେଖିପାରୁନି, ଅଥଚ ସେ ମୋର ଏ ଦୁରବସ୍ଥା ଦେଖି ହସୁଛି ? ମୁଁ କେମିତି ଲେଖିବି ? ସରଳା ! ତମେ ସବୁଜାଣି କି ହସୁଛ ? କହି ରାମଣ୍ଡା ଜିଦ୍ ଖୋର ପିଲାଙ୍କପରି ଜୋର୍‌ରେ ନିଶ୍ୱାସ ନେଲା ।

ରାମଣ୍ଡା ସେମିତି ଜୋର୍‌ରେ ନିଶ୍ୱାସ ନେବାର କାରଣ ଯେ ନ ଥିଲା, ତା' ନୁହେଁ । ସେ କିପରି ଲେଖିବ, ତାର ସବୁ ଉପାୟ ସରଳା ଜାଣି ଥିଲା । ଖାଲି କ'ଣ ଏତିକି ? ନିଜେ ସରଳା ଥିଲା ତା'ର ପ୍ରେରଣାର ଏକ ଅଂଶ ।

ରାମଣ୍ଡା କହେ, "ସରଳା, ମୁଁ ଲେଖିବି ।"

ଏହା ଶୁଣି ସରଳା ପଚାରେ, "ଗପ, ନାଟକ ନା ଉପନ୍ୟାସ ? କ'ଣ ଲେଖିବାକୁ ଠିକ୍ କରିଛ ?"

"ଓ ! ଲେଖିବି ବୋଲି କହିବାରୁ ଗୁମାସ୍ତା ପରି ହିସାବ ନହେଲେ ରିପୋର୍ଟ ଲେଖିବି ବୋଲି ତମେ ଧରିନେଲ ?" ରାମଣ୍ଡା ଚିଡ଼ିକି ଉଠେ ।

ସରଳା ଉତ୍ତର ଦିଏ, "ନା'କାଲି ତାକୁ ନାଟକ ନ ହେଲେ ଉପନ୍ୟାସ ରୂପରେ ଲେଖିବ ବୋଲି କହୁଥିଲ ପରା ?"

ଏହା ଫଳରେ କ'ଣ ଲେଖିବା କଥା, ତାହା ରାମଣ୍ଡାର ମନେ ପଡିଯାଏ । ମାତ୍ର ସ୍ତ୍ରୀ ଆଗରେ ସେ କଥା ସ୍ୱୀକାର କରିବ କିପରି ? ତେଣୁ ଟିକେ ରାଗିବାର ଅଭିନୟ କରି କହେ, "ହୁଁ ! ନାଟକ ଲେଖିବି ବୋଲି କହି ନଥିଲି ?"

ସରଳା କହେ, "ନିଜେତ କହିଥିଲ ଯେ ନାଟକ ଲେଖିଲେ ସବୁକଥା ଅଭିନୟ ଜରିଆରେ ବ୍ୟକ୍ତ କରିହେବନି । ସେଥିପାଇଁ ଉପନ୍ୟାସ ଲେଖିବାକୁ ସ୍ଥିର କରେ ।"

କେତେ ମଜାର କଥା ! ରାମଣ୍ଡା ଭାବେ, ମୁଁ ତ ନାଟକ ଲେଖିବା କଥା କହି ନଥିଲି । ଏଇଟା ତାହା ମିଛ । ନାଟକରେ ବକ୍ତବ୍ୟକୁ ଠିକ୍‌ଭାବେ ବ୍ୟକ୍ତ କରି ପାରିବିନି ବୋଲି ସରଳା ଯାହା କହିଲା, ତାହା ମଧ୍ୟ ମିଛ । ହେଲେ ସେଇ ମିଛ କଥାକୁ ଧ୍ୟାନ ନ ଦେଇ ରାମଣ୍ଡା କହେ, "ଏଇଥିପାଇଁ ତ କାଲି ଲେଖା ଆରମ୍ଭ କଲିନି । ଉପନ୍ୟାସ ଲେଖିବାକୁ ସ୍ଥିର କରି ଦେଇଥିଲି । ଆଜି ତା'କୁ ଆରମ୍ଭ କରିବି ।"

"ତେବେ ଉପନ୍ୟାସ ଲେଖିବ ?" .ସରଳା ମୁହଁ ଉଜ୍ଜ୍ୱଳ ହୋଇ ଉଠେ ଓ ଆଖି ଯୋଡିକ ବିସ୍ଫାରିତ ହୋଇଯାଏ । ତାର ଆନନ୍ଦ ଓ ଅଭିମାନକୁ ଦେଖି ରାମଣ୍ଡା ଉପନ୍ୟାସ ଲେଖିବାକୁ ସ୍ଥିର କରେ ।

"ସରଳା ! ତମେ ହିଁ ଥିଲ ମୋ'- ଉତ୍ସ୍ଫୂର୍ତ୍ତି।" ସରଳାର ଛବି ଆଗରେ ରାମଣ୍ଡା ସ୍ୱୀକାର କଲା ।

ଖାଲି ଏତିକି ନୁହେଁ, ସରଳା ତା'କୁ କେତେ ଉପାୟରେ ଯେ ସାହାଯ୍ୟ କରୁଥିଲା, ତାହା କହିହବନି । ଯୋଉ ଅଂଶ ଲେଖି ହେଉନଥିଲା, ତାହା ଲେଖା ସରିଗଲା ବୋଲି କହିବା ପରେ ମଧ୍ୟ ସରଳା ବେଳେ ବେଳେ ଖୁସି ହଉ ନ ଥିଲା । କ୍ରମେ ତା'ର ପରାମର୍ଶ ଅନୁସାରେ ରାମଣ୍ଡା କାହାଣୀର ଗତି ବଦଳଉ ଥିଲା । ବହିର ସମାପ୍ତି ବି ସରଳାର ପରାମର୍ଶ ଅନୁଯାୟି କରୁଥିଲା । ଲେଖା ଶେଷ କରି ସରଳାକୁ ପୁରା କାହାଣୀ ଶୁଣାଇବାକୁ ଗଲେ ସମୟ ସମୟରେ ସେ, "ବାସ୍, ଆଉ କହିବା ଦରକାର ନାହିଁ । ଶେଷରେ ଏମିତି ହବ ତ ?" କହି ପିଲାଙ୍କ ପରି ତାଳି ମାରି ଖୁସି ହୋଇ ଯାଉଥିଲା । "ଆଚ୍ଛା ? ମୋ ସାଥିରେ ରହି ତମେ ବି ସାହିତ୍ୟିକ ପାଲଟି ଗଲଣି ?" କହି ରାମଣ୍ଡା ତାକୁ ବାହାବା ଦେଇ ନିଜ କୋଠରୀକି ଯାଇ ତା'ର ପରାମର୍ଶାନୁସାରେ କାହାଣୀର ଶେଷ ଭାଗ ଲେଖୁଥିଲା । କିନ୍ତୁ ସେ ସରଳାର କଥା ମାନିଛି ବୋଲି କେବେ ସ୍ୱୀକାର କରୁ ନଥିଲା । ତାହା ପିଇଲା ବେଳେ ନ ହେଲେ ଖାଇସାରିବା ପରେ ନିରୋଳାରେ ଏଇ ଦେଖ । ତମେ ଯେମିତି କହିଥିଲ ସେମିତି ମୁଁ ଗପ୍ଟାକୁ ସମାପ୍ତି କରିଚି କହି ଗର୍ବରେ ସରଳାକୁ ସେ ତାହା ପଢ଼ି ଶୁଣାଉଥିଲା ।

"ସରଳା, ସେଇଟା ଛଳନା ନୁହେଁ, ପିଲାଳିଆମି । ଆଜି ସେଇ ପିଲାଳିଆମିରେ ପୁଟ ଦବାଲାଗି କେହି ନାହିଁ । ମୁଁ ଲେଖିବି କେମିତି ?" ସରଳାର ଛବି ଆଗରେ ରାମଣ୍ଡା ପୁଣିଥରେ ଅଭିଯୋଗ କଲା ।

ବସି ବସି ରାମଣ୍ଡାକୁ ବିରକ୍ତ ଲାଗିଲା । ସେ ଭାବିଲା, ଏବେ ସିନେମା ଗଲେ କେମିତି ହେବ ? ବାପ୍‌ରେ - ଏ ତ ଭାରି ବିପଦଜନକ କଥା ହେବ । ବାସ୍ତବିକ୍, କୁମୁଦକୁ ନିଜର କରି ମୁଁ ଭୁଲ କରିଛି । ତା ହେଲେ ? ତାକୁ କଣ ଘରୁ ବାହାର କରିଦେବା ଉଚିତ୍ । କିନ୍ତୁ ସେ ଯିବ କୁଆଡେ ? ଦୁନିଆରେ ଲୋକ କ'ଣ କହିବେ ? କହିବେ, "ସ୍ତ୍ରୀ ମରିଯିବା ମାତ୍ରେ ରାମଣ୍ଡା ସେଇ ଅନାଥ ଝିଅଟିକୁ ଘରୁ ବାହାର କରିଦେଲା ।" ବର୍ତ୍ତମାନ ସବୁଠୁଁ ବଡ ଅସୁବିଧା ଯେ ମରିବା ପର୍ଯ୍ୟନ୍ତ କୁମୁଦ ସାଥିରେ ରହିବାକୁ ହେବ । କାରଣ ରାମଣ୍ଡା ସ୍ପଷ୍ଟଭାବେ ଜାଣିଥିଲା ଯେ କୁମୁଦ ସାଥିରେ ତା'ର ବିବାହ ସଂଭବ ନୁହେଁ । ସରଳା ବିଛଣା ଧରିବା ଦିନଠୁଁ ଲୋକ ଚୁପୁରା ଚାପର ହବା ଆରମ୍ଭ କରି ଦେଇଥିଲେ । ଶେଷରେ ତାହା ରାମଣ୍ଡା କାନରେ ପଡିଲା । କୁମୁଦକୁ ଓ ତାକୁ ନେଇ ଲୋକ ଯାହା ସନ୍ଦେହ କରୁଥିଲେ, ତାହା ରାମଣ୍ଡା ପାଇଁ ଥିଲା ଏକ ଅନୁଭୂତି । " ସରଳା, ଏଇଟା ବି ତମର ଭୁଲ ।" ରାମଣ୍ଡା ସରଳାର ଛବିକି କହିଲା । ହଠାତ୍ ତା'ର ଦେହ ଥରି ଉଠିଲା । ତା'ର ମନେ ହେଲା, ସରଳାର ଛବି କହୁଛି, "ତମେ କୁମୁଦକୁ ବାହା ହୋଇ ପଡୁନ କାହିଁକି ?" ଛିଃ ! ଆଜି ଏ ଚିନ୍ତା ମନକୁ ଆସିଲା କାହିଁକି ? କୁମୁଦ ସହ ବିବାହ ? ଅସଂଭବ । "ସରଳା ! ଆମର ଶରୀର ଦୁଇଟା ହେଲେ ବି ପ୍ରାଣ ଏକ ଥିଲା ବୋଲି ତମେ ଜାଣିଛ । ଆଜି ତମ ଶରୀର ମୋଠୁ ଅଲଗା ହୋଇଗଲା ତ କ'ଣ ହେଲା ? ତମେ ମୋ' ଭିତରେ ପୂରି ରହିଛି । ମୁଁ ବଂଚିଥିବା ପର୍ଯ୍ୟନ୍ତ ତୁମେ ମୋ' ସାଥିରେ ଥିବ । ଏମିତି ପରିସ୍ଥିତିରେ ଅନ୍ୟ ଜଣକ ପାଇଁ ଜାଗା କାହିଁ ? ଏହା ପୂରାପୂରି ଅସଂଭବ । ଖାଲି କୁମୁଦ ସହ କାହିଁକି, ଆଉ ଥରେ କାହା

ସହ ବିବାହ ସମ୍ଭବ ନୁହେଁ ।'' ଏଇ ଚିନ୍ତାର ଉଦ୍‌ବେଗରେ ରାମଣ୍ଣାର ଆଖି ଯୋଡିକ ଛଳ ଛଳ ହୋଇ ଉଠିଲା । ମନର ଉଦ୍‌ବେଗକୁ କମାଇଦେବା ପାଇଁ ବାହାନାରେ ସରଳାର ଛବିକି ଚାହିଁ ସେ କହିଲା, "ଏ ସବୁ ତମରି ଭୁଲ ।''

ରାମଣ୍ଣା ଜାଣିଥିଲା, ତାଂ ମନରେ ଶାନ୍ତି ଥିଲେ ସେ ଏପରି ଚିନ୍ତା କରନ୍ତା ନି । କାରଣ, ଅନ୍ୟ ମାନଙ୍କ ଉପରେ ଦୋଷାରୋପ କରିବା କ'ଣ ଦୁର୍ବଳତାର ଲକ୍ଷଣ ନୁହେଁ ? ସେମିତି ବିଚାର କଲେ ଏଥିରେ ଭୁଲ କାହାର ? କାହାରି ନୁହେଁ । ଭୁଲ ଆପେ ଆପେ ହୋଇଯାଏ । ନିଜକୁ ସୁହେଇଲେ ଆମେ ଜନ୍ତୁ, ଭୁଲ ; ନ ହେଲେ ଖରାପ । 'ଭ୍ରାମୟନ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା' ବୋଲି ଗୀତାରେ କୁହାଯାଇନି ? 'ଭଗବାନ ସବୁରି ଭିତରେ ଅଛନ୍ତି ଏବଂ ସେମାନଙ୍କୁ ନଚଉଛନ୍ତି ଏଠି ଅବଶ୍ୟ ଭଗବାନ୍ କଥା କିଛି ନାହିଁ ; ମାତ୍ର ଏହା ଅନ୍ତରରେ ଏକ ଶକ୍ତି ତ ! "ପ୍ରବାଳ ଶୋଭା ଇବ ପାଦପାନା ଶୃଙ୍ଗାର ଚେଷ୍ଟା ବିବଧା ବଭୁବଃ '' ବୋଲି କାଳିଦାସ କହିଛନ୍ତି । କି ନିରାଟ ସତ୍ୟ ! ଗଛରୁ କଳି ବାହାରିବା ଯେପରି ସ୍ୱାଭାବିକ ; ସେଇପରି ପ୍ରାଣିମାନଙ୍କ ଶୃଙ୍ଗାର ଚେଷ୍ଟା ମଧ୍ୟ ସ୍ୱାଭାବିକ । . . . . . ଧେତ୍ । ଏ ସବୁ କେବଳ ଆତ୍ମସମର୍ଥନର ସାନ୍ତ୍ୱନା । ଏହା ଦୁର୍ବଳତାର ଲକ୍ଷଣ ବୋଲି ଚିନ୍ତା କରି ରାମଣ୍ଣା ସେ ପ୍ରସଙ୍ଗକୁ ସଙ୍ଗେ ସଙ୍ଗେ ଦୂରେଇ ଦେଲା । ତା'ପରେ ମଧ୍ୟ ଗୋଟିଏ ଦୃଷ୍ଟିରୁ ସରଳାର ହିଁ ଭୁଲ ବୋଲି ଧରିନେଇ ସେ ପୁଣିଥରେ ଛବିକି ଚାହିଁ ଭାବିବାକୁ ଲାଗିଲା । ସେଦିନ ଯାହା ଘଟିଲା, ତା'ର କୌଣସି ମହତ୍ୱ ନାହିଁ, କି ସେମିତି ହେବା ଉଚିତ ନ ଥିଲା । ମାତ୍ର ଅକସ୍ମାତ୍ ସବୁ ହୋଇଗଲା । ପ୍ରାୟ ଦିଂ ଅଢେଇ ବର୍ଷ ତଳର ଘଟଣା । ବିଚରା ସରଳା ! ତିନି ବର୍ଷ କାଳ ରୋଗରେ ଘାଣ୍ଟି ହୋଇ ମରିଥିବା ସ୍ତ୍ରୀ ଉପରେ ଏ ଦୋଷ ଗଡେଇଦବା କ'ଣ ଯୁକ୍ତି ସଙ୍ଗତ ? ଏହା ଦୋଷ ଗଡେଇଦବା କଥା ନୁହେଁ । ଯୋଉ ଘଟଣା ଘଟିଥିଲା ତା'କୁ ବୁଝିବା କଥା – ଏହା ଭାବି ରାମଣ୍ଣା ନିଜକୁ ସାନ୍ତ୍ୱନା ଦେଲା । ସେଦିନ ସରଳା ବିଛଣା ଉପରେ ଢେରା ଦେଇ ବସିଥିଲା । ପାଖରେ ବସିଥିଲା କୁମୁଦ । ସେତିକିବେଳେ ରାମଣ୍ଣା ବାହାରୁ ଆସିଲା ଏବଂ ଆସିଲା ମାତ୍ରେ ସରଳା ପାଖକୁ ଯାଇ ବିଛଣା ଅନ୍ୟ ପଟରେ ବସି ପଚାରିଲା, "ଆଜି ବି ଜର ଆସିଚି କି ?'' ଈଷତ୍ ହସି ସରଳା ମଥା ହଲେଇଲା । ହେଲେ ରାମଣ୍ଣାର ମନ ବୁଝିଲାନି । "ବର୍ତ୍ତମାନ ତ ଜର ନାହିଁ ବୋଧେ '' କହି ସେ ସରଳାର ଦେହକୁ ଛୁଇଁ ଦେଖିବା ଲାଗି ଚଦର ଭିତରେ ହାତ ବଢେଇଲା । ସେତେବେଳେ କୁମୁଦ ମଧ୍ୟ ତାହାହିଁ ଦେଖୁଥିଲା । ହଠାତ୍ ଦି' ଜଣଙ୍କ ହାତ ଛୁଇଁ ହୋଇଗଲା । ରାମଣ୍ଣା କ୍ଷଣକପାଇଁ ଅବାକ୍ ହୋଇଗଲା । ତାକୁ ଛୁଇଁ ଥିବା ହାତଟି ଥରେଇ ଯାଉଚି ବୋଲି ସେ ଅନୁଭବ କଲା ଓ ମୁହଁ ଉଠାଇ କୁମୁଦକୁ ଚାହିଁଲା । କୁମୁଦ ବି ତା' ଆଡକୁ ଅନେଇ ରହିଥିଲା । ମୁହଁ ତା'ର ଶେତା ପଡିଯାଇଥିଲା । ତା' ପରେ, "ନା ଝାଳ କଣ୍ଟାଉଚ '' ବୋଲି କହି ରାମଣ୍ଣା ନିଜକୁ ସଂଯତ କରି ସରଳାକୁ ପ୍ରଶ୍ନ କଲା, "ଜର ଓହ୍ଲେଇ ଗଲା ବୋଲି ଝାଳ କଣ୍ଟାଉଚ ନା ଜମା ଜର ଆସିନି ?'' ସରଳାର ମୁହଁରେ ହସ ହସ ଫୁଟି ଉଠିଲା । ଦୁର୍ବଳ ହେଇଥିବା ହେତୁ ତାହା ଅଧିକ ସୁନ୍ଦର ଦିଶିଲା । ସେ ହସି ହସି କହିଲା, "ନା ଆସିନି । ମୁଳରୁ ତ ନାହିଁ ବୋଲି କହିଚି ।'' ତା'ର କହିବା ଢଙ୍ଗ ଓ ହସରୁ ରାମଣ୍ଣା ମନରେ ସନ୍ଦେହ ଜାତ ହେଲା । କ'ଣ ସରଳା ଜାଣି ପକେଇଲା କି ? ଆଖିପିଛୁଳାକେ ଯୋଉ ଘଟଣା ଦି'ଜଣଙ୍କୁ ହତବାକ୍ କରିଦେଲା, ସେଇ ଅକଳ୍ପନୀୟ ଘଟଣା ଓ ତାର ପରିମାଣ କ'ଣ ସରଳା ଜାଣିନେଲା ? ବୋଧେ ଜାଣି ଗଲା । ଏ ସମ୍ପର୍କରେ ସେ ଆଗରୁ ସତର୍କ ରହି ମତେ ମଧ୍ୟ ସତର୍କ କରେଇଦେବା ଉଚିତ୍ ଥିଲା । କିନ୍ତୁ ସେ ଏ ସବୁ କିଛି କଲାନି । ତେଣୁ ଆଜିର ପରିଣାମ ଲାଗି ସେ ହିଁ ଦାୟୀ । "ଜାଣି ନେଇଥିଲ ? ତମେ କେବଳ ପଦେ କଥା କହିଥିଲେ ମୁଁ ବଞ୍ଚିଯାଇଥାନ୍ତି ।'' ସରଳାର ଛବିକି ରାମଣ୍ଣା ବୁଝେଇବାକୁ ଚେଷ୍ଟାକଲା ।

ବାହାରକୁ ଯିବା ସମ୍ଭବ ନୁହେଁ । ଲେଖି ବି ହଉନି । ଆଖି ଆଗରେ ସରଳାର ଛବି ରହିଥିବା ହେତୁ ତା' ସ୍ମୃତିକି ମଧ୍ୟ ଭୁଲି ହଉନି । ଏବେ କ'ଣ କରିବି ? ଏହା ଭାବି ରାମଣ୍ଣା ରାଗରେ ହଠାତ୍ ଚୌକିରୁ ଉଠିଲା । ଘଡି ଦେଖିଲା, ସାଢେ ଆଠଟା ବାଜିଚି । ବର୍ତ୍ତମାନ ଶୋଇବାର ବି ବେଳ ନୁହେଁ । ଶୋଇବା କଥା ମନକୁ ଆସିବାରୁ ଆଉ ଥରେ ସରଳାର ଛବି ଆଡକୁ ଚାହିଁ ସେ ଧୀରେ ଧୀରେ, "ସବୁ ତମରି ଦୋଷ" ବୋଲି ରାଗରେ କହି ପୁଣି ଚୌକିରେ ଭଧି କରି ବସି ପଡିଲା ।

4

କୁମୁଦ ଜୋରରେ ନିଶ୍ୱାସ ନେଲା । ବହି ଗୋଟେ ଜାଗାରେ ତା' ମନ ଆଉ ଗୋଟିଏ ଜାଗାରେ । ସେ ଭାବିବାକୁ ଲାଗିଲା, ଏଇନେ କୁଆଡେ ଯିବି ? ଆଜିକାଲି କୁଆଡେ ଯିବାକୁ ଇଚ୍ଛା ହଉନି । କାରଣ ସେ କୋଉଠିକି ଗଲେ ସ୍ତ୍ରୀ ଲୋକମାନେ ନିଜର କଥାବାର୍ତ୍ତା ବନ୍ଦ କରି ଦିଅନ୍ତି ଓ ମୁରୁକି ହସି ତାକୁ ସ୍ୱାଗତ୍ କରନ୍ତି । ସେମାନେ ଯେ ତା' ବିଷୟରେ ଆଲୋଚନା କରୁଥିଲେ, ଏ କଥା କୁମୁଦର ବୁଝିବାରେ ଡେରି ହୁଏନି । ସେ ଚାହେଁ ତା ବିଷୟରେ ଆଲୋଚନା ନ ହେଉ । ଏଇଟା କ'ଣ କାହାର ଘରୋଇ ସମ୍ପତ୍ତି ! ସେ ଯାହା ହେଉ, ବାହାରକୁ ଯିବା ପାଇଁ ତା'ମନ ଆଦୌ ଚାହୁଁ ନଥିଲା । ତା' ପରେ ବର୍ତ୍ତମାନ ରାତି ସାଢେ ଅଠଟା ବାଜିଲାଣି । ଯିବାକୁ ଚାହିଁଲେ ବି ସମ୍ଭବ ନୁହେଁ । ଖିଆପିଆ ସରିଲାଣି, ଏବେ ଆରାମରେ ଶୋଇବା କଥା । ଶୋଇବା କଥା ମନେ ପଡିବା ମାତ୍ରେ କୁମୁଦର ଦେହ ଶିହରି ଉଠିଲା । ମୁହଁ ଝାଳେଇ ଗଲା । ଦି ବର୍ଷ ହେଲା ରାମଣ୍ଣା ଓ କୁମୁଦ ଏକା ସାଥିରେ ଶୋଇ ଆସିଛନ୍ତି । କେଡେ ବଡ ପ୍ରତାରଣା ବିଚାରି ! ସରଳା ଅପା ତ ବିଛଣା ଧରିଥିଲା । ତେଣୁ ତା ପକ୍ଷେ କିଛି ଜାଣିବା ସମ୍ଭବ ନ ଥିଲା । ଯାହା ହଉ ଦିନେ ରାମଣ୍ଣାର ହାତ ତା ହାତକୁ ଛୁଇଁଇବା ପରେ ଦିଇ ଜଣଙ୍କ ଅଜାଣତରେ ଏ ଘଟଣା ଘଟିଯାଇଥିଲା । ପ୍ରଥମେ ପ୍ରଥମେ କ'ଣ ହେଲା ଓ କିମିତି ହେଲା, କୁମୁଦ କିଛି ଜାଣି ପାରିଲାନି । ସେ ସୁଖର ସୁନ୍ଦର ସ୍ୱପ୍ନରେ ବୁଡି ରହିଲା । ହାତକୁ ହାତ ଛୁଇଁବା ପରେ ଯୋଉ ବିହ୍ୱଳତା ଲାଭ କରିଥିଲା, ତାହା ଆଜି ପର୍ଯ୍ୟନ୍ତ ବି ସେ ଆଉ ପାଇନି । ତା' ଦେହ ପୁଣି ଥରେ ଶିହରି ଉଠିଲା । ସେତେବେଳେ ରାମଣ୍ଣାର ଆସିବା ପାଇଁ ତା'ର ଯେଉଁ ପ୍ରତୀକ୍ଷା ଏବଂ ନୈସର୍ଗିକ ସୁଖ ତାହା ଆଜି ନାଇଁ ? ଏବେ ରାମଣ୍ଣା ପାଖରେ ଶୋଇଲେ ସକାଳ ପର୍ଯ୍ୟନ୍ତ ବିନା ନିଦରେ ଶୋଇବା ଭଳି ଦୁଃଖ ଆଉ ନାହିଁ । କିନ୍ତୁ ଆଜିର ଦୁଃଖ ଭିତରେ ବି କୁମୁଦ ସେ ଦିନର ସୁଖକୁ ଭୁଲି ପାରିନି । ଦିନରେ ମଧ୍ୟ ସେଇ ଅନୁଭୂତି ସବୁ ମନେ ପଡିଲେ ତା' ରୋମ ଟାଙ୍କୁରି ଉଠୁଥିଲା । ହାତକୁ ହାତ ଛୁଇଁବାର ପ୍ରଥମ ଅନୁଭବ ତ ! ସେତେବେଳେ କୁମୁଦକୁ ଲାଗୁଥିଲା ଯେ ଏଇ ଅନୁଭୂତି ପରେ ମରିଗଲେ ତାର ଜନ୍ମ ସାର୍ଥକ ହୋଇଯାଆନ୍ତା । ଜୀବନ . . . ମୃତ୍ୟୁ ? ସେଇ ମୁହୂର୍ତ୍ତରେ ସେ ମୃତ କି ଜୀବିତ, କିଛି ଅନୁଭବ କରିପାରୁ ନ ଥିଲା । ଦେହଟା ପୁଲକିତ ହେଇ ଉଠିଥିଲା, ଜଙ୍ଘ ଦି'ଟା ଥରୁଥିଲା । ଛାତି ଖୁବ୍ ଜୋରରେ ଦପ୍ ଦପ୍ ହଉଥିଲା ଏବଂ ସେ ଖୁବ୍ ରୋମାଞ୍ଚିତ ହେଇ ଉଠିଥିଲା । ସବୁଠୁ ନୂଆ ଅନୁଭୂତି ହେଲା ଯେ ଯେଉଁଥିପାଇଁ ତା'କୁ ଲାଜ ମାଡୁଥିଲା, ସେଇ ଅଙ୍ଗ ବିଶେଷ ସ୍ତନ ଦ୍ୱୟରେ ଏକ ସୁଖକର ବେଦନା ଖୁବ୍ ନିବିଡ ଭାବେ ସେ ଅନୁଭବ କରୁଥିଲା । ସେଇଦିନଠୁ ସେ ରାମଣ୍ଣାର ହେଇଯାଇଥିଲା, ଦେହରେ ନୁହେଁ ମନରେ । ଯିଏ ଆଙ୍ଗୁଳି ମାତ୍ର ସ୍ପର୍ଶ କରି ଦେହକୁ ଗୋଟେ ନୂଆ ଜୀବନ

ପ୍ରଦାନ କଲା, ତା ପାଖରେ ଦେହକୁ ସମର୍ପଣ କରିଦବା କଷ୍ଟକର କଥା ନ ଥିଲା ।

ବେଳେବେଳେ କୁମୁଦକୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଏସବୁ ହେଲା କିମିତି ? ସରଳା ଅପା କତରା ଲଗା ଓ ଦୁର୍ବଳ ହୋଇଯିବ ହେତୁ ନାଁ ମୋର ଏ ଘରକୁ ଆସିବା ହେତୁ ? ନା କେବଳ ହାତରେ ହାତ ଛୁଆଁ ହେତୁ ? ଅଥବା କୌଣସି ଏକ ଆକସ୍ମିକ କାରଣରୁ ସରଳା ଅପା ଘରକୁ ଆସିବା ଯୋଗୁଁ ହାତକୁ ହାତ ଛୁଆଁ ଘଟଣାଟି ଘଟିଗଲା ? ଏଇ ଆକସ୍ମିକ ଘଟଣାଗୁଡ଼ିକ ବି ତ ଯଥାକ୍ରମେ ଘଟିଥିଲା ! କୁମୁଦ ଭାବୁଥିଲା ଯେ ରାମଣ୍ଡା ଶୁଣେଇ ଥିବା ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ କାହାଣୀ ପରି ତାର ବି ଗୋଟେ କାହାଣୀ ଅଛି । କାହିଁ ରାଜଧାନୀର ରାଜା ! କାହିଁ ଅରଣ୍ୟର କୁମାରୀ ! କଣ୍ୱମୁନୀ ଆଶ୍ରମରେ ନ ଥିଲାବେଳେ ସେ ରାଜା ଆସିଲା କାହିଁକି ? ଏହି ଦୃଷ୍ଟିରୁ ଦୁଶ୍ୟନ୍ତ ଓ ଶକୁନ୍ତଳାଙ୍କ ମିଳନ ପଛରେ ଦୈବୀ ହାତ ଥିଲା ବୋଲି କୁହାଯାଇପାରେ । ତା' ଭଳି ଅନାଥିନୀ ପାଇଁ ଏହା କ'ଣ ଦୈବୀ ବିଧାନ ? ତା'ର ଓ ରାମଣ୍ଡା ଭିତରେ ସ୍ୱାଭାବିକ ପ୍ରେମ ଅଙ୍କୁରିତ ହବନି କାହିଁକି ? ପନ୍ଦର ଷୋଳ ବର୍ଷର କୁମୁଦ ଏ ପ୍ରହେଳିକା ବୁଝି ପାରୁ ନ ଥିଲା । ହେଲେ ଏ କଥା ତା ମନକୁ ଘାଣ୍ଟି ଚକଟି ପକେଇଲା । ଧୀରେ ଧୀରେ ସେ ଦିହେଁ ଯେ ପରସ୍ପରକୁ ଭଲ ପାଇ ବସିଲେଣି, ଏ ବିଶ୍ୱାସ ତା ମନରେ ସୃଷ୍ଟି ହବାକୁ ଲାଗିଲା ଏବଂ ଏଇ ବିଶ୍ୱାସରୁ ଜଳି ଉଠିଲା ଆଶାର ଶତ ଦୀପାଳି । କୁମୁଦ କ୍ରମେ କ୍ରମେ ଦୁର୍ବଳ ହୋଇ ଆସିଲା । ସବୁବେଳେ ତା ମୁହଁରେ ଲାଗି ରହିଥିଲା ଉଦ୍‌ବେଗଭରା ଏକ ଦୀପ୍ତି । ବେଳେବେଳେ ସରଳା ରାମଣ୍ଡାକୁ କହେ, "ବିଚାରି ! ଝିଅଟା ମୋ' ସାଥିରେ ଏ ଘରଭିତରେ ରହି ରହି ବିରକ୍ତ ହୋଇଯିବଣି । ମୁହଁରେ ତା'ର ପୂର୍ବର ବ୍ୟକ୍ତ ଆଉ ନାହିଁ । ତାକୁ ବେଳେ ବେଳେ ବାହାରକୁ ବୁଲେଇ ନିଅ" ଏ କଥା ଶୁଣି କୁମୁଦ ଲାଜରେ ସଢିଯାଏ । ରାମଣ୍ଡା ଏକଥାର ଉତ୍ତର ଦବାକୁ ଜମା ଇଚ୍ଛା କରନି ଦେଖିଲେ ତାକୁ ଲାଗେ ସତେ ଯେମିତି ତା' ଗୋଡତଳୁ ମାଟି ଖସି ଯାଉଛି । ରାମଣ୍ଡା ତ 'ହଉ' କହିଦେଇ ପାରନ୍ତା ।

ପ୍ରଥମ ଥର ପାଇଁ ରାମଣ୍ଡା ସାଥିରେ ବୁଲି ଯିବାର ସେଇ ଅନୁଭୂତି ତା ପାଖରେ ଚିର ଅଭୁଲା । ଏଇଥିପାଇଁ ସେ କେତେ ଆଗ୍ରହୀ ଥିଲା ସତେ ! କିନ୍ତୁ ହେଲା କ'ଣ ? ଘରୁ ଗୋଡ କାଢିବା ଠାରୁ ପୁଣି ଘରକୁ ଫେରିବା ପର୍ଯ୍ୟନ୍ତ ସେ ପାଟି ଫିଟେଇ ନ ଥିଲା । "ସରଳା, ତମର ଏ ଭଉଣୀ ଜଣକ ଜାତୀ କି କାଲୁଣି ତୁମେତ ଜାଣିଥିବ ?" ରାମଣ୍ଡା ଏ କଥା କହିବା ମାତ୍ରେ ସେ ସେଠୁ ଚୁପକିନା ପଳାଇ ଯାଇ ନିଜ କୋଠରୀରେ ଅସ୍ଫୁଟ ଶବ୍ଦ କରି କାନ୍ଦିବାକୁ ଲାଗିଲା । ଏଇ କଥାଟି ନିଜେଇ ଗୋଟେ କାହାଣୀ । "ତାକୁ ସାଥିରେ ଟିକେ ବୁଲାଇ ନେବାକୁ କହିଲି ଯେ ତୁମେ କନ୍ଦେଇ କି ଛାଡିଲ । ଭଲ ଲୋକ ତ ତୁମେ ! " ସରଳା ଏକଥା କହିବା ପରେ ରାମଣ୍ଡା ତା' ପାଖକୁ ଆସିଲା । "ଆରେ ! ସତରେ କାନ୍ଦୁଚ ନା କଣ ?" କହି ତା' ମୁହଁକୁ ଚାହିଁଲା । ସାନ୍ତ୍ୱନା ଦେବା ଲାଗି ତା ପିଠି ଆଉଁସି ଦେଲା । ଦୁଃଖ ଯେତେ ହୋଇ ଥାଉ ନା କାହିଁକି ପିଠିଟା ତା'ର ଉଲୁସି ଉଠିଲା । ହେଲେ ଲୁହ ବନ୍ଦ ହେଇ ନ ଥାଏ । ତା ପରେ ରାମଣ୍ଡା ଲୁହ ପୋଛି ଚଳକୁ ଚାଲ କହି ଲୁହ ପୋଛି ଦେବାପାଇଁ ତା ଲୁଗା କାନିକୁ ଯେତେବେଳେ ଧରିଲା ସେ ଲାଜରେ ପଛକୁ ଘୁଞ୍ଚିଗଲା । ସେତେବେଳେ ସେ ତା ହାତର ସ୍ପର୍ଶ ଅନୁଭବ କଲା । ଏଥର ବି ତା ହାତ ବାଜିଥିଲା ଛାତିରେ । ସେତେବେଳେ କୁମୁଦର ହାତଗୋଡ ଜୀବନ ନ ଥାଏ । ଶେଷରେ କ'ଣ ହେଲା ସେ ଜାଣି ପାରିଲାନି । ତାକୁ ମୂର୍ଚ୍ଛା ହୋଇଗଲା କି ମୂର୍ଚ୍ଛା ହୋଇଯିବ ଏହା ସେ ଠିକ୍ କରି ପାରିଲା ନାହିଁ । ଯେତେବେଳେ ଚେତା ପଶିଲା ସେ ଦେଖିଲା, ରାମଣ୍ଡା ତାକୁ ପଲଙ୍କ ଉପରେ ଶୁଏଇ ଦେଇ ପାଖରେ ବସିଚି । ହାତରେ ତାର ପାଣି ଢାଳଟିଏ ।

ବିଚାରୀ ! ସରଳାର ଦୋଷ କ'ଣ ? କୁମୁଦ ଦେହ ପା' ଠିକ୍ ନ ରହିବାରୁ ତାକୁ ରାମଣ୍ଡା ସହିରେ ବାହାରକୁ ଯିବାପାଇଁ, ବୁଲିବା ପାଇଁ, ସିନେମା ଦେଖିବା ପାଇଁ ଓ ବହି ପଢିବା ପାଇଁ ସେ ଉତ୍ସାହିତ କରୁଥିଲା । ସେ ବାରମ୍ବାର କହୁଥିଲା, "ମୁଁ ତ ବିଛଣାରେ ପଡିଛି । ତୁ ଏଇ ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ଶେତା ହୋଇ ଗଲୁଣି । ବାହାରେ ଘଣ୍ଟେ ଅଧେ ବୁଲି ଆ' । ମୁଁ ଏତେ ଶୀଘ୍ର ମରିବନି । "ଯାହାହେଉ, କୁମୁଦକୁ ରାମଣ୍ଡା ସହିତ ବୁଲି ଯିବାପାଇଁ ଅବକାଶ ସିନା ମିଳିଲା ; ହେଲେ ସେଥିରେ କିଛି ଲାଭ ହେଲାନି । କୁମୁଦକୁ ଗୋଟେ ଅଦ୍‌ଭୁତ ଦୁଃଖ ଘାରି ପକାଉଥିଲା । ପ୍ରଥମେ ପ୍ରଥମେ ରାମଣ୍ଡା ପାଖରେ ନ ରହିଲେ ସେ ବ୍ୟସ୍ତ ହୋଇ ପଡୁଥିଲା ; କିନ୍ତୁ ବର୍ତ୍ତମାନ ରାମଣ୍ଡା ପାଖରେ ରହିଲେ ସେ ଅଣନିଶ୍ୱାସୀ ହୋଇ ପଡୁଚି । ବେଳେବେଳେ ତା'ର ଇଚ୍ଛା ହୁଏ, ସେ ରାମଣ୍ଡାର ପାଖକୁ ଯାଇ ତା'ର ଦି' ଗାଲକୁ ଧରି ପକାନ୍ତା । କେବେ କେବେ ତା'ର ଅସ୍ତବ୍ୟସ୍ତ ବାଳକୁ ସଜାଡି ଦେବାକୁ ଇଚ୍ଛା ହୁଏ । ଆଉ ମଧ୍ୟ ସେ ଲେଖିଥିବା ବେଳେ ତା ହାତକୁ ଧରି ସେଇ ହାତରେ ନିଜର ଦି' ଗାଲରେ ଚାପୁଡା ଖାଇବାକୁ ଇଚ୍ଛା ହୁଏ । ଏ ପ୍ରକାର ଇଚ୍ଛା ହେଲେ ନିଜକୁ ଆୟତ୍ତରେ ରଖିବା ତା ପକ୍ଷରେ କଷ୍ଟକର ହୋଇପଡେ । ସମୟ ସମୟରେ ନିଜକୁ ଆୟତ୍ତ କରିବାକୁ ଚେଷ୍ଟା କଲେ ସେ କ୍ଳାନ୍ତ ହୋଇ ପଡେ ।

ଦିନେ ସେ ଆଉ ରାମଣ୍ଡା ସରଳା ପାଖରେ ବସିଥିଲେ । କିଛି ସମୟ ପରେ ସରଳା ଶୋଇପଡିଲା । ସେଇଠୁ ରାମଣ୍ଡା ଚାପା ଗଳାରେ କହିଲା, "ମୋ ରୁମକୁ ଚୁପ ଚାପ ଚାଲ ।" ସରଳା ନିଦରେ ବ୍ୟାଘାତ ନ ଘଟେଇବା ଉଦ୍ଦେଶ୍ୟରେ ରାମଣ୍ଡା ହୁଏତ ଏମିତି ସ୍ୱରରେ କହିଥିବ । କିନ୍ତୁ ସେଇ ଚାପା ସ୍ୱର ଶୁଣି ତା ଦେହ ରୋମାଂଚିତ ହୋଇ ଉଠିଥିଲା । ନିଜ ଅଜାଣତରେ ସେ ରାମଣ୍ଡା ରୁମରେ ପହଞ୍ଚିଗଲା । ଏଥିରେ ରାମଣ୍ଡାକୁ ବି ଆଶ୍ଚର୍ଯ୍ୟ ଲାଗିଥିବ ।

ସେ ପଚାରିଲା, "ପଢିବାପାଇଁ କିଛି ବହି ଦରକାର ?"

"ହୁଁ", କୁମୁଦ ଉତ୍ତର ଦେଲା ।

"କୋଉ ବହି ଦରକାର, ଦେଖିକି ନେଇଯାଅ ।"

ବହି ଆଲମାରିଟା ଖୋଲି କୁମୁଦ ବହି ଦେଖିବାକୁ ଲାଗିଲା । ଦେଖିକାଢି ଥିଲା ଓ ରଖୁଥିଲା । ବୋଧେ କୁମୁଦର ବିଚାର-ଶକ୍ତି ନଷ୍ଟ ହୋଇଯାଇଥିଲା ।

ରାମଣ୍ଡା ପଚାରିଲା "କଣ କିଛି ମିଳିଲାନି ?"

ପାଗଳୀଙ୍କ ପରି କୁମୁଦ କହି ପକେଇଲା, "କୋଉଟା ? କ'ଣ ?"

ରାମଣ୍ଡା ହସିଲା "ଆଚ୍ଛା, ମୁଁ ବାହାର କରି ଦଉଚି ।" କହି ସେ ଆଲମାରି ପାଖକୁ ଆସିଲା । ଆଲମାରିର ଦି' କବାଟ ମଝିରେ ଠିଆ ହୋଇ ଥିବାରୁ କୁମୁଦ ରାମଣ୍ଡା ପାଇଁ ଜାଗା ଛାଡିବାକୁ ଯାଉଥିଲା । କିନ୍ତୁ ଏଇ ଭିତରେ ରାମଣ୍ଡା ପାଖକୁ ଆସିଯିବାରୁ ଯେମିତି କି ତା ଗୋଡରେ ଜମା ବଳ ରହିଲାନି ! ସେ ଘୁଞ୍ଚି ପାରିଲାନି । ରାମଣ୍ଡା ଯେ ପଛରେ ଏଇଟା ବି ଦେଖି ପାରିଲାନି । କିନ୍ତୁ ରାମଣ୍ଡା ଉଷ୍ଣ ନିଶ୍ୱାସ ତା' କାନ୍ଧ କୁ ସ୍ପର୍ଶ କରୁଥିଲା । ସେ କୁମୁଦର ଠିକ୍ ପଛରେ ଠିଆ ହୋଇଥିଲା । ଏକଦମ୍ ପାଖରେ -- ଟିକିଏ କଡକୁ । ଆଖି ଖୋଲାଥିଲେ ବି ସେ ଏସବୁ ଦେଖିପାରିଲାନି । ପଛରୁ ଆସୁଥିବା ଗରମ ନିଶ୍ୱାସ କେବଳ ତା' କାନ୍ଧକୁ ନୁହେଁ, ହୃଦୟକୁ ବି ଜାଳି

ଦଉଥିଲା । ସେ ଆଉ ସହିପାରିଲାନି । ଶ୍ୱାସରୁଦ୍ଧ ହେଲା ପରି ସେ ବୋଧ କଲା । ବୁଡିଯାଉଥିବା ଲୋକ କୂଳକୁ ଆସି ନିଶ୍ୱାସ ନବା ପାଇଁ ଯିମିତି ଛଟପଟ ହୁଏ, ଠିକ୍ ସିମିତି ସେ ନିଶ୍ୱାସ ନବା ଲାଗି ବହିଆକ ଆଡକୁ ମୁହଁ ବୁଲେଇଲା ।

ରାମଣ୍ଡା ପଚାରିଲା, "ଏଇଟା ଦରକାର ?"

କୁମୁଦ ମୁହଁ ଖୋଲିଲା, କିନ୍ତୁ ତା ପାଟିରୁ କଥା ବାହାରିଲାନି । ସେ ଠିଆ ହୋଇ ରାମଣ୍ଡାକୁ ଏକ ଲୟରେ ଦେଖିବାକୁ ଲାଗିଲା । ରାମଣ୍ଡା ବିସ୍ମିତ ହୋଇ ଯାଇଥିଲା, ନ ହେଲେ ଡରି ଯାଇଥିଲା । ତା ମୁହଁର ରଙ୍ଗ ବି ବଦଳି ଗଲା । କିନ୍ତୁ ପ୍ରକୃତରେ ତା ଭିତରେ ଯେ ବିସ୍ମୟ ବା ଡର ନଥିଲା, ଏହା ବୁଝିବାପାଇଁ କୁମୁଦକୁ ସମୟ ଲାଗିଲାନି । ଇତି ମଧ୍ୟରେ ରାମଣ୍ଡାର ଦି'ବାହୁ ତା'କୁ ଭିଡି ନେଇ ସାରିଥିଲା, ଏବଂ ତା' ଓଠ ଯାଆ ଓଠ ଉପରେ ଥିଲା । ଏତେବେଳେ ଯାଏ ଶ୍ୱାସରୁଦ୍ଧ ହେଲାପରି ଲାଗୁଥିଲେ ହେଁ ଏବେ ତା ପ୍ରାଣରେ ଚେତନାର ସଂଚାର ହେଲା ।

5

ଲେଖି ହଉନି କି ଶୋଇ ହଉନି । ଇମିତି କାହିଁକି ହଉଚି ? ସେ ଦି' ଜଣକୁ ମନେ ବି ପକାଇ ହଉନି । ସେ ସବୁ ଯେ କୋଉ ଦିନ ପୁରୁଣା କାହାଣୀରେ ପରିଣତ ହୋଇ ଯାଇଚି, କିଛିଜଣା ନାହିଁ । ପ୍ରକୃତରେ ଦେଖିବାକୁ ଗଲେ, ମାତ୍ର ତିନି ବର୍ଷ ପୂର୍ବର ଅନୁଭୂତି ତ ! ସେତେବେଳେ ଲେଖିବା ପାଇଁ ଭିତରର ସ୍ମୃତି କେବଳ ଉପଜୀବ୍ୟ ନ ଥିଲା, ଗୋଟେ ନୂଆ ଅଭ୍ୟାସ ପରି ଲାଗୁଥିଲା । କେତେ ଥର ବିଭିନ୍ନ ପତ୍ର ପତ୍ରିକା ପାଇଁ ପ୍ରବନ୍ଧ ଲେଖିଲା ବେଳେ (କାରଣ ସେଥିପାଇଁ ଭିତରେ ସ୍ମୃତି ପ୍ରୟୋଜନ ନାହିଁ) ଏ ପ୍ରକାର ବିଷୟକୁ ନେଇ ଲେଖିବାକୁ ତାର ଇଚ୍ଛା ହଉଥିଲା । ଏହାର କାରଣ କଣ କହିବାକୁ ପଡିବ ? ଲେଖି ଲେଖି ଦେହ ଓ ମନ କ୍ଲାନ୍ତିରେ ଖଣ୍ଡ ଖଣ୍ଡ ହୋଇଯିବା ପରେ ସରଳା ପାଖରେ ଶୋଇବାର ସୁଖ ସ୍ୱପ୍ନ ସେ ଦେଖୁଥିଲା । ଖାଇବା ଜିନିଷ ଲୋଭରେ ପିଲାମାନେ କାମ କରି ଦେଲାପରେ ସେ କେବଳ ଏଇ ଆଶାରେ ଲେଖୁଥିଲା । ଲେଖା ଶେଷ କରି, ଚୌକିରୁ ଉଠି, ରାତି ଆଉ ଥକା ଉଭୟେ ବେଶୀ ହୋଇ ଯିବାରୁ ଟିକେ ଟଳ ଟଳ ହୋଇ, କିଛି ସମୟ ଧରି ଲେଖାର ବିଷୟ ସମ୍ପର୍କୀୟ ଚିନ୍ତାରେ ମଗ୍ନ ରହିବା ହେତୁ ଅନ୍ୟମନସ୍କ ହୋଇ ସେ ଯେତେବେଳେ ବିଛଣାକୁ ଧୀରେ ଧୀରେ ଅଣ୍ଡାଳେ (ବିଚାରୀ ସରଳା କେତେବେଳୁ ଶୋଇଯାଇଥାଏ) ସେତେବେଳେ ଅଧାନିଦରେ ସରଳା ପ୍ରଶ୍ନକରେ, "ଲେଖା ସରିଗଲା ?" ସେ ସମୟରେ ତା'ର ସମସ୍ତ କ୍ଲାନ୍ତି ଦୂର ହୋଇଯିବା ଭଳିଆ ଲାଗେ । ଏତିକିରେ ତା' କୁ ଏତେ ସୁଖ ଲାଗେ ଯେ ମାଡି ଆସୁଥିବା ନିଦ ବି କୁଆଡେ ଉଡିପଳାଏ ।

"ଲେଖା ସରିଗଲା ?" ରାମଣ୍ଡା ଶୋଇବାପାଇଁ ସରଳା ନିଜ ଜାଗାରୁ ଟିକେ ଘୁଞ୍ଚି ଯାଇ ପୁଣି ଥରେ ପଚାରେ, ସେ କହେ "ହୁଁ ।"

"ଜୋରରେ ନିଦ ଲାଗୁଚି ?"

"ହଁ ।"

"ମୋ କଥା ଶୁଣୁନି କି ? କ'ଣ ଏପର୍ଯ୍ୟନ୍ତ ଏ ଦୁନିଆକୁ ଫେରିଆସିନ କି ?"

"ଶୁଣୁଚି ! ସରିଗଲା କହିବା ପାଇଁ 'ହଁ' କହିଲି ପରା !" କହି ରାମଣ୍ଣା ବି ଗୋଡ ଲମ୍ବେଇ ଦିଏ ।

"କାହାଣୀଟିକ୍ ହେଇଗଲା ?"

"କାହାଣୀ ନୁହେଁ । ପତ୍ରିକା ପାଇଁ ଗୋଟେ ଲେଖା ଲେଖୁଥିଲି । "

"କ'ଣ ? ତାକୁଇ ଲେଖିବା ଲାଗି ତମକୁ ଅଧରାତି ଯାଏ ନିଶା ଲାଗିଥିଲା ?"

"କ'ଣ କହିବାକୁ ଚାହୁଁଚ ? ସେଇ ତ ପ୍ରକୃତ ସାହିତ୍ୟ । ପଇସା ବି ସେଥିରେ ଶୀଘ୍ର ମିଳେ । "

"ହଁ, ପଇସା କାହାର ଦରକାର ?"

"କାହାର ମାନେ ? ମୋର ।"

"ମୋ ମାଆଲୋ ! ତମର ଏ ବୁଦ୍ଧି କେବେଠୁ ହେଲା ?"

"ମୋର ମାନେ ମୋ ସ୍ତ୍ରୀ ଆଉ ପିଲାଙ୍କର ! ବୁଝିଲ ?"

"ତମରି ଦରକାର । ସେମାନଙ୍କର ଦରକାର ବୋଲି କିଏ କହିଲା ? "

"କେହି କହିବା କ'ଣ ଦରକାର ? ଯଦି ସ୍ତ୍ରୀ ଓ ପିଲାଏ ସୁଖ ନ ପାଇଲେ ତେବେ ସ୍ୱାମୀ ଲେଖିବ ବା କାହିଁକି ?" 'ହଁ' କି ନାଇଁ ?

"ଲେଖିବା କ'ଣ ତମ ମୋ' ହାତର କଥା ? ଜନ୍ମ ଦେଲାବେଳେ ଭଗବାନ ଏଇ କଥା ମଣିଷ ମଥାରେ ଲେଖି ଦେଇଥାନ୍ତି ।"

"ତା' ହେଲେ ଏଥିରୁ ବୁଝାଗଲା ଯେ ତମେ ସୁଖରେ ଅଛ, ନା କ'ଣ ?"

"କାହିଁକି ସୁଖୀ ହେବିନି ? ତମେ ଲେଖାଲେଖିରେ ସୁଖ ପାଅ । ତମକୁ ଯେହେତୁ ସୁଖ ମିଳୁଚି, ସେଥିରୁ ମତେ ବି ସୁଖ ମିଳୁଚି ।"

"ଆଚ୍ଛା ! ତା' ହେଲେ ଜଣା ପଡିଲା ଯେ କୃଷ୍ଣ ଅର୍ଜୁନଙ୍କୁ ଗୀତାରେ ଉପଦେଶ ଦେଲାବେଳେ ତମେ ସେମାନଙ୍କ ରଥତଳେ ଲୁଚିକି ବସିଥି ଲ, ନାଇଁ ? ହୋ- ହୋ - "

ଏତିକିବେଳେ ସରଳା ହାଇ ମାରେ । "ଆଉ, ନିଦ ଆସିଲାଣି । ତମେ ବି ଶୋଇପ ଡ ।" ସେ ଏ କଥା କହିଲାବେଳକୁ ରାମଣ୍ଣାର ଘୁଙ୍ଗୁଡି ଆରମ୍ଭ ହୋଇଯାଇଥାଏ । "ଏସ୍ସ ! ରାତିଟାରେ ମୁଁ ଇମିତି ବକି ଯାଉଚି, କିନ୍ତୁ ଯାଙ୍କୁ ନିଦ ଲାଗିଗଲାଣି । କେତେବେଳେ ଶୋଇଗଲେ ଜଣା ବି ପଡିଲାନି । ସବୁବେଳେ ଏମିତି । ଶୋଇଲା ଲୋକର ନିଦ ଭାଙ୍ଗିବେ, ଆଉ ନିଜେ ନିଘୋଡ ନିଦରେ ଶୋଇଯିବେ" । ତା'ପର ଦିନ ଯେତେବେଳେ ସରଳା ଏ ଅଭିଯୋଗ କରେ, ରାମଣ୍ଣାକୁ ଭାରି ଖୁସି ଲାଗେ । କେବେକେବେ ସରଳା ଏ ପ୍ରକାର ଅଭିଯୋଗ କଲେ ରାମଣ୍ଣା ତାକୁ ଚିଡେଇବାକୁ କହେ, "ତମର ଅଭ୍ୟାସ ପାଇଁ ମୁଁ ଏପରି କରୁଚି ।"

ଏଥିରେ ସରଳା "କୋଉ ଅଭ୍ୟାସ" ପଚାରିଲେ ସେ ଉତ୍ତର ଦିଏ, "କାଲି ଯେତେବେଳେ ପିଲା ହେବ ସେତେବେଳେ ? ଆଜିଠୁ ରାତିରେ ଚିହାଁଇବ।" ଏମିତି କଥା ଶେଷ ହୁଏ ନି । ଏତିକି ବେଳେ ସରଳା ରାଗିବାର ଛଳନା କରି ତା ମୁହଁକୁ ନିଜ ହାତରେ ବନ୍ଦ କରେ । ମୁହଁ ବନ୍ଦ କଲେ କ'ଣ ହେବ ? କଥା ନୁହେଁ, ଅସଲ ହଉଚି କାମ । ରାମଣ୍ଡା ନିଜର ଦି' ହାତରେ ତାକୁ ପାଖକୁ ଭିଡି ନିଏ ।

ପରେ ସରଳା ବି ତା'ର ସାହିତ୍ୟ - ସଙ୍କଟର ସମାଧାନ କରିଥିଲା । ସେତେବେଳେ ସେ ଗୋଟେ ନାଟକ ଲେଖୁଥାଏ । ନାଟକ ନୁହେଁ - ସେଟା କ'ଣ ? ହଁ - 'ଆଦିମାଧ୍ୱୀ' ନାମକ ଏକ ଉପନ୍ୟାସ ଲେଖୁଥିଲା । ସେଥିରେ ଥିଲେ ତିନି ଭାଇ । ପଡିଶା ଘରେ ଗୋଟିଏ ଝିଅ ରହୁଥିଲା । ସେମାନେ ସମସ୍ତେ ଏକା ସାଥିରେ ବଡ ହେଲେ । ଆଉ ବେଶି ଆଗେଇଲେ ତା' କାହାଣୀ ଆଧୁନିକ ଦ୍ରୌପଦୀର କାହାଣୀ ହୋଇଯିବ, ସମାଜରେ ଉତ୍ତେଜନା ସୃଷ୍ଟି କରିଦବ । ଏଇକଥା ଭାବି କିଛି ଅଧୈର୍ଯ୍ୟ ଓ କିଛି ଅଭିମାନରେ ସେ ସରଳାକୁ ସେଇ କାହାଣୀଟି ଶୁଣେଇଲା ।

ସରଳା କହିଲା, "ଆଗ ଲେଖା ଆରମ୍ଭ କର, ପରେ ଦେଖାଯିବ ।" ରାମଣ୍ଡା ହସି ହସି ଉତ୍ତର ଦେଲା, "ସେଥିରେ ଦେଖିବାର କ'ଣ ଅଛି ? ମୋ'ର ଜୀବନବୀମା କରେଇ ସାରିବା ପରେ ଯାଇ ଉପନ୍ୟାସ ପ୍ରକାଶ କରେଇବାକୁ ପଡିବ । "

"ସେଥିରେ ଇମିତି କ'ଣ କଥା ଅଛି ଯେ ?"

"ଇମିତି କ'ଣ କଥା ଅଛି ? ଯୋଉ ପିଲାମାନେ ଜନ୍ମ ହେବେ ସେମାନଙ୍କ ଲାଳନ ପାଳନ କରିବ କିଏ ?"

"ଛାଡ ସେ କଥା । ତମେ ଉପନ୍ୟାସ ଲେଖୁଚ ନା କ୍ଲବରେ ଯାଇ ଗପ କରୁଚ ?"

ସେ ଦିନ ଏକଥା ଏଇଠି ସମାପ୍ତ ହୋଇ ଯାଇଥିଲା, ଆଉ ଉପନ୍ୟାସ ଲେଖା ଆରମ୍ଭ ହୋଇଗଲା । ରାମଣ୍ଡା ମନରେ କାହାଣୀ ଯେମିତି ଭାବେ ଉଙ୍କି ମାରିଥିଲା । ସେ ସେମିତି ତା'କୁ ଆଗକୁ ବଢେଇଲା । କିନ୍ତୁ ଶେଷଟା ତା ମନକୁ ପାଇଲାନି । ତିନି ଜଣଙ୍କୁ ପ୍ରେମ କରୁଥିବା ସେ ଝିଅର ଅବସ୍ଥା ଆମ ସମାଜରେ କ'ଣ ହବ ? ଯଦି ସେ ଆତ୍ମହତ୍ୟା କରିବସେ, ତେବେ ଦ୍ରୌପଦୀର ସଙ୍କେତ ନିରର୍ଥକ ହୋଇଯିବ । ଆତ୍ମହତ୍ୟା ନ କଲେ ତାକୁ ସମାଜରେ ଆଦୌ ଗୌରବମୟ ସ୍ଥାନ ମିଳିବନି । ଏଥିପାଇଁ କାହାଣୀର ଶେଷ କିମିତି କଲେ ଭଲ ହବ, ରାମଣ୍ଡା ତାହା ଠିକ୍ କରି ପାରିଲାନି । ସେ ଶେଷ ପୃଷ୍ଠା ଲେଖିବାକୁ ଚେଷ୍ଟା କଲା । ହେଲେ ତାକୁ କୌଣସି ସମାଧାନର ପନ୍ଥା ଦିଶିଲାନି । ତିନି ଚାରି ଘଣ୍ଟା ଧରି ଖାଲି ମୁଣ୍ଡ କୁଣ୍ଡାଇ ହେଲା, ଏବଂ ଶେଷରେ ପ୍ରାୟ ରାତି ଦି' ଟା ବେଳେ କ୍ଳାନ୍ତ ହୋଇ ନିରୁପାୟ ଭାବେ ଶୋଇବା ଲାଗି ପ୍ରସ୍ତୁତ ହେଲା ।

"ଲେଖା ଶେଷ ହୋଇଗଲା ?"

ସବୁବେଳେ ସରଳାର ଏଇ ପଦକ କଥା ସବୁ ସମାଧାନ କରି ଦେଉଥିଲେ ହେଁ ଆଜି ସେ କଥା ଶୁଣି

ରାମଣ୍ଣାକୁ ଭାରି ରାଗ ଲାଗିଲା ।

"ହୁଁ" ଶେଷ ହଉଚି । ତମେ କଣ ଏଟାକୁ ରାନ୍ଧିବା କଥା ଭାବିଚ କି ?
କିଛି ସମୟ ପର୍ଯ୍ୟନ୍ତ ସିଝେଇ ହୋଇଯିବ ।"

ସରଳା କହିଲା "ଆରେ ! ମୁଁ କ'ଣ ଜାଣିଚି ? ଖାଲି ଶେଷ ଭାଗଟା ବାକି ଅଛି ତ ! ତାକୁ ଶେଷ କରିବାକୁ ହେବ ବୋଲି ତମେଇ ତ କହିଥିଲ ସେଥିଲାଗି ପଚାରିଲି । "

"ଖାଲି ଶେଷ ଭାଗ କହିବାର ମତଲବ ? ସବୁ ଚମତ୍କାରିତା ତ କେବଳ ଶେଷ ଭାଗରେ । ତାକୁ ଖୁବ୍ ଭାବିଚିନ୍ତି ଲେଖିବା କଥା । ହଉ, ରାତି ବହୁତ ହେଲାଣି । ଚାଲ ଏବେ ଶୋଇବା ।"

ସରଳା ହାଇ ମାରୁ ମାରୁ କହିଲା, " ମୋତେ ବି ନିଦ ମାଡିଲାଣି । ତେବେ ତମ କାହାଣୀର ସେଇ ଝିଅଟି ଶେଷରେ କଣ କଲା, ଏୟା ଜାଣିବା ପାଇଁ ପଚାରୁଥିଲି । ତମେ ଲେଖା ଶେଷ କରି ଦେଇଥିବ ଭାବି ପଚାରିଲି ।"

ରାମଣ୍ଣା ଆଉ ନିଜକୁ ସଂଯତ କରିପାରିଲାନି । ସେ କହିଲା " ଏତିକି ଶୁଣିଲେ ଯଦି ତମକୁ ନିଦ ଆସିବ, ତେବେ ଶୁଣ । ଶେଷରେ ସେ ବିଷ ଖାଇ ମରିଯାଉଛି ।"

"ଓଃ ! ଗୋଟେ ଜୀବନ ବ୍ୟର୍ଥ ହୋଇଗଲା ।"

ରାମଣ୍ଣାକୁ ଆଶ୍ଚର୍ଯ୍ୟ ଲାଗିଲା । ସରଳାର ଆଖିରେ ଲୁହ ଆସିବାକୁ ଯେ ଡେରି ନାହିଁ, ଏହା ସେ ତା ସ୍ୱରରୁ ସ୍ପଷ୍ଟ ବୁଝି ପାରିଲା ।

ସେଇ କଥା ଶେଷ କରିଦେବା ଉଦ୍ଦେଶ୍ୟରେ ସେ ହସି ହସି କହିଲା " ଉପନ୍ୟାସର ଗୋଟେ ଚରିତ୍ର ତ । ସେ ରହିଲେ କେତେ, ମରିଗଲେ କେତେ ?"

"ଉପନ୍ୟାସର ଚରିତ୍ର ହେଲା ତ କ'ଣ ହେଲା ? ବୁଢ଼ାଟାରେ ମରିବ କାହିଁକି କିଛି ରୋଗ ନାହିଁକି ବୈରାଗ ନାହିଁ ।"

ରାମଣ୍ଣା ହାଇ ମାରିଲା । ଆଉ ଟିକେ ବିରକ୍ତ ଭରା ସ୍ୱରରେ କହିଲା, "ପାପ କରିଥିଲା ସେଥିପାଇଁ ମଲା ।"

"ପାପ କରିଥିଲା ? ମୁଁ କଣ ସେ କଥା ଜାଣିଥିଲି ? ସେ କାହାଣୀ ଶୁଣେଇଲା ବେଳେ ତମେ ତ କହି ନ ଥିଲ ଯେ ସେ ପାପ କରିଚି ।"

ରାମଣ୍ଣାର ନିଦ ଛାଡିଗଲା, ସେ ଉଠି ବସିଲା ଓ ଟିକେ ରାଗି କହିଲା, " ତିନି ଜଣଙ୍କ ସାଥିରେ ପ୍ରେମ କଲେ ପାପ ହବନି ?"

"କଣ କହିଲ ? ପ୍ରେମ ପାଇଁ ଯୋଉ ଈଶ୍ୱର ଜନ୍ମ, ସେ ପ୍ରେମ କଲେ ପାପ ହେଇଗଲା ?"

ସ୍ତ୍ରୀର ମୂର୍ଖତା ଦେଖି ରାମଣ୍ଣା ଟିକେ ତିରସ୍କାର କରି କହିଲା, "ତା ମାନେ ତମେ କ'ଣ କହୁଚ ? ବିବାହ ହେଉଛି ଜଣକ ସାଙ୍ଗରେ ଜଣକ ରହିବା । ଜଣକୁ ବେଶି ହେଲେ ବ୍ୟଭିଚାର ହବନି ? ବ୍ୟଭିଚାର କ'ଣ ପାପ ନୁହେଁ ?"

"ତମ କହିବାନୁସାରେ ଯାର ମାନେ ହେଲା ଯେ ବ୍ୟଭିଚାର ବିନା ପ୍ରେମ କରାଯାଇ ପାରିବନି ।"

"ଛାଡ, ଏଇନେ ତମେ କଣ ଏ କଥା ବୁଝିପାରିବନି ।"

"ତମେ କହୁଚ ଯେ ପୁରୁଷ ପାଇଁ ପ୍ରେମ ଓ ବ୍ୟଭିଚାର ଏକା କଥା । ମୋ' ପରି ସ୍ତ୍ରୀ ଲୋକ ଏଇଟା ବୁଝିବ କିମିତି ? "

ରାମଣ୍ଣା ରାଗିଗଲା । ପ୍ରେମ ଗୋଟେ ଜିନିଷ ହେଲେ ବ୍ୟଭିଚାର ଆଉ ଗୋଟେ ଜିନିଷ । ଏ କଥା ତାକୁ ଲାଗିଲା ସେଥିରେ ଯେପରି ଗୋଟେ ଗୂଢ଼ ରହସ୍ୟ ଲୁଚି ରହିଚି । ସେ ଭାବିଲା, କାହାଣୀକି ସେଇ ଅନୁସାରେ ଲେଖିବା ଉଚିତ୍ । ସକାଳ ପର୍ଯ୍ୟନ୍ତ ସେ ଚିନ୍ତାମଗ୍ନ ହେଇ ରହିଲା । ଉଠିବା ମାତ୍ରେ ଚାହା ପିଇଲା । ସରଳା ସହ ଜମା କଥାବାର୍ତ୍ତା କଲାନି ଏବଂ ନିଜ କୋଠରୀକୁ ଯାଇ ଲେଖିବା ଆରମ୍ଭ କରିଦେଲା । କ୍ରମେ ସେ ସାରା କାହାଣୀଟି ବଦଳେଇ ଦେଲା । ହେଲେ ଆଠଦିନ ପର୍ଯ୍ୟନ୍ତ ସରଳା ସାଥିରେ ବିଶେଷ କଥାବାର୍ତ୍ତା କଲାନି । ତା ମନ ବି ଭଲ ନ ଥିଲା । ଶେଷରେ ପରିବର୍ତ୍ତିତ ଉପନ୍ୟାସ ସମାପ୍ତ ହେଲା । ସମାପ୍ତ ହେବା ମାତ୍ରେ ସେ ସରଳା ପାଖକୁ ଆସି କହିଲା, " ଦେଖ ସରଳା, ଏ ଉପନ୍ୟାସଟି ସରିଗଲା ।"

ସରଳା କିଛି କହିଲାନି ।

ନିଜେ କିଛି ଭୁଲ କରି ନ ଥିଲେ ବି ଦଣ୍ଡିତ ପିଲାର ସ୍ୱର ପରି କହିଲା, " କାହାଣୀର ସମାପ୍ତି କିମିତି ଏ କଥା ତୁମେ ଜାଣିବାକୁ ଚାହୁଁଥିଲ । ସେଥିପାଇଁ ଶେଷ କରିବା ମାତ୍ରେ ତମକୁ ଜଣେଇବାକୁ ଆସିଛି ।"

"ମୁଁ କ'ଣ କରିବି ? ମୁଁ କଲେଜ୍ ମାଟି ବି ମାଡିନି । ଏତେ ବଡ ବଡ ବହିର ଆଲୋଚନା ମୁଁ କରିବି କିମିତି ? "

"ତୁମେ କ'ଣ ଭାବିଚ, ମୁଁ ସାରା ଉପନ୍ୟାସ ପଢି ତମକୁ ଶୁଣାଇବାକୁ ଆସିଚି ?"

"ହେଲେ ମତେ କହିବାକୁ ଆସିଲ କାହିଁକି ?"

"ଉପନ୍ୟାସ ଶେଷ ହୋଇସାରିଛି । କିନ୍ତୁ ତମେ ତାକୁ ବୁଝିପାରିବନି ।" ତାପରେ ବ୍ୟଙ୍ଗକରି କହିଲା," ମୁଁ ବି ତାକୁ ପଢି ଶୁଣାଇବିନି । ଭୂମିକା ଲେଖିଚି, ଶୁଣ ।"

"ଭୂମିକା ? ତା' ସହିତ ମୋର ସମ୍ବନ୍ଧ କ'ଣ ?"

"ତା'କୁଇ ଶୁଣ – ଏହା କହି ସେ ପଢିବା ଆରମ୍ଭକଲା । ପ୍ରସ୍ତାବନାରେ କୃତଜ୍ଞତା ସ୍ୱୀକାର ପରେ ଲେଖାଥିଲା, " ଏ ଉପନ୍ୟାସ ଯୋଉ ରୂପ ନେଇ ପ୍ରକାଶ ପାଉଛି ତାର ସବୁ ଗୌରବ ଆଉ ଜଣକର । ଆଗରୁ ଥରେ ଅନ୍ୟ ପ୍ରକାରେ ଲେଖିବାକୁ ଚେଷ୍ଟା କରି ଅସମର୍ଥ ହବାରୁ ସେଇ ବ୍ୟକ୍ତି ଜଣକ କାହାଣୀକି ବଦଳେଇ ଏଇପରିଭାବେ ଲେଖିବା ପାଇଁ ମତେ ପରାମର୍ଶ ଦେଲେ । ମୁଁ ସେମିତି ଲେଖିଚି । ଏଥିରେ ମୋ'ର ଖୁସି । ଏଥିପାଇଁ ତାକୁ ଅର୍ଥାତ ମୋ ସୁଖ, ଦୁଃଖର ସହଭାଗିନୀ, ମୋ ଭଲ ମନ୍ଦକୁ ନିଜର ସହିଷ୍ଣୁତା ଗୁଣରେ ସୁଧାରି ମତେ ଠିକ୍ ରାସ୍ତାକୁ ଆଣିବା ଲାଗି ଯିଏ ମୋ'ର ହାତ ଧରିଚନ୍ତି ଏମିତି ସହଧର୍ମିଣୀ —– "

ସରଳା ସେଇ କୃତଜ୍ଞତା ସ୍ୱୀକାରକୁ ଆଉ ପଢିବାକୁ ଦେଲାନି । "ଟିକେ ଇପାଡେ ଦିଅ । କି ପାଗଳାମି ଇଏ ! " କହି ସେ କାଗଜ ଖଣ୍ଡକୁ ତା' ହାତରୁ ଛଡେଇ ଆଣିବାକୁ ଗଲାରୁ ରାମଣ୍ଡା ସେଇ ହାତକୁ ଧରି ତା'କୁ ପାଖକୁ ଭିଡି ନେଲା ।

ଅତୀତର ଏମିତି ସ୍ମୃତିସବୁ ଗୋଟେ ପରେ ଗୋଟେ ଆସି ଯାଉଥିଲା । କାହିଁକି ? ରାମଣ୍ଡା ସରଳାର ଛବିକି ଏମିତି ଭାବେ ଚାହିଁଲା, ସତେ ଯେମିତି ତା'ଠୁ କିଛି ଉତ୍ତର ମିଳିବ । ଦେଖୁଁ ଦେଖୁଁ କିଛି ମନେ ପଡିବାରୁ ସ୍ମିତ ହସରେ ତା' ମୁହଁ ଉଦ୍‌ଭାସିତ ହୋଇ ଉଠିଲା । ଛବିକୁ ଦେଖୁ ଦେଖୁ ସେଇ ଛବିରୁ ନିଆ ହୋଇଥିବା ଫଟୋ କଥା ମନେ ପଡିଲା । ଫଟୋ ଉଠାଇବା ଥିଲା ସରଳା ପକ୍ଷେ ଏକ ପ୍ରାଣ-ସଙ୍କଟର ବିଷୟ । ସରଳାର ମୁହଁ ସବୁବେଳେ ହସ ହସ ହେଲେ ବି କେମେରା ଆଗରେ ଠିଆ ହେଲା ମାତ୍ରେ ସେ ଡରି ଯାଉଥିଲା । ସେଇ ଭୟକୁ ଘୋଡେଇବା ସକାଶେ ସେ ଜବରଦସ୍ତ ମୁହଁରେ ଗମ୍ଭୀରତା ଆଣିବାକୁ ଚେଷ୍ଟା କରୁଥିଲା । ସ୍ୱାଭାବିକତା ଓ କୃତ୍ରିମତା ଦୁଇ ଭାବର ମିଶ୍ରଣ ଫଳରେ ତା' ମୁହଁରେ ଟିକେ ବୋକାଳିଆମି ଫୁଟି ଉଠୁଥିଲା । ଚିତ୍ରରେ ଏଇ ଭାବକୁ ଦେଖି ରାମଣ୍ଡା ନ ହସି ରହିପାରେ ନାହିଁ । ସେଇ ବୋକାମି ଯୋଗୁଁ ସରଳା ପିଲାଙ୍କ ଭଳି ଆକର୍ଷଣୀୟ ମନେହେଉ ଥିଲା । ଏ ସବୁ ସତ୍ୱେ ସରଳାର ସ୍ୱାଭାବିକ କାନ୍ତି ରାମଣ୍ଡାର ସ୍ମୃତିରୁ ଲୁପ୍ତ ହୋଇ ଯାଇ ନ ଥିଲା । ସେଇ କାନ୍ତିରେ ସେ ସର୍ବାଙ୍ଗ ସୁନ୍ଦରୀ ନହେଲେ ବି ଭାରି ଭଲ ଦିଶୁଥିଲା । କଥା କହିଲା ବେଳେ ଓଠକୁ ଟିକେ ଆଗକୁ ଆଣି ବଙ୍କେଇବା ଥିଲା ତା'ର ଅଭ୍ୟାସ । ରାମଣ୍ଡା କେତେଥର ଥଟ୍ଟା କରେ, " ସବୁବେଳେ ଚୁଲି ପାଖରେ ବସି ଫୁଙ୍କି ଫୁଙ୍କି ତମ ଓଠ ସେଇ ଆକାର ଧରି ନେଲାଣି ।" ମଜା କଥା ହେଉଥିଲେ ତା'ର ସୁନ୍ଦର ମୁହଁ କଥା କହିଲା ବେଳେ ବେଶି ଆକର୍ଷଣୀୟ ହୋଇ ଯାଉଥିଲା । ରାତିରେ ବିଛଣାରେ କଥା କହିବା ସମୟରେ ଦେଖି ନ ପାରିଲେ ବି ସେ ଚିତ୍ର ରାମଣ୍ଡା ଆଖିରେ ନାଚି ଯାଉଥିଲା । ବୋଧେ ଏଇଥିପାଇଁ ସରଳାର କଥାରେ ତା' ର ସମାଧାନ ହୋଇ ଯାଉଥିଲା ।

ରାମଣ୍ଡା ଦୀର୍ଘଶ୍ୱାସ ଛାଡିଲା । ସେ ଭାବିଲା, କେତେ ସ୍ମୃତି ! ନା, ସେ ସବୁକୁ ସେ ମନେ ପକାଇବନି ; ସେମାନେ ଆପେ ଆପେ ଆସୁଚନ୍ତି । ଯେ କୌଣସି କଥା ହଉନା କାହିଁକି, ତା' କଥା ମନେ ପଡିଯାଏ । ତା'ର କଥା, ତା'ର ଭୂଷା, ତା'ର ମୁହଁଭଙ୍ଗି, ହସ ସବୁକିଛି । ରାମଣ୍ଡା ନିଜକୁ ସଯତ କଲା । ତା' ମନଟା ଟିକେ ହାଲୁକା ଲାଗିଲା । ଗୋଟେ ଚିନ୍ତା ମନକୁ ଆସିଲା, ପୁଣି ଉଭେଇଗଲା । ପୁରା ଭାବନା ଆସିଗଲେ ଲେଖିବା

ପାଇଁ ଇଚ୍ଛା ହୋଇପାରେ । ତାହେଲେ ଏ ବିରକ୍ତି ମଧ୍ୟ ଦୂର ହୋଇଯିବ । ଏହା ଭାବି ସେ ମନ ଭିତରୁ ସେଇ ଚିନ୍ତାକୁ ଖୋଜି ବାହାର କରିବା ଲାଗି ଗୋଟେ ମିନିଟ୍ ଆଖି ବୁଜି ବସିଲା । ଚିନ୍ତା ଆସିଗଲା । ସେଇଟା ଥିଲା ତାକୁ ଆଶ୍ଚର୍ଯ୍ୟ ଚକିତ କରିଦବାପରି ଗୋଟାଏ ଚିନ୍ତା । ସରଳାର ସ୍ମୃତି, ତାର କଥାବାର୍ତ୍ତା, ତାର ରାଗ ବୁଝା, ମୁହଁ ଭଙ୍ଗୀ, ତାର ହସ ଏଇ ସବୁ ତ ମନେ ପଡୁଚି । ଛ ବର୍ଷ ଧରି ଏକ ରସମୟ ଦାମ୍ପତ୍ୟ ଜୀବନ ବିତେଇ ଥିଲେ ହେଁ ଆଗରୁ ତାକୁ କେବେ ସରଳାର ସ୍ମୃତି ଏମିତି ହଇରାଣ କରି ନ ଥିଲା । ପୁଣି ଗୋଟେ କଥା ମନେ ପଡି ତା'କୁ ଏକ ପ୍ରକାର ସାନ୍ତ୍ୱନା ମିଳିଲା । କିନ୍ତୁ କୁମୁଦ କଥା ମନେ ପଡିଲେ ଆଉ ଗୋଟିଏ ପ୍ରକାର ଚିନ୍ତା ମନରେ ଉଠେ, ଏବଂ ଅନ୍ୟ କୌଣସି ପ୍ରସଙ୍ଗ ଆଦୌ ମନକୁ ଆସେନି । ସରଳା ଯଦି ତା' ପାଇଁ ଥିଲା ସ୍ମୃତି, ତା'ହେଲେ କୁମୁଦ କ'ଣ ତା ପାଇଁ କେବଳ ସଂଭୋଗର ବସ୍ତୁ ? ଛି, ଇଏ କି ଚିନ୍ତା ! ଏ କଥା ଯଦି ସତ ନ ହୁଏ ? ରାମଣ୍ଡାର ମନେ ହେଲା ଯେ ଏ ସବୁ ଖାଲି ମନର ବିକାର । ତିନି ବର୍ଷ ଧରି ଯାହା ବାସ୍ତବ ହୋଇ ଆସିଚି, ତା'କୁ ସତ ବୋଲି ସ୍ୱୀକାର ନ କରିବା ପାଗଳାମି ଛଡା ଆଉ କିଛି ନୁହେଁ । ଏ କଥା ସତ ହେଲେ ଏହା ସରଳା ପ୍ରତି ତା'ର ବିଶ୍ୱାସଘାତକତା, ତା' ମନରେ ସରଳା ପାଇଁ ଜମା ପ୍ରେମ ନ ଥିଲା । ସେ ଛବି ଆଡକୁ ଚାହିଁଲା । ତାକୁ ଲାଗିଲା ଯେମିତି କି ସରଳା କଥା କହୁଚି । ପ୍ରେମ ଗୋଟେ ବସ୍ତୁ ହେଲେ ବ୍ୟଭିଚାର ଅନ୍ୟ ଏକ ବସ୍ତୁ । ହଁ, ତା' ଓଠ ଆଗକୁ ଆସିଲା ପରି ଲାଗୁଚି । ''ସରଳା, ମୋ କାହାଣୀ ଗୁଡିକର ସଙ୍କଟ ଦୂର କରିବାକୁ ସାନ୍ତ୍ୱନା ଭରା କଥା କହୁଚ ?'' ଏମ୍ତା କହି ଛବିକି ଏମିତି ଧ୍ୟାନ ସହକାରେ ନିରେଖି ଚାହିଁଲା ଯେ ମନେ ହେଲା ଯେମିତି ସେ ଉତ୍ତର ଅପେକ୍ଷାରେ ରହିଛି ।

6

ଏହା ସତ ଯେ ଆଜି ରାତିରେ କୁମୁଦର ସିନେମା ଯିବାର ଇଚ୍ଛା ଥିଲା । ଦିଂ ଦିନ ହେଲା ସେ ସେଇ ଅବସରକୁ ପ୍ରତୀକ୍ଷା କରିଥିଲା । ଦି' ଦିନ ଆଗରୁ ତାର ଯିବା ପାଇଁ ଇଚ୍ଛା ହଉଥିଲା । ଏ କଥା ସେ ମୁହଁ ଖୋଲି ରାମଣ୍ଡାକୁ କହିଥିଲା ମଧ୍ୟ । କିନ୍ତୁ ସେ "ଚାଲ" କହିବା ପରିବର୍ତ୍ତେ "ଦେଖିବା" କହି ଟାଳି ଦେଇଥିଲା । ବୋଧେ ମନରେ ଟିକିଏ ଦୁଃଖ ହେଲା । ସରଳା ମରି ଯିବାର ମାତ୍ର 3 ମାସ ହୋଇଥିଲା । ଏଇ କାରଣରୁ ରାମଣ୍ଡାକୁ ଯିବାପାଇଁ ସଙ୍କୋଚ ଲାଗୁଥିବ ଭାବି ସେ ଜିଦ୍ କଲାନି । ଆଜି ଏଇ ଆଶାରେ ସେ ରାତି ପାଇଁ ରନ୍ଧାବଢା ବି ସାରି ଦେଇଥିଲା । କିନ୍ତୁ ରାମଣ୍ଡା ମୁହଁରୁ ଏ ବିଷୟରେ କିଛି ସୂଚନା ବି ମିଳିଲାନି । ଆଉଥରେ କ'ଣ ତାକୁ କହିବାକୁ ପଡିବ ? ପ୍ରତିଦିନ ମୁହଁ ଖୋଲିବା କ'ଣ ଭଲ କଥା ? ହେଲେ ମନଟା ବୁଝୁନି । ବୁଝେଇ ବୁଝେଇ ସେ ଥରେ ଅଧେ ମଧ୍ୟ କହିଲା । କିନ୍ତୁ ରାମଣ୍ଡା ଏମିତି କଥାବାର୍ତ୍ତା କଲା ଯେମିତି କି ସେ ଆଡକୁ ତାର ଧ୍ୟାନ ନାହିଁ । ଶେଷରେ ବିରକ୍ତ ହୋଇ ସେ ଲମ୍ବା ନିଶ୍ୱାସ ଟାଣିଲା । ସେତେବେଳେ ରାମଣ୍ଡା ପଚାରିଲା, "ସିନେମା ଯିବା ?" ମାତ୍ର ତାର କହିବା ଢଙ୍ଗ, କଥାର ଶୈଳୀ, ଫଣ-ଫଣ ମୁହଁ, ଅସନ୍ତୋଷ ଭରା ନିଶ୍ୱାସ, ଏସବୁ ତା'କୁ ଅସହ୍ୟ ଲାଗିଲା । ତେଣୁ ସେ ବି କିଛି ଉତ୍ସାହ ନ ଦେଖାଇ ଏବଂ ମନର ନିରାଶାକୁ ବ୍ୟକ୍ତ କରି କହିଥିଲା, "ହୁଁ" ସେତିକି ବେଳେ ରାମଣ୍ଡା ଯଦି "ଚାଲ" ବୋଲିକହିଥାନ୍ତା, ତେବେ ସେ ମନର ସବୁ ଦୁଃଖକୁ ଚାପି ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇ ଯାଇଥାନ୍ତା । ମାତ୍ର ରାମଣ୍ଡା କହିଲା, "ସିନେମା ନହେଲେ ଆଉ

କୁଆଡେ ଯିବା ଚାଲ ।'' ସେଥିରୁ କୁମୁଦ ସ୍ପଷ୍ଟ ବୁଝି ପାରିଲା ଯେ ଟା'ର ବିରକ୍ତି ଓ ରାଗରୁ ମୁକ୍ତି ପାଇବାପାଇଁ ରାମଣ୍ଣା ଘରୁ ବାହାରକୁ ଯିବା ପାଇଁ ତିଆରି ହେଉଛି । ସେତେବେଳେ ସେ ବି ନିରାଶ, ବିରକ୍ତ ଓ ଅପମାନିତ ଅନୁଭବ କଲା । ଟିକିଏ ତିରସ୍କୃତ ହେଲାପରି ବି ବୋଧ କଲା । ମାତ୍ର ମନର କଥା କାଳେ କଥାବାର୍ତ୍ତାରେ ବ୍ୟକ୍ତ ହୋଇଯିବ, ଏଇ ଡରରେ କିଛି ଉତ୍ତର ଦେଲାନି । ପରେ ରାମଣ୍ଣା ବହୁତ କଥା କହିଲା । ମାତ୍ର ଟା'ର ସେଆଡକୁ ଆଦୌ ଧ୍ୟାନ ନ ଥିଲା । ଶେଷରେ ସହି ନ ହବାରୁ ହାଇ କରିଆରେ ସେ ନିଜର ଅଭିପ୍ରାୟ ବ୍ୟକ୍ତ କରିଦେଲା । ସେ ଭାବିଲା, ରାମଣ୍ଣା ଏହାକୁ ଯୋଉ ଅର୍ଥରେ ବୁଝିବ, ବୁଝୁ । ଟା'ପରେ ରାମଣ୍ଣା ଲେଖିବାର ବାହାନା କରି ସେଠୁ ଚାଲିଗଲା । କୁମୁଦ ବି କ୍ଷଣକ ପାଇଁ ଆଖି ବନ୍ଦ କଲା, ଯେମିତି କି ନିଜର ମନକୁ ଦୃଢ କରି ଦଉଛି । ଏ ଯାଏ ରାମଣ୍ଣାର ସାମୀପ୍ୟ ତଥା ସମ୍ପର୍କରେ ରହି ବଢି ଆସିଥିବା କୁମୁଦ ମନରେ ଯାହା ଭାବୁଥାଉ ନା କାହିଁକି ରାମଣ୍ଣା ପାଖରେ ନ ଥିଲେ, ଖରା ନ ପାଇ ବଢୁଥିବା ଚାରା ଗଛଟି ପରି, ଟା ମନ ଝାଉଁଳି ପଡୁଥିଲା । ବରାବର ଏମିତି ଅନୁଭବ କରି କୁମୁଦ ଯେପରି ଥକି ଯାଉଥିଲା ।

ରାମଣ୍ଣା ଟା' ଆଖିରୁ ଦୂର ହୋଇ କୋଠରୀରେ ପଶିବା ମାତ୍ରେ ଟାର ଶଙ୍କିତ ମନ ଟା' ପଛେ ପଛେ ଗୋଡାଇ ଗଲା । ଧାଇଁ ଯାଇ ରାମଣ୍ଣାକୁ ଅଟକେଇବାକୁ ଟା'ର ଇଚ୍ଛା ହେଲା । ଦରକାର ହେଲେ ଗୋଡ ଧରି ଓ ନିଜର ଦୋଷ ଥିବା ମାନିନେଇ (ସେ ପୁଣି କୋଉ ଦୋଷ ଅବା କରିଥିଲା) ଟା'କୁ ବହଲେଇ ସିନେମା ନେଇଯିବା ଉଚିତ୍ । ସେଠି ଅନ୍ଧାରରେ ଟା' ସ୍ୱର୍ଗର ଆନନ୍ଦ ଉପଭୋଗ କରି ଶୋଇଯାଇ ହବ । କିନ୍ତୁ ଏ ସବୁ ବିଚାର ଥିଲା କ୍ଷଣିକ । ପର ମୁହୂର୍ତ୍ତ ଟା' ମନକୁ ଗୋଟେ ଧକ୍କା ଦେଲା । ସେ ନିଜେ ବିସ୍ମିତ ହୋଇ ରହିଗଲା । ଟା ବିବେକର ଯୁକ୍ତି ଥିଲା ଯେ ସେ ଆତ୍ମଦ୍ରୋହୀ । ସୁଖ ଦୁଃଖର ଭଉଁରୀ ଭିତରେ ପଡିଥିବା ବିଚରା ମନ ଓ ବିବେକର ଯୁକ୍ତିରେ ସେ କ୍ଲାନ୍ତ ହୋଇପଡିଲା । କୁମୁଦ ନିଜେ କହିଲା, "ଏବେ ସିନେମା ଦେଖିବାର କଣ ବା ଆବଶ୍ୟକତା ଅଛି ?"

ଏ ସବୁ ଥିଲା ଅଧଘଣ୍ଟେ ଘଣ୍ଟେ ପୂର୍ବର ସଂଘର୍ଷ । ଏବେ କୁମୁଦର ମନ ଓ ବିବେକ ଉଭୟ ଗୋଟିଏ ସ୍ତରକୁ ଆସି ଯାଇଥିଲା । ବର୍ତ୍ତମାନ ସେ ଶାନ୍ତି ମନରେ ଭାବି ପାରୁଥିଲା । ମଣିଷ ଅନ୍ତର୍ଜଗତଟା କେମିତି, ଏ ବିଷୟରେ ଟାର ଜ୍ଞାନ ନଥିଲା । ମାତ୍ର ସେଇ ଜଗତର ଖାଲି ଗୋଟେ ଅଧେ ଅନୁଭୂତିକୁ ବୁଝିବାର ଶକ୍ତି ଟା ଭିତରେ ଆସିଯାଇଥିଲା । ବେଳେ ବେଳେ ଦୁଇଟି ପରସ୍ପର ବିରୋଧୀ ଅନୁଭୂତିକୁ ଦେଖି ଟାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଆଜିର ଅନୁଭବ ଓ ନିଜର ବ୍ୟବହାର କଥା ଭାବି ସେ ଖୁବ୍ ବିସ୍ମିତ ହେଲା । ରାମଣ୍ଣାର "ସିନେମା ଯିବା ଏଇ ବାକ୍ୟଟିର କୋଉ କାଳରେ କିଛି ଅର୍ଥ ଥିଲା ନା ଏମିତି ଖାଲି କୁହାଯାଉଥିଲା । ରାମଣ୍ଣା ମୁହଁର କୌଣସି ଶବ୍ଦ ବାହାରିଲେ ସେ ବିବ୍ରତ ହୋଇ ପଡୁ ଥିଲା । ଶବ୍ଦ କ'ଣ ? ଟା'ର ଆଶ୍ରୟ କ'ଣ ? କେମିତି କୁହାଯାଇଚି ? ମୁହଁର ଭାବ କ'ଣ ଏ ସବୁର ବିଚାର ଟା ପାଇଁ ଥିଲା ବହୁ ଦୂରର କଥା । ସେ ଭଲ କରି ଶୁଣି ବି ପାରୁ ନ ଥିଲା । ସେତେବେଳେ "ସିନେମା ଯିବା" କହିବାକୁ ସେ ଯେତିକି ଉତ୍ସାହରେ ପ୍ରସ୍ତୁତ ହେଉଥିଲା, ସେଇ ପରି ଭାବେ "ପ୍ରାଣଟା ଦେଇ ଦିଅ" କହିଥିଲେ ସେତିକି ଉତ୍ସାହରେ ତିଆରି ହୋଇଯାଇଥାନ୍ତା । ସମୟକୁ ଦେଖା ଯାଉ ମାତ୍ର ଦି' ତିନି ବର୍ଷ ବିତିଚି । କିନ୍ତୁ ମାନସିକ ଦୃଷ୍ଟିରୁ ଦେଖିଲେ ତାହା ହଜାରେ ବର୍ଷ ପୂର୍ବର କଥାପରି ଲାଗୁଚି ।

ହଜାର ବର୍ଷ କାହିଁକି ହଜାରେ ଦିନ ପୂର୍ବର କଥା ବି ନୁହେଁ । ଏବେ ତିନି ବର୍ଷବି ପୁରିନି ଅର୍ଥାତ ବର୍ତ୍ତମାନ

ଦିନ ସଖ୍ୟା ବି ହଜାରେ ପର୍ଯ୍ୟନ୍ତ ପହଂଚିନି । ତା'ର ଭଲରକମ ମନେ ଅଛି । ଦିନେ ରାତିରେ ଶୋଇବା ଆଗରୁ ରାମଣ୍ଡାର କୋଠରୀକି ତାର ଯିବା, ବହି ଆଲମାରିରୁ ବହି ଖୋଜିବା, ସେଠି ତା'କୁ ବଳପୂର୍ବକ ଆଲିଂଗନ କରି ରାମଣ୍ଡା ଚୁମା ଦବାରୁ ତା'ର ହୋସ୍ ଆସିବା, ଦେହ ସାରା ଝାଳ ଗମ୍ ଗମ୍ ହୋଇଯିବା, ଲାଜ ହେତୁ କ୍ଲାନ୍ତ ହୋଇ ସେଠୁ ପଳେଇ ଆସିବା । ହଁ, ସେଇ ରାତିରେ କୋଠରୀ ଆସିବା ମାତ୍ରେ ସେ ଭୟ ଆଉ ସୁଖ ଏଇ ଦୁଇ ଭାବନାରେ ବୁଡି ଯାଇଥିଲା । ସେ ଏ କଥା ବୁଝିଥିଲା କି ନାହିଁ କେଜାଣି, କିନ୍ତୁ ରାମଣ୍ଡା ଆଲିଙ୍ଗନ କରି ତାକୁ ଚୁମା ଦବା କଥା ମନେ ପଡିଲେ ତା' ଦେହ ଶିହରି ଉଠିଥିଲା । ମୁହଁ ପ୍ରସନ୍ନତାରେ ଉଜ୍ଜ୍ୱଳ ଦିଶୁଥିଲା । ନିଜ କୋଠରୀକୁ ଦୌଡି ଆସି ସେ ବିଛଣାରେ ବସିଲା ଆଉ ସେମିତି ଶୋଇପଡିଲା । ଆଲୁଅ ବି ଲିଭେଇଲାନି, କାରଣ ତା'ର ଡର ଥିଲା କାଳେ ଯଦି ରାମଣ୍ଡା ଆସିଯାଏ । ଟିକେ ସମୟ ପରେ ତା'ର ଆସିବାର କୌଣସି ସମ୍ଭାବନା ନ ଦେଖି ସେ ନିରାଶ ବୋଧ କଲା । କବାଟ ପର୍ଯ୍ୟନ୍ତ ଗଲା । ମାତ୍ର କବାଟ ଖୋଲି ବାହାରକୁ ଚାହିଁବା ପାଇଁ ସାହସ ତା'ର ନ ଥିଲା । ସେଠୁ ଫେରି ବିଛଣା ଆଡକୁ ଗଲା । ଯାଉଁ ଯାଉଁ ଥରେ ମୁହଁ ବୁଲାଇ ଅନାଇଲା, କବାଟ ଖୋଲିବାର ଶବ୍ଦ ଆସିଲାନି ତ ! ମନ ଓ ଦେହ ଦୋଳି ପରି ଝୁଲି ଝୁଲି ଥକି ଯାଇଥିଲା । ସେ କେତେବେଳେ ଶୋଇଗଲା ତାକୁ ଜଣାବି ପଡିଲାନି । ସକାଳେ ନିଦ ଭାଙ୍ଗିବା ମାତ୍ରେ ଭୟରେ ଚାରିଆଡକୁ ଚାହିଁଲା -- ସବୁ ଯେମିତି ରହିଚି । ରାମଣ୍ଡା ସହିତ ସମ୍ପର୍କର କୌଣସି ଚିହ୍ନ ରହିନି ।

ରାମଣ୍ଡା ସହ ଭେଟ, ସେ ବିଷୟରେ ଭାବନାର ଅନୁଭୂତିକୁ ଠିକ୍ ଭାବେ କଳ୍ପନା କରି ନ ପାରିବାରୁ ତା ପରଦିନ ବହୁ ସମୟ ପର୍ଯ୍ୟନ୍ତ ସେହି ସ୍ମୃତି ତାକୁ ହଇରାଣ କଲାନି । ମାତ୍ର ଗୋଟେ କଥା ଏ ପର୍ଯ୍ୟନ୍ତ ତା' ଆଖି ଆଗରେ ଯେମିତି ନାଚି ଯାଉଥିଲା । ସେଦିନ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଘର କାମରେ ଯେମିତି ଉତ୍ସାହ ଦେଖାଇଲା ଏବଂ ଯେମିତି ପରିଶ୍ରମ କଲା ସେମିତି ସେ ଆଗରୁ କେବେ କରି ନ ଥିଲା । ଏମିତି କାମ କରିବାରେ ତା'ର ଆନନ୍ଦ ବରଂ ବଢିଲା, ଥକା ଜମା ଲାଗିଲାନି । ସରଳା ବିଛଣାରେ ପଡିବା ପରେ ରୋଷେଇ ଘରର ସବୁ ଦାୟିତ୍ୱ କୁମୁଦ ବୁଝୁଥିଲା । ବାକି ସବୁ କାମପାଇଁ ଚାକର ଥିଲା । ଧୁଆ ପୋଛା କରିବା ପାଇଁ ଗୋଟେ ମାଇକିନା ଥିଲା । କିନ୍ତୁ ସେ ଦିନ କୁମୁଦ ରୋଷେଇ ଛଡା ଘରର ଆଉ କେତେକ କାମ କରିପକାଇଲା ।

ସେଇଠୁ ସରଳା ଅପା କହିଲା, " କଣ କୁମୁଦ, ମୋ ପାଖରେ ଚୁପ୍ ଚାପ୍ ବସି ଟିକେ ଆରାମ କରୁନୁ କାହିଁକି ?"

ଏ କଥା ଶୁଣି ସେ କହିଲା, " କେହି ଦେଖିଲେ କ'ଣ କହିବ ? "

କୁମୁଦର ମନ କଥା ବୁଝି ନ ପାରି ସରଳା କହିଲା, "ଦେଖିଲାବାଲା କିଏ ଅଛି ? କେହି କିଛି କହିବ ବି କାହିଁକି ?"

ସେ ଥଟ୍ଟାରେ କହିଲା "ଦେଖିଲାବାଲା କିଏ ଅଛି ମାନେ ? ସ୍ତ୍ରୀ ବିଛଣା ଧରିବା ପରେ ଘରଟେ ବି ଠିକ୍ ନାହିଁ, ଖଣ୍ଡେ ଲୁଗା ବି ନାହିଁ । ଏ କଥା କେହି ଯଦି କହେ ତେବେ କ'ଣ ଭଲ ଲାଗିବ ଅପା ?"

"ଆରେ ଛାଡ ସେ କଥା, ତୋତେ କ'ଣ କାମ କରେଇବା ପାଇଁ ଏ ଘରକୁ ଆଣିଛି ?"

"ଆରେ ! ଇଏ କ'ଣ ଅପା ? କାମ କରେଇବାକୁ ଆଣିଛୁ ବୋଲି ତ କେହି କହୁନି ! ହେଲେ ତୁ ଭଲଥିଲା ବେଳେ ଘର କେମିତି ସଫା ସୁତୁରା ରହୁଥିଲା, ଏକଥା ମୁଁ କ'ଣ ଜାଣିନି ? ମୋତେ ଏଠିକି ଆଣି

ଖୁଏଇ ପିଏଇ ଚୁପ୍ ଚାପ୍ ବସେଇ ରଖିଲେ ଭଉଣୀକୁ କିଛି ଶିଖେଇନି ବୋଲି ତୋତେ ହିଁ ତ ଲୋକ କହିବେ । ଘର ଅଳିଆ ଅସନା ହୋଇ ପଡି ରହିଲେ ଲୋକ କଣ ନ କହି ଛାଡିବେ ?'' ଏ ପର୍ଯ୍ୟନ୍ତ ଯାହା ଭାବି ଥିଲା ସେସବୁ ଏହି ଭଳି କୁମୁଦ ମୁହଁରୁ ବାହାରି ଗଲା ।

ସେତେବେଳେ ସରଳା କେତେ ଖୁସୀ ହୋଇଥିଲା ? ସେ ଖୁସିକୁ ନିଜ ଭିତରେ ରଖି ନ ପାରିବାରୁ ତା'ର ଆଖି ଛଳ ଛଳ ହୋଇଗଲା । ଗଳା ରୁଦ୍ଧ ହୋଇଗଲା ଯେ ପାଟିରୁ କଥା ବାହାରିଲାନି । ସେ ହାତଠାରି ବିଛଣା ପାଖକୁ ଡାକିଲା । ସେତେବେଳେ ସେ ଯଦି ସେଠିକି ଚାଲି ଯାଇଥାନ୍ତା, ତେବେ ନିଜର ଲୁହକୁ ସେ ଅଟକେଇ ପାରି ନଥାନ୍ତା । ଏଣୁ ''ଯାଉଚି ରହ ଟିକେ କାମ ବାକି ଅଛି । ପରେ ସଞ୍ଜ ପର୍ଯ୍ୟନ୍ତ ତୋ ପାଖରେ ବସି ଗପ କରିବି'' କହି ପୁଣି କାମରେ ଲାଗିଗଲା ।

ସେଦିନ କୋଠରୀର ସବୁ ଜିନିଷ ବାହାରକୁ କାଢି, ଧୂଳି ଝାଡି ସଜେଇ ଦେଲା । ବିଶେଷ କରି ଭାମଣ୍ଡା କୋଠରୀର ବହି ଓ ଲୁଗାପଟା ଭଲ କରି ରଖିଲା । ରୋଷେଇ ଘରେ ହାଣ୍ଡି ଓ ବାସନକୁସନ ସବୁ ଯଥା ସ୍ଥାନରେ ରଖିଲା । ଲଣ୍ଠନ ଆଉ ଲ୍ୟାମ୍ପ କାଚ ସବୁ ସଫା କଲା । ପଲଙ୍କ ଉପରୁ ବିଛଣା କାଢି, ପଲଙ୍କ ଝାଡିଲା ଏବଂ ବିଛଣା ବିଛେଇ ଲୋଟା କୋଚା ଅଂଶ ସବୁକୁ ଠିକ୍ କଲା । ଗୋଟେ କାମ ସରିବା ପରେ ଆଉ ଗୋଟେ କାମ ଆରମ୍ଭ କଲା । କାମ ନ କରି ଖାଲି ବସି ଥିବା ଡରକୁଳୀ ସ୍ତ୍ରୀ ପରି କରିଥିବା କାମକୁ ଆଉ ଥରେ କଲା । ଅମୁକ କାମ ଠିକ୍ ହେଉନି ବୋଲି ଯୋଉଠି ସନ୍ଦେହ ହେଲା, ତାକୁ ପୁଣି ଥରେ କଲା । ସଜ ଯାକେ କାମ କରି ଥକା ନ ଲାଗିବାରୁ ସେ ଖୁବ୍ ସନ୍ତୁଷ୍ଟ ବୋଧ କଲା । ସେ ଅନୁଭବ କଲା ଯେମିତି କି ତା ଭିତରେ ନୂଆ ଶକ୍ତି ସଂଚାର ହେଉଚି । ଶେଷରେ ସବୁକାମ ସାରି ସରଳା ପାଖକୁ ଆସିଲା । ସରଳା କୁମୁଦର ଦେହକୁ ଠାଆକୁଠାଆ ଛୁଇଁ ଦେଖିଲା । ପରେ କୁମୁଦ ପଚାରିଲା, ''କଣ ଅପା, ଦିନେ ପରିଶ୍ରମ କଲେ କାଳେ ହାତ ଗୋଡ ଘୋରି ହେଇଯିବ । ଏଯ୍ୟା ଭାବି ଡରିଗଲୁ କି ?

ସରଳା କିଛି ଜବାବ ଦେଲାନି । ହାତରେ ଛୁଉଁଥିଲା ସିନା, କିନ୍ତୁ ତା' ମନ ଆଉ କୋଉଠି ଥିଲା । କିଛି ସମୟ ପରେ ସେ ଗୋଟେ ଦୀର୍ଘଶ୍ୱାସ ନେଲା । କୁମୁଦ ଡରିଗଲା । ସେ ଭାବିଲା, ଅପା ବୋଧେ ଆଉ କ'ଣ ଚିନ୍ତା କରିଛି ! ତା'ପରେ ନିଜେ ନିଜକୁ ଉତ୍ତର ଦବା ପରି ସରଳା କହିଲା, ''ଦେଖ କୁମୁଦ ତୁ ଘରକୁ ମୋ ଠୁ ବି ଭଲ ସମ୍ଭାଳି ପାରିବୁ ।''

''ଛାଡ୍, ତୁ ସେ ବେକାର କଥାଗୁଡା ବନ୍ଦ କର ।''

''ବେକାର କମିତି ? ମୁଁ କୋଉଦିନ ଭଲା ଏତେ ଧାଁ-ଦଉଡ କରିଚି ।''

''ସବୁବେଳେ ଘରକୁ ଠିକ୍ ଭାବେ ସଜାଡି ରଖିଥିବା ଲୋକଙ୍କୁ ଧାଁ-ଦଉଡ କରିବାକୁ ପଡେନି । ଆମ ପରି ପୁନେଇଁ ପର୍ବରେ କାମ କରୁଥିବା ଲୋକଙ୍କୁ ଏମିତି କାମ କରିବାକୁ ପଡେ ।''

''ଭଲ ହେଲା । ତୁ ବି ଏ ଘରକାମ ସହିତ ଅଭ୍ୟସ୍ତ ହେଇଯିବୁ । ଭଲ କଥା ।''

''ଦିନେ ଗୋଟେ ଅଧେ ଜିନିଷ ଏଠୁ ନେଇ ସେଠି ରଖିଦେଲି ବୋଲି କେତେ ପ୍ରଶଂସା କରୁଚୁ ଅପା ?''

"ଏଇଥିପାଇଁ ତ କହୁଥିଲି । ମୁଁ କ'ଣ ଆଉ ଭଲ ହେବି ନା ଘର ସମ୍ଭାଳି ପାରିବି ?"

କୁମୁଦ ସରଳାର ମୁହଁ ବନ୍ଦ କରୁ କରୁ କହିଲା, "ଥାଉ ଅପା, ତୁ ସବୁବେଳେ କିଛି ନା କିଛି ଖରାପ କଥା ମୁହଁରୁ ବାହାର କରୁଛୁ ।"

"ମୁହଁରୁ ବାହାର ନ କଲେ କ'ଣ ଲୁଚି ରହିବ କି ? କୁମୁଦ ! ମୋ' ବେମାର କ'ଣ ଭଲ ହୋଇଯିବ ?" କୁମୁଦ ଚିଡିଯାଇ କହିଲା," ଦେଖ ତୁ ଇମିତି କହିଲେ ମୁଁ ଏଠୁ ଚାଲିଯିବି ।"

"ରାଗନା ଲୋ ଭଉଣୀ, ରାଗନା, ତୁ ଯଦି ଚାଲିଯାଉ ତେବେ ମୁଁ ଚାଲିଗଲାପରେ ଏ ଘରକୁ ସମ୍ଭାଳିବ କିଏ ?" ଏତିକି କହି କଡ ଲେଉଟେଇ ସରଳା ଲୁଗାକାନିରେ ମୁହଁ ଲୁଚାଇ ଦେଲା ।

ଏ କଥା ଶୁଣି କୁମୁଦକୁ ଟିକେ ଖରାପ ଲାଗିଲା । କଡ ଲେଉଟେଇ ମୁହଁ ଲୁଚାଇବା ପରେ ଅନେକ ସମୟ ପର୍ଯ୍ୟନ୍ତ ସରଳା ତା' ସାଙ୍ଗରେ କଥା କହିଲାନି । ଏଣୁ କୁମୁଦକୁ ଟିକେ ଡର ବି ଲାଗିଲା । ଘରକୁ ଯତ୍ନ ସହକାରେ ସଜେଇ ଥିବା ହେତୁ ତା ମନରେ ଏ ଯାଏଁ ଯୋଉ ଉତ୍ସାହ ଥିଲା ତାହା କୁଆଡେ ମିଳେଇ ଗଲା । ସେ ଭାବିଲା, ସରଳା ଅପା ଇମିତି ବ୍ୟବହାର କଲା କାହିଁକି ? ତା' କାମ କ'ଣ ତା'କୁ ଭଲ ଲାଗିଲାନି ? କିମ୍ବା – ? କୁମୁଦ ଡରିଗଲା । ସେତେବେଳ ଯାଏ ସେ କିଛି ଭାବି ନ ଥିଲା । ସନ୍ଧ୍ୟା ହେଲା ରାମଣ୍ଡାର ଘରକୁ ଫେରିବା ସମୟ ପାଖେଇ ଆସିବାରୁ, କାରଣ ସତ୍ତ୍ୱେ ମୁଣ୍ଡ ବାହାରକୁ କାଢି ଲୁଚି ଦେଖୁଥିବା ଲୋକଟି ପରି, ତା' ହୃଦୟ ନାଚିବାକୁ ଲାଗିଲା । କିଛି ଗୋଟେ ପାଇବାର ଭୋକ ତା' ଭିତରେ ଆଉଟି ପାଉଟି ହେଲା । ତାକୁ ସନ୍ଦେହ ଲାଗିଲା, ଡର ବି ଲାଗିଲା । ଗତ ରାତି କଥା ମନେ ପକାଇ ତା' ମନ ପିଲାଏ ଖେଳୁଥିବା ବଲ ପରି ନାଚିବାକୁ ଲାଗିଲା । କ'ଣ ହେଲା,ସାରାଦିନ ଖାଲି ଗତ କାଲିର ଅନୁଭବର ପ୍ରେରଣାରେ ସେ ଏତେ କାମ କରି ଦେଲା ? ତା'ର କାମ ରାମଣ୍ଡାର ପସନ୍ଦ ହବା ଉଚିତ୍ । କ'ଣ ତାଆରି ପାଇଁ ସେ ଏ ସବୁ କଲା ? ନ ହେଲେ ସେ ତା'ର ଆସିବା ବାଟକୁ ଚାହିଁ ବସିଥାନ୍ତା କାହିଁକି ? ଧୀରେ ଧୀରେ ପାଖକୁ ଆସୁଥିବା ଲୋକର ପଦ ଧ୍ୱନି ପରି ନିଜର ହୃତ୍‌ସ୍ପନ୍ଦନ ସେ ସ୍ପଷ୍ଟ ଶୁଣିପାରିଲା । ଯାହା ହେଲା ହେଲା, ସରଳା ଅପା ତାକୁ ନିଶ୍ଚୟ ସନ୍ଦେହ କରୁଚି । ନ ହେଲେ ମରିବା କଥା ଓ ମଲା ପରେ ଘର ଚଳାଇବା କଥା ତା' ମନରେ ଉଠନ୍ତା କାହିଁକି ? ହଁ, ତା'ର ବ୍ୟବହାର ଯେମିତି ହଉ ନା କାହିଁକି, ସରୋ ଅପା ମନରେ, ଅବଶ୍ୟ ସନ୍ଦେହ ସୃଷ୍ଟି ହୋଇଥିବ । ବୋଧେ ସେଇଥିପାଇଁ କଡ ଲେଉଟେଇ ଶୋଇବା ପରେ ସେ ଏ ଯାଏଁ ଉଠିକି ତା' ଆଡକୁ ବି ଚାହିଁନି । କୁମୁଦ ସତରେ ଡରିଗଲା । ରାମଣ୍ଡା ପାଇଁ ତା' ହୃଦୟରେ ଯୋଉ ସଂଘର୍ଷ ସୃଷ୍ଟି ହୋଇଚି ତାହା ଭୁଲ କି ଠିକ୍, ଏ ଚିନ୍ତା ସେତେବେଳେ ତା' ମନରେ ଆଦୌ ନଥିଲା । ସେ ଦୃଷ୍ଟି ରୁ ବା ସାମାଜିକ ନୀତି ଦୃଷ୍ଟି ରୁ ଚିନ୍ତା କରିବାର କ୍ଷମତା ତା'ର ନଥିଲା । ତା' ଛଡା, ତଳ ମହଲାରେ ନିଆଁ ଲାଗିଥିଲେ ଉପର ମହଲା ବାଲା ଡେଇଁ ପଡିଲେ ମରିବ କି ବଂଚିବ ଏ କଥା କେବେ ଭାବେନି । ତଳେ ଘର ଜଳୁଥିଲେ ଏବଂ ପାଖରେ ଝର୍କା ଥିଲେ ସେ ସ୍ୱତଃ ସେଇବାଟେ ତଳକୁ ଡେଇଁ ପଡେ । ପ୍ରାଣ ହିଁ ସବୁ ଠାରୁ ବଡ । କୁମୁଦ ପକ୍ଷରେ ଏହା ବୁଝିବା ସମ୍ଭବ ନଥିଲା । ଜାଣିଥିଲେ ବି ସେ କିଛି କରିବାକୁ ସମର୍ଥ ନ ଥିଲା । ଉପରେ ବିଷୟଟି ଥିଲା କୁମୁଦର ଚିନ୍ତାର କାରଣ । ତାର ଚିନ୍ତାର ବିଷୟ ଥିଲା ଯେ ତା' ପରି ଅନାଥିନୀକି ଆଣି ପାଳି ପୋଷି ବଡ କରିଥିବା ସରଳା ଅପା ତା' ଉପରେ ଯଦି ରାଗ କରେ, ତା'ହେଲେ ? ଏଇ ଥିଲା ତା'ର ଭୟ । ସେଥିପାଇଁ

ସେ ରାମଣ୍ଡାର ଆସିବା କଥା ଚିନ୍ତା କରି ଡରୁଥିଲା । ରାମଣ୍ଡା ଆସିଲେ ସରଳା ଅପା ଯଦି ତା'କୁ ସବୁକଥା କହିଦିଏ, ତେବେ ! ତା' ଉପରେ ଈର୍ଷା ରାଗସବୁ ଯଦି କହି ପକାଏ ! ତାକୁ ମନେହେଲା ସେ ବିଷୟରେ ସେ କିଛି ଚିନ୍ତାକରି ପାରିବନି । ତେଣୁ ସେଠି ରହିବା ଉଚିତ୍ ନୁହେଁ । ଏଣୁ ସେ ସେଠୁ ଆପଣା କୋଠରୀକି ଚାଲିଗଲା । ତେବେ ବି ରାମଣ୍ଡା ଆସିବାର ଶବ୍ଦ ହେଲା ମାତ୍ରେ ସେ ନିଜକୁ ସଂଯତ କରିପାରିଲାନି । ରାମଣ୍ଡା ବିରକ୍ତ ହୋଇ ଗର୍ଜି ଉଠିବ ଭାବି ସେ କିଛି ସମୟପାଇଁ ନିଜକୁ ସଂଯତ କରିନେଲା । କିନ୍ତୁ ରାମଣ୍ଡାର ଠୋ ଠୋ ହସ ଶୁଣି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲା । ସେ ସେମାନଙ୍କ କଥାବାର୍ତ୍ତା ଶୁଣିବାପାଇଁ ଆଗ୍ରହୀ ହୋଇ ଉଠିଲା । ମାତ୍ର ବାହାରକୁ ଯିବାକୁ ତା'କୁ ଡର ମାଡୁଥିଲା । ଏଣୁ ରାମଣ୍ଡାର ହସର ପ୍ରକୃତ କାରଣ ସେ ବୁଝି ପାରିଲାନି । ରାମଣ୍ଡା ସରଳା ଛଳରେ ଡାକିବାରୁ ଶେଷରେ ତାକୁ ଯିବାକୁ ହିଁ ପଡିଲା । ଯାଇ ସରଳା ଆଗରେ ଠିଆ ହବାରୁ ତା'ର ମନେ ହେଲା ସତେ ଯେମିତି ତା' ଗୋଡ ଦି'ଟା ପଥର ପାଲଟି ମାଟିରେ ଧସିଯାଉଚି । ଚାଲୁ ଚାଲୁ ସେ ନିଜେ ମାଟିରେ ଧସିଯିବା ପରି ଅନୁଭବ କଲା ।

କୁମୁଦ 'ହୁଁ' ମାରି ଆଖି ମେଲାଇ ଦେଖିଲା, ହାତରେ ତାର ବହି ଓ ସେ ଚୌକିରେ ବସିଚି । ସେ ଦୀର୍ଘଶ୍ୱାସ ନେଲା । ସେଦିନର ସ୍ମୃତିକି ମନେ ପକେଇ ତା'କୁ ଅନୁଭବ କରୁଁ କରୁଁ ତା' ଆଖି ଆଗରେ ଅନ୍ଧାର ଛାଇଗଲା । ସେ ଘଡି ଦେଖିଲା - ରାତି ସାଢେ ନ'ଟା ବାଜିଚି । ଯା' ହଉ ଶୋଇବାକୁ ଚାହୁଁଥିଲା ନା ? ଭଲ ହେଲା, ପୁରୁଣା ସ୍ମୃତି ସବୁର ସିନେମା ଦେଖା ହେଲା ଭାବି ଦୁଃଖରେ ଓଠ ବିଚିକେଇ ସେ ନିଜ କୋଠରୀକି ଗଲା ।

7

ରାମଣ୍ଡାର ସ୍ଥିତି ଥିଲା କାଦୁଅରେ ବୁଡି ଯାଇଥିବା ଲୋକ ପରି । ସ୍ତ୍ରୀର ଫଟୋ ଆଗରେ ବସିଲେ ପୂର୍ବର ସ୍ମୃତି ସବୁକୁ ଅଟକେଇବାକୁ ସେ ଅସମର୍ଥ ହଉଥିଲା । ଗୋଟେ ସ୍ମୃତି ଆଉ ଗୋଟେ ସ୍ମୃତିକୁ ଜନ୍ମ ଦେଉଥିଲା । ସେ ସବୁ ଭିତରେ ଏକ ମାତ୍ର ଚିନ୍ତା ଥିଲା, ସରଳା ମରିଯିବା ପରେ କେମିତି ଗୋଟେ ଅସ୍ୱସ୍ତି ବୋଧ ହେଉଚି । ମାତ୍ର ସେଇ ଅସ୍ୱସ୍ତିଟା କଣ ସେ କିନ୍ତୁ ଠିକ୍ କରି ପାରିଲାନି । ଏ ପର୍ଯ୍ୟନ୍ତ ସେ ମୁହଁରେ କହିବି ନ ଥିଲା । କିନ୍ତୁ ଚିନ୍ତା ପ୍ରସଙ୍ଗରେ ସରଳାର ଫଟୋକୁ ସମ୍ବୋଧନ କରି, " ମୋ ଜୀବନର ସମସ୍ୟା ସବୁକୁ ହାଲୁକା କରିବା ପାଇଁ ସାନ୍ତ୍ୱନା ଦେଉଚ ?" କହି ସେ ଫଟୋ ଆଡକୁ ଚାହିଁଲା । ଯେତେବେଳେ ଏଇ ଶବ୍ଦ ଗୁଡିକ ଆସ୍ତେ ଆସ୍ତେ ତା' ମିଜାଜ୍‌କୁ ଛୁଇଁଲା, ସେ ପ୍ରଥମଥର ପାଇଁ କ୍ଲୋରୋଫର୍ମରୁ ଉଠିଲା ପରି ଉପଲବ୍ଧି କଲା, କୁମୁଦ ଯେ ତା ପାଇଁ ଏକ ସମସ୍ୟା, ଏ କଥା ସେ ଏ ପର୍ଯ୍ୟନ୍ତ ଅନୁଭବ କରି ନ ଥିଲା । ବହୁ ବର୍ଷ ଧରି ତା ଘରେ ରହିବା ଫଳରେ କୁମୁଦ ତା ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ହଁ; ପ୍ରଥମେ ସେ ଯେତେବେଳେ ତା ଘରକୁ ଆସିଲା, ସେତେବେଳେ ଗୋଟେ ଛୋଟ ଝିଅପରିକା ଲାଗୁଥିଲା । ସେଇ ଚିତ୍ର ତା' ମନରେ ସ୍ଥିର ହୋଇ ରହିଥିଲା । ବୟସ ବଢିବା ସଙ୍ଗେ ସଙ୍ଗେ କୁମୁଦ ଅଳ୍ପ ସମୟ ମଧ୍ୟରେ ପୂର୍ଣ୍ଣ ବିକଶିତ ସ୍ତ୍ରୀଟିଏ ପାଲଟି ଯାଇଥିଲା । ସରଳା ସାଥୀରେ ଥିବା ହେତୁ ସେ ବୋଧହୁଏ କୁମୁଦର ବିକାଶ ଲକ୍ଷ୍ୟ କରି ପାରି ନ ଥିଲା, ବେଳେ

ବେଳେ ଛୋଟ ଝିଅଟିଏ ଭାବି ସେ ତା' ସାଥିରେ ଥଟ୍ଟା ତାମସା କରୁଥିଲା । ଏହାଛଡା ସେ କେବଳ ସରଳା ପାଖରେ ବସିବା ବେଳେ ହିଁ ତାକୁ ଦେଖୁଥିଲା । ଏଇ ସବୁ କାରଣରୁ କୁମୁଦ ବିଷୟରେ ତାର କୌଣସି କୌତୁହଳ ନ ଥିଲା । ଏ ପ୍ରକାର ପରିସ୍ଥିତିରେ ସେହି ଘଟଣାଟି ଅକସ୍ମାତ ଘଟି ଯିବା ଫଳରେ ସେ ଚକିତ ହେଲା । ମନ ତାକୁ ମାନିବାକୁ ପ୍ରସ୍ତୁତ ନ ଥିଲେ ବି ଟିକେ ସଙ୍କିତ ହୋଇଥିଲା । ସେ ଦିନ ଆଉ ସେ ଘଟଣାକୁ ସେ କେବେ ଭୁଲି ପାରିବନି । ପ୍ରକୃତରେ ଦେଖିବାକୁ ଗଲେ ସେ ଦିନ ଓ ଅନ୍ୟଦିନ ମାନଙ୍କ ଭିତରେ କିଛି ପାର୍ଥକ୍ୟ ନ ଥିଲା । କୁମୁଦ ବେଳେ ବେଳେ ତା ରୁମ୍‌କୁ ଆସୁଥିଲା । କେତେଥର ସେ ଲେଖୁଥିଲା ବେଳେ ତା ପାଖକୁ ଆସି, ଠିଆ ହୋଇ କଥାବାର୍ତ୍ତା କରେ, ବହି ନିଏ ତ ବହିର କାହାଣୀ ବୁଝିବା କଷ୍ଟକର ହେଲେ ତାର ପ୍ରଥମାଂଶ ତାଠୁ ଶୁଣିକି ଯାଏ । ଆଉ କେତେ ଥର ସେ ନିଜେ ତାକୁ ରାମାୟଣ, ମହାଭାରତର କାହାଣୀ ସବୁ ଶୁଣେଇଚି । ଏ ସବୁ ସତ । ହେଲେ 'ସତ' ବୋଲି କେମିତି କୁହାଯିବ ? କେବଳ ଥରଟିଏ ଅକସ୍ମାତ୍ ହାତରେ ହାତ ଛୁଇଁଯିବା ଫଳରେ ଓ ତୁରନ୍ତ ଆଖିରେ ଆଖି ମିଶିଯିବା ହେତୁ ସେ ସ୍ୱପ୍ନ ଦେଖିଥିବା ଲୋକପରି ସବୁକିଛି ଭୁଲି ଯାଇଥିଲା । ସେଇ ମୁହୂର୍ତ୍ତରେ ତାକୁ କୁମୁଦ କେମିତି ଅଲଗା ଅଲଗା ଲାଗିଲା । ବୟସରେ, ଜ୍ଞାନରେ, ଅନୁଭବରେ ସେ ଥିଲା ବଡ । ତେଣୁ କୁମୁଦ ଯେତେ ବଡ ଦିଶିଲେ ବି ତା ପାଇଁ ଥିଲା ଝିଅଟିଏ । ଏୟା ଭାବି ନିଜକୁ ସାନ୍ତ୍ୱନା ଦେଇଥିଲା, ହେଲେ ଏଥିରେ କଣ ହବ ? ସେଦିନ ରାତିରେ ଆଗପରି ସେ ଯେତେବେଳେ ବହି ନବା ପାଇଁ ଆସିଲା, ଆଲମାରି ସାମ୍ନାରେ ସେ କଣ ତା ସାଥିରେ ପଶୁ ପରି ବ୍ୟବହାର କରିନି ? ଦି ତିନି ବର୍ଷ ପରେ ଆଜି ଏକ ପରିବର୍ତ୍ତିତ ମନୋସ୍ଥିତିରେ ସେ ବିଷୟରେ ଭାବିବା ବେଳେ ରାମଣ୍ଡା ଏହା ସ୍ପଷ୍ଟ ଉପଲବ୍ଧି କରିପାରିଲାନି ।

ସେଦିନ ସେ ତାକୁ ପୁରା ଆଲିଙ୍ଗନ କରି ଚୁମ୍ବନ ଦେଲା କାହିଁକି ? ରାମଣ୍ଡା ଅନୁଭବ କଲା ବୁଦ୍ଧି ଯେତେ ପରିପକ୍ୱ ହେଲେ ବି ମନ ସୁସଂସ୍କୃତ ନ ହେଲେ ଦେହ ଉପରେ ନିୟନ୍ତ୍ରଣ କଦାପି ସମ୍ଭବ ନୁହେଁ । ମନରୂପକ ମାଙ୍କଡକୁ ବଶ କରିବା ଅସମ୍ଭବ । ଦାସମାନଙ୍କ (ସନ୍ଥକବି) ଏ ଉକ୍ତି କେତେଦୂର ସତ୍ୟ ? ସେମାନଙ୍କୁ ଶରୀରର ଏ ରହସ୍ୟ ବୋଧ ଜଣା ନ ଥିଲା । ମନକୁ ସଂଯତ କରିବା ସଂଭବ, ବୁଦ୍ଧିମାନ ଲୋକକୁ ବୁଝେଇବା ସଂଭବ । ମାତ୍ର ଦେହକୁ କିମିତି ସଂଯତ କରାଯିବ ? 'ଜ୍ଞାନିଲବଦୁର୍ବିଦଗ୍ଧଂ ବ୍ରହ୍ମାପି ନରଂ ନ ରଞ୍ଜୟତି', ଏ କଥା ମିଛ ନୁହେଁ । ଦେହଟା ମୂର୍ଖ; କିଛି କହିଲେ ବୁଝିପାରିବନି । ଦେହଟା ପଶୁ ; ନିସର୍ଗର ହିଁ ବୋଲ କରେ । ଗଛଲତା ପରି ଦେହ ଜନ୍ମ ହବାପରେ ବଢି ବଢି ଯାଏ । ଏମିତି ଦେହର ଶକ୍ତି ସେଦିନ ତା'ର ବୁଦ୍ଧି ଓ ମନକୁ ଜୟ କରିନବା ବିଚିତ୍ର ନୁହେଁ । ଏ ଦେହ ନିଜେ ଜନ୍ମ ନେଲେ ବି ଅନ୍ୟମାନଙ୍କୁ ଜନ୍ମ ଦିଏ । ଏହା ଦେହର ସ୍ୱାଭାବିକ ଗୁଣ । ସେଦିନ ରାତିରେ ତା' ଦେହ ମଧ୍ୟ ଏମିତି କରିଥିବ । ସରଳା ବିଛଣା ଧରିବାପରେ ଦେହର ଭୋକ ବଢିଥିବ । ସରଳାର ପାଖରେ ବସିବା, ତା' ହାତକୁ ଛୁଇଁବା, ତା ସାଥିରେ କଥାବାର୍ତ୍ତକରିବା, ଏ ପ୍ରକାର ସଂପର୍କର ନିବିଡତାରୁ ସେଇ ଭୋକ ଜାଗି ଉଠିଥିଲା ; ମାତ୍ର ଶେଷ ହୋଇ ନ ଥିଲା । ନ ହେଲେ ପ୍ରଥମଥର ଖାଦ୍ୟ ଉପରେ ନଜର ପଡିବା ମାତ୍ରେ ଚିଲ ପରି ସେ ତା ଉପରକୁ ଝପ ମାରି ନଥାନ୍ତା । ସେ ଦିନ କୁମୁଦକୁ ପ୍ରଥମଥର ଆଲିଙ୍ଗନ କରିବାରୁ ତା'କୁ ବି ଆଶ୍ଚର୍ଯ୍ୟ ଲାଗୁଥିଲା । ଜୋରରେ ଭିଡି ଧରି ତା' ମଥା, ଓଠ, ଆଖି, ଗାଲ, ଚିବୁକ, କାନ୍ଧ ଓ ଛାତିରେ ବାରଂବାର ଚୁମ୍ବନ କରିବା ସମୟରେ ତା'କୁ ସେ ରାକ୍ଷସପରି ଲାଗିଥିବ ! ଏଇଥିପାଇଁ ବିଚାରୀ ଡରରେ ପଳେଇଲା ।

କୁମୁଦ ତା'ର ବାହୁବନ୍ଧନରୁ ନିଜକୁ ମୁକ୍ତ କରି ଚାଲି ଯିବା ପରେ ରାମଣ୍ଡାର ହୋସ ଆସିଲା । ସେ କ'ଣ

କରୁଚି, ପ୍ରଥମେ କିଛି ଜାଣିପାରି ନଥିଲା । ଦେହରୁ ଝାଳ ବହିବାପରେ ଜର ଓହ୍ଲେଇଗଲା ପରି ଲାଗିଲା, ତା' ପରେ ତା'ର ହୋସ୍ ଆସିଲା । ସେତେବେଳେ ଯାଇ ସେ ନିଜର ଭୁଲ୍ ବୁଝିଲା । ଏକ ପକ୍ଷରେ ବିଛଣାରୁ ବି ଉଠିବାକୁ ଅସମର୍ଥ ସରଳା ପ୍ରତି ବିଶ୍ୱାସଘାତକତା ଏବଂ ଅନ୍ୟପକ୍ଷରେ ଆଶ୍ରୟ ଦେଇ ତା'ର ପ୍ରତିଦାନ ମାଗିବା ପରି କୁମୁଦ ପ୍ରତି ଅନ୍ୟାୟ । ଏ ଚିନ୍ତା ଆସିବା ମାତ୍ରେ ରାମଣ୍ଡା ମୁହଁରେ ଏକ ତିରସ୍କାର ଭରା ହସ ଖେଳିଗଲା । ମାନବ-ସଂସ୍କୃତିରେ କେତେ ଆତ୍ମ-ପ୍ରବଂଚନା ରହିଚି ! ସତ୍ୟକୁ ଲୁଚେଇ ରଖିବା ହିଁ ବୁଦ୍ଧିମତ୍ତା । ଏସ୍ବାକୁ ପ୍ରମାଣ କରିବାଲାଗି ଏହା କେତେ ସୁନ୍ଦର ଦୃଷ୍ଟାନ୍ତ ସତେ ! ବିଶ୍ୱାସଘାତକତା ଓ ଅନ୍ୟାୟ, ଏଇ ଶବ୍ଦ ଦୁଇଟି ସେ ଉଚ୍ଚାରଣ କଲା । କିନ୍ତୁ ସେ ଦୁଇଟି ଶବ୍ଦ କଳ୍ପନାକୁ ଜନ୍ମ ଦଉଥିବା ସାଧନ ମାତ୍ର । ସେଇ ଶବ୍ଦ ଦୁଇଟି ଦ୍ୱାରା ତାର ସୁସଂସ୍କୃତ ବୁଦ୍ଧିକି ସାନ୍ତ୍ୱନା ମିଳିଲା ସିନା, ସେଇ କଳ୍ପନାରେ ଆଦୌ ସତ୍ୟ ନ ଥିଲା । ବାସ୍ତବ ସତ୍ୟ ତା'ର ରୋମାଞ୍ଚରେ ଅଛି । ତା'କୁ ମିଳିଥିବା ମାନସିକ ଶାନ୍ତି ତା'ର ଝାଳ କଣାରେ ଥିଲା, ସ୍ମୃତି ସବୁକୁ ମନେ ପକେଇ କାମୁଡ଼ି କ୍ଷତ ବିକ୍ଷତ କରି ଦେଇଥିବା ଓଠରେ ଥିଲା, ସେଇ ଭରା ସ୍ତନର ସଂସ୍ପର୍ଶରେ ଆସିଥିବା ନିଜ ବକ୍ଷରେ ଥିଲା, ତାର ସୁଷ୍ଠୁ ବାହୁକୁ ଭିଡ଼ି ଭିଡ଼ି ଥକି ଯାଇଥିବା ଓ କୃତାର୍ଥ ମନେ କରୁଥିବା ଆପଣା ହାତରେ ଥିଲା । ଏହା କ'ଣ ପ୍ରକୃତରେ ସତ ? ରାମଣ୍ଡା ସତରେ ଡରିଗଲା । ଭୁଲ କାମ କରି ଯଦି ଜଣେ ସନ୍ତୋଷ ଲାଭ କରେ ତେବେ ତାହା କି ପ୍ରକାର ଲକ୍ଷଣ ? ସେ ଭାବିଲା, ତାହା ତାମସ ସମାଧାନ । ଛିଃ ! ପୁଣି କେବଳ ସେଇ ଶବ୍ଦ–ଛାଡ଼ ସେ କଥା । ଥରେ ଯାହା ହେଇଗଲା ଗଲା । ଦ୍ୱିତୀୟ ଥର ଯେମିତି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କ ରହିବା ଉଚିତ୍ । ଏହାତ ତା'ର ପ୍ରତିଦିନର ଅଭ୍ୟାସ ନ ଥିଲା କି ସେ ଜାଣିଶୁଣି ଏମିତି କରି ନ ଥିଲା । ଏଇନେ ଏ ସବୁ ଚିନ୍ତା ସେ କାହିଁକି କରୁଚି ? ଏହା ଭାବି ସେ ନିଜ କାମରେ ଲାଗିଗଲା ।

ମାତ୍ର ତା'କୁ ଭୁଲିବା ସଂଭବ ହେଲାନି । କୌଣସି କାମରେ ତା'ର ମନ ଲାଗିଲାନି । ଯେତେ ଚେଷ୍ଟା କଲେ କ'ଣ ହବ ? କୁମୁଦକୁ ଆଲିଂଗନର ସ୍ମୃତିକି ରୋମନ୍ଥନ କରିବା ଲାଗି ତା' ମନ ବ୍ୟାକୁଳ ହଉଥିଲା । ଶେଷରେ ସେ ଚିଡ଼ିଗଲା । ନିଜେ ନିଜକୁ ଗାଳି ଦେଲା । କିନ୍ତୁ କିଛି ଲାଭ ହେଲାନି । ନିଜର ଭୁଲକୁ ସ୍ୱୀକାର କରିନେଲେ ମନ ଆୟତ୍ତରେ ଆସିଯିବ ଭାବି ସେ କୁମୁଦକୁ କ୍ଷମା ମାଗିବା ଲାଗି ସ୍ଥିର କଲା । ଏଥିପାଇଁ ତା' କୋଠରୀ ଆଡ଼କୁ ଗଲା । ପୁଣି ଅଟକିଲା । ତା' ମନରେ ସନ୍ଦେହ ହେଲା, ସେ କ୍ଷମା ମାଗିବାକୁ ଯାଉଚି ନା ଦେହର କ୍ଷୁଧା ମେଣ୍ଟେଇବାକୁ ? ନିଜକୁ ସଂଯତ କଲା । ବିଚାରୀ କୁମୁଦ ! ଯାହା ହେଲେ ବି ସେ ଆଶ୍ରିତ, ବୟସରେ ସାନ, ଆଉ ମତେ ଆଦର କରେ, ବିଶ୍ୱାସ କରେ । ବୋଧେ ଖୁବ୍ ଡରି ଯାଇଥିବ । କ'ଣ ଭାବିଥିବ ? ତା'କୁ ସାନ୍ତ୍ୱନା ଦବା ଚିନ୍ତା ମନରେ ଉଠିବା ପୂର୍ବରୁ ତା' ହାତ ଦି'ଟା କୁମୁଦର ଦେହକୁ ଛୁଇଁବା ଲାଗି ବ୍ୟାକୁଳ ହେଇ ଉଠିଚି । ତା' ପରେ ପାଦେ ପଛେଇ ଆସିଲା । ସେ ହତାଶ ହୋଇ ପଡ଼ିଲା, ନିଜ ଉପରେ ତାକୁ ରାଗ ମାଡ଼ିଲା, ଏହା ଏକ ଅପମାନଜନକ କଥା ବୋଲି ଭାବି ସେ ଭିତରେ ଭିତରେ ଗର୍ଜିବାକୁ ଲାଗିଲା । ତା'ର ଶିକ୍ଷା, ସଂସ୍କୃତି ସବୁ କୁଆଡ଼େ ଗଲା ? ତା' ମନରେ ଏ ପ୍ରକାର ଚିନ୍ତା ତାଣ୍ଡବ ନୃତ୍ୟ କାହିଁକି କରୁଚି ? ପୁଣି ଚିନ୍ତା କଲା, ଏସବୁପାଇଁ ରୁଗ୍‌ଣା ସରଳା ହିଁ ଦାୟୀ । ତା'ପରେ ନିଜ ଆଗରେ ସେ ଯୁକ୍ତି ବାଢ଼ିଲା ଯେ ଏ ପ୍ରକାର ଚିନ୍ତା ଆଗରୁ କେବେ ତ ଆସୁ ନ ଥିଲା । ଏ ସବୁ କୁମୁଦର ସାନ୍ନିଧ୍ୟ ହେତୁ ହିଁ ହେଲା । ନିଜର କାମି ଜୀବନ ସକାଶେ ସେ ଉପହାସର ଶିକାର ହେଇଗଲା, ଏହା ଭାବି ସେ ଯନ୍ତ୍ରଣାରେ ଛଟପଟ ହେଲା । ସେ କାହାଣୀ ତ ସେଇଠି ସମାପ୍ତ ହେଇଥିଲା ! କିନ୍ତୁ ଦି' ତିନି ବର୍ଷ ପରେ ଆଜି ରାମଣ୍ଡା ସ୍ୱୀକାର କଲା ଯେ ତାହା ସମାପ୍ତ ହେଇ ନ ଥିଲା । ସେମିତି ଛଟପଟ ହେଇ ଯେନେତେନ ପ୍ରକାରେଣ ବିଛଣାରେ ପଡ଼ି ଯିବା ପରେ ଆଉ ଗୋଟେ ଚିନ୍ତା ତା' ମନରେ ମୁଣ୍ଡ ଟେକିଲା, ସେ ହଠାତ୍ ଉଠି ବସିଲା ଇଏ କି ପ୍ରକାର ଝଂଜଟା । ଏ କଥା ଏ

ପର୍ଯ୍ୟନ୍ତ ମନରେ କେବେ ବି ଉଠି ନ ଥିଲା । କୁମୁଦ କୁଆଡେ ଗଲା ? ନିଜ କୋଠରୀକି ନା ସରଳା ପାଖକୁ ? ସେ ଯେ ଡରି ଯାଇଛି, ଏ ବିଷୟରେ ରାମଣ୍ଡାର ସନ୍ଦେହ ନ ଥିଲା । ଡରରେ ସେ ଯଦି ସରଳା ପାଖକୁ ଖାଲିଯାଏ, ତା' ହେଲେ ? . . . . ରାମଣ୍ଡା ବସି ବସି ଏପରି କମ୍ପିବାକୁ ଲାଗିଲା, ଯେପରି କି ତା'କୁ ଖୁବ୍ ଜର ହୋଇଚି । ସେ ଚିନ୍ତା କଲା ଯାଇକି ଦେଖି ଆସିବି କି ? ସେ ଧୀରେ ଧୀରେ ଉଠି କୋଠରୀ ବାହାରକୁ ଆସିଲା । କିଛି ସମୟ ସେଇଠି ଠିଆ ହୋଇରହିଲା । ତା' ପରେ ଭାବିଲା, କୁମୁଦ ତାର କୋଠରୀରେ ଅଛି କି ନାହିଁ, ଅନ୍ତତଃ ଏତିକି ଦେଖିନେବା ଉଚିତ୍ । ସାଗେ ସାଗେ ଭୂତ ଧରିଥିବା ଲୋକ ପରି ସରଳାର କୋଠରୀ ଆଡକୁ ଦୌଡିଗଲା । କୁମୁଦର କୋଠରୀକି ଗଲେ ସେ କ'ଣ କରିବସିବ, ତା'ର ଠିକ୍ ଠିକଣା ନାହିଁ । ନିଜ ଉପରେ ତା'ର ବିଶ୍ୱାସ ନ ଥିଲା । ତେଣୁ ସେ ଭୟରେ ସରଳା ପାଖକୁ ଯିବାକୁ ଠିକ୍ କଲା । ଘରେ ଭୂତ ବାହାରିଲେ ଡରୁଆ ଲୋକ ଅନ୍ଧାରରେ ବାହାରକୁ ଯି କୁ ସାହସ କରେନି । ସେ ଯାହା ହେଉ, ସରଳାର କୋଠରୀରେ କିଛି ସୋର ଶବ୍ଦ ଶୁଣା ଯାଉ ନ ଥିଲା । କିଏ ଜାଣେ ? ତା' ଡରରେ କୁମୁଦ ଯଦି ସରଳା ପାଖରେ ଶୋଇଥାଏ, ତା' ହେଲେ ? ଦେଖିନେବା ଉଚିତ୍, ଏହା ଭାବି ଧୀରେ ଧୀରେ ସରଳାର କୋଠରୀର କବାଟ ଖୋଲିଲା ।

"କିଏ ?"

ସରଳାର ସ୍ୱର ଶୁଣି ସେ ଚମକି ପଡିଲା । ସେ ବୋଧେ ମନରେ ଭାବିଥିଲା । ଏଇନେ କୌଣସି କଥା କହିଲେ ଆହୁରି ଦି'ପଦ ଶୁଣିବାକୁ ହେବ । ସେଥିପାଇଁ ଚୋରି କରୁଁ କରୁଁ ଧରାପଡିଥିବା ଚୋର ପରି ସେ ଡରିଗଲା । କହିଲା -- "କିଏ ? ହଁ, କେହିନାହିଁ । ମୁଁ ।"

"କ'ଣ ? ଆଜି ଲେଖିବାକୁ ମନ ହେଉନି କି ?"
ରାମଣ୍ଡାକୁ କଟା ଘା'ରେ ଲୁଣ ଛାଡିବା ପରି ଲାଗିଲା ।

"ନା, ଲେଖୁଥିଲି, ତମ ପାଟି ଶୁଭିଲା ପରି ଲାଗିଲା । କିଛି ଦରକାର ଥିବ ଭାବି ପଚାରିବାକୁ ଆସିଲି ।"

"ଆଚ୍ଛା, ମତେ ଗୋଟେ କ'ଣ ଶୁଭିଲା । . . . . କୁମୁଦ ଶୋଇଲାଣି କି ନାହିଁ ?"

"ମୁଁ ଦେଖିନି, ଲେଖୁଥିଲି । ତା'କୁ ଡାକିବି ?"
ଏଇ ଶେଷ କଥା ପଦକ ମୁହଁରୁ ବାହାରିବା ମାତ୍ରେ ସେ ଉପଲବ୍ଧି କଲା, ତାର ଜିଭ କାଟିଦବା ଉଚିତ୍ ।

"ତାକୁ କାହିଁକି ଡାକିବ ? ବିଚାରୀ ପିଲାଟେ -- ଶୋଇଥାଉ ।"
"ତମର କାଳେ କିଛି ଦରକାର ଥିବ, ଏଥିପାଇଁ କହୁଥିଲି ।"
ଏ କଥା ଶୁଣି ସରଳା ଟିକେ ହସିଲା ।

"ମୋର କ'ଣ ଦରକାର ? ତମେ ଅଛ, କୁମୁଦ ଅଛି । ଦି' ଜଣ ମିଶିକି ଘର ଚଳେଇ ନବ । ମୋର

ଆଉ କିଛି ଚିନ୍ତା ନାହିଁ । ବାସ୍, ଏବେ ଖାଲି ଆଖି ବୁଜିବା କଥା ।"

ନା, ମେଘ ଗର୍ଜନ ନୁହେଁ । ସେଇଟା ତା' ହୃତ୍‌ସ୍ପନ୍ଦନର ଶବ୍ଦ । ରାମଣ୍ଣାର ହୃଦୟ ଏଇ କଥାରେ ଭାଙ୍ଗି ଚୁରମାର ହୋଇଗଲା । ଏ କଥା କାହିଁକି ? ସରଳା ଜାଣି ପକେଇଲା କି ? ତା'କୁ ସନ୍ଦେହ କରୁନି ତ ? ଏହା ଭାବୁଁ ଭାବୁଁ ରାମଣ୍ଣା ସରଳାର ପିଙ୍ଗା ଅଥଚ ମୁଗ୍ଧ ମୁହଁ ଆଡେ ଅନେଇଲା । ତା' ମନଟା ମଥିତ ହେଲାପରି ଲାଗିଲା । ସେ ସରଳା ପାଖକୁ ଯାଇ ତା ମଥା ଉପରେ ହାତ ଥୋଇଲା ।

"ପାଗିଳୀ ! ମୁଁ କହୁଚି, ତମେ ପାଗିଳୀ । ଖରାବିନା ଗଛଲତା ବଂଚିକି ରହିପାରିବେ ? ତମ ଖୋଲା ଆଖିର ଖରା ଥିବା ପର୍ଯ୍ୟନ୍ତ ଆମର ଜୀବନ ଆଉ ଏ ଦଉଡା ଧାପଡା ରହିଥିବ ।"

ତା' ପରେ ସରଳା ସ୍ୱାମୀଙ୍କ ହାତକୁ ନିଜ ହାତରେ ଧରି ହସିକି ପଚାରିଲା, "ଏତେ ବଡ ଲେଖକ ପାଇଁ ଏମିତି ମିଠା କଥା କହିବାରେ ଅସୁବିଧା କ'ଣ ?"

"ମିଠା କଥା ? ମୋ' କଥାରେ ମିଠା ନାହିଁ ।"
"ଆଉ କୋଉଥିରେ ଅଛି ?"
ସେଇଠୁ ରାମଣ୍ଣା ନଇଁ ପଡି ତା' ମଥାରେ ଚୁମା ଦେଲା ।
"ରସ କୋଉଠି ରହେ, ଏ କଥା ରସପାୟୀ ଭଅଁରକୁ ଜଣା । ପଦ୍ମ ଏ ସବୁ ଜାଣିବ କୁଆଡୁ ?"
ଏହା କହି ସେ ସରଳାର ଚାଦର ସଜାଡି ଦେଲା ।
"ବାପ୍‌ରେ ! ଏଇନେ ମୋର ମରିବା ଉଚିତ୍ ନୁହେଁ । କି ଭାଗ୍ୟ ମୋର !"
"କ'ଣ କହିଲ ? ଭାଗ୍ୟ ?"

ସରଳା ହସି ହସି ସେ ମଥାରେ ଚୁମା ଦେଇଥିବା ଜାଗାକୁ ଦେଖେଇଲା । ତା' ପରେ ନିଜ କୋଠରୀକି ଯାଇ ରାମଣ୍ଣା ନିଘୋଡ ନିଦରେ ଶୋଇପଡିଲା ।

ଏଇ ସ୍ମୃତି ସବୁକୁ ଅନୁଭବ କରି ରାମଣ୍ଣା ପୁଣି ଛବି ଆଡକୁ ଚାହିଁଲା । "ସରଳା ସେ ଦିନ ତମ ଭାଗ୍ୟ ବହୁତ ଭଲ ବୋଲି କହିଥିଲ । ହେଲେ ପରେ ମୋତେ ଛାଡିକି ଚାଲିଗଲ । କିନ୍ତୁ ଏତେଦିନ ଯାଏ ବଞ୍ଚିରହି ସେଇ କଥାକୁ ମନରେ ଗୁଣି ହେଉଥିବା ମୋ ଭାଗ୍ୟ ସମ୍ପର୍କରେ ତମେ କେବେ କଳ୍ପନା କରିଥିଲ ?" କହି ମନେ ମନେ ମୃତ ପତ୍ନୀର ଫଟୋକୁ ପ୍ରଶ୍ନ କଲା । ନିଷ୍ପାପ-ହୃଦୟା ସରଳାର କଥାରେ ତାର କ୍ଷୁବ୍ଧ ମନ ଶାନ୍ତ ହୋଇଯାଇଥିଲା । ମନଟା ହାଲୁକା ଲାଗିବାରୁ ସେଦିନ ରାତିରେ ନିଘୋଡ ନିଦରେ ଶୋଇପଡିଲେ ବି ପରଦିନ ଉଠିବା ମାତ୍ରେ ରାମଣ୍ଣା ଦୁଃଖ ଅନୁଭବ କଲା । ଏବେ ଏସବୁ କଥା ସ୍ୱୀକାର କରିଯିବାରେ ଭୟ କଣ ? ଏ ସ୍ୱୀକାର ମଧ୍ୟ ହୃଦୟ ସାକ୍ଷୀ ପାଇଁ ସରଳା ସବନ୍ଧରେ ଏବେ ତା ମନରେ କୌଣସି ସ'ନ୍ଦେହ ନ ଥିଲା । ମାତ୍ର ତହିଁଆର ଦିନ ଗୋଟେ ଭୟ ତା' ମନକୁ ଘାରି ପକାଇଲା । କୁମୁଦ ଆଗକୁ ଯିବି କେମିତି । ରାତିରେ ରାକ୍ଷସ ପରି ବ୍ୟବହାର କରିବା ପରେ ତାକୁ ମୁହଁ ଦେଖାଇବି କେମିତି ? ତାକୁ ଦେଖା ନ ଦେଇ କେମିତି ବା ରହି ପାରିବି ? ସକାଳେ ଚାହାପାରୁ ରାତିରେ ଖାଇବା ପର୍ଯ୍ୟନ୍ତ ସବୁତ ସେ ବୁଝୁଚି । ଶେଷରେ ରାମଣ୍ଣା ସରଳା

ପାଖରେ ଶରଣ ପଶିଲା । ଉଠିକି କୋଠରୀରୁ ବାହାରିବା ମାତ୍ରେ ସରଳା ପାଖରେ ଯାଇ ବସିଲା ସେଇଠି ତା' ପିଇଲା । କିନ୍ତୁ ଧୀରେ ଧୀରେ ରାମଣ୍ଡା ଅସ୍ୱସ୍ତି ବୋଧ କଲା । ସେ କ'ଣ କୁମୁଦକୁ ଡରି ନ ଥିଲା ? କିନ୍ତୁ କୁମୁଦର ବ୍ୟବହାର ତାକୁ ଲାଗିଲା ଯେ ତାକୁ ଡରିବାର କୌଣସି କାରଣ ନାହିଁ । କୁମୁଦର ମୁହଁରେ ଥିଲା ଦୀର୍ଘ ସମୟରୁ ଲୁଚି ରହିଥିବା ସନ୍ତୋଷର କାନ୍ତି । ରାମଣ୍ଡାକୁ ସନ୍ଦେହ ଲାଗିଲା । କେବଳ ତାକୁ କ'ଣ କୁମୁଦ ଅଲଗା ଲାଗୁଚି ? ନାଁ ପ୍ରକୃତରେ ତା' ମୁହଁରେ ଏ ପ୍ରକାର କାନ୍ତି ରହିଚି ? ସାହସ ବାନ୍ଧି ସେ ତାକୁ ଭଲକି ଦେଖିଲା । ସେତେବେଳେ ସେ ଲାଜେଇ ଯାଇଥିଲେ ବି ଈଷତ୍ ହସି ଅନ୍ୟ ଆଡକୁ ମୁହଁ ଫେରାଇ ନେଇଥିଲା ।

ରାମଣ୍ଡା ନିଜ ମୁଣ୍ଡକୁ ଜୋରରେ ହଲାଇଦେଲା । ସେ ସ୍ମୃତି ମାନଙ୍କର ଚାପ ବୋଧ ହୁଏ ସହି ପାରିଲାନି । ଚୌକିରୁ ଉଠି ଧୀରେ ଧୀରେ ଏପଟ ସେପଟ ହେଲା । ତାପରେ ଜୋରରେ କହିଲା "ସେ ଦିନ ସେ ହସିକି ମୁହଁ ମୋଡିଥିଲା ।" ଏତେଦିନ ବିତିଯାଇଥିଲେ ବି ସେଇ ଦୃଶ୍ୟକୁ ସେ ଭୁଲିପାରିନି । କିନ୍ତୁ ସେଇ କୁମୁଦକୁ ସେ ସିନେମା ନେଇ ଯିବାକୁ ପ୍ରସ୍ତୁତ ନୁହେଁ । ସମୟର ଚକ କେମିତି ବଦଳି ଯାଉଚି ! ସରଳା ସେଦିନ ସାକ୍ଷାତ ଅନ୍ତଃକରଣପରି ବିଦ୍ୟମାନ ଥିଲା । ତା' ସତ୍ୱେ କୁମୁଦ ତା'ର ଶିକାର ହୋଇଥିଲା । "ଆଜି ଇଏ କଣ ? " ଏମିତି ପଚାରିବା ପାଇଁ ସରଳା ଆଉ ଏ ଦୁନିଆରେ ନାହିଁ କିନ୍ତୁ ତା'ର ସ୍ମୃତିଥିଲା ପଛରେ ଗୋଡାଇ ଥିବା ଶିକାରୀ କବଳରୁ ବଞ୍ଚିବା ଲାଗି ପ୍ରାଣ ବିକଳରେ ପଳାଉଥିବା ଏକ ହରିଣ ପରି । ଏଇଟା ସମୟର ଗତି ? ସେଦିନ କୁମୁଦର ଲାଜଭରା ହସ ଦେଖି ତାକୁ ପ୍ରକୃତିର ଜାଲ ପରି ମନେ ହେଲା । ଆଜି ଭଳିଆ ସମୟ ଚକ୍ରର ଚିନ୍ତା ସେତେବେଳେ ସୃଷ୍ଟି ହୋଇ ନଥିଲା । ଏହା ପ୍ରକୃତିର ଏକ ଜାଲ ବୋଲି ସେ ଧରି ନେଇଥିଲା । ସେ ଯାହା କଲେ ବି କୁମୁଦକୁ ଡରିବାର କୌଣସି କାରଣ ନାହିଁ ଭାବି ମନଟା ହାଲୁକା ହୋଇଯିବାରୁ ସେ ସାରାଦିନ ଭାରି ଖୁସିରେ କାଟିଲା । ସନ୍ଧ୍ୟାରେ ଘରକୁ ଫେରିବା ପରେ ଆଉ ଗୋଟେ ମଜା କଥା ଘଟିଲା, ସେତେବେଳେ ସେଇଟା ଭାରି ମଜାଳିଆ ଲାଗିଥିଲା । ମାତ୍ର ତାହା ଯେ ଏକ ସମସ୍ୟା ଏ କଥା ସେ ଏବେ ବୁଝିଲା । ସେଦିନ ସଞ୍ଜବେଳେ ସେ ଘରକୁ ଆସିଲା ବେଳକୁ ସାରା ଘରର ନକ୍ସା ବଦଳି ଯାଇଥିଲା । ଯୁଆଡେ ଚାହିଁଲା ସବୁଠି ସଫା ଓ ସବୁ ଜିନିଷ ନିଜ ନିଜ ସ୍ଥାନରେ ଠିକ୍ ଭାବେ ଅବସ୍ଥାପିତ । ସେଇଠୁ ସେ ପଚାରିଲା "ଆରେ ଇଏ କ'ଣ ? ଆଜି ସାରା ଘରଟା ଧୋବାକୁ ଦିଆ ହୋଇଥିଲା ନାଁ କଣ ?"

ଏ କଥା ଶୁଣି ସରଳା ଥଟା କରି କହିଥିଲା " କାହିଁକି ଧୋବା କଥା ମନେ ପଡିଗଲା ? କ'ଣ ତମେ ବି ରାମଙ୍କ ପରି ନିଜ ସ୍ତ୍ରୀକୁ ଛାଡିଦବକି ? " ଗୋଟେ ମିନିଟ୍ ପାଇଁ ରାମଣ୍ଡା ଡରିଗଲା । ଇତି ମଧ୍ୟରେ ସରଳା କଥାକୁ ଆଗେଇ ନେଲା "ଏମିତି କ'ଣ ଦେଖୁଛ ? ଘରକୁ ସଫା ସୁତୁରା କରିଥିବା ଲୋକ ଆଉ ଜଣେ, ତମ ସ୍ତ୍ରୀ ଭିତରେ ଆଉ ଏ ଶକ୍ତି ନାହିଁ । ଏଇଥିପାଇଁ କହୁଥିଲି - କାଳେ ଅକର୍ମଣ୍ୟ ସ୍ତ୍ରୀକୁ ଛାଡି --"

ସରଳାର କଥା ଶେଷ ହୋଇ ନ ଥିଲା । ସବୁ କଥା ଜଣାପଡି ଯିବାରୁ ସେ ଖିଲି ଖିଲି ହୋଇ ହସିଉଠିଥିଲା । କୁମୁଦ ଯେ ସବୁକାମ କରିଚି ଏ କଥା ସେ ଠିକ୍ ବୁଝି ପାରିଥିଲା, କିନ୍ତୁ ସେଦିନ ସିଏ ହସିବାର କାରଣ କ'ଣ -- ସରଳାର ଥଟ୍ଟା ପାଇଁ ? ନାଁ କୁମୁଦ ସମ୍ପର୍କରେ ନିଜ ମନରେ ଜନ୍ମିଥିବା ବିଶ୍ୱାସ ପାଇଁ ? ଆଜି ମଧ୍ୟ ରାମଣ୍ଡା ତାହା ଠିକ୍ ଭାବେ ବୁଝି ପାରୁନ ଥିଲା । ସେ କୋଠରୀ ଭିତରେ ଟହଲ ମାରିବା ବନ୍ଦ କଲା । ଘଡିକି ଚାହିଁଲା, ନଅଟା ତିରିଶ ବାଜିଛି । ସେ ଜୋରରେ ନିଶ୍ୱାସ ନେଲା । ଭାବିଲା ଆଜି ସିନେମା ପ୍ରୋଗ୍ରାମ ତ ବାତିଲ୍ ହେଲା । ଏବେ ଏ ଅଭାଗା ପୁରୁଣା ସ୍ମୃତି ସବୁକୁ ବି ଜାଣି ଶୁଣି ଦୂରେଇ ଦେଲା । ତା'ପରେ ସେ ଖଣ୍ଡେ ବହି ନେଇ ପୁଣି

ଚୌକିରେ ବସିଲା । ବୋଧେ ସେମିତି ଭଲ ଲାଗିଲାନି, ଦି' ଗୋଡକୁ ଟେବୁଲ ଉପରେ ଥୋଇଲା ଏବଂ ଚୌକିକୁ ଆଉଜି ପଡିବାକୁ ଲାଗିଲା ।

୪

ଜୀବନର ଉଜ୍ଜ୍ୱଳ ସ୍ମୃତି ସବୁ ଆଜି ତା' ପାଇଁ ସିନେମା ହୋଇଗଲା । କୁମୁଦ ଅନୁଭବ କଲା, ଏମିତି ଭାବିବା ଭୁଲ । କାରଣ ସେଇ ସ୍ମୃତି ସବୁକୁ ଭୁଲିବା ପାଇଁ ସେ ନିଜ କୋଠରୀକୁ ଆସି ବିଛଣାରେ ବସିବା ମାତ୍ରେ ସିନେମା କଥା ମନେ ପଡିଲା । ଥରେ ସରଳା ଅପା ଆଗରେ ସେ ବି କହିଥିଲା । "ସିନେମାରେ ଅଭିନୟ କରିବାକୁ ଭାରି ଭଲ ଲାଗେ ? ସେଦିନ ସେଇଟା କେଉଁଦିନ ଥିଲା ? ହଁ ତା' ପୂର୍ବଦିନ । ପୂର୍ବ ରାତିରେ କିଛି ଘଟି ଯିବା ହେତୁ ସେ ଘରକୁ ଖୁବ୍ ସଫା ସୁତୁରା କରିଥିଲା । ସେତିକି ବେଳେ ସରଳା ଅପା କ'ଣ ଗୋଟେ କହିବାରୁ ସେ ଉଠି କୁମୁଦକୁ ପଚାରିଲା । ରାମଣ୍ଡା ପରେ ଆସିଲା । କାଳେ ସେ କିଛି କହିବ ଏଇ ଡରରେ ସେ ଲୁଚିକି ବସିଥିଲା ।

ସେତେବେଳେ ରାମଣ୍ଡା ହସି ଥିଲା କି ? ହଁ --- । ସେଇଦିନ ; ରାତିରେ ଖାଇଲା ବେଳେ କିଛି କଥାବାର୍ତ୍ତା ବି ହୋଇଥିଲା । ହଁ ମନେ ପଡିଲା, ଖାଇବାବେଳେ ନୁହେଁ, ରାମଣ୍ଡା ଖାଇସାରି ସରଳା ଅପା ପାଖରେ ବସିଥିଲା । ରୋଷେଇ ଘରେ ସେ ଏକଲା ଖାଉଥିଲା । ସେତିକି ବେଳେ ବାହାରେ ଆଳାପରତ ସ୍ୱାମୀ-ସ୍ତ୍ରୀଙ୍କର କଥାବାର୍ତ୍ତା ତାକୁ ଶୁଭିଲା । ସେଇପ୍ରକାର କଥାବାର୍ତ୍ତା ବେଳେ ସେ ସବୁବେଳେ ଜାଣିଶୁଣି ସେ ଆଡକୁ ଧ୍ୟାନ ନ ଦେଇ କାମରେ ଲାଗି ଯାଉଥିଲା । ଏଇ କାରଣରୁ ଯେ ସ୍ୱାମୀ-ସ୍ତ୍ରୀଙ୍କ କଥାବାର୍ତ୍ତା ଶୁଣିବା ଉଚିତ୍ ନୁହେଁ । କାହିଁକି କେଜାଣି ସେଦିନ ତା' ମନରେ ଟିକେ କୌତୁହଳ ସୃଷ୍ଟି ହେଲା, ଏହା ଛଡା ଖାଇଁ ଖାଇଁ ଅନ୍ୟ କୌଣସି କାମତ କରି ହେବନି ତା'ର ସନ୍ଦେହ ହେଲା ତା' ବିଷୟରେ କଥାବାର୍ତ୍ତା ହେଉ ନାହାନ୍ତି ତ । ଏଇଥି ପାଇଁ ସେଦିନ ଖାଇବା ଚିଜ ଚୋବାଇବା ଶବ୍ଦକୁ ମଧ୍ୟ ବନ୍ଦ କରି ସେ ସେମାନଙ୍କୁ କଥା ଶୁଣିବାକୁ ଲାଗିଲା । ସରଳାର ପାଟି ଶୁଭିଲା ।

"ଆଜି ତମେ ଦେଖିଲ ତ – କୁମୁଦ କେମିତି ଘର ସଫା ସୁତୁରା କରିଛି"।

ରାମଣ୍ଡା ପଚାରିଲା "କାହିଁକି,ତମେ କହିଥିଲ କି ?"

"ମୋ ଦୁଃଖ ନାଇଁ ! ମୁଁ କ'ଣ ପାଗଳ ହୋଇଚି ଯେ ଏ ବେକାର କାମ ବତେଇବି ।"

"ତାହାଲେ ଆଜି ଏ ନିଶା ଉଠିଲା କାହିଁକି ?"

"ଏଇଟା କ'ଣ ନିଶା ? ତମ ଘରେ ତ ତାର ସମୟ କଟୁନି । ମୁଁ ବି ବିଛଣାରେ ପଡିରହିଛି । ସେ ସବୁବେଳେ ମୋ ଚାରି ପାଖରେ ଖାଲି ଘୁରି ବୁଲୁଚି । ବାହାରକୁ ଯିବା ପାଇଁ ତାକୁ ସମୟ ଟିକେ ମିଳୁନି । ତମେ ତ ନିଜେ ନିଜ ଭିତରେ ବୁଡି ରହିଛ ।"

'ମୋତେ ତେବେ କ'ଣ କରିବାକୁ କହୁଛ ? ତା' ସାଥିରେ କ'ଣ ଖେଳିବି ?'' ରାମଣ୍ଡା ଏ କଥା ହସି ହସି ପଚାରି ଥିଲା, କିନ୍ତୁ ଏକଥା ଶୁଣି କୁମୁଦର ରୋମ ଟାଙ୍କୁରି ଉଠିଲା ।

''ବାଜେ କଥା କୁହନି, ତମର ତ କେହି ଦରକାରନାହିଁ । ଯଦି ତମ ଭାଇ କି ଭଉଣୀ ଆସିଥାନ୍ତେ ତେବେ କ'ଣ ତମେ ସେମାନଙ୍କ ଠାରୁ ଛାଡ ଛାଡ ହୋଇକି ରହନ୍ତ ?''

''ନାଁ --, ମୁଁ ତାହେଲେ କ'ଣ କରିବି କୁହ ?''

''କ'ଣ କରିବିର ମାନେ ? ଏତେ ବର୍ଷ ହେଲାଣି ଝିଅଟା ଘରେ ରହିଛି । କେବେ ସେ ବାହାରକୁ ଯାଇଛି ? ତା'ର ଆଉ କିଏ ଅଛି ? ଆମେ ଯଦି ତା' ପ୍ରତି ନଜର ନ ଦେଉଁ ତେବେ ?''

ରାମଣ୍ଡା ମଝିରେ ଥରେ କହିଥିଲା ''ନଜର ଦେବାର ଅର୍ଥ ? ଯୁଆଡେ ଗଲେ ତାକୁ ପକେଟରେ ପକେଇକି ନେଇଯିବି ?''

''ମୁଁ ତ ସାହିତ୍ୟିକ ନୁହେଁ, ମୋତେ ତମ ପରିକା ବନେଇ ଚୁନେଇ କଥା କହି ଆସେନି । ଆଉ ପାଞ୍ଚ ଜଣ ଯେମିତି କହୁଚନ୍ତି, ମୁଁ ବି ସେମିତି କହି ଦେଲି । ପକେଟରେ କାହିଁକି ପକାଇବ ? ମୁଁ ଜାଣେ, ତମର ସବୁବେଳେ ପକେଟ ଉପରେ ଧ୍ୟାନ ।''

''ଆରେ'' ! କଥାଟା କୁଆଡୁ କୁଆଡକୁ ନେଇଗଲ ? ତମ ଭଉଣୀ ପାଖରୁ କଥା ଆରମ୍ଭ ହେଲା, ଆଉ ମୋ ପକେଟ ପାଖରେ ପହଞ୍ଚଗଲା । ହୋ -- ହୋ'' ।
ସେ କଥା ଶୁଣି କୁମୁଦକୁ ହସ ମାଡିଥିଲା । ସେଇ ହସକୁ ମନେ ପକାଇ ଆଜି ବି କୁମୁଦ ମୁହଁରେ ସ୍ମିତ ହାସ୍ୟ ଖେଳିଗଲା । ସରଳା ଅପା ବି କଥା କହିବାରେ କେତେ ଚାଲାକ ଥିଲା !

''ହଁ, ତମେ ତ କାହାରି ପାଇଁ ପଇସାଟିଏ ଖର୍ଚ୍ଚ କରିବାକୁ ନାରାଜ ।'
''ଏଇନେ କୋଉ ଜିନିଷ ଦରକାର ?''

''ମୋର କୋଉଥିପାଇଁ ପଇସା ଦରକାର ବୋଲି ପଚାରୁଛ ? ବିଛଣାରେ ପଡି ପଡି ଏତେ ବିରକ୍ତ ଲାଗି ଲାଣି ଯେ କେବଳ ବିଷ ଖାଇବା ପାଇଁ ଦରକାର ହେଲେ ହେଇପାରେ ।''

ଏ କଥା ଶୁଣି କୁମୁଦ ଗଳାରେ ଭାତ ଗୁଣ୍ଡା ଅଟକି ଗଲା, ନିଶ୍ୱାସ ବନ୍ଦ ହେଇଗଲା ପରି ଲାଗିଲା ।
''ଦେଖ ସରଳା, ଘୁରେଇ ଫେରାଇ କଥା କହିଲେ ତମେ ଥକି ପଡିବ । ସଫା ସଫା କହୁନ କାହିଁକି ? ତମ ପାଇଁ ଖର୍ଚ୍ଚ କରିବାରେ ମୁଁ କେବେ ହେଳା କରିଛି ?''

''ମୋର କ'ଣ ଦରକାର ? ମୁଁ କହି ଚାଲିଛି ଆଉ ତମେ ମୋର ଦରକାର କ'ଣ ପଚାରି ଚାଲିଛ ? ଏଇ

କୁମୁଦ କଥା କହୁଥିଲି । ଦିନସାରା ଖଟୁଚି । ସେଥିରେ ସମୟ ନ କଟିଲେ ଅନ୍ୟ କାମ ବି କରୁଚି । କୁଆଡେ ଟିକେ ବାହାରକୁ ଯାଉଚି ? ଏପରିକି ସିନେମା ବି ନୁହେଁ । ଘରେ ଯଦି ଛୁଆ ପିଲା ଥାନ୍ତେ ତେବେ ତାକୁ ସାଥି ତ ମିଳିଯାନ୍ତା . . . . ।''

''ଛି - ପାଗଳି କୋଉଠିକାର । ବେଶି କଥା କହିଲେ ଥକି ଯିବ ବୋଲି କହୁଚି ପରା । ତମେ ଏମିତି ଗୋଟେ କାନ୍ଦୁଚ, ସେ ସିନେମା ଯିବାକୁ ଚାହେଁଚି ? ଯେତେବେଳେ ଇଚ୍ଛା ଯାଉ, ଏଥିରେ କ'ଣ ଅଛି ? କିଛି ଗୁରୁତର କଥା ହୋଇଥିବ ଭାବି ମୁଁ ଡରି ଯାଇଥିଲି । ଏଥିପାଇଁ କାନ୍ଦୁଚ କାହିଁକି ?

ଏହା ଶୁଣି ସରଳା କହିଲା, ''ଥାଉ, ଛାଡ ସେ କଥା ।'' ସେ ଏତିକି ଶୁଣିବାକୁ ପାଇଥିଲା । ଶେଷରେ ସେ ଖାଇସାରି ଆସିଲା ବେଳକୁ ରାମଣ୍ଡା ନିଜ କୋଠରୀକି ଚାଲି ଯାଇଥିଲା । ତା' ପର ଦିନ ତା'କୁ ସରଳା କହିଲା ଯେ ତା'କୁ ରାମଣ୍ଡା ସାଥିରେ ସିନେମା ଯିବାକୁ ହବ ।

''ତାଙ୍କୁ ଏକଲା ଯିବାକୁ ଭଲ ଲାଗୁନି । ମତେ ପଚାରିଲେ ଯେ ତତେ ନେଇକି ଗଲେ କିଛି ଅସୁବିଧା ନାହିଁ ବୋଲି ମୁଁ କହି ଦେଇଚି ।'' ସରଳାଠୁ ଏ କଥା ଶୁଣି କୁମୁଦ ଅପାର ସୌଜନ୍ୟ ପାଇଁ ନ ହସି ରହିପାରିଲାନି । ତହିଁ ଆରଦିନ ରାତିରେ ସିନେମାରୁ ଫେରିବାପରେ କୁମୁଦ ସରଳା ପାଖକୁ ଦୌଡି ଦୌଡି ଆସିଲା । ସେଇଠୁ ସେ ପଚାରିଲା, ''ଦେଖିଲୁ ?''

''ଦେଖିଲି ଅପା । ଇଂରେଜି ଫିଲ୍ମ ଭାରି ଭଲ ଲାଗିଲା ।'' ଖୁବ୍ ଉତ୍ସାହରେ ସେ ଉତ୍ତର ଦେଲା ।

''ଇଂରେଜି ଫିଲ୍ମ ? ପୁରା କାହାଣୀ ବୁଝି ପାରିଲୁ ।''

''ଇଏ ସବୁ ବୁଝେଇ ଦେଲେ ।''

''ଆଚ୍ଛା, କାହାଣୀ କ'ଣ କହତ ।''

''ଦାମ୍ପତ୍ୟ ଜୀବନର ଗୋଟେ ଦୃଶ୍ୟ ହିଁ ସେଇ ଫିଲ୍ମର କାହାଣୀ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଖୁବ୍ ନିବିଡ ପ୍ରେମ ଥିଲା । ଥରେ ସ୍ୱାମୀ ଜଣେ ଚାଲାକ ସ୍ତ୍ରୀ ଲୋକର ମୋହରେ ଆବଦ୍ଧ ହୋଇ ପଡିଚି । ସେଇଠୁ ନିଜ ସ୍ତ୍ରୀକି ଦେଖିବା ପାଇଁ ବି ତା'କୁ ଭଲ ଲାଗିନି । ଆଠ ବର୍ଷର ଗୋଟେ ପୁଅ ତାଙ୍କର । ସ୍ତ୍ରୀ ଓ ପୁଅକୁ ସେ ଘରୁ କାଢି ଦେଇଚି । ଅନେକ ଲୋକ ଏମିତି ସ୍ୱାମୀକି ପରିତ୍ୟାଗ କରିବା ପାଇଁ ସ୍ତ୍ରୀକି ବୁଝେଇଚନ୍ତି । କିନ୍ତୁ ସ୍ତ୍ରୀ କାହାରି କଥା ମାନିନି । ତାର ବିଶ୍ୱାସ ଯେ ଏବେ ବି ସ୍ୱାମୀଙ୍କର ତା' ପ୍ରତି ପ୍ରକୃତରେ ପ୍ରେମ ଅଛି । ଆଜି ନ ହେଲେ ବି କାଲି ସେ ଚାଲାକ୍ ସ୍ତ୍ରୀ ଲୋକଟି ତା' ସ୍ୱାମୀଙ୍କୁ କଷ୍ଟରେ ପକେଇ ପଳାଇଗଲେ ସେ ହିଁ ତାଙ୍କୁ ରକ୍ଷା କରିବ । ସେ ସେଥିପାଇଁ ପ୍ରସ୍ତୁତି ହୋଇ ରହିଚି । କିନ୍ତୁ ସ୍ତ୍ରୀପାଇଁ ସ୍ୱାମୀର ଟିକେ ମାତ୍ର ଧ୍ୟାନ ନ ଥିଲା । ସ୍ତ୍ରୀ ଓ ପୁଅ ଗଣ୍ଡେ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ନ ପାଇବା ସତ୍ୱେ ତା' ମୁଣ୍ଡରେ ଅକଲ ପଶିଲାନି । ଶେଷରେ ସେ ଚାଲାକ ସ୍ତ୍ରୀ ଲୋକ ଜଣକ ତା'ର ବହୁ ଟଙ୍କା ବରବାଦ କରାଇ ବାକିତକ ନେଇ ପଳେଇ ଯାଇଚି । ସ୍ୱାମୀ ହତାଶ ହୋଇ ପଡିଚି । ଏବେ ସେ କୁଆଡେ ଯିବ ? ଜୀବନ ବିତେଇବ କିମିତି ? ସ୍ତ୍ରୀକି ମୁହଁ ଦେଖାଇବା ପାଇଁ ତା'କୁ ଲାଜ ମାଡିଚି । ଶେଷରେ ନିରାଶ ହୋଇ ସେ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଚି । ସେତିକିବେଳେ ଆସିଚି ସ୍ତ୍ରୀ । ତା'ପରେ ସମସ୍ତେ ସୁଖରେ ରହିଛନ୍ତି ।''

"ଅପା, ଶେଷରେ ତ ଲୁହ ଅଟକେଇ ହେଲାନି । ସେ ଏତେ ଚମତ୍କାର ଅଭିନୟ କେମିତି କଲା ? ମତେ ଲାଗୁଚି ସେ ସ୍ତ୍ରୀ ଲୋକଟି ଏ ପ୍ରକାର ଅନୁଭୂତି ଆଗେ ନିଭେଇ ଥିବ ।" ସରଳା ହସି ହସି କହିଲା, "ଚାଲ, ପାଗିଳୀ କୋଉଠିକାର ।"

ତା'ପରେ କୁମୁଦ ଦୁଃଖରେ ପଚାରିଲା, "ନ ହେଲେ ଏତେ ବଢ଼ିଆ ଅଭିନୟ କରନ୍ତା କିମିତି ?"

"ସେଥିରେ କ'ଣ ଅଛି ? ସେଇ ସ୍ତ୍ରୀ ଲୋକମାନେ ଏମିତି ସିନେମାରେ ଅଭିନୟ ଛଡ଼ା ସେମାନେ ଆଉ କିଛି କାମ କରି ପାରିବେନି ।"

"ତାହେଲେ ଏମିତି ସ୍ତ୍ରୀର ପାର୍ଟ କରୁଥିବା - - - ?"

"କେତେଟା ବାହା ହେଇ ସାରିଥିବ, ଜଣାନାହିଁ ।" ସରଳାର ଏ କଥା ଶୁଣି ସେ ଆଶ୍ଚର୍ଯ୍ୟ ହେଇଗଲା । ତା' ମୁହଁକୁ ଅନେଇ ସରଳା ହସିବାକୁ ଲାଗିଲା ।

"ତୁ ଏତେ ଡରିଗଲୁ କାହିଁକି ? ଇଏ ମିଛ ନୁହେଁ । ଯଦି ଚାହୁଁଛୁ ତ ତାଙ୍କୁ ପଚାର । ସେମାନେ ଅନେକ ଥର ବାହା ହୁଅନ୍ତି, ଅନେକ ଥର ଛାଡ ପତ୍ର ଦିଅନ୍ତି ।"

"ଏଁ ! ଇମିତି କଥା ?" ସେ ଅତ୍ୟନ୍ତ ନିରାଶାରେ କହିଥିବ । କାରଣ ଏ କଥାପରେ ସରଳା ଅପା ପଚାରିଲା, ତତେ ଏତେ ଖରାପ ଲାଗିଲା କାହିଁକି ?"

ତା'ପରେ କୁମୁଦ ପିଲାଳିଆମି ବାହାର କଲା । ସିନେମାର ସେଇ କାହାଣୀର ପରିଣାମରୁ କୁମୁଦର ମନେ ହେଇଥିଲା ଯେ ସେଥିରେ ଅଭିନୟ କରିବା ଗୋଟେ ଭଲ କାମ ହେଇଥିବ ।"

"ଏମିତି ହେଇଥିଲେ ସେ ପ୍ରକାର କାହାଣୀ ଲେଖିବା ଉଚିତ୍ ଥିଲା । କିନ୍ତୁ ବାହା ହେଇ ବି ଆଉ ଗୋଟେ ଝିଅକୁ ପ୍ରେମ କରିବା ଭଲ, ଏ ପ୍ରକାର କାହାଣୀ ଲେଖାହେଲା କାହିଁକି ?" ସରଳା ଏ କଥା କହିବା ପରେ କୁମୁଦର ଭ୍ରମ ଦୂର ହେଲା ।

ସରଳା ଅପାର କଥା ସେଇଠି ସରିଲାନି । ସେ ଦେଖିଥିବା କେତୋଟି ଫିଲ୍ମର ଭଲ ଭଲ କଥା ତା'କୁ ଜଣେଇବା ଉଦ୍ଦେଶ୍ୟରେ କହିଥିଲା, "ଦେଖ କୁମୁଦ, ତୁ ଦେଖିଥିବା ଫିଲ୍ମର କାହାଣୀ ପରି ସ୍ତ୍ରୀପାଇଁ ସ୍ୱାମୀ ଓ ପିଲାଙ୍କ ସେବା ବ୍ୟତୀତ ଆଉ କୋଉଥିରେ ସୁଖ ନାହିଁ । ସ୍ତ୍ରୀ ହୃଦୟରେ ସବୁବେଳେ ମା'ର ହୃଦୟହିଁ ପ୍ରାଧାନ୍ୟ ବିସ୍ତାର କରିଥାଏ । ତୁ ଦେଖିଲୁ ପରା । ଏତେ କଷ୍ଟ ଦବା ପରେ ବି ସ୍ତ୍ରୀ ସ୍ୱାମୀକି ରକ୍ଷା କଲା । ପୁରୁଷ ସ୍ୱାମୀ ହବାର ଅହଙ୍କାର କରେ ସିନା, କିନ୍ତୁ ଦୁଃଖ ଆସିଲେ ହାତ ଧରି ସାନ୍ତ୍ୱନା ଦବା ଲୋକ ହଉଚି ସ୍ତ୍ରୀ । ଇଏ ଅନେକ କାହାଣୀ ଲେଖୁଚନ୍ତି । ସେଥି ମଧ୍ୟରୁ ତୁ ଗୋଟେ ବି କାହାଣୀ ପଢ଼ିଚୁ ଯୋଉଥିରେ ସ୍ତ୍ରୀକି ସୁଖ ମିଳିଛି ? ମୁଁ ବି ଥରେ ଏଙ୍କୁ କହିଲି-ଯେ ସ୍ତ୍ରୀ ମାନଙ୍କୁ ଏତେ କଷ୍ଟ ଦଉଚ କାହିଁକି ? ସେଇଠୁ ଇଏ କହିଲେ,

"ସେମାନେ କୃତକର୍ମର ଫଳ ଭୋଗୁଚନ୍ତି ।" ଯେମିତି କରିବ ସେମିତି ପାଇବ, ଏ ସବୁ କାଳ୍ପନିକ କାହାଣୀ । ସ୍ତ୍ରୀର କ'ଣ ଦରକାର ? ଏ କଥା ନ ଜାଣି ଲେଖକ ସବୁବେଳେ ତା'କୁ ଦୋଷୀ ସାବ୍ୟସ୍ତ କରେ । ଲେଖକ ଯଦି ଭୁଲ୍ ବାଟରେ ଯାଏ ତେବେ ତା'ର ଚରିତ୍ରମାନେ ବି ଭୁଲ୍ ବାଟରେ ଯିବେ । ତୁଇ କହ, ଏ କଥା ଠିକ୍ କି ନୁହେଁ ? ଇଏ୍ ‘ତମେ କ'ଣ ଜାଣିଚ ? ତମେ ତ ପୁରୁଣା କାଳିଆ ସ୍ତ୍ରୀ ଲୋକ’ କହି ହସି ଦେଇଥିଲେ । ତାପରେ ମୁଁ କହିଲି, "ଏଥିରେ ନୂଆ କାଳିଆ କଣ ପୁରୁଣା କାଳରେ କଣ ? ସ୍ତ୍ରୀ ସବୁବେଳେ ସ୍ତ୍ରୀ । ନୂଆ କାଳିଆ କ'ଣ ସ୍ତ୍ରୀମାନଙ୍କର ନିଶ ଉଠିଚି ?" ସରଳାର ଏ କଥା ଶୁଣି କୁମୁଦ ହସି ହସି ବେଦମ୍ ହୋଇ ଯାଇଥିଲା । କିନ୍ତୁ ସେ ଦିନ ତା'ର ଯେଉ କଥା ହାସ୍ୟପୂର୍ଣ୍ଣ ଲାଗିଥିଲା, ଆଜି ତାହା ମହତ୍ୱପୂର୍ଣ୍ଣ ଲାଗୁଚି । ହେଲେ କହିବ କାହାକୁ ? ସରଳା ଅପା ତ ସୁଖ ଦୁଃଖର ଏଇ ଦୁନିଆ ଛାଡି ଚାଲିଗଲା । ଆଜି ଯଦି ସେ ବଂଚିଥାନ୍ତା, ତେବେ ସେ କ'ଣ ତା'କୁ ଏ ସବୁ କଥା କହିଥାନ୍ତା ? କେମିତି କହନ୍ତା ? "ତୋ' ସ୍ୱାମୀଙ୍କ ସହ ମୋ' ମନ ମିଳି ଯାଇଚି । ତୋ ସ୍ୱାମୀ ବି ମତେ ପ୍ରେମ କରୁଚନ୍ତି । ମୁଁ ଚାହିଁଲେ ମତେ ସ୍ୱାମୀ ଓ ପିଲାଙ୍କ ସୁଖ ମିଳି ପାରେ । ତୋ'ରି ଉପଦେଶକୁ ମୁଁ ପୂରଣ କରିଚି ଅପା ।" ସେ କଣ ଏସବୁ ଅପାକୁ କହିପାରିଥା'ନ୍ତା ? ସରଳା ଅପା, ସ୍ୱାମୀ ଓ ପିଲା ଦିହିଁକ ପାଇଁ କହିଥିଲା ପରା ? ବାହା ହୋଇ ନ ଥିବା ସ୍ୱାମୀଠାରୁ ପିଲା ହେଲେ ସୁଖ ମିଳେନି, କି ପିଲାବିନା ସ୍ୱାମୀ ଥିଲେ ବି ସୁଖ ମିଳେନି । ପିଲା ଓ ସ୍ୱାମୀ ଥାଇ ବିବାହ ସମ୍ବନ୍ଧ ନ ଥିଲେ ସେଥିରେ ବି ସୁଖ ନାହିଁ । ସ୍ତ୍ରୀର ଜୀବନ କେତେ ପରତନ୍ତ୍ରିକ ଆଉ କେତେ ଜଞ୍ଜାଳପୂର୍ଣ୍ଣ ! ସରଳା ଅପାର ସେ ସବୁ କଥା ମନେ ପକାଇବାରୁ କୁମୁଦକୁ ଲାଗିଲା ଯେ ପିଲା ନ ହେବା ହେତୁ ସେ ଆଦୌ ଖୁସି ନ ଥିଲା । ଏଇଥିପାଇଁ ବୋଧେ ତାର ସିନେମାରେ କାମ କରିବାର ଇଚ୍ଛା ମନକୁ ଆସିଥିଲା, ଯେ କୌଣସି କଥା ହେଉନା କାହିଁକି ସ୍ତ୍ରୀ ପାଇଁ ସୁଖର ଆଶା ନ ଥିଲେ ତାର ସିନେମା ବ୍ୟବସାୟରେ ପଶିବା କ'ଣ ଭଲ ନୁହେଁ ? ଯଦି ଯୋଗ୍ୟତା ଥାଏ ତେବେ ଚେଷ୍ଟାକଲେ ପଇସା ମିଳିବ ଆଉ ମାନ ବି, କମ୍ ସେ କମ୍ ଏତିକି ତ ହବ । ଚିନ୍ତା ସ୍ରୋତରେ ଭାସିଯାଇ ସେ ଯେ ବିଛଣାରୁ ଉଠି ଟେବୁଲ ଉପରେ ରଖା ହୋଇଥିବା ଅଇନା ଆଗରେ ଠିଆ ହେଇଚି, ଏକଥା ତାର ହେଜ ନ ଥିଲା । ଅଇନା ତରେ କ୍ଷଣକ ପାଇଁ ନିଜ ପ୍ରତିବିମ୍ବକୁ ଚିହ୍ନି ନ ପାରି ଆଉ କିଏ ଆସିଚି ଭାବି ସେ ଚମକି ପଡିଲା, ହେଲେ ପରକ୍ଷଣରେ ସବୁ ବୁଝି ପାରିଲା । ତା ପାଖକୁ କିଏ ଆସିବ ? ଲୋକ ଯେ କେବେଠୁ କଥା ଶୁଣେଇ ସାରିଚନ୍ତି, ତାରି ଠିକ୍ ଠିକଣା ନାହିଁ । ପଡିଶା ଘର ଲୋକେ ତାକୁ ଦେଖିଲେ ଏମିତି ଦୁର୍ ଦୁର୍ ହୁଅନ୍ତି ଜେମିତି କି ଗୋଟେ ଅଛୁଆଁ ଲୋକକୁ ଦେଖି ପକେଇଚନ୍ତି । ତାର କେହି ନାହିଁ, ଏପରିକି ରାମଣ୍ଡା ବି ତାର ନୁହେଁ । କେତେ ପାଗଳିଟାଏ ସେ । ଦିନେ ସେ ରାମଣ୍ଡାକୁ ନିଜର ବୋଲି ଭାବିଥିଲା । ତାର ପୂରା ବିଶ୍ୱାସ ଥିଲା ଯେ ସେ ନିଜେ ରାମଣ୍ଡା ପାଇଁ ଯେତିକି ପାଗଳି, ରାମଣ୍ଡା ବି ତା ପାଇଁ ସେତିକି ପାଗଳ । ମାତ୍ର ଏତିକି କାହିଁକି, ସେ କେତେ ସ୍ୱପ୍ନ ସାମ୍ରାଜ୍ୟ ତିଆରି କରିଥିଲା । ସେ ଆଉଥରେ ଅଇନାକୁ ଚାହିଁଲା । ଇଏ କାହା ମୁହଁ ? ଏ ଖାଉଁଳା ଓ ବିଷଣ୍ଣ ମୁହଁ ତାର ନୁହେଁ । ସରଳା ଅପା ଅନେକ ଥର କହିଥିଲା, "କୁମୁଦ, ତୋତେ ମୋର ସତ୍ୟାନାଶୀ ଦୃଷ୍ଟି କେବେ ନ ଲାଗୁ ।" ମରିବାର ମାସକ ଆଗରୁ ସରଳା ଅପା ଏଇ କଥା ପୁଣି ଥରେ କହିଥିଲା । ଆଜିଠୁ ମାତ୍ର ଚାରିମାସ ଆଗର କଥା, ଏଇ ଭିତରେ କେତେ ପରିବର୍ତ୍ତନ ହୋଇଗଲା । ତାକୁ ମଲା ସରଳା ଅପାର ଦୃଷ୍ଟି ଲାଗିଯାଇନି ତ ? ନ ହେଲେ ସରଳା ଅପା ପ୍ରତି ସେ ଯେଉଁ ବିଶ୍ୱାସ ଘାତକତା କରିଚି, ସେଥିଲାଗି ତା ଅଭିଶାପ ପଡିନି ତ ? କୁମୁଦକୁ ଲାଗିଲା ଯେ ତାର ଚାଲିଚଳଣରେ କେଉଁଠି ଦୋଷ ନିଶ୍ଚୟ ରହିଚି । ବିଶେଷ କରି ସରଳା ମରିବା ପରଠୁ ଏ କଥା ତାକୁ ଭୀଷଣ ଆଘାତ ଦଉଥିଲା । ବିଛଣାରେ ପଡିଥିବା ଏବଂ ତାକୁ ପାଳି ପୋଷି ଆଣିଥିବା ସରଳା ଅପାର ସ୍ୱାମୀକି ଏପରି ଭାବେ ନିଜର କରିନେବା ଟା ତ ବିଶ୍ୱାସଘାତକତା ! ଏହା କଳ୍ପନା କରି ନ ହେଲେ ବି ତାକୁ ଲାଗିଲା, ଏହା ପାପ, ସେ ନିଜର ପ୍ରତିବିମ୍ବକୁ

କହିଲା, "ତୁ ପାପ କରିବୁ, ତୋ ମୁହଁ ଚାହିଁବା ଉଚିତ ନୁହେଁ । ଏହା କହି ସେ ପୁଣି ବିଛଣାରେ ଯାଇ ବସିଲା । ସେ କରିଚି — ନ କରିଥିଲେ କଣ ହୋଇଥାନ୍ତା । କିନ୍ତୁ ତାହା ପାପ କେମିତି ହେଲା ? ତାର ଦୋଷ କଣ ? ସେମିତି ଦେଖିଲେ ତାର କିଛି ଦୋଷ ନାହିଁ । ତାର ଏବେ ବି ସବୁ ମନେ ଅଛି । ଯାହାକୁ ସେ ପାପ ବୋଲି କହୁଛି, ତାର ଆରମ୍ଭ କେମିତି ହେଲା, କାହାଦ୍ୱାରା ହେଲା । ଏସବୁ ତା ଆଖି ଆଗରେ ନାଚି ଯାଉଛି । ତାର ସେ କଥା ମନେ ପକାଇବା ଦରକାର ନାହିଁ । ହେଲେ ଭାବିବା ପାଇଁ ମନଟା ଆଉଟୁ ପାଉଟୁ ହେଉଥିଲା ।

ସିନେମା ଦେଖି ଫେରିବା ଦିନର ଘଟଣା । ସିନେମା ଦେଖିଥିବା ପାଇଁ ନାଁ ରାମଣ୍ଡା ପାଖରେ ବସି ଫେରିଥିବା ପାଇଁ, ଯାହା ବି ହେଉ କୁମୁଦ ତହିଁ ଆରଦିନ ଭାରି ଉତ୍ସାହିତ ହୋଇ ଉଠିଥିଲା । ଉତ୍ସାହ ବଢ଼ିବାର ଆଉ ଗୋଟେ ବି କାରଣ ଥିଲା । ବହୁତ ଚେଷ୍ଟା ପରେ ଯେତେବେଳେ ତା ଆଖି ରାମଣ୍ଡା ଆଖି ସାଥିରେ ମିଶିଗଲା, ସେ ତା'କୁ ହସ ହସ ମୁହଁରେ ଚାହିଁଥିଲା ପରି ଲାଗିଲା । ଲାଜରେ ସେ ମୁହଁ ବୁଲେଇ ତା' ଚାହାଣି—କବଳରୁ ମୁକ୍ତି ପାଇବାକୁ ଚେଷ୍ଟା କଲାବେଳେ ତା'ର ମନେ ହେଲା ସତେ ଯେମିତି କେହି ତା' ମୁହଁକୁ ବଳ ପୂର୍ବକ ତା'ରି ଆଡକୁ ମୋଡି ଦଉଚି । ତା'ପରେ ତା'କୁ କେବଳ ସେଇ ହସ ହସ ମୁହଁ ଦିଶିଲା । ସାରା ଦିନ ତା' ପାଦ ଆଉ ତଳେ ଲାଗିଲାନି । ତା'କୁ ନିଜର ଚିଁନି ଦିନର ଚାଲି ବି ନାଚର ଚାଲି ପରି ଲାଗୁଥିଲା । ଦୀର୍ଘ ସମୟ ଉତ୍କଟ ଖରା ପରେ ଯଦି ମେଘ ଘୋଟିଆସେ, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏଇମିତି ଗୋଟେ ମେଘ ମାଡି ଆସିଥିଲା । ତାର ପୂର୍ବ ଦିନର କଥା ମନେ ପକେଇ ସରଳା ଅପା ରାମଣ୍ଡା ସାଥିରେ କଥାବାର୍ତ୍ତା କରୁଥିଲା । ରାମଣ୍ଡା ରାତିରେ ଖାଇସାରି ବାହାରକୁ କୁଆଡେ ବାହାରି ଥିଲା । ସେତିକି ବେଳେ କଥା ପ୍ରସଙ୍ଗରେ ସରଳା ଅପା କହିଲା, "ଆମ କୁମୁଦ ସିନେମାରେ ଅଭିନୟ କରିବାକୁ ଚାହୁଁଚି ।" ସେଇଠୁ ରାମଣ୍ଡା ଉତ୍ତର ଦେଲା, "ହଉ ।" ସେ ଆଉ କିଛି ବି କହିଥିଲା । ଥଟ୍ଟାରେ କହିଥିଲେ ବି ସେ କଥା ମନକୁ କଷ୍ଟ ଦେଲା ଭଳି କଥା ଥିଲା । ସେ କଥାଟି କ'ଣ ? (ନିଆଁ ଲାଗିଯାଉ । ଯାହା ମନେ ପକେଇବାକୁ ଚାହୁଁଚି ତାହା ଚେଷ୍ଟା କରିବା ସତ୍ତ୍ୱେ ବି ମନେ ପଡୁନି । ଆଉ ଯାହା ନ ଚାହୁଁଚି, ତା' ହିଁ କରତ ପରି ହୃଦୟକୁ କାଟି ଚାଲିଚି ।) ଛାଡ-କଥାଟା ଗୁରୁତ୍ୱପୂର୍ଣ୍ଣ ନ ଥିଲା । ସେ କଥାରେ ସରଳା ଅପାର ହସିବା ଆଉ ସେଇଥିପାଇଁ ତା' ମନରେ ଯୋଉ ଦୁଃଖ ହୋଇଥିଲା, ସେଇଟାହିଁ ଗୁରୁତ୍ୱ ପୂର୍ଣ୍ଣ । କଥା କହି ସାରି ରାମଣ୍ଡା ଚାଲିଗଲା ଖାଇବାକୁ ଯାଉଥିବା କୁମୁଦର ଆଉ ଖାଇବାକୁ ଇଚ୍ଛା ହେଲାନି । ସେ କାମରେ ଲାଗିଗଲା । ବାହାରକୁ ସରଳା ଅପା ହସି ହସି କହିଥିଲା, "ଶୁଣିଲୁନା କୁମୁଦ ।" ସେ ଏ କଥାର ଜବାବ ଦେଲାନି । କାମ ସାରି ବାହାରକୁ ଆସି ପଚାରିଲା, "ତମର କ'ଣ ଦରକାର ସରଳା ଅପା ?"

ସେତେବେଳେ ସରଳା ଅପା ଚକିତ ହୋଇ କହିଲା, "ଆରେ, ଇଏ କ'ଣ ? ଏତେ ଶୀଘ୍ର ଖାଇ ଦେଲୁ ?"

"ନା, ମତେ ଭୋକ ଲାଗୁନି ।"

"କାହିଁକି ? ଭୋକ କାହିଁକି ନାଇଁ ?"

"ଜାଣିନି । ମୋ' ମୁଣ୍ଡଟା ବିନ୍ଧୁଚି ?"

"ମୁଣ୍ଡ ବଥା ? ମୁଣ୍ଡ ବଥା କେମିତି ? ବାଜେ କଥା କହନା । ଏ ପର୍ଯ୍ୟନ୍ତ ତ ଭଲକି କଥା କହୁଥିଲୁ ଆଉ ହସୁଥିଲୁ ।"

"ନା, ସତରେ ମୋ' ମୁଣ୍ଡ ବିନ୍ଧୁଚି ।" ସେ ଜିଦ୍ କରି କହିଥିଲା ।

ସରଳା ତା' ଆଡକୁ ଚାହିଁ କହିଲା, "ତୁ ତାଙ୍କୁ କଥାରେ ରାଗିଗଲୁ ?"

"କାହା କଥା ?"

ତା' କଥାରେ ମରମ ବୋଧ ସରଳା ଅପା ବୁଝି ପକେଇଲା ।

ସେ କହିଲା, "ଛାଡ୍, ଚାଲ । ମୁଁ ବୁଝିଗଲି ।"

"ନା, ମତେ ସତରେ - - - -"

"ପାଗିଳୀ ! ଏତେ ଦିନ ହେଲା ଘରେ ରହିଲୁଣି, ତାଙ୍କ ସ୍ୱଭାବ ବୁଝିପାରିଲୁ ନି ? ସେତ କଥାରୁ ମଜା ଉଠାନ୍ତି । ତାଙ୍କ ମନରେ କିଛି ନ ଥାଏ ।"ନା ଅପା, ତମେ କେମିତି କହୁଚ କେଜାଣି ?"

"ଆରେ ! ମୋ' ଆଗରେ ଛଳନା କରୁଚୁ ? ମୁଁ ସବୁ ବୁଝିଚି । ତୁ ତାଙ୍କରି ଉପରେ ରାଗୁଚୁ । ଆଲୋ ପାଗିଳୀ ! ସେ କ'ଣ କହନ୍ତି ସେ ନିଜେ ବି ଜାଣି ନ ଥା'ନ୍ତି । ତାଙ୍କ ମନରେ କିଛି ଗୋଟେ ଉତ୍ସାହ ସୃଷ୍ଟି ହେଲେ ବା ଲେଖିବା ପାଇଁ କିଛି ନୂଆ ବିଷୟ ଜୁଟିଲେ ତା'କୁ ଆରମ୍ଭ କରିବା ପର୍ଯ୍ୟନ୍ତ ଆଗରେ ଯାହାକୁ ପାଅନ୍ତି, ତା' ସହିତ କିଛି ନା କିଛି ଥଟ୍ଟା କରି ଚାଲନ୍ତି । ସେ ତ ଏମିତିରେ କହିଥିଲେ । ତାଙ୍କର ତୋ ନାଁ ପ୍ରତି ଧ୍ୟାନ ନ ଥିଲା । ମୁଁ କ'ଣ ଜାଣିନି ? ଆଜି ନ ହେଲେ ବି କାଲି ତୁ ତାଙ୍କ ସ୍ୱଭାବ ସାଥିରେ ଅଭ୍ୟସ୍ତ ହୋଇଯିବୁ ।" ହସି ହସି ସେ ପୁଣି କହିଲା । "ଯା , ତୋ ଥାଳି ଏଠିକି ନେଇ ଆ । କଥାବାର୍ତ୍ତା ହବା ଆଉ ମୁଁ ଦେଖିବି କେମିତି ଭୋକ ଲାଗିନି ।" କିନ୍ତୁ ତା'ର ମନ ହେଲାନି । ଅନ୍ତରର ଦୁଃଖ ତା'କୁ ସେଠି ବେଶି ସମୟ ଠିଆ କରେଇ ଦେଲାନି । "ନା, ମୋ' ମଥା ଭାରି ବିନ୍ଧୁଚି । କିଛି ଦରକାର ହେଲେ ଡାକିବ, ମୁଁ ଆସିବି ।" କହି ସେ ନିଜ ରୁମ୍‌କୁ ଚାଲିଗଲା ।

କୋଠରୀରେ ବି ମନ ସ୍ଥିର ହେଲାନି । ଅନ୍ଧାର ହେଇ ଯାଇଥିଲେ ମଧ୍ୟ ସେ କୋଠରୀର ଆଲୁଅ ନ ଜଳେଇ ସେମିତି ବିଛଣାରେ ପଡି ରହିଲା । ତା'ର ସମସ୍ତ ଧ୍ୟାନ ବାହାର ଦର୍ଜା ଉପରେ ଥିଲା । ଶେଷରେ ବାହାର ଦର୍ଜାରେ ଠକ୍ ଠକ୍ ଶବ୍ଦ ହେଲା । ସେ ଆସ୍ତେ ଆସ୍ତେ ଉଠିଲା । କିଛି ଶବ୍ଦ ନ କରି ସରଳା କୋଠରୀର ଦ୍ୱାର ପାଖରେ ଲୁଚି ଛିଡା ହେଇଗଲା । ଭିତରେ କଥାବାର୍ତ୍ତା ଚାଲିଥିଲା । ପରିଷ୍କାର ଶୁଭୁ ନ ଥିଲା । ଶେଷରେ ରାମଣ୍ଡାର ସ୍ୱର ଶୁଭିଲା, "ଛି, ଛି - ଇଏ କ'ଣ ? ତା'କୁ ଯଦି ଦୁଃଖ ଲାଗୁଚି, ତେବେ ମୁଁ କ୍ଷମା ମାଗି ନଉଚି . . . . । ଡାକି ନେଇ ଆସୁଛି ।" ସେ ସ୍ୱର ଯେମିତି ପାଖରେ ପାଖକୁ ଆସୁଥିଲା । ସେ ଜାଣି ପାରିଲା ଯେ, ରାମଣ୍ଡା ତା' ପାଖକୁ ଆସୁଛି । ଏହା ଦେଖି ସେ ଭୟରେ ପାଦ ଚିପି ଚିପି ନିଜ କୋଠରୀକି ଯାଇ ବିଛଣାରେ ଶୋଇ ପଡିଲା ।

ସମୟ ଯେ ଅନନ୍ତ ଏହାର ଅର୍ଥ ସେତିକି ବେଳେ କୁମୁଦ ବୁଝି ପାରିଥିବ । ରାମଣ୍ଡାର ଆସିବାରେ ଯୋଉ ମିନିଟିଏ ଦି' ମିନିଟ୍ ଲାଗିଲା ସେଥିରେ ତା'ର ମନେ ହେଲା ଯେମିତି କି ସେ ଅନାଦି କାଳରୁ ତା' ପଥ ଚାହିଁ ବସିଛି । ଶୀଘ୍ର ଓ ଭୟରେ ଧାଇଁ ଚାଲି ଆସିବାରୁ ଛାତିଟା ଜୋରରେ ଧଡ୍ ଧଡ୍ ହଉଥିଲା । ଏ ସ୍ପନ୍ଦନ ରାମଣ୍ଡା ଶୁଣି ନ ପାରୁ, ଏଥିପାଇଁ ସେ ନିଜର ଦି' ହାତକୁ ନିଜ ଛାତି ଉପରେ ଥୋଇ ଦେଇଥିଲା । ଏ ଭିତରେ ରାମଣ୍ଡା ଆସିଲା । କୋଠରୀରେ ଆଲୁଅ ଜଳୁ ନ ଥିବାରୁ ସେ ଟିକେ ଡରିଗଲା ଓ ଖୁବ୍ ଧୀରେ "କୁମୁଦ, କୁ - - ମୁ - -

ଦ'' ଡାକିଥିଲା । କୁମୁଦ କୌଣସି ଉତ୍ତର ଦେଇନି । କ'ଣ ବା ଉତ୍ତର ଦେଇଥାନ୍ତା ? ତା'ର ଡର ଥିଲା ଯେ ଯଦି ସେ ଉତ୍ତର ଦିଏ ତେବେ ରାମଣ୍ଡା କବାଟ ପାଖରେ ଠିଆ ହୋଇ କଥାବାର୍ତ୍ତା କରିବ । ଭିତରକୁ ଆସିବନି । ନିଜ ଛାତିରେ ସ୍ପନ୍ଦନ ଶୁଣି ସେ ପଡି ରହିଲା । ରାମଣ୍ଡା ଭିତରକୁ ଆସିଲା ଓ ପୁଣି ଥରେ ତା' ନାଁ ଧରି ଡାକିଲା, "କୋଉଠି ଅଛୁ କୁମୁଦ ? କ'ଣ ଶୋଇଗଲୁ କି ?'' କହି ବିଛଣା ଧାରରେ ବସି ପଡିଲା । "ତୋ' ମୁଣ୍ଡ ବଥାଉଚି ନା କ'ଣ ?'' ପଚାରି ସେ ତା'ର କାନମୂଳକୁ ଚିପିବାକୁ ଲାଗିଲା । ମୋକ୍ଷ କ'ଣ ? ସୁଖ - ଦୁଃଖ, ଦେଶ-କାଳ ପ୍ରଭୃତିର ତାରତମ୍ୟ ଉପରେ ଯେ ଏକ ସତ୍ୟ ଓ ସାତ୍ତ୍ୱିକ ସୁଖଦ ଅବସ୍ଥା ରହିଚି, ଏ କଥା କୁମୁଦ ଜାଣି ନ ଥିଲା । ଜାଣିଥିଲେ ବୁଝି ପାରିଥା'ନ୍ତା ଯେ ତାକୁ ସେଇ ମୁହୂର୍ତ୍ତରେ ମୋକ୍ଷ ମିଳି ଯାଇଥିଲା । ସେତେବେଳେ କୁମୁଦ ଏପରି ଭାବେ ଚେତନା ହରେଇ ବସିଲା ଯେମିତିକି ବଂଚି ଥାଇ ମଧ୍ୟ ସେ ଅମର ହୋଇଯାଇଛି ।

"ତୋ ମୁଣ୍ଡ ବିନ୍ଧୁଚି ନା କ'ଣ ? ଛି -- ପାଗଳୀ ! ମୁଣ୍ଡ ବଥା ହବା ପାଇଁ ମୁଣ୍ଡଟିଏ ତ ଥିବା ଉଚିତ୍ । ତୋର ଯଦି ମୁଣ୍ଡ ଥାଆନ୍ତା, ତେବେ ମୋ କଥାକୁ ଠିକ୍ ଭାବେ ବୁଝିଥା'ନ୍ତୁ । କ'ଣ ଠିକ୍ କି ନାହିଁ ? କହ । ଉଠ୍, ଖାଇବାକୁ ଚାଲ୍ । ସରଳା କେତେ ମନ ଦୁଃଖ କରୁଚି ।''

ପ୍ରଥମ କଥାଟି ଶୁଣି କୁମୁଦକୁ ହସ ମାଡିଲା । କିନ୍ତୁ ସରଳା କଥା ଶୁଣି ପଶ୍ଚାତ୍ତାପ କଲା, ହେଲେ ଉଠିଲାନି । ରାମଣ୍ଡା ଫୁସଲେଇବା ସ୍ୱରରେ କଥା କହି ଶେଷରେ ହାତ ଧରି ଟାଣିଲା । ତା ଦେହରେ ବିଜୁଳି ଖେଳିଗଲାପରି ଲାଗିଲା । ହାତକୁ ଛୁଇଁବାରେ ତା'ମନ ଆହୁରି ଜୋର୍‌ରେ ଉଛୁଳିବାକୁ ଲାଗିଲା । ତା' ହାତକୁ ଧରି ଭିଡିବାକୁ ଉଦ୍ୟତ ରାମଣ୍ଡାର ହାତ ଅନୁକୂଳ ପରିସ୍ଥିତି ପାଇ ଦୃଢ ହୋଇଗଲା । - - - - - ସେତେବେଳେ କୁମୁଦକୁ ଗୋଟାଏ ମୁହୂର୍ତ୍ତ ଗୋଟେ ଯୁଗପରି ଲାଗିଲା । ହେଲେ ଇତି ମଧ୍ୟରେ, "କମ୍‌ସେ କମ୍ ସରଳାପାଇଁ ଖାଇନେ । ଯଦି ତୁ ଚାହୁଁ, ମୁଁ ନିଜ ଭୁଲପାଇଁ ପରେ କ୍ଷମା ମାଗିନେବି ।'' କହି ରାମଣ୍ଡା ତା' କୋଠରୀରୁ ଚାଲିଗଲା ।

ସେଦିନ ରାତିରେ ଖାଇଲାବେଳେ ତା'ର ହୋସ୍ ନ ଥିଲା । ସରଳା ଅପା ଯେତେବେଳେ "ଭଲ ହେଲା, ଭଉଣୀ, ପେଟ ପୂରେଇ ଖାଇଲୁ ତ !'' କହିଲା ସେତେବେଳେ ଯାଇ ଖାଇ ସାରିଲାଣି ବୋଲି ଜାଣିଲା । "ଏବେ ଆଉ ମୁଣ୍ଡ ବଥା ନାହିଁ ନା ? ବୋଧେ ଭୋକ ଲାଗିବାରୁ ସେ କଥା ବୁଝି ନ ପାରି ଏ ଝିଅ ମୁଣ୍ଡ ବିନ୍ଧୁଚି ବୋଲି କହିଲା ।'' ସରଳା ଏମିତି ଥଟ୍ଟା କରିବାରୁ ତା'କୁ ଲାଗିଲା ଯେ ସେ ଗୁଡାଏ ଖାଇ ପକେଇଚି । "ପେଟ ପୂରାଇ ଖାଇଲେ କାହାର କଥା ଜାଣେନି ।'' କହି ସରଳା ଅପା କୁତୁ କୁତୁ କଲା । ଯେମିତି ହାତ ଖାଇବା ଶେଷ କରି ସରଳା ମନର ମଇଳା ସବୁ ଧୋଇ ଦେଇ ସେ ଆପଣା କୋଠରୀକି ଆସିଲା ମାତ୍ରେ ଧକ୍କାରେ କୌଣସି ବିପଦରୁ ମୁକୁଳି ଆସିଥିବା ଲୋକପରି ଗୋଟେ ଲମ୍ବା ନିଶ୍ୱାସ ନେଇ ବିଛଣାରେ ଆଗ ପରି ପଡି ରହିଲା । ଆଲୁଅ ଜଳେଇଲେ କାଳେ ମନର ଭାବନା ସବୁ ହଜିଯିବ, ଏଇ ଆଶଙ୍କାରେ ସେ ଆଲୁଅ ଜଳେଇଲାନି । ତା' ମନରେ କେବଳ ଗୋଟେ କଥା ମୁଣ୍ଡ ଟେକୁଥିଲା । ରାମଣ୍ଡା କହିଥିଲା, "ପରେ କ୍ଷମା ମାଗିନେବି,'' ସେ କ'ଣ ପୁଣି ତା' କୋଠରୀକି ଆସିବ ? ସେ ଭାବିଲା, ଆଲୁଅ ଜଳାଇ ଦେଲେ ଭଲ ହବ । କିନ୍ତୁ ଆଲୁଅ ରେ ରାମଣ୍ଡା ତା'ର ଲାଜରା ମୁହଁକୁ ଦେଖି ପକାଇବ, ଏଥିଲାଗି ସେ ଆଲୁଅ ନ ଜଳେଇବାକୁ ଠିକ୍ କଲା । ଅନ୍ଧାରରେ ଦ୍ୱାର ଆଡକୁ ଅନେଇ ପଡି ରହିଲା । ସତରେ ଯଦି ରାମଣ୍ଡା ଆସିଯାଏ ? ସତରେ ଯଦି କ୍ଷମା

ମାଗେ ? ସେ କ'ଣ କହିଲେ ଭଲ ହବ ? ଛି - ଇସ୍ସେ କି ପାଗଳାମି ! ରାମଣ୍ଡା ପରି ଲୋକ ତା'କୁ କ୍ଷମା ମାଗିବାର ଉଦ୍ଦେଶ୍ୟ କ'ଣ ? ପ୍ରଥମରୁ ମୋ' ନିଜର ଭୁଲବୋଲି କହିଦେବା ଉଚିତ୍ ଥିଲା । ରାମଣ୍ଡାର କାମ କରିବା ଢଙ୍ଗ ବାସ୍ତବିକ୍ କେତେ ଚମତ୍କାର ! ତୋର ମୁଣ୍ଡ ନାଁଇ ବୋଲି କହିଲା ବେଳେ ମୁଣ୍ଡରେ ତ ହାତ ବୁଲୁଥିଲା ! ଏତିକି ବେଳେ ଶୁଭିଲା, "କୁମୁଦ !" ଏ ଶବ୍ଦ ଶୁଣିବାକ୍ଷଣି ସେ ଚମକି ପଡ଼ିଲା । ରାମଣ୍ଡାର ସ୍ୱର । "ହେ ଭଗବାନ ! ଆସିକି ପହଞ୍ଚିଗଲେ ।" କହି ସେ ଉଠିବାକୁ ଚାହୁଁଥିଲା । ମାତ୍ର ଗୋଡ ଦି'ଟା ତା' ଇଚ୍ଛାନୁସାରେ କାମ କଲେନି । ଉଠି କ୍ଷମା ମାଗିବାକୁ ଚାହୁଁଥିଲା, ହେଲେ ମୁହଁରୁ କଥା ବାହାରିଲାନି । କୋଠରୀରେ ରହିଥିବା ଅନ୍ଧାର ତା'କୁ ଧୈର୍ଯ୍ୟ ଧରିବାରେ ସାହାଯ୍ୟ କଲା । କେହି ତା'ର ସେ ଦୁରାବସ୍ଥା ଦେଖି ପାରିଲେନି । ରାମଣ୍ଡା ବୋଧେ ତା'ର ଉଠି ନ ପାରିବା କଥା ବୁଝି ପାରିଲା । ସେ ସିଧା ଆସି ତା' ବିଛଣାରେ ବସି ପଡ଼ିଲା ।

"ମୁଣ୍ଡ ବିନ୍ଧା ଛାଡ଼ିଲାଣି ?"

ସେ ଏବେ କି ଉତ୍ତର ଦବ ? ରାମଣ୍ଡା ତା' ମଥାର ଫୁରୁ ଫୁରୁ ବାଳକୁ ସଜାଡ଼ିବାକୁ ଲାଗିଲା । ସେ କିଛି ବୁଝି ପାରିଲାନି । କ'ଣ ଜବାବ ଦବ ?

ରାମଣ୍ଡା ପୁଣି କହିଲା, "ତତେ କ୍ଷମା ମାଗିବାକୁ ଆସିଚି କୁମୁଦ । ଯେତେ ପର୍ଯ୍ୟନ୍ତ ତୋ' ମୁହଁରୁ 'ହଁ' ନ ବାହାରିଚି, ମୁଁ ଏଠୁ ଉଠିବିନି ।"

ତା' ହେଲେ ସେ ଅନ୍ତତଃ 'ହୁଁ' ମାରିବା ଉଚିତ୍ ଥିଲା । ସେଇ ଶବ୍ଦଟି ଉପରେ ତାର ଭବିଷ୍ୟତ ନିର୍ଭର କରୁଥିଲା । କିନ୍ତୁ ସେ ଜମା ମୁହଁ ଖୋଲିଲାନି ।

"କହିଲି ପରା ମୁଁ ଯିବିନି ।" କହି ରାମଣ୍ଡା ଗୋଡ ଲମ୍ବେଇ ବିଛଣାରେ ଶୋଇଗଲା ।"
କୁମୁଦର ଦେହ ଥରୁଥିଲା । ରାମଣ୍ଡା ଏ କଥା ଜାଣି ପାରିଲାନି । ତେଣୁ "ଆରେ, ଜର ଆସିଲାଣି ନା କ'ଣ !" କହି ସେ କୁମୁଦର ପେଟ ଉପରେ ହାତ ଥୋଇଲା ।

"ତୁ ହୁଁ ବି ମାରିବୁନି ? କେତେ ଜିଦ୍ ତୋର ?" ରାମଣ୍ଡା ତା' କାନରେ କହିଲା । ରାମଣ୍ଡାର ମୁହଁ ଏବେ ତା' ମୁହଁ ପାଖରେ ଥିଲା । "ଉଠ, କଂପିବାର ନାଟକ କରନା" କହି ବାଁ କଡ ମାଡ଼ି ଡାହାଣ ହାତରେ ତା'କୁ ଭିଡ଼ି ନେଲା । ପାଟିରେ କ'ଣ ହେଲା କେଜାଣି, ଓଠ ଅଧା ଖୋଲାଥିଲେ ବି ପଦେ କଥା ବାହାରିଲାନି । "ତୁ ମୁହଁ ବନ୍ଦ ରଖିଲେ ମୁଁ ବି କଥାବାର୍ତ୍ତା ବନ୍ଦ କରିଦେବି ।" କହି ରାମଣ୍ଡା ନିଜ ମୁହଁକୁ ତା' ମୁହଁ ଉପରେ ରଖି ପୁଣି ଡାହାଣ ହାତରେ ଆହୁରି ପାଖକୁ ଭିଡ଼ିନେଲା ।

ସେ ଦିନ ରାତିରେ କୁମୁଦକୁ କେମିତି ଗୋଟେ ଡର ଲାଗିଲା । ପ୍ରକୃତି ସ୍ତ୍ରୀ ପାଇଁ ଯୌନ ଧର୍ମ ସୃଷ୍ଟି କରିଚି ସେ ବିଷୟରେ ତା'ର ଧାରଣା ନ ଥିଲା, ଜ୍ଞାନ ନ ଥିଲା । ଥରେ ସେ ଅନୁଭବ କଲା ଯେ ଧର୍ମର ରାସ୍ତା ସୁଗମ ନୁହେଁ । ତେବେ କୋଉଟା ସତ ? ଦେହ ପାଇଁ ପୀଡା ନା ମନ ପାଇଁ ଆନନ୍ଦ ? ବେଳେବେଳେ ପୀଡା ଆନନ୍ଦଦାୟକ ବୋଧ ହୁଏ, ଏ କଥା ସେ ଜାଣି ନ ଥିଲା । ରାମଣ୍ଡାର ହାତ ଯେତେବେଳେ ତା' ଛାତିକି ଛୁଇଁଲା

ସେ ହାତରେ କେମିତି ଗୋଟେ ଯାଦୁ ଥିଲା ପରି ତା'କୁ ଲାଗିଲା । ସେଥିରେ ସୁଖ ଥିଲା କି ଦୁଃଖ ଥିଲା ସେ ବୁଝିପାରିଲାନି । ତା ମୁହଁକୁ ଭିଡି ରାମଣ୍ଣାର ମୁହଁ ଚହିଁଥିଲା, ଆଉ ସେ ଯେତେବେଳେ ତା' ର ଓଠକୁ କାମୁଡିଲା ତା'କୁ ଲାଗିଲା ସତେ ଯେପରି ରକ୍ତ ସାଥିରେ ସୁଖ ବି ବାହାରି ଆସୁଚି । ଥରେ ଅସହନୀୟ କଷ୍ଟ ହେଲା । କିନ୍ତୁ ତାହା ସତେ ବେଦନା ନୁହେଁ, ଏହା ସୂଚେଇ ଦବାଲାଗି ଏକ ସନ୍ତୋଷ ଭରା ସୀତ୍କାର ବାହାରି ପଡିଲା । 'ନାଇଁ ନାଇଁ' ଭିତରେ 'ହଁ ହଁ' ର ଭାବ ମା' କୋଳରେ ଛୁଆ ଭଳିଆ ତା' ମନକୁ ଅଧିକାର କରିଥିଲା । ରାମଣ୍ଣାର 'କୁମୁଦ କୁମୁଦ' ଡାକ ତା' ମନକୁ ଭେଦ କରି ହୃଦୟକୁ ଆନ୍ଦୋଳିତ କରିବାକୁ ଲାଗିଲା । ରାମଣ୍ଣା ମୁହଁରୁ ଏଇ ପଦକ ବାହାରିବା ମାତ୍ରେ କୁମୁଦ ତା'କୁ ନିଜର ଦି' ବାହୁରେ ଖୁବ୍ ଜୋରରେ ଭିଡି ଧରିଲା । ସେତେବେଳେ ରାମଣ୍ଣା ଦେହକୁ ବାହୁଭିତରେ ଚିପି ନିଜ ସାଥିରେ ମିଶେଇ ଦବାର ଏକ କ୍ରୁର ପ୍ରେମେଚ୍ଛା ତା' ମନରେ ଜାତ ହେଲା ।

'ପ୍ରେମ' ଏଇ ଶବ୍ଦଟି ମନେ ପଡିବା ମାତ୍ରେ କୁମୁଦ ସ୍ୱପ୍ନରୁ ଉଠିଲା ପରି ପୁରୁଣା ସ୍ମୃତିକି ବାହାର କରି ଫିଙ୍ଗି ଦବା ପାଇଁ ଖୁବ୍ ଜୋରରେ ମୁଣ୍ଡ ହଲେଇଲା । ତା' ପରେ ଜୋରରେ ନିଶ୍ୱାସ ନେଲା । 'ପ୍ରେମ' - ଦି' ବର୍ଷ ଭିତରେ ସେ ଏଇ ଶବ୍ଦଟିର ଏକ ବଳିରେ ପରିଣତ ହେଇଯାଇଚି । "କୁମୁଦ, କୁମୁଦ" କହି ଯୋଉ ରାମଣ୍ଣା ଦିନେ ନିଜର ହୃଦୟକୁ ଖୋଲି ଦେଇଥିଲା ସେ ଏବେ ତା'ଠୁ ଦୂରେଇ ଯାଉ ଏହା ଭାବି ଚାଲିଲା । ଏଇନେ ଏ ଚିନ୍ତା କାହିଁକି ? ଏଇଟା ସେ ପ୍ରଥମ ରାତିର ଭୁଲ୍ ନୁହେଁ । ରାମଣ୍ଣା ଏମିତି କରି ନ ଥିଲେ ସେ ଏତେ ସାହସ କରି ନ ଥା'ନ୍ତା । ଭୁଲ୍ ତା'ର ନୁହେଁ । ସେ ସ୍ୱେଚ୍ଛାରେ ପାପ କରିବାକୁ ଯାଇ ନ ଥିଲା । ଏସବୁ ମିଛ । ଯାହା ହେଇ ଯାଇଚି, କେବଳ ତାହା ହିଁ ସତ ଏୟା ଭାବି ଦୀର୍ଘ ନିଶ୍ୱାସ ନେଇ ସେ ବିଛଣାରୁ ଉଠିଲା । ବର୍ତ୍ତମାନ ଚାହିଁ ରହିଲେ ଏ ସ୍ମୃତି ସବୁ ତା' ପିଛା ଛାଡିବେନି । ଏ କଥା ବିଚାର କରି ସେ ଶୋଇବା ଲାଗି ପ୍ରସ୍ତୁତ ହେଲା । ପୁଣି କ'ଣ ଭାବିଲା କେଜାଣି, ବିଛଣା ଉପରୁ ଚଦର ଉଠଉଁ ଉଠଉଁ ହଠାତ୍ ନିଶ୍ଚଳ ଚିତ୍ର ପ୍ରତିମାଟି ପରି ଠିଆ ହେଇ ରହିଗଲା ।

୨

ସହଜରେ ମିଳୁଥିବା ବସ୍ତୁପ୍ରତି ପ୍ରଥମେ ପ୍ରଥମେ ଭାରି ଆଶା ଥାଏ ଓ ମିଳିଯିବା ପରେ ତା' ପ୍ରତି ଅନାଦର ଜନ୍ମେ । ରାମଣ୍ଣା ଆଶ୍ଚର୍ଯ୍ୟ ହେଲା । କୋଉଥିପାଇଁ ତା' ମନରେ ଏ ଚିନ୍ତା ଉଠିଲା ? ହାତରେ ଥିବା ବହିକି ସେ ପଢିବାକୁ ଆରମ୍ଭ କଲା । ଏଇ ବହିପାଇଁ ନୁହେଁ ତ ? ନା, ଅସମ୍ଭବ । ତେବେ ? ସେ ଯୋଉ ବହିସବୁ ଲେଖିଚି ସେଥିପାଇଁ ? କାରଣ ଏ ପ୍ରକାର ଅନୁଭବ ତା'ର କେତେ ଥର ହେଇଥିଲା । ଅମୁକ ବିଷୟ ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି ସ୍ଥିର କରିନେଲେ ତା'କୁ ଲେଖିବା ପାଇଁ ସେ ବ୍ୟସ୍ତ ହେଇ ପଡୁଥିଲା । ତା' ପରେ ତା'କୁ ଆରମ୍ଭ କରି କିଛିଦିନ ମଧ୍ୟରେ ସାରିଦେବା ପରେ ତାକୁ ଘୃଣା କରୁଥିଲା । କାହିଁକି ? ଅଳ୍ପଦିନ ଭିତରେ ଲେଖିବାକୁ ଥିବା ବହି ମହତ୍ତ୍ୱପୂର୍ଣ୍ଣ ଲାଗେ କେମିତି ? ଓହୋ, ବୋଧେ ଏଇଥିପାଇଁ, ହେଲେ ଏ ଭାବନା ତା' ମନକୁ ବର୍ତ୍ତମାନ ଆସିଲା କାହିଁକି ? ହାତରେ ବହି ଧରିଛି ବୋଲି ? ହଁ, ବୁଝିପଡିଲା । ହାତରେ ବହି ଓ ବହିଠୁ ବଳି ତା'ର

ଅନ୍ତର୍ମନ ତା'କୁ ବଳ ପୂର୍ବକ ସବୁ କହୁଚି । ଏତେବେଳେ ଯାକେ ସେ ବିଗତ ସ୍ମୃତି ଗୁଡ଼ାକୁ ରୋମନ୍ଥନ କରୁଥିଲା । ଏଇ ପ୍ରସଙ୍ଗରେ ଦି' ଅଢ଼େଇ ବର୍ଷ ଆଗେ କୁମୁଦ ନିଜେ ନିଜେ ଯେ ତା' ହାତକୁ ଆସିଥିଲା ଏହା ତା'ର ମନେ ପଡ଼ିଲା । ବର୍ତ୍ତମାନ କୁମୁଦ ପାଇଁ ତା' ମନରେ ରହିଚି କେବଳ ଘୃଣା । ଏଥିପାଇଁ ତା'ର ଅନ୍ତର୍ମନ ସନ୍ତୋଷ ଲାଭ କରୁଥିଲା । ତା'ର ବାହ୍ୟମନ ଏ କଥା ବୋଧେ ଶୁଣିଥିବ । ତେଣୁ ଏ ଚିନ୍ତା ତା' ମନକୁ ଆସିଥିବ । ମିଳିବାକୁ ଥିବା ବସ୍ତୁ ପ୍ରତି ପ୍ରଥମେ ପ୍ରଥମେ ସରଳାର ବହୁତ୍ ଆଶା ଥାଏ, ଏ କଥା ସତ । ତା'ର ଓ କୁମୁଦର ସଂପର୍କ ବିଷୟରେ ଏ କଥା ଅକ୍ଷରେ ଅକ୍ଷରେ ସତ । ସେଦିନ ଆଲମାରି ଆଗରେ ତା'କୁ -ଆଲିଙ୍ଗନ କରିବା ବେଳେ ତା'ର ମୁହଁ ଙ୍ଗି ଦେଖି ରାମଣ୍ଡା ଅନ୍ତରରେ ସୁପ୍ତ ଆଶା ଅଙ୍କୁରିତ ହୋଇଥିଲା । ତା'ର ମନେ ହେଲା ଯେ କୁମୁଦ ତା'କୁ ପ୍ରଥମରୁ ପସନ୍ଦ କରିଚି । ହେଲେ ରାମଣ୍ଡାର ନିଜ ହୃଦୟ ଉପରେ ପୁରା ବିଶ୍ୱାସ ହେଲାନି । କିଏ ଜାଣେ, ଯଦି ସରଳା ତା'କୁ ଏସବୁ ଶିଖେଇ ଥାଏ ? ଏହା ଭାବି ସେ ଶଙ୍କିତ ହେଇ ଉଠିଥିଲା । ଆଜି ବି ସେ କଥା ମନେ ପଡ଼ିଲେ ରାମଣ୍ଡା ମୁହଁରେ ହସ ଖେଳି ଯାଏ । ତା' ପର ଦିନ ସେ ସରଳା ପାଖେ ପାଖେ ବୁଲାଚଲା କରିବାକୁ ଲାଗିଲା । ସୁଯୋଗ ଉଣ୍ଡି ଥରେ ଅଧେ କୁମୁଦକୁ କଣେଇ ଚାହିଁବାରୁ ତା'ର ମନେ ହେଲା ଯେମିତି କୁମୁଦ ଆଖିରେ କ୍ରୋଧ ଓ ଭୟ ପରିବର୍ତ୍ତେ ସ୍ୱାଗତ-ସଂଭାଷଣର ସୂଚନା ରହିଚି ! ତା' ଫଳରେ ତା'ର ସୁପ୍ତ ଆଶା ମୁକୁଳିତ ହେଲା, ଏବଂ ସେ ପ୍ରଥମ ଓ ଶେଷଥର ପାଇଁ ଆପଣା ମନକୁ ପଢ଼ିବା ଲାଗି ଚେଷ୍ଟାକଲା । ସେ ଭାବିଲା, ନା ତା'ର ସଂପର୍କ ଲୋଡ଼ା ନାଇଁ, କିନ୍ତୁ ଗତ ରାତିରେ ସ୍ପର୍ଶ-ସୁଖକୁ ମନେ ପକେଇ ସେ ଉତ୍ତେଜିତ ହେଇପଡ଼ିଲା । ତା' ପରେ ସରଳାର ହାତକୁ ଚିପି ଧରି ଗତ ରାତିର ସ୍ମୃତିକି ଭୁଲିବାର ପ୍ରୟାସ କଲା । ଅଳ୍ପ ହସି ସରଳା ତା'କୁ କହିଥିଲା, "ଭଗବାନ ! ମତେ ଏଥିପାଇଁ ଯଥେଷ୍ଟ ଶକ୍ତି ଦିଅ ।" ସରଳାର କଥାକୁ ଠିକ୍ ଭାବେ ବୁଝିନପାରି ରାମଣ୍ଡା ସଚେତକ ହେଇଗଲା ଏବଂ ତା ମୁହଁରୁ ବାହାରି ପଡ଼ିଲା, "କ'ଣ କହିଲ ?" ବିଚାରୀ ସରଳା ସେମିତି ହସି "କିଛି ନୁହେଁ" କହି ଶକ୍ତିହୀନ ହାତରେ ତା' ହାତକୁ ଚିପି ଧରିଲା ; ଯେମିତିକି ବାତ୍ସଲ୍ୟ-ଶକ୍ତି ତା'କୁ ଏମିତି କରଉଚି । ସେଦିନ ଘର ସଫାସୁତୁରା କଥାକୁ ନେଇ ଆଉ ଗୋଟେ ଘଟଣା ଘଟିଥିଲା । କୋଉ କଥା ତ ? ହଁ ମନେ ପଡ଼ିଲା । ପରଦିନ କୁମୁଦକୁ ସିନେମା ନେଇଯିବା କଥା । ସେଇଟା ବି ସରଳା କହିବା ଯୋଗୁଁ ।

ସେ କଥା ମନେ ପଡ଼ିବାରୁ ରାମଣ୍ଡା ବୁଲିପଡ଼ି ପୁଣି ଛବି ଆଡ଼କୁ ଚାହିଁଲା ଓ ଗୋଟେ ଦୀର୍ଘଶ୍ୱାସ ଛାଡ଼ିଲା । "ପାଗଳୀ ! ମୁଁ କେତେ ଚେଷ୍ଟା କରିଥିଲି । ହେଲେ ତମେ ଇ ସେସବୁ ବିଗାଡ଼ି ଦେଲ । ନିଜ ହାତରେ ଆପଣା ଜୀବନକୁ ଅନ୍ୟ ହାତକୁ ଟେକି ଦେଲ । ଏଥିପାଇଁ କହୁଚି ସରଳା, ଏସବୁ ତମରି ଭୁଲ୍ ।" କହି ସେ ସରଳାର ଛବିକି ବୁଝେଇବାକୁ ଲାଗିଲା ।

ରାମଣ୍ଡା ଭାବିଲା, ଯାହାସବୁ ହେଇଗଲା ସେଥିପାଇଁ ସରଳାକୁ ଦୋଷୀ ବୋଲି କହିଲା ବେଳେ ତା'ର ନିର୍ମଳ ହୃଦୟ ତାକୁ ହଇରାଣ କରୁଥିଲା । ନିର୍ମଳ ହୃଦୟର କଥା କ'ଣ ଭୁଲ୍ ହେଇପାରେ ? କାହିଁକି ହବନି ? ଯଦି ବ୍ୟବହାରର ଢଙ୍ଗ ବିପରୀତ ହେଇପାରେ, ତେବେ ଜୀବନର ରୀତି ବିପରୀତ ହବନି କାହିଁକି ? ଅନ୍ୟାୟ-ଉପାର୍ଜନରେ ମନ୍ଦିର ତୋଳୁଥିବା ବ୍ୟକ୍ତିକି ଲୋକେ ପୁଣ୍ୟାତ୍ମା ମାନନ୍ତି ନାଇଁ କି ? ପାପ ଦ୍ୱାରା ପ୍ରେରିତ ହେଇ ଯଦି ପୁଣ୍ୟ କରାଯାଇପାରେ, ତେବେ ପୁଣ୍ୟ ଦ୍ୱାରା ପ୍ରେରିତ ହେଇ ପାପ କରାଯାଇ ପାରିବନି କାହିଁକି ? କୌଣସି କାମ କଲାବେଳେ ତନ୍ମଧ୍ୟସ୍ଥିତ ଅନ୍ତଃକରଣ ମୁଖ୍ୟ, ନା ତା ପରେ ଘଟିବାକୁ ଥିବା ଅନର୍ଥ ମୁଖ୍ୟ ? ଦେଶ କାଳର ସୀମା ଉର୍ଦ୍ଧ୍ୱରେ ଜ୍ଞାନ ଲାଭ କରିଥିବା ଏ ଜଗତର କ୍ରିୟା ହିଁ ମୁଖ୍ୟ । ଏଣୁ ଯାହା ଅନର୍ଥ

ହେଲା, ତାହା ମୁଖ୍ୟ, ଆଉ ଆଗକୁ ଚିନ୍ତା କରିବାରୁ ନିଜକୁ ନିବୃତ୍ତ କଲା ରାମଣ୍ଡା । ସେ ପାଗଳ ହୋଇଯାଉନି ତ ? କୋଉ କଥା ? ତା'ର ପ୍ରସଙ୍ଗ କଣ ? ତା'ର ସମାଧାନ ସକାଶେ ସେ ଏ କୋଉ ତତ୍ତ୍ୱଜ୍ଞାନର ପାହାଡ ଖସଉଚି ? ଏଇ ସ୍ୱଭାବ ଲାଗି ମଣିଷ ଶେଷରେ ଜ୍ଞାନକୁ କାବୁ କରିବା ବଦଳରେ ନିଜେ ସେଇ ପାହାଡ ତଳେ ଚାପି ହୋଇ ଚୁର୍ ମାର୍ ହୋଇଯାଏ । ରାମଣ୍ଡା ନିଜପ୍ରତି ତାଚ୍ଛଲ୍ୟର ଏକ ହସି ହସି ପୁଣି ଥରେ ଛବିକି କହିଲା, "ସରଳା, ତମ ସ୍ୱାମୀର ଅବସ୍ଥା ଦେଖୁଲ ତ ? ତମେ ଭାବୁଥିଲ ଯେ ସେ ଯାହା ଚାହିଁବ କରି ପାରିବ । କିନ୍ତୁ ଯାହା କରିବା ଅନୁଚିତ୍ ତା'କୁ କରି ହଜମ୍ କରିବାକୁ ଅସମର୍ଥ ହବା ଫଳରେ ସେ ଆଜି ଛଟ ପଟ ହଉଚି ।" ତା' ପରେ ସେ ଏପଟ ସେପଟ ଚାଲବୁଲ କଲା, ଯେମିତି କି ଅଜୀର୍ଣ୍ଣ ହୋଇଯିବାରୁ ବ୍ୟାୟାମ କରିବା ଆବଶ୍ୟକ । ସେ ପଛପଟ ହାତକୁ ଛନ୍ଦି, ମୁହଁ ତଳକୁ କରି ଏଠୁ ସେଠିକି ଚଲାବୁଲା କଲାବେଳେ ହଠାତ୍ ତା' ମୁହଁରୁ ବାହାରି ପଡିଲା, "ଶଳା ସିନେମା ଦେଖୁବାରୁ ଏସବୁ କାଣ୍ଡ ହେଲା ।" ସରଳା ହିଁ ସେମାନଙ୍କୁ ସିନେମା ପଠେଇଥିଲା । ତା'ପରେ ତା'କୁ ରାଗ ଲାଗିଲା; ହେଲେ ସେ କାହା ଉପରେ ରାଗୁଚି, ବୁଝିପାରିଲାନି । ତେଣୁ ଚୌକିଟାକୁ ଟାଣି ଆଣି କଚାଡିଲା ପରି ଥୋଇଲା ଓ ସେଥିରେ ବସି ସାମ୍ନା କାନ୍ଥ ଆଡେ ଅନେଇ ରହିଲା ।

ମନରେ ସିନେମା ବିଷୟକ ଚିନ୍ତା, ସାମନାରେ କାନ୍ଥକୁ ଯେତେ ବେଶି ଚାହିଁଲା ସେଦିନ କୁମୁଦକୁ ସିନେମା ନେଇ ଯିବାର ସ୍ମୃତି ସେତେ ବେଶି ଆସିବାକୁ ଲାଗିଲା । ଚୌକି ଉପରେ ବସି ସେ ଟିକେ ବାଁ ଆଡକୁ ଢଳିଲା, ଯେମିତି କି ତା' ବାଁ କଡରେ କୁମୁଦ ବସିଚି । ସେଦିନ ତା'ର ଦେହକୁ ଛୁଇଁବାକୁ ତା ହାତକୁ ନିଜ ହାତରେ ଧରିବାକୁ, ବେଳେବେଳେ ବାଁ ହାତରେ ତାକୁ ଆଲିଙ୍ଗନ କରିବାକୁ ଇଚ୍ଛା ହଉଥିଲା । ମାତ୍ର ସେ ସବୁ କରିବାରୁ ନିଜକୁ ନିବୃତ୍ତ କରି ସେ କୁମୁଦକୁ କାହାଣୀ ବୁଝେଇବାରେ ଆଗ୍ରହୀ ହେଲା । ସେଦିନ ସେ କେତେ କଥା କହିଲା, ହେଲେ କୁମୁଦ 'ହୁଁ' ପଦେ ବି ମାରିଲାନି । କିନ୍ତୁ ଥରେ ଅଧେ ଅନ୍ଧାରରେ କଥା କହିଲା ବେଳେ ଯେତେବେଳେ ସେ ରାମଣ୍ଡାକୁ ଚାହୁଁଥିଲା ଓ ଅସ୍ପଷ୍ଟ ଆଲୁଅରେ ତା'ର ଦି' ଆଖି ଚମକି ଉଠୁଥିଲା, ସେତେବେଳେ ତା ମୁହଁକୁ ଉଠେଇ ଚୁମା ଦେବାକୁ ରାମଣ୍ଡାର ଇଚ୍ଛା ହେଲା, ତା' ପରେ କଥାବାର୍ତ୍ତା ବନ୍ଦ କରି ସେ ଛେପ ଢୋକିଲା । ଏଇଟା କାହାର ଦୋଷ ? ତା'ର ନା ସରଳାର ? ଏତେକାଳ ବିତି ଯିବାପରେ ରାମଣ୍ଡା ଆଜି ନିଜକୁ ପଚାରିଲା ।

ଦୋଷ ଯାହାର ହଉନା କାହିଁକି, ଘଟଣା ଗୁଡିକ ନିୟମାନୁବନ୍ଧ ରୀତିରେ ଘଟିଥିଲା । ସିନେମା ଦେଖୁବାର ନୂଆ ଅନୁଭୂତି ହେତୁ କୁମୁଦକୁ ଭାରି ଆନନ୍ଦ ଲାଗିଥିଲା, ଆଉ ରାମଣ୍ଡାକୁ କୁମୁଦକୁ ଦେଖୁବାର ପ୍ରସନ୍ନତା । ତା' ପର ଦିନ ସେ ସେଇ ମନୋସ୍ଥିତିରେ ଥିଲାବେଳେ ତା' ପାଟିରୁ କ'ଣ ବାହାରିଗଲା କେଜାଣି ! ସେଇ କଥାପାଇଁ କେତେ ମଜା ହେଲା ! କଥାଟା ଏତେ ଛୋଟ ଯେ ଆଜି ତା'ର ମନେ ପଡୁନି । କିନ୍ତୁ ସେଥିରୁ ଗୋଟେ ଅଭୁଲା କାହାଣୀର ସୃଷ୍ଟି ହେଲା । କୁମୁଦ ରାଗିଥିଲା ନ ହେଲେ ତା' ମୁଣ୍ଡ ବଥାଉଥିଲା । ତା'କୁ ସାନ୍ତ୍ୱନା ଦବା ଲାଗି ରାମଣ୍ଡା ଯେତେବେଳେ ତା' କୋଠରୀକି ଗଲା, ତା'ର ବିଶ୍ୱାସ ହୋଇଗଲା ଯେ ସେ ତା'ର ବଶୀଭୂତ ହୋଇଯାଇଚି । ସେଇ ପ୍ରଥମ ଅନୁଭୂତି ଏବେ ବି ସ୍ପଷ୍ଟ ମନେ ଅଛି । ବୁଝେଇ ସୁଝେଇ ତା' ହାତ ଧରି ଉଠେଇବା ପାଇଁ ହାତ ବଢେଇଲା ବେଳେ ଯାହା ଘଟିଲା, ତାହା ଏଯାଏଁ ସେ ଭୁଲି ପାରିନି । ସେଇ କଥା ମନେ ପଡିବାରୁ ସେ ଜଣେ ସୁସଂସ୍କୃତ ମନୁଷ୍ୟ ନା ଗୋଟାଏ ପଶୁ (ମାତ୍ର ପଶୁମାନେ କ'ଣ ମନେ ପକାନ୍ତି ?), ଏହା ଭାବିବାକୁ ଲାଗିଲା । ଏବେ ସୁଦ୍ଧା ସେ କଥା ମନେ ପଡିଲେ ଆନନ୍ଦରେ ମନ ରୋମାଞ୍ଚିତ ହୋଇ ଉଠୁଚି । କୁମୁଦ

ବି ନିଜ ଛାତିରେ ଦି' ହାତ ଥୋଇ ଶୋଇଥିଲା । ତା' ହାତ ଧରିବାକୁ ଇଚ୍ଛେ ହାତ ବଢେଇଲା ବେଳେ ଆଙ୍ଗୁଳି ଗୁଡ଼ାକୁ ତ ଛୁଇଁଲା, ତା ସାଥିରେ ତା'ର ସ୍ତନକୁ ବି ଛୁଇଁଥିଲା । ସେ ଭୟରେ ଚିତ୍କାର କରିବନି ତ ଏଇ ଆଶଙ୍କାରେ ରାମଣ୍ଡା ଚୁପ୍ ହୋଇ ବସିଗଲା ! କିନ୍ତୁ ଇତି ମଧ୍ୟରେ କୁମୁଦ ଛାତିରୁ ହାତ କାଢିନେଇ ରାମଣ୍ଡା ହାତ ପାଇଁ ଜାଗା କରି ଦେଇଥିଲା । ସେତେବେଳେ ରାମଣ୍ଡାର ଆଉ ସନ୍ଦେହ ରହିଲାନି । ସେ କାଣ୍ଡଜ୍ଞାନ ଭୁଲି ଗଲା । ହେଲେ ପର ମୁହୂର୍ତ୍ତରେ ବହୁ ଚେଷ୍ଟା କରି ନିଜକୁ ସଂଯତ କଲା । "କୁମୁଦକୁ ଡାକି ଆଣୁଚି" ବୋଲି ସରଳାକୁ କହି ଆସିଥିଲା-ତ ! ତେଣୁ ବେଶି ସମୟ ରହିବା ଠିକ୍ ନୁହେଁ । ପୁଣି ଯୋଉ ସୁଯୋଗ ମିଳିଚି ତା'କୁ ଛାଡ଼ିବା ବି ଉଚିତ୍ ନୁହେଁ । ଏହା ଭାବି କୁମୁଦକୁ କ'ଣ ଗୋଟେ କହି ଉଠେଇଲା । କି ଆନନ୍ଦ ! କେବେ ଯଦି ତା'କୁ ସ୍ୱାଭାବିକ ସ୍ଫୁର୍ତ୍ତି ମିଳିଥାଏ ତେବେ ସେତିକି ବେଳେ ମିଳିଥିଲା ବୋଲି କହିବାକୁ ହବ । "ଏଇନେ ସରଳାପାଇଁ ଖାଇନେ, ମୁଁ ପରେ କ୍ଷମା ମାଗିନେବି ।" ତା' ପରେ ଯାଇ ସେ ବୁଝିଲା ଯେ ସ୍ଫୁର୍ତ୍ତିପରି ଦୁନିଆରେ ଆଉ କିଛି ନାଇଁ । ନୈସର୍ଗିକ କାମ ତୃପ୍ତି ହେତୁ ହିତାହିତ ଜ୍ଞାନ ବିସ୍ମୃତ କରେଇ ଦେଉଥିବା ପ୍ରାକୃତିକ ଗୁଣରୁ ସ୍ଫୁର୍ତ୍ତି ଜାତ ହୁଏ ।

ସେତେବେଳେ ସ୍ଫୁର୍ତ୍ତି ସମ୍ବନ୍ଧିୟ ଚିନ୍ତା ଉଠିବାର ଏକ ବିଶେଷ କାରଣ ଥିଲା । ଅନୁଭବୀ ହୋଇ ଥିଲେ ହେଁ କୁମୁଦ ପାଖକୁ ଯିବାରୁ ତା'କୁ ଏକ ନୂଆ ଶକ୍ତି ମିଳିଲା । ତେଣୁ ସେତେବେଳେ ସେ ଗୋଟେ ନୂଆ ବହି ଲେଖା ଆରମ୍ଭ କଲା । ସେଇ ବହିଟିକି ସେ ପୂର୍ବ ବହିଠୁ ଅଧିକ ମନଯୋଗ ସହକାରେ ଲେଖିଲା । ଏଥିପାଇଁ ରାମଣ୍ଡା ଖୁବ୍ ଆଶ୍ଚର୍ଯ୍ୟ ହୋଇଥିଲା । ଗୋଟେ ଦୃଷ୍ଟିରୁ ସମାଜକୁ ସୁଗମ ଭାବେ ଚଳେଇବା ପାଇଁ ଯୋଉ ନିୟମ କାନୁନ୍ ଗଢା ହେଉଚି ଅର୍ଥାତ ଲୌକିକ ଦୃଷ୍ଟିରୁ ସେ ଯାହା କରିଚି ତାହା ଅପରାଧ, ପାପ । କିନ୍ତୁ ସେଥିରେ ତା' ମନ ଉଲ୍ଲସିତ ହୋଇ ଉଠିଥିଲା, ବୁଦ୍ଧି ତେଜୀୟାନ ହୋଇଥିଲା, ଶରୀରରେ ସେ ଶକ୍ତି ସଂଚରିତ ହେଉଥିଲା । କାହିଁକି ? କ'ଣ କୁମୁଦ ସାଥିରେ ତା'ର ପ୍ରେମ ହୋଇଯାଇଥିଲା ?

ପରଦିନ ସକାଳେ ଏ ପ୍ରଶ୍ନର ଉତ୍ତର ମିଳିଗଲା । କୁମୁଦ ସହିତ ତା'ର ପ୍ରେମ ନାଇଁ, ଏହା ଥିଲା ତା'ର ଉତ୍ତର । କାରଣ ଉଠିବା ମାତ୍ରେ ସରଳା ରାମଣ୍ଡା ପାଖକୁ ଯାଇ ଆରମ୍ଭ କରିଥିବା ବହି ବିଷୟରେ କହିଲା । ତାହା ଶୁଣି ସରଳା ଯେତେବେଳେ ଗର୍ବପୂର୍ଣ୍ଣ ଦୃଷ୍ଟିରେ ତା'କୁ ଚାହିଁଲା, ସେତେବେଳେ ଏ ସଂସାରରେ କେବଳ ସରଳା ଓ ସେ ଦି' ଜଣ ଅଛନ୍ତି, ଆଉ କେହି ନାଇଁ -- ଏୟା ଭାବି ସେ ପୁଲକିତ ହୋଇ ଉଠିଲା । କେବଳ ଏତିକି ନୁହେଁ, ଦିନସାରା ସେ ସରଳା ପାଖରେ ବସି ରହିଥିଲା । ସରଳା ଯେତେବେଳେ ପଚାରିଲା, "ଲେଖିବନି ?" ସେ ଉତ୍ତର ଦେଲା "ରାତିରେ ଲେଖିବି ।" ତା' ପରେ ସରଳା ଥଟ୍ଟାରେ ପଚାରିଲା, "ଅକାରଣେ ଏଠି ମୋ' ପାଖରେ ବସିଚ କାହିଁକି ?" ସେଇଠୁ ସେ ଜବାବ ଦେଲା, "କାରଣ ବାହାରେ ନାଇଁ ଭିତରେ । କାହିଁକି ନା ତମେ ଭିତରେ ଅଛ ।" ଏ କଥାରେ ଲାଜେଇ ଯାଇ ସେ କହିଲା, "ମିଠା କଥା ଆରମ୍ଭ ହୋଇଗଲା ?" "ମିଠା ନୁହେଁ, ସତ କଥା । ପାଗଳୀ ! ତମେ ଭିତରେ ନ ଥିଲେ ବହି ଲେଖି ହୁଅନ୍ତାନି ।" କହି ସେ ମଥାରେ ଚୁମା ଦେଲା । ଏଇ ସବୁ କାରଣରୁ ତା'ର ସରଳା ପ୍ରତି ଦୃଢ ପ୍ରେମ ରହିଚି ବୋଲି ଭାବୁଥିଲା ବେଳେ ସନ୍ଦେହର ପିଶାଚ ତା' ମନକୁ ପ୍ରବେଶ କରିଗଲା । ସେ ଭାବିଲା, ସରଳା ସହିତ ପ୍ରେମ ଥିବା ହେତୁ ସେ ଏପରି ବ୍ୟବହାର କରୁଚି ନା ତା' ସାଥିରେ ଯୋଉ ଅନ୍ୟାୟ କରା ଯାଇଚି ତା'ର କ୍ଷତି ପୂରଣ ପାଇଁ ଏମିତି କରୁଚି ? ଦିନ ବଢିବା ସଂଗେ ସଂଗେ ଏଇ ସନ୍ଦେହ ବି ବଢି ଚାଲିଲା । ସକାଳଠୁ ସେ କୁମୁଦଠୁ ଯେତେ ଦୂରେଇ ରହିବାକୁ ଚେଷ୍ଟା କଲା, ତା'କୁ ଦେଖିବାର ଇଚ୍ଛା ସେତେ ବଢିଚାଲିଲା । ତା'ପରେ

'ଉଚିତ୍' ଓ 'ଅନୁଚିତ୍' ରୂପକ ଦୁଇଟି ଡୋରରେ ଟଣାହେଉଥିବା ମନ ଏବେ ତୃତୀୟ ରାସ୍ତା ଧରି କୁମୁଦକୁ କଣେଇ କଣେଇ ଦେଖୁଥିଲା । ଶେଷରେ ରାତିରେ ଖାଇସାରି ସରଳା ସହିତ କିଛି ସମୟ କଥାବାର୍ତ୍ତା ପରେ "ଏବେ ମୁଁ ଲେଖା ଆରମ୍ଭ କରୁଚି" କହି ଫୁର୍ତ୍ତିରେ ଉଠିଲା । ବାହାରକୁ ଯାଉଁ ଯାଉଁ ଦ୍ୱାର ଅଡକୁ ମୁହଁ କରି ଠିଆ ହୋଇ କହିଲା, "କେତେ କାମ କାଲି କାଲି କହିବି ।" ମାତ୍ର ସେତେବେଳେ ତା' ଆଖି ଭିତର ଦ୍ୱାର ଆଡେ ଥିଲା । ସେଇ କବାଟ ପଛରେ କୁମୁଦ ଠିଆ ହୋଇଥିବାର ଦେଖି "ଏବେ ମୁଁ ମୋ' ରୁମ୍‌କୁ ଯାଉଚି ।" କହିଲା । ମନେ ହେଲା, ସତେ ଯେପରି କୁମୁଦକୁ ସୂଚନା ଦଉଚି ।

ଦେହ ଆଉ ବୁଦ୍ଧିର ଏଇ ସଂଘର୍ଷ ଭିତରେ ରାମଣ୍ଡା ଥକି ଯାଇଥିଲା । ଦେହର ଭୋକ ସିନା ମେଣ୍ଟି ଯାଉଥିଲା । କିନ୍ତୁ ବହୁଧା ବୁଦ୍ଧିକି ସଂଯତ କଲେ ଦେହର ଭୋକ ବଢି ଯାଉଥିଲା । ଏଥିରୁ ଦେହ ଓ ବୁଦ୍ଧି ପରସ୍ପରର ବିରୋଧୀ ହୋଇ ଯେ ଯୁଦ୍ଧ କରୁଥିଲେ, ଏ କଥା କୁହାଯାଇ ପାରିବନି । କାରଣ ପ୍ରତିଥର ଦେହ ଯେତେବେଶୀ ତୃପ୍ତି ଲାଭ କରୁଥିଲା ବୁଦ୍ଧି ସେତେ ସତେଜ ହୋଇ ଯାଉଥିଲା । ଲେଖକ ରାମଣ୍ଡାକୁ ଏଥିରେ ଯେତିକି ଆଶ୍ଚର୍ଯ୍ୟ ଲାଗିଲା, ସେତିକି ଡର ମଧ୍ୟ ଲାଗିଲା । ମଣିଷର ସଂସ୍କୃତି ବୁଦ୍ଧିର କାର୍ଯ୍ୟକଳାପକୁ ଶରୀର ଏମିତି ଭାବେ ନିୟନ୍ତ୍ରଣ କରି ପାରେ ?

ଏ କଥା ସତ ହେଲେ ନୈତିକ ସଂସ୍କୃତି ନାମକ ଜିନିଷଟି ମିଥ୍ୟା ଓ ଆତ୍ମ-ପ୍ରବଂଚନା ହୋଇଯିବ । ଛି, ଛି ! ଏଇଟା ଠିକ୍ ବିଚାର ନୁହେଁ । ମଣିଷ ଭୋଗକୁ ନୈସର୍ଗିକ ବାସନା ବୋଲି ମାନୁନି ଏବଂ ଯାହା କିଛି ମିଳୁଚି ତା'କୁ ଖାଉନି । ଦୁର୍ଭିକ୍ଷ ସମୟରେ ଏପରି ଘଟଣା କୋଉଠି କୋଉଠି ହେଉଛି । ତା' ହେଲେ କାମ-ବାସନାପାଇଁ କ'ଣ ଏହା ପ୍ରଯୋଜ୍ୟ ? ସ୍ତ୍ରୀ ବିଛଣା ଧରିବା କ'ଣ ତା' ପାଇଁ ଦୁର୍ଭିକ୍ଷ ପରିସ୍ଥିତି ହୋଇଗଲା ? କାହିଁକି ହବନି ? ଭଲ ସମୟରେ କୌଣସି ନୈସର୍ଗିକ ବାସନା ତୃପ୍ତ ନ ହେଲେ, ତାହା ମଣିଷକୁ ପାଗଳ କରି ଦେଇପାରେ ।

ନିଜ ଜୀବନର ଏଇ ଦିଗଟି ସଂପର୍କରେ ରାମଣ୍ଡା ପ୍ରଥମ ଥର ପାଇଁ ଚିନ୍ତା କଲା । ଏହା ଶେଷ ଥର ବୋଲି ବି କୁହାଯାଇପାରେ । କୁମୁଦ ଏବେ ମଧ୍ୟ ଘରେ ଅଛି । ସଂରଳାର ବାଧା ବି ନାହିଁ । କିନ୍ତୁ ତା' ମନ କୁମୁଦକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ଆଜି ସିନେମା ଯିବା ପାଇଁ ହୁଏ ତ ତା'ର ଖୁବ୍ ଇଚ୍ଛା ହଉଥିବ । ସିନେମା ନ ଯାଇ ଭଲ ହୋଇଚି । ତା'ର ମନେ ହେଲା, ଯାଇଥିଲେ ପୁରୁଣା କଥା ଗୁଡାକ ମନେ ପକେଇ ସେ ବୋଧେ ସେଠୁ ପଳେଇ ଆସିଥା'ନ୍ତା । ଚୌକିରୁ ଉଠି ସେ କୋଠରୀ ଭିତରେ ବୁଲିବାକୁ ଲାଗିଲା । ଛବି ଆଗରେ ଠିଆ ହୋଇ କ'ଣ ଭାବି ମୁଣ୍ଡ ହଲେଇଲା ଓ ପୁଣି ଫେରିଲା । ତା'ପରେ ଚୌକିରେ ବସି କ'ଣ ବିଡି ବିଡି ହେଲା ।

"ମୁଁ କ'ଣ ବିଡିବିଡଉଚି ?" ରାମଣ୍ଡା ନିଜକୁ ପ୍ରଶ୍ନକଲା । ସେଇ ବାକ୍ୟଟି ତାର କାହିଁକି ମନେ ପଡିଲା ? ଓଃ ! 'କାମ' ଶବ୍ଦଟା ମନ ଭିତରେ ଘୁରି ବୁଲିବା ହେତୁ ଏମିତି ବୋଧେ ହେଲା । ସେ ସେଇ ବାକ୍ୟକୁ ଜୋର୍‌ରେ ଆବୃତ୍ତି କଲା, "ସୋ କାମୟତ । ବହୁସ୍ୟାଂ ପ୍ରଜାୟେୟ ଇତି ।" -- ଏହାକୁ ରଚନା କରିଥିବା ବ୍ୟକ୍ତି ଋଷି ବୋଲଉ ଥିଲେ ହେଁ ତା'ର ବୁଦ୍ଧି କେତେ ବିକୃତ ! ହେଲେ ସେଇ ବୃଦ୍ଧ ମହର୍ଷିର କଥାରେ କେତେ ସତ୍ୟତା ଲୁଚି ରହିଚି । ସଂସାର କେମିତି ଜନ୍ମ ନିଏ ଏହା ସମସ୍ତଙ୍କୁ ଜଣା । ଏଇ କଥାକୁ ସେ ଶୃଙ୍ଖଳ ବ୍ୟକ୍ତି ଜଣକ ଗଂଭୀର ଭାବରେ ବ୍ୟକ୍ତ କଲେ ବୋଲି ଏହାର ବିକୃତି କ'ଣ ଦୂର ହୋଇଯିବ ? ପ୍ରଥମେ ପ୍ରଥମେ 'ସେ

ସ୍ୱୟଂ ନ ଥିଲା' । ଅର୍ଥାତ୍ 'ସେ' (ବ୍ୟକ୍ତି) ଥିଲା । ସେ କାମନା କଲା, ମୁଁ ଅନେକ ହେବି, ଉତ୍ପତ୍ତି କରିବି, ତା' ପରେ ପୃଥିବୀର ସୃଷ୍ଟି ହେଲା,ଜଗତର ମୂଳ କେତେ ସୁଗମ ! ହେଲେ ଏଥିରେ ନୂଆ କଥା କ'ଣ ଅଛି ? ଜଗତର ସୃଜନ ଶକ୍ତି ହେଉଚି କାମ । କିନ୍ତୁ କାମ ପରିବର୍ତ୍ତେ 'କାମ-ବାସନା' ର ପ୍ରୟୋଗ କରାଗଲେ ତାହା ଅସହ୍ୟ ବୋଧ ହୁଏ । ପୁଣି ଉପନିଷଦରେ ସୃଜନ ପାଇଁ କାମ ଓ କାମ-ବାସନା ଉଭୟ ଶବ୍ଦର ପ୍ରୟୋଗ କରା ଯାଇଚି । ସେଇ ଶବ୍ଦଦ୍ୱୟ କ'ଣ ସୃଷ୍ଟିର ଏକ ଶକ୍ତି ନୁହେଁ ? ଏହାକୁ ମୂଳ ଶକ୍ତି ରୂପେ ଅଭିହିତ କରି ମହର୍ଷିଙ୍କ ପୂର୍ବପୁରୁଷମାନେ ଉପକାର କରିଚନ୍ତି । ଭଲ ହେଲା ; ତା'ର ବ୍ୟବହାରକୁ ଉପନିଷଦର ସାର୍ଟିଫିକେଟ୍ ମିଳିଗଲା ।

ରାମଣ୍ଣା ଚୌକିରେ ବସି ପୁଣି ଘଡି ଦେଖିଲା । ଏଗାରଟା ହେଲାଣି । ସେ କେତେ ପାଗଳଟାଏ ! ଏତେ ବେଳେ ଯାଏଁ ନିଜ ମୁଣ୍ଡକୁ ଯାହା ଖରାପ କଲା । ସେ ସରଳାକୁ ଭଲ ପାଏ, ନା କୁମୁଦକୁ ? ଏ ପ୍ରଶ୍ନ ପଚାରିବ କିଏ ? ସେ ବିଷୟରେ ଜାଣିବା ବି କାହାର ଦରକାର ? ସରଳା ମରିଯିବାର ତିନିମାସ ହେଇଗଲା । କୁମୁଦ ପ୍ରତି ତା'ର ଅନୁରାଗ ଯେ ନାହିଁ, ଏହା ଜାଣି ଶୁଣି ଏ ବିଷୟରେ ଭାବିବାର ମାନେ କ'ଣ ? ନିଦ ଆସିବା ପର୍ଯ୍ୟନ୍ତ ଗୋଟେ ସଂସ୍କୃତ ବହି ନ ହେଲେ ପର୍ଦ୍ଦେ । ଉପନିଷଦର ବାକ୍ୟଟି ମନେ ପଡିବାରୁ ଢେର୍ ଉପକାର ହେଲା । ଏହା ଚିନ୍ତା କରି ସେ ଟେବୁଲକୁ ଲାଗି ରହିଥିବା ସେଲ୍ଫରୁ ବହି ବାଛିବାକୁ ଲାଗିଲା ।

10

ଶୋଇବାପାଇଁ ପ୍ରସ୍ତୁତ ହେଲାବେଳେ ବିଛଣା ଚଦରକୁ କାଢି ଦବାଲାଗି ହାତ ଉଠାଇବାରୁ ହାତଘଡିର କଣ୍ଟା ଗୁଡାକ କୁମୁଦ ଆଗରେ ଚମକି ଉଠିଲା । ଏଗାରଟା ବାଜିଲାଣି ! ରାତିର ସମୟ ମନେ ପଡିବାରୁ କୁମୁଦ ସବୁ କିଛି ଭୁଲି ଚିତ୍ରପ୍ରତିମାଭଳି ଠିଆ ହେଇଗଲା । ସେଦିନ ସମୟ ଏତିକି ହେଇଥିଲା, ତାହା କେବେ ଭୁଲି ନ ହେଲା ପରି ସମୟ । ଲମ୍ବା ନିଶ୍ୱାସ ଟାଣି ସେ ବିଛଣାରେ ଯେମିତି ସେମିତି ବସିପଡିଲା,କ୍ଷଣକ ଆଗରୁ ସେ ସରଳା ଅପା ପ୍ରତି କିଛି ପାପ କରିନି ବୋଲି ଭାବିଥିଲା ! ହେଲେ ସେ ଭାବନା ପୁରା ବଦଳି ଗଲା । ରାତି ଏଗାରଟା କଥା ମନେ ପଡିବା ମାତ୍ରେ ଅତୀତର ଗୋଟେ ଚିତ୍ର ହଠାତ୍ ଆଗେଇ ଆସି ଉଭା ହେଇଗଲା, ତା' ମନରେ ନିଜର ଶୁଦ୍ଧ ଅନ୍ତଃକରଣ ସମ୍ପର୍କରେ ଯୋଉ ବିଶ୍ୱାସ ଥିଲା ତାହା ଗୋଟେ କଡରେ ରହିଗଲା, ରାତି ଏଗାରଟା ବାଜିଚି, ସେଦିନ ମଧ୍ୟ ଏତିକି ସମୟ ହେଇଥିଲା । ସେ ରାମଣ୍ଣାର ବାହୁର ଶିକାର ହବାର ଦି' ତିନିଦିନ ବିତି ଯାଇଥିଲା । ପ୍ରଥମେ ସେ ଭୟ ପାଇ ଯାଇଥିଲା, ଆରମ୍ଭର ସ୍ମୃତି ତାକୁ ଆହୁରି ଡରେଇ ଥିଲା । ତହିଁ ଆରଦିନ ଉଠିବା ବେଳେ ତା'ର ଜଙ୍ଘ ଦି'ଟା ଥର-ଥର କମ୍ପୁଥିଲା । ତାର ସରଳା ଅପା ଆଗକୁ ଯିବାପାଇଁ ସାହସ ହେଲାନି । ରାମଣ୍ଣା ତା' ସାଥିରେ ଏଇନା କଥାବାର୍ତ୍ତା କରିବ ? ଅନ୍ଧାର ରେ ଯୋଉ ମୁହଁ ତାକୁ କରୁଣା ପୂର୍ଣ୍ଣ ଦିଶିଥିଲା ଆଉ ଆଖି ବିଜୁଳି ପରି ଚମକି ଥିଲା, ସେସବୁ ଏଇନେ ଆଉ ଭଳିଆ ଦିଶିବ ? ସେ ସେମାନଙ୍କର ଆଗକୁ ଯାଇପାରିବ ? ଏସବୁ ଭାବୁ ଭାବୁ ସେ ନିଜର ନିତି ଦିନିଆ କାମରେ ଲାଗି ଗଲା । କିନ୍ତୁ ସରଳା ଓ ରାମଣ୍ଣା ମଧ୍ୟରେ କୌଣସି ପରିବର୍ତ୍ତନ ନ ଦେଖି ତାକୁ ଆଶ୍ଚର୍ଯ୍ୟ ଲାଗିଲା । ତା'ପର ଦିନ ରାତିରେ

ବି ରାମଣ୍ଡା ଆସିଥିଲା । ତା' ସାଥିରେ କଥା କହିବାକୁ ସାହାସ ହେଲାନି, କେବଳ ତୃତୀୟ ଦିନ ଗତିରେ ବି ରାମଣ୍ଡା ଆସିବା ମାତ୍ରେ କହିଲା, "ଦେବୀ କୃପା ଦୃଷ୍ଟି ନେଇ ଛିଡା ହୋଇଚନ୍ତି ତ ?"

କଥା କହିବାକୁ ଇଚ୍ଛା ଥିଲେ ବି ସାହାସ ନ ହେବାରୁ ସେ ଖାଲି ମୁଣ୍ଡ ହଁଗାରିଲା ।

ତା' ପରେ ସେ କହିଲା, "ଓ ହୋ ! ଇୟେ କ'ଣ ? ତୋ ଆଖି ତ ଖୋଲା ଅଛି ଅଥଚ ତୋତେ ଜଣା ନାହିଁ ?"

ସେତେବେଳେ ହସମାଡିଲେ ମଧ୍ୟ ତାକୁ ଚାପି ସେ ମୁଣ୍ଡ ବୁଲାଇରିଲା ।
ରାମଣ୍ଡା ପାଖକୁ ଆସି ତା' ମୁଣ୍ଡକୁ ଜୋରରେ ଧରି ମୁହଁ ଆଣି ପଚାରିଲା,
"ମୁଣ୍ଡ ବୁଲାଇରିବାକୁ ଯଦି କଷ୍ଟ ହଉଚି ତେବେ ପାଟିରେ କହ ।"

ଏହାପରେ ତା'ର ପ୍ରଥମ ବାକ୍ୟ ଥିଲା, "ତମ ସାଥିରେ କଥା କହିବାର ଯୋଗ୍ୟତା ମୋର," ଏ ବାକ୍ୟଟି ପୂରା ହୋଇ ପାରିଲାନି ।

"ତୁ କ'ଣ ଭାବୁଛୁ ଯେ ମୁହଁରୁ ଶବ୍ଦ ବାହାରିଲେ କଥା ହୋଇଯାଏ ?"
"ମାନେ ?"
ରାମଣ୍ଡା କହିଲା, "ମାନେ କ'ଣ ? ଏଇ ଚାରିଦିନ ଭିତରେ ମୋ'ଠୁ ତୁ ବେଶୀକଥା କହିଛୁ ।"
"ମୋ ମୁଣ୍ଡରେ ପଶୁନି ।"

"ବାପରେ ! ମୁଣ୍ଡରେ ପଶୁନି ବୋଲି ଏତେ କଥା କହିଲୁ । ଯଦି ପଶିଥାନ୍ତା ତ କେତେ କଥା କହିଥାନ୍ତୁ କେଜାଣି ?"

ସେ ନିଦ୍ରରେ ବିଳିବିଳେଇନିତ, ଏମ୍ବା ଭାବି କୁମୁଦ ଡରିଗଲା ।
"ସ୍ୱପ୍ନରେ କେବେ - - - - -" ସେ ଏ କଥା କହିବାକୁ ଗଲାବେଳକୁ ରାମଣ୍ଡା ହସିଉଠିଲା ।

"ପାଗିଳୀ ! ସ୍ୱପ୍ନରେ ! ଆରେ ଇୟେତ ମୋ ପାଇଁ ସ୍ୱପ୍ନ । ତୁ ତ ଚେଇଁ ରହିଛୁ । ଏମିତି ଡରିଲା ପରି ମତେ ଚାହିଁବୁ କାହିଁକି ? ଏଇଥି ପାଇଁ ତ କହିଥିଲି ଯେ ମୁହଁରୁ ଶବ୍ଦ ବାହାରିଲେ ହିଁ କଥା କହିବା ହୁଏନି । ତୋର ଚାଲି କଥା କହୁଥିଲା, ତୋର ପ୍ରତିଟି ଚାହାଣୀ କଥା କହୁଥିଲା । ତୋର ଅଧ ଖୋଲା ଓଠ ବି କଥା କହୁଥିଲା । ଖାଲି ଏତିକି ନୁହେଁ ତୋ' ନିରବତା ବି ମୁଖର ହୋଇ ଉଠିଥିଲା । ଏଇସବୁ କଥାଲାଗି ମୁଁ ଏମିତି ପାଗଳ ହୋଇନି ତ ? କହ, ଏବେ ଭଲା ମୁହଁ ଖୋଲ'"। କହି ସେ ନିଜ ମୁହଁ ଦ୍ୱାରା କୁମୁଦର ମୁହଁରେ ସ୍ନେହର ତାଲା ଲଗେଇ ଦେଲା ; ସେଦିନ ଅନ୍ଧାରରେ ଦିହେଁ ଶୋଇଥିଲାବେଳେ ରାମଣ୍ଡା ଏକାନ୍ତରେ କେମିତି-କେମିତି କଥା କହିଥିଲା । "ତୁ ମୋ'ର ପ୍ରେରଣା ଦେବୀ । ଏ କଥା ମିଛ ନୁହେଁ । ଯଦି ଚାହୁଁ ତ ମୋ ରୁମ୍‌କୁ ଆସି ଦେଖିପାରୁ । ତୋ'ର ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ମୁଁ ନୂଆ ବହି ଗୋଟେ ଆରମ୍ଭ କରିଚି ।"

ହଁ । - - - ?"ଭୁଟା ପାଗିଳା । ଦିନେ ରାତିରେ ତତେ ନ ଦେଖିଲେ ମୋ ଲେଖନୀ କୁଣ୍ଠିତ ହୋଇଯାଉଛି - - - ତୋ'ରି ପାଇଁ ମୋ ଭିତରେ ଗୋଟେ ନୂତନ ପ୍ରେରଣା ଆସିଚି - - - ତୁ ମୋ ସାହିତ୍ୟିକ ଜୀବନର ପ୍ରାଣ ।" ସେ ଆଉ କ'ଣ କ'ଣ କହିଥିଲା ମନେ ନାହିଁ । ସେଇ ସବୁ କଥା ଶୁଣି ସେ ବି ନିଜର ଜ୍ଞାନ ହରେଇ ବସିଲା । ସେଦିନ ଜାଲେ ରାମଣ୍ଡା ତା'କୁ ଛାଡି ଚାଲିଯିବ, ଏଇ ଭୟରେ ତା'କୁ ସେ ନିଜେ ସ୍ୱୀକାର କଲା । ଏଇ ସବୁକଥା ପାଇଁ ପରଦିନ ତାକୁ ଆଶ୍ଚର୍ଯ୍ୟ ଲାଗିଲା ମଧ୍ୟ ।

ରାମଣ୍ଡା ଏତେବେଳକୁ ଆସି ନ ଥିଲା । ସେ ହାତର ଘଡିକି ଚାହିଁଲା । ଠିକ୍ ରାତି ଏଗାରଟା । ଏତେ ଡେରି । ରୋଜ୍ ଜଲଦି ଆସୁଥିବା ରାମଣ୍ଡା ଆଜି ଏ ପର୍ଯ୍ୟନ୍ତ ଆସି ନ ଥିଲା । ପ୍ରତୀକ୍ଷା ଅସହ୍ୟ ବୋଧ ହେଲା । ଗୋଟେ ମିନିଟ୍ ନିଶ୍ୱାସ ବନ୍ଦ କରି କାନ ଡେରିଲା । କୁଆଡୁ ଫୁସ୍ ଫୁସ୍ କଥା କହିବାର ଶବ୍ଦ ଶୁଭିଲା । ଏତେବେଳେ କିଏ କଥା କହୁଚି ? ସରଳା ଅପା ତ ନ'ଟା ବେଳେ ଶୋଇ ଯାଉଚି ! ହଁ ରାମଣ୍ଡା ବସିକି କିଛି ପଢୁଥିବେ । ସେଥିରେ ମଜି ଯାଇ ଏଠିକି ଆସିବା କଥା ଭୁଲି ଯାଇଥିବେ । କୁମୁଦ ଦୁଷ୍ଟ ପିଲାଟିଏ ପରି ହସିଲା । ଏସବୁ ଆଉ ମତେ ଭୁଲି ରାମଣ୍ଡା ପଢୁଥିବେ ! ଚୁପ୍ ଚାପ୍ ଯାଇ ଦେଖିବା ଉଚିତ୍ । ତମେ ହିଁ ମତେ ପ୍ରେରଣା-ଦେବୀର ସାର୍ଟିଫିକେଟ୍ ଦେଇଥିଲ ଏବଂ ରୁମ୍‌କୁ ଆସି ଦେଖିବାକୁ ବି କହିଥିଲ । ସେଥିପାଇଁ ଆସିଚି ବୋଲି କହିଦେବ, ତା'କୁ ଦେଖି ରାମଣ୍ଡା ଚମକି ଉଠିବ । ଏଇ କଥା କଳ୍ପନା କରି ସେ ପୁଲକିତ ହେଲା ଓ ଆପେ ଆପେ ହସିଲା । ତା'ପରେ ଆସ୍ତେକିନା ବିଛଣାରୁ ଉଠି ପାଦ ଚିପି ଚିପି ରାମଣ୍ଡା କୋଠରୀ ଆଡକୁ ଗଲା । କିନ୍ତୁ ବଜ୍ର ପଡିଲା ପରି ଅବାକ୍ ହୋଇ ରହିଗଲା । କୋଠରୀର କବାଟ ବନ୍ଦଥିଲା ଓ ଭିତରେ ଆଲୁଅ ଜଳୁଥିଲା । ଏହା ଦେଖି ସେ ଯେତିକି ନିରାଶ ହେଲା, ଆଉ ଗୋଟେ ଦୃଶ୍ୟ ଦେଖି ତା'କୁ ତା'ର ଦି'ଗୁଣ ରାଗ ଲାଗିଲା । ସରଳାର କୋଠରୀରୁ ଫୁସ୍ ଫୁସ୍ କଥା ଶୁଭୁଥିଲା । କବାଟ ଅଧା ଖୋଲା ଥିଲା । ଭିତରେ ବେଶ୍ ତେଜ୍ ଆଲୁଅ ଜଳୁଥିଲା । ଏହା ଦେଖି ସେ ଖୁବ୍ ରାଗିଗଲା, ଇଚ୍ଛା ହେଲା ଅବିଳମ୍ବେ ନିଜ କୋଠରୀକି ଯାଇଭିତରୁ ଛିଟ୍‌କିଣି ଲଗାଇଦେବ ଏବଂ ଆଲୁଅ ଲିଭାଇ ମଲା ପରିକା ପଡି ରହିବ । ଏଥିପାଇଁ ତାକୁ ରାଗ ଲାଗିଥିଲେ ହେଁ କୋଉ କୌତୁହଳ ହେତୁ ସରଳାର ଦ୍ୱାର ପର୍ଯ୍ୟନ୍ତ ଟାଣିହୋଇ ଚାଲିଗଲା କେବେ ଜାଣିପାରିଲାନି । ଥରେ ତା'ର ମନେ ହେଲା, ସରଳା ସାଥିରେ କଥା କହୁଁ କହୁଁ ରାମଣ୍ଡା ତା'କୁ ଭୁଲି ଗଲା । ପର ମୁହୂର୍ତ୍ତରେ ମନେ ହେଲା, ରାମଣ୍ଡା ତା' ସ୍ତ୍ରୀ ସହିତ କଥାବାର୍ତ୍ତା କରୁଚି । ଏହା ଭାବୁଁ ଭାବୁଁ କୁମୁଦ ସରଳାର ଦ୍ୱାର ପାଖରେ ପହଂଚିଗଲା । ସେତେବେଳେ ସରଳା କହୁଥିଲା, "ଏତିକି ହୋଇଗଲେ ମୁଁ ସୁଖରେ ଆଖି ବୁଜିବି ।" କୁମୁଦ ଡରିଗଲା । ଅପାର ଶେଷ ସମୟ ଆସିଗଲା କି ? ଏଯ୍ଯା ଭାବି ସେ କୋଠରୀ ଭିତରକୁ ପଶି ଯାଉଥିଲାବେଳେ ରାମଣ୍ଡାର କଥା ଶୁଭିଲା, "ଏବେ ମୁଁ ଯୋଉ ସୁଖ ଲାଭ କରୁଚି, ତା'ଠୁ ବଳି ମୋ'ପାଇଁ ଆଉ କିଛି ସୁଖ ନାହିଁ ।" କୁମୁଦ ଆଉ ସହି ପାରିଲାନି । ଟିକେ ତଳକୁ ମୁହଁ କରି ମିନିଟିଏ ପର୍ଯ୍ୟନ୍ତ ଚାହିଁ ରହିଲା । ଯୋଉ ଦୃଶ୍ୟ ଦେଖିଲା, ସେଥିରେ ବାତ୍ୟାରେ ପୋପାଡି ହୋଇ ଯାଇଥିବା ବ୍ୟକ୍ତି ପରି ସେ ନିଜ କୋଠରୀକି ଆସି ବିଛଣାରେ ପଡିଗଲା ।

କୁମୁଦ ପୁଣି ଥରେ ହାତ ଘଡିକି ଚାହିଁ ଦୀର୍ଘଶ୍ୱାସ ନେଲା । ସେ ଜାଣିଥିଲା ଯେ ମନକୁ ପଥର ନ କଲେ ପୁରୁଣା ସ୍ମୃତିସବୁ ତା'କୁ ହଇରାଣ କରିବେ । ସେଇ ସ୍ମୃତି ସବୁରେ କେବଳ ଦୁଃଖ ଥିଲା । ତା'ପରେ ସରଳା ଅପାର ମୃତ୍ୟୁ ତା' ପାଇଁ ଥିଲା ଏକ ଭୟାନକ ଅନୁଭୂତି । ସେ ଦିନ ସେଇ ଅନ୍ୟାୟ ହେଲା କେମିତି ? ଇସ୍ ! କି ଦୃଶ୍ୟ ସେ ! ଛାଡ, ଏପରି କୁତ୍ସିତ କୌତୁହଳ ଜାତ ହେଲା କାହିଁକି ? ବିଚାରୀ ସରଳା ଅପା ମାସ ମାସ

ଧରି ବିଛଣାରେ ପଡିଥିଲା, ତା'ର ଅନେକ ଚିନ୍ତା ମଧ୍ୟ ଥିବ । ଏମିତି ସମୟରେ ଯଦି ସ୍ୱାମୀ ତା'କୁ ଟିକେ ସାନ୍ତ୍ୱନା ଦିଏ, ତେବେ ସେଥିରେ କ୍ଷତି କ'ଣ ? ତା'କୁ ଭୁଲ କହିବା ଲାଗି ଅନ୍ୟ ଜଣକର ଅଧିକାର ଅଛି ? ତା' ଛଡା ସେ କ'ଣ ଦେଖିଲା ? ସ୍ୱାମୀର କୋଳରେ ମଥା ରଖି ସରଳା ପ୍ରେମୋଜ୍ଜ୍ୱଳ ଆଖି ଯୋଡିକରେ ସ୍ୱାମୀ ମୁହଁକୁ ଚାହିଁ ପଡି ରହିଥିଲା । ରାମଣ୍ଣା ଗୋଟେ ହାତରେ ତା' ବାଳକୁ ସାଉଁଳଉ ଥିଲା । ଏବଂ ଅନ୍ୟ ହାତରେ ତା' ହାତକୁ ଆଣି ନିଜ ଗାଲ ଗାଲ ଉପରେ ଥୋଇ ହସି ହସି ତା' ମୁହଁକୁ ଦେଖୁଥିଲା । କେବଳ ଏତିକି ତ ଦେଖିଥିଲା ସେ ।

କିନ୍ତୁ ଏ ଦୃଶ୍ୟ ତା' ମନକୁ ଜାଳି ଦେଲାପରି ଲାଗିଲା । ଚିନ୍ତାରେ ଭର୍ତ୍ତି ହୋଇ ତା' ମନ ଯେମିତି ଫାଟିବା ଅବସ୍ଥାକୁ ଆସି ଯାଇଥିଲା । ଚିନ୍ତାସବୁ ଗୋଟେ ଅନ୍ୟକୁ ଧକ୍କା ଦେଇ ଯେମିତି ବାହାରକୁ ଆସିବା ଲାଗି ଠେଲା ପେଲା ଲଗେଇଥିଲେ । ଆଉ ଜୀବନରେ କିଛି ସୁଖ ନାହିଁ । ଏବେ ରାମଣ୍ଣାକୁ ଦ୍ୱିତୀୟ ଥର କୋଠରୀରେ ପାଦ ପକାଇବାକୁ ଦବା ଉଚିତ୍ ନୁହେଁ । ତା' ହାତକୁ ନିଜ ଦେହକୁ ଛୁଇଁବା ପାଇଁ ସୁଯୋଗ ଦବା ଉଚିତ୍ ନୁହେଁ । ସେ ସରଳା ଅପାକୁ କେମିତି ଦେଖୁଥିଲା ! ତାହା ଦେଖି ତା' ହୃଦୟ ଯେମିତି ଶୂଳବିଦ୍ଧ ହୋଇଗଲା । ଦଗାବାଜ ! କପଟି ! ସେ ଏଣେ ଉତ୍କଣ୍ଠିତ ନୟନରେ ପଥ ଚାହିଁ ବସିଚି ; କିନ୍ତୁ ନାଗର ସେଠି ରୁଗ୍ଣା ସ୍ତ୍ରୀର ବିଛଣାରେ ବସିଛନ୍ତି । ମରିବା ପର୍ଯ୍ୟନ୍ତ ତା' ଆଡକୁ ଆଖି ଉଠେଇ ଆଉ ସେ ଚାହିଁବନି । ତା' ସାଥିରେ ପାଟି ଫିଟେଇ କଥା ବି କହିବିନି । ଆସିଲେ ଆସୁ କୁମୁଦର ମନେ ପଡିଲା ଯେ ସେ କବାଟରେ ଛିଟ୍ କିଣି ଲଗେଇ ଦେଇଚି । ତା'ହେଲେ ସେ ଆସିବ କିମିତି ? କବାଟ ବନ୍ଦ ହୋଇଚି ଦେଖି ବାହାରେ ବାହାରେ ଭଲ ହେଲା ଭାବି ଚୁପ୍ ଚାପ୍ ଚାଲି ଯାଇପାରେ ତ ! ନା, ତାକୁ ଏମିତି ସୁଯୋଗ ଦବା ଉଚିତ୍ ନୁହେଁ । ସେ ଏଠିକି ଆସି ଇଏ ଶୋଇଚି ବୋଲି ଦେଖିବା ଉଚିତ୍ । ସେତିକିବେଳେ କଥାବାର୍ତ୍ତା । ଏହା ଭାବି କୁମୁଦ ଖାଲି ଛିଟ୍ କିଣି ନୁହେଁ, କବାଟ ବି ଖୋଲି ଦେଲା, ଏବଂ ଆଲୁଅ ଜଳେଇ ବିଛଣା ରେ ପଡିରହିଲା । ସ୍ତ୍ରୀ ତ ବିଛଣାରୁ ଉଠି ପାରୁନି । ତା'କୁ କାହାର ଡର ? ଦୁଃଖରେ ସିଝି ସିଝି ସେ ନିଜେ ନିଜକୁ ପ୍ରଶ୍ନ କଲା ।

କୁମୁଦ ବିଡି ବିଡି ହୋଇ କେତେ ସମୟ ପଡିରହିଲା ଜଣାନାହିଁ । ଏବେ ଆସିବ, ଏଇ ଗୋଟେ ମିନିଟ୍‌ରେ ଆସିବ । ଆସିଲେ ସେ ତା'କୁ ମୁହଁ ପର୍ଯ୍ୟନ୍ତ ଦେଖେଇବନି । ଏହା ଭାବି ସେ ମୁହଁ ବୁଲେଇ ଶୋଇ ରହିଲା । ଏ ଯାଏଁ ବି ରାମଣ୍ଣା ଆସିଲାନି । ମଝିରେ ମଝିରେ ମୁହଁ ଫେରେଇ କବାଟ ଆଡକୁ ଚାହୁଁଥିଲା । ଏମିତି ପ୍ରତୀକ୍ଷାରେ ସେ କେତେ ସମୟ ଯାଏଁ ପଡି ରହିଲା ।

ସେଦିନ ରାତିରେ କୁମୁଦକୁ ନିଜ ଆଚରଣ ହେତୁ ଆଶ୍ଚର୍ଯ୍ୟ ଲାଗିଲା, ସେ ଭାବିଲା ଯେ ସେ ଖୁବ୍ ରାଗିଯାଇଚି । ସେ କେମିତି ଦୃଢ ନିଷ୍ପତ୍ତି ନେଇଥିଲା ! ମାତ୍ର ହେଲା କ'ଣ ? ଶେଷରେ ରାମଣ୍ଣା ଆସିବା ପରେ ସେ ନିଷ୍ପତ୍ତି କୁଆଡେ ଗଲା ? ଏତେସବୁ କଥାରୁ ଗୋଟେ ବି ସେ କହି ପାରିଲାନି । ଏଥିପାଇଁ ତା'କୁ ରାମଣ୍ଣା ଉପରେ ଭାରି ରାଗ ମାଡିଲା । ରାମଣ୍ଣା ଆସିବ, ଆସିଲା ମାତ୍ରେ ତା' ସହିତ କଥା କହିବ, ଡେରିପାଇଁ ତା'ର ରାଗ ଦେଖି ବାହାନା କରିବ, ସେତେବେଳେ ସେ ନିରବରେ ତା' ଆଡକୁ ମୁହଁ ନ ବୁଲେଇ ବି ଶେଷରେ ଆକର୍ଷିତ ହୋଇ ନିଜ ମନକୁ ଚାଳୁଣି କରିଦେବ । ଏଥି ଚିନ୍ତା କରି ସେ ଅଭିମାନରେ ପଡିଥିଲା ।

କିନ୍ତୁ ରାମଣ୍ଣା ଆସିବା ମାତ୍ରେ ଆଗେ କବାଟ ବନ୍ଦକରି ଆଲୁଅ ଲିଭେଇ ଦେଲା । ଏଥିରେ କୁମୁଦର

ଗୋଟେ ଅସ୍ତ୍ର ଯେମିତି ହାତରୁ ଖସିଗଲା । କାରଣ ଅନ୍ଧାରରେ କଥା ନ କହି ସେ ରାଗ ଦେଖେଇବ କେମିତି ? ଏଇଥିପାଇଁ ତ ମୁହଁ ବୁଲେଇ ପଡିଥିଲା । ରାମଣ୍ଡା ଜୋର୍ ନିଶ୍ୱାସ ନବାର ଶବ୍ଦ ତାକୁ ଶୁଣାଗଲା । ଓଃ ! ଇୟେ ଗୋଟେ ଠକିବାର ଢଙ୍ଗ ହୋଇଥିବ ଭାବି ସେ ଅନ୍ଧାରରେ ଆଖି ବୁଜି ପଡି ରହିଲା । ସେ ଉଦାର ହବନି । ଦୃଢ ହୋଇ ରହିବ । ଗୋଟେ ଦି' ମିନିଟ୍‌ରେ ରାମଣ୍ଡା ପାଖରେ ଆସି ଶୋଇଗଲା । ସେ ଦୂରକୁ ଘୁଞ୍ଚି ଗଲା । ସେତେବେଳେ ସେ ତା' ଉପରେ ହାତ ବୁଲେଇ ତାକୁ ଘୋଷାଡି ନେଲା । ମନଟା ଭଲ ଲାଗିଲେ ମଧ୍ୟ ଅନ୍ଧାରରେ ନ ଦେଖିବା ହେତୁ କୁମୁଦ ରାମଣ୍ଡା ଆଡକୁ ବୁଲିଲାନି । ମନେ ମନେ ଭାବିଲା ଥରେ କଥା କହୁ ତା'ପରେ ଦେଖିବି । କିନ୍ତୁ ରାମଣ୍ଡା କଥାବାର୍ତ୍ତା କଲାନି । ନିଜର ଅନୁଭବୀ ହାତକୁ ତା' ଦେହ ଉପରେ ବୁଲେଇ ବୁଲେଇ ସାପୁଆ କେଳା ସାପକୁ ବଶ କଲାପରି ତା'କୁ ବଶ କରିନେଲା । ରାମଣ୍ଡାର ସ୍ପର୍ଶରେ ତା' ଦେହ ହାତ ପାପୁଲିରେ ରହିଥିବା ବରଫ ପରି ତରଳି ଗଲା । ତା' ହୃଦୟ ରାମଣ୍ଡା ହୃଦୟ ପାଖରେ ଶରଣ ପଶିଗଲା । ଯେପରିକି ସେ ତା' ଦେହର ଆଶ୍ରୟ ହୋଇ ଯାଉଛି । ଯୌବନର ନୈସର୍ଗିକ ଆବଶ୍ୟକତା ଆଗରେ କୃତ୍ରିମ କ୍ରୋଧ କୁଆଡେ ହଜିଗଲା । ମୁହୂର୍ତ୍ତକ ପାଇଁ ସେ ପୂର୍ବ ଜନ୍ମର ସବୁ ଅନୁଭୂତି ଭୁଲି ତତ୍କାଳୀନ ସୁଖରେ ବିଲୀନ ହୋଇଗଲା । ପର ମୁହୂର୍ତ୍ତରେ ବର୍ତ୍ତମାନକୁ ଭୁଲି ସେ ଚିରନ୍ତନ ସୁଖ ଲାଭ କଲା ପରି ସୁଖଦ ନିଶ୍ୱାସ ଛାଡିଲା । ତା ହୃଦୟ ସାରା ସଂସାରକୁ କ୍ଷମା କଲା ଭଳି ବାତ୍ସଲ୍ୟପୂର୍ଣ୍ଣ ବିଶାଳତାକୁ ଧାରଣକରି ବିଶ୍ୱରୂପ ହୋଇ ଉଠିଲା । ଏପରି ଅନୁଭବ ସବୁ ଆଣି ଦେଉଥିବା ରାମଣ୍ଡା ଉପରେ କେବେ ରାଗ କରାଯାଇପାରେ ? ପୂର୍ବ ଜନ୍ମର କେଉଁ ପୁଣ୍ୟପାଇଁ ସେ ବର୍ତ୍ତମାନ ଏ ଦୁଃଖରୁ ମୁକ୍ତି ପାଇଲା ? ସେତିକିବେଳେ କୁମୁଦ ଚିନ୍ତା ପୂର୍ଣ୍ଣ ହୋଇ ରାମଣ୍ଡାକୁ ଜୋରରେ ଆଲିଙ୍ଗନ କରିବା ପାଇଁ ନିଜର ବାହୁ ପ୍ରସାରିତ କଲା । ମାତ୍ର ସେଠି କେହି ନ ଥିଲେ । ଇୟେ କ'ଣ ? ସ୍ୱପ୍ନ ନା କୌଣସି ଭୂତର କାମ ? ଏ ଚିନ୍ତା ଆସିବା ମାତ୍ରେ କେହି ଚୁପ୍ ଚୁପ୍ ଦ୍ୱାର ବନ୍ଦକରି ବାହାରକୁ ଯିବାର ଶବ୍ଦ ସେ ଶୁଣିଲା । ରାମଣ୍ଡା ଚାଲିଯାଇ ଥିଲା ।

ଇୟେ କ'ଣ ? ଏମିତି କାହିଁକି ହେଲା ? ଏହା କହି କୁମୁଦ ଧଡ଼୍‌କରି ବିଛଣାରୁ ଉଠିକି ବସିଲା । ସେ କାହିଁକି ଆସିଲା ? ଆଉ ପୁଣି ଚାଲିଗଲା କାହିଁକି ? ଏଇସବୁ ପ୍ରଶ୍ନର ଉତ୍ତର କୁମୁଦକୁ ଜଣା ନ ଥିଲା କି ? ମାତ୍ର ତା'ର ବୋଧେ ସେ ସବୁର ଆବଶ୍ୟକତା ନ ଥିଲା । ସେସବୁ ତା'ମନକୁ ଅସହ୍ୟ ବୋଧ ହଉଥିଲା । ଦେହର ଅସ୍ତ ବ୍ୟସ୍ତ ଲୁଗା, ମଥାରେ ଉଚ୍ଛଳି ପଡିଥିବା ବିନ୍ଦୁ ବିନ୍ଦୁ ଝାଳ, ବକ୍ଷସ୍ଥଳରେ ଧକ୍-ଧକ୍ କରି ସ୍ପନ୍ଦିତ ହେଉଥିବା ହୃଦୟ, ଉପରୁ ଓ ତଳୁ ଆଘାତ ପାଇ ଥକି ଯାଇଥିବା ତା'ର ସ୍ତନ୍, କଂପିତ ଜଙ୍ଘ, ଏସବୁ ଥିଲେ ରାମଣ୍ଡା ଆସି ଚାଲିଯିବାର ସାକ୍ଷୀ । କିନ୍ତୁ ସେ ଆସି ଚାଲି ଯିବାର କାରଣ କ'ଣ ଥିଲା ଏଥା ? ତା'ର ଦୈହିକ ସଂପର୍କ ଛଡା ଆଉ କିଛି ସଂପର୍କ ନାହିଁ ?

ରାମଣ୍ଡା ତା' ରାଗ ବିଷୟ ଅନୁମାନ କରି ଏମିତି କରିଥାଇପାରେ । ସେ ଲମ୍ବାଲମ୍ବା ନିଶ୍ୱାସ ନଉଥିଲା । ବିଚରା ! ତା'ର କୌଣସି ମନସ୍ତାପ ରହିଚି କି ? କ'ଣ ହୋଇଥିବ ? କିଛି ସମୟ ଆଗେ ସେ ସରଳା'ପା ପାଖରେ ବସିଥିଲା । ସେଠିତ କିଛି କଥା ହେଇନି । ସରଳା'ପା ତାକୁ କିଛି ଛିଗୁଲିଆ କଥା କହି ଦେଇନି ତ ? ଏ ଚିନ୍ତା ଆସିବା ମାତ୍ରେ କୁମୁଦ ଅନୁଭବ କଲା ଯେମିତି କି ତା' ହୃଦୟ ସ୍ପନ୍ଦିତ ହବାକୁ ଭୁଲିଯାଇଚି । ଯଦି ସରଳା'ପା ଜାଣି ପକାଏ ? ଏ କଥା ଭାବି ସେ ମାତ୍ର ମିନିଟିଏ ପାଇଁ ଡରିଗଲା । ପର ମୁହୂର୍ତ୍ତରେ ପ୍ରଥମେ ଆସିଥିବା ରାଗ ଓ ଅସହିଷ୍ଣୁତାର ଭାବନା ଦି'ଗୁଣିତ ହୋଇ ଉଠିଲା । ବିଛଣାରେ ପଡିଥିବା ମୃତ ପ୍ରାୟ ସରଳା ରାମଣ୍ଡା ଭଳିଆ ଲୋକର ମନକୁ କିଛି କଷ୍ଟ ଦେଇଚି । ଏ କଥା ତା' ପାଖରେ ସ୍ପଷ୍ଟ ହୋଇଗଲା । ସେ ଭାବିଲା

'ହଁ' ସେ କିଛି କହିଥିଲା, କ'ଣ ତ ? ହଁ । ଏତିକି ହେଇଗଲେ ମୁଁ ସୁଖରେ ଆଖି ବୁଜିବି । ଏତିକି ମାନେ କେତିକି ? କ'ଣ ? ଚିର ରୋଗିଣୀ ଏ କଥା କ'ଣ ଭାବୁଚି ଯେ ତା' ସ୍ୱାମୀ ଖାଲି ତା'ରି ହୋଇ ରହିଥିବ । ତା' ସୁଖ-ଦୁଃଖ କାହାର ଦରକାର ? ସେ ଆଖି ବୁଜିଲେ ବରଂ ଅନ୍ୟମାନଙ୍କର ମଙ୍ଗଳ ।

ବିଛଣା ଉପରେ ବସିଥିବା କୁମୁଦ ଭୟପାଇ ଉଠିଲା । ତା' ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଥରୁଥିଲା । ପୁରୁଣା ସ୍ମୃତିସବୁ ଏବେ ସୂକ୍ଷ୍ମ ତାକୁ ପେଷି ଦେଇ ଯାଉଥିଲା । ସେ ଦିନର କଥାସବୁ ଏଇପରି ଭାବିବାରୁ କୁମୁଦ ଆଖିରୁ ଲୁହ ଧାର ବହିବାକୁ ଲାଗିଲା । ସେ ଭାବିଲା ସେଦିନ ସେ ସରଳା'ପା ବିଷୟରେ ଯାହା ଭାବିଥିଲା ସେଇଟା ପାପ । ଆଜି ସେଇ ପାପର ପ୍ରାୟଶ୍ଚିତ ଭୋଗ କରିବାକୁ ପଡୁଚି । ବିଚାରି ସରଳା'ପାକୁ ସେ ଆପଣା ସୁଖ-ରାସ୍ତାର ବାଧା ବୋଲି କଣ ଭାବି ନ ଥିଲା ? ଆଜି ସରଳା'ପା କାହାରି ପାଇଁ ପ୍ରତିବନ୍ଧକ ନୁହେଁ, ମାତ୍ର ସେ ସୁଖ ପାଉନି । ବର୍ତ୍ତମାନ କୁମୁଦ ଠିକ୍ ବୁଝିଯାଇଥିଲା ଯେ କାହାରି ସୁଖ ବା ଦୁଃଖ - ଅନ୍ୟ କାହାର ହାତରେ ନ ଥାଏ । କିଛି ବର୍ଷ ଆଗେ ଅର୍ଥାତ ସରଳା ଜୀବିତ ଥିଲା ବେଳେ ଭଲା ସେ ଏ କଥା ଜାଣିଥା'ନ୍ତା ! ହେଲେ ସେତେବେଳେ ଏ କଥା ଜାଣିବା ସମ୍ଭବ ନ ଥିଲା । କାରଣ ସେବେ ସେ ଦୁଃଖର କଳ୍ପନା ମଧ୍ୟ କରି ନ ଥିଲା । ରାମଣ୍ଡାର ସାନ୍ନିଧ୍ୟ ରେ ହିଁ ତା'ର ସୁଖ ବୋଲି ଭାବି ରାମଣ୍ଡାକୁ ସରଳା ପାଖରୁ ନିଜ ଆଡକୁ ଟାଣିବାହିଁ କୁମୁଦ ଜୀବନର ଧ୍ୟେୟ ଥିଲା । ଏହାଛଡା ରାମଣ୍ଡା ର ସାନ୍ନିଧ୍ୟ ଲାଭ କରିବା ରାମଣ୍ଡା ଉପରେହିଁ ଯେ ଅବଲମ୍ବିତ, ଏଥିପ୍ରତି ସେତେବେଳେ ସେ ଧ୍ୟାନ ଦେଇ ନ ଥିଲା । ସେଇଟା କେଡେ ପାଗଳାମି ଥିଲା । ସାନ୍ନିଧ୍ୟର ମାନେ କେବଳ ଦୈହିକ ସାନ୍ନିଧ୍ୟ ବୋଲି ବୁଝି ସେ ସୁଖ ଅନୁଭବ କରିଛି । ଏବେ ସେଇ ଦେହ-ସାନ୍ନିଧ୍ୟ ଅସହ୍ୟ ଲାଗୁଚି ।

ନିଜ ସୁଖର ରାସ୍ତା ନିଜେ ସେ ଜାଣି ନ ଥିଲା ।ସେତେବେଳେ ସେ ଅନ୍ୟ ଉପରେ ଦୋଷାରୋପ କରିଥିଲା । ହେଲେ ସେଇଟା ତା' ନିଜର ଭୁଲ ବୋଲି ଏବେ ବୁଝିଲା । ସେଥିରେ ବି ସରଳା'ପା ସମ୍ପର୍କରେ ଏଣୁତେଣୁ ଭାବିବା ପାପ ଥିଲା ।

କୁମୁଦ ଭାବିଲା ଯେ ଏବେ ଏ ସ୍ମୃତି ସବୁକୁ ଭୁଲିଯିବା ଦରକାର । ମାତ୍ର ଏଇ ଗୋଟିଏ ସ୍ମୃତିକୁ ବାରମ୍ବାର ମନେ ପକେଇବାକୁ ତା'ର ଇଚ୍ଛା ହେଲା । ଯାହା ହବାର ଥିଲା ହେଇଗଲା କିନ୍ତୁ ତାକୁ ମନେ ପକେଇଲେ ଯେ ପ୍ରାୟଶ୍ଚିତ କରିବାର ସୁଯୋଗ ମିଳିବ ଏଥିପାଇଁ ତାକୁ ସନ୍ତୋଷ ମିଳୁଥିଲା । ସେଦିନ ରାତିରେ ରାମଣ୍ଡା ଏକ ଯାନ୍ତ୍ରିକ ଖେଳନା ପରି ଆସି ଫେରିଯିବାପରେ କ୍ରୋଧ, ଅସୂୟା, ଦ୍ୱେଷ ଓ ଅସହନଶୀଳତା ଗୋଟେ ପରେ ଗୋଟେ କୁମୁଦକୁ ଭୂତ ପରିକା ଗ୍ରାସ କରିଗଲେ । ସେଦିନ ତା'ର ପୂରା ବିଶ୍ୱାସ ହୋଇ ଯାଇଥିଲା ଯେ ରାମଣ୍ଡା ସହିତ ତା'ର ପ୍ରେମ ହେଉଚି ଅତୁଟ ; ସରଳା ସେଇ ପ୍ରେମ ପଥରେ କଣ୍ଟା ହେଇପାରେ ବୋଲି ସେ ସନ୍ଦେହ କରୁଥିଲା । ରାମଣ୍ଡା ଥିଲା ତା' ଜୀବନର ବିଶ୍ୱାସ । ତା' ବିନା ତାକୁ ସୂର୍ଯ୍ୟ ବି ଦିଶୁ ନ ଥିଲେ । ଖାଲି ଏତିକି କାହିଁକି, ତା' ବିନା ଯେମିତି ତା'ର ଜୀବନ ରହୁନଥିଲା । ଏକଥାରେ ତା'ର ବିଶ୍ୱାସ ଯେତେ ବଢ଼ିବାକୁ ଲାଗିଲା ସରଳାକୁ ନେଇ ତା' ମନରେ ଥିବା ଭୟ ସେତେ ଦୂରୀଭୂତ ହେଇଯାଉଥିଲା । ଏମିତି ପ୍ରେମ ଆଗରେ ବିଚାରୀ ସରଳା ଅପା ପରି ଜଣେ ଶକ୍ତିହୀନ ନିର୍ଜୀବ ରୋଗିଣୀ କୋଉଠି ଟିକ୍ଷି ପାରିଥାନ୍ତା ? କୁମୁଦକୁ ବେଶି ନିଦ ଘାରିଲାରୁ ତା ମନରେ ସରଳା ପ୍ରତି ଦୟା ଜାତ ହେଲା । ତା' ବିଷୟରେ ସେ ଏବେ ଅକାରଣେ ଚିନ୍ତା କଲା କାହିଁକି ? ବିଛଣାରୁ ଉଠି ପାରୁ ନ ଥିବା ସରଳାକୁ ତାର ଭୟ କ'ଣ ? ରାମଣ୍ଡା ତାଠୁ କୋଉ ସୁଖ ବା

ପାଉଥିଲା ? ସେ ବଂଚୁ କି ମରୁ ସବୁ ଏକ କଥା । ଯଦି ସବୁବେ ଜ ପରି ତା' ସହିତ ବ୍ୟବହାର କରାଯାଏ ତେବେ ତା ମନରେ କୌଣସି ସନ୍ଦେହ ହେବ ନାହିଁ । ଏଇ ଯୁକ୍ତିବାଢି ମନେ ମନେ ସେ ଖୁବ୍ ଖୁସି ହୋଇଥିଲା । ତା' ହୃଦୟ ରାମଣ୍ଡା ପ୍ରତି ବିରକ୍ତ ହୋଇଉଠିଥିଲା । ସେଠି ଆଉ କେହି ଚେଷ୍ଟା କରି କି ଜାଗା ପାଇ ପାରିବେ ନାହିଁ, ଏଇ ଚିନ୍ତା ମନକୁ ଆସିବା ମାତ୍ରେ ତାକୁ ବେଶ୍ ଶାନ୍ତି ମିଳିଥିଲା ।

କିନ୍ତୁ ରାମଣ୍ଡାର ସେଇ ଦୀର୍ଘଶ୍ୱାସକୁ ମନେ ପକେଇ ସେ ପୁଣି ଭାବିବାକୁ ଲାଗିଲା । ଯେ କୌଣସି କାରଣରୁ ହଉ ନା କାହିଁକି ସେ ନିଶ୍ଚୟ ମନସ୍ତାପ କରୁଚି । ସେ ମନସ୍ତାପ କ'ଣ ? ତାକୁ ଦୂର କରିବା ଆବଶ୍ୟକ । ବୋଧହୁଏ ସ୍ତ୍ରୀ କିଛି କହିବା ହେତୁ ସେ ନିରାଶ ହୋଇଯାଇଥିବ । ସରଳାଅପା ଜାଣି ପକେଇଚି, ଏ କଥା ମୁଁ ଶୁଣିଲେ କାଳେ ଡରିବି ବୋଲି ଚିନ୍ତା କରି ରାମଣ୍ଡା ମନରେ ଏଇ ମନସ୍ତାପ ସୃଷ୍ଟି ହେଉଛି କି ? ସେଇଥିପାଇଁ ସେ କେତେ ଦୀର୍ଘଶ୍ୱାସ ଛାଡିଥିଲା । ଛି ! ଏଇକଥା ହୋଇଥିଲେ ମନସ୍ତାପ କେତେବେଳେ ଯାଏ ରହିଥା'ନ୍ତା ? ଯଦି କେହି ଶେଷ ନାଗକୁ ମୋ' ମନରେ ଗୁଡେଇ ଅଷ୍ଟଦିଗଗଜ ସାହାଯ୍ୟରେ ଟାଣେ ତେବେ ସୁଦ୍ଧା ତାହା ରାମଣ୍ଡାକୁ ଛାଡିବ ନାହିଁ । ଏ କଥା ସେ କ'ଣ ଜାଣିନାହିଁ ? ରାମଣ୍ଡା ସହିତ ତା'ର ପ୍ରେମ କେତେ ନିବିଡ ଏହା କୁମୁଦ ସେଦିନ ରାତିରେ ଜାଣିଥିଲା । ଶେଷରେ ସେଦିନ ଶୋଇଲାବେଳେ ସେ ଭଗବାନଙ୍କୁ ପ୍ରାର୍ଥନା କଲା, "ହେ ପ୍ରଭୁ ଏମିତି କର ଯେ ମୁଁ ତାକୁ ଯେତିକି ଭଲ ପାଉଚି ସେ ବି ମୋତେ ସେତିକି ଭଲ ପାଆନ୍ତୁ । ଏତିକି ଯଥେଷ୍ଟ । ବାକି ମୋ'ର କାହାକୁ ଡର ନାହିଁ କି କାହାରି ସହାୟତା ବି ଦରକାର ନାହିଁ ।"

ଏବେ କୁମୁଦକୁ ସେ ପୁରୁଣା ସ୍ମୃତି ସବୁ ଅସହ୍ୟ ଲାଗିଲା । ସେଇଟା ତାର ଦୁର୍ବୁଦ୍ଧି ନା ସଦ୍‌ବୁଦ୍ଧି ? "ଏମିତି କର ଯେ ସେ ବି ମତେ ଭଲ ପାଆନ୍ତୁ" ଏକଥା ସେଦିନ ତା' ମୁହଁରୁ ହଠାତ୍ ବାହାରି ଯାଇଥିଲା । ଏଇ ଶବ୍ଦ ଗୁଡିକ ଭିତରେ ଯେଉଁ ଅର୍ଥ ଲୁଚି ରହିଥିଲା ଦି' ଅଢେଇ ବର୍ଷ ପରେ ଆଜି କୁମୁଦ ତାହା ବୁଝିଲା । ରାମଣ୍ଡା ଯେ ତାକୁ ଭଲ ପାଉନାହିଁ ଏ ସନ୍ଦେହ ସେତେବେଳେ ବି ତା' ମନରେ ଥିଲା । ଏଣୁ ତାକୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ସେଥିରେ କୌଣସି ସନ୍ଦେହ ଅଛି ବୋଲି ସେତେବେଳେ ସେ ଜାଣି ନ ଥିଲା । ଏବେ ସେ ଜାଣୁଚି - - - - - । ବାକ୍ୟ ପୂରା ନ କରି କୁମୁଦ ବିଛଣାରୁ ଉଠିଲା । ନିଦ ବାଉଳା ହେତୁ ଓ ମନରେ ଚିନ୍ତାମାନଙ୍କର ସଂଘର୍ଷ ହେତୁ ସେ ଯନ୍ତ୍ରପରି ବିଛଣା ସଜାଡି ଧକ୍କାରେ ଚକିଆ ଆଉଜି ବସିପଡିଲା । ତା' ଅଜାଣତରେ ବିନା ଶବ୍ଦରେ ଗୋଟେ ହାଇ ଆସିଲା ।

11

ଦ୍ୱୀପାଦନ୍ୟସ୍ମାଦପି ମଧ୍ୟାଦପି, ଜଳନିଧେର୍ଦିଶୋ ପ୍ୟନ୍ତାତ୍ ।
ଆନୀୟ ଝଟତି ଘଟୟତି, ବିଧିରଭିମତଭି ମୁଖୀଭୂତଃ ॥

ରାମଣ୍ଡା ଆଖିମଳି ଆଉଥରେ ଦେଖିଲା । ଇୟେ କ'ଣ ? କେତେବେଳଠୁ ସେ ସେଇ ଶ୍ଳୋକଟି ଆଗରେ

ରଖି ବସିଚି ? ସେ ଜାଣିଥିଲା ଯେ ମନକୁ ଦୋହଲେଇ ଦଉଥିବା ଚିନ୍ତାଗୁଡାକୁ ଭୁଲିବାପାଇଁ ସେ ସଂସ୍କୃତ ଗ୍ରନ୍ଥ ପଢିବାକୁ ସ୍ଥିର କରିଥିଲା । ଏଣେତେଣେ ଖୋଜିଲାବେଳେ ଶ୍ରୀହର୍ଷଙ୍କ ରତ୍ନାବଳୀ ନାଟକ ତା' ହାତରେ ପଡିଥିଲା । ଯୌବନରେ ପଢିବାବେଳେ ଯୋଉ ନାଟକ ତା'କୁ ପ୍ରଭାବିତ କରିଥିଲା ସେଇ ନାଟକକୁ ହାତରେ ପାଇ ସେ ଆନନ୍ଦିତ ହୋଇଥିଲା । ଆରାମରେ ଚୌକିରେ ବସି ଟେବୁଲ ଉପରେ ଗୋଡ ଲମ୍ବାଇ ବହିଟିକୁ ମୂଳରୁ ପଢିବାକୁ ଆରମ୍ଭ କରିଥିଲା । ସୂତ୍ରଧାର ପ୍ରସ୍ତାବନା ଶେଷରେ "ଦ୍ୱୀପାଦନ୍ୟ ସ୍ମାଦପି" ଶ୍ଳୋକଟି କହୁଚି ! ସେଇ ଶ୍ଳୋକର ଅର୍ଥ ସବୁବେଳେ ତା' ମନକୁ ପ୍ରଭାବିତ କରିଆସିଚି । ବୁଦ୍ଧି ଓ ତର୍କରେ ବିଶ୍ୱାସୀ ରାମଣ୍ଣାକୁ ସେ ଦୁଇଟିଠୁ ବଳି ଆଉ ଏକ ଯୁକ୍ତି (ବୋଧେ ଶକ୍ତି ହେବ) ସବୁବେଳେ ଆମୋଦ ଦାୟକ ଲାଗିଥିଲା । ସେଇ କଥା ସେ ଶ୍ଳୋକରେ ଥିବା ହେତୁ ତାକୁ ତାହା ଭଲ ଲାଗୁଥିଲା । ନିସର୍ଗର ସେ ଯୁକ୍ତି (ବା ଶକ୍ତି) ହେଉଚି ବିଧି । ସେ ଚାହିଁଲେ ଦୁଇଟି ଭିନ୍ନ ଭିନ୍ନ ଦ୍ୱୀପର କିମ୍ବା ଦେଶ ବିଦେଶରୁ କୌଣସି ପ୍ରସଙ୍ଗ ବା ବ୍ୟକ୍ତିକୁ ଆଣି ନିଜର ପ୍ରଭାବ ଦେଖେଇ ଦିଏ । ମନୁଷ୍ୟକୁ ଯାହା ଆକସ୍ମିକ ଘଟଣା ବୋଲି ଲାଗେ ନିସର୍ଗରେ ତାହାହିଁ ନିୟମବଦ୍ଧ ଘଟଣା ହୋଇଥାଏ । କେତେ ଆମୋଦଦାୟକ ପୁଣି କେତେ ମହାନ ସତ୍ୟ । ଅତ୍ୟୁତ୍ତମ ଶ୍ଳୋକଗୁଡିକ ଭିତରେ ଏହା ଗୋଟିଏ । "ଦ୍ୱୀପାଦନସ୍ୟ - - - "। ଏହା ପଢିବା ମାତ୍ରେ ରାମଣ୍ଣା ନିଜକୁ ସଂଯତ କଲା । ସେ ସବୁ ଠିକ୍ ଅଛି । ହେଲେ ଏବେ ପ୍ରାୟ ଅଧଘଣ୍ଟା ହବ, ଏତେବେଳ ଯାଏଁ ଏଇ ଶ୍ଳୋକଟିକୁ ଯିଏ ମନେ ମନେ ଦୋହରେଇ ହଉଥିଲା ! ଏମିତି କାହିଁକି ହେଲା ? ରାମଣ୍ଣା ଗୋଟେ ଦୀର୍ଘଶ୍ୱାସ ନେଲା । ଯୋଉ କଥାକୁ ସେଇ ପୁସ୍ତକ ସାହାଯ୍ୟରେ ଭୁଲିବା ପାଇଁ ସେ ବୁଦ୍ଧିର ସହିତ ଚେଷ୍ଟା କରୁଥିଲା ଶେଷରେ ସେଇ କଥାର ସ୍ମୃତିକୁ ଏ ଶ୍ଳୋକରେ ଫେରେଇ ଆଣିଲା । ଦାନ୍ତ ସନ୍ଧିରେ ପଶି ଯାଇଥିବା ପରିବା ଚୋପା ପରି ତାହା ତାକୁ ହଇରାଣ କରୁଚି, ଯେତେ ପ୍ରକାର ସମ୍ଭବ ଜିଭକୁ ବୁଲେଇ ତାକୁ ବାହାର କରିବା ଉଚିତ ନ ହେଲେ ମନକୁ ଶାନ୍ତି ମିଳିବନି । ମାତ୍ର ସେ ନିର୍ଦ୍ଦିଷ୍ଟ ସ୍ମୃତିଟି କ'ଣ ? କିଛି ସମୟ ଆଗରୁ ଯାହା ମୁଣ୍ଡକୁ କୋରି ପକଉଥିଲା, ସେଇ ସ୍ମୃତି ।

କିଛି ସମୟ ପୂର୍ବେ ସେ ନିଜକୁ ପ୍ରଶ୍ନ କରିଥିଲା "ସେ ସରଳାକୁ ଭଲ ପାଉଚି ? ନା କୁମୁଦକୁ ?" ପରେ କାହାର ଏସବୁ ଦରକାର କହି ସେ ନିଜ ହାତକୁ ଝାଡି ଦେଇଥିଲା ? ଏବେ ସେଇ ପ୍ରଶ୍ନ ସବୁ ଶ୍ଳୋକ ଦ୍ୱାରା ତା' ହୃଦୟରେ ଘୁରି ସଂଘର୍ଷ କରୁଚି । କାହାର ଦରକାର ଏସବୁ କହି ରାମଣ୍ଣା ଉଦାସୀନ ହେଇ ଯାଉଥିଲା, କିନ୍ତୁ ଦି' ବର୍ଷ ଆଗେ ରାମଣ୍ଣାର ମନର ଅବସ୍ଥା ଅନ୍ୟ ପ୍ରକାର ଥିଲା । ସେତେବେଳେ ସେ ଏଇ ଦୁଇଟି ପ୍ରଶ୍ନ ଭିତରୁ ଗୋଟିକର ଉତ୍ତର ନିଶ୍ଚିତ ଭାବରେ ଚାହିଁଥିଲା । ଗୋଟେ ଦିନତ ନୁହେଁ, ଗୋଟେ ରାତି କାଟିବା ଦରକାର - ଏଇ ପ୍ରଶ୍ନ ଗୁଡାକ ତାକୁ ଦୁଃଖୀ କରିଦେଇଥିଲା । ପ୍ରଥମ ଥର ଗୋଟାଏ, ଦ୍ୱିତୀୟ ଥର ଆଉ ଗୋଟା ଏ ଉତ୍ତର ତା'କୁ ଉଚିତ ଲାଗିଥିଲା । ସେଦିନ ରାତିରେ ହୃଦୟର ଯେଉଁ ସଂଘର୍ଷ ହେଲା ସେଥିରେ ଥକି ଯାଇ ସେ ପଶୁ ହେଇଯାଇଥିଲା । ରାମଣ୍ଣା ସେଦିନ ଭାବିଥିଲା ଯେ ପଶୁ ଆଉ ମଣିଷର ପାର୍ଥକ୍ୟ କେବଳ ବୁଦ୍ଧି ହେତୁ । ବୁଦ୍ଧି ନିଷ୍କ୍ରିୟ ହୋଇଗଲେ ମଣିଷ ପଶୁ ସ୍ତରରେ ପହଞ୍ଚିଯାଏ । ହଁ, ସେଦିନ ରାତିରେ ସେ ଶ୍ଳୋକ ତା'ର ମନେ ପଡିଥିଲା ।

ସେଦିନ ରାତିରେ ସେ କୁମୁଦ ସାଥିରେ ପଶୁପରି ବ୍ୟବହାର କରିଥିଲା । ଏକଥା ଆଜିବି ତା'ର ମନରେ ଉଠୁଥିଲା । ଏମିତି ସେ ଦିନବି ଉଠିଥିଲା । ସେଦିନ ଏମିତି କାହିଁକି ହେଲା ? ହଁ ସେଦିନ ତା'ମନ ଜାବା ହେଇ ରହିଯାଇଥିଲା । ସେତେବେଳେ ସେ ପ୍ରତିଦିନ ରାତିରେ କୁମୁଦ ସହିତ କିଛି ସମୟ କଟଉଥିଲା । ଇନ୍ଦ୍ରିୟ ସୁଖର

ଇଚ୍ଛାରେ ? ନା ଯୁବତୀ ନାରୀସହ ସହବାସରୁ ମିଳୁଥିବା ନୂଆ ଉତ୍ସାହରେ ? ନା ଗୋଟେ କିଛି କରି ପକେଇବ ଭାବି ମନରେ ଏକ ନୂଆ ଝୁଙ୍କ ଥିଲା ? କାରଣ ଯାହା ହଉନା କାହିଁକି ତାକୁ ସେ ନୂଆ ଅନୁଭବ ସୁଆଦିଆ ଲାଗିଥିଲା । ତିନି ଚାରିଦିନ ପର୍ଯ୍ୟନ୍ତ ତାହା ବନ୍ଦ ହେଇ ନ ଥିଲା । ସେଦିନ ରାତି ପ୍ରାୟ ସାଢେ ଦଶଟା ପରେ କୁମୁଦ କୋଠରୀକି ଯିବାକୁ ଚିନ୍ତାକରି ସେ ଉଠିଲା । ଧୀରେ କବାଟ ଖୋଲି ଆପଣା କୋଠରୀରୁ ବାହାରକୁ ଆସି ପୁଣି କବାଟକୁ ସେମିତି ବନ୍ଦ କରିବାକୁ ଗଲାବେଳେ ସରଳାର କୋଠରୀରୁ କାଶିବାର ଶବ୍ଦ ଶୁଣାଗଲା । ସେଇ ଅପ୍ରତ୍ୟାଶିତ ଶବ୍ଦରେ ରାମଣ୍ଣା ଚମକି ପଡିଲା । ଦର୍ଜା ବନ୍ଦ କରିବାକୁ ଯାଉଥିବା ତା'ର ହାତ ଥରିଉଠିଲା ଏବଂ ବିନାଶବ୍ଦରେ କବାଟ ବନ୍ଦ ହେଇପାରିଲାନି । ତା'ପରେ ହଠାତ୍ କ'ଣ ଠିକ୍ କରି ସରଳାର କୋଠରୀକି ଗଲା । ଏକଥା ଯେ କେହି ଭାବିବ ଯେ ସେ କୋଠରୀରୁ ବାହାରକୁ ବାହାରିବା ହେତୁ କବାଟରେ ଶବ୍ଦ ହେଇଥିବ । କିନ୍ତୁ ସରଳାର କୋଠରୀରେ ପାଦ ଥୋଇବା ମାତ୍ରେ ତା'ର ସେସବୁ ଚିନ୍ତା ଦୂର ହେଇଗଲା ଏବଂ ସେ ସ୍ୱାଭାବିକ ପ୍ରସନ୍ନତାରେ ସରଳା ପାଖକୁ ଗ'ଲା । ତା' ମୁହଁରେ କ୍ଳାନ୍ତି ଭରି ରହିଥିଲା । ମୁହଁ ଟିକେ କଳା ପଡି ଯାଇଥିଲା । ଦୁର୍ବଳତା ହେତୁ ତା'କୁ ନିଶ୍ୱାସ ନେବାକୁ ---- ବି କଷ୍ଟ ପାଉଥିଲା । ହେଲେ ବି ତାକୁ ଦେଖି ସରଳା ହସିବାକୁ ଚେଷ୍ଟା କଲା । କି ଆଶ୍ଚର୍ଯ୍ୟ ? ନିଜକୁ କଷ୍ଟ ହଉଥିଲେ ବି ତା'କୁ ଦେଖଉନି । ଅନ୍ୟ ମାନଙ୍କୁ ପ୍ରସନ୍ନ ରଖିବାକୁ ତା'ର ଇଚ୍ଛା । ଏହା ଭାବି ରାମଣ୍ଣାକୁ ତା' ଗଳାରେ କିଛି ଅଟକି ଗଲା ଭଳିଆ ଲାଗିଲା । ଯିବାମାତ୍ରେ ସେ ତା' ପାଖରେ ବସି ପଡିଲା ତା'ର ମଥା ଓ ଦେହକୁ ଛୁଇଁ ଦେଖିବାକୁ ଲାଗିଲା ।

ସେ କହିଲା, "ମୋ'ର କ'ଣ ହେଇଚି ଯେ ତମେ ଏମିତି ଡରିକି ଆସିଲ ?"

ରାମଣ୍ଣା ମୁହଁରୁ କଥା ବାହାରିଲାନି ।

"ପୁଣି କ'ଣ ଲେଖାଲେଖି ଛାଡିକି ଆସିଚ ?"

ରାମଣ୍ଣା କଥା ବଦଳେଇ ଉତ୍ତର ଦେଲା, "ଏମିତି କୋଉ ମହତ୍ତ୍ୱପୂର୍ଣ୍ଣ ଜିନିଷ ଲେଖୁଥିଲି ଯେ !"

"ବେକାର ମୋ ଜୀବନ ! ମୋର ବି ସୁଖ ନାହିଁ, ଅନ୍ୟମାନଙ୍କର ବି ସୁଖ ନାହିଁ ।" ଏହା କହି ଲୁହକୁ ଅଟକେଇ ବାର ଚେଷ୍ଟା କରି ସେ କଡ ଲେଉଟେଇଲା ।

ରାମଣ୍ଣା ମିନିଟିଏ ପର୍ଯନ୍ତ ଧ୍ୟାନମଗ୍ନ ହେଲାପରି ବସିରହିଲା । ଜନ୍ମ ଜନ୍ମାନ୍ତର ଅଭ୍ୟାସ ପରି ତା' ନିଜର ହାତ ବାତ୍ସଲ୍ୟପୂର୍ଣ୍ଣ ଥଣ୍ଡା ପବନ ଭଳି ସରଳାର ପିଠି ଉପରେ ବୁଲୁଥିଲା । କିଛି ସମୟ ପରେ ରାମଣ୍ଣାର ସ୍ପର୍ଶରେ ସରଳାର ଦୁଃଖ ଟିକିଏ କମିଗଲା । ସେଇ ନିରବତାରେ ବି' ଜଣକର ହୃଦୟ ପରସ୍ପର ସହ ମିଶି ଏକ ହୋଇଗଲା । ରାମଣ୍ଣା ପ୍ରଥମେ କଥା ଆରମ୍ଭ କରିଥିଲା ।

"କ'ଣ ସରଳା ! ଦେହଟିକେ ବେଶି ଖରାପ ଲାଗୁଚି ?"

ଶୋଇ ଶୋଇ ମୁଣ୍ଡ ହଲେଇ ସରଳା କହିଲା, "ନାହିଁ ତ ।"

"ତେବେ ? ଏତେ ଡେରିଯାଏଁ ଶୋଇନ କାହିଁକି ?" ଏତିକିରେ ଭିତରେ କଟା ଫୋଡିଗଲାଭଳିଆ ଅନୁଭବ କରି ସେ ପୁଣି କହିଲା, "ମତେ ଡାକିବା ଉଚିତ୍ ଥିଲା ନା ?"

ସରଳା ଚୁପ୍ ରହିଲା ।

ରାମଣ୍ଡା ତା'କୁ ସିଧାଭାବେ ଶୁଏଇ ତା' ଚିବୁକକୁ ହାତରେ ଧରି ଜିଦ୍‌କରି ପଚାରିଥିଲା ।

"କୁହ କ'ଣ ହେଲା ?"

"କିଛି ତ ହେଇନି ।"

"ନା ମିଛ କହୁଚ, ମୁହଁକୁ ଦେଖିଲେ ଜଣା ପଡୁଚି କିଛି ହେଇଚି ।"

ସେ ହସିକି କହିଲା 'କିଛିତ ହେଇନି ।'

"ତାହାଲେ ନିଦ ଆସୁନି କାହିଁକି ?"

"ସିଏ ବି କେତେ ଆସିବ ? ବହୁବର୍ଷ ହେଲା ଚାଲିଚି, କେବେ ଶେଷ ହେଇଯିବ ଜଣାନାହିଁ ।"

"ଛିଃ ! ପାଗଳୀ ! କହୁଚି ଏମିତି କଥାଗୁଡା ଭାବନି । ହେଲେ ଏଣୁତେଣୁ କିଛି ନା କିଛି ଭାବି ଚାଲିଚ ।"

"ମୁଁ ବି କ'ଣ କରିବି ? ମୁଁ ତ ଏତେ ବିରକ୍ତ ହେଇଗଲିଣି । ଅନ୍ୟମାନଙ୍କୁ କେତେ ଲାଗୁ ନ ଥିବ ?"

"ଗୋଟେ ଜାଗାରେ ପଡିପଡି ତମକୁ ଏମିତି ଲାଗୁଚି । ଆମର କ'ଣ ହେଇଚି ଯେ ବିରକ୍ତ ଲାଗିବ ।"

"ତମେ ଜଲଦି ଭଲ ହେଇଯିବ । ଏଇ ଆଶାରେ ଆମ ଦିନତ ଏମିତି ବି ଯାଉଚି ।"

"ମୁଁ ଭଲ ହେଇଯିବି । ଏଇଟା ଖାଲି କଳ୍ପନା । ସବୁ ରକମର ଔଷଧ ଖାଇଲି । ସବୁ ରକମ ଇଞ୍ଜେକ୍‌ସନ ଦିଆଗଲା, କୌଣସି ଭଲ ଡାକ୍ତର ବାକି ନାହାନ୍ତି - - "

"ତାହାଲେ କ'ଣ ହେଲା ? ତମେ ଭଲ ହେଇଯିବ ଜାଣି ମୁଁ ଏସବୁ କରୁଚି ।"

"ତମେତ ନିଜ କର୍ତ୍ତବ୍ୟ ପାଳନ କରିଚ । କିନ୍ତୁ ଇଏ୍ତ ଭଲ ହେବା ଭଳି ବେମାରି ନୁହେଁ । ଏଥିରେ କିଏ କ'ଣ କରିପାରିବ ?"

ରାମଣ୍ଡା ହସି ହସି କଥା ବଦଳେଇବାକୁ ଚେଷ୍ଟା କଲା । "କର୍ତ୍ତବ୍ୟ ମାନେ ? ଏତେ ବର୍ଷ ଧରି ଇଏ୍ତ ମୋ' ସ୍ତ୍ରୀ ହେଇ ରହିଲା, ରାନ୍ଧିବାଢି ଖୁଏଇଲା, ଗାର୍ହସ୍ଥ୍ୟ ସୁଖ ଦେଲା, ମୋ' ଚିରା ଲୁଗା ସବୁ ସିଲେଇ କଲା । ଏତେ କମିଜ୍‌ର ଛିଡି ଯାଇଥିବା ବୋତାମ୍ ସିଲାଇ କଲା, ଏସବୁକୁ ହିସାବକରି ସେଇ ଦିନଗୁଡିକର ଯାହା ବିଲ ହେଇଚି ସେତିକି ଔଷଧ ଦେବା --- "

"ବାସ୍ ସେତିକି ଥାଉ । ମୁଁ ଏମିତି କହିବି ବୋଲି ତମେ କ'ଣ ଜାଣିନ ? ହେଲେ ମରୁଥିବା ଗଛ ଉପରେ କୁଅରୁ ପାଣିଟାଣି ଢାଳିବା କୋଉ ବୁଦ୍ଧିମାନର କାମ ?"

"ନାଁ, ଦେଖ ସରଳା, ତମେ ସେ ମରିବା କଥା ଛାଡ । ତମେ କେମିତି ବଂଚି ରହିବ, ସେ କଥା ଦେଖିବା ମୋ' ଦାୟିତ୍ୱ । ଠିକ୍ କି ନୁହେଁ କେଜାଣି, ଆଉ ଗୋଟେ କଥା, ବିଛା ଦେଖିବା ମାତ୍ରେ 'ଆସ୍ତିକ-ଆସ୍ତିକ' କହିଦବ ।"

ସେ ହସିକି ପଚାରିଲା, "ମାନେ ?"

"ଏମିତି ବାଜେ ଚିନ୍ତା ଆସିଲେ ମତେ ଡାକିବ, ମୁଁ ଆସି ତମେ ଶୋଇଯିବା ଯାକେ ତମ ପାଖେ ବସି ରହିବି । "

ଟିକେ ସମୟ ଚୁପ୍ ରହିବା ପରେ ଦୀର୍ଘଶ୍ୱାସ ନେଇ ସରଳା କହିଲା, "ମୁଁ ବି ତ ଏୟା କହୁଚି ।"

ସେ କଥା ବୁଝିନ ପାରି ରାମଣ୍ଡା ପଚାରିଲା "ମାନେ ?"

"ମୁଁ କହିଲି ଅନ୍ୟ ମାନଙ୍କୁ ବି କଷ୍ଟ ଭୋଗିବାକୁ ହଉଚି ।"

"ଏଠିକି ଆସି ବସିଲେ କଷ୍ଟ ହଉଚି ବୋଲି କ'ଣ ମୁଁ କହିଲି ?"

"ତମେ କହିନ, ତମକୁ ଏମିତି ଲାଗିବ ବି ନାହିଁ, ହେଲେ ମୁଁ ତମକୁ ଡାକି ବି ପାରିବିନି ।"

"ମୁଁ ଯାହା ଲେଖୁଚି ତା'କୁ ତମେ ନିଜଠୁ ବେଶି ମହତ୍ତ୍ୱପୂର୍ଣ ଭାବୁଚ ?"

"କାହିଁକି ଭାବିବିନି ? ତମେ ଯାହା ଲେଖୁଚ ସେଥିରୁ ତମକୁ ସୁଖ ମିଳୁଚି, ଜନସାଧାରଣଙ୍କୁ ବି ସୁଖ ମିଳୁଚି । ତାକୁ ଛାଡି ଆଜି ନ ହେଲେ କାଲି ଦିନ ଗଣୁ ଥିବା ଏଇ ରୋଗିଣୀ ପାଖରେ ଗୋଟେ କୋଣରେ ବସିଲେ କୋଉ ଲାଭ ମିଳୁଚି ?

"ତମେ ଲେଖିକା ହେଇଥିଲେ ଘରଲୋକ ବୁଡ଼ି ଯାଆନ୍ତେ " କହି ରାମଣ୍ଡା ନିଜେ ହସି ସରଳାକୁ ବି ହସେଇଲା ଏବଂ ସେ ବିଷୟ ଭୁଲେଇ ଦେଲା ।

"ହେଲେ ବି କାହିଁକି କେଜାଣି ? ଚାରି ପାଞ୍ଚଦିନ ହେଲା ମନରେ ଅଜବ ଚିନ୍ତାସବୁ ଉଠୁଚି । ମୁଁ କେତେ ଚେଷ୍ଟା କରୁଚି —"

"ଦେଖ ସରଳା ମନରେ କୌଣସି ବିଷୟ କଷ୍ଟ ଦବାକୁ ଲାଗିଲେ ମୁଁ ତମକୁ ଗୋଟେ କଥା କହୁଚି । ମନକୁ ଆସିବା ମାତ୍ରେ ତାକୁ ବାହାରକୁ ବାହାର କରିଦିଅ । ବିଭିନ୍ନ ବିଷୟ ମୁଣ୍ଡକୁ ଆସିଲେ ଛିଙ୍କପରି ସେ ସବୁକୁ ଦୁର କର ।"

"ବାହାର କରିଦବା ମାନେ କ'ଣ ? କାଶିଦେବା ନା ଛିଙ୍କି ଦବା ?"

"ଅନ୍ୟ ଜଣକୁ ମାନେ ମତେ କହିଦିଅ । ଭଲ କଥା ଟିକିଏ କୁହ ଭଲା । କାଲି ପଅରିଦିନର କଥାକୁ ଛାଡ, ଆଜି କ'ଣ ଚିନ୍ତା କଲ ତାକୁଇ କୁହ ।"

"ନାଁ ।"

"ଦେଖ ! ଔଷଧ ନଖାଇଲେ କ'ଣ ବେମାରି ଭଲ ହବ ?

"ତମେ ହସିବ ।"

"ନାଁ ।"

"ତମେ ରାଗିବ ?"

"ନାଁ । ମୁଁ ପଚାରୁଚି ଯେ ସେଇଟା ହସିବା କଥା ନା ରାଗିବା କଥା ? ଏମିତି କୋଉ କଥା କି ?"

"କହିଦେଲେ ବି ସେଥିରେ ଲାଭ ?"

"ପ୍ରଥମେ କହିସାର, ସେଥିରେ ଲାଭ କ'ଣ ହବ ମୁଁ କହିବିନି !"

"ନାଁ, ଖାଲି ମୁହଁରେ କହିଦେଲେ ସେ କଥା ମନରୁ ଚାଲିଯିବନି ।"

"ତାହାଲେ କ'ଣ କଲେ ଯିବ ?"

"ତମେ ତାକୁ ପୂରଣ କରିବ ବୋଲି ଯଦି କଥା ଦିଅ ତେବେ - - - " ଟିକେ ଅଟକି ସିଏ କହିଲା, "ଛାଡ, ତମେବି ବେକାରଟାରେ କାହିଁକି ସମୟ ନଷ୍ଟ କରୁଚ ? ଏଗାରଟା ବାଜିବ, ମତେ ବି ନିଦ ଆସିଲାଣି ।" ରାମଣ୍ଣା ମିନିଟିଏ ତାକୁ ଧ୍ୟାନ ସହକାରେ ଦେଖିଲା । ଧୀରେ ଧୀରେ ତା ମୁହଁରେ ହସ ଖେଳିଗଲା । ସେ ଏତେ କୋମଳଭାବେ ସରଳା ମଥା ଉପରେ ନିଜ ହାତକୁ ବୁଲେଇଲା ଯେମିତିକି ତା' ହୃଦୟଟା ବାହାରକୁ ଚାଲି ଆସିଚି । ଧୀରେ ଧୀରେ ତା' ମୁଣ୍ଡକୁ ଉଠେଇ ନିଜ କୋଳରେ ଥୋଇଲା, ଆଉ ସେମିତି ତା' ମୁହଁକୁ ଦେଖିବାକୁ ଲାଗିଲା । ସେ ବି ନିଜ ଆଖି ଉଠେଇ ଯାକୁ ଚାହିଁଲା ! ଆଖିରେ ଆଖି-ମିଶିଲା, ପୁଣି ହୃଦୟରେ ହୃଦୟ । ତା ହୃଦୟର କଥା ବୋଧେ ରାମଣ୍ଣା ବୁଝି ପାରିଲା ।

ରାମଣ୍ଣା ହସି ହସି କହିଲା, "ସେଇ ଗୋଟେ କଥାକୁ ଛାଡି ଯାହା କହିବ କରିବି ।"

ସେ ଚିଡେଇବା ପାଇଁ ପଚାରି ଥିଲା "କୋଉ ଗୋଟେ କଥାକୁ ଛାଡି ?"

"ଏବେ ଯାହା ତମେ ଭାବୁଚ, ତାକୁଇ ।"

ସରଳା ଦୀର୍ଘଶ୍ୱାସ ନେଇ କହିଲା। "ମୁଁ ଜାଣିଥିଲି ।"

"ତାହା ସମ୍ଭବ ନୁହେଁ, ଏ କଥା ତମେ ଆଗରୁ ଜାଣି ରଖିବା ଉଚିତ୍ ଥିଲା ।"

"କ'ଣ ସମ୍ଭବ ନୁହେଁ ବୋଲି କହୁଚ ?" ଥକି ଯାଇଥିଲେ ବି ତା' ସ୍ୱରରେ ଜିଦ୍ ଥିଲା ।

"କ'ଣ ମାନେ ? ଇଆଡେ ଚାହଁ, ସରଳା ତମର କିଛି ହବନି । ତମେ ଚିନ୍ତା ପୁରା ଛାଡିଦିଅ ।"

"କିଛି ହବନି !" ସରଳା ନିଜକୁ ନିଜେ କଥା କହିଲା ପରି ତା' କଥାକୁ ଦୋହରେଇଲା । "କିଛି ହବନି, ଯାକୁ ତମେ କୋଉ ସୁଖର କଥା ଭାବିକି କହୁଚ । ଏମିତି ପଡି ପଡି ବର୍ଷକରୁ ବେଶି ଗଲାଣି । ଘରଟା ତ ଖାଁ ଖାଁ ଲାଗୁଚି । ମୋ'ଠୁ ତ ସେ କିଛି ବିଭବ ପାଇଲନି । କିଛି ହବନି କହିଲେ ବି କ'ଣ ତାହା ମିଳିବନି ? ତମେ କ'ଣ ବୁଢା ହେଇଗଲ ? ଛୁଆପିଲା ବିନା କି ଘର ?"

"ପାଗଳୀ ! ଆଗ ସ୍ତ୍ରୀ ଆସିଲେ ସିନା ଯାଇ ପିଲାଙ୍କ କଥା ?"

"ମୋ ପରିକା ସ୍ତ୍ରୀ ଥିଲେ ଏ କଥା ଉଠିବାର ପ୍ରଶ୍ନ ନାଇଁ ।"

ରାମଣ୍ଣା ସେତେବେଳେ କୌଣସି ଉତ୍ତର ଦେଇ ପାରିଲାନି । ବେଳେବେଳେ ସରଳା ଏ କଥା କହୁଥିଲା । ହେଲେ ସେତେବେଳେ ତା' ମୁଣ୍ଡରେ କିଛି ପଶିଲାନି । କୌଣସି ଗୋଟେ ଭିତରିଆ ଭୟ ହେତୁ ସରଳା ବୁଝି

ପାରୁଥିଲା ଯେ ସେ ସେଇ ସଙ୍କଟରୁ ପାର ପାରିବନି । ସେଇ ଭୟକୁ ତା' ମନରୁ ହଟେଇବା ରାମଣ୍ଡା ପକ୍ଷରେ ସମ୍ଭବ ନ ଥିଲା । ସେ ସେ ବିଷୟରେ ଭାବିବାକୁ ବି ଚାହୁଁ ନ ଥିଲା । ସେ କଥା ଚିନ୍ତା କରି ସେ କେତେଥର ଭିତରେ ଭିତରେ ଡରିଥିଲା ମଧ୍ୟ । ବର୍ତ୍ତମାନ ସେ କଥା ମନେ ପଡି ତା ଦେହଟା ଥରି ଉଠିଲା ।

ସରଳା ପଚାରିଲା "କ'ଣ ?" ତା'ର ଥରିବା ସରଳା ଜାଣି ପକାଇ ଥିବ ।

ରାମଣ୍ଡା ଟିକେ ଚଢା ଗଳାରେ କହିଥିଲା "ତମ ବିଷୟରେ ଖରାପ କଥା ମନରେ ଆସିଲେ ମୋ' ଦେହ ଥରି ଉଠୁଚି । ମୁହଁରୁ ବାହାର କରିବା କଥା ତ ଛାଡ । ମୁଁ ବି କ'ଣ କରିବି ? ତମେହିଁ କୁହ ସରଳା !!" ହତାଶ ସ୍ୱରରେ ତା' ମୁହଁରୁ — ଏକଥା ବାହାରିଆସିଲା ।

ସେମିତି ଶୋଇରହି ନିଜ ହାତରେ ତା' ଗାଲକୁ ସାଉଁଳେଇ ସରଳା ହସି ହସି କହିଲା, "ଆରେ ! ଏବେ କାହାକୁ ପାଗଳ କହିବା ଉଚିତ୍ ? ବାଜେକଥା ! ମୁଁ କାହିଁକି ଖରାପ ଭାବିବି ? ମୁଁ ମଲାପରେ ତମେ କ'ଣ କରିବ ସେଇଟା ଦେଖିବାକୁ କିଏ ଆସିବ ? ଯଦି ମୋ ମରଣ ନ ଚାହୁଁଚ ତେବେ ମୋ' ଆଖି ଆଗରେ ମୋ' ଇଚ୍ଛା ପୂରଣ କରିଦିଅ ।"

ସରଳାର କଥାକୁ ପୂରା ଶୁଣିବା ପୂର୍ବରୁ ଖାଲି ପ୍ରଥମ ଶବ୍ଦ ଗୁଡିକ ଶୁଣି ସେ ଉତ୍ସାହିତ ହୋଇ ପଚାରିଲା, 'ତାହେଲେ କୁହ, ତମେ ଯାହା ଚାହିଁବ ମୁଁ ପୂରଣ କରିବି ।" ତା ମୁହଁରୁ ଏ କଥା ବାହାରିବ କି ନାହିଁ ସରଳା କହିଲା- -

"ସେ ଭାଗ୍ୟ ଦେଖିବାକୁ ଭଗବାନ ମତେ ଆୟୁଷ ଦିଅନ୍ତୁ । ସତରେ ପୂରଣ କରିବ ? ସତରେ ?" ରାମଣ୍ଡା କେବଳ ମୁଣ୍ଡ ହଲାଉଥିଲା । ସେ ସରଳାକୁ କହିଲା - "ତାହେଲେ ଆଉ ଗୋଟେ ବିବାହ --" ତା' ପରେ ତା "ଆରେ ଇଏ କ'ଣ ମୁଁ କହୁଚି ?" କହି ଚମକି ପଡିଲା ଯେମିତି କି ତାକୁ ବିଜୁଳି ମାରିଚି ।

"ନା ମୁଁ ତମକୁ ହାତ ଯୋଡି କହୁଚି । ଏହାହିଁ ମୋର ଇଚ୍ଛା । ଅନ୍ତତଃ ମୋ' ପାଇଁ ହୋଇଯାଅ । ଏ ଘରେ ଛୁଆ ପିଲାଙ୍କୁ ଦେଖି ମରିବାକୁ ଇଚ୍ଛା ହଉଚି ।

ଯନ୍ତ୍ରପରି ସେ ମଥା ହଲଉଥିଲା । ମାତ୍ର ହୃଦୟ କହୁଥିଲା "ଏମିତି କଦାପି ହୋଇପାରିବନି ।"

"ଏତିକି – ଏତିକି ହୋଇଗଲେ ମୁଁ ସୁଖରେ ଆଖି ବୁଜିବି ।" ସରଳା ଏ କଥା ଏମିତି କହିଲା ସତେ ଯେମିତି ହୃଦୟ ଭିତରୁ ଜାନି ପତେଇ ଭିକ ମାଗୁଚି ।

"ଏବେ ଯୋଉ ସୁଖ ମିଳୁଚି ତା'ଠୁ ବଳି ଆଉ କିଛି ସୁଖ ମୋ'ର ଦରକାର ନାହିଁ ।" ଏ ଶବ୍ଦ କେତୋଟି ରାମଣ୍ଡା ମୁହଁରୁ ବାହାରି ପଡିଲା ।

ଦିହେଁ ଆଉ କିଛି କଥାବାର୍ତ୍ତା କରିବା ଅବସ୍ଥାରେ ନ ଥିଲେ । ସରଳା ଆଖିରୁ ଲୁହ ଉଛୁଳି ପଡିଲା । ଏଥିରେ

ରାମଣ୍ଡାକୁ ଭାରି କଷ୍ଟ ହେଲା । ସେ କହିଲା, "ସରଳା, ଏଥିରେ ମତେ କେତେ ଦୁଃଖ ହଉଚି ସେ କଥା ତମର କ'ଣ ଦେଖିବା ଉଚିତ ନୁହେଁ ?" ଏ କଥାରେ ସରଳା ଉଛୁଳି ପଡୁଥିବା ଦୁଃଖକୁ ଚାପି ଶାନ୍ତି ଗଳାରେ "ଯଦି ତମକୁ ଦୁଃଖ ହଉଚି ତେବେ ବର୍ତ୍ତମାନ ପାଇଁ ଏ କଥା ଟୁ ବାଦ ଦିଅ " କହି ତାକୁ ସାନ୍ତ୍ୱନା ଦେଲା ।

ଏତେବେଳ ଯାଏ କଥା କହିବାରୁ ସେ ବୋଧେ ‹ ୀ ଯାଇଥିଲା, ନ ହେଲେ ମନର କଥା କହିଦବା ଫଳରେ ହାଲୁକା ବୋଧ କରୁଥିଲା । ସେ ଯାହା ହଉ ସରଳା ପିଲାଙ୍କ ପରି ଦି' ମିନିଟ୍ ଭିତରେ ଶୋଇ ଯାଇଥିଲା । କିଛି ସମୟ ରହି ରାମଣ୍ଡା ଧୀରେ ‹ୀରେ ତା' ମଥାକୁ ନିଜ କୋଳରୁ ତକିଆ ଉପରକୁ ଘୁଞ୍ଚେଇ ଦେଇ ଟଳମଳ ପାଦରେ ବାହାରକୁ ଆସିଲା ।

ସରଳାର କୋଠରୀରୁ ବାହାରକୁ ଆସିବା ମାତ୍ରେ ସେ ବହୁଦୂର ଯାତ୍ରାକରି କୌଣସି ଏକ ଅପରିଚିତ ଷ୍ଟେସନରେ ପହଞ୍ଚିଥିବା ଲୋକ ପରି ଦିଗ୍‌ଭ୍ରାନ୍ତ ହୋଇଗଲା । "ଇସ୍ସେ କ'ଣ ? କୁଆଡେ ଆସିଲି ? ବା କୁଆଡେ ଯାଉଚି ?" କହି ଏଣେତେଣେ ଆଖି ବୁଲେଇବାରୁ କୁମୁଦ କୋଠରୀର କବାଟ ଆଖିରେ ପଡିଲା । ହଁ, ଅନେକ ଦିନ ଆଗେ, ନା କେତେ ମିନିଟ୍ ଆଗେ ମୁଁ ଏଇ କୋଠରୀ ଆଡକୁ ଯାଉଥିଲି ଭାବି ସେଇଆଡକୁ ଯିବାକୁ ବାହାରିଲା । "ଛିଃ ! ଇସ୍ସେ କି ଚିନ୍ତା ?" କହି ସେ ନିଜ କୋଠରୀକି ଯାଇ କବାଟ ବନ୍ଦକରି ବସିଲା । ମାତ୍ର କୌଣସି ଏକ ବ୍ୟାକୁଳତା ତାକୁ ସେଠି ବସିବା ପାଇଁ ଦେଲାନି । କିଛି ଖୋଜୁଥିବା ଲୋକପରି ସେ ଶୂନ୍ୟ ଦୃଷ୍ଟିରେ ଏଣେତେଣେ ଅନେଇଲା ଏବଂ 'ଆଉ ଦିନେ' ବୋଲି ଭାବିଲା । ତା'ର ପାଦ ଚଳିଲାନି । କାନ ବାଟେ ଯାଇ ହୃଦୟକୁ ଛୁଇଁ ଯାଇଥିବା ସରଳାର କାତର ପ୍ରାର୍ଥନା ଏ ପର୍ଯ୍ୟନ୍ତ ତା ମନରୁ ବାହାରି ନ ଥିଲା । ଆଜି ସେ ଏତେ କାତର ହେଇ କହିଲା କାହିଁକି ? ସେ କ'ଣ ଜାଣି ପକେଇଥିବ ? ମୋ'ର ଏଇ ଧୋକା ପାଇ ବେଦନାରେ ପେଷି ହେଇ ଭାଙ୍ଗି ପଡିଥିବା ତା' ହୃଦୟକୁ କେତେ ଆଘାତ ହେଇଥିବ ? କିମ୍ବା ସେ ଜାଣି ନ ଥାଇ ପାରେ । ଆଗରୁ ବି ତ ସେ ଏଇ କଥା କହିଥିଲା । କିନ୍ତୁ ସେ କେବେ ଏତେ କାତର ସ୍ୱରରେ କହି ନ ଥିଲା । ମୁଁ ବଂଚି ଥାଉଁ ଥାଉଁ ଏ କାମ ହୋଇ ଯିବା ଦରକାର ବୋଲି କହିଥିଲା । ଓଃ ! ସେଥିରେ ନିଜର ସଂପର୍କୀୟ କୁମୁଦ ସାଥିରେ ହିଁ ବାହା କରେଇବା ଇଚ୍ଛା ତା ମନରେ ଉଠିଥିବ ? ପରେ ମୁଁ କାଳେ ଆଉ କାହାକୁ ବାହା ହେଇଯିବି, ଏଇ ଡରରେ ନିଜେ ବଂଚି ଥାଉଁ ଥାଉଁ ବାହାଘର କରିଦବାକୁ ସେ ଇଚ୍ଛା କରୁଚି ? ବିଚାରୀ ! କେତେ ନିର୍ମଳ ହୃଦୟ ! କେତେ ସରଳ ସ୍ୱଭାବ ! ଏମିତି ସ୍ତ୍ରୀ ସାଥିରେ ରହିବା ପରେ ବି ମୁଁ ଯେ ଦ୍ୱିତୀୟ ବିବାହ କରିବାକୁ ରାଜି ହେଇଯିବି ଏ କଥା ସେ ଜାଣିଲା କେମିତି ? ହୃଦୟ ଟିକେ ହାଲୁକା ହବାରୁ ରାମଣ୍ଡା ନିଜର ଚିନ୍ତା କଥା ଭାବି ନିଜେ ହସି ପକେଇଲା । ପୁଣି ବିବାହ ! ସରଳା କେତେ ମୁଗ୍ଧା ! ମୋ' ପାଇଁ ଖାଲି ଦ୍ୱିତୀୟ ବିବାହ ନୁହେଁ, ଦ୍ୱିତୀୟ ବାହାଘର କଥା ଗୋଟେ ଆଡେ ଥାଉ, କୁମୁଦ ସାଥିରେ ରାମଣ୍ଡା ପୁଣି ଥରେ ରାସ୍ତା ଭୁଲି ବସିଲା । ସେ ଭାବିଲା ଇଏ କ'ଣ, ଏ ପ୍ରକାର ଚିନ୍ତାର ଜଂଗଲରେ ମୁଁ କାହିଁକି ଛନ୍ଦି ହେଇଗଲା ! କୁମୁଦ ଯେ କେବେ ବାହା ହବନି, ଏ ଚିନ୍ତା ଆସିଲା କାହିଁକି ? ହେଲେ ଏବେ ତା'ର କୋଠରୀକି ଯାଉଚି କାହିଁକି ? ସେ ସେଠିକି ଯିବ ବା କାହିଁକି ? ଏପରି ଉଦ୍ଦେଶ୍ୟ ନେଇ ଯିବାକୁ ଚାହୁଁଥିବା ମନ ତାକୁ ବାହା ହବାକୁ ଚାହୁଁ ନି । ଛିଃ ! ଏ ଜଂଜାଳରୁ ଏବେ ତାକୁ ମୁକ୍ତି ପାଇବାକୁ ହବ । ଯାହା ହବାର ଥିଲା ହେଇଗଲି । ଆଜିଠୁ କୁମୁଦର କୋଠରୀରେ ପାଦ ପକେଇବା ଉଚିତ ନୁହେଁ ।

ହେଲେ ଏଥିରେ ହବ କ'ଣ ? ରାମଣ୍ଡା ମନେ ମନେ ଯାହା ବିଚାର କଲା ତାକୁ ତା ବୁଦ୍ଧି ସ୍ୱୀକାର

କଲାନି । ତୁ ନିଜେ ନିଜେ ସେଠିକି ନ ଯିବାକୁ ଠିକ୍ କରି ବସିଗଲେ ସେ ଜାଣିବ କେମିତି ? ଦି' ଜଣଙ୍କ ସମ୍ମତିରେ ତ କଥା ସ୍ଥିର ହେଲା । ତାକୁ ଜଣେ ବ୍ୟକ୍ତି ଭାଗି ଦବାଟା କୋଉ ପ୍ରକାର ନ୍ୟାୟ । ତା' ଛଡା ଯଦି କୁମୁଦ ତତେ ବାହାହେବାକୁ ଇଚ୍ଛା କରୁଚି ତେବେ ତୋ ନିଷ୍ପତ୍ତିର କିଛି ମାନେହବ ? କିନ୍ତୁ ତା ମନରେ ବି ଯଦି ବାହାହବାର ଚିନ୍ତା ନ ଥାଏ ? ତାହେଲେ ଜଞ୍ଜାଳ କୋଉଠି ? ଏମିତି ପାଗଳଙ୍କ ଭଳି ହଁ'ନା, ଯା', ସେ ତୋ' ବାଟକୁ ଅନେଇ ବସିଚି । ଏମିତି ଭାବେ ତା ବୁଦ୍ଧି ତାକୁ ଉତ୍ତେଜିତ କରିବାକୁ ଲଗିଲା । ସେ ଗୋଟେ ପାଦ ଆଗକୁ ବଢେଇଲା, ସେତେବେଳେ "ଛୁଆପିଲା ବିନା ସେ କି ଘର ! ଅନ୍ତତଃ ମୋ' ପାଇଁ ତ ବାହାହୁଅ । ଘରେ ଛୁଆପିଲାଙ୍କୁ ଦେଖି ପାରିବି ।" ସରଳାର କଥା ତାକୁ ଦଉଡି ପରି ପଛକୁ ଟାଣିଥିଲା । "ତୁ ପାଗଳ । ସରଳାର ଖୁସି ପାଇଁ ତତେ ଯଦି ଭଲ ଲାଗିବ ବାହାହୋଇଯିବୁ, ନହେଲେ କୋଉ କାଳର କଥାକୁ ଡରି ଆଜିର ସୁଖକୁ ଦୂରେଇ ବସିବା କୋଉ ବୁଦ୍ଧିମାନର କାମ ?" ତାଲ୍, କହି ପୁଣି ଥରେ ବୁଦ୍ଧି ତାକୁ ପ୍ରୋତ୍ସାହିତ କରିଥିଲା । "ସତରେ ପୂରଣ କରିବ ତ ? ବାସ୍, ସେତିକି ହେଇଗଲେ ମୁଁ ସୁଖରେ ଆଖି ବୁଜିବି ।" ସରଳାର ସ୍ୱର ମୂର୍ତ୍ତିମାନ ହୋଇ ତା' ହାତକୁ ଧଇଲା ଓ ଆଗକୁ ଯିବା ପାଇଁ ବାରଣ କଲା । ଓହୋ, ସରଳା ଏତେ ମନେ ପଡୁନ୍ତି କାହିଁକି ? "ତମେ କ'ଣ ବୁଢା ହୋଇଗଲ ? ସରଳା ତମ ଆବଶ୍ୟକତା କ'ଣ ବୁଝିନି ? କ'ଣ ତମରି ସୁଖ ପାଇଁ ଏକଥା କହିନି ? ବର୍ତ୍ତମାନ ସୁଖ ତମ ପାଇଁ ବିଛଣାରେ ଅପେକ୍ଷା କରିଚି । ଆଉ ଭଲା ଡେରି କାହିଁକି ?" ବୁଦ୍ଧି ଏହା କହିବାରୁ ସ୍ୱାଭାବିକ ଭାବରେ ସେ ଦି' ଚାରି ପାଦ ଆଗେଇଲା । ସରଳାର ସ୍ୱର ପଛରେ ରହିଗଲା । ସେତେବେଳେ ଅସ୍ପଷ୍ଟ ଭାବେ ପଛରୁ ଶୁଭିଥିଲା "ପାଗଳ ! ପାଗଳ ! ସ୍ତ୍ରୀ ଠାରୁ ବଳି ସୁଖ ମୋ' ପାଇଁ ଆଉ କିଛି ନାଇଁ । ଏ କଥା ତମେ ସରଳା ଆଗରେ ସ୍ୱୀକାର କରିଥିଲ । ଏବେ ଯୋଉ ସୁଖ ମିଳୁଚି ତାକୁ ଯଦି ଛାଡି ଦିଅ ତେବେ ଆଉ ସୁଖ ପାଇବ କୁଆଡେ ?" କହି ବୁଦ୍ଧି ତାକୁ କୋଠରୀ ବାହାରକୁ ଟାଣି ନେଇଗଲା ।

ରାମଣ୍ଡା ପ୍ରଥମେ ଦୁଃଖ କଲା । ତା' ପରେ ରାଗିଲା । ଏତେ ଭାବି ଭାବି ନିଜ ମୁଣ୍ଡକୁ ଗରମ କରିବି କାହିଁକି ? ବାହାଘର ଚିନ୍ତା କାହିଁକି ? ନ୍ୟାୟର ଚିନ୍ତା କାହିଁକି ? ନିସର୍ଗ ତ ଏ ରାସ୍ତା ଠିକ୍ କରି ରଖିଚି । ଏଯା ଭାବି ଟିକେ ଅଭିମାନରେ ସେ କୁମୁଦ କୋଠରୀରେ ପଶିଲା । ଆଲୁଅ ଜଳୁଥିଲା । ପାଖ କାନ୍ଥରେ ଲାଗିଥିବା ଅଇନାରେ ତା' ପ୍ରତିବିମ୍ବ ଦିଶିଲା, ସେଥିରେ ନିଜକୁ ଦେଖି ସେ ଡରିଯାଇଥିବ । ସେଇ ଆଲୁଅରେ କୁମୁଦ ସାଥିରେ ମୁକାବିଲା କରିବା ଲାଗି ତାକୁ ଲାଜ ଲାଗିଥିବ । କୁମୁଦର ମୁହଁ କବାଟ ଆଡକୁ ନ ଥିଲା । ସେଇ ସୁଯୋଗ ଉଣ୍ଡି ସେଠୁ ଖସି ଯିବାକୁ ଚିନ୍ତା କଲା । ମାତ୍ର ସେମିତିରେ ପୁରୁଷ ରାମଣ୍ଡାକୁ ଅପମାନ ଲାଗିଲା । "କାହିଁକି ପଳେଇବି ? ମୁଁ କ'ଣ ଏ ଝିଅଟାକୁ ଡରୁଚି । ମୋ'ର ଉଦ୍ଦେଶ୍ୟ କ'ଣ ? ଏ କଥା ସ୍ତ୍ରୀକୁ ସ୍ପଷ୍ଟ ଭାବେ କହିଦେବି ।" ଏଯା ଭାବି ସେ ଦୀପ ଲିଭେଇ ବିଛଣା କୁ ଗଲା ଏବଂ ପୁରୁଷର ଅଧିକାର ଜାହିର କରି କୋଠରୀରୁ ବାହାରି ଆସିଥିଲା ।

ସେ କୋଠରୀରୁ ବାହାରକୁ ଆସୁଚି ବୋଲି ଭାବି ଥିଲେ ବି ବାସ୍ତବରେ ଚୋରଙ୍କପରି ସେଠୁ ଖସି ଯାଇଥିଲା । ସେତେବେଳେ ଯାଏ ରହିଥିବା ଉନ୍ମାଦନା ଓହ୍ଲେଇ ଯିବା ପରେ ରାମଣ୍ଡା ଆଉ ଗୋଟେ ମଣିଷରେ ପରିଣତ ହେଇଥିଲା । ଇସ୍ସେ କ'ଣ କରି ପକେଇଲା ? ଏ ଚିନ୍ତା ଉଠିଥିଲେ ହେଁ ସେଠି ଠିଆ ହୋଇ ସେ କ୍ଷମା ମାଗିଲାନି, କାରଣ ସେଥିରେ ତା'ର ସ୍ୱାଭିମାନରେ ଆଘାତ ଲାଗିଥାନ୍ତା । ସେଇଥିପାଇଁ ସେ ସେଠୁ ଖସି ଯାଇଥିଲା । ନିଜ କୋଠରୀକି ଯିବା ପରେ ମଧ୍ୟ ତାକୁ ଆଲୁଅ ଭଲ ଲାଗିଲାନି । ସେ ଅନ୍ଧାରରେ ବସି ରହିଲା ।

ନିଜେ ନିଜକୁ କହିଲା "ପଶୁ" । ମୁଁ ବୁଦ୍ଧ । ପର ମୁହୂର୍ତ୍ତରେ ସେ ଭାବିଲା ଯେ ଏହା ପଶୁ ପାଇଁ ବି ତ ଅପମାନ- ଜନକ । କୌଣସି ପଶୁ ମଣିଷପରି ଏତେ କାମୁକ ନୁହେଁ । ସେ ତ ପ୍ରକୃତିର ଧରାବନ୍ଧା ନିୟମାନୁସାରେ ଚାଲେ - ଏହା କହି ସେ ନିଜେ ନିଜକୁ ଧିକ୍କାର କଲା, ତା'ପରେ ତା ଭିତରେ ଗୋଟେ ଚିନ୍ତା ଉଠିଲା - କୁମୁଦ ସହିତ ସହବାସ ନ ହେଲେ ତା' ଜୀବନରେ କୌଣସି ଅଭାବ ରହିବନି ବୋଲି କେତେ ପ୍ରକାର ଚିନ୍ତା କରିବା ପରେ ବି ସେ କୁମୁଦ ପାଖକୁ ଧାଇଁ ଯାଇଥିଲା । ମିନିଟିଏ ଆଗରୁ ସେଠି ଉପେକ୍ଷିତ ବ୍ୟବହାର ପାଇଲେ ବି ସେ କୁମୁଦ ଉପରେ ରାଗି ପାରିଲାନି । ଯାଇକି କ୍ଷମା ମାଗିବାକୁ ଇଚ୍ଛା ହେଲା । ସେ ଦିନର ଅନୁଭବକୁ ଭୁଲି ମନ ପୂର୍ବ ଦିନ ଗୁଡ଼ିକର ଅନୁଭୂତିକୁ ମନେ ପକେଇ ଆନନ୍ଦିତ ହେବାକୁ ଲାଗିଲା । କୁମୁଦ ପ୍ରତି ଆସକ୍ତି ବଢ଼ିଗଲା । ସେତେବେଳେ ରତ୍ନାବଳୀ ନାଟକର ଶ୍ଳୋକ ତାର ମନେପଡ଼ିଥିଲା । ମନଟାବି କେମିତି ? ସେ କେମିତି ଆଉ କାହିଁକି ହାରେ ? ମନୁଷ୍ୟଠାରୁ ବଡ 'ବିଧି' ଏହାକୁ ବଦଳେଇ 'କାମ' ଶବ୍ଦଟି ଯୋଡି ରାମଣ୍ଡା ସେଦିନ ସେଇ ଶ୍ଳୋକର ଅର୍ଥକୁ ବେଶି ଭଲ ଭାବେ ବୁଝିଥିଲା । 'କାମ' ଚାହିଁଲେ ଅନ୍ୟ ଦ୍ୱୀପରୁ ନୁହେଁ, ସମୁଦ୍ର ପାରିରୁ ବି ନୁହେଁ, ବରଂ ଭୂଲୋକର ଶେଷଭାଗରୁ ଜଣେ ନାରୀ ଅକସ୍ମାତେ ଆସି ତମ ହୃଦୟକୁ ଅପହରଣ କରିନବ ।

କୁମୁଦ ଏମିତି କଲା ? ଏଇ ବିଚାରରେ ମଗ୍ନ ରାମଣ୍ଡା ସାରାରାତି ଚୌକିରେ ବସି ବସି ଶୋଇଯାଇଥିଲା ।

ସେସବୁ କଥା ମନେ ପକେଇ ସେ ଚୌକିରୁ ଉଠିଲା । ସେ ଦିନ ଭଳିଆ ଆଜିବି ଚୌକିରେ ବସି ବସି ଶୋଇ ଯିବାର ଆବଶ୍ୟକତା ନାହିଁ । ସେତେବେଳେ ସୁଖର ସ୍ୱପ୍ନ ଥିଲା । ଆଜି ସ୍ୱପ୍ନରେ ବି ସୁଖ ନାହିଁ । ଏହା କହି ସେ ହାଇ ମାରି ବିରକ୍ତିରେ ହାତରେ ବହିଟିକୁ ଟେବୁଲ ଉପରକୁ ଫିଙ୍ଗି ଦେଲା । ଦୂର କୋଉ ଘଡିରେ ବାରଟା ବାଜିବାର ଶବ୍ଦ ତାକୁ ଶୁଣାଗଲା ।

ହାଇ ନିଦ ଆସିବାର ଲକ୍ଷଣ - ଏ କଥା କୁମୁଦକୁ ମିଛ ଲାଗିଲା । ବାରମ୍ବାର ହାଇ ଆସୁଥିଲେ ବି ନିଦର ଜମା ଦେଖା ନ ଥିଲା । ନିଦ ନ ଆସିବା ହେତୁ ଜାତ ହେଇଥିବା ବିରକ୍ତି ଏବେ ହାଇ ରୂପରେ ବାହାରେ ଆସୁଥିବ । ଦୂରରୁ କୋଉ ଘଣ୍ଟାଟାର ଶବ୍ଦ ଶୁଣାଯାଉଚି । ଏକ, ଦୁଇ, ତିନି - ବାର । ଅଧରାତି ହୋଇଗଲାଣି । ଏବେ ମତେ ନିଦ ଆସିଯିବ । କେତେଥର ସେ ନିଦକୁ ଅଟକେଇବାର ଚେଷ୍ଟା କରିଚି ! ସମୟ ଥିଲା, ଯେତେବେଳେ ରାତ୍ରିର ନିରବତା ଭିତରେ ବି ଘଣ୍ଟାର ଶବ୍ଦ ତାକୁ ଶୁଭୁ ନ ଥିଲା । ସେତେବେଳେ ସେ ନିଦ ଚାହୁଁ ନ ଥିଲା । ସେ ସବୁ ପୂର୍ବ ଜନ୍ମର ସ୍ମୃତି ପରି ଲାଗୁଥିଲେ ବି ପ୍ରକୃତରେ ମାତ୍ର ଦି'ବର୍ଷ ଆଗର କଥା । ସେତେବେଳେ ସୁଖ ସ୍ୱପ୍ନସବୁ ଆପଣା ଆଖିରେ ଦେଖିବା ସକାଶେ ସେ ନିଦକୁ ଅଟକଉ ଥିଲା । ଚକ୍ଷୁଧାରୁ ଗୋଟେ ଅନୁଭୂତି ଏବେ ବି ତା' ଆଖିରେ ନାଚି ଯାଉଚି । ସେଦିନ ତା' ଜୀବନରେ ସୂର୍ଯ୍ୟୋଦୟ ହୋଇଥିଲା । ସେ ସକାଳ ପର୍ଯ୍ୟନ୍ତ ଚେଇଁ ରହିଥିଲା ; ଯେମିତି ରାତି ଆଉ ଆସିବନି, ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଦେଖିବାର ଇଚ୍ଛା ସେ ଦିନ ପୂର୍ଣ୍ଣ ହେଇ ଯାଇଥିଲା । ମାତ୍ର ଅନ୍ୟ ସବୁ ସ୍ୱପ୍ନପରି ସେଇ ସ୍ୱପ୍ନବି ଆଜି କୁଆଡେ ହଜିଗଲାଣି । ଛାଡ, ଆଜି ମଧ୍ୟ ସେଇ ସ୍ମୃତିରେ ସେ ସୁଖ ପାଉଚି, ଏଥିରେ ସନ୍ତୁଷ୍ଟ ହେଇ ସେ ପ୍ରଫୁଲ୍ଲ ହେଇ ଉଠିଲା । ବିଗତ ସ୍ମୃତିକି ଦେଖିବା ଲାଗି ତା'ର ଆଖି ଯୋଡିକ ଅତି ଆତୁର ହୋଇ ପଡିଥିଲା । କେତେଦିନର କଥା ? ଛାଡ, ଯାହା ହବାର ଥିଲା ହେଇଗଲା । ସମୟ ବଡ ନୁହେଁ, ବଡ ହଉଚି ସ୍ମୃତି । ସେ ଦିନ ରାତିରେ - - - ।

12

ସେଦିନ ରାତିରେ କୁମୁଦ ଜମା ଖୁସି ନ ଥିଲା । କିଛି ଦିନ ଧରି ସେ ଯେଉ ସୁଖ ଅନୁଭବ କରି ଆସୁଥିଲା, ସେଥିରେ ଯେମିତି କିଛି ଅଟକି ଗଲା । ସ୍ୱାମୀ-ସ୍ତ୍ରୀଙ୍କର ସେଇ ଏକାନ୍ତ ଦୃଶ୍ୟ ଦେଖିବା ପରେ ଏବଂ ସେଇ ରାତିରେ ରାମଣ୍ଡା ତା'ଦେହକୁ ଗୁରୁତ୍ୱହୀନ ଭାବ ପ୍ରଦର୍ଶନ ପୂର୍ବକ ଉପଭୋଗ କରି ଅପମାନିତ କଲା ଢଙ୍ଗିରେ ଚୁପ୍ ଚାପ୍ ଚାଲି ଯିବାପରେ କୁମୁଦର ମନ ଉଦ୍‌ବିଗ୍ନ ହୋଇ ଉଠିଲା । ଏକ ପକ୍ଷରେ ତା' ମନରେ ରାମଣ୍ଡା ପ୍ରତି ଦ୍ୱେଷ ଭାବ ଥିଲା । ଅନ୍ୟ ପକ୍ଷରେ ରାମଣ୍ଡା ପାଖକୁ ଆସିବାପରେ ସବୁ କିଛି ମନ ଭିତରେ ଚିପି ଓ ଲାଜ ମହତ ଭୁଲି ତା' ମନ ତୃପ୍ତି ଲାଭ କରୁଥିଲା । ଖାଲି ରାମଣ୍ଡା ଆସିଲା ପରେ କାହିଁକି ? ପ୍ରଥମେ ପ୍ରଥମେ ତିନି ଚାରି ଦିନ ଯାଏଁ ରାମଣ୍ଡା ଆସି ନ ଥିଲା । ତା'କୁ ସେ ସହି ଯାଉଥିଲା ଏବଂ ନିଜର ବ୍ୟବହାର ହେତୁ ରାମଣ୍ଡାକୁ ଲାଜ ମାଡୁଥିବ ଭାବି ସେ ନିଜକୁ ସାନ୍ତ୍ୱନା ଦଉଥିଲା । କିନ୍ତୁ ଧୀରେ ଧୀରେ ରାମଣ୍ଡାର ବ୍ୟବହାର ବେଶି କଷ୍ଟ ଦାୟକ ହୋଇ ପଡ଼ିଲା । ସେ ତା' ଆଡ଼କୁ ଥରେ ଆଖି ଉଠେଇ ଚାହିଁଲାନି କି ତା'ପାଖକୁ ଆସିଲାନି । ସେ ଲେଖା ଲେଖିରେ ବ୍ୟସ୍ତଥିଲେ କୁମୁଦ ନିଜ ମନକୁ ବୁଝେଇ ଦେଇଥାନ୍ତା ; କିନ୍ତୁ ସେ ତା' ବି କରୁନଥିଲା । ରାମଣ୍ଡା ଦିନ ସାରା ସରଳା ଅପା ପାଖେ ବସି ମନ ଯୋଗ ସହକାରେ ତା'ର ସେବା କରୁଥିଲା । ସରଳା ଅପା ଶୋଇବା ପର୍ଯ୍ୟନ୍ତ ତା ସହିତ ଗପ ମାରୁଥିଲା । କୁମୁଦର ସନ୍ଦେହ ଯେ ସରଳା ଅପାର ସେବା ଶୁଶ୍ରୁଷା ଲାଗି ରାମଣ୍ଡା ସେଇଠି ବିଛଣା ପାରି ଶୋଇଲା କାହିଁକି ? ସେବା କରିବାକୁ ସେ ନିଜେ ରହିଥିଲା ବେଳେ ରାମଣ୍ଡା ସବୁ କାମଧନ୍ଦା ଛାଡି ସେଠି ରହିଥିଲା କାହିଁକି ? ସେଇଟା ଅବା କେଉ ସେବା ? ତାହା ଥିଲା କେବଳ ସେବାର ବାହାନା । ସେସବୁ ତା'କୁ ଦୂରେଇ ରଖିବାର ଚାଲ ବୋଲି ଭାବି କୁମୁଦ ଖୁବ୍ ଦୁଃଖିତ ହେଲା । ସେ ଭାବିଲା, ଏ ଘରେ ଆଉ ତା'ର ରହିବା ଉଚିତ୍ ନୁହେଁ । ଯଦି ଅପାର ସେବା ପାଇଁ ସେ ଅଯୋଗ୍ୟ, ତେବେ ସେ ଘରେ ତା'ର ପ୍ରୟୋଜନ କ'ଣ ?

ଏକାନ୍ତରେ ସେ କାନ୍ଦିଲା, ନିଜ କର୍ମକୁ ନିନ୍ଦିଲା । ଶୋଇବା ସମୟରେ କାଲି ସକାଳେ କ'ଣ ସବୁ କରିବାକୁ ହବ କିଛି ସେ ଠିକ୍ କଲାନି, କାରଣ କୌଣସି ଇଚ୍ଛା ପୂର୍ଣ୍ଣ କରିବା ପାଇଁ ସେ ସୁଯୋଗ ପାଉ ନ ଥିଲା । ଖାଲି ଏତିକି ନୁହେଁ, ସବୁକଥା ବଦଳେଇବାର ସମୟ ଆସିଗଲା । ଏମିତି କିଛି ଦିନ ପରେ ଦିନେ ସକାଳେ ରାମଣ୍ଡା ଦୌଡି ଦୌଡି ତା କୋଠରୀକି ଆସି 'କୁମୁଦ କୁମୁଦ' ଡାକିଲା । ନିଦ ବାଉଳାରେ ବି କୁମୁଦ ଜାଣି ପାରିଲା ଯେ ସେଇ ସ୍ୱର ନିଶ୍ଚୟ ରାମଣ୍ଡାର, ନ ହେଲେ ସେ ସ୍ୱପ୍ନ ଦେଖୁଚି । କିନ୍ତୁ ତାହା ସ୍ୱପ୍ନ ନ ଥିଲା । ରାମଣ୍ଡା ନିଜେ ତା'କୁ ହଲେଇ ଉଠେଇବାକୁ ଚେଷ୍ଟା କରୁଥିଲା । ସେ ହଠାତ୍ ଉଠି ଭୂତ ଲାଗିଲା ପରି ଡିମା ଡିମା ଆଖିରେ ରାମଣ୍ଡାକୁ ଦେଖିବାକୁ ଲାଗିଲା । "ଶୀଘ୍ର ସରଳା ରୁମ୍ ଆ" କହି ରାମଣ୍ଡା ସ୍ୱପ୍ନରେ ଆସିଲା ପରି ଅବିଳମ୍ବେ ଚାଲିଗଲା । ସରଳା ପାଖରେ ସେ ପହଂଚିଲା ବେଳକୁ ରାମଣ୍ଡା କୋଟ୍ ପିନ୍ଧୁଥିଲା । କୋଠରୀର ଗୋଟେ କୋଣରେ ରାମଣ୍ଡାର ବିଛଣା ବିଛା ହୋଇଥିଲା । "ଏଇନେ ତୁ ଏଇଠି ବସି ଥା" । ମୁଁ ଡାକ୍ତରଙ୍କୁ ନେଇ ଆସୁଚି ।" କହି ସେ ବାହାରକୁ ଧାଇଁଗଲା ।

ସେଦିନ କୁମୁଦ ଭାବିଲା ଯେ ତା'ର କୂଅକୁ ଡେଇଁପଡି ମରିଯିବା ଉଚିତ୍ । ସେ ନିଜକୁ ଖୁବ୍ ଧିକ୍କାର କଲା । "କେତେ ଅଲାଜୁକୀ ଆଉ ସ୍ୱାର୍ଥପରି କସେଇଟାଏ ସେ !" ତିନି ଚାରି ଦିନ ହେବ ସରଳା ଅପାର ଦେହ ବେଶି ଖରାପ ହୋଇଗଲାଣି, ଏ କଥା ଜାଣିବା ତା'ର କ'ଣ ଉଚିତ୍ ନ ଥିଲା କି ? ଅବଶ୍ୟ ଏ କଥା ଠିକ୍ ଯେ

ରାମଣ୍ଡା ସେଠି ସବୁବେଳେ ରହିଥିବା ହେତୁ ସେ ସେଠିକି ଆସି ପାରିଲାନି ! ଆଉ ସରଳା ଅପା ତା'କୁ ଦେଖି ସବୁବେଳେ ଯେ ହସୁଥିଲା ଏ କଥା ବି ସତ । କିନ୍ତୁ ସେଥିରେ କ'ଣ ହେଲା ? ମଥାରେ ବାଜେ ଚିନ୍ତା ଗୁଡା ପୂରାଇ ସେ ସରଳା ଅପା ବିଷୟରେ ଟିକେ ଚିନ୍ତା ବି କରି ପାରିଲାନି । କେତେ କୁଳକଳଙ୍କିନୀଟାଏ ସେ ! ବିଚରା ରାମଣ୍ଡା ତିନି ଦିନ ହେଲା ଏକଲା କେତେ କଷ୍ଟ ସହିଥିବ ! ଆଜି ତା'କୁ ଡାକିବା ନିହାତି ଦରକାର ହେବାରୁ ଯାଇ ସେ ଆସିଲା । ସେଦିନ ସକାଳ ବଡି ଭୋର ସରଳା ଅପା କିଛି ସମୟ ପାଇଁ ମୂର୍ଚ୍ଛା ହେଇ ଯାଇଥିଲା । ତା'କୁ ସାନ୍ତ୍ୱନା କରି ଓ ସେବା ଶୁଶ୍ରୁଷା କରିବା ପରେ ତା'କୁ ସେଠି ବସେଇ ରାମଣ୍ଡା ଡାକ୍ତର ପାଖକୁ ଗଲା ।

ସେଦିନ ସଞ୍ଜବେଳକୁ ସରଳା ଅପାର ଅବସ୍ଥା ସୁଧୁରି ଯାଇଥିଲା । ସମସ୍ତଙ୍କ ସୌଭାଗ୍ୟରୁ ଏମିତି ହେଇଥିବ ବୋଲି କୁମୁଦ ଅନୁଭବ କଲା । ସମସ୍ତଙ୍କ ସୌଭାଗ୍ୟ ଭିତରେ ସେ ଆସିବ କାହିଁକି ? ଦିନ ସାରା ଧାଁ ଦଉଡ ଓ ମାନସିକ ଚିନ୍ତା ହେତୁ ରାମଣ୍ଡା ଥକ୍କାରେ ନିସତ ହେଇ ପଡିଥିଲା । କୁମୁଦ ଭାବିଲା, ପ୍ରକୃତରେ ତା'ର ସୌଭାଗ୍ୟ ପାଇଁ ଏମିତି ହେଇଥିବ । ସେଦିନ ରାତି ନ'ଟା ବେଳେ ସେ ନାଁକୁ ମାତ୍ର ଖାଇଥିଲା । ସେତେବେଳକୁ ସରଳା ଅପା ବେଶ୍ ଭଲ ଅନୁଭବ କରୁଥିଲା । ତାଙ୍କୁ ନିଦ ବଟିକା ଦେଇ ଆଉ ଭୟର କୌଣସି କାରଣ ନାହିଁ ବୋଲି ଡାକ୍ତର କହି ଯାଇଥିଲେ । ରାତିରେ ଖିଆପିଆ ସରିବା ପରେ ସରଳା ଅପାର ଅବସ୍ଥା ଭଲ ଅଛି ଦେଖି କୁମୁଦ ନିଜ କୋଠରୀକି ଯାଇଥିଲା । ସେ ଜାଣିଶୁଣି ଶୀଘ୍ର କୋଠରୀକି ଚାଲିଗଲା । ଦିନସାରା ସେ ରାମଣ୍ଡା ମୁହଁକୁ ଚାହିଁ ରହିଥିଲା ଓ ତା' ମୁହଁ ଇଙ୍ଗିତର ଅର୍ଥ ଠିକ୍ ବୁଝିପାରିଥିଲା । ସ୍ତ୍ରୀ ସହ କଥାବାର୍ତ୍ତାର ଅବକାଶ ଦବା ଲାଗି ସେ ସେଠୁ ଚାଲିଯାଇଥିଲା । ସେ ଜାଣିଥିଲା ଯେ ରାମଣ୍ଡା ଆପଣା ପରିଶ୍ରମର ଫଳର ରସାସ୍ୱାଦନ କରିବାକୁ ଚାହୁଁଛି । କୋଠରୀକି ଗଲାବେଳେ ତା' ମନ ପ୍ରସନ୍ନ ଥିଲା । ରାମଣ୍ଡା ଓ ସରଳା ଅପା କେତେ ଖୁସିରେ କଥାବାର୍ତ୍ତା କରୁଥିବେ, ଏହା କଳ୍ପନା କରି ସେ ଆନନ୍ଦିତ ହେଲା । ଦେହରେ କ୍ଳାନ୍ତି ଓ ମନରେ ଆନନ୍ଦ । ଏହି ଅବସ୍ଥାରେ ମୁଦ୍ରିତ ନୟନରେ, ବସି ରହି ସେ ଏକ ବିଚିତ୍ର ଶାନ୍ତି ଅନୁଭବ କରୁଥିଲା । ସେମିତି କେତେ ସମୟ ଯାଏଁ ସେ ବସିଥିଲା, କିଛି ଜଣାନାହିଁ । ହଠାତ୍ ରାମଣ୍ଡାକୁ ବିଛଣା ପାଖରେ ଛିଡା ହେଇଥିବାର ଦେଖି ସେ ସଚେତନ ହେଇଗଲା । ଥକ୍କାରୁ ଜାତ କ୍ଳାନ୍ତି, ତଥା ଆନନ୍ଦ ପାଇଁ ଫୁଟି ଉଠୁଥିବା ହସ – ଏଇ ପ୍ରକାର ମୁଖ ମୁଦ୍ରାରେ ରାମଣ୍ଡାକୁ ଦେଖି ତା'ମନରେ ସନ୍ଦେହ ହେଲା । କିନ୍ତୁ ଅଳ୍ପ ସମୟ ପରେ ମନଟା ହାଲୁକା ହେଇଗଲା ।

କୁମୁଦର ମନେ ହେଲା ଯେ ଜନ୍ମ ଜନ୍ମାନ୍ତରର ଫଳ ସ୍ୱରୂପ ସେ ଦିନ ସେ ରାମଣ୍ଡାକୁ ପାଇଚି । ରାମଣ୍ଡା କେତେ ଶାନ୍ତ ଲାଗୁଥିଲା ! କେତେ ନିର୍ମଳ ମନରେ କଥା କହୁଥିଲା ! ସେଦିନ ରାମଣ୍ଡାର ଦେହକୁ ଆଉଁସି ଦେଇ ସେ ନିଜ ଆଡକୁ ଟାଣି ନେଇଥିଲା । ଏକ ଅଜଣା ଦୁଃଖରେ ଭାଗି ପଡିଥିବା ପିଲାଟି ପରି ରାମଣ୍ଡା ତା' ପାଖକୁ ଆସିଚି, ଏ କଥା ବୁଝିବା ପାଇଁ ତା'କୁ ସମୟ ଲାଗିଲାନି । କଥା କହୁଁ କହୁଁ ତା' ବାହୁବନ୍ଧନ ଭିତରେ ରାମଣ୍ଡା ଶୋଇଲା ଯେ ସକା ଳ ପର୍ଯ୍ୟନ୍ତ ଥରେ ହେଲେ ଉଠିଲାନି । କୁମୁଦକୁ ନିଦ ଆସୁଁ ଆସୁଁ ବହୁତ ଡେରି ହୋଇଗଲା । ସକାଳୁ ପ୍ରଥମେ ଉଠି ରାମଣ୍ଡା ତା' ମଥାରେ ଚୁମା ଦେଲାପରେ ଯାଇ ତା'ର ନିଦ ଭାଗିଲା । ସେ ଆଖି ଖୋଲିବା ମାତ୍ରେ ଭୟରେ ଉଭୟ ଭୟଭୀତ ପିଲାଙ୍କ ପରି ପରସ୍ପରକୁ ଚାହିଁଲେ । ରାମଣ୍ଡା ଓଠରେ ଆଙ୍ଗୁଳି ରଖି ଚୁପ୍ ରହିବାକୁ ଇସାରା ଦେଲା । ହେଲେ ତା' ମୁହଁରେ ହସ ଲହଡି ମାରୁଥିଲା । ସେଇଦିନ ସକାଳ ତା'ର ନାରୀ ହେଇ ଜନ୍ମ ହେବା ସାର୍ଥକ ହୋଇଗଲା ବୋଲି କୁମୁଦ ଉପଲବ୍ଧି କଲା ।

ମିନିଟିକ ପାଇଁ ରାମଣ୍ଡାର ସେଇ ପ୍ରସନ୍ନ ମୁଖ-ମୁଦ୍ରାକୁ ଚାହିଁ କୁମୁଦ ତା'ରି ପାଇଁ ହୃଦୟରେ ଶାନ୍ତି ଲାଭ କରିଚି ବୋଲି ଅନୁଭବ କଲା । ସେଇ ପ୍ରସନ୍ନତା ସେଇଠି ସରିଗଲାନି । ସେତିକିରେ ଶେଷ ହୋଇ ଯାଇଥିଲେ ବି ହେ ନିଜ ଜନ୍ମକୁ ସାର୍ଥକ ମଣିଥା'ନ୍ତା । କିନ୍ତୁ ସୁଖ ବା ଦୁଃଖର ଅନୁଭୂତି କିଛି ସମୟ ପର୍ଯ୍ୟନ୍ତ ଗୋଟେ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିଥାଏ । କିନ୍ତୁ ଅନୁଭୂତିର ସ୍ମୃତି ବହୁ ସମୟ ଧରି ରହେ । ଏହା ଛଡା ସ୍ମୃତିକି ମନେ ପକେଇଲେ ଭାରି ସୁଖ ଲାଗେ । ସ୍ମୃତିର ସୁଖ ଓ ଦୁଃଖ ଉଭୟର ପ୍ରଭାବ ସମାନ ଭାବରେ ପଡେ । ଦୁଃଖ ତ ସ୍ମୃତି ଆଖିରୁ ଲୁହ ଝରାଏ ସତ, ମାତ୍ର ହୃଦୟ ହାଲୁକା ହୋଇଯିବା ଫଳରେ ସୁଖ ମିଳେ । କୁମୁଦ ଏ ସବୁ କଥା ଜାଣି ନ ଥିଲା (ଜାଣିଥିଲେ ସେ ବୋଧେ ସୁଖ-ଦୁଃଖାତୀତ ହୋଇଯାଇ ଥା'ନ୍ତା ।) କିନ୍ତୁ ସେଇ ସବୁର ସ୍ମୃତି ସେଦିନ ସନ୍ଧ୍ୟାରେ ତା' ମନରେ ଉଙ୍କି ମାରିଥିଲା । ରାମଣ୍ଡାର ସେଇ ପ୍ରସନ୍ନ ମୁହଁ ତା'ର ଭାରି ମନେ ପଡିଲା । ରାମଣ୍ଡା ବିଷୟରେ ସେ କି କି କଥା ସବୁ ଚିନ୍ତା କରିଥିଲା, ସେ ବିଷୟରେ ସେ ଟିକେ ଭାବିଲା । ଦିନସାରା ଦେହ ଓ ମନରେ ଅଶେଷ କ୍ଳାନ୍ତି ନେଇ ସେ ତା' ପାଖକୁ ଆସିଲା । ତା' ସାଥିରେ ଦୁଃଖ, ସୁଖ ହୋଲା ଓ ପିଲାଟି ପରି ତା' ପାଖରେ ନିଘୋଡ ନିଦରେ ଶୋଇ ପଡିଲା । କାହିଁକି ? ବୋଧେ ତା' ଜୀବନରେ ଯା ପାଇଁ ଏକ ବିଶେଷ ସ୍ଥାନ ରହିଥିବ । ନ ହେଲେ ଦୁଃଖବେଳେ ସେ ଆତ୍ମୀୟତା ଦେଖେଇଥା'ନ୍ତା କାହିଁକି ?ବୋଧେ ତା' ହୃଦୟ ଓ କୁମୁଦର ହୃଦୟ ଏକ ହୋଇ ଯାଇଥିଚ ! କିଛିଦିନ ପୂର୍ବର ଦୈହିକ ସଂପର୍କ ଠାରୁ ଏଇ ହୃଦୟର ସଂପର୍କ କୁମୁଦକୁ ଯଥେଷ୍ଟ ବେଶି ସୁଖ ଦଉଥିଲା । ତିନି ଚାରିଦିନ ଧରି ରାମଣ୍ଡା ଦେଇଥିବା ଦୁଃଖର ସ୍ମୃତି ଭିତରୁ ସୁଖର କଳିକା ଫୁଟି ଉଠିଥିଲା ! ସେଦିନ କୁମୁଦ ମୁହଁର କାନ୍ତି ଅଧିକ ଉଜ୍ଜ୍ୱଳ ଦିଶୁଥିଲା । ତାର ଅଂଗ ପ୍ରତ୍ୟଂଗରେ ପ୍ରେମ ରସର ଦୀପ୍ତି ଖେଳି ଯାଉଥିଲା ଓ ତା'ର ଗତିରେ ସୂର୍ଯ୍ୟୋଦୟକାଳୀନ ନବ ଚୈତନ୍ୟ ଫୁଟି ଉଠୁଥିଲା । ତା' କଥାରେ ବର୍ଷାକାଳୀନ ପ୍ରଥମ ବିନ୍ଦୁର ଆନନ୍ଦ ଭରା ଶୀତଳତା ପ୍ରକଟିତ ହଉଥିଲା । ତା'ର ମନେ ହଉଥିଲା ତା' ହୃଦୟ ନିକଟସ୍ଥ ନଦୀନାଳ ସବୁକୁ ନିଜ ସାଥିରେ ମିଶେଇ ରାସ୍ତା ଖୋଜି ଖୋଜି ସମୁଦ୍ର ସହ ମିଳିତ ହବାକୁ ଅଗ୍ରସର ହଉଥିବା ନଦୀଟିଏ ପାଲଟି ଯାଇଚି ।

ସେଇ ଅପରିଚିତ ଭାବନାକୁ ବାରଂବାର ମନେ ପକେଇବାରୁ କୁମୁଦର ମୁଖ କାନ୍ତି ବଦଳି ଗଲା । ସେତେବେଳେ ତା'କୁ ଲାଗୁଥିଲା ସତେ ଅବା ସରଳା ଅପା ତା' ଆଡକୁ ସ୍ନେହପୂର୍ଣ୍ଣ ଆଖିରେ ଚାହୁଁଚି । ତା'କୁ ବାରଂବାର ପାଖକୁ ଡାକୁଚି ଏବଂ ତା' ହାତକୁ ନିଜ ହାତରେ ଧୋଇ ବହୁ ସମୟ ଯାଏଁ ତା କଥାକୁ ଡେରି ବସି ରହୁଛି । ଦିନକର ଘଟଣା ସେ କେବେ ଭୁଲି ପାରିବ ନାହିଁ । ସେମିତି କିଛି ସମୟ ପର୍ଯ୍ୟନ୍ତ ଚୁପ ରହି ସରଳା ଅପା କହିଲା, "କୁମୁଦ !" ତା' ର ସେଇ ସ୍ୱର ଏତେ ଆକର୍ଷଣୀୟ ଥିଲା ଯେ କୁମୁଦର ମନେ ହେଲା, ଯେମିତି ଲୁଚି ଥିବା ପିଲାକୁ ଖୋଜି ଆଣି ମା' କୋଳରେ ବସେଇ ଗେଲ କରୁଚି ।

କୁମୁଦ ଭୟରେ ପଚାରିଲା, "କ'ଣ କହୁଚୁ ଅପା ?"

"ମୋ' ପାଇଁ ସମସ୍ତେ କଷ୍ଟ ପାଇଲେ ।"

"ତତେ ଏ କଥା କିଏ କହିଲା ?"

"କିଏ କହିବ କାହିଁକି ? ମୁଁ କ'ଣ ଜାଣି ପାରୁନି ?"

"ତତେ ଟିକେ ହେଲେ କଷ୍ଟ ହବା ଉଚିତ୍ ନୁହେଁ । ଅନ୍ୟମାନଙ୍କ କଥା ତୋ'ର ଏତେ ଚିନ୍ତା କାହିଁକି ?"

"ମତେ କଷ୍ଟ ହଉଚି କୁମୁଦ । ଆଉ ମୋ'ର କୋଉଥିପାଇଁ ଆଶା ନାହିଁ । ଏ ହୀନ ମାନିଆ ଜୀବନ ନେଇ

ଇମିତି ବିଛଣା ରେ ପଡି ରହିବା - - - ।"

"ଅପା, ତତେ ଯେ କେତେ ଲୋକ ଚାହୁଁଚନ୍ତି, ସେ କଥା ତୁ ଭୁଲି ଯାଉଚୁ କାହିଁ କି ?"

"ତୁ ପାଗଳ ହେଲୁ କି କୁମୁଦ ? କିଏ କାହାକୁ ଚାହୁଁଚି ? ଯେତେଦିନ ଯାଏଁ ବଂଚୁଥିବୁ ସେତେଦିନ ଯାଏଁ ଲୋକେ ତତେ ଖୋଜିବେ । ମଲାପରେ ସମସ୍ତେ ଭୁଲିଯା'ନ୍ତି, ନ ହେଲେ ଦୁନିଆ ଚଳିବ କିମିତି ?"

"ମନା କରିବା ସତ୍ୱେ ବି ତୁ ବାରମ୍ବାର ସେଇ କଥାଗୁଡା ଭାବୁଚୁ ?"

"ଆଉ କ'ଣ କରିବି ? ତୁଇ କହ, କାଲି ଯେତେବେଳେ ଅବସ୍ଥା ବହୁତ ଖରାପ ହେଇଗଲା ମୁଁ ଡରିଗଲି ; କାଳେ ଚାଲିଯିବିନି ତ !"

"ଏମିତି କଥା ସିନା କହନ୍ତୁ । ମରିବା ପାଇଁ ଡରିଲୁ ନା ? ସେ ତ ଖୁସିର କଥା ।"

"ନିଜ ପାଇଁ ଡରୁନି ଲୋ କୁମୁଦ । ମୋ' ଦେଇ କାହାରି ମଙ୍ଗଳ ହେଇନି । ଭଗବାନଙ୍କୁ ଡାକୁଚି, କାହାରି ଅମଙ୍ଗଳ ନ ହଉ ।"

"ଏଇନେ କାହାର ଅମଙ୍ଗଳ ହଉଚି ?"
"ତେବେ ମରିବା ଆଗରୁ କିଛି ମଙ୍ଗଳ କାମ ହେଇଗଲେ —"
"କ'ଣ ତୁ କହିବାକୁ ଚାହୁଁଚୁ ?"
"ଏଇ ତୋ' ବାହାଘର କଥା ।"
"ଆଉ ଅପା । ପ୍ରଥମେ ତୁ ଭଲ ହେଇ ଯା' । ତା' ପରେ ଯାଇ ଯାହା ହବ ।"

ଏତିକିରେ କୁମୁଦ ଅଟକି ଯାଇଥିଲା । ବାହାଘର କଥା ଉଠିବାରୁ ତା'କୁ ଖୁବ୍ ଲାଜ ମାଡିଲା । କିନ୍ତୁ ସାଂଗେ ସାଂଗେ ତା' ମନରେ ଆଉ ଗୋଟେ ଚିନ୍ତା ଉଠିଲା । ଅପା ତା' ବାହାଘ ର ବିଷୟରେ ଏବେ ଭାବୁଚି କାହିଁକି ?

ତା' ପ୍ରତି ଯୋଉ ସ୍ୱାଭାବିକ ବାତ୍ସଲ୍ୟ-ପ୍ରେମ ରହିଚି, ସେଥିପାଇଁ ? ନା, ସେ କିଛି ସଂଦେହ କରୁଚି ? ଅପା କ'ଣ ସତରେ ଚାହୁଁଚି ଯେ ସେ ମରିବା ଆଗରୁ ବାହାଘରଟା ହୋଇ ଯାଉ ? ତା' ହେଲେ କାହା ସାଥିରେ ତା'ର ବାହାଘର ହବ ? ସେଇଠୁ କୁମୁଦ କହିଲା, "ଅପା, ତୁ ଭଲ ନ ହେଲା ଯାଏଁ ଏ ବାଜେ କଥା ଗୁଡା ମୁଣ୍ଡରେ ପୁରାନା । ମୁଁ ଜମା ତୋ' କଥା ମାନିବିନି ।"

"ତାଙ୍କୁ ବି କହିଚି, ତତେ ବି କହୁଚି । ମୁଁ ଦେଖିକି ମରିବାକୁ ଚାହୁଁଚି ।" ଏହା କହି ସରଳା ଦୀର୍ଘଶ୍ୱାସ ନେଲା ।

ତାଙ୍କୁ ବି କହିଚି ? କୁମୁଦର ହୃତ୍‌ସ୍ପନ୍ଦନ ବନ୍ଦ ହେଇଗଲା । ସରଳା ଅପା କ'ଣ କହିଚି ? ଆଉ କାହା ସହିତ ବାହାଘରଟା ହୋଇଯାଉ ବୋଲି ସରଳା କହିବା ହେତୁ ରାମଣ୍ଣା କାଲି ରାତିରେ ତା ' ସାଥିରେ ସ୍ନେହ ପୂର୍ଣ୍ଣ ବ୍ୟବହାର କଲା ନି ତ ? ସେ କ'ଣ ଆଉ କିଛି ଭାବିଥିଲା ? ଏ ନୂଆ ପ୍ରସ୍ତାବ କୁଆଡୁ ଆସିଲା ?

"ଅପା, ତତେ ହାତ ଯୋଡି ପ୍ରାର୍ଥନା କରୁଚି । ତୁ ଭଲ ହେବା ପର୍ଯ୍ୟନ୍ତ —"

"ତୁ ଗୋଟେ ପାଗଳୀ କୁମୁଦ । ମୁଁ ଯେ ଭଲ ହେବି, ଏ କଥା ତୁ ଭୁଲି ଯା' । ଏ ମରୁଥିବା ଅପା ପାଇଁ, ମୋ ପ୍ରତି ତୋର ଯୋଉ ସ୍ନେହ ଅଛି ସେଥିପାଇଁ —"

"ଅପା, ମୋ' ରାଣ । ତୁ ଏ କଥା ବେଶି ବଢେଇଲେ —" କୁମୁଦ ଯେମିତି ମନର କଥା କହିପକେଇଲା । "

ସରଳା କହିଲା, "ହଉ ଛାଡ୍, ତାଙ୍କୁଇ କହିବି । ସେ ତୋ' ସାଂଗେ କଥାବାର୍ତ୍ତା କରିବେ ।" ଏକଥା ଶୁଣି କୁମୁଦକୁ ପ୍ରାଣ ଛାଡି ଗଲା ପରି ଲାଗିଲା । ସେ ଭାବିଲା, ଏ କଥା ତା' ମୁହଁରୁ ବାହାରି ଗଲା କେମିତି ? କୌଣସି ମତେ ସେହି ବିଷୟକୁ ବଦଳାଇ ଦେବାଲାଗି ସେ ଚେଷ୍ଟା କଲା । ତିନି ଚାରି ଦିନ ଧରି ରାମଣ୍ଣା ସରଳା ଅପାର କେତେ ସେବା କରିଥିଲା, ସରଳା ଅପା ବେହୋସ୍ ହେଇଗଲା ଦିନ ସେ କେମିତି ଧାଁ-ଦଉଡ କରିଥିଲା ଏବଂ ରାତି ପର୍ଯ୍ୟନ୍ତ ତା'ର ଖାଇବାକୁ ବି କେମିତି ମନେ ନ ଥିଲା ପ୍ରଭୃତି ଅତି ସୁନ୍ଦର ଭାବେ କହିଲା । ସରଳା ଆନନ୍ଦ ଓ ଅଭିମାନରେ ଫୁଲି ଫୁଲି ମନଯୋଗ ସହିତ ସେ କଥା ଶୁଣୁଥିଲା । କେତେ ସମୟ ବିତି ଯିବାପରେ କୁମୁଦ ଧରିନେଲା ଯେ ଏବେ ଆଉ ତା' ବାହାଘର କଥା ଉଠିବନି । ତା' ପରେ ସେ ଚୁପ୍ ହୋଇଗଲା । ଶେଷରେ ସରଳା ଅପା କହିଲା, "ଏମିତି କଥା ? ତୁ ତେବେ ସବୁ ନିରେଖି ଦେଖୁଚୁ ।" ପିଠି ଉପରେ ହାତ ବୁଲଉ ବୁଲଉ ପୁଣି କହିଲା, "ଭଉଣୀ ! ମୋ' ଭାଗ୍ୟ ସେତେ ଖରାପ ନୁହେଁ ।"

ଶେଷ କଥାପଦକ ଶୁଣି କୁମୁଦ ଆଶ୍ଚର୍ଯ୍ୟ ହେଇଗଲା । କୋଉ ପ୍ରସଂଗରେ ସରଳା ଅପା ଏ କଥା କହିଲା ? ସେ ତ ରାମଣ୍ଣାର ପ୍ରଶଂସା କରୁଥିଲା, ଓ, ଏଥର ଜଣା ପଡିଲା । ମୋ ସ୍ୱାମୀ ଯେତେବେଳେ ଏମିତି ମୋ' ଭାଗ୍ୟ ଖରାପ ହୋଇ ନ ପାରେ -- ବୋଧେ ଏୟା କହିଥିବ । ସାଂଗେ ସାଂଗେ କୁମୁଦ ମନରେ ଆଉ ଗୋଟେ ଚିନ୍ତା ମୁଣ୍ଡ ଟେକିଲା । 'ଭାଗ୍ୟ ସେତେ ଖରାପ ନୁହେଁ' କହିବାର ଅଭିପ୍ରାୟ ଏହା ନୁହେଁ ତ ଯେ ତା'ର ଇଚ୍ଛାନୁସାରେ କୁମୁଦର ବାହାଘର ହୋଇଯିବା । କିନ୍ତୁ କୁମୁଦ ଏ ବିଷୟରେ ବେଶି ଚିନ୍ତା କରିବା ଅବସ୍ଥାରେ ନ ଥିଲା । ସରଳା ମୁହଁରୁ ବାହାଘର କଥା ବାହାରିବା ମାତ୍ରେ ତା'ମନରେ ଲୁଚି ରହିଥିବା ଭାବନା ସବୁ ତା'କୁ ମାଡି ବସିଲେ । ବାହାଘର ? କି ଆଶ୍ଚର୍ଯ୍ୟ ! ଆଜି ପର୍ଯ୍ୟନ୍ତ ସେ କେବେ ଏ ବିଷୟରେ ଚିନ୍ତା କରି ନ ଥିଲା । ରାମଣ୍ଣା ସହ ସଂପର୍କ ସ୍ଥାପନ ପରେ ଅଂଗେ ନିଭେଇଥିବା ଅନୁଭୂତି ସତ୍ତ୍ୱେ ତା' ମନରେ ବାହାଘର କଥା କେବେ ଉଠି ନ ଥିଲା । କୁମୁଦ ସରଳା ବିଷୟରେ ଅନେକ କଥା ମନେ ପକେଇବାକୁ ଲାଗିଲା । ମୁଁ ମରିବା ଆଗରୁ ଏ ବାହାଘର ହେଇଯିବା ଉଚିତ, ସରଳାର ଏଇ ଜିଦ୍ କୁମୁଦ ମନରେ ସନ୍ଦେହ ସୃଷ୍ଟି କରୁଥିଲା । ସଂଭବତଃ ସରଳା ଅପା ରାମଣ୍ଣା ସାଥିରେ ତା'ର ବାହାଘର କରିଦବା ପାଇଁ ଭାବିଥିବ । ଅର୍ଥାତ୍ ସେ ଦି' ଜଣଙ୍କୁ ନେଇ ସରଳା ଅପା ମନରେ ସନ୍ଦେହ ସୃଷ୍ଟି ହେଉଚି । ଛିଃ ! ଅପା ଥିଲା ଅତି ନିଷ୍କପଟ ସ୍ୱଭାବର

ଲୋକ । ସେ କହୁଥିଲା ଯେ ସ୍ତ୍ରୀ ପାଇଁ ସ୍ୱାମୀ ଓ ପିଲା ହିଁ ସବୁଠୁ ବଡ ସଂପଦ । ତା'ର ପିଲା ନ ଥିଲେ ବୋଲି ସେ ମନ ଦୁଃଖ କରୁଥିଲା । ଘରେ ଛୁଆ ପିଲା ଥିଲେ ସେ ବହୁତ୍ ଖୁସି ହୋଇଥା'ନ୍ତା । କୁମୁଦର ଚିନ୍ତା-ସ୍ରୋତ କୁଆଡେ କୁଆଡେ ଯାଇ ପହଂଚିଲା । ବହୁ ସମୟ ଧରି ଚିନ୍ତା କରିବା ପରେ ବି ସେ ତୃପ୍ତ ହେଲାନି । ଆଖି ବନ୍ଦ କଲା ମାତ୍ରେ ତା' ଆଗରେ ଗୋଟେ ଚିତ୍ର ଆସି ଠିଆ ହଉଥିଲା । ସେ ଆଉ ରାମଣ୍ଡା ସିନେମା ଯାଉଚନ୍ତି । ସେମାନଙ୍କ ପିଲାମାନେ ଘରେ ଖେଳୁଚନ୍ତି । ଆଗରେ ବିଛଣାରେ ଶୋଇ ସରଳା ଅପା ହସି ହସି କହୁଚି, "ଏଥର ମୋ' ଜୀବନ ସାର୍ଥକ ହେଲା । ଏବେ ତମେ ସିନେମା ଯାଅ କି ବିଲାତ ଯାଅ, ଏଇ ମୋ'ର ଘର ।" କିନ୍ତୁ କୁମୁଦ ଆଖି ଖୋଲିବା ସଂଗେ ସଂଗେ ସେ ଦୃଶ୍ୟ କୁଆଡେ ଉଭେଇଗଲା ।

ସ୍ମୃତିରେ ପହଁରି ସାରି କୁମୁଦ ବିଛଣାରୁ ଉଠିଲା । ସେ ଭାବିଲା, ସେତେବେଳେ ନିଦ ନ ଆସିଲେ କେତେ ଭଲ ଲାଗୁଥିଲା ! ହେଲେ ବର୍ତ୍ତମାନ ? ସେତେବେଳେ ଯୋଉ ନିଦ ତା' ସହିତ 'ଆଇସବାଇସ୍' ଖେଳୁଥିଲା । ସେଇ ନିଦ ଆଜି ଦୁଷ୍ମନ୍ତ ଶକୁନ୍ତଳାକୁ ଭୁଲି ଗଲାପରି ତା'କୁ ଭୁଲିଗଲା । ଦୁଷ୍ମନ୍ତ-ଶକୁନ୍ତଳା । ଆରେ, ଏ କଥା ତା' ମୁହଁରୁ ବାହାରିଲା କେମିତି ? ହଁ, ଦିନେ ରାତିରେ - - - - । ବୁଲି ବୁଲି ପୁଣି ସେଇଠି । କୁମୁଦର କୁଆଡେ ପଳେଇ ଯିବାକୁ ଇଚ୍ଛା ହେଲା । କିନ୍ତୁ ସେ ଗୋଡ କଚାଡି ଝଟ୍‌କିନା ବିଛଣା ଉପରେ ପଡିଯାଇ ମୁହଁ ମାଡି ଶୋଇଗଲା ।

13

ରାମଣ୍ଡା ଫିଙ୍ଗି ଦେଇଥିବା ବହିଟି ଟେବୁଲରେ ବାଜି ଓଲଟା ପାଲଟା ହୋଇଗଲା । ପୃଷ୍ଠାଗୁଡା ଖୋଲିଗଲା ଏବଂ ପୁଣି ଓଲଟା ସିଧା ମୋଡି ମାଡି ହୋଇ, ଭାରସାମ୍ୟ ହରେଇ ବେହୋସ୍‌ରେ ଉପରୁ ତଳକୁ ଖସି ପଡୁଥିବା ଲୋକପରି ତଳେ ମେଜିଆ ଉପରେ ପଡିଲା । ତା' ପରେ ରାମଣ୍ଡା ରାଗରେ ସେଇ ବହିକି ଚାହିଁ ପ୍ରଶ୍ନ କଲା, "ସଂସାରରେ ଯେବେଠୁଁ ମଣିଷର ଜନ୍ମ ହେଲା ଓ ଯେତେ ଲୋକ ଜନ୍ମ ହେଲେ ସମସ୍ତଙ୍କ ପାଇଁ ଗୋଟେ ଗୋଟେ ବହି ରହିଥିଲେ ବି ମୋ' ସମସ୍ୟାର ସମାଧାନ କରିବା ଲାଗି କ'ଣ କୌଣସି ବହି ମିଳିବନି ? ସାହିତ୍ୟ ମଣିଷ ଜୀବନର ବିଭିନ୍ନ ସମସ୍ୟାର ସମାଧାନ କରୁଚି କହିବା ଗୋଟେ ପାଗଳାମି । ଜୀବନ କ'ଣ ? ତା' ସମସ୍ୟା ତ ଅସଂଖ୍ୟ ! ସେ ସବୁ ସମାଧାନ କରିବାର ଉଦ୍ଦେଶ୍ୟ କ'ଣ ?" ଏ ଚିନ୍ତା ମନକୁ ଆସିବାରୁ ନିଜେ ସାହିତ୍ୟକାର ହୋଇଥିବା ହେତୁ ସେ ନିଜକୁ ତିରସ୍କାର କଲା ।

ତା'ର ସମସ୍ୟା କ'ଣ ? ସେମିତି ଦେଖିଲେ ଏଇଟା କିଛି ନୁହେଁ ବୋଲି କେତେକ କହିବେ । ଆଉ କେତେକ ଏଇଟା କି ସମସ୍ୟା ବୋଲି କହି ହସରେ ଉଡେଇ ଦେବେ । ହୁଁ ! ମୂର୍ଖଗୁଡାକ ! ଅଜ୍ଞାନ ଗୁଡାକ ! ସେମାନଙ୍କର ଦୁର୍ଭାଗ୍ୟ ଯେ ନିଜେ ଅଜ୍ଞାନ ଓ ମୂର୍ଖ ବୋଲି ଜାଣି ନାହାଁନ୍ତି । କେତେକ ପଚାରିବେ, କ'ଣ ? କାଇଁ ସମସ୍ୟା । କୁମୁଦ ସଂପର୍କରେ ବି ତ ସେୟା କୁହାଯାଇପାରେ ? ଆଚ୍ଛା, ତା'ର ସମସ୍ୟା କ'ଣ ? ପ୍ରିୟ ପତ୍ନୀତ ଚାଲିଗଲା । ଦାମ୍ପତ୍ୟ ଜୀବନ ପାଇଁ ବା ପ୍ରେମ କରିବା ପାଇଁ ମନ ଆଉ ପ୍ରସ୍ତୁତ ନୁହେଁ । ଆଉ କୌଣସି ପ୍ରକାର

ବନ୍ଧନ ନାହିଁ । କୁମୁଦକୁ ଅନାୟାସରେ ତ୍ୟାଗ କରାଯାଇପାରେ । ତ୍ୟାଗର ଅର୍ଥ ନୁହେଁ ଘରୁ ବାହାର କରିଦେବା । କାହିଁକି ଏତେ ଅଶାନ୍ତି ? ସରଳା ନିଜେ ପାଳି ପୋଷି ବଡ କରିଥିବାରୁ ତା'କୁ କୌଣସି ଏକ ସ୍ତ୍ରୀ ଶିକ୍ଷାନୁଷ୍ଠାନକୁ ପଠେଇ ତା'କୁ ସ୍ୱାବଲମ୍ବୀ କରି ଦିଆ ଯାଇପାରେ । ଏଇଟା କୋଉ ବଡ ସମସ୍ୟା ?

ସେମାନେ ମୂର୍ଖ -- ଏହା କହୁଥିବା ଲୋକଙ୍କୁ ଯ୍ୱାର ସମସ୍ୟା ଜଣା ନାହିଁ । ପ୍ରିୟ ସ୍ତ୍ରୀ ମରି ଯାଇଚି, ଏ କଥା ସତ । ହେଲେ କୁମୁଦ ତା'କୁ ଭଲ ପାଇଚି କି ନାହିଁ, ଏକଥା କିଏ ଜାଣେ ? କେହି ତା'କୁ ଏ କଥା ପଚାରିଚି ?

କୁମୁଦ ଯଦି ଭଲ ପାଉଥାଏ ତେବେ ତା'କୁ ବାହା ହେଇଯିବା ଉଚିତ୍ । ଏଥିରେ ଏତେ ଚିନ୍ତା କାହିଁକି ?

ଛିଃ ! ଏମିତି କହୁଥିବା ଲୋକେ ମୂଢ । ସେମାନେ ପ୍ରେମର ରହସ୍ୟ ଆଦୌ ଜାଣି ନାହାଁନ୍ତି । ପ୍ରେମ ଅଛି କି ନାହିଁ, ଏ କଥା କହିବ କିଏ ? ପେଟ ଭରି ଖାଇବାପରେ ପୁଣି ଯଦି ଖାଇବାକୁ କୁହାଯାଏ ତେବେ ଖାଇହବ କି ? ଅସମ୍ଭବ । ଖାଇ ହେବନି । ଖାଇ ନ ପାରିଲେ ଖାଦ୍ୟ ତମକୁ ସୁଆଦିଆ ଲାଗିଲାନି ବୋଲି କୁହାଯିବ । ସେ ପେଟ ପୂରା ଖାଇଚି । ତେଣୁ ଏ ସବୁ ତା'କୁ ଭଲ ଲାଗୁନି ବୋଲି କହିବା ପାଇଁ ସେ ନିଜେ ସାକ୍ଷୀ । କୁମୁଦ ତାକୁ ଭଲ ପାଏ ।

ଏଇ ପ୍ରଶ୍ନ ଗୁଡାକ ସେ ପ୍ରାୟ ଭାବୁ ନ ଥିଲା । କାରଣ ଏ ସବୁର ଉତ୍ତର ଦବା ଆଗରୁ ସେ ସବୁ ସହ ସମ୍ବନ୍ଧିତ ଅନେକ ପ୍ରଶ୍ନ ତା' ଆଖି ଆଗରେ ଭାସି ଉଠୁଥିଲା ।

ସେଇଟା କୋଉ ଦିନ ଥିଲା ? ହଁ, ସରଳା ଦିନେ ସଦ୍ଦାକୁ ସମସ୍ତଙ୍କୁ ଡରେଇ ଦେଇଥିଲା । ସେଇଦିନ । ସେଦିନ ସେ ଗୋଟାଏ ଯନ୍ତ୍ର ପରି କାମ କରିଥିଲା । ରାତିବେଳକୁ ସରଳା ଭଲ ହୋଇ ପୂର୍ବ ଅବସ୍ଥାକୁ ଫେରି ଆସିଲା । ଡାକ୍ତର ତିନି ଚାରି ଥର ଭରସା ଦେଇ କହିଗଲେ ଯେ ଏବେ ଆଉ କିଛି ଡରିବାର ନାହିଁ । ସେତେବେଳେ ତା'ର ଗୋଡ ଚାଲୁଥିଲା, ହାତ କାମ କରୁଥିଲା, ଆଖି ଦେଖୁଥିଲା, କାନ ଶୁଣୁଥିଲା --- ମାତ୍ର ଏ ସବୁରୁ କୌଣସିଟି ପ୍ରତି ତା'ର ଧ୍ୟାନ ନ ଥିଲା । ସବୁ ଠିକ୍ ହୋଇଯିବା ପରେ ନିଁକୁ ମାତ୍ର ଅଳ୍ପ ଦି'ଟା ଖାଇଲା । ସରଳା ସମସ୍ୟାର ସମାଧାନ ହେଇଯିବା ହେତୁ ତା'କୁ ଭୀଷଣ ନିଦ ଲାଗିଲା । ସେ ଅନୁଭବ କଲା, ସରଳା ସାଥିରେ ତା'ର ମଧ୍ୟ ପୁର୍ନଜନ୍ମ ହୋଇ ଯାଇଚି । ମନଟା ଆନନ୍ଦରେ ନାଚି ଉଠିଲା । ତା' ପରେ କୋଉଠି ବସି କାନ୍ଦିବା ଲାଗି ନ ହେଲେ କାହାରି ଆଗରେ ମନର ଆନନ୍ଦକୁ ବ୍ୟକ୍ତ କରିବା ଲାଗି ଖୁବ୍ ଇଚ୍ଛା ହେଲା । ସେଇଠୁ ସେ କୁମୁଦର କୋଠରୀକି ଯାଇଥିଲା । ତା'ର ସ୍ପଷ୍ଟ ମନେ ଅଛି ଯେ ସେଦିନ ସେ କୁମୁଦକୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖିଥିଲା ; ସମ୍ଭୋଗର ବସ୍ତୁ ରୂପେ ନୁହେଁ । ସେଇ ରାତିର ସ୍ମୃତି ମନେ ପଡିବାରୁ ରାମଣ୍ଡା ଆଶ୍ଚର୍ଯ୍ୟାନ୍ୱିତ ହେଲା । ତହିଁଆର ଦିନ ସିନ୍ଦୁରା ଫାଟିଲାବେଳେ ସେ କ'ଣ ଅନୁଭବ କରିଥିଲା କହି ହବନି । ସେ କୁମୁଦର ମଥାରେ ଚୁମା ଦେଉଥିଲା ନା ? ସେତେବେଳେ କୁମୁଦର ମୁହଁ ଯେ ଜଣେ ନାରୀର ମୁହଁ, ଏ ଚିନ୍ତା ତା' ମନରେ ଆଦୌ ନ ଥିଲା ।

ସେତେବେଳେ ନିଜ ମନ ଉପରେ ରାମଣ୍ଡାର ପୂରା ଭରସା ଥିଲା । ହେଲେ କ'ଣ ହବ, ମନର ଦୁନିଆଁ ଅତି ବିଚିତ୍ର । ପ୍ରବାଦ ଅଛି 'ଦଇବ ଦଇତି ମଣିଷ ଗାଈ, ଯେଣିକି ଓଟାରି ତେଣିକି ଯାଇ ।' ଏଇ କଥା ?

କୁମୁଦ ଯେ ଆଉ କିଛି ଚାହେଁ, ଏ ବିଷୟରେ ରାମଣ୍ଡାର ସନ୍ଦେହ ନ ଥିଲା, କୁମୁଦ ସହିତ ତା'ର ସମ୍ପର୍କକୁ ନେଇ ଯେଉଁ ଭାବନା ଉଠି ନ ଥିଲା, ତାହା ଏବେ ରାମଣ୍ଡାର ମୁଣ୍ଡକୁ ପ୍ରବେଶ କଲା । କୁମୁଦ ତା'କୁ ଭଲ ପାଉଛି, ଏ ଚିନ୍ତା ମନକୁ ଆସିବା ମାତ୍ରେ ହୃତ୍‌ସ୍ପନ୍ଦନ ବନ୍ଦ ହୋଇଗଲା ପରି ସେ ଅନୁଭବ କଲା । ସେ ଭାବିଲା, ଇଏ କି ପ୍ରକାର ନୂଆ ପ୍ରତିବନ୍ଧକ ? ଏ ସବୁ ପରେ ବି ଯଦି କୁମୁଦ ତା'କୁ ଭଲ ପାଉଛି, ତେବେ ସେ କ'ଣ କରିପାରିବ ? ଏ ବିଷୟରେ ସେ ପରନିର୍ଭରଶୀଳ ଥିଲା ବୋଲି ମନେ ପଡିବାରୁ ତା'କୁ ନିଜ ଉପରେ ରାଗ ମାଡିଲା । ସେ ନିଜକୁ ଧିକ୍‌କାର କଲା ଯେ ଏ ପର୍ଯ୍ୟନ୍ତ ଯଦି ତା'ର ବ୍ୟବହାର କୁମୁଦକୁ ପ୍ରୋତ୍ସାହିତ କରି ଆସିଛି, ତେବେ ଏହାହିଁ ତା' କୃତ କର୍ମର ଉପଯୁକ୍ତ ପ୍ରାୟଶ୍ଚିତ୍ତ । ସେ ମୂର୍ଖ,ମହାମୂର୍ଖ । କେବଳ କାମ ତୃପ୍ତି ପାଇଁ କୁମୁଦର ସରଳତାର ସୁଯୋଗ ନେଇ ତା'କୁ ନିଜ ଆଡକୁ ଆକୃଷ୍ଟ କଲାବେଳେ ସେ ଆଉ କିଛି ଭାବି ନ ଥିଲା । ସେ ବି ସହଜରେ କୁମୁଦ ଆଡକୁ ଆକୃଷ୍ଟ ହୋଇ ପଡିଥିଲା । ସେତିକି ବେଳେ ସେ ବୁଝିବା ଉଚିତ୍ ଥିଲା ଯେ ତା'କୁ ମୋହିତ କରାଯାଉଛି -- ଏହା ଭାବି ରାମଣ୍ଡା ମଥା ପିଟିଲା । ତା'ପରେ ସମଗ୍ର ନାରୀ ଜାତି ଉପରେ ସେ କ୍ରୁଦ୍ଧ ହୋଇ ଉଠିଲା । ବାସନା ଜାତ ହେଲା ମାତ୍ରେ ନାରୀ ମନରେ ବିବାହ ଇଚ୍ଛା ସୃଷ୍ଟି ହୁଏ । ସେ କେବଳ ବାସନାରେ ତୃପ୍ତି ଚାହେଁନା । ତା'ର ଏକ ନୈତିକ ବନ୍ଧନ ଲୋଡା । ଅନ୍ୟ କୌଣସି ନୈସର୍ଗିକ ବାସନା ମଣିଷ ମନରେ ଏତେ ଗଭୀର ପରିଣାମ ଓ ପାପ-ପୁଣ୍ୟର ବୋଝ ଛାଡିଯାଇନି । କୁମୁଦ ତା'କୁ ଭଲ ପାଉଥିଲେ ଆଗକୁ ତା' ପାଇଁ ବାଟ କ'ଣ ?

ବିପଦ ଆସିଲାବେଳେ ଗୋଟେ ପରେ ଗୋଟେ ଅପଣା ଛାଏଁ ଆସିଯାଏ । ଏହା ପ୍ରକୃତିର କି ପ୍ରକାର କ୍ରୁର ନିୟମ ? ପୂର୍ବରୁ ଚାରିଆଡୁ ସଙ୍କଟରେ ଘେରି ହୋଇଥିବା ରାମଣ୍ଡା ଆଉ ଏକ ସଙ୍କଟରେ ପଡିଗଲା । ଡାକ୍ତର କହିଥିଲା ଯେ ରୋଗରୁ ବଂଚିଗଲେ ସରଳା ବିଷୟରେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ହବ । "ଯ୍ୱାଙ୍କର ଆଘାତ ସହିବାର ଶକ୍ତି ଆଉ ଜମା ନାହିଁ । ସେ ଯାହା ଚାହିଁବେ ସବୁ ଦେଇ ପିଲାଟିଏ ପରି ଯତ୍ନରେ ରଖିବାକୁ ହବ ।" ଏହାହିଁ ରାମଣ୍ଡା ପାଇଁ ଅନୁକୂଳ ଅବସର । କୁମୁଦ ତା'କୁ ଭଲ ପାଉଛି ବୋଲି ସନ୍ଦେହ ହବାପରେ ତା'ଠୁ ଦୁରେଇ ରହିବା ଲାଗି ସେ ସରଳା ପାଖରେ ବେଶୀ ସମୟ କାଟିବାକୁ ଲାଗିଲା । ତମକୁ ପିଲାଙ୍କ ପରି ସବୁବେଳେ ବହଲେଇ ରଖିବାକୁ ହବ ବୋଲି ଡାକ୍ତର କହିଚନ୍ତି । ତେଣୁ ମୁଁ ତମରି ପାଖରେ ବସି ରହିବି । ଚକୋଲେଟ୍ ଦରକାର ହେଲେ ମୁଁ କିଣି ଆଣି ଦେବି ।" କହି ସରଳାକୁ ଥଟ୍ଟା କରିଥିଲା ।

ତା' ପରେ ସରଳା ବି ଥଟ୍ଟାରେ କହିଥିଲା, "ତମ କଥା କ'ଣ ଏତେ ସହଜ ଯେ ଚକୋଲେଟ୍‌ରେ ପୂରଣ ହୋଇଯିବ ?"

ରାମଣ୍ଡା ହସି ହସି ମଜାରେ ଅଭିନୟ କଲା ପରି ସ୍ୱରରେ କହିଲା, "କ'ଣ ଚକୋଲେଟ୍ ନାଁ ରେ ମୁଁ ଥଟ୍ଟା କରୁଚି ବୋଲି ଭାବୁଚ ? ତମେ ପାଗଳ ହେଇନ ତ ? ଯଦି ଚାହଁ ଏ କଥାରେ ପରୀକ୍ଷା କରି ଦେଖ । ତମେ କହିଲେ ମୁଁ ତମକୁ ତ୍ରିଲୋକ ଆଣିଦବାକୁ ପ୍ରସ୍ତୁତ । ବୁଝିଲ ସରଳା ?"

ଏହା ଶୁଣି ସରଳା ଦୀର୍ଘଶ୍ୱାସ ନେଲା । ସେ ନିଶ୍ୱାସରେ ରାମଣ୍ଡାର ସବୁ ଥଟ୍ଟାମଜା ବୁରମାରୁ ହୋଇଗଲା ଓ ସେ ବିସ୍ମିତ ହୋଇ ଚାହିଁ ରହିଲା ।

"କ'ଣ ତମକୁ ମିଛ ଲାଗୁଚି କି ?"
ସରଳା କିଛି ଜବାବ ନ ଦେଇ ଖାଲି ମୁଣ୍ଡ ଟୁଙ୍ଗାରିଲା ।
"ତା' ହେଲେ ମୋ' ଉପରେ ତମର ବିଶ୍ଵାସ ନାହିଁ ?"
"ଉହୁଁ" କହି ସରଳା ମଥା ହଲେଇଲା ।
"ତେବେ ଯାହା ମନରେ ଯାହା ଭାବୁଚ ଥରେ କହିକି ଦେଖ ।
"ତମେ ତା'କୁ ମାନିବନି ବୋଲି ମୁଁ ଜାଣିଚି ।"

"ଆଚ୍ଛା ! " କହି ରାମଣ୍ଡା ଗୋଟେ ଆହ୍ଵାନ ଭରା ହସ ହସି ତା' ଆଡକୁ ଅନେଇଲା --- "ତମର ଆଉ ମୋର ହୃଦୟ ଏମିତି ଭାବେ ମିଶି ଏକ ହୋଇ ଯାଇଚି ଯେ ନ କହିଲେ ବି ଜଣେ ଅନ୍ୟର ମନ କଥା ଜାଣିପାରୁଚି ।"

"ଥାଉ । ଇମିତି କଥା ଆରମ୍ଭ ହେଇଗଲେ । "
"ହଉ, ମୁହଁ ବନ୍ଦ କରୁଚି । କହିବ ଯଦି ଆଖି ବନ୍ଦ କରିଦେବି ।"
"ନା, ଇୟେ ଦେଖିବା ଜିନିଷ ନୁହେଁ ।"
"ଭଲ କଥା । ତେବେ କାନ ବନ୍ଦ କରି ଦଉଚି ।" କହି ରାମଣ୍ଡା କାନରେ ଆଙ୍ଗୁଳି ପୁରେଇଲା ।
"ତମେ ତ ସବୁବେଳେ ମୋ' କଥାପାଇଁ କାନ ବନ୍ଦ କରି ରଖିଚ ।"

"ଛାଡ, ଡାକ୍ତରଙ୍କୁ ସବୁ କହିବି । ସେଇ କହିଥିଲେ ଯେ ରୋଗୀ ଯାହା ଚାହିଁବ ତା'କୁ ତାହା ଦବ । ଏଣୁ ମୁହଁ ଖୋଲି ମାଗିବା ପାଇଁ ରୋଗୀ କି ଗୋଟେ କିଛି ଔଷଧ ଦବା ପାଇଁ ଡାକ୍ତରଙ୍କୁ କହିବି । "

"ମୁହଁ ଖୋଲି ନୁହେଁ, ହାତ ଯୋଡି ମାଗୁଚି ।"
"ନା, ଭକ୍ତ ଶ୍ରେଷ୍ଠ । ତମ ଦେବତା ପ୍ରସନ୍ନ ହେଇଚନ୍ତି । ତମେ ଯାହା ମାଗିବ ସେ ଆଖି ବୁଜି ଦେବେ ।"

ଏ କଥା ସେ କେତେ ମଜାରେ, ଉଲ୍ଲାସରେ, ପିଲାଳିଆମି ଓ ଦୁଷ୍ଟାମିରେ କହିଥିଲା ! କିନ୍ତୁ ସରଳାର ଜବାବ ଶୁଣି ଗରମ ଦିନିଆ ବର୍ଷାରେ ପୋଖରୀଗାଡିଆ ପୁରିଯିବାପରି ସେ ଖାଲରେ ବୁଡୁବୁଡୁ ହେଇଗଲା । ତା'ର ଆଖି ବନ୍ଦ ଥିଲା ଓ ମୁହଁରେ ଥିଲା ହସ । ହୃଦୟ ଆଗକୁ ଯିବା ପାଇଁ ଆତୁର ହଉଥିଲା । କିନ୍ତୁ ଏସବୁ ଥିଲା କେବଳ ମୁହୂର୍ତ୍ତକ ପାଇଁ । ପର ମୁହୂର୍ତ୍ତରେ ସରଳା କହିଲା, "ତମେ କୁମୁଦ ବାହାଘର ବିଷୟରେ ଭାବ ।" ଏ କଥା ସରଳା ମୁହଁରୁ ବାହାରିବା ମାତ୍ରେ ଆଖିବୁଜି ବସିଥିବା ରାମଣ୍ଡାକୁ ଆଖି ଖୋଲିବାକୁ ଡର ଲାଗିଲା ।

"ଇୟେ ତମେ କ'ଣ କହୁଚ ସରଳା ?"
"ମୁଁ ମନା କରୁଥିଲେ ବି ତମେଇ ବାଧ୍ୟ କଲ କହିବାକୁ ।"
"ତମେ ଏମିତି କଥା କହିଲେ ମୁଁ କ'ଣ କରିବି ?"
"ଡାକ୍ତରଙ୍କୁ ପଚାର ।"

ପ୍ରକୃତରେ ସରଳା ଏକଥା କେତେ ସଦୁଦ୍ଦେଶ୍ୟରେ କହିଲା, ତାହା ରାମଣ୍ଣା ବହୁଦିନ ପରେ ବୁଝିଲା । ଡାକ୍ତର କଥା ସେ ହିଁ ପ୍ରଥମେ ଉଠେଇଥିଲା । ସେଇ ଉଦ୍‌ବେଗପୂର୍ଣ୍ଣ ବାତାବରଣକୁ ହାଲୁକା କରିବା ଉଦ୍ଦେଶ୍ୟରେ ସରଳା ମଜାରେ ଏ କଥା କହି ଦେଇଥିଲା । ରମଣ୍ଣା ଏ କଥା ସେତେବେଳେ ବୁଝି ପାରି ନ ଥିଲା ।

ସରଳା ଡାକ୍ତରଙ୍କୁ ପଚାର ବୋଲି କହିଲା ବେଳେ ରାମଣ୍ଣା ମନେ ମନେ ଭାବୁଥିଲା ଯେ ତା'ର ଓ କୁମୁଦର ସମ୍ପର୍କ ବିଷୟରେ ସରଳା ସବୁ ଜାଣିଚି । ନ ହେଲେ କୁମୁଦ ସରଳାକୁ ସବୁକଥା କହିଥିବ । ସେଇ ଦି' ଚାରିଦିନ ଦିହେଁ ପରସ୍ପର ସହ ଖୁବ୍ ଧୀରେ ଧୀରେ କଥାବାର୍ତ୍ତା କରିଥିଲେ । ଏବେ ଡାକ୍ତରଙ୍କ ନାଁ ନେଇ କହିବା ମାନେ କିଛି ଅନର୍ଥ ନିଶ୍ଚୟ ଘଟିଚି । ହେଲେ ସେ ଅନର୍ଥଟା କ'ଣ ?

ଯାହା ହବାର ଥିଲା ହେଇଗଲା । ଅନିଷ୍ଟ ଘଟି ସାରିଲାଣି । ରାସ୍ତାରେ ଯାଉଥିବା ଭୂତକୁ ସେ ଘରକୁ ଡାକି ଆଣିଥିଲା । ଏଇ ସତ୍ୟାନାଶୀ କୁମୁଦ କୋଉ ମୁହୂର୍ତ୍ତରେ ଘରକୁ ଆସିଥିଲା କେଜାଣି ? ଏ ଟୋକି ଖଣ୍ଡକ ବି କେତେ ଠକ ? ତା' ଆଗରେ କାହିଁକି କିଛି କହିଲାନି ? ହଁ, ଜାଲରେ ଛନ୍ଦିବା ଲାଗି ପ୍ରଥମରୁ ସିଏ ଏ ଖେଳ ଲଗାଇ ଥିବ । ଏଥିରେ ଜମା ସନ୍ଦେହ ନାହିଁ । ସେଦିନ ତା' କୋଠରୀକି ବହି ଖୋଜିବାକୁ ଆସିବା, ତା ପୂର୍ବରୁ ତା ହାତକୁ ଛୁଇଁବା, ତାକୁ ସିନେମା ନେଇଯିବା ଲାଗି ନିଷ୍କପଟୀ ସରଳାକୁ ମନେଇବା, ପ୍ରଭୃତି ସବୁ ପୂର୍ବ ପ୍ରସ୍ତୁତି ଯୋଜନା । ଏଇଥି ପାଇଁ ସେ ସରଳାକୁ ସବୁ କହି ଦେଇଚି । ତା'ର ଧାରଣା ଯେ ଏଥିର ରାମଣ୍ଣା ନିଶ୍ଚୟ ଜାଲରେ ପଡିଯିବ । ବାପ୍‌ରେ !

"ତମକୁ କୁମୁଦ କ'ଣ କହିଲାକି ?" ରାମଣ୍ଣା ସରଳାକୁ ପଚାରିଲା ।

"ଛିଃ ! ଏମିତି କଥା କେହି ଝିଅ କେବେ କହି ପାରିବ ? ମୁଁ ଯେ ତମକୁ ଏକଥା କହୁଚି ଯ୍ୟା ବି ସେ ଜାଣିନି ।"

ସରଳାର ଏ ଉତ୍ତର ଶୁଣି ରାମଣ୍ଣାର ସନ୍ଦେହ ଆହୁରି ଘନୀଭୂତ ହେଇଗଲା । ସେ ଠିକ୍ କଲା, ସରଳାକୁ ଏମିତି ଜବାବ୍ ଦିଆଯିବା ଉଚିତ ଯେମିତି ତା' ଉପରେ କିଛି ଖରାପ ପ୍ରଭାବ ନ ପଡିବ ! ସରଳା ତା'ମନର ଚିନ୍ତା ସମ୍ପର୍କରେ ବିନ୍ଦୁ ବିସର୍ଗ ଜାଣିନପାରୁ, ଏଇ ଉଦ୍ଦେଶ୍ୟରେ ସେ ବହୁ ଚେଷ୍ଟା କରି ନିଜକୁ ସଯତ କଲା ଓ ହସି ହସି କହିଲା "ଭଲ କଥା, ଡାକ୍ତରଙ୍କୁ ପଚାରିବି ।"

ସେ ଦିନ ରାମଣ୍ଣା ଏକାନ୍ତରେ ଭାବିବାକୁ ଲାଗିଲା । ଦି'ଟା କଥା ତାକୁ ସ୍ପଷ୍ଟ ଦିଶୁଥିଲା । କୁମୁଦ ସହ ତା'ର ସମ୍ପର୍କର ପରିଣାମ କ'ଣ ହବ, ଏ ବିଷୟ ସେ ଠିକ୍ ବୁଝିପାରିଥିଲା । କୁମୁଦ ଜାଣି ଶୁଣି ଏ ଜାଲ ବିଛେଇଚି ତେଣୁ ସେଥିରୁ ମୁକ୍ତି ପାଇବା ଲାଗି ବୁଦ୍ଧିପ୍ରୟୋଗ କରିବା ଉଚିତ । ସେତେବେଳେ ତା' ମନରେ କୁମୁଦ ପ୍ରତି କେତେ କଟୁ ତଥା ତିରସ୍କାର ପୂର୍ଣ୍ଣ ଭାବନା ଜାତ ହୋଇ ନ ଥିଲା ସତେ ! ତାକୁ ଜାଲରେ ପକେଇବା ଦରକାର । ସିଏ ଘରେ ଥାଉଁ ଥାଉଁ ତା'ର ସ୍ତ୍ରୀ ଅସହାୟ ହୋଇ ବିଛଣାରେ ପଡିଚି । ଏ କଥା ଭଲ ଭାବେ ଜାଣି ଶୁଣି ସେଥିରୁ ଫାଇଦା ଉଠେଇବାର ଚକ୍ରାନ୍ତ କାହିଁକି ? ସେ ଅପମାନ, କ୍ରୋଧ, ତିରସ୍କାର, ଦ୍ୱେଷ ଓ ଅସହନଶୀଳତାର ତୋଫାନରେ ପଡି ଦିଗହରା ଲୋକ ପରି ନିଜ ସହ ସଂଘର୍ଷ କରିଥିଲା ।

ତା'ପର ଦିନ ସବୁ ଉତ୍ତେଜନା ଶାନ୍ତ ହୋଇଯାଇଥିଲା ; ରାତିରେ ଶୋଇଲାବେଳେ ଏ ସବୁରେ ତା'ର ମଧ୍ୟ ଦୋଷ ଅଛି ବୋଲି ନିଜେ ନିଜେ ସ୍ୱୀକାର କରିଥିଲା । ଯାହା ବି ହେଉ ସେ ଏ ଜଞ୍ଜାଳରେ ପଶିବନି ବୋଲି ମନେ ମନେ ସ୍ଥିର କଲା । ସେଇ ଦିନଠୁ ଆଖି ଉଠେଇ କୁମୁଦକୁ ଚାହିଁବାପାଇଁ ତା'ର ଇଚ୍ଛା ହେଲାନି । ସରଳା ଆଉ ସେ କଥା ଉଠେଇଲା ନାହିଁ । ବରଂ ତା'ର ଧ୍ୟାନ ନ ଥିଲାବେଳେ କୌଣସି ଏକ କଥାପାଇଁ ଅପେକ୍ଷା କଲାପରି ଚାହାଣିରେ ତା' ଆଡକୁ ଚାହୁଁଥିଲା । ଦିନରେ ସରଳା ସହ କଥାବାର୍ତ୍ତା, ରାତିରେ ପଢିଆରେ ଥଣ୍ଡା ପବନରେ ବୁଲିବା ଓ ଲେଖିବା ସବୁ ନିୟମିତ ଭାବେ ଚାଲିଥିଲେ ହେଁ ତାକୁ ଡର ଲାଗୁଥିଲା ଡାକ୍ତର ଯାହା କହିଥିଲେ ତା କରିହେବ କି ନାହିଁ କେଜାଣି ? ଦିନେ ସରଳା "ଡାକ୍ତରଙ୍କୁ ପଚାରି ଦେଖ " କହିବାରୁ ସେ ଚମକି ପଡିଲା ଏବଂ ପାଖକୁ ଯାଇ ପଚାରିଲା, "କ'ଣ ହେଲା ?"

"ଏଁ ! ମୋ' କଥା କହୁଚ ? ମୋର କ'ଣ ହେଉଚି କି ?"
"କହିଲେ କ'ଣ ହୋଇଯିବ ? ମୁହଁ ଶେତା ପଡିଗଲାଣି ।"
"ବାଜେ କଥା କୁହନାହିଁ । ତମକୁ ମୁଁ ଭଲ ଲାଗୁଚି -- ହୋ ହୋ ହୋ ।"
"ମୋ' ପାଇଁ ଭଲ ଲାଗିବାର ଦିନ କେବେଠୁ ଚାଲିଗଲାଣି ।"

କଥା ପୁଣି ନିଜ ଉପରକୁ ଆସୁଚି ଦେଖି ଡରରେ ସେ କଥା ବଦଳାଇ କହିଲା, "ଔଷଧ ଖାଇଲ ? ଆଉ କିଛି ଦରକାର ଅଛି କି ? ଏବେ ମୁଁ ଲେଖାଲେଖି କରିବି ।"

"ହଉ ତମେ ଯାଅ । କୁମୁଦ ଖାଇସାରିଲାଣି । ସେ ମୋ' ପାଖରେ ବସିବ ।"

ରାମଣ୍ଡା ସେଠୁ ଶୀଘ୍ର ଚାଲିଗଲା । ଇତି ମଧ୍ୟରେ ଆଉ ଗୋଟେ ଚିନ୍ତା ତାକୁ କ୍ଷତବିକ୍ଷତ କରି ପକଉଥିଲା । ସେ ବେଶି ସମୟ ନିଜ କୋଠରୀରେ ରହୁଥିଲାବେଳେ କୁମୁଦ ସରଳା ପାଖରେ ଅଧିକାଂଶ ସମୟ ବସି ରହୁଥିଲା । ଏବେ ଇଏ କୋଉ ନୁଆ ଜାଲ ବିଛା-ଉଚି କୁମୁଦ ?

ରାମଣ୍ଡା ହଠାତ୍ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ଉଠି ଠିଆ ହେଲା । ସାମନାକୁ ଚାହିଁବାରୁ ତାକୁ ହସ ଲାଗିଲା । "ବିଚାରୀ !" ଏତେ ପର୍ଯ୍ୟନ୍ତ ସେ ସ୍ମୃତି ରାଜ୍ୟରେ ବିଚରଣ କରୁଥିଲା । ଏଣେ ବହିଟି ପରାସ୍ତ ଓ ପରାଧୀନ ଶତ୍ରୁ ଭଳି ଭୂଇଁରେ ମୁହଁମାଡି ପଡିଚି । ଏଇଟା ତା' ନିଜର ପାଗଳାମି । ବହିରେ ଲେଖା ହୋଇଥିବା ଶ୍ଳୋକଟି ପାଇଁ ସେ ରାଗି ଯାଇଥିଲା । କିନ୍ତୁ କାହିଁକି ? ଶ୍ଳୋକରେ ସତ କଥା ଲେଖା ଯାଇଥିଲା ବୋଲି ତା' ଉପରେ ସେ ରାଗିଥିଲା । ଶ୍ଳୋକରେ ଯାହା କୁହାଯାଇଚି ସବୁ ଅକ୍ଷର ଅକ୍ଷରେ ସତ । ସେ ଭାବିଲା 'ପୁଣି କୁମୁଦ କୋଉ ଜାଲ ବିଛେଇଚି' ? ଏହା ଜାଲ ନ ଥିଲା କି କୁମୁଦ ତାକୁ ବିଛେଇ ନ ଥିଲା । "ଆନୀୟ ଝଟତି ଘଟୟତି ବିଧି" ଏହାଇ ସେହି ଶ୍ଳୋକରେ ଥିବା ଜାଲ, ବିଧାତା ବିଛେଇଥିବା ଜାଲ । ଏହା ସୃଷ୍ଟି ରୂପକ ମାୟା ଦ୍ୱାରା ବିଛାଯାଇ ଜଗତରେ ଅନାଦି ରୂପେ ଘେରି ରହିଥିବା ଜାଲ । ଏଇଥିପାଇଁ ସେ ସେଥିରେ ପଡି ଯାଇଥିଲା । ନିଜର ଭୁଲ ସ୍ୱୀକାର କରି ଶରଣାଗତ ହେଲା ପରି ରାମଣ୍ଡା ଗୋଡ ଉଠେଇ ଚୌକିରେ ବସି ପଡିଲା ।

14

ମୁହଁ ଢାଙ୍କି ଦେଲେ ବାହାର ଦୁନିଆ ଦେଖାଯାଏନି ସିନା, ହେଲେ ଭିତର ଦୁନିଆ ଯେ ଘୋଡାଇ ହୁଏନି, ଏ କଥା ଜାଣିବାପାଇଁ କୁମୁଦକୁ ଡେରି ଲାଗିଲାନି । ଖାଲି ଏତିକି ନୁହେଁ, ବାହାର ଜଗତକୁ ସମ୍ପୂର୍ଣ୍ଣ ଭାବେ ଭୁଲିଗଲେ ଭିତରର ଚିତ୍ର ବିରାଟ ଆକାର ଧାରଣ କରି ଠିଆ ହୁଏ ବୋଲି ସେ ଉପଲବ୍ଧି କଲା । ସେ ଧୀରେ ଧୀରେ ମୁହଁ ଉପରକୁ ପଣତ ଉଠେଇ ଏଣେ ତେଣେ ଚାହିଁଲା । ତା'କୁ ଲାଗିଲା, ସେ ସବୁକିଛି ନୂଆକରି ଦେଖୁଚି । କିନ୍ତୁ ପ୍ରକୃତରେ ତାହା ଥିଲା ପ୍ରତିଦିନ ଦେଖୁଥିବା କୋଠରୀର ଦୃଶ୍ୟ । ତା ସତ୍ୱେ ନିଜ କୋଠରୀର ବାତାବରଣ ତା'କୁ ଅଦ୍‌ଭୁତ ଲାଗୁଥିଲା – ହଁ, ବାତାବରଣ ଠିକ୍ ଅଛି । ପ୍ରଥମେ ପରିଚିତ ଭଳି ଲାଗିଲା । କାହିଁକି ? କୋଠରୀଟା ତା'କୁ କେବେ ଏମିତି ଦିଶିଥିଲା ? ସେ ଶୋଇ ରହିବାପରେ ଅସ୍ୱସ୍ତି ବୋଧ କଲା ଏବଂ ମୁହଁରୁ ପଣତ ଉଠେଇ ଦେଖିଲା - ହଁ, ସେତେବେଳେ ବି ତା'କୁ ଏମିତି ଲାଗିଥିଲା ।

ରାତି ବେଶି ହେଇ ଯାଇଥିଲେ ହେଁ କୁମୁଦକୁ ନିଦ ଆସୁ ନ ଥିଲା । କ୍ଳାନ୍ତ ହୋଇ ସେ କୋଉ ଦିନ ଓ କେତେଦିନ ପୂର୍ବେ ଏ କଥା ଘଟିଥିଲା ମନେ ପକେଇବାକୁ ଚେଷ୍ଟା କରି ପାରିଲାନି । କିନ୍ତୁ ପ୍ରସଙ୍ଗ ସହିତ ଯାହା ସବୁ ହେଲା ସେ ଗୋଟି ଗୋଟି କରି ମନେ ରଖିଚି ।

ସେତେବେଳେ ରାମଣ୍ଡା ଅଶାନ୍ତ ଥିଲାପରି କୁମୁଦର ମନେ ହେଲା । ଯୋଉଦିନ ସକାଳେ ସରଳା ଅପା ବେହୋସ ହେଇଗଲା ସେଇଦିନଠୁ ରାମଣ୍ଡା ମୁହଁରେ କେମିତି ଗୋଟିଏ ଚିନ୍ତାର ଭାବ ଫୁଟି ଉଠୁଥିଲା । ସେଦିନ ସାରାଦିନର ଉଦ୍‌ବେଗ ଜନିତ ପରିସ୍ଥିତି ପରେ ସରଳାର ଆଉ କୌଣସି ବିପଦ ନାହିଁ ବୋଲି ରାମଣ୍ଡା ଶାନ୍ତିରେ ନିଶ୍ୱାସଟିଏ ମାରି ତା' କୋଠରୀକି ଆସିଥିଲା । ଏହା ପୂର୍ବରୁ କେତେ ଦିନ ଧରି ସେ ଆଦୌ ଆସି ନ ଥିଲା । କୁମୁଦ ଭାବିଥିଲା ଯେ ସ୍ତ୍ରୀ ପାଇଁ ବ୍ୟାକୁଳ ହେଇ ବୋଧେ ରାମଣ୍ଡା ଏମିତି କରିଥିବ । ହେଲେ ବହୁଦିନ, ବହୁ ମାସ ବିତି ଗଲେ ବି ରାମଣ୍ଡା ତା' କୋଠରୀକି ଆସିନଥିଲା । କେବଳ ଏହା ହିଁ କାରଣ ହେଇଥିଲେ କୁମୁଦ ତା'କୁ ଉପଯୁକ୍ତ କାରଣ ବୋଲି ଧରିନେଇ ଖୁସିରେ ରହିଯାଇଥା'ନ୍ତି । କିନ୍ତୁ ଘରେ ଅନେକ ଥର ସୁଯୋଗ ମିଳିଥିଲେ ମଧ୍ୟ ସେ ମୁହଁ ଉଠେଇ ଚାହୁଁ ନ ଥିଲା । କୁମୁଦର ସନ୍ଦେହ ହେଲା । ସେ ଚିନ୍ତା କଲା, ସେ ନିଜେରାମଣ୍ଡା କୋଠରୀକି ଯାଇ କଥା କ'ଣ ପଚାରି ପାରିଥା'ନ୍ତା । ମନର ଉଦ୍‌ବେଗକୁ ଆଉ କେତେ ଦିନ ଚାପି ରଖିବ ? ମନ ବହଲେଇବା ପାଇଁ ସେ ବହୁତ୍ ରାତି ପର୍ଯ୍ୟନ୍ତ ସରଳା ଅପା ପାଖରେ ରହୁଥିଲା । ତା'ର ଆଶା ଥିଲା ଯେ ସରଳା ପାଖରେ ରହି ରାମଣ୍ଡାକୁ ଅନ୍ତତଃ ଆଖି ପୁରାଇ ଦେଖି ହବତ ! କିନ୍ତୁ ସିଏ ସରଳା ଅପା ପାଖରେ ବସିଥିଲା ବେଳେ ରାମଣ୍ଡା ସେ ଆଡକୁ ଜମା ଚାହୁଁ ନ ଥିଲା । କେତେଥର ସେ ସରଳା ଅପା ପାଖକୁ ଗଲାବେଳେ ରାମଣ୍ଡା ସେଠି ବସିଥିଲେ "ବାସ୍, ଏବେ ତ ଯୋଡି ମିଳିଗଲା ।" କହି ହସି ହସି ଚାଲି ଯାଉଥିଲା । ଏହା ଦେଖି କାହିଁକି କେଜାଣି ରାମଣ୍ଡା କଥା ଭାବି କୁମୁଦ ଖୁବ୍ ବ୍ୟଥିତ ହଉଥିଲା । ଏ ପ୍ରକାର ମନୋସ୍ଥିତିରେ ବି ଥରେ ସେ ସାହସ କରି ସରଳା ଅପାକୁ ପଚାରିଥିଲା, "କ'ଣ ତାଙ୍କ ଦେହ ଭଲ ନାହିଁକି ?"

ସରଳା ଅପା ଗୋଟେ ଦୀର୍ଘଶ୍ୱାସ ଛାଡି କହିଲା, "ଭଉଣୀ ! ପଚାରିଲେ କହୁନ୍ତି, ମୋ'ର କ'ଣ ହେଇଚି ?

"ନା, ତାଙ୍କ ମୁହଁ ଶୋତା ପଡି ଯାଇଚି ଯେ ସେଇଥିପାଇଁ ପଚାରିଲି ।"

"ମୁଁ ପଚାରିଲା ବେଳେ ଏଣୁ ତେଣୁ କ'ଣ କହିଦେଲେ ।"

"ପଚାରି ଦେଖ, କାହିଁକି ନା – "

"ମୁଁ ପଚାରିଲେ ସେ କିଛି କହିବେନି ।" ତା' ପରେ ସରଳା ପୁଣି ଦୀର୍ଘଶ୍ୱାସ ଛାଡିଲା ।

କୁମୁଦ ମନରେ ସନ୍ଦେହ ପୁଣି ଥରେ ମୁଣ୍ଡ ଟେକିଲା । ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଝଗଡା ହେଉନି ତ ? ତା'ର ସେ ସବୁ ସହ କିଛି ସମ୍ପର୍କ ନାହିଁ । ପାଖକୁ ଆସିବାତ ଦୂରର କଥା, ମୁହଁ ଉଠେଇ ଦେଖୁ ବି ନାହାନ୍ତି । ସରଳା ଅପା ତାଙ୍କ କଥା ଜାଣି ପକେଇ ନି ତ ?

"ତତେ ନ କହିଲେ ଆଉ କାହାକୁ କହିବେ ଅପା ?" ନିଜ ମନର ଭାବକୁ ଲୁଚାଇବାର ଚେଷ୍ଟା କରି କୁମୁଦ ହସି ହସି ପଚାରିଥିଲା ।

ସରଳା ଦୀର୍ଘଶ୍ୱାସ ଛାଡି କହିଥିଲା, "ହୁଁ, ରାଗି ଯାଇଥିବେ ହୁଏତ ।"

ସ୍ୱାମୀ-ସ୍ତ୍ରୀଙ୍କ ଝଗଡାରେ ତୃତୀୟ ବ୍ୟକ୍ତି ମୁଣ୍ଡ ପୂରାଇବା ଅନୁଚିତ ଭାବି କୁମୁଦ ଚୁପ୍ ରହିଲା ।

ତା'ପରେ ସରଳା ପୁଣି ବିଷଣ୍ଣ ସ୍ୱରରେ କହିଲା, "ତାଙ୍କର ବି ଦୋଷ କ'ଣ ?"

ସେ କଥା ଶୁଣି କୁମୁଦ ତଳକୁ ମୁହଁ ପୋତି ସରଳା ଅପାର ଘୋଡିବା ଚଦର ସଜାଡିବାକୁ ଲାଗିଲା । ସରଳା ମୌନ ରହିବାକୁ ଚେଷ୍ଟାକରି ମଧ୍ୟ ପାରିଲାନି । କୁମୁଦ ବି ଚାହୁଁଥିଲା ତା' ମନର କଥା ଭିତରକୁ ବାହାରୁ । ସରଳାର ମୌନତାର ବନ୍ଧ ଭାଙ୍ଗି ତାହା ବାହାରିଲା ।

'ତାଙ୍କର ବି ଦୋଷ କ'ଣ ? ତୁ କହ କୁମୁଦ । ବାହାର କାମ ପାଇଁ ହାତକୁ ଖାଲି ରଖିବା ପାଇଁ ଲୋକ ବାହା ହୁଅନ୍ତି । କିନ୍ତୁ ଏଠି ବିଛଣାରେ ପଡିଥିବା ସ୍ତ୍ରୀ ଯୋଗୁଁ ଘରେ ତାଙ୍କୁ ହାତ ବାନ୍ଧି ଠିଆ ହୋଇ ରହିବାକୁ ପଡୁଚି । କ'ଣ ଭାବୁଚୁ କୁମୁଦ ?" ସେତେବେଳେ ସରଳା ମୁହଁରେ ବିଷାଦ ଓ ନିରାଶା ମିଶା ହସ ଫୁଟି ଉଠିଥିଲା । "ଏଇଥିପାଇଁ କହୁଥିଲି, ତାଙ୍କର ବା ଦୋଷ କ'ଣ ?"

କୁମୁଦ କିଛି କହିଲାନି । ସେ ଯେ କିଛି କହିବ ସରଳା ଏ କଥା ଭାବୁ ନ ଥିଲା । ତେଣୁ ସେ ପୁଣି ଆରମ୍ଭ କଲା, "ତାଙ୍କର ଘରକୁ ଫେରିବା ବାଟକୁ ଚାହିଁ ବସିବା, ତାଙ୍କ ସାଥିରେ ହସିବା, 'ତମେ ଥକି ଯାଇନ ତ ?' ବୋଲି ପଚାରିବା, ଏ ସବୁ ତ କିଛି ନାହିଁ । ଘରେ ଗୋଡ ଦବା ମାତ୍ରେ ବିଛଣାରେ ପଡିଥିବା ଏଇ ହାନିମାନିଆ ସ୍ତ୍ରୀଟାକୁ ଦେଖିବେ ।"

ଏଥର କୁମୁଦ ପାଟି ଫିଟେଇବାକୁ ବାଧ୍ୟ ହେଲା ।

"ଇସ୍ତ୍ରେ କ'ଣ ଅପା ? ତୁମ୍ଭାରେ ଏଣୁ ତେଣୁ ଚିନ୍ତା କରି ମନ କଷ୍ଟ କରନା । ତତେ ଦିନେ ନ ଦେଖିଲେ ସେ ପାଗଳ ପରି ହୋଇଯାଉଚନ୍ତି । ବାକେ କଥା ସବୁଗୁଡା ତତେ କିଏ କହିଲା ?"

"ତୁ କ'ଣ ପାଗଳୀ ହେଲୁ କି କୁମୁଦ ? ଏସବୁ କାହାକୁ କହୁଛୁ ? ତାଙ୍କ ମୁହଁରୁ ସବୁ ଜଣା ପଡୁଛି । ପ୍ରଥମେ ପ୍ରଥମେ ଆସିବା ମାତ୍ରେ ଦେହ କେମିତି ଅଛି ଦେଖୁଥିଲେ । ଏବେ ଆଉ ଭଲହେବା ଯେ ଅସମ୍ଭବ, ଏଥିରେ ସନ୍ଦେହ ନାହିଁ । ତେଣୁ ବର୍ତ୍ତମାନ ସେ ଆସିଲେ ମତେ ଦେଖି ମନର ଭାବକୁ ଲୁଚାଇ ଅନ୍ୟ କଥା କହିବାକୁ ଚେଷ୍ଟା କରୁଚନ୍ତି । ତାଙ୍କୁ ଦେଖିଲା ବେଳକୁ ମୋ'ର ପ୍ରାଣ ଛାଡ଼ି ଯାଉଚି । ମୁଁ କ'ଣ କରିବି ? କହିଲୁ କୁମୁଦ । ଘରେ ଯଦି ତିନି-ଚାରଟି ପିଲା ଥା'ନ୍ତେ ତେବେ ଘରକୁ ଆସିଲେ ପିଲାଙ୍କ ସହ ଖେଳି ହୋ-ହାଲାରେ ତାଙ୍କୁ ଟିକେ ତୃପ୍ତି ମିଳନ୍ତା । ମୋ' ଭାଗ୍ୟରେ ପିଲା ନାହାନ୍ତି । ମୁଁ ହିଁ ତାଙ୍କୁ ସାରି ଦେଲି । ଏଇନେ ଯିବାବେଳେ - - - - - "

ଏତେ ସମୟ ଧରି କଥା କହିବା ଫଳରେ ସରଳା ଥକିଗଲା ଏବଂ ତା'ର ସହିବାର ଶକ୍ତି ନ ଥିବା ହେତୁ ଅସହାୟତାରେ ଆଖି ଦି'ଟି ଛଳ ଛଳ ହେଇ ଆସିଲା । ଏହା ଦେଖି କୁମୁଦକୁ ଭାରି କଷ୍ଟ ହେଲା ।

"ଏକଲା ଶୋଇ ଶୋଇ ବାଜେ କଥାଗୁଡ଼ା କାହିଁକି ମୁଣ୍ଡରେ ପୂରଉଚୁ ଅପା ? ଏ ଘରେ କେହି କେବେ ସେମିତି କଥା ଭାବୁନି ।"

ସରଳା ଦୁଃଖାବେଗକୁ ସଂଯତ କରି କହିଥିଲା, "ତା' ସତ୍ତ୍ୱେ ମୋ'ର ଶାନ୍ତି ନାହିଁ କୁମୁଦ । ବଂଚି ଥିଲାବେଳେ ମୁଁ ନିଜ କର୍ତ୍ତବ୍ୟ କରି ପାରିଲିନି । ମଲାବେଳେ ସେତିକି କରିବାକୁ ଚାହୁଁଚି । ତାଙ୍କୁ ଗୋଟେ କଥା କହିଥିଲି । ମୁଁ ଭାବୁଚି, ସେ ସେଇଥିଲାଗି ମୋ' ଉପରେ ବିଗିଡ଼ିଚନ୍ତି ।"

"କୋଉ କଥା ? ଅପା, ତୋ'ର କୌଣସି କଥା ତାଙ୍କୁ ଦୁଃଖ ଦେଇଥିବ ବୋଲି ମୁଁ ଜମା ବିଶ୍ୱାସ କରିପାରୁନି ।"

"ଯାହା ହେଲେ ବି ଭଉଣୀ ସେ ରାଗିଚନ୍ତି ।"

"ତୋ'ର ଇମିତି କ'ଣ ହେଇଗଲା ଅପା ?"

ସରଳାକୁ ହଇରାଣ କରିବା ପାଇଁ କୁମୁଦ ଥଟ୍ଟାରେ ଏ ପ୍ରଶ୍ନ ପଚାରି ଥିଲା । ସେତେବେଳେ କୁମୁଦ ଭାବିଥିଲା ଯେ ସେଇଟା ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କିଛି ଗୋଟେ ମାମୁଲି କଥା ହୋଇଥିବ । ସେ ଘରକୁ ସେ ଆସିଲା ଦିନୁଁ କେବେ ସରଳା ଅପା କୌଣସି କଡ଼ା ବା ଚୁଗୁଲିଆ କଥା କହିବାର ବା ରାମଣ୍ଡା ତାଙ୍କୁ ରାଗରେ ଗାଳି ଦବାର ଶୁଣିନି । ବର୍ତ୍ତମାନ ସହଜେ ତ ସରଳା ଅପା ଅସହାୟ ଅବସ୍ଥାରେ ପଡ଼ିଚି । ତେଣୁ ରାମଣ୍ଡା ତା' ଉପରେ ବିଗିଡ଼ିବା ଆଦୌ ସମ୍ଭବ ନୁହେଁ । ରୋଗରେ ଦୁର୍ବଳ ହେଇଗଲେ ଲୋକେ ପିଲାଙ୍କପରି ନାନା ହଇରାଣ ହରକତ କରନ୍ତି । କାରଣ ସେତେବେଳେ ତାଙ୍କ ହୃଦୟ ଭାରି କୋମଳାବସ୍ଥାରେ ଥାଏ । ବୋଧେ ଏଇ କାରଣରୁ ସରଳା ଅପା ମନ ଦୁଃଖ କରିଥିବ ବୋଲି ଭାବି କୁମୁଦ ପ୍ରଶ୍ନଟି ପଚାରିଥିଲା ।

"ଆଉ ଥରେ ବାହା ହବା ପାଇଁ ମୁଁ ତାଙ୍କୁ ଅନୁରୋଧ କରିଥିଲି ।" ସରଳା ଉତ୍ତର ଦେଲା ।

ଏ କଥା ଶୁଣି କୁମୁଦର ମନେ ହେଲା ଯେମିତି ସେ ଉପରୁ ପଡି ବେହୋସ୍ ହବାପରେ ହୋସ୍ ଫେରିପାଇଚି । ସେ ବର୍ତ୍ତମାନ କୋଉଠି ? କାହା ସାଥିରେ କଥା କହୁଚି ? ସେ କଥାର ପ୍ରସଙ୍ଗ କ'ଣ ? କ୍ଷଣକପାଇଁ ସେ କିଛି ବୁଝିପାରିଲାନି । ବିବାହ ? ରାମଣ୍ଡାର ? ଆଉ ଥରେ ବିବାହ ? କାହିଁକି ? ରାମଣ୍ଡାର ନିଜ ସ୍ତ୍ରୀ ଏ କଥା କହୁଚି କାହିଁକି ? ଏ କଥା ଶୁଣି ରାମଣ୍ଡା ହସି ହସି ଗଡିଯିବା ପରିବର୍ତ୍ତେ ରାଗିଗଲା କାହିଁକି ? ଏଇ ପରି ଅନେକ ଚିନ୍ତା ତା'ମନରେ ମୁଣ୍ଡ ଟେକିଲା । ତା' ମୁଣ୍ଡ ଆଉ ଜମା କାମ କଲାନି । କିନ୍ତୁ ମୁହଁରେ ଏ ସବୁ କଥାର ଚିହ୍ନ ପର୍ଯ୍ୟନ୍ତ ଫୁଟି ଉଠିବାକୁ ଦେଲାନି । ରାମଣ୍ଡାର ବିବାହ ବିଷୟରେ ସେ ଏତେ ଚିନ୍ତିତ କାହିଁକି ? ସରଳା ଅପା ତାକୁ ସନ୍ଦେହ କରୁନି ତ ? ନିଜ ମନରେ ଚାଲିଥିବା ଚିନ୍ତାମାନଙ୍କର ସଂଘର୍ଷର ଶବ୍ଦ ନିଜକୁ ବି ନ ଶୁଭୁ, ଏଇ ଉଦ୍ଦେଶ୍ୟରେ ସେ ଜୋରରେ ହସି ଉଠିଲା । ଦୁଃଖରେ ମଧ୍ୟ ମଣିଷ ହସିପାରେ, ସେ ଦିନ ଏ ବିଚିତ୍ର ଅନୁଭୂତି ତା'ର ହେଲା ।

ସେ ହସି ହସି ପଚାରିଲା, "ଏମିତି ପିଲାଳିଆ କଥା କହିଲେ ସେ ନ ରାଗି ରହିପାରିବେ ଅପା ?
"ତାଙ୍କୁ ରାଗ ମାଡିଲା ଅଥଚ ତୁ ହସୁଚୁ ।"

ସରଳା ଅପା କଷ୍ଟ ପାଇଲା ବୋଲି ଭାବି କୁମୁଦ ଦୁଃଖିତ ହେଲା, କହିଲା, "ମୁଁ ହସୁଚି ବୋଲି ତୁ ଭୁଲ୍ ବୁଝିବୁନି ଅପା । ତୁ ନିଜେ ଭାବି ଦେଖ । ସ୍ତ୍ରୀକୁ ବଂଚେଇବା ଲାଗି ଦିନରାତି ଏକ କରି ଦେଇଥିବା ଲୋକଙ୍କୁ ସ୍ତ୍ରୀ ଆଉ ଥରେ ବାହା ହେବାକୁ କହିଲେ ---- "

"କୁମୁଦ ! ଏସବୁ ମୁଁ କ'ଣ ବୁଝିନି ? ସେ ମତେ ବଂଚେଇବାକୁ ଚାହୁଁଥିଲେ ମୁଁ କ'ଣ ମରିବା ପାଇଁ କହୁଚି ? କିନ୍ତୁ, ଏତେ କଷ୍ଟ ଉଠାଇଥିବା ଲୋକକୁ ଟିକେ ସୁଖ ମିଳୁ ଓ ମୋ' ଆଖି ଆଗରେ ମିଳୁ, ଏଇ---"

"ଆଉ ଜଣେ ସ୍ତ୍ରୀ ନେଇ ଆସିଲେ କୁମୁଦ ପାଖରୁ ଆଉ ସୁଖ ମିଳିବନି ବୋଲି ସେ ହୁଏ ତ ଭାବିଥିବେ ।" ଏହା କହି ସାପରେ କୁମୁଦ ଆପଣା ଜିଭକୁ କାଟି ପିଙ୍ଗି ଦବା ଉଚିତ୍ ବୋଲି ମନେ ମନେ ଭାବିଲା । କେତେ ଅଭଦ୍ର କଥାଟେ କହି ପକେଇଲା ସେ !

ଚାଦରକୁ ଫିଙ୍ଗି କୁମୁଦ ବିଛଣାରୁ ଉଠିଲା । ପୁଣି ଚିନ୍ତା କଲା, ଏ କଥା ଆଜି ସିନା ତା'କୁ ଏତେ ଅଭଦ୍ର ଲାଗୁଚି, ହେଲେ ସେଦିନ ଲାଗି ନ ଥିଲା । ଅବଶ୍ୟ ଏ କଥା ସତ ଯେ ସେଦିନ ସରଳା ଅପା ସାଥିରେ ହୋଇଥିବା କଥାବାର୍ତ୍ତା ଯୋଗୁ ସେ ବ୍ୟଥିତ ହୋଇଥିଲା । କଥାବାର୍ତ୍ତା ସାରି ସରଳା ଅପା ଶୋଇଯିବା ପରେ ସେ ନିଜ କୋଠରୀକି ଆସିଲା । କିନ୍ତୁ ଗୋଟେ ଜାଗାରେ ଠିଆ ହୋଇ ରହିବାକୁ ତା'ର ଇଚ୍ଛା ହେଲାନି । ସେ ଡରୁଥିଲା ଯେ ଏମିତି ଠିଆ ହୋଇ ରହିଲେ ନିଜ ମନର ଚିନ୍ତା ତା'କୁ ଦୁର ଦୁର କରିବେ । ସେଇ ଚିନ୍ତାକୁ ମନରୁ ଦୂର କରିବା ଲାଗି ସେ କୋଠରୀ ଭିତରେ ଏପଟ ସେପଟ ବୁଲିବାକୁ ଲାଗିଲା । ଏ ସବୁ ସତ୍ତ୍ୱେ ସେଇ ଚିଂତା ତା'କୁ ଘାରି ରଖିଲା ।

ରାମଣ୍ଡାର ବିବାହ ! ତୋ' ସାଗରେ ହବନି କାହିଁକି ? ବଡ ଭଉଣୀର ବାହାଘର ସ୍ଥିର ହୋଇଗଲେ ସାନ ଭାଇ ସେଇ କଥାକୁ ନେଇ ତା'କୁ ଯେମିତି ଚିଡାଏ, ସେଇ ଚିନ୍ତାସବୁ କୁମୁଦକୁ ସେମିତି ହଇରାଣ କରୁଥିଲା ।

ସେଇ ପ୍ରଶ୍ନଟି ବାରଂବାର ମନେ ମନେ ଦୋହରେଇବା ପରେ ଶେଷରେ କୁମୁଦକୁ ଲାଗିଲା, "ଏ କଥା ସତ ହୋଇପାରେ ।" କିନ୍ତୁ ସେ ମିଥ୍ୟା ବିଶ୍ୱାସ ବେଶି ସମୟ ଟିକିଲା ନାହିଁ । ଏ କଥା ଯଦି ସତ, ତେବେ ରାମଣ୍ଡା ରାଗିଲା କାହିଁକି ? ଏହା ଭାବିବାରୁ ତା' ମନରେ ଆଘାତ ଲାଗିଲା । ତା' ସାଥିରେ ବାହାଘର କଥା ଶୁଣି ରାମଣ୍ଡାକୁ ଏତେ ଖରାପ ଲାଗିଲା କାହିଁକି ? ଏତେ ଅସହ୍ୟ ଲାଗିଲା କାହିଁକି ? ସାମ୍ନାରେ ଥିବା ଅଇନାରେ ସେ ନିଜକୁ ଦେଖିଲା, ତା' ଉପରେ ରାମଣ୍ଡାର କି ପ୍ରକାର ଅଧିକାର ରହିଛି, ସେ ଦୃଶ୍ୟ ତା' ଆଖି ଆଗରେ ମୂର୍ତ୍ତିମାନ ହୋଇ ଛିଡା ହୋଇଗଲା । ଏ ସବୁ ସତ୍ତ୍ୱେ ବି ରାମଣ୍ଡା ରାଗିଲା ? ଛିଃ ! ଏ ବିବାହ ସହିତ ତା'ର କିଛି ସଂପର୍କ ନାହିଁ । କେତେଦିନ ହେଲାଣି ରାମଣ୍ଡା ତା' ପାଖକୁ ଆସିନି ? ସେ ଆଖି ଉଠେଇ ଥରେ ଚାହିଁଲାନି କାହିଁକି ? ହଁ, ଏଥର ବୁଝିଗଲା -- ରାମଣ୍ଡା ଆଉ କାହାରିକି ବାହାହବା ପାଇଁ ଭାବୁ ଥାଇ ପାରେ । ଏଇ କାରଣରୁ ସେ ଦୂରରେ ରହୁଚି ।

ଏ କଥା ଚିନ୍ତା କରି କୁମୁଦକୁ ଲାଗିଲା ଯେମିତି ତା' ଦେହରେ ପ୍ରାଣ ନାହିଁ । ଆଉ ଜଣକ ସାଥିରେ ରାମଣ୍ଡାର ବିବାହ — ଏ କଥା ତା'ର ସହିବାର ସୀମା ବାହାରେ । ଏଣୁ ସେ ଆଖି ବୁଜି ଭୂତ ଲାଗିଲା ପରି ଜୋରରେ ମୁଣ୍ଡ ହଲେଇ "ନା, ନା । ଏ କଥା ମିଛ । ଏମିତି ହୋଇ ପାରେନା ।" ବୋଲି ଆପଣା ପ୍ରତିଛବିକି କହିଲା । ଅଇନାରେ ପୁରା ପାଖକୁ ଆସିବାରୁ ସେ ହୋସ୍ ଫେରି ପାଇଲା । ଆରେ ! ଇସ୍ସ କି ପାଗଳାମି ! ଆଜେବାଜେ କଳ୍ପନାରେ ଏପରି ଭାସିଯିବା କ'ଣ ଉଚିତ୍ ? ହେଲେ ଏଇଟା ତ କଳ୍ପନା ନୁହେଁ । ସରଳା 'ରାମଣ୍ଡାର ଦ୍ୱିତୀୟ ବିବାହ' କଥା କହୁଥିବାର ସେ ନିଜ କାନରେ ଶୁଣିଚି ।

"ଛିଃ ! ଏହା ଅସଂଭବ ।" କହି ସେ ନିଜକୁ ସାନ୍ତ୍ୱନା ଦେଲା । ବାହାଘର କଥା ଶୁଣି ରାମଣ୍ଡା ରାଗି ଯାଇଥିଲା ବୋଲି ସରଳା ଅପା କହୁଥିଲା ପରା, ମୁହୂର୍ତ୍ତକ ଲାଗି କୁମୁଦକୁ ଭାରି ଭଲ ଲାଗିଲା । କିନ୍ତୁ ପରକ୍ଷଣରେ ପୁଣି ଚିନ୍ତାସବୁ ଅକ୍ଟୋପାସ୍ ପରି ତା'କୁ ଧରି ପକେଇଲେ । ରାମଣ୍ଡାର ଦ୍ୱିତୀୟ ବିବାହ ସଂଭବ ନୁହେଁ – ଏହାର ମାନେ କ'ଣ ? ଯଦି ବାହାଘରଟା ତା' ସହିତ ହବା ପାଇଁ ଆଲୋଚନା ଚାଲିଥାଏ, ତେବେ ତା'ର ଅର୍ଥ ହେଲା ଯେ ରାମଣ୍ଡା ତା'କୁ ବାହା ହବାକୁ ପ୍ରସ୍ତୁତ ନୁହେଁ । ଅଇନାରେ ପ୍ରତିଫଳିତ ପ୍ରତିଛବି କୌଣସି ସାନ୍ତ୍ୱନା ମୂଳକ ଉତ୍ତର ଦବ ବୋଲି ଭାବି କୁମୁଦ ତାକୁଇ ଚାହିଁ ରହିଲା ।

ମନ ପ୍ରକୃତରେ କେତେ ଚଞ୍ଚଳ ? ନିଜର ପ୍ରତିବିମ୍ବକୁ ଅପଲକ ନୟନରେ ଅନେଇ ରହିବା ଫଳରେ ତା'ର ଚିନ୍ତା ସବୁ କୁଆଡେ ଉଭେଇଗଲା । ତା'ର ଧ୍ୟାନ ସେଇ ପ୍ରତିଛବି ଉପରେ କେନ୍ଦ୍ରୀଭୂତ ହେବାକୁ ଲାଗିଲା । ତା' ପରେ ତା' ମୁହଁରେ ଆନନ୍ଦ ଓ ଅଭିମାନର ଲହରୀ ଖେଳି ଗଲା ଓ ସେ ଭାବିଲା, "ମୁଁ ରାମଣ୍ଡାର ସଂପତ୍ତି । ବାହାଘର ହଉ କି ନ ହେଉ, ମୁଁ ରାମଣ୍ଡାର ହୋଇଯାଇଚି । ଏବେ ରାମଣ୍ଡା ଯାହାକୁ ଚାହୁଁଚି ତା'କୁ ବାହା ହଉ ।" ନିଜ ପ୍ରତିଛବିର କଥାକୁ ବୁଝିଲାପରି ସେ ଏ ସବୁ କହିଗଲା । ସେତେବେଳେ କୁମୁଦ ଯୁକ୍ତି ବଳରେ ପ୍ରମାଣ କରିବାକୁ ଚାହୁଁଥିଲା ଯେ ଯଜ୍ଞରେ ଆହୁତି ଦିଆଯାଉଥିବା ପଶୁ ସ୍ୱର୍ଗକୁ ଯାଏ ବୋଲି କହୁଥିବା ଲୋକଙ୍କର ସ୍ୱର୍ଗ ବିଷୟରେ ଧ୍ୟାନ ଧାରଣା ନାହିଁ । ତା' ଦେହକୁ ଏକ ପ୍ରକାର ଯଜ୍ଞରେ ଆହୁତି ଦିଆ ସରିଚି, ଏବଂ ସେଥିରେ ସେ ଅପାର ଆନନ୍ଦ ଲାଭ କରିଚି – ଏହା ଭାବି ସେ ଖୁବ ପୁଲକିତ ହୋଇ ଉଠିଲା । ଅଇନାରେ ସେ ନିଜ ପ୍ରତିଛବିକି ଯେତେ ବେଶି ଦେଖିବାକୁ ଲାଗିଲା ତା' ପ୍ରତି ସେତେବେଶୀ ଅଭିମାନ, ଆନନ୍ଦ

ଦୟା ଓ ଶେଷରେ ବାତ୍ସଲ୍ୟ ଜାତ ହେଲା । ଆଉ କିଛି ଚିନ୍ତା ନ କରି ସେ ନିଜକୁ ସଜେଇବାରେ ଲାଗିଲା । ଆହୁତି ହେଇଗଲେ ଆନନ୍ଦ ମିଳେ । ଯେତେ ଶୀଘ୍ର ଆହୁତି ହୋଇଯିବ, ସେତେ ବେଶି ଆନନ୍ଦ ମିଳିବ । ତେଣୁ ଏ ଆହୁତିକି ଏଇନେ ଅର୍ପଣ କରିଦବା ଉଚିତ୍ । ଏୟା ସ୍ଥିର କରି ସେ ବାହାରକୁ ଆସିଲା । ରାମଣ୍ଡା କୋଠରୀର ଆଲୁଅ କବାଟ ତଳେ ଥିବା ଫାଙ୍କ ଦେଇ ବାହାରକୁ ଆସୁଥିଲା । ସେଇ ଆଲୁଅରେ ଟାଣି ହେଇଗଲା ପରି କୁମୁଦ ସିଧା ସେଇ କବାଟ ପାଖକୁ ଗଲା ।

କବାଟ ପାଖରେ ପହଞ୍ଚିଲା ପରେ ତା'ର ମନେ ହେଲା ଯେମିତି ସେଇ ଆଲୁଅ ତା'କୁ ଆଗକୁ ଯିବାକୁ ବାଧା ଦଉଚି । ସେ ଅଟକିଗଲା । ଇଏ କ'ଣ ? ଅଜାଣତରେ ସେ କବାଟ ଠକ୍ ଠକ୍ କଲା ? ନା, ସେଇଟା ତା' ହୃଦ୍‌ସ୍ପନ୍ଦନର ଶବ୍ଦ । ଠକ୍ ଠକ୍ । ନାଁ, ଇଏ କୋଠରୀରେ ଥିବା ଘଡିର ଶବ୍ଦ । ଉହୁଁ -- କୁମୁଦକୁ ପୁରା ଲାଗିଲା ଯେ ରାମଣ୍ଡା ଭିତରେ ଚଲାବୁଲା କରୁଚି । ଏ କଥା ଜାଣିବାପରେ ତା' ମୁହଁରେ ହସ ଖେଳିଗଲା । ମନ ପରି ବେଗବାନ ଦୁନିଆରେ ଆଉ କେହି ନାହିଁ । ସେତେବେଳେ କୁମୁଦ ମନରେ ଯୋଉ ଟଙ୍ଗ, ବେଟଙ୍ଗ ଚିନ୍ତା ପ୍ରବାହ ଉଠିଲା ସେଥିରେ କୁମୁଦ ଚଉଦ ବ୍ରହ୍ମାଣ୍ଡ ଭ୍ରମଣ କରି ଫେରିଲାପରି ଅନୁଭବ କଲା । ରାମଣ୍ଡା ନ ଶୋଇ ବୁଲୁଚି, କାହିଁକି ? ତା'ରି ପାଇଁ କେବଳ ତା'ରି ପାଇଁ । କୁମୁଦକୁ ଏ କଥା ବୁଝିବା ଲାଗି ଡେରି ଲାଗିଲାନି । ତା' ବିନା ରାମଣ୍ଡା ରହିପାରିବନି । ହେଲେ ବିଚରା ! ତା' ପାଖକୁ ଆସି ବି ପାରୁନି । ସରକାର କଥା ଶୁଣି ଡରିଯାଇଚି । ବୋଧେ ସେଇଥିପାଇଁ ସେ ବିଚଳିତ ହୋଇ ଘୁରି ବୁଲୁଥିବ । କୁମୁଦକୁ ଦେଖି ସେ କେମିତି ଆଶ୍ଚର୍ଯ୍ୟ ହବ ? ଅନୁଗ୍ରହ ଭିକ୍ଷୁ ଭକ୍ତ ଆଗରେ ଦେବତା ସାକ୍ଷାତରେ ପ୍ରକଟ ହୋଇଗଲେ ଭକ୍ତଟିର ଅବସ୍ଥା କ'ଣ ହବ ? କୁମୁଦ ଧୀରେ ଧୀରେ କବାଟରେ ହାତ ଥୋଇଲା । କବାଟ ଖୋଲା ଥିଲା । ଏବେ ସେ ଭିତରକୁ ଯିବା ଉଚିତ୍ ଓ ଯାଇ ପଛଆଡୁ ରାମଣ୍ଡାର ଆଖିକି ବନ୍ଦ କରିଦବା ଉଚିତ୍ । ନା, ଆଖି ବନ୍ଦ କଲେ ସମସ୍ୟାର ସମାଧାନ ହେବନି । ରାମଣ୍ଡାକୁ ନିବିଡ ଭାବେ ଆଲିଙ୍ଗନ କରିବା ଉଚିତ୍ । କେବଳ ସେତିକି ନୁହେଁ ବାହୁବନ୍ଧନ ଭିତରେ ଥାଇ ଦୁହିଁଙ୍କ ଦେହ ଯେପରି ପରସ୍ପର ସହ ମିଶି ଯିବ ସେମିତି ଆଲିଙ୍ଗନ କରିବା ଦରକାର । ନା, କିଛି ଦରକାର ନାହିଁ । ହେଇ ସେ ଏ ଆଡକୁ ଆସୁଚି । ଅନ୍ତରର ବ୍ୟାକୁଳତା ହେତୁ ତା' ମୁହଁ କେତେ ସୁନ୍ଦର ଦିଶୁଚି ! କୌଣସି ଚିନ୍ତା ଯୋଗୁଁ ତା' ଓଠ ଥରୁଚି । ସେଇ କମ୍ପିତ ଓଠକୁ କୁମୁଦ ଚାହିଁ କୁମୁଦ ଓଠ ଅଧ ଖୋଲା ହୋଇ ରହିଗଲା । ସେ ଭାବିଲା ରାମଣ୍ଡାର ଓଠକୁ ନିଜ ଓଠରେ ଜୋରରେ ଚାପିଦବା ଉଚିତ୍ ଯେମିତି କି ତାହା ଆଉ କମ୍ପିପାରିବନି । ଦି' ହାତରେ ତା ମୁହଁକୁ ଧରି ଏତିକି କରିଦେଲେ ଶାନ୍ତି ମିଳିଯିବ । ମା' ଲୋ ! ଏ ମୁହଁ ଆଉ କିଛି ସମୟ ମୋ' ସାମ୍ନାରେ ରହିଲେ ମୁଁ ପାଗଳ ହେଇଯିବି । ତା'କୁ ଆଗରେ ରଖି ଦେଖିବା ଉଚିତ୍ ନୁହେଁ । ତାକୁ ଲୁଚେଇ ରଖିବା ଉଚିତ୍, ଚୁମା ଦବା ଉଚିତ, ଖଣ୍ଡ ଖଣ୍ଡ କରି ---- ।

ସେଦିନ ରାତିରେ ମାନସିକ ଭାବେ ସେ ଯେ ଭ୍ରଷ୍ଟ ହୋଇ ଯାଇଥିଲା, ଏଥିରେ ସନ୍ଦେହ ନାହିଁ । ମନରେ ଗୋଟେ ପରେ ଗୋଟେ ଚିନ୍ତା ଉଠିବା ହେତୁ ସେ ପ୍ରାୟ ବେହୋସ୍ ହୋଇ ଯାଇଥିଲା । ରାମଣ୍ଡା ପଲଙ୍କରେ ବସିଥିଲା ଓ ତା' କଡକୁ ଲାଗି ସେ ବସିଥିଲା । ରାମଣ୍ଡା ତାକୁ ତାକୁ ନିଜ ହାତରେ ଅଟକେଇବାକୁ ଚେଷ୍ଟା କରି ପଲଙ୍କରୁ ଉଠି ଆସୁଥିଲା - ଏହା ଦେଖିଲା କ୍ଷଣି ସେ ହୋସ୍ ଫେରି ପାଇଲା ।

"ଇଏ କ'ଣ ? ଏତେବେଳେ ଏମିତିଟାରେ ଏଠିକି ଆସିଲୁ କାହିଁକି ?" କହି ରାମଣ୍ଡା ତା'ଠୁ ଦୂରକୁ

ଦୂରକୁ ଘୁଞ୍ଚିଯାଉଥିଲା ।

ସେତେବେଳେ କୁମୁଦର ଦେହ ଗୋଟା ଯାକ ଝାଳରେ ଭିଜି ଯିବାରୁ ମନହେଲା ଯେମିତି ବର୍ଷ ବର୍ଷ ଧରି ଭିଜି ରହିଥିବା ପୃଥିବୀ ନିଶ୍ୱାସ ମାରୁଚି । ସେତେକି ବେଳେ ତା'ର ପ୍ରାଣବାୟୁ ବାହାରି ଗଲେ ଭଲ ହବ ବୋଲି ସେ ଅନୁଭବ କଲା । ରାମଣ୍ଡା ମୁହଁର କାନ୍ତି ଦେଖି ତା'ର ପାଗଳାମି ଧୀରେ ଧୀରେ କମିଗଲା । ଶେଷରେ କିଛି ନ କହି ମୁହଁ ତଳକୁ କରି ସେ ନିଜ କୋଠରୀକି ଚାଲି ଆସିଲା । ସୁଖବେଳେ ମନର ବେଗ ଯେତିକି କ୍ଷିପ୍ର ହେଇଥାଏ, ନିରାଶାବେଳେ ଦେହର ରୋଗ ସେତିକି ବଢିଯାଏ । କାରଣ ସେଠୁ ନିଜ କୋଠରୀକି ଆସିବାପାଇଁ ତା' ପାଖକୁ କେତେ ଯୁଗ ଲାଗିଥିଲା କେଜାଣି ! କୋଠରୀକି ଆସି ମୁହଁ ମାଡି ବିଛଣାରେ ପଡିଗଲା । ଓଠ ଦି'ଟାକୁ ବନ୍ଦ ରଖିବାକୁ ଯେତେ ଚେଷ୍ଟା କଲେ ବି ମୁହଁରୁ ବାହାରି ପଡିଲା, "ସେ ମତେ ଚାହାନ୍ତିନି ।" ପରକ୍ଷଣରେ ତାକୁ ଏ ଦୁନିଆରେ କେହି ଚାହାନ୍ତି ନି ବୋଲି ସେ ଅନୁଭବ କଲା । ଏଇ ଚିନ୍ତାରେ ତା'ର ସାରା ଦେହ ଶିହରି ଉଠିଲା ।

ଇଏ କେବର ସ୍ମୃତି ? ହଁ - ସେଇ ରାତିର ସ୍ମୃତି । ସେଦିନ ସେ ଭାବିଥିଲା, ଆଜିଠୁ ମନେ ମନେ ମୁଁ ବିଧବା । ଏ ଥର ଠିକ୍ ହେଲା ତ ? ସରଳା'ପା ସଶରୀରୀ ନ ହେଲେ ବି ଘର ସାରା ତା'ର ମୂର୍ତ୍ତି ବ୍ୟାପ୍ତ । ଏଣୁ ମରିବା ପର୍ଯ୍ୟନ୍ତ ସେ ହୃଦୟ ଦୃଷ୍ଟିରୁ ବିଧବା । କିନ୍ତୁ ଦେହ ଦୃଷ୍ଟିରୁ ସେ ବିଧବା ନୁହେଁ ବୋଲି ଭୁଲି ନ ଥିଲା । ସେ ଭାବିଲା, ମନ ପାଇଁ ଯେମିତି ଅଭିମାନ ରହିଚି ସେମିତି ଦେହପାଇଁ ସ୍ୱାଭିମାନ ବୋଲି କୌଣସି ଜିନିଷ ନାଇଁ । ଦେହର ଚିନ୍ତା ଆସିବାରୁ ସେ ଜାଣି ପାରିଲା ଯେ ଦେହ ଥକିଯାଇଚି । ଦେହ ? କୁମୁଦ ପୁରା ଡରିଗଲା । ଏଁ ! ଏ ଦେହ କେତେ ଅଲାଜୁକ - ଏହା ଭାବିବା ମାତ୍ରେ ପଳେଇ ଯିବାକୁ ରାସ୍ତା ନ ମିଳିବାରୁ ଶିକାରୀ ଗଣ ପରିବେଷ୍ଟିତ ମୃଗ ପରି କୁମୁଦ ପୁଣି ଥରେ ବିଛଣାରେ ବସି ପଡିଲା ଏବଂ ଦି' ହାତରେ ନିଜ ମୁଣ୍ଡକୁ ଜୋରରେ ଚିପି ଧରିଲା ।

15

ରାମଣ୍ଡାର ଅବସ୍ଥା ଥିଲା ପୁରା ଛିଙ୍କ ଆସି ନଥିବା ଲୋକ ପରି । କଷ୍ଟ ହଉ ପଛକେ ଛିଙ୍କ ବାହାରି ଯିବା ଉଚିତ୍, ନ ହେଲେ ସର୍ଦ୍ଦି କମିବନି । ରାମଣ୍ଡା ଚୌକିରେ ବସି ବସି ସରଳାର ଛବିକି ଦେଖୁଥିଲା । "ପାଗଳୀ, ଦେଖିଲ ? ତମର ଉଦ୍ଦେଶ୍ୟ ଯେତେ ଭଲଥିଲା ତା'ର ପରିଣାମ ସେତେ ଖରାପ ହେଲା । ଶେଷରେ ତମେ ମୋ'ଠୁ ବଡ ସାହିତ୍ୟିକ ହେଇଗଲ । ତମେ ଯେ ମତେ ଭୁଲ କହିଥିଲ ଏ କଥା ନ ଜାଣି ତମେ ମୋ'ଠୁ ବଡ ସାହିତ୍ୟିକ ହେଇଗଲ । ତମେ ଯେ ମତେ ଭୁଲ କହିଥିଲ ଏ କଥା ନ ଜାଣି ତମେ ଉଦ୍‌ବେଗର ଟ୍ରାଜେଡି କେମିତି ସୃଷ୍ଟି କରି ଯାଇଚ ? ଭୁଲ କାହାରି ନ ଥିଲେ ବି ଟ୍ରାଜେଡି ଖୁବ୍ ଗୋଟେ ଉଲ୍ଲେଖଯୋଗ୍ୟ ପରିଣାମ ସୃଷ୍ଟି କରି ପାରୁଚି ।" ଏହା କହି ରାମଣ୍ଡା ହଠାତ୍ ଉଠିଲା । ସେ ବୁଢା ହେଇଗଲାଣି ବୋଲି ଭାବିଲା । ମଣିଷ ବର୍ତ୍ତମାନକୁ ଭୁଲି ଅତୀତକୁ ମନେ ପକାଇବାପାଇଁ ଉତ୍ସୁକ ହେବା ବାର୍ଦ୍ଧକ୍ୟର ଲକ୍ଷଣ । ଏହା ସେ କୋଉଠି

ପଡ଼ିଥିଲା । ସେ କଥା ମନେ ପଡ଼ିବା ମାତ୍ରେ, "ଅଛୁ, ପୁଣି ସେଇ ସ୍ମୃତି !" କହି ଘୁରି ବୁଲିବାକୁ ଲାଗିଲା । ବୁଲି ବୁଲି ସେ ଭାବିଲା । ହଁ, ସେ ଦିନର ସ୍ମୃତି ! ଭଲ କଥା । ସେଇ ସ୍ମୃତିକି ସଂପୂର୍ଣ୍ଣ ରୂପେ ବାହାରକୁ କାଢ଼ିଦେଇ ମନକୁ ହାଲୁକା କରିଦେବା ଉଚିତ୍ । ହଁ, ସେଦିନ ସେ ଏମିତି ଘୁରି ବୁଲୁଥିଲା । କାହିଁକି ? ସେଦିନ କ'ଣ ହେଉଥିଲା କି ? ହଁ, ସେଦିନ ସରଳା ପୁଣି ଥରେ ତା' ବାହାଘର କଥା ଉଠେଇ ଥିଲା । ସେ କଥା ଉଠିବାକ୍ଷଣି ଲାଜରେ ତା'ର ସେଠୁ ପଳେଇ ଯିବାପାଇଁ ଇଚ୍ଛା ହୋଇଥିଲା । ହେଲେ କାହିଁକି କେଜାଣି ? ସରଳା ବାହାଘର କଥା କହିବା ସାଗେ ସାଗେ ତା' ଆଖି ଆଗରେ କୁମୁଦର ମୂର୍ତ୍ତି ଠିଆ ହୋଇ ଯାଇଥିଲା । କଡରେ ସେ ମୂର୍ତ୍ତି ଓ ସାମ୍ନାରେ ସରଳା – ଏଥିପାଇଁ ସେତେବେଳେ ସେ ସରଳାକୁ ଧୋକା ଦେଇଚି ବୋଲି ଚିନ୍ତା କରିବାକୁ ଲାଗିଲା । ସେତେବେଳେ ଅପରାଧୀ ପରି ଦୌଡି ପଳେଇବାକୁ ତା'ର ଇଚ୍ଛା ହେଉଥିଲା । ତା'ର ଓ କୁମୁଦର ଅନୈତିକ ସଂପର୍କକୁ ନେଇ ସରଳା ମନରେ ସଂଦେହ ସୃଷ୍ଟି ହୋଇଚି । ତା'କୁ ଅଟକେଇବାକୁ ଏ ନିଜେ ଅସମର୍ଥ । ଏ ଚିନ୍ତା ମନରେ ଉଠିବା ଯୋଗୁଁ ସେ ଏ କଥା ଉଠେଇଚି । ଏ ସଂଦେହ ସୃଷ୍ଟି ହେଲାରୁ ରାମଣ୍ଡାକୁ ଲାଗିଲା ଯେମିତି କି ତା ଛାତିରେ କରତ ଚାଲିଯାଉଚି । ସରଳାର ଅନ୍ତଃକରଣ ଅତି ବୁଦ୍ଧି ବୋଲି ସେ ଥରେ ଅଧେ ଉପଲବ୍ଧି କରିଥିଲା । ସେ ନିର୍ମଳ ମନରେ ଏ କଥା କହୁଚି । ଏଣେ ଯ୍ୱାର ବି କୁମୁଦ ସାଗରେ ସହବାସ ଅଭ୍ୟାସରେ ପରିଣତ ହୋଇଗଲାଣି । ତେଣୁ 'ହଁ' କହିଦେଲେ ଭଲ । ଏତିକି କହୁ କହୁ ରାମଣ୍ଡା ଅଟକିଗଲା । ଏ କି ପ୍ରକାର ମୂର୍ଖତା ? ସରଳାର ମନ କଥା କ'ଣ ଜଣାନାଇଁ ? ସେ ଏସବୁ କ'ଣ ଭାବୁଚି ? ସେ ଦ୍ୱିତୀୟ ବିବାହ କଥା ତ କହିଚି, କୁମୁଦ ସହିତ ବିବାହ ହବ ବୋଲି ତ କହିନି । ଏ କଥା ଭାବିଥିଲେ ସେ କ'ଣ ସ୍ପଷ୍ଟ କହିନଥାନ୍ତା ? ସେ ଏମିତି ଥରୁଟିଏ ବି କହିଲାନି, ଯଦି ଏମିତି କଥା ତେବେ ନିଜେ ନିଜେ "ଭଲ କଥା ମୁଁ କୁମୁଦକୁ ବାହା ହେଇଯିବି" ବୋଲି କହିଦେଲେ ନିଜ ଦୋଷ ସ୍ପଷ୍ଟ ଭାବେ ସ୍ୱୀକାର କଲା ଭଳିଆ ହବନି କି ?

କିନ୍ତୁ ଏଇଟା ଯେ ଭୁଲ୍ ଏ କଥା ମାନିବାକୁ ରାମଣ୍ଡା ପ୍ରସ୍ତୁତ ନ ଥିଲା । ସେ କୁମୁଦକୁ ଭଲ ପାଇଥିଲେ ତା'କୁ ଗୋଟେ ଦୃଷ୍ଟିରୁ ଭୁଲ୍ ବୋଲି କୁହାଯାଇପାରିଥାନ୍ତା । ମାତ୍ର ସେ କୁମୁଦକୁ ଭଲ ପାଏନି, ଭଲ ପାଏନି । ଭଲ ପାଏନି ? ତାହେଲେ ଯ୍ୱାର ମତଲବ୍ କ'ଣ ? ପ୍ରେମ ବିନା ଦୈହିକ ସଂପର୍କ କ'ଣ ବ୍ୟଭିଚାର ନୁହେଁ ? କ'ଣ ସେ ପ୍ରକୃତରେ କାମୁକ ? ତାହା ମାନିବାକୁ ରାମଣ୍ଡା ପ୍ରସ୍ତୁତ ନ ଥିଲା । ଅଥବା ଅଜାଣତରେ ସେ କୁମୁଦକୁ ଭଲ ପାଉଚି ?

ସେ କୌଣସି ଏକ ନିଶ୍ଚିତ ମାନସିକ ସ୍ଥିତିରେ ନ ଥିଲାବେଳେ ସରଳା ପୁଣି ଏକ ବିବାହ କଥା ଉଠେଇବାରୁ ସେ ନିଜକୁ ସଂଯତ କରି ପାରିଲାନି । ତା'ର କ'ଣ କରିବା ଉଚିତ୍ ଏ ବିଷୟରେ ସେ କୌଣସି ସିଦ୍ଧାନ୍ତରେ ପହଂଚି ପାରିଲାନି । ହେଲେ କୁମୁଦ ସଂପର୍କରେ ତା'ର ଆଦୌ ସଂଦେହ ନ ଥିଲା । ସେଦିନ, ସେଇ ରାତିର ଘଟଣା ହେତୁ ରାମଣ୍ଡାର ପୂର୍ଣ୍ଣ ବିଶ୍ୱାସ ହେଇଯାଇଥିଲା । ସେଦିନ କିଛି ସ୍ଥିର କରି ନ ପାରି ସେ ଘୁରି ବୁଲୁଥିଲା ଏବଂ ଶେଷରେ ପାଦଠାରୁ ମନ ପର୍ଯ୍ୟନ୍ତ ସାରା ଦେହ ଥକି ଯିବାରୁ ପଲଙ୍କ ଉପରେ ବସି ପଡ଼ିଲା । ସେତିକି ବେଳେ ତା' ମନରେ ସଂଦେହ ଭୟ ଓ ଅପରାଧ ଏଇ ତିନୋଟିର ମୂର୍ତ୍ତି କୁମୁଦ ତା' ସାମ୍ନାରେ ଆସି ନିରବରେ ଛିଡା ହୋଇଗଲା । କୁମୁଦ ଯେ ତା'କୁ ଭଲ ପାଏ ଏ କଥା କୁମୁଦ ମୁହଁରୁ ସେ ଠିକ୍ ଜାଣିପାରୁଥିଲା । କିନ୍ତୁ ପ୍ରେମ ଯେତିକି କୋମଳ ସେତିକି କ୍ରୁର, ଯେତିକି ଆକର୍ଷଣୀୟ ସେତିକି ଭୟଙ୍କର । ପ୍ରେମ ଯେ ଆନନ୍ଦ ପରି ଅସହ୍ୟ ଭାବନା ମନରେ ଜାତ କରେ ଏହା ରାମଣ୍ଡା କେବେ ଅନୁଭବ କରି ନ ଥିଲା । ସେତେବେଳେ କୁମୁଦ ରାମଣ୍ଡାକୁ ପତଂଗ ପକ୍ଷେ ନିଆଁ ପରି ଆକର୍ଷଣୀୟ ଦିଶୁଥିଲା । ତା' ଆଡକୁ ଆଖି ଉଠେଇ ଚାହିଁବା ପାଇଁ

ବି ରାମଣ୍ଣାର ସାହସ ହେଲା ନାହିଁ । କୁମୁଦର ସୌନ୍ଦର୍ଯ୍ୟ କାଳେ ତାକୁ ସେ ଆଡକୁ ଆକୃଷ୍ଟ କରିନବ ଏଇ ଆଶଙ୍କାରେ ରାମଣ୍ଣା ସେଆଡୁ ମୁହଁ ବୁଲେଇ ପଲଙ୍କରୁ ଉଠିବାକୁ ଚେଷ୍ଟା କଲା । ଏଣୁ ଆଲିଙ୍ଗନ କରିବାକୁ ପ୍ରସାରିତ କୁମୁଦର ବାହୁ ଯୁଗଳ ତାକୁ ଛୁଇଁ ପାରିଲା ନାହିଁ । ମୁହୂର୍ତ୍ତେ, ଅଧ ମୁହୂର୍ତ୍ତେ, ଆଖି ପିଛୁଳାକେ ସେ ତା'ର ଆହୁତି ହୋଇଯିବ — ହୋଇଗଲା — ଏଇଆ ଭାବୁଥିଲା ବେଳେ ସେ ବାହୁ ପ୍ରସାରିତ କରି ତା' ଆଡକୁ ଅନାଇଲା । ସୃଷ୍ଟିର ଖେଳ କେତେ ଚମତ୍କାର ! ସେଇ ମୁହୂର୍ତ୍ତରେ ତା'ର ସୌନ୍ଦର୍ଯ୍ୟ ଝାଳରେ ଧୋଇ ଗଲା ପରି ଲାଗିଲା । ତା'ପରେ ତା' ମୁହଁରେ ଲାଗି ରହି ଯାଇଥିଲା, କେବଳ କ୍ରୁର ଓ ଅସହ୍ୟ କାନ୍ତି । ଧୀରେ ଧୀରେ ରାମଣ୍ଣା ବି ତାକୁ ଚାହିଁଲା । ସେଇ ପରିବର୍ତ୍ତିତ କାନ୍ତିକି ଦେଖି ରାମଣ୍ଣାର ବିଶ୍ୱାସ ହେଲା ଯେ କୁମୁଦକୁ ଏବେ ସେ ଦେଖିପାରିବ । ସେ ସମୟର କଥା କହିବାର ଆବଶ୍ୟକତା ନ ଥିଲେ ହେଁ ତା' ମୁହଁରୁ କେଇ ପଦ କଥା ବାହାରି ପଡିଥିଲା ଏବଂ ସେଇ କଥା ସହିତ ତାଳ ଦେଇ କୁମୁଦ ବାହାରକୁ ଚାଲି ଯାଇଥିଲା ।

ସେଦିନ ରାମଣ୍ଣାର ଭୟ ଆହୁରି ବଢି ଯାଇଥିଲା । ସେତେବେଳକେ ସେ ବୁଝିଲା ଯେ ସେ କାହାରିକି ଭଲ ପାଇବା ଗୋଟେ କଥା ଏବଂ ଅନ୍ୟ କେହି ତା'କୁ ଭଲ ପାଇବା ଆଉ ଗୋଟେ କଥା । ତମେ କାହାରିକି ଭଲ ପାଇଲେ ଗୋଟେ ପ୍ରକାର ଆନନ୍ଦ ମିଳିବ । ଯାହାକୁ ଆମେ ଭଲ ପାଉଛୁ, ପ୍ରତିବଦଳରେ ତା'ଠୁ ପ୍ରେମ ନ ମିଳିଲେ ଦୁଃଖ ଲାଗେନି । କିନ୍ତୁ ନିଜର ପ୍ରିୟ ବସ୍ତୁକୁ ଅନ୍ୟ କେହି ଜଣେ ନିଜର ବୋଲି ଦାବି କଲେ ମନେ ହୁଏ, ଯେମିତି ସେ ତା'କୁ ଶିକାର କରୁଚି । ଏ କଥା ରାମଣ୍ଣା ଆଜି ଯାଏଁ ବୁଝି ନ ଥିଲା । ଶିକାରୀ କୁକୁର ମାନଙ୍କ କବଳରୁ ଖସି ଆସିଥିବା ଠେକୁଆଟି ପରି ସେଇ ଦିନ୍ଠୁଁ ସେ କୁମୁଦଠୁଁ ଦୂରରେ ରହିବା ଲାଗି ଅଧିକାଂଶ ସମୟ ଆପଣା କୋଠରୀ ଭିତରେ ହିଁ କାଟିବାକୁ ଲାଗିଲା । କ୍ରମେ କ୍ରମେ ତା'କୁ ସରଳା ପାଖରେ ରହିବାକୁ ବି ଡର ମାଡିଲା । ତା'ର ଭୟ ଥିଲା ଯେ ଆଉ ଥରେ ବିବାହ କରିବା କଥା ଶୁଣିଲେ ତା' ଦଶା କ'ଣ ହବ କିଏ ଜାଣେ ? ଏଥିପାଇଁ ଯଥା ସମ୍ଭବ ଦୂରେଇ ରହିବା ଭଲ, ସେ କେତେ ପାଗଳଟାଏ ! ଦୂର ! ସ୍ତ୍ରୀର ମାନେ କଣ ? ଏ ଶବ୍ଦରୁ କୌଣସି ଅର୍ଥ ମଧ୍ୟ ବାହାରୁନି ବୋଲି ରାମଣ୍ଣା ଧୀରେ ଧୀରେ ଅନୁଭବ କଲା । ଦେହକୁ ସେ ଯେତେ ଦୂରେଇ ରଖୁଥିଲା, ମନ ତା'କୁ କୁମୁଦ ପାଖକୁ ସେତେ ଘୋଷାରି ନେଇ ଯାଉଥିଲା । କୁମୁଦର ଦେହ ପାଖରେ ନ ଥିଲେ ହେଁ ମନ ଭିତରେ ସେ ଯେ ବସି ରହିଚି, ଏହା ଉପଲବ୍ଧି କରି ରାମଣ୍ଣା ହତାଶ ହୋଇ ପଡିଲା । ସେ ଭାବିଲା, ଏମିତି ହେଲେ ଖାଲି ଦେହଟାକୁ ଦୂରେଇ ରଖିବାରେ ଲାଭ କ'ଣ ? ଯାହା ହେଲେ ବି କୁମୁଦ ତା'କୁ ଭଲ ପାଏ । ତେଣୁ ସେ କେବେ ତା'କୁ ତିରସ୍କାର କରି ପାରିବନି । ଏ ପରିସ୍ଥିତିରେ ସେ ଯଦି ଦେହର ଇଚ୍ଛା ଥରେ ପୂରଣ କରେ ତେବେ ସେଥିରେ ଦୋଷ କ'ଣ ? କୁମୁଦ ମୁହଁରେ ଏ କଥା କେବେ ବାହାରିନି । ଏବେ ଡର କୋଉ କଥାକୁ ? ଏହା ଭାବି ସେ ମନକୁ ଆଶ୍ୱାସନା ଦେଲା । ଯଦି ଏଇଟା ବି ନ ହୁଏ, ତା' ହେଲେ ସରଳା ଅନ୍ତେ— ।

ରାମଣ୍ଣା ନିଜକୁ ନିଜେ ଅସହ୍ୟ ବୋଧ କଲା । 'ସରଳା ଅନ୍ତେ' — ଏ ଚିନ୍ତା ଆଗରୁ କେବେ ତ ଆସି ନ ଥିଲା । ଆଜି ଆସିଲା କାହିଁକି ? ସେ କ'ଣ ଏତେ କଠୋର, କୃତଘ୍ନ ଓ ଅସଂସ୍କୃତ ? ସରଳା ଅନ୍ତେ କ'ଣ ହବ, ସେ ମନେ ମନେ ସେଇ କଥା ଭାବୁଚି, ନା ? ଛିଃ - ସେ ଦେବୀ କି ମୁଁ ରାକ୍ଷସ ! ସବୁ ସୁଖ ଦୁଃଖକୁ ନିଜ ଭିତରେ ଚାପି ରଖି କେବଳ ମୋ'ରି ସୁଖ ଲାଗି ସେ ମତେ ଆଉଥରେ ବାହା ହବାକୁ ପ୍ରାର୍ଥନା କରୁଚି । ଆଚ୍ଛା, ଆଜି ଏ କଥା ସେ ଭାବୁଛି କାହିଁକି ? ତା' ପ୍ରତି ମୋ'ର ଏମିତି କି ଭୟ ଅଛି ଯେ ମୁଁ ତା'ର ମୃତ୍ୟୁ କାମନା କରୁଚି ? ରାମଣ୍ଣା ନିଜକୁ ଧିକ୍କାର କଲା । ସେ ଠିକ୍ କଲା ଯେ କିଛି ଦିନ ପରେ ସେ ନିଜେ ସରଳା

ପାଖକୁ ଯିବ ଏବଂ ତା' ଗୋଡ ଧରି ସବୁକିଛି ସ୍ୱୀକାର କରି ଦ୍ୱିତୀୟ ବିବାହ ପାଇଁ ରାଜି ହୋଇଯିବ । ମାତ୍ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତା'ର ସାହସ ହେଲାନି । ତେଣେ ସରଳାର ସ୍ୱାସ୍ଥ୍ୟ ବି ଧୀରେ ଧୀରେ ଖରାପ ହୋଇ ଯାଉଥିଲା । ଏ ପ୍ରକାର ପରିସ୍ଥିତିରେ ତା'କୁ ଏ ଉଦ୍‌ବେଗାତ୍ମକ ବିଷୟ କହିବା ଅହିତକର ହେବ ବୋଲି ଭାବି ସେ କିଛି କହିଲାନି । ତା'ର ଭୟ ଥିଲା ଯେ ଦ୍ୱିତୀୟ ବିବାହ ପାଇଁ ସରଳା ଠିକ୍ କରିଥିବା ଝିଅଟି ଯଦି କୁମୁଦ ଛଡା ଆଉ କେହି ହୋଇଥାଏ, ତେବେ --- ।

ଶେଷରେ କୁମୁଦ ତା' ମନରେ ପ୍ରତି ମୁହୂର୍ତ୍ତରେ ଉଙ୍କି ମାରିବାକୁ ଲାଗିଲା । ସରଳାର ଦେହ ବେଶି ଖରାପ ହୋଇ ଯିବାରୁ କୁମୁଦଠୁ ଦୂରରେ ରହିବା ତା' ପକ୍ଷରେ ସମ୍ଭବ ହେଲାନି । ରୋଗୀର ସେବାଶୁଶ୍ରୂଷା ପାଇଁ ଏବଂ ଅନିବାର୍ଯ୍ୟ ତଥା ଆସନ୍ନ ଦୁଃଖଦାୟକ ଘଟଣା ପାଇଁ ରାମଣ୍ଡା କୁମୁଦର ଖୁବ୍ ପାଖରେ ରହିବାକୁ ଲାଗିଲା । ସରଳାର ଯବନିକା ଯେ ଆଉ ବେଶି ଦୂର ନୁହେଁ, ଏଇ ଚିନ୍ତାରେ ଭାଗି ପଡି ରାମଣ୍ଡା ଆତ୍ମ-ନିୟନ୍ତ୍ରଣ ଶକ୍ତି ଟିକକ ବି ହରେଇ ବସିଲା । ଶେଷରେ ଦିନେ ରାତିରେ ଫାସି ଦଣ୍ଡ ପାଇଥିବା ଅପରାଧୀ ଫାସି ଦଉଡି ପାଖକୁ ଯିବାପରି ସେ ଅତି ଅସହାୟ ହୋଇ କୁମୁଦର କୋଠରୀକି ଗଲା ।

କୁମୁଦ ତାକୁ ଭଲପାଏ, ଆଜି ନ ହେଲେ କାଲି ଚାହିଁଲେ ତା' ସାଥିରେ ବାହାଘର ହୋଇଯିବ । ଏଇ ଦୁଇଟି ଚିନ୍ତା ଅନ୍ଧ ହାତରେ ଲଉଡ଼ି ଦ୍ୱୟ ପରି ରାମଣ୍ଡାର ସହାୟକ ଥିଲା । କୁମୁଦ ଯେ ତାକୁ ଭଲପାଏ -- ଏଥିରେ ତା'ର ଜମା ସନ୍ଦେହ ନ ଥିଲା । କିନ୍ତୁ କାହିଁକି କେଜାଣି ସବୁବେଳେ ତା' ସ୍ପର୍ଶରେ କୋମଳ ହୋଇଯାଉଥିବା କୁମୁଦର ଅଙ୍ଗ ପ୍ରତ୍ୟଙ୍ଗ କେତେ ଥର ଯାର ସ୍ପର୍ଶ ମାତ୍ରକେ କଠୋର ହୋଇଉଠୁଥିଲା । ଯାର କାରଣ କ'ଣ? କୁମୁଦ ତ କେବେ ଅନିଚ୍ଛା ପ୍ରକାଶ କରିନି । କେବଳ ଏଇ କଥାଟି ରାମଣ୍ଡାକୁ ଧୈର୍ଯ୍ୟ ଦଉଥିଲା । ସମୟ ସମୟରେ ବିଶେଷ କରି କିଛି ଦିନ ପୂର୍ବେ ଦେଖିଥିବା କୁମୁଦର କ୍ରୂରତାର ଚିତ୍ର ତା ଆଖିଆଗରେ ଆସି ଛିଡ଼ା ହେଉଥିଲା । ସେ ଚିତ୍ର ଆଗକୁ ଆସିଲେ ସେ ବି ତା'ରି ସାଥିରେ କଠୋରତା ସହ ବ୍ୟବହାର କରୁଥିଲା । ହେଲେ ସେ ନିଜର ଭୁଲ ବୁଝିଲାପରେ ଅପରାଧୀପରି ତା'ର ସେଠୁ ପଳେଇ ଯିବାକୁ ଇଚ୍ଛା ହେଲା । କେତେଥର ନିଜେ ଚିନ୍ତା ଯୋଗୁଁ ସେ ଲଜ୍ଜିତ ହଉଥିଲା । ସେତେବେଳେ ତା'ମନରେ କୁମୁଦ ପ୍ରତି ଦୟାଭାବ ଜାତ ହଉଥିଲା । ତା'ପରେ ସେ ତା' ସହିତ କଥାବାର୍ତ୍ତାକରି ନିଜଆଡ଼କୁ ତା'ର ଧ୍ୟାନ ଆକର୍ଷଣ କରିବାପାଇଁ ଚେଷ୍ଟା କରୁଥିଲା । ସାଧାରଣ ଭାବେ ମୌନ ରହୁଥିବା କୁମୁଦ ତାକୁ ଥରେ କଥାରେ କେମିତି ନିରୁତ୍ତର କରିଦେଲା ଆଉ ସେତେବେଳେ ସେ କେମିତି ସାହସ ହରେଇ ବସିଥିଲା !

ଥରେ ସେ ଯେତେବେଳେ ଖୁବ୍ ପଶ୍ଚାତ୍ତାପଭରା ଏକ ଦୟନୀୟ ସ୍ୱରରେ ପଚାରିଥିଲା "କୁମୁଦ, ତୁ ମୋ ଉପରେ ରାଗିଚୁ କି ?"

କୁମୁଦ କିଛି ଉତ୍ତର ଦେଲାନି । ମାତ୍ର ନିଜର ଦୀର୍ଘଶ୍ୱାସକୁ ଦବେଇ ରଖିବାର ଚେଷ୍ଟା କରିବାରୁ ତା'ଦେହ ଥରି ଉଠିଲା, ଏକଥା ସେ ଉପଲବ୍ଧ କରିଥିଲା । କ୍ଷମା ଭିକ୍ଷା କରି ସେ କହିଥିଲା "ତୁ ରାଗିଥିଲେ ବି ସେଥିରେ ତୋ'ର ଦୋଷ ନାହିଁ । "

"ଭୁଲ୍ କରୁଥିବା ଲୋକଙ୍କର ଆଗରେ ଭୁଲ ଧରିବାର ଅଧିକାର ନାହିଁ ।"

"ବାପ୍‌ରେ! କି ଜବାବ ସିଏ ?"
"ମୁଁ ବି ତ ସେଯ୍ହା କହୁଚି, ଏଥିପାଇଁତ ତୁ ଭୁଲ କରିବୁ ବୋଲି ମୁଁ କହୁନି।"

ସେ ଦୁରକୁ ଘୁଞ୍ଚିଯିବାର ଚେଷ୍ଟାରେ କହିଲା, "ମୁଁ ତ ନିଜ ବିଷୟରେ କହିଲି । କାହାରି ଭୁଲ ଧରିବାର ଅଧିକାର ମୋ'ର ନାହିଁ।"

ତାକୁ ନିଜ ଆଡ଼କୁ ଟାଣିଆଣି ରାମଣ୍ଡା କହିଲା " ପାଗଳୀ ! ମୋ'ର ଭୁଲ କ'ଣ ? ଏତେ ଦିନ ଧରି ମୁଁ ତତେ ଭୁଲିଯାଇଥିଲି । ଏଇଟା ମୋ'ର ଭୁଲ । ଏଇ କାରଣରୁ ଯଦି ତୁ ରାଗିଥାଉ ତେବେ ଠିକ୍ କରିବୁ । "

ଅନ୍ଧାରରେ ସେ ତା'ର ହସିଲା ମୁହଁକୁ ଦେଖିପାରୁନଥିଲା । ହେଲେ ତା'ର ହସରେ ଯେ କେତେ ତିରସ୍କାର ଦୁରୁପଯା ଓ ନିରାଶା ଭରି ରହିଚି ତାହା ସେ ବୁଝିଯାଇଥିଲା । ଏହା ଫଳରେ ସେ ସାହସ ହରେଇ ବସିଲା । ମାତ୍ର ତାହା ପ୍ରକାଶ ନକରି ସେ ଟିକେ କଡ଼ାଗଳାରେ ପଚାରିଲା, "କଣ' ? ତୋ'ର ମୋ' କଥାରେ ବିଶ୍ୱାସ ହଉନି ?"

"ଯୋଉ ବିଶ୍ୱାସ ଅଛି ତାକୁ ଯେ ମାନି ଚଳିବା ଉଚିତ୍ ଏମିତି କିଛି କଥା ଦେଇନଥିଲି ତ ?"
"ଏକଥା କାହିଁକି କହୁଚୁ କୁମୁଦ ? ତୁ କ'ଣ ଭାବୁଚୁ ଯେ ମୁଁ ତତେ ଧୋକା ଦେଉଚି ?"
"ଆଖି ଖୋଲି ଅନ୍ଧାରରେ ଚାଲୁଥିବା ଲୋକପରି ମୁଁ ପାଗଳ ହୋଇଯାଇଚି ?"

"ତୋ'ର ଯଦି ଏତିକି ବି ବିଶ୍ୱାସ ନାହିଁ ତେବେ ବିଶ୍ୱାସ ଦବା ପାଇଁ କ'ଣ କରିବାକୁ ହବ ? ମୁଁ ତାକୁ କରିବାକୁ ପ୍ରସ୍ତୁତ।"

ଏକଥା ଶୁଣି ସେ ହସି ହସି କହିଲା "ଭୁଲ କରିଥିବା ଲୋକ ଲୁଚେଇବାଛଡ଼ା ଆଉ କ'ଣ କରିପାରିବ ?"
"କ'ଣ କହିଲୁ ? ଚାଲ, ଏଇନେ ମୁଁ ସରଳା ଆଗରେ ସବୁକଥା ନିଜ ମୁହଁରେ ସ୍ୱୀକାର କରିନେବି !"
"କାହିଁକି ? ଏସବୁ କହି ତମେ ତାକୁ ମାରିବାକୁ ଚାହୁଁଚ କି ?"
"ହୁଁ । କ'ଣ କହିଲୁ ?" ଅନ୍ୟମନସ୍କଭାବେ ରାମଣ୍ଡା କହିଲା ।

"କହିବି ଆଉ କ'ଣ ? 'ତମେ ବିଛଣାରେ ପଡ଼ିବା ପରେ ମୁଁ ଏ ରାସ୍ତା ଧରିଲି' ତମର ଏକଥା ଶୁଣିଲେ ସରଳାଅପା ଭାଙ୍ଗି ପଡ଼ିବନି ? ଦୟାକରି ତମେ ମୋ'ର ଏମିତି ଉପକାର କରନି।"

"ଏଇଥିପାଇଁ ତ ମୁଁ ଚୁପ୍ ରହିଚି ! କ'ଣ ଆଉ କରିବି ? ତୁ ଯାହା କହିବୁ ମୁଁ ମାନିବାକୁ ରାଜିଅଛି।"
"ଅପା ବଂଚିଥିବା ଯାଏଁ ମୋ' ପାଖକୁ ଆସିବା ବନ୍ଦ କରିପାରିବ ?"

ଏ କଥାର ପୃଷ୍ଠଭୂମି ରାମଣ୍ଡା ଜାଣି ନ ଥିଲା । ତେଣୁ ତା'କୁ ଥଟ୍ଟା ବୋଲି ଧରି ନେଇ ସେ ହସି ଉଠିଲା,

"ଖରାପ କାମ ଲୋକେ ଲୁଚେଇକି କରନ୍ତି । କିନ୍ତୁ ତା'କୁ ଲୁଚେଇକି ଛାଡିବା କଥା ଯେ ତୁ କହୁଛୁ, ସେଇଟା ବେଶ ମଜାଦାର, ହୋ - - ହୋ - - "

ତା'ହେଲେ ତମେ ଯାକୁ ଖରାପ କାମ ବୋଲି ଭାବୁଚ ? "

'ଏଁ? କ'ଣ କହିଲୁ ? ଛି -- ଛି -- ! ମୁଁ ଖରାପ ବୋଲି କହୁନି । ଲୋକେ ଏମିତି ଭାବୁଚନ୍ତି । ସେଥିପାଇଁ ମୁଁ ସେମିତି କହିଲି ।"

"ତେବେ ତମ ଦୃଷ୍ଟିରେ ଏଇଟା ଭଲ କାମ ?"

"ଇସ୍ସ କ'ଣ କୁମୁଦ ? ତୋ'ର କ'ଣ ମତେ ହଇରାଣ କରିବାକୁ ଇଚ୍ଛା? ତୋ'ର ଓ ମୋ'ର ଦି'ଜଣକ ସମ୍ମତି ରେ ଯେତେବେଳେ ଏ କାମ କରାହେଉଚି, ଏଠି ଭଲ ଖରାପର ପ୍ରଶ୍ନ ଜମା ଉଠୁନି ।"

"ଅର୍ଥାତ୍, ତମେ ଏକଥାକୁ ମନେ ମନେ ସ୍ୱୀକାର କରିଚ ?"

"ମାନେ ? ମୋ' ମନ ତୋ' ପାଖରେ ହାରି ଯାଇଚି । ଯେତେ ଚେଷ୍ଟା କଲେ ବି ତୋ'ବିନା ମୁଁ ରହିପାରୁନି । ଏକଥା ତ ତୁ ନିଜେ ଦେଖୁଛୁ --"

"ମୁଁ ତମର ମନ ମାନିଚି ବୋଲି କ'ଣ ଜାଣିଚି ? ମତେ ଲାଗୁଚି, ଏଇଟା ତମ ଦେହର ଗୋଟେ ଅଭ୍ୟାସ ।" ଏହା କହି କୁମୁଦ ରାମଣ୍ଡାକୁ ନିରୁତ୍ତର କରିଦେଇଥିଲା ।

ରାମଣ୍ଡା ଭାବିଲା, ଏତେ ବୁଦ୍ଧି କୁମୁଦର କୁଆଡୁ ଆସିଲା ? ଆଶ୍ଚର୍ଯ୍ୟ ! କୁମୁଦ ତ କେବେ ବେଶି କଥା କହେନି । ଆଜି ଏତେ ଯୁକ୍ତିତର୍କ କରୁଚି କାହିଁକି ?

ରାମଣ୍ଡା କିଛି ଭାବୁଚି ଦେଖି କୁମୁଦ ପ୍ରଶ୍ନ କଲା, "କ'ଣ ? ଚୁପ୍ ହେଇଗଲ କାହିଁକି ?"

"ସେ କଥା ନୁହେଁ କୁମୁଦ । ତୁ ଯଦି ମତେ ଭୁଲ ବୁଝିବାକୁ ଜିଦ୍ ଧରି ବସିଛୁ, ତେବେ କ'ଣ କରାଯିବ ? ନିଜର ବୋଲି ଅଭିନୟ କରୁଥିବା ଲୋକଙ୍କୁ ---"

"ଏଠି ଅଭିନୟ କଲା କିଏ ? କେବଳ ମୁଁ ତମର ପ୍ରେମିକା ବୋଲି କହିବାକୁ ଦିନେ ମୋର ଡ଼ର ନଥିଲା ।"

"ଦିନେ କାହିଁକି ? ଏବେ ବି ତୁ ମୋ'ର ---- "

"କିନ୍ତୁ ଏବେ ଏକଥା କହିବାକୁ ମତେ ଭଲ ଲାଗୁନି ।"

"ଦୁର୍ଘଟଣାରେ ତୁ ଭୁଲ -- -- -- -- -- "

"ମୁଁ ତମ ପାଇଁ ଥିଲି ଗୋଟେ ନିତିଦିନର ଅଭ୍ୟାସ, ନିତିଦିନର ଅଭ୍ୟାସ" କହି କୁମୁଦ ଚାଲିଯାଇଥିଲା ।

ରାମଣ୍ଡା ଏ ସବୁ କଥା ଏତେ ସ୍ପଷ୍ଟ ରୂପେ ମନେ ରଖିବାର ଆଉ ଏକ କାରଣ ଥିଲା । ସେଇ ଦିନଠୁ କୁମୁଦ ତା'ଠୁ ଦୂରେଇ ରହୁଥିଲା, ଏବଂ ରାତିରେ କବାଟରେ ଛିଟ୍‌କିଣି ଲଗେଇ ଶୋଉଥିଲା । ରାମଣ୍ଡା କେବେ ତା'କୁ ଦେଖି ହସିଲା ମୁହଁରେ କଥାବାର୍ତ୍ତା କରିବାପାଇଁ ଚେଷ୍ଟା କଲେ ସେ ତିରସ୍କାର ପୂର୍ଣ୍ଣ ଚାହାଣିରେ ନିରୁତ୍ସାହିତ କରୁଥିଲା । ତା'ର ବେଶି ସମୟ କଟୁଥିଲା ସରଳା ପାଖରେ । ରାମଣ୍ଡା ସରଳା ପାଖରେ ବସିଥିଲେ ସେ ଉଠିକି ଯିବା ପର୍ଯ୍ୟନ୍ତ କୁମୁଦ ମଥାପୋଡି ବହିରହୁଥିଲା । କୁମୁଦର ଏଇ ବ୍ୟବହାର ଯୋଗୁଁ ରାମଣ୍ଡା ଏକ ପକ୍ଷରେ ପଶ୍ଚାତ୍ତାପ କରୁଥିଲା ବେଳେ ଅନ୍ୟ ପକ୍ଷରେ ତା'ର ମନେ ହଉଥିଲା ଯେ କୁମୁଦ ତା'କୁ ହଇରାଣ କରୁଚି । ତେଣୁ ଏପରି ମନୋସ୍ଥିତିରେ ସେ ରାଗିପାରୁ ନ ଥିଲା ।

କିଛିଦିନପରେ ରାମଣ୍ଡା ଓ କୁମୁଦ ଦୁହେଁ ସରଳା ପାଖରେ ବସିଥିଲେ । ସରଳା କହିଲା," କୁମୁଦ, ଟିକେ କଫି କରିବୁ । କାହିଁକି କେଜାଣି ପାଟିଟା ଖରାପ ଲାଗୁଛି, କୁମୁଦ ଉଠି ରୋଷେଇ ଘରକୁ ଚାଲିଗଲା । ତା'ପରେ ସରଳା କହିଲା କବାଟଟା ବନ୍ଦ କରିଦିଅ । କୋଉ କବାଟ ? ବନ୍ଦ ହବ କାହିଁକି ? ରାମଣ୍ଡା କିଛି ବୁଝି ପାରିଲାନି ।

ସରଳା ପୁଣି କହିଲା, "କବାଟ ଦେଇ ଆସ । ତମ ସାଥିରେ କଥାବାର୍ତ୍ତା ଅଛି ।"

ରାମଣ୍ଡାର ଗୋଡ଼ ଚଳିଲାନି । ଯୋଉ କଥା ପାଇଁ ସେ ଡ଼ରୁଥିଲା । ଶେଷରେ ତାହାହିଁ ହେଲା । କୁମୁଦ ତା'ର ରାଗ ସୁଝଉଚି ।

"ମୁଁ କହିଲି କବାଟଟା ଆଉଜେଇ ଦେଇ ଆସ ।"

"ମୁଁ କହୁଥିଲି, ଅକାରଣେ କଥାବାର୍ତ୍ତା କରି ନିଜକୁ ଥକଉଚ କାହିଁକି ? କ'ଣ ଏମିତି କଥା ଅଛି କି ?" ଏତିକି କହି କବାଟ ଆଉଜେଇ ଦେଇ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ଅପରାଧୀପରି ଆସି ବସିଗଲା ।

"ହାତ ଦିଅ"

ରାମଣ୍ଡା ଯନ୍ତ୍ରପରି ହାତ ବଢେଇ ଦେଲା ।

"କିଛି ଖରାପ ଭାବିବନି ତ ?"

"କାହିଁକି ନିଜକୁ ଥକଉଚ ସରଳା ?

"ଥକ୍କା ?" ସରଳା ମୁହଁରେ ବୈରାଗ୍ୟର ଏକ କାନ୍ତି ଲାଖି ରହିଥିଲା । "ଏଣିକି ଆଉ ମୋ ଥକ୍କା କଥା ଚିନ୍ତା କରନି ।"

କେହି ପଛରୁ ଆସି ତଣ୍ଟିଚିପି ଧରିଲା ପରି ରାମଣ୍ଣାକୁ ଲାଗିଲା । ସେ ଭାବିଲା ଯେ ସେ ଦୁଷ୍ଟ, କ୍ରୁର, କୃତଘ୍ନ, କାମୁକ . . . . . . । ସେ ସବୁ ।

"କ'ଣ ମୁଁ କହିଲି ଯେ ତମକୁ ଖରାପ ଲାଗିଲା ? ମୁଁ ଆଉ କେତେ ଦିନ ଏମିତି ଛଟପଟ ହେବି ?"

ରାମଣ୍ଣା ଆଗରେ ଏକ ନୂଆ ସମସ୍ୟା ଆସି ଛିଡ଼ା ହେଲା । ସେ ପଚାରିଲା, "କ'ଣ କହିଲ?" ତା' ହାତ ଉପରେ ନିଜ ହାତ ବୁଲଉଁ ବୁଲଉଁ ସରଳା କହିଲା," ତମର ମନ ଟାଣ ବୋଲି ଭାବି କହୁଚି । ମୋ' ବେଳ ପାଖେଇ ଆସିଲାଣି ।"

କିଛି ଚିନ୍ତା ମନକୁ ଆସିବା ଆଗରୁ ରାମଣ୍ଣାର ଆଖି ଛଳ ଛଳ ହୋଇ ଉଠିଲା ।

"ଇଏ୍ କ'ଣ ? ଛୋଟ ପିଲାଙ୍କ ପରି କାନ୍ଦୁଚ? ଏଘରେ ମୁଁ ଯେତେ ଦିନ ରହିଲି, ବହୁତ୍ ସୁଖ ପାଇଚି । ମୁଁ ଚାଲିଗଲାପରେ ତମକୁ କଷ୍ଟ ହବା ଉଚିତ୍ ନୁହେଁ । ଏଇଥିପାଇଁ ବିନତି କରୁଚି । ତମେ ତ ପ୍ରଥମରୁ କାନ୍ଦିବା ଆରମ୍ଭ କରିଦେଲ । ରୁମାଲ ବୋଧେ କୋଟ୍‌ପକେଟରେ ଛାଡ଼ି ଆସିଥିବ । ନିଅ, ମୋ ' କାନିରେ ଲୁହ ପୋଛିଦିଅ ।"

ଏ ପରିସ୍ଥିତିରେ ବି ସରଳାର କଥା ଶୁଣି ରାମଣ୍ଣା ନ ହସି ରହିପାରିଲାନି । ମୁଣ୍ଡ ନୁଆଁଇ ଲୁହ ପୋଛିଲା ବେଳେ ସରଳା ତା' ମଥା ଉପରେ ହାତ ଥୋଇଥିଲା । କି ସ୍ପର୍ଶ ସିଏ ! ସେଇ ସ୍ପର୍ଶ ରାମଣ୍ଣାର ଅନ୍ତରରେ ଏକ ନବ ଚେତନା ଜାତ କରିଥିଲା । ସରଳାର ମୃତ୍ୟୁ ଯେ ଆସନ୍ନ ଏଥିରେ ତା'ର ସନ୍ଦେହ ନ ଥିଲା । ଲୁହ କିଛି ଝରିଯିବାରୁ ଦୁଃଖର ମାତ୍ରା ବି କମ୍ ହୋଇଗଲା ।

"ସରଳା ! ଆମେ କ'ଣ ତମକୁ ଏତେ ଖରାପ ଲାଗୁରୁ ? ବାରବାର ମରଣ କଥା ମୁହଁରେ ଧରୁଛ କାହିଁକି ?"

"ମୁହଁରେ ନ ଧରିଲେ ମରଣ କ'ଣ ଆସିବନି ? ପାଖେଇ ଆସିଲାଣି ବୋଲି କହୁଚି, ଶୁଣିବ ?"
"ମରଣ କଥା ଛାଡ଼ । ବାକି ଯାହା କହିବାର ଅଛି କୁହ ।"
ରାମଣ୍ଣାର ପାପୁଲିକି ନିଜ ପାପୁଲି ଭିତରେ ଥୋଇ ସରଳା ପ୍ରଶ୍ନ କଲା, "ଶୁଣିବ ?"
"ତମେ ମତେ ସନ୍ଦେହ କରୁଚ କାହିଁକି ?"

"କୋଉ ଦିନରୁ କହିଲିଣି । ତମେ ସେ ଆଡ଼କୁ ନଜର ଦେଲନି । ଆଉଥରେ କହିବାର ସୁଯୋଗ ପାଇବି କି ନାହିଁ କିଏ କହିପାରିବ ? ଏଥିପାଇଁ . . . . ।"

"କଥା କ'ଣ କୁହ"

"କେଉଁକଥା ସରଳା ? ତମେ ସେ ବିଷୟରେ ଏତେ ଚିନ୍ତିତ କାହିଁକି ? କ'ଣ ଚାହଁ, କୁହ।"

"ଆଉ କି କଥା, ସେଇ . . . . "

"କ'ଣ ? ଦ୍ୱିତୀୟ ବିବାହ ? ଓଃ !" ରାମଣ୍ଣା କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଚାରିଥିଲା।

"ହଁ, କୁମୁଦ ସହିତ ବିବାହ।"

"କ'ଣ ?" ରାମଣ୍ଣା ଖୋଲା ପିଠିରେ ଚାବୁକ୍ ପ୍ରହାର ଖାଇଲାପରି ଅନୁଭବ କଲା।

"ମୁଁ ଆଖି ବୁଜିବା ଆଗରୁ ଏତକ ହୋଇଗଲେ ଖୁସି ହୁଅନ୍ତି"

"କୁମୁଦ ସାଥିରେ ବିବାହ !"

"କିଛି ନ ଜାଣିଲା ଭଳି କଥାବାର୍ତ୍ତା କରନି, ମୁଁ କେତେଥର ଏକଥା ତମକୁ କହିଚି।"

"କୁମୁଦ ସାଥିରେ ?"

"ହଁ। ଥରେ ହେଲେ ତମେ ମୋ' କଥା ପୂରା ଶୁଣିଲିନି, କେତେଥର କହିବାକୁ ଚେଷ୍ଟା କରିଛି।"

ରାମଣ୍ଣା ଭାବିଲା, ଏବେ କଥା ବଢ଼େଇ କିଛି ଲାଭ ନାହିଁ, ମନା କରିଦେଲେ ସରଳା ଆଘାତ ପାଇବ। ଦିନକ ଭିତରେ ଚିନ୍ତା କରି କହିବ ବୋଲି କହି ଦେଲେ ଭଲହେବ। ଏହା ଭାବି ସେ ଠିକ୍ ସେହା ସରଳାକୁ କହିଲା।

"ପରେ କାହିଁକି ?"

"ସରଳା, ତମର ଏକଥା ମତେ କେତେ ଦୁଃଖ ଦେଇଚି ତମେ ବୁଝି ପାରିବନି। ଥଣ୍ଡାମନରେ ବିଚାର କରି କହିବି।" ନିରାଶାର ଏକ ଲମ୍ବା ନିଶ୍ୱାସ ଛାଡ଼ି ସରଳା କହଲା, "ତମେ କହିବାଯାଏଁ ମୁଁ ବଂଚିଥିବି କି ନାହିଁ କିଏ ଜାଣେ।"

"ତମେ ପାଗଳ ହୋଇଗଲଣି।"

ପ୍ରକୃତରେ ସେ ନିଜେ ଥିଲା ପାଗଳ। ଏ ଘଟଣାର ପରଦିନ ହିଁ ସରଳା କୌଣସି କଥା ନ ଦେଖି ସବୁଦିନ ପାଇଁ ଆଖି ବୁଜିଦେଇଥିଲା।

ଛବିକି ଚାହିଁ ବସି ବସି ରାମଣ୍ଣା ସେଇ ପୁରୁଣା ସ୍ମୃତିରେ ବୁଡ଼ିଗଲା। ତା'ଆଖିରୁ ଲୁହଧାର ଧାର ହୋଇ ବହି ଆସିଲା। ଆଖିଆଗରେ ଅନ୍ଧାର ଘୋଟିଯାଇ ଛବିଟି ଝାପ୍‌ସା ଦିଶିଲେ ବି ସେ ସେଇଆଡ଼କୁ ଅନେଇ ରହିଲା।

16

ମୁଣ୍ଡକୁ ଜୋରରେ ଚିପିଧରି ବସିଥିଲା କୁମୁଦ । କିଛି ସମୟପରେ ଗୋଟେ ଦୀର୍ଘଶ୍ୱାସ ଛାଡ଼ି ଉଠି ଠିଆ ହେଲା, ଭାବିଲା, ସେ କେତେ ନିର୍ଲଜ ହେଇଗଲାଣି ! ଅତି ନିର୍ଲଜ । ସେ ନିଜେ ଦିନେ ରାମଣ୍ଡାକୁ କହିଥିଲା, "ତମ ସହ ଦୈହିକ ସମ୍ପର୍କ ମୋ'ର ଅଭ୍ୟାସରେ ପରିଣତ ହେଇଗଲାଣି ।" କିନ୍ତୁ ଏସବୁ କଥା ଅନ୍ୟ ଜଣକୁ କହିବା ପାଇଁ ତା'ର କି ଅଧିକାର ଅଛି ? ରାମଣ୍ଡା ପ୍ରତି ଜୁଗୁପ୍ସା, ଅନିଚ୍ଛା ଓ ଅସହ୍ୟତାରେ ତା' ମନ ଭରିଥିଲେ ହେଁ ତା' ଦେହପାଇଁ ସେ ଗୋଟେ ଅଭ୍ୟାସ ହେଇ ଯାଇ ନାହିଁକି ? ତା'ର ସାନ୍ନିଧ୍ୟ ଇଚ୍ଛା ବିନା ସେ କ'ଣ ଦିନଟେ ବି କାଟିପାରିବ ? ମଲାବେଳେ ସରଳା ସବୁକଥା ପରିଷ୍କାର କରି ତାକୁ କହିଥିଲା । କିନ୍ତୁ ସେତେବେଳେ ସ୍ୱାମୀକି ବଂଚେଇବାଲାଗି ରାମଣ୍ଡା ତା'ସହ ବାହାଘରର ପ୍ରସ୍ତାବକୁ ସ୍ୱୀକାର କଲାନି କାହିଁକି ? କୁମୁଦର ଦେହ ତା'ର ସମ୍ପତ୍ତି ହେଇ ସାରିଚି ଜାଣି ସୁଦ୍ଧା ରାମଣ୍ଡା ନିଜ ସ୍ୱାମୀକି ଆହୁତି ଦବାଲାଗି ପ୍ରସ୍ତୁତି ହେଇଗଲା ପଛକେ କୁମୁଦକୁ ବାହାହବାକୁ ରାଜି ହେଲାନି । ଖାଲି ଏତିକି ନୁହେଁ ସେତେବେଳେ କୁମୁଦ ରାମଣ୍ଡାର ରକ୍ତକୁ ନିଜ ଗର୍ଭରେ ଧାରଣ କରିଥିଲା । କେତେ ଲାଜର କଥା ! ରାମଣ୍ଡା ଏକଥା କେମିତି ଜାଣିଲାନି ! ଏକଥା ସେ ବହୁଦିନ ଆଗରୁ ଜାଣିବା ଉଚିତ୍, ହେଲେ ଏଥିପ୍ରତି ତା'ର ଧ୍ୟାନ ନ ଥିଲା । କୁମୁଦ ପୁଣି ବିଛଣାରେ ବସିଲା । ପ୍ରତିକଥା ତା'କୁ ଆଘାତ ଦଉଥିଲା । ସେ ଆଘାତଟି ହଉଛି ଯେ ଘରେ ଛୁଆପିଲା ନ ଦେଖି ସରଳାଅପା ଚାଲିଗଲା, ଏଇନେ ଏସବୁ କାହା ସୁଖ ପାଇଁ ? ତା' ମୁହଁରେ ତିରସ୍କାର ଭରା ଏକ ହସ ଖେଳିଗଲା । ସାଂଗେ ସାଂଗେ ସେ ଖୁସି ମଧ୍ୟ ହେଲା, ଭାବିଲା, ଏ କଥା ରାମଣ୍ଡାକୁ କହି ଦିଆଯିବ ଉଚିତ୍, ଏବଂ ତା'କୁ ଶୁଣି ରାମଣ୍ଡା ଯୋଉ କଷ୍ଟ ପାଇବ ତାହା ଦେଖି ମନ ପୂରେଇ ହସିବା ଉଚିତ୍ ।

17

ରାମଣ୍ଡା ଲୁହ ପୋଛି ଉଠିଲା । ଭାବିଲା, ଆଉ ଏମିତି ଯାତନା ସେ ଭୋଗିବା ଉଚିତ୍ ନୁହେଁ । କାଲି ସବୁକଥା କୁମୁଦକୁ ସଫା ସଫା କହିଦବାକୁ ହବ । ଗୋଟେ କିଛି ଠିକଣା ନ କଲା ଯାକେ ତା'ର ଶାନ୍ତି ନାହିଁ, ଉଠୁଁ ଉଠୁଁ ହାତ ଘଡ଼ିକି ଚାହିଁଲା -- ସକାଳ ଚାରିଟା । ବହୁସମୟ ହେଲା ଏମିତି ବସିରହିଚି ବୋଲି ମନେ ପଡିବାରୁ ତା'କୁ କ୍ଲାନ୍ତ ଲାଗିଲା, ସେ ହାଇ ମାରିଲା, ବାହାରକୁ ଯାଉଁ ଯାଉଁ ପୁଣି ଥରେ ସେଇ ଛବିକି ଅନେଇଲା, "ସରଳା ! ତମକୁ ବଂଚେଇବା ଲାଗି ମୁଁ ତମ କଥା ମାନି ପାରିଥା'ନ୍ତି । କିନ୍ତୁ . . . . । ବର୍ତ୍ତମାନ ତା'କୁ ମାନି କିଛି ଲାଭ ନାହିଁ । ସେଇ କଥା ପାଇଁ ତମେ ଜୀବନ ଦେଇଦେଲ । ଏକଥା ମୁଁ କେବେ ଭୁଲି ପାରିବିନି କି ତମ ଆହୁତିର କାରଣ ଯିଏ ତା'କୁ ମୁଁ ଘରେ ରଖିପାରିବିନି । ମତେ ଏଥିପାଇଁ କ୍ଷମା କରିଦବ" । ମନେ ମନେ ପ୍ରାର୍ଥନା କଲା ରାମଣ୍ଡା ।

ଆଉ ଥରେ ବିବାହ ! ଛି !

ବିଚାରୀ ସରଳାର ଭାରି ଇଚ୍ଛା ଥିଲା । ଯେ ଏ ଘରେ ଛୁଆପିଲା ହୁଅନ୍ତୁ । କେବଳ ଏଇଥିପାଇଁ ମୋ'ର ବାହାହେବା କଥା ।

ରାମଣ୍ଡା ନିଜକୁ ସଂଯତ କଲା । କ'ଣ ଗୋଟେ ଭାବି ସେ ଜୀବନ ଫେରିପାଇଲା ପରି ବୋଧ କଲା, ଓ ଶାନ୍ତିରେ ନିଶ୍ୱାସ ମାରିଲା ।

ହଁ । ନ ହେଲେ ସେଇଟା ଗୋଟେ ଚିର ଅସମାହିତ ସମସ୍ୟା ହୋଇ ରହିଯାଇଥା'ନ୍ତା, ଏବେ ଆଉ କିଛି ଅସୁବିଧା ନାହିଁ ବୋଲି ସେ ଟିକେ ହସି ଧୀରେ ଧୀରେ ଚାଲିଗଲା । ଆଗଆଡ଼କୁ କୁମୁଦ ହସିହସି ଆସୁଥିଲା । ତା'କୁ ଦେଖି ରାମଣ୍ଡା ଶଙ୍କିଗଲା ଓ ହଠାତ୍ କହିପକାଇଲା, "ଲେଖୁଥିଲି ଯେ ଡ଼େରି ହୋଇଗଲା । ଏଇନେ ସରିଲା । କେତେଟା ବାଜିଲାଣି ?"

"ମୋ'ର ବି ଗୋଟେ ଖୁସିର ଖବର ତମକୁ ଦବାର ଅଛି । ତମେ ଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟ ରହିଲାନି । ସେଥିପାଇଁ ଚାଲିଆସିଲି ।"

"ଖୁସିର ଖବର ? ମୋ'ର ବି ଗୋଟେ କଥା କହିବାର ଥିଲା,"

ରାମଣ୍ଡାର କଥା ନ ଶୁଣିଲାପରି ଢଙ୍ଗିରେ କୁମୁଦ ଏକାଥରେ କହିଦେଲା,"ମୁଁ ମା' ହବାକୁ ଯାଉଛି ।"

"ଏଁ ?" ରାମଣ୍ଡାର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଗଲା ଯେମିତି । ଟିକେ ପରେ ନିଜକୁ ସଞ୍ଚିତ କରି ଅଭିନୟ କଲା, "ଆଚ୍ଛା ? ଇୟେ ତ ଖୁସିର କଥା ।" ତା'ପରେ ସେ ଚିନ୍ତା କଲା, ଏବେ ଏସବୁ କହିବାରେ ଲାଭ କ'ଣ ?

ରାମଣ୍ଡାର ଉତ୍ତର ଶୁଣି କୁମୁଦ ବିସ୍ମିତ ହୋଇଗଲା ଓ ନିଜକୁ ନିଜେ କହିଲା, "ଏ ଲୋକ ସବୁ କଥା ପାଇଁ ପ୍ରସ୍ତୁତ ।"

ରାମଣ୍ଡା ଟିକେ ସ୍ୱାଭାବିକ ହୋଇ ଆରମ୍ଭ କଲା "ମୁଁ ବର୍ତ୍ତମାନ ସରଳାର ଫଟୋ ଆଗରେ ପ୍ରତିଜ୍ଞା କରି ଆସିଚି ।"

ଏ କଥା ଶୁଣି କୁମୁଦ ଅଧୈର୍ଯ୍ୟ ହୋଇଉଠିଲା ଓ ସଙ୍ଗେ ସଙ୍ଗେ ପଚାରିଲା, "କି ପ୍ରତିଜ୍ଞା ? "

ରାମଣ୍ଡା ଅବିଚଳିତ ଭାବେ କହିଲା,"ସରଳାର ଅନ୍ତିମ ଇଚ୍ଛା ପୂର୍ଣ୍ଣ କରିବି ।"

"ଏଁ ?" କୁମୁଦ କାଠ ହୋଇ ରହିଗଲା । ମାତ୍ର ପରକ୍ଷଣରେ ନିଜର ଭାବନାକୁ ସଂଯତ କରି କହିଲା,"ନିଜର ଇଚ୍ଛା କେମିତି ପୂରଣ ହଉଚି, ତା' ଦେଖିବାର ଭାଗ୍ୟ ସରଳାଅପାର ନାହିଁ" ଏବଂ ମୁହଁ ତଳକୁ କଲା ।

ତା'ପରେ ଦି'ମାସ ଭିତରେ ରାମଣ୍ଡା ଓ କୁମୁଦଙ୍କର ବାହାଘର ହୋଇଗଲା । ଲୋକେ ସେମାନଙ୍କ ନିଷ୍ଠାର ପ୍ରଶଂସା କଲେ ଯେ କୁମୁଦ ନିଜ ଭଉଣୀର କଥା ରଖିଲା । ଆଉ ରାମଣ୍ଡା ବି ସ୍ତ୍ରୀର ଶେଷ ଇଚ୍ଛା ପୂରଣ କଲା । କିନ୍ତୁ କେହି କହିଲେନି - ସ୍ୱାମୀ ସ୍ତ୍ରୀ ରୁହନ୍ତୁ, ଦୀର୍ଘାୟୁ ହୁଅନ୍ତୁ, ଘର ଛୁଆପିଲାରେ ଭରିଯାଉ ।

ଅନନ୍ତ

କାମ ଅନାଦି, ତା'ର ଅନ୍ତନାହିଁ ।

ପ୍ରେମ ଅନନ୍ତ, ତା'ର ଆଦି ଅଜ୍ଞାତ ।

ଅନାଦି-ଅନନ୍ତ ହଉଚି କାମ, ଅନନ୍ତ ଅନାଦି ହଉଚି ପ୍ରେମ ।

ଏଥିପାଇଁ କାମର ଅର୍ଥ ପ୍ରେ . . . . . ।

ରାମଣ୍ଡା ନିଜକୁ ସଂଯତ କଲା । କେଉଁ ବିଷୟରେ ସିଏ ଭାବୁଚି? ମୁହଁ ଉଠେଇ ଆଗକୁ ସିଏ ଚାହିଁଲା । ଝର୍କାଦେଇ ବାହାରକୁ ଚାହିଁଲାବେଳେ ବାହାରର ନଗର ଓ ଜନ ସମୂହ, ଯାହା ହେଉଚି ଜୀବନର ଏକ ଅଶ୍ଚ, ସମାଜର ଏକ ପ୍ରତୀକ, ସେଥିରୁ ଗୋଟିଏ ବି ଦିଶିଲାନି କାହିଁକି ? ଶୂନ୍ୟ ମନରେ ଝର୍କାବାଟେ ବାହାରକୁ ଅନେଇଥିବା ବେଳେ ତା' ମନ କାମ ଓ ପ୍ରେମ ପ୍ରଭୃତି କ'ଣ କ'ଣ ସବୁ ଭାବି ଚାଲିଥିଲା ତା'ର ଠିକ୍ ଠିକଣା ନାହିଁ । ଅର୍ଥାତ ସେ ଶୂନ୍ୟମନସ୍କ ନ ଥିଲା । ନିଜ ମନ ତା'କୁ ଶୂନ୍ୟ ଲାଗୁଥିଲେ ହେଁ ତା' ଅଜାଣତରେ ମନ ତା'ଠୁ ବେଶି ଜାଗ୍ରତ ଥିଲା । ଏହାର ଅର୍ଥହେଲା ରାମଣ୍ଡା ଅଲଗା ଓ ତା' ମନ ଅଲଗା । ଟିକେ ହସି ରାମଣ୍ଡା ନିଜକୁ ଧିକ୍କାର କରି ଦୀର୍ଘଶ୍ୱାସ ଛାଡ଼ି ଝର୍କା ପାଖରୁ ଚାଲିଗଲା । କାମ ! ପ୍ରେମ ! ତା' ମନ ! ଏସବୁ ଲମ୍ବା ଚଉଡ଼ା ଚିନ୍ତା କାହିଁକି ? ଘଣ୍ଟାକ ପରେ ସେ ସଭାକୁ ଯିବ । ତାକୁ ସମ୍ମାନର ସହ ନେଇଯିବାପାଇଁ ନିଜେ ସଂଚାଳକ ଆସିବେ । ସମୟ କାଟିବା ପାଇଁ ତାଙ୍କରି ପ୍ରତୀକ୍ଷାରେ ରାମଣ୍ଡା ଝର୍କାପାଖରେ ଆସି ଛିଡ଼ା ହୋଇଥିଲା । ତା'ପରେ ଏଇ ବଡ଼ ବଡ଼ ଚିନ୍ତାସବୁ ତା' ମନକୁ କାବୁ କରିନେଇଥିଲେ । ସେ ଯାହାହଉନା କାହିଁକି ମଣିଷ ସବୁବେଳେ କିଛି ନା କିଛି ଭାବି ଚାଲିଥାଏ । ନ ହେଲେ ତା'ର ମନ କୌଣସି ଏକ ସ୍ମୃତିର ରୋମନ୍ଥନ କରିବାକୁ ଲାଗେ ।

ରାମଣ୍ଡା ହାତ ଘଡ଼ିକୁ ଚାହିଁଲା ।

ଏ ଘଡ଼ିଟି କିଣାହବାର କେତେବର୍ଷ ହୋଇଗଲା ? ହଁ ? କୁମୁଦ ସାଥିରେ ବାହାଘର ବେଳେ ସେତେବେଳେ ଏ ଘଡ଼ିଟି କିଣିଥିଲା । ରାମଣ୍ଡା ତା' ଭାବନାର ଲଗାମ୍ ଭିଡ଼ିଲା । କୁମୁଦ ମଧ୍ୟ ତା' ସହ ସଭାକୁ ଯିବ । ସେ ପ୍ରସ୍ତୁତ ହେଲାଣିକି ନାହିଁ ? ରାମଣ୍ଡା ତାକୁ ଦେଖିବାକୁ ଚାହୁଁଥିଲା । କିନ୍ତୁ କାଳେ ସେ ପ୍ରସ୍ତୁତ ହୋଇ ବସିଥିବ, ଏହାଭାବି ତାକୁ ଡ଼ର ଲାଗିଲା । ପ୍ରସ୍ତୁତ ହୋଇନଥିଲେ ସଭାକୁ ଯିବାରେ ବିଳମ୍ବ ହେବନାହିଁ ? କିମ୍ବା କିଛି ନା କିଛି ବାହାନାକରି ସେ ଯଦି ନ ଯାଏ ! 'ସେ ନଯାଉ' ବୋଲି ରାମଣ୍ଡାର ମନ ଚାହୁଁଥିଲା ଏବଂ ମନରେ ଭାବନା ପାଇଁ ସେ ନିଜକୁ ଧିକ୍କାର କଲା । ଛଳନା କରିବାର ଆବଶ୍ୟକତା କ'ଣ ? ମୋହନ ଏବେ ଖେଳରୁ ଫେରିଲାଣି କି ନାହିଁ ?

ପୁଅ ମୋହନ ଆସିଲାଣି କି ନାହିଁ ଦେଖିବା ଲାଗି ରାମଣ୍ଡା ପୁଣିଥରେ ଝର୍କା ପାଖକୁ ଗଲା ।

ମୋହନ କାହିଁକି ଚରଚର ହବ ? ସଭା ସମିତି ଲାଗି ତା'ର ପରୁଆ କ'ଣ ? ଏହା ଭାବି ରାମଣ୍ଡା ପୁଣିଥରେ ନିଜକୁ ସଂଯତ କଲା । କିନ୍ତୁ ତା'ମନଟା ସେମିତି ଗୋଳେଇ ଘାଣ୍ଟି ହଉଥିଲା । ଘଣ୍ଟାକ ଆଗରୁ ସେ ତିଆର ହୋଇ ବସିଚି । ମାତ୍ର ଏ ସଭା, ଏ ସମ୍ମାନ, ଏ ଗୌରବ,ଏ ମାନପତ୍ର, ଏ ସବୁରୁ ସେ ଜମା ଆନନ୍ଦ ପାଉନି, ଦିନ ଥିଲା ଯେତେବେଳେ ଭାଷଣର ନିମନ୍ତ୍ରଣ ପାଇଲେ ସେ ଉତ୍ସାହିତ ହୋଇଉଠୁଥିଲା, ଦିନେ ଲେଖା ପ୍ରକାଶ କରେଇବାଲାଗି ସେ ହାତରୁ ପଇସା ଖର୍ଚ୍ଚ କରିବା ବିଷୟରେ ଆଗପଛ କିଛି ଭାବୁ ନ ଥିଲା, ଏବଂ କ୍ରାନ୍ତିକାରୀ କୃତିଗୁଡ଼ିକୁ ଆଲୋଚକମାନେ ଯତ୍ନର ସହ ଅଧ୍ୟୟନ କରନ୍ତୁ, ଏଥିପ୍ରତି ସେ ଦୃଷ୍ଟି ଦଉଥିଲା । ସଭାସମିତିରେ ପରିଚୟ ଦିଆଗଲାବେଳେ ସେ ଉତ୍ଫୁଲ୍ଲ ହଉଥିଲା । ମାଳା ପିନ୍ଧେଇ ଦେଲାବେଳେ ତା' ଛାତି ଆନନ୍ଦରେ ଫୁଲି ଉଠୁଥିଲା । କିନ୍ତୁ ସେତେବେଳେ ଜନତା ତା'ପ୍ରତି ଧ୍ୟାନ ଦେଇ ନ ଥିଲା । ବର୍ତ୍ତମାନ ?, "ହଁ, ଏବେ ମୋ' କ୍ଷେତ୍ରରେ ଠିକ୍ ତାହା ହିଁ ଘଟିଛି । ଦାନ୍ତ ଥିଲାବେଳେ ବୁଟ ନ ଥିଲା । ବୁଟ ଥିଲାବେଳେ ଦାନ୍ତ ନାହିଁ ।" ଏଇ କ'ଣ ଜୀବନର ନିର୍ଯ୍ୟାସ ? ଯିଏ ଯାହା ଚାହେଁ, ତା'କୁ ତାହା ମିଳିଗଲେ ଜୀବନ ନିରସ ହୋଇଯାଏ । ବୋଧେ ଏଇଥିପାଇଁ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ବୈବାହିକ ଜୀବନ ପ୍ରକୃତ ବୟସ ବିତିଗଲାପରେ ଆରମ୍ଭ ହୋଇଥିଲା । ଆଜିର ସଭାରେ ସେ ଏଇବିଷୟରେ ତ କହିପାରେ !

ଏଇ ଭାବନା ସବୁକୁ ରୋମନ୍ଥନ କରୁଁ କରୁଁ ରାମଣ୍ଡା ଚୌକିରେ ଯାଇ ବସିଲା । ପ୍ରକୃତରେ କେବଳ ପିଲାଟି ପାଇଁ ଦୁଷ୍ମନ୍ତ ଓ ଶକୁନ୍ତଳା ମିଳିତ ହେଲେ । 'ସନ୍ତାନ ହିଁ ସ୍ୱାମୀ-ସ୍ତ୍ରୀଙ୍କୁ ମିଳିତ କରେଇବାର ସୂତ୍ର' ବୋଲି କହିଥିବା ଭବଭୂତି ପିଲା,* ରାମ ଓ ସୀତାଙ୍କ ବିଚ୍ଛେଦର ଚିତ୍ରଣ କରିଚନ୍ତି । ବାସ୍ତବିକ ଏହା ଏକ ମହତ୍ତ୍ୱପୂର୍ଣ୍ଣ ବିଚାର ଏହା ଭାବୁ ଭାବୁ ରାମଣ୍ଡା ଉଠିଯାଇ ମୋହନ ଆସିଲାଣି କି ନାହିଁ ଦେଖିଲା । ସେତେବେଳେ ରାମଣ୍ଡା ହୃଦୟରେ ଏକ ଅଜଣା ଆତୁରତା ଓ ଆକୁଳତା ଭରି ରହିଥିଲା । ଆତୁରତାର କାରଣ ହଉଚି ଯେ ସନ୍ଧ୍ୟା ହୋଇ ଯାଇଥିଲେ ହେଁ ମୋହନ ଫେରି ନ ଥିଲା । ଅନ୍ୟପକ୍ଷରେ ଖେଳର ଆନନ୍ଦ ହେତୁ ଆଖିରେ ଅଶେଷ ଦୀପ୍ତି ନେଇ ଫେରୁଥିବା ପୁଅକୁ ଦେଖିବାକୁ ମନ ଆକୁଳ ହଉଥିଲା । ଟିକେ ନିରେଖି ଦେଖିବାରୁ କେହି ଜଣେ ଆସିଲା ପରି ଜଣାପଡ଼ିଲା । ତାହା କାହାର ଛବି ସେ କଥା ରାମଣ୍ଡା ଜାଣିଥିଲା । ମୋହନ ତା'ର ପୁଅ, ତା'ର ଔରସରୁ ଓ କୁମୁଦର ଗର୍ଭରୁ ଜନ୍ମ ନେଇଥିବା ପୁଅ । ହେଲେ ମୋହନକୁ ଦେଖିଲେ ସରଳାର ଛବି ତା' ଆଗରେ ନାଚି ଯାଉଥିଲା ।

ଆଜିକି ଦଶ ବର୍ଷ ବିତିଗଲାଣି । ଏସବୁ ରାମଣ୍ଡାକୁ ରହସ୍ୟାତ୍ମକ ବୋଧ ହେଲା । ସରଳା ତା'ର ପ୍ରଥମ ପତ୍ନୀ । ମାତ୍ର ତା'ର ସ୍ୱାସ୍ଥ୍ୟ ତା'କୁ ମା' ହବାକୁ ଦେଲାନି । ତା'ପରେ ରାମଣ୍ଡା କୁମୁଦକୁ ବାହାହେଲା ସତ, କିନ୍ତୁ ତା'ଠୁ ଜନ୍ମ ହୋଇଥିବା ପୁଅର ଆଖିଦି'ଟି ଅବିକଳ ସରଳାପରି । ଏଇଥିପାଇଁ ରାମଣ୍ଡା କେତେଥର ପୁରୁଣା ସ୍ମୃତିର ଭୟରେ ମୋହନକୁ ଦେଖି ହତବମ୍ଭ ହୋଇଯାଇଥିଲା ।

୨

ସରଳା କହିଥିଲା, "ଘରେ ପିଲାଛୁଆ ଥିଲେ ଭଲ ।"

ରାମଣ୍ଣା ଜାଣିଥିଲା ଯେ ସେ ଏକଥାକୁ କେବେ ଭୁଲିପାରିବନି । ସେ ଆହୁରି କହିଥିଲା, "ପିଲାନଥିଲେ ଘର ଖାଲି ଖାଲି ଲାଗେ ।"

ତା'ର ଉତ୍ତରରେ ରାମଣ୍ଣା କହିଥିଲା, "ପିଲା ଜନ୍ମ କରିବାଲାଗି ସୁସ୍ଥସବଳ ସ୍ତ୍ରୀ ଦରକାର । ଏଥିପାଇଁ ମୁଁ ସ୍ତ୍ରୀର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦଉଚି ।"

"ବିଛଣାରେ ପଡ଼ି ମୁଁ ଆଜି ନା କାଲି ଦିନ ଗଣୁଚି, ମୋ' ଉପରେ ଧ୍ୟାନ ଦେଇ କ'ଣ ପାଇବ?"
"ମୋ' ସ୍ତ୍ରୀ କେମିତି ରହିବା ଉଚିତ୍, ଏହା ଦେଖିବା ମୋ'ର କାମ ।"
"ମୋ' ପରି ସ୍ତ୍ରୀ ରହିଲେ ଖାଲି ନାଁ କୁ ମାତ୍ର ସ୍ତ୍ରୀ ହବ ସିନା ।"

"ତମେ ପାଗଳୀ ହେଇଗଲଣି ସରଳା । ଦି' ଚାରିଦିନ ବିଛଣାରେ ପଡ଼ିଯାଇ ତମେ ଆଉ ଭଲ ହବନି ବୋଲି ଧରିନେଲ ?"

"ଅକାରଣେ ଆଉ ତମେ ଆଶା ରଖନି । ଏଇଥିପାଇଁ କହୁଚି ମୁଁ ଆଖି ବୁଜିବା ଆଗରୁ ତମେ ଆଉଥରେ ବାହା ହେଇଯାଅ । ମୁଁ ଘର, ଛୁଆ ପିଲା ଆଉ ସବୁ ପ୍ରକାର ସୁଖ ଦେଖିବାକୁ ଚାହୁଁଚି ।"

"ଓହୋ । ତମ ସ୍ୱାମୀ କ'ଣ ଏତେ ସୁନ୍ଦର ଯେ ଝିଅମାନେ ତା'କୁ ପସନ୍ଦ କରିବେ ? ତମକୁ ଏଠି ଛାଡ଼ି ମୁଁ କନ୍ୟା ଅନ୍ୱେଷଣରେ ବାହାରି ଯିବି କି ?"

"କାହାରିକି ପସନ୍ଦ କରିବା ଦରକାର ନାହିଁ କି ଅନ୍ୱେଷଣ କରିବା ଦରକାର ନାହିଁ । ଆମ କୁମୁଦ ଅଛି ।"
"ବିଚାରି ! ଝିଅଟା ଖାଲି ହଇରାଣ ହବ !"

"ସେମିତି ବାଜେ କଥା କୁହନି । ସେ ଅଠର ବର୍ଷର ହେଲାଣି । ତମ ଉପରେ ଆଉ ତମ ବହିଉପରେ ତା'ର କେତେ ଅଭିମାନ ତମେ ଜାଣିଚ ?"

"ତା' ହେଲେ ତମେ କହୁଚ ଯେ ମୋ'ର ତମ କଥା ମାନିନବା ଉଚିତ୍ ।" ଏହା କହି ରାମଣ୍ଣା ହସି ଉଠିଥିଲା । ସରଳା ଚାଲିଗଲା । କୁମୁଦକୁ ସେ ବାହା ହେଇଗଲା । ପୁଅଟିଏ ବି ହେଲା କିନ୍ତୁ ସେ ସବୁ ଦେଖିବାଲାଗି ସରଳା ରହିଲାନି . . . . ।

ରାମଣ୍ଣା ସାମ୍ନା କାନ୍ଥକୁ ଅନେଇଲା । ସରଳା ଛବି ଦୋହଲୁଥିଲା । ସେ ସେଇ ଆଡ଼କୁ ଅପଲକ ନୟନରେ ଚାହିଁରହିଲା । ତା'ପରେ ଏକଦମ୍ ସିଧା ହୋଇବି ବସିଲା । ଯେମିତି କି କିଛି ଗୋଟେ ସିଦ୍ଧାନ୍ତରେ ପହଞ୍ଚି ଯାଇଚି ।

ସରଳା ବଞ୍ଚିଚି । ନିଜର ସ୍ୱାମୀକି ଦେଖୁଚି । ବୋଧେ ଏଇଥିପାଇଁ ମୋହନର ଆଖି ଦି'ଟି ପୁରାପୁରି ସରଳାଭଳି । ସ୍ୱାମୀକି ଦେଖିବାର ଜିଦ୍‌କରି ସରଳାର ଆଖି ତା' ଦେହ ସାଥିରେ ନଷ୍ଟ ହୋଇଯାଇନି, ବଂଚି ରହିଚି, ନିଜର ଜୀବନ ଧନକୁ ଦେଖୁଚି । ଆଜି ରାମଣ୍ଣାକୁ ଯୋଉ ସାର୍ବଜନୀନ ସମ୍ମାନ ମିଳିବାକୁ ଯାଉଚି, ସେଥିରେ ସରଳାର ଆଖି ଉଲ୍ଲାସରେ ଉଜ୍ଜ୍ୱଳ ହୋଇଉଠିବ ---- ଏହା ଭାବି ରାମଣ୍ଣା ଡ଼ରିଗଲା । ତା' ଦେହ ଶିହରି ଉଠିଲା । ଏଇ ଦଶବର୍ଷ ଭିତରେ ତା'ର ସବୁ କାର୍ଯ୍ୟ କଳାପ ସେ ଆଖି ଦି'ଟି ଦେଖିଥିବ ତ !

"ହେସ୍" – ବାହାରୁ ଉଡ଼ିଆସି ସରଳାର ଫଟୋ ଉପରେ ବସିଥିବା ଚଢେଇକି ଉଡ଼େଇଦେବା ଉଦ୍ଦେଶ୍ୟରେ ରାମଣ୍ଣା କହିଲା ।

ପୁଣିଥରେ ସେ ରାଗିଯାଇ କହିଲା । "ହେସ୍ ।"

ଚଢେଇଟି ଉଡ଼ିଗଲା । ରାମଣ୍ଣା ମନର କାଳ୍ପନିକ ଚିତ୍ରଟି ବି ହଜିଗଲା । ଏକ ବିପଦରୁ ମୁକ୍ତି ପାଇଲା ପରି ରାମଣ୍ଣା ଚୌକିରୁ ଉଠିଲା ଏବଂ ଲମ୍ବା ଲମ୍ବା ପାଦ ପକେଇ ଝର୍କା ପାଖକୁ ଗଲା, ଏବଂ ଖୋଲା ପବନ ପାଇଁ ପାଟିମେଲେଇ ଠିଆହେଲା ଯେମିତିକି ଅଣ ନିଶ୍ୱାସୀ ହୋଇ ଯାଇଚି । ତା'ପରେ ସେ ହାତ ଘଡ଼ି ଦେଖିଲା । ତା'କୁ ଡ଼ାକିବାପାଇଁ ସଂଚାଳକ ଆହୁରି ପଞ୍ଚାବନ ମିନିଟ୍ ପରେ ଆସିବେ ।

୩

ଘଡ଼ି ଦେଖି କୁମୁଦ କହିଲା । "ଏବେ ବି ପଞ୍ଚାବନ ମିନିଟ୍ ବାକି ଅଛି । ଘଣ୍ଟାଏ କୁହାଯାଇପାରେ । ସେ ପୁଣି ଥରେ ଘଡ଼ି ଦେଖି ଗୋଟେ ଦୀର୍ଘଶ୍ୱାସ ନେଲା ।

ଦଶବର୍ଷ ହୋଇଗଲା ସେ ଏମିତି ଘଡ଼ି ଦେଖି ଆସିଚି, ଏମିତି କଥା କହି ଆସିଚି । ଛାଡ଼ । ପୁରୁଣା ଚିନ୍ତା କାହିଁକି ? ମୋହନକୁ ଶୀଘ୍ର ଆସିବାକୁ କହିଥିଲି । ସେ ଏଯାଏଁ ଆସିଲାନି କାହିଁକି ? ଏହା ଭାବୁଁ ଭାବୁଁ କାମ କ'ଣ ବାକି ଅଛି ସେ ଦେଖିଲା । କାମ ବି କିଛି ବାକି ନାହିଁ । ଯାହା କିଛି ଏଣୁ ତେଣୁ କାମ ଥିଲା, ତା'କୁ କରିବାକୁ ଲାଗିଲା ।

ମାତ୍ର ଦଶ ବର୍ଷ ହୋଇଚି । କିନ୍ତୁ ଲାଗୁଚି ଯେମିତି ଗୋଟେ ଜନ୍ମ ବିତିଗଲାଣି ! ତେବେ ସୁଦ୍ଧା ସବୁ ଏବେ

ଆଖିଆଗରେ ଘଟିଯାଇଥିଲାପରି ମନେ ହଉଚି ।

ସେଦିନ ମୋହନର ପ୍ରଥମ ଜନ୍ମଦିନ ପାଳିତ ହଉଥାଏ । ଜନ୍ମଦିନ ହୋଇଥିଲେ ବି ସେଇଟା କୌଣସି ଉତ୍ସବର ଦିନ ପରି ଲାଗିଲାନି । ବିବାହ ପୂର୍ବରୁ ସେ ତା'କୁ ଗର୍ଭରେ ଧାରଣ କରିଥିଲା ବେଳେ ସେଇ ପିଲାପାଇଁ ରାମଣ୍ଡା ତା'କୁ ବିବାହ କରିଥିଲା । ଗର୍ଭରେ ପିଲା ନ ଥିଲେ ତା'ର ବାହାଘର ହୋଇ ନ ଥା'ନ୍ତା । ସେ ଅନ୍ୟର ଦୟାତଳେ ଚିପି ହୋଇ ଯାଇ ନ ଥା'ନ୍ତା । ଏବେ ସେଇ ପିଲାପାଇଁ ତା' ର ଏ ଦୁର୍ଦ୍ଦଶା । ବର୍ଷକର ପିଲାପାଇଁ ମା' କ୍ଷୀରର ଆବଶ୍ୟକତା ନାହିଁ । ଏଇଟା ତାଙ୍କ ବାସନାର ଖେଳ । ସେ ହିଁ ଭୋଗିବା ଉଚିତ୍ । ଏହା ଭାବି ସେ ପିଲାକୁ ଛାଡ଼ି କାହାରିକି କିଛି ନ କହି ପଳେଇ ଯିବାପାଇଁ ପ୍ରସ୍ତୁତ ହୋଇ ରହିଥିଲା । ସନ୍ଧ୍ୟାବେଳେ ଚାଲିଗଲେ ଭଲ ବୋଲି ସେ ସକାଳୁ ସ୍ଥିର କରି ନେଇଥିଲା । କିନ୍ତୁ ରାମଣ୍ଡା ଯେତେବେଳେ ତା' କୋଠରୀକି ଆସିଲା, ତା' ରୋମମୂଳ ଟାଙ୍କୁରି ଉଠିଲା, ସେ ଭୟଭୀତ ହୋଇଗଲା । ସେ ଡ଼ରୁଥିଲା କାଳେ ତା'ର ସବୁ ଯୋଜନା ପାଣି ଫାଟିଯିବ । ରାମଣ୍ଡା ଏତେବେଳେ କାହିଁକି ଆସିଚି ? ଏହା ଚିନ୍ତାକରି ତା'କୁ ଡ଼ର ଲାଗିଲା । ପୁରୁଣା ସ୍ମୃତି ସବୁ ତା'ର ମନେ ପଡ଼ିଲା । ରାମଣ୍ଡା ପୁରୁଷ । ସେ ତା'କୁ ବିଧି ଅନୁସାରେ ବିବାହ କରିଛି, ସେ ସ୍ୱାମୀ । ବର୍ତ୍ତମାନ ବିଛଣାରେ ପଡ଼ିଥିବା ରୋଗିଣୀ ସ୍ତ୍ରୀର ଡ଼ର ନାହିଁ -- ଏଇ ସାହସରେ ସେ ନିଜର ଅଧିକାର ଜାହିର କରିବା ଲାଗି ଆସିଥିବ । ଏକଥା ମନକୁ ଆସିବା ମାତ୍ରେ ସେ ଘୃଣାପୂର୍ଣ୍ଣ ଆଖିରେ ରାମଣ୍ଡାଆଡ଼କୁ ଚାହିଁଲା, ସେ ଭାବିଲା, ଏଘରେ ତା'ର ରହିବାର, ତା'ର ଅସ୍ତିତ୍ୱ କାରଣ ହଉଚି ସେ । ସେ ତା' ପିଲାର ମାଆ । କିନ୍ତୁ ରାମଣ୍ଡା ଏସବୁ ଭୁଲି ତା'କୁ କେବଳ ଭୋଗର ବସ୍ତୁ ବୋଲି ଭାବି ଏ ଆଡ଼କୁ ଆସିଚି ।

"କୁମୁଦ !"

ଏ ସ୍ୱର ସାଥିରେ ତା'ର ପରିଚୟ ଅନେକ ଦିନର । କେତେଥର ସେ ଏଇ ସ୍ୱର ଦ୍ୱାରା ସମ୍ବୋଧିତ ହୋଇ ନିଜକୁ ଭୁଲିଯାଇଚି । ଏ ସ୍ୱର କ'ଣ ଚାହୁଁଚି ସେ ଜାଣେ, ଭଲକି ଜାଣେ ।

"କୁମୁଦ, ଆଜି ମୋହନର ଜନ୍ମଦିନ ।"

କୁମୁଦ ତା'ଆଡ଼କୁ ନିରେଖି ଚାହିଁଲା, ତା'ପରେ ଭାବିଲା, ହଁ ମୁଁ ପାଗଳ, ସ୍ୱାଙ୍କୁ ମୋ'ର ପରୁଆ ନାହିଁ, ଉଦ୍ୟେ ମୋହନ ପାଇଁ ଆସିଚନ୍ତି । ଏବେ ଆଉ ସ୍ୱାଙ୍କପାଇଁ ମୋ'ର ଆବଶ୍ୟକତା ନାହିଁ । ମତେ ଭୁଲେଇ ବଶ କରିବା ପର୍ଯ୍ୟନ୍ତ ମୋ' ସାଥିରେ ତାଙ୍କର ସମ୍ପର୍କ ଥିଲା । ରାଗକୁ ଦମନ କରିବାଲାଗି କୁମୁଦ ଜିଭ କାମୁଡ଼ିଲା ।

ହେଲେ ସେ କ'ଣ ରାଗରେ ଏମିତି କରିଥିଲା ? ନିଜକୁ ପ୍ରଶ୍ନକଲା କୁମୁଦ । ତା'କୁ ରାଗ ଲାଗିଲା । ରାମଣ୍ଡା ଉପରେ ରାଗରେ ସେ ଗରମ ପାଣିପରି ଫୁଟୁଥିଲା । ସେଇ କଥାକୁ ସେ ବାରବାର ମନେ ପକଉଥିଲା । କିନ୍ତୁ ଥରେ ବିଶେଷ କରି ସ୍ୱପ୍ନରେ ତା'ର ସ୍ମୃତି ଆସିବାପରେ ସେ ଅନ୍ୟପ୍ରକାର ଅନୁଭବ କଲା । ରାମଣ୍ଡା ପାଖକୁ ଆସିବାରୁ ସେ ହଡ଼ବଡ଼େଇ ଗଲା, ରାମଣ୍ଡାପ୍ରତି ତା'ମନରେ ଥିବା ଦ୍ୱେଷ କୁଆଡ଼େ ଉଭେଇଗଲା, ଏବଂ ତା'କୁ ନିବିଡ଼ଭାବେ ଆଲିଙ୍ଗନ କରିବାକୁ ତା'ର ଭାରି ଇଚ୍ଛା ହଉଥିଲା । ଏକଥାକୁ ନିଜ ଭିତରେ କବର ଦବା ଉଦ୍ଦେଶ୍ୟରେ ସେ ଓଠକୁ କାମୁଡ଼ି ଖଣ୍ଡିଆ କରିଦେଇଥିଲା ।

ଏହା ହିଁ ଥିଲା କୁମୁଦର ଛଟ ପଟ ହବାର କାରଣ । ସେଇ ଦିନ ସେ ଉପଲବ୍ଧି କରିଥିଲା ଯେ ରାମଣ୍ଣା ପ୍ରତି ଉଦାସୀନ ହବାକୁ ଚେଷ୍ଟା କଲାବେଳେ ବି ତା' ସହ ମିଳନ ପାଇଁ ତା' ମନ ବ୍ୟାକୁଳ ହଉଥିଲା ।

"ଆଜି ମୋହନର ଜନ୍ମଦିନ । ତେଣୁ ତମପାଇଁ ଏଇ ହାତଘଡ଼ି ---" ରାମଣ୍ଣା ଏତକ କହିଲାବେଳକୁ କୁମୁଦର ବିଚାର ବୁଦ୍ଧି ଲୋପ ହୋଇ ଯାଇଥିଲା । ସେ ମୁହଁ ତଳକୁ କରି ବସିଥିଲା ବେଳେ ରାମଣ୍ଣା ତା'ହାତରେ ଘଡ଼ି ବାନ୍ଧି ଦେଇଥିଲା ।

"ଇଏ ସେଇ ଘଡ଼ି " କହି ସେ ପୁଣି ଘଡ଼ିକି ଅନେଇଲା," ଏବେ ବି ପ୍ରାୟ ଘଣ୍ଟାଏ ଅଛି ।" ଗୋଟେ ଦୀର୍ଘଶ୍ୱାସ ନେଇ ସେ ଅଇନା ଆଗରେ ବସି ପଡ଼ିଲା । ମୁହଁରେ ତା'ର ହସ ଖେଳିଗଲା । ନିଜର ପ୍ରତିଛବିକି ଚାହିଁ ସେ ଭାବିଲା । ମୁଁ କେଡ଼େ ନିର୍ଲଜ ? ଆଉ ଘଣ୍ଟାକ ପରେ ସେ ରାମଣ୍ଣା ସାଥିରେ ସଭାକୁ ଯିବ । ଏଇଥିପାଇଁ ସେ ଏମିତି ସଜବାଜ ହୋଇଚି ଏବଂ ଖାଲି ଏଇ କାରଣରୁ ସେ ମୋହନକୁ ଶୀଘ୍ର ଆସିବାକୁ କହିଥିଲା । ହେଲେ ସେ ଆସିଲାନି କାହିଁକି ? ଏହା ଭବି କୁମୁଦ ଦାଣ୍ଡ କବାଟ ଆଡ଼କୁ ଚାହିଁଲା । ବାହାରେ ଗୋଟେ ଚଢ଼େଇ ବି ନ ଥିଲା । ଭିତରେ ମଧ୍ୟ କାହାରି ଚିହ୍ନବର୍ଣ୍ଣ ନାହିଁ ଦେଖି ସେ ଦୀର୍ଘଶ୍ୱାସ ଛାଡ଼ି କବାଟ କିଳି ଅଇନା ଆଗରେ ବସିପଡ଼ିଲା ।

ଆଜି ସେ ରାମଣ୍ଣାର ସ୍ତ୍ରୀ । ସେଦିନ ମତିଭ୍ରମ ହେତୁ ସେ ରାମଣ୍ଣାକୁ ଛାଡ଼ି ଚାଲିଯାଇଥିଲା । ଯେତେବେଳେ ରାମଣ୍ଣା ହାତଘଡ଼ିଟି ଦେଲା, ତା' ପରଠୁ ତା'ର ନିଜଉପରେ ବିଶ୍ୱାସ ରହିଲାନି । ରାମଣ୍ଣା କୋଠରୀରୁ ବାହାରିଗଲାପରେ ସେ ଶୋଇଥିବା ପିଲାଟିକି ଯେତେବେଳେ ଛାତିଉପରକୁ ଭିଡ଼ିନେଲା, ତା'କୁ ଲାଗିଲା ଏ ପର୍ଯ୍ୟନ୍ତ ତା'ମନରେ ରାମଣ୍ଣା ପ୍ରତି ପ୍ରେମ ରହିଚି । ସେ ଶିହରି ଉଠିଲା । ସେଦିନ ସଞ୍ଜବେଳେ ରାମଣ୍ଣା ପୁଣି ତା' କୋଠରୀକି ଆସିଥିଲା । ସେତେବେଳେ ସେ କାହାକୁ ଦେଖିବାପାଇଁ ଯାଉଥିଲା । ରାମଣ୍ଣା ହସି ହସି ତା'କୁ କହିଲା, "ମୁଁ ଘଣ୍ଟାକ ଭିତରେ ଆସିବି । ସେମିତି କେହି ପଚାରିଲେ ପଞ୍ଚାବନ ମିନିଟ୍ ଭିତରେ ଆସିବ ବୋଲି କହିଦବ । "

ରାମଣ୍ଣା ବାହାରକୁ ଯିବା ସଙ୍ଗେ ସଙ୍ଗେ ସେ ଘଡ଼ି ଦେଖିଲା ଓ କହିଲା, "ଘରୁ ପଳେଇ ଯିବା ପାଇଁ ଆଉ ପଞ୍ଚାବନ ମିନିଟ୍ ବାକି ଅଛି । " କୁଆଡୁ ଆସି କୁଆଡେ ପହଂଚିଗଲା ବୋଲି ଭାବି ସେ ସ୍ମୃତି ସବୁକୁ ମଥାରୁ ବାହାର କରିଦବାଲାଗି ସେ ମଥାକୁ ଜୋର୍‌ରେ ଝାଡ଼ିଲା ।

ମୋହନ ଆସିଲାଣି 'କି ନାହିଁ ଦେଖିବା ପାଇଁ ସେ କବାଟ ପାଖକୁ ଗଲା । କବାଟ ଖୋଲି ଦେଖିଲା । ତା'ପରେ ନିରାଶା ଓ ରାଗରେ କବାଟକୁ ଧଡ଼କରି ବନ୍ଦ କରିଦେଲା ଏବଂ ତମ ତମ ହୋଇ ଫେରିଆସି ଅଇନା ଆଗରେ ଠିଆ ହୋଇ ବାଳ ସଜାଡିବାକୁ ଲାଗିଲା ।

4

କବାଟ ବନ୍ଦ ହବାର ଶବ୍ଦ ଶୁଣି ରାମଣ୍ଡା ଝଟ୍‌କରି ଉଠିଲା ।

"କେହି ଆସିଲା ବୋଧେ " ଭାବି ଝର୍କା ପାଖକୁ ଗଲା ଓ ଚାରିଆଡେ ଚାହିଁଲା । ହେଲେ କାହାରି କିଛି ସୁରାକ ମିଳିଲାନି । ତା'ପରେ କୋଠରୀକି ଯାଇ ସେ ଟେବୁଲ ପାଖରେ ଠିଆ ହେଲା । ତା' ଉପରେ ପଡିଥିବା ପେନ୍‌ସିଲଟା ଉଠେଇ ନେଲା ଓ ହସି ଉଠିଲା । ପୁଣି ଆସି ଚୌକିରେ ବସିଲା ଓ କହିଲା, "ମନର ରୀତି ଅତି ବିଚିତ୍ର । କବାଟ ଶବ୍ଦ ଶୁଣି ମୁଁ ଭାବିଲି, କେହି ଆସିଲା, ଆଚ୍ଛା, ମୁଁ ପାଗଳ ନା କ'ଣ ? କେହି ଯାଇ ବି ପାରିଥାଏ । କିନ୍ତୁ ସେ ଶବ୍ଦରୁ କେହି ଭିତରକୁ ଆସିଲାପରି ଲାଗିଲା ।

ରାମଣ୍ଡା ଭୟଭୀତ ହେଇ ଉଠିଲା ଏବଂ ଝର୍କା ପାଖକୁ ଗଲା । ଶଙ୍କାକୁଳ ମନରେ ଦୂରକୁ, ବହୁଦୂରକୁ ଚାହିଁଲା ଓ ତାପରେ ତୃପ୍ତିଭରା ନିଶ୍ୱାସଟିଏ ମାରି ଯାଇ ବସିଲା ।

ପୁଣି ନିଜେ ନିଜକୁ କହିଲା, "କେହି ଯେ ଚାଲିଗଲା, ଏ ଅଶୁଭ କଥା ମୋ' ମୁହଁରୁ ବାହାରିଲା କାହିଁକି ? ଯଦି ସତରେ କେହି ଚାଲିଯାଇଥାଏ ତା'ହେଲେ ?"

ରାମଣ୍ଡାର ରୋମ ମୂଳ ସବୁ ଟାଙ୍କୁରି ଉଠିଲା । ସେଇ ଚିନ୍ତାକୁ ଦୂର କରିବାରେ ଅସମର୍ଥ ହେଇ ସେ ଆଖିବନ୍ଦ କଲା । ସେତେବେଳେ ଆଖି ଆଗରେ ଯୋଉ ଦୃଶ୍ୟ ଭାସି ଉଠିଲା ସେଥିରେ ଶଙ୍କିତ ହେଇ ସେ ପୁଣି ଆଖି ବନ୍ଦ କରିଦେଲା ।

"ସେଦିନର ସ୍ମୃତିର ଦୁଃଖ ଭଗବାନ କାହାକୁ ନ ଦିଅନ୍ତୁ । ଚିରଶତ୍ରୁକୁ ବି ନ ଦିଅନ୍ତୁ ।"

ସେଦିନ ମଧ୍ୟ ସ୍ୱାଗତ ସଭାର ଆୟୋଜନ ଚାଲିଥାଏ । ଏକଥା ସେ ଖାଲି ଜାଣିଥିଲା । କୁମୁଦକୁ ସେ ବିଷୟରେ କିଛି କହି ନ ଥିଲା । ଅଚାନକ ଭାବେ ଏକଥା କହି ତାକୁ ଆଶ୍ଚର୍ଯ୍ୟ କରିଦବାକୁ ତା'ର ଇଚ୍ଛାଥିଲା । ସେ ଦିନ ଥିଲା ମୋହନର ଜନ୍ମଦିନ । ସେଇଟା ମୋହନର ଜନ୍ମଦିନ ତ ନୁହେଁ, ପ୍ରଥମ ବିବାହ ବାର୍ଷିକୀ । ବିବାହ ପୂର୍ବରୁ ମୋହନର ସଂସାର ପ୍ରବେଶ ହେଇ ସାରିଥିବା ହେତୁ ତା' ଜନ୍ମଦିନକୁ କେତେ ମାସ ଘୁଞ୍ଚେଇ ଦବାଲାଗି ଦିହେଁ ଏକମତ ହେଇଥିଲେ । ଦିନକ ଆଗରୁ କୁମୁଦ ସହ କଥାବାର୍ତ୍ତା କରିବାପାଇଁ ସେ ଚେଷ୍ଟା କରିଥିଲା । ସେଦିନ କୁମୁଦ ତା'କୁ କହିଲା । "ଆମ ବାହାଘର ତିଆରି ସରିଥିବା ଘରକୁ ଚୂନମାରି ମରାମତି କଲାପରି ଲାଗୁଚି," ବାପରେ ! କେତେ ବଡ କଥା ! ତା' ସତ୍ତ୍ୱେ ପରଦିନ ସେ ଘଡିଟି କିଣି ଆସିଥିଲା ଓ କୁମୁଦ ପାଖରେ ଛିଡା ହବା ମାତ୍ରେ ସେ ନିଜର ହିତାହିତ ଜ୍ଞାନ ହଜେଇ ବସିଥିଲା ।

ତା'ର ମନେ ହେଲା, କୁମୁଦ ତା'ର ଓ କେବଳ ତା'ର । କୁମୁଦ ମା'ହବା ଦିନ ପରଠାରୁ ତା'କୁ ସେ ଦେଖି ଆସୁଥିଲା । ହେଲେ ସେ କେବେ ଏ ପ୍ରକାର ଅନୁଭବ କରିନଥିଲା । ମାତ୍ର ବର୍ଷକ ଆଗେ ସେ ଥିଲା

ଜଣେ ମୁଗ୍ଧା କୁମାରୀ, ରାମଣ୍ଡାଙ୍କୁ ଦେଖି ସେ ଲାଜେଇ ଯାଉଥିଲା, ଛୁଇଁ ଦେଲେ ହସୁଥିଲା । ତା'ର ଭୋକିଲା ଆଖିରେ ଭୟର କଳା ଛାଇ ବି ଉଙ୍କି ମାରୁଥିଲା । କିନ୍ତୁ ଏବେ ତା' କୋଳ ମାତୃତ୍ୱରେ ପୂର୍ଣ୍ଣ । ପିଲାଟାଏ ପାଇବା ଫଳରେ ତା' ମୁହଁରେ ଗର୍ବଜନିତ କାନ୍ତି ଫୁଟିଉଠୁଚି । ମୁହଁରେ ରହିଚି ସୌମ୍ୟ ଆକର୍ଷଣ । ସେଇ ପିଲାପାଇଁ ତା' ଦେହରେ ଏକ ନୂଆ ଶକ୍ତି, ନୂଆ ସୌନ୍ଦର୍ଯ୍ୟ ଭରି ଯାଇଚି । ରାମଣ୍ଡାଙ୍କୁ ସଂକୋଚ ଲାଗିଲା । ସେ ଯୋଉ କାମପାଇଁ ଆସିଥିଲା ତା'କୁ ଭୁଲିଯାଇ କହିଲା,"କୁମୁଦ !" ଏବଂ ଏ ଶବ୍ଦଟି ମୁହଁରୁ ବାହାରିବା ସଙ୍ଗେ ସଙ୍ଗେ ସେ ଚମକି ପଡି ସଚେତନ ହୋଇଗଲା ।

ରାମଣ୍ଡାର ସମ୍ବୋଧନ ଶୁଣି କୁମୁଦ ଆତ୍ମରକ୍ଷାପାଇଁ ସନ୍ନଦ୍ଧ ହରିଣୀଟି ପରି ହୋଇଗଲା । ସେପରି ସମ୍ବୋଧନର ଅର୍ଥ ସେ ନିଜେ ବି ବୁଝି ପାରିଲା । ତାହା ଥିଲା ପୁରୁଷ ହୃଦୟର ଡାକ, ନାରୀକି ଆକୃଷ୍ଟ କରୁଥିବା ପୁରୁଷର ସର୍ବଶକ୍ତିମାନ ସ୍ୱର, ନାରୀକି ବଶକରିବା ପାଇଁ ପୁରୁଷର ସାମର୍ଥ୍ୟସୂଚକ ହୁଙ୍କାର, ତାହା ଶୁଣିବା ମାତ୍ରେ ଶିଙ୍ଗ ଦେଖେଇ ଆକ୍ରମଣ କରିବାକୁ ଉଦ୍ୟତ ଗାଈପରି କୁମୁଦ ଠିଆ ହୋଇପଡିଲା ।

ରାମଣ୍ଡାର ବିବେକ ଉଦ୍‌ଭ୍ରାନ୍ତ ହୋଇ ଉଠିଥିଲା । କିନ୍ତୁ ସେ ଶୀଘ୍ର ଆପଣା ବ୍ୟକ୍ତିତ୍ୱ ସଂପର୍କରେ ସଚେତନ ହୋଇଗଲା । ସେ ସୁଶିକ୍ଷିତ, ସାମାଜିକ ଜୀବନରେ ସୁସଂସ୍କୃତ ଓ ଜଣେ ସାହିତ୍ୟିକ । ସେ ବୁଦ୍ଧିଜୀବୀ । ଏସବୁ ସତ୍ତ୍ୱେ ସୃଷ୍ଟିର ଅନ୍ୟ ପଶୁମାନଙ୍କପରି ସେ ବି ତ ଗୋଟେ ପଶୁ ! ମଣିଷକୁ ପଶୁ କୁହାଯିବା ଉଚିତ୍ । ସ୍ତ୍ରୀ କି କେବଳ ସ୍ତ୍ରୀ ଭାବେ ଦେଖିବାଟା ଜଙ୍ଗଲି ସ୍ୱଭାବ । ସ୍ତ୍ରୀ ଓ ପୁରୁଷ ଭିତରେ କିଛି ଅନ୍ତର ନାହିଁ, ବରଂ ସମାନତା ରହିଚି । ଏହା ମାନବିକ ସଂସ୍କୃତିର ଲକ୍ଷଣ । ଏସବୁ କଥା ଜାଣି ବି କୁମୁଦକୁ ଦେଖି ମନରେ ଯୋଉ ବିକାର ଜାତ ହୋଇଥିଲା, ସେଥିପାଇଁ ସେ ଲଜ୍ଜିତ ଅନୁଭବ କଲା । "କୁମୁଦ ! ଆଜି ମୋହନର ଜନ୍ମ ଦିନ," କହି କଥା ବଦଳେଇବାକୁ ଚେଷ୍ଟା କଲା ଓ କେମିତି ହଉ କୁମୁଦର ହାତକୁ ଧରି ଘଡି ବାନ୍ଧି ଦେଇଥିଲା । ତାହା ଗୋଟେ କ୍ଷଣ ନୁହେଁ, ଗୋଟେ ଯୁଗ ନୁହେଁ, କ୍ଷଣ ଓ ଯୁଗ ମଧ୍ୟ ନୁହେଁ । ତା'ହା କାଳର ଉର୍ଦ୍ଧ୍ୱରେ । କୁମୁଦ ହାତକୁ ଧରିଲାବେଳେ ରାମଣ୍ଡା ଏହା ଅନୁଭବ କଲା ।

ସେଇ ମତାନ୍ଧତାରେ ସେ ବୋଧେ ରାସ୍ତା ଭୁଲି ଯାଇଥିଲା । ତା'ପରେ ସେ ଜଣେ ବନ୍ଧୁ ଘରକୁ ଚାଲିଗଲା ।

"ଆଜି କେମିତି ରାସ୍ତା ଭୁଲିଗଲୁ ?" ବନ୍ଧୁର ଏ ପ୍ରଶ୍ନ ଶୁଣି ସେ ଅକାବକା ହୋଇ ତା'କୁ ଅନେଇ ରହିଲା । ବନ୍ଧୁ ଜଣକ ତା'ର ବ୍ୟବହାର ଦେଖି ହସିବାପରେ ସେ ନିଜକୁ ସଂଯତ କରି ହସିଲା । ସେ ଭାବିଲା, ମୁଁ ବନ୍ଧୁଘରକୁ କାହିଁକି ଆସିଲି ? ସେଠିକି ଯିବା ଆଗରୁ ସେ କିଛି ଚିନ୍ତାକରି ନ ଥିଲା । ବନ୍ଧୁ ଜଣକ "କ'ଣ କଥା ? ଏତେବେଳେ ଆସିବୁ ଯେ !" ପଚାରିବାରୁ ସେ ଏକା ନିଶ୍ୱାସକେ କହିପକେଇଲା," ଗୋଟେ ଜରୁରି କାମ ଅଛି ।"

"କ'ଣ ଏମିତି ଜରୁରି କାମ ଅଛି ? ମୁହଁରୁ ତ ଖୁସି ଥିଲା ପରି ଲାଗୁଚୁ । କ'ଣ କିଛି ନୂଆ ଲୀଳା ରଚନା କରିବୁ ନା କ'ଣ ? "

"ତୁ ଟିକେ ଚୁପ ହ । "

"ଚୁପ୍ ହବା ପାଇଁ କହନା । ତମେ ସବୁ ସାହିତ୍ୟିକ । ତମ ମାନଙ୍କୁ ବିଶ୍ୱାସ ନାଇଁ । ସାହିତ୍ୟ ଜୀବନର ପ୍ରତିବିମ୍ବ ବୋଲି ଦେଖେଇବା ପାଇଁ ପ୍ରେମ ବିଷୟକ କାହାଣୀ ଲେଖିବା ଆଗରୁ ନିଜେ ତାହା ଅନୁଭବ କରିବା ଦିଗରେ ତମେମାନେ ଆଗପଛ ବିଚାର କରନି । ଏଥିପାଇଁ ପଚାରୁଥିଲି ଯେ କିଛି ନୂଆ ଲୀଳା --- ? ହୋ -- ହୋ -- "

ଦାନ୍ତ ଦେଖେଇ ହସୁଥିବା ବନ୍ଧୁ ଜଣଙ୍କର ଦାନ୍ତ ଭାଙ୍ଗି ତଳେ ପକେଇ ତା'ଉପରେ ତାଣ୍ଡବ ନୃତ୍ୟ କରିବାକୁ ରାମଣ୍ଣାର ଇଚ୍ଛା ହେଲା । ହେଲେ ସଭ୍ୟ ସମାଜରେ ସେମିତି କରିବା ସମ୍ଭବ ନୁହେଁ । ରାମଣ୍ଣା ଜାଣିଥିଲା ଯେ ତା'ର ଓ କୁମୁଦର ବିବାହ ସମ୍ପର୍କରେ ଲୋକେ ଥଟ୍ଟା କରୁଛନ୍ତି । ମାତ୍ର ସେ ବିଷୟରେ କିଛି କରାଯାଇ ପାରିବନି । ତେଣୁ ବନ୍ଧୁଙ୍କ କଥାର ଏକମାତ୍ର ଉତ୍ତର ଥିଲା ଛଳନାପୂର୍ଣ୍ଣ ହସ । ସେ ତାହା ହିଁ କଲା ଓ କହିଲା, "ତୁ କ'ଣ କହୁଚୁ ଯେ ସାହିତ୍ୟିକ ମାନେ ବିନା ଲାଇସେନ୍ସରେ ଶ୍ରୀ କୃଷ୍ଣ?"

"ମୁଁ କ'ଣ ଜାଣିଚି ରାମଣ୍ଣା । ମରିନି ଯେତେବେଳେ ସ୍ୱର୍ଗ ଦେଖିନି । ବହିପତ୍ର ଲେଖିନି କି ବଦନାମ ହୋଇନି । "

"ତା' ହେଲେ ତୁ କହୁଚୁ ଯେ ବହି ଲେଖିଲେ ବଦନାମ ହୁଏ ?"

"ମୁଁ କାହିଁକି କହିବି ? ତୁ ତ ସବୁ ଜାଣୁ । ବହି ଭଲ ହୋଇ ଥିଲେ ଲୋକେ କହିବେ ଯିଏ ଭଲ ଲେଖା ଯାଇ ପାରିଥା'ନ୍ତା । ଖରାପ ହୋଇଥିଲେ କହିବେ ଯିଏ ତେଲଲୁଣ ବେପାର କରିବା ଭଲ । ବହି ବୁଝି ନ ପାରିଲେ ଖରାପ ବୋଲି କହିବେ । ଯଦି ସମସ୍ତେ ବୁଝିପାରିଲେ ତେବେ ବାଜେ ବୋଲି କହିବେ । ଯିଏର ସାର କଥା ହେଲା ଯେ ବହି ଲେଖିବାରେ ଲେଖକର ସୁଖ ନାଇଁ କି ପାଠକର ବି ସୁଖ ନାଇଁ । ତୋ'ର ମତ କ'ଣ ?

"ତା' ହେଲେ ଖାଲି ଲେଖେଇବା ଲୋକକୁ ହିଁ ସୁଖ ମିଳୁଚି ବୋଲି କହୁଚୁ, ନା କ'ଣ ?" ଏତକ କହି ସେ ଫାଟିଲା ପରି ହସି ଉଠିଥିଲା ।

"ଛାଡ୍ । ଏକଥାର କିଛି ଗୁରୁତ୍ୱ ନାଇଁ । " ବୋଲି ସେ ହସି ହସି କହିଥିଲା ।

ସେଦିନ ସେ ବନ୍ଧୁଙ୍କ ପ୍ରଶ୍ନର ଯୋଉ ଉତ୍ତର ଦେଇଥିଲା ଆଜି ତାହା ମନେ ପଡିଲେ ତା'କୁ ଆଶ୍ଚର୍ଯ୍ୟ ଲାଗୁଚି । ସେ କେତେ ମିଛ କହିଥିଲା ! କେତେ ସ୍ୱାଭାବିକ ଢଙ୍ଗରେ କହିଥିଲା ! ନିଜ ବନ୍ଧୁକୁ ସେ ଯେ ଭାବିଚିନ୍ତି ଠକେଇ ଥିଲା, ଏକଥା କେହି ଜାଣିଲେ ବା ସେ ନିଜେ କାହାରିକି କହିଦେଲେ ସମାଜ ତା'କୁ ସମ୍ମାନ କରିବ ତ ? କିଏ ଜାଣେ ? ଲୋକେ ସମ୍ମାନ କରି ବି ପାରନ୍ତି । ତା' ଭଳି ଅନେକ ଠକଙ୍କର ସମଷ୍ଟିରେ ତ ସମାଜର ସୃଷ୍ଟି । ସେମାନଙ୍କର ଯିଏକୁ ସମ୍ମାନ ପ୍ରଦର୍ଶନ ଏକ ପ୍ରକାର ଠକାମି ନୁହେଁ ତ ଆଉ କ'ଣ ? ବାସ୍ତବିକ୍ ସେଦିନ ତା'ର ଉତ୍ତର ଛଳନାପୂର୍ଣ୍ଣ ଥିଲା । ସେ କ'ଣ ଜାଣି ଶୁଣି ସେମିତି କହିଥିଲା ? "କ'ଣ ଜରୁରି କଥା ଅଛି ବୋଲି କହୁଥିଲୁ ପରା ?" ବୋଲି ବନ୍ଧୁ ପଚାରିବା ମାତ୍ରେ ସେ କହିଥିଲା,

"ସରଳା ମରିବାର ଆଜିକି ଦି'ବର୍ଷ ହୋଇଗଲା,"

"ହଁ . . . . . ରାମଣ୍ଡା ! ସେଇ ପୁରୁଣା କଥା ମନେ ପକେଇ . . . . ।"

"ଛିଃ ! ମୁଁ ଦୁଃଖ ପାଉଚି ବୋଲି ତୁ ଭାବନା । ସରଳା ମତେ ହଜାରେ ଥର କହିଥିଲା, ମୁଁ ମରିଯିବାପରେ ତମେ କେବେ ଦୁଃଖ କରିବନି । ସୁଖରେ ରହିବ । ଘରେ ଛୁଆପିଲା ହେବେ । ମୁଁ ସବୁବେଳେ ଦେଖୁଥିବି । ଏ ଦ୍ୱିତୀୟ ବିବାହ କେବଳ ସରଳାର ସନ୍ତୋଷ ପାଇଁ । ସେ ଯ୍ୱାକୁ ସ୍ଥିର କରି ଯାଇଥିଲା । ସେଥିପାଁଇ ଏବେ ମୁଁ ତା'କୁ କରିବା ପାଇଁ ଠିକ୍ କରିଛି । କିନ୍ତୁ ସେ . . . . ।"

"ରାମଣ୍ଡା, ହଜାରେ ଜନ୍ମରେ ଏମିତି ସ୍ତ୍ରୀ ଥରେ ମିଳେ । ସେଥିପାଇଁ ବି ଭାଗ୍ୟ ଦରକାର । ସେ ନିଜ ଆଖିରେ ତୋ' ବାହାଘର ଦେଖି ପାରିଲାନି ବୋଲି ଭାବି ଦୁଃଖ କରିବା ଅନୁଚିତ୍ । ସେ କହିଥିଲା ପରା 'ଯୋଉଠି ବି ରହେ ନା କାହିଁକି ସବୁ ଦେଖୁଥିବି'।"

"ହେଲେ ମନ ସେ କଥା ବୁଝୁଚି କୋଉଠି ? ତେଣୁ ବର୍ଷକେ ଥରେ ଯ୍ୱାକୁ ସ୍ମୃତି ରୂପରେ ପାଳନ କରୁଛି । ଇଯ୍ୱେ ଆଉ ମୋହନର ଜନ୍ମଦିନ ଏକା ସାଗରେ କେମିତି ଆସୁଚି କେଜାଣି ? ଆଜି ଆମ ଗୃହସ୍ଥ ଜୀବନର ସୁଖମୟ ବାତାବରଣକୁ ସରଳା ଥରେ ଦେଖନ୍ତା କି ! ମତେ ଲାଗୁଚି ସେ ନିଶ୍ଚୟ ଦେଖୁଚି । ଏଥିପାଇଁ ଆଜି ପୁଅଲାଗି ଗୋଟେ ସୁନାଚେନ୍ ଆଉ କୁମୁଦ ଲାଗି ଗୋଟେ ଭଲ ସାଢ଼ି . . . . . .।"

"ଏଯ୍ୱ, ଏଯ୍ୱ, ଟିକେ ଶୁଣ ।"

"ତୁ ଚିତ୍କାର କରନା । ଏଇଥିପାଇଁ ତ ଜରୁରି କାମ ବୋଲି କହିଥିଲି । ଏଥିରେ ଭାଉଜଙ୍କୁ ମୁଖ୍ୟ ସହାୟିକା ହବାକୁ ପଡ଼ିବ ।"

"ସେଥିରେ ଏମିତି କ'ଣ କଥା ଅଛି ?"

"କହୁଚି ଶୁଣ । ସନ୍ଧ୍ୟାବେଳେ ଭାଉଜଙ୍କୁ ନେଇ ବୁଲି ବାହାରିବୁ । ରାସ୍ତା ଭୁଲିବାର ବାହାନା କରି ମାର୍କେଟ ଚାଲିଯିବୁ । ସେଠି ପହଞ୍ଚି ତାଙ୍କୁ କହିବୁ, ଜିନିଷ ଦି'ଟା ସେ ବାଛିବେ । ତମେ ମାନେ ଘରକୁ ଫେରିଲା ବେଳକୁ ମୁଁ ବି ପହଂଚି ଯିବି ଆଉ ଏଠୁ ଜିନିଷ ଦି'ଟା ନେଇଯିବି ।"

"ତା'ହେଲେ ତୁ କହୁଚୁ ଯେ ଆମେ ମାର୍କେଟରୁ ତୋ' ଘରକୁ ଆସିବା । ଭଲ କଥା । ଭଲକରି ଅତିଥି-ସତ୍କାର କରିବୁ । ଭଲ ଭଲ ଖାଇବା ଜିନିଷ ଖୁଏଇବୁ । ତା'ପରେ ଯାଇ ତୋ' ଉପହାର ଦବୁ ।"

"ଆଜି ନୁହେଁ । ତେବେ -- -- -- -- -- ।"

"ଆମେ ତତେ ଅସୁବିଧାରେ ପକେଇବୁଁ ବୋଲି ଡରୁଚୁ କି ? ତୁ ହେଲୁ ସାହିତ୍ୟିକ । ଉପହାର ଦେଇ ତୁ ଯଦି ତୋ'ର ତାଙ୍କୁ ବୁମ୍ବନ ବି ଦଉ, ମୋ' ତରଫରୁ କୌଣସି ଆପତ୍ତି ଉଠିବନି । ବୁଝିଲୁ? ହୋ -- ହୋ --"

"ଏମିତି କିଛି କଥା ନାହିଁ ଯେ । ହେଲେ ଆଜି ଥାଉ । ହଉ ମୁଁ ଚାଲିଲି । ଦେଖ ପଇସା ଏଇଠି ଅଛି ।"

"ଅକଲ ଯଥା ସ୍ଥାନରେ ନ ଥିଲେ ଲୋକେ ସାହିତ୍ୟିକ ହୁଅନ୍ତି ।"

ସେ ଆହୁରି କ'ଣ କହୁଥିଲା । କିନ୍ତୁ ରାମଣ୍ଡା ସେସବୁ ନ ଶୁଣି ସେଠୁ ଚାଲିଗଲା । ବାହାରକୁ ଆସିବାପରେ ସେ ଅନୁଭବ କଲା ଯେମିତି ସେ ନୂଆ ପର ଲାଗିଥିବା ଏକ ଚଢେଇ ପାଲଟି ଯାଇଚି ! ଯେନ ତେନ ପ୍ରକାରେଣ ଦିନ ସାରା ବାହାରେ କଟେଇ ସନ୍ଧ୍ୟାବେଳେ ବନ୍ଧୁଙ୍କ ଘରୁ ଜିନିଷତକ ଧରି ଘରକୁ ଫେରିଥିଲା ।

ଘରେ କୁମୁଦ କି ମୋହନ କେହି ନ ଥିଲେ ।

ରାମଣ୍ଡା ହଠାତ୍ ଚୌକିରୁ ଉଠିଲା । ସେ ଯେ ଦଶ ବର୍ଷ ପୂର୍ବର ସ୍ମୃତି ପ୍ରବାହରେ ଭାସି ଚାଲିଚି ଏକଥା କ୍ଷଣକ ପାଇଁ ତା'ର ମନେ ନ ଥିଲା । ସାଢି ଓ ଚେନ୍ ଧରିଥିଲାପରି ହାତ ଉଠେଇ ସେ ଝର୍କା ଆଡକୁ ଗଲା । ତା'ପରେ ଯାଇ ତା'ର ହୋସ୍ ଆସିଲା ।

"ମୁଁ ପାଗଳ ହେଇଯିବିନି ତ ? " କହି ସେ ହାତ ତଳକୁ କଲା । ହାତରେ ସାଢି ନ ଥିଲେ ବି ସେ ଏମିତି ଭାବେ ତଳକୁ କଲା ଯେମିତି କି ସାଢି ତଳେ ପଡି ମଇଳା ହେଇଯିବ । ତା'ପରେ "ମୁଁ ଶୀଘ୍ର ପାଗଳ ହେଇଯିବି" ବୋଲି ବିଡି ବିଡି ହେଇ ସେ ମଥାକୁ ଜୋରରେ ହଲେଇଲା ।

ସେଦିନର ସେଇ ସାଢି କଥା ମନେ ପଡିବାରୁ ରାମଣ୍ଡା ହସିଲା । ତା'ପରେ ସେ ଭାବିଲା, ଆଜି ଯଦି ସଭା ଶୀଘ୍ର ଆରମ୍ଭ ହୁଏ ତ ଭଲ, ନ ହେଲେ ମୁଁ ନିଶ୍ଚୟ ପାଗଳ ହେଇଯିବି । ସେ ପ୍ରସଙ୍ଗ ବଦଳାଇବାକୁ ଚେଷ୍ଟା କଲା ; କିନ୍ତୁ ମନ ମାନିଲାନି । ସେ ସ୍ମୃତି ପଛରେ ହିଁ ଧାଇଁ ଚାଲିଲା । ସ୍ମୃତି ସବୁ ମୂର୍ତ୍ତିମାନ ହେଇ ଆଗରେ ଛିଡା ହେଇଯିବାରୁ ରାମଣ୍ଡା ପୁଣି ଜୋରରେ ହସିଲା । ସେ ସ୍ମୃତି ଥିଲା ସେଦିନ ସାଢିକି ନେଇ ଘଟିଥିବା ଘଟଣା ଗୁଡିକର ସ୍ମୃତି ।

5

କୁମୁଦର ସବୁ ରାଗ ସାଢିଉପରେ ହିଁ ଛିଡିଲା । ଏପର୍ଯ୍ୟନ୍ତ ମୋହନ ନଆସିବା ହେତୁ ବିରକ୍ତରେ ଅଇନା ଆଗରେ ଠିଆ ହେଇ ବାଳ ସଜାଡିବା ବେଳେ ତା'ର ପଣତ ଖସିଗଲା । ଏହାଫଳରେ ଯୌବନର ଯୋଉ ସୌନ୍ଦର୍ଯ୍ୟ ଆଇନାରେ ଦୃଶ୍ୟମାନ ହେଲା ସେଥିରେ ସେ ଆହୁରି ଚିଡିଗଲା । ନିଜର ସମ୍ପୂର୍ଣ୍ଣ ପ୍ରତିଛବି ପ୍ରତିଫଳିତ ହଉଥିଲା । ପିନ୍ଧିଥିବା ସାଢିରେ ତା'ର ବ୍ୟକ୍ତିତ୍ୱ ଅଧିକ ଫୁଟି ଉଠୁଚି ଦେଖି ସେ ସେଇ ସାଢି ଉପରେ ରାଗି ଲାଲ ହେଇଗଲା ।

"ଏ ନିଆଁ ଲଗା ସାଢ଼ି ସୂତା ବଦଳରେ ଚିଲ ସୂଚିରେ ହିଁ ବୁଣା ହେଇଚି । " କହି ଅଇନା ଆଡକୁ ପିଠି କରି ବସିପଡ଼ିଲା । ଅଭ୍ୟାସବଶତଃ ସାଢ଼ିକି ଜଙ୍ଘ ଉପରେ ଠିକ୍ କଲା । ତା'ପରେ ହଠାତ୍ ତା'ର ମନେ ହେଲା ଯେମିତି ସାଢ଼ିଟି କୁଆଡେ ଅଦୃଶ୍ୟ ହେଇଯାଇଛି ।

ଦଶବର୍ଷ ତଳର କଥା । ସକାଳେ ରାମଣ୍ଣା ଘଡି ଦେଇଥିଲେ । ନା, ହାତକୁ ଧରି ବାନ୍ଧି ଦେଇ ଥିଲା । ସେତେବେଳେ ମୁହୂର୍ତ୍ତକ ପାଇଁ ତା' ହାତକୁ ଧରିନେବା ପାଇଁ ତାର ଇଚ୍ଛା ହେଇଥିଲା । ପୁରୁଣା କଥା ସବୁ ଭୁଲି ଶେଷ ଥରପାଇଁ ଥରେ ଏମିତି ଆଲିଙ୍ଗନ କରିବାକୁ ତାର ଇଚ୍ଛା ହେଲା ଯେମିତି କି ଦେହ ସହିତ ଦେହ ମିଶି ଏକ ହେଇଯିବ । ଏତିକିବେଳେ ରାମଣ୍ଣା ତା' ହାତରୁ ନିଜକୁ ମୁକ୍ତକରି ବାହାରକୁ ଚାଲିଗଲା । ପ୍ରେମାବେଶରେ ସେ ନିଘୋଡ ନିଦରେ ଶୋଇଥିବା ମୋହନକୁ ଲଡୁପରି ପେଣ୍ଡୁଲାଟିଏ କରି ଛାତିରେ ଖୁବ୍ ଜୋରରେ ଚାପି ଧରିଲା । ତା'ପରେ ଯାଇ ତା'ର ହୋସ୍ ଆସିଥିଲା । ଆଉ ଏ ଘରେ ରହିଲେ ସେ ନିଶ୍ଚୟ ରାମଣ୍ଣାର ବଶତାଧୀନ ହେଇଯିବ । ଏ ପ୍ରକାର ଅପମାନ ତା' ପାଇଁ ଅସହ୍ୟ । ତେଣୁ ସେ ସେ ଘରୁ କୁଆଡେ ଚାଲିଯିବାପାଇଁ ସ୍ଥିର କରିନେଲା । ସେତେବେଳେ ତା' ଦେହ ଗରମ ଲୁହା ଖଣ୍ଡେ ପରି ହେଇଯାଇଥିଲା । ସେ ଯୋଉ ଜିନିଷକୁ ଛୁଉଁଥିଲା, ତାହା କମ୍ପି ଉଠୁଥିଲା । ସେ ଚିନ୍ତା କଲା, ଏଘରୁ ଚାଲିଯିବା ଉଚିତ, ସେ ନିଶ୍ଚୟ ଚାଲିଯିବ, ଏଭିତରେ ଦଶ ବର୍ଷ ବିତିଯାଇଥିଲେ ବି କୁମୁଦ ଏକଥା ଭୁଲିପାରି ନ ଥିଲା । ଏକ ପକ୍ଷରେ ଅଗାଧ ପ୍ରେମ ଆଉ ଅନ୍ୟ ପକ୍ଷରେ ଅଗାଧ ଦ୍ୱେଷ, ଏମିତି କାହିଁକି ? ବେଳେ ବେଳେ ତା'ର ମନେ ହଉଥିଲା, ସେଥିରେ ରାମଣ୍ଣାର କିଛି ଦୋଷ ନାହିଁ, ସବୁ ତା'ରି ଦୋଷ । ଏପରି ସମୟରେ ସରଳା କଥା ମନେ ପଡିଗଲେ ସେ ଭାବୁଥିଲା ଯେ ସେ ଅପାପ୍ରତି ବିଶ୍ୱାସଘାତକତା କରିଛି ।

ସରଳା ଅପା କେତେଥର ତ କହିଥିଲା ! କେବେ କେବେ ରାମଣ୍ଣାର ଫେରିବାରେ ଡେରି ହେଲେ ସେ ସରଳାକୁ ପଚାରୁଥିଲା,"ସ୍ୱାଙ୍କର ଘରକୁ ଫେରିବାରେ ଏତେ ଡେରି କାହିଁକି ହଉଚି ଅପା ? "

"ଡେରି କାହିଁକି, ସେ ତ ଏତିକି ବେଳେ ଆସନ୍ତି ।"
"ନା, ସରଳାଅପା । ତୁ ଘରେ ଏକଲା ରହୁଚୁ ।"
"ସେଥିରେ କ'ଣ ହେଲା ? ମୁଁ ତ ନିଜକାମ କରିଚି ।"
"ନା ଅପା, ତୁ ବେମାର ।"

"ଆରେ ! କେମିତି ଝିଅଟେ ତୁ ? ବାହାଘର ହେଇଗଲେ ସବୁ ଜାଣିଯିବୁ । ମର୍ଦ୍ଦ ଲୋକଙ୍କ କାମ ତ ବାହାରେ ।"

"ସ୍ତ୍ରୀ ବେମାର ପଡିଥିଲେ ବି ?"

"ଦେଖ୍ କୁମୁଦ । ଏଇଟା ମର୍ଦ୍ଦଙ୍କର ସ୍ୱଭାବ । ତାଙ୍କର ବାହାରେ କାମ । ବାହାରେ ବୁଲିବାକୁ ହବ । ସ୍ତ୍ରୀମାନଙ୍କ କଥା ପୁରା ଅଲଗା । ସେମାନେ ନିଜ ଘର, ଛୁଆପିଲା ପ୍ରଭୃତି କି ଛାଡି ରହିବେ କେମିତି ?"

ସରଳାର ଏ ସରଳ ସ୍ୱଭାବ ଦେଖି ସେ ବିସ୍ମିତ ହେଇଗଲା । ରାମଣ୍ଣା ସରଳା ପ୍ରତି ଜମା ଧ୍ୟାନ ଦଉନି ।

ହେଲେ ଏଥିରେ ତା'ର ଟିକେ ହେଲେ ଅସନ୍ତୋଷ ନାହିଁ ।

"ଏଇଟା ମର୍ଦ୍ଦଙ୍କର ସ୍ୱଭାବ ପାଞ୍ଚଜଣ ମିଶି ଗପ ମାରିଲେ କ୍ଷତି କ'ଣ ? ତୁ ଯାଙ୍କ ବିଷୟରେ କହୁଛୁ ତ ? ସେତ ବାହାରକୁ ବହୁତ କମ୍ ଯାଉଚନ୍ତି । ସବୁବେଳେ ପଢୁଚନ୍ତି, ଲେଖୁଚନ୍ତି । ଏଥିରେ ବିରକ୍ତ ହେଇଗଲେ ବେଳେ ବେଳେ ଅଳ୍ପ ସମୟପାଇଁ ବାହାରେ ବୁଲିଆସୁଚନ୍ତି, ।" ସରଳା ଖୁବ୍ ଅଭିମାନରେ ରାମଣ୍ଡାକୁ ସମର୍ଥନ କରି କହିଥିଲା ।

"ବାହାରକୁ ଯିବା କଥା ଛାଡ । ଘରେ ଥିଲା ବେଳେ ବି ମୁଁ ଏଘରେ ଅଛି କି ନାହିଁ ଏଥିପ୍ରତି ଘଣ୍ଟା ଘଣ୍ଟା ଧରି ତାଙ୍କର ଧ୍ୟାନ ରହେନି । ଲେଖାପଢାରେ ସେ ଏତେ ମଗ୍ନ ହେଇଯା'ନ୍ତି ! " ଏହା କହିଲାବେଳେ ସରଳାର ଶେତା ଗାଲ ଉପରେ ଅଭିମାନର ନାଲିମା ବିଛୁରି ହେଇ ପଡିଥିଲା ।

ସେଇଠୁ କୁମୁଦ ବିରକ୍ତ ହେଇ କହିଥିଲା, "ଏମିତି ଲୋକଙ୍କପାଇଁ ସ୍ତ୍ରୀ ରହିଲେ କେତେ, ଗଲେ କେତେ !"

"ଆଲୋ ପାଗିଳୀ ! ମୁଁ ନିଜ ବିଷୟରେ କହିବା ଉଚିତ୍ ନୁହେଁ । ତୁ ଜାଣିବୁ ? ମୁଁ ଘରେ ନ ଥିଲେ ତାଙ୍କୁ କ୍ଷଣକ ପାଇଁ ଶାନ୍ତି ମିଳେନି । ଥରେ ମାସକ ପାଇଁ ବାପଘରକୁ ଯାଇଥିଲି । ସେତେବେଳେ ନୂଆ ନୂଆ ବାହାଘର ହେଇଥାଏ । ଏ ଭଦ୍ରଲୋକ ମାସସାରା ଗୋଟେ ଅକ୍ଷର ବି ଲେଖି ନ ଥିଲେ ।"

ଏ କଥା କେତେ ଖୁସିରେ ସରଳାଅପା କହିଥିଲା !

"ଏମିତି ସୁଖୀ ଗେରସ୍ତଙ୍କଠୁ ମଥାରେ ସିନ୍ଦୁର ନେଇ ଚାଲିଯାଏ, ଏହା ହିଁ ମୋ'ର ଇଚ୍ଛା ।" ସରଳାର ଏକଥା ଶୁଣି କୁମୁଦ ଲୁହକୁ ଅଟକେଇ ପାରି ନ ଥିଲା । ସେ ଧକେଇ ଧକେଇ କାନ୍ଦିବାକୁ ଲାଗିଲା ।

ଏବେ ବି ସେଇ ରାମଣ୍ଡା ଅଛି । ମୁଁ କ'ଣ ସେଇ ରାମଣ୍ଡାକୁ ଠିକ୍ ଭାବେ ଚିହ୍ନିପାରିଲିନି ? ସବୁ ଜାଣି ଶୁଣି ମୁଁ କ'ଣ ତା'କୁ ଭଲ ପାଇନି ?

କିନ୍ତୁ କ'ଣ ହେଲା ? ସେ ରାମଣ୍ଡା ତା'ର ହେଇ ପାରିଲାନି । ତା'ର ହେଇ ପାରିଲାନି । ଏ ଧାରଣା ତା' ମନରେ ଦୃଢ ହେଇଯାଇଥିଲା । ସେ ରାମଣ୍ଡାକୁ ଭଲ ପାଇଥିଲା । କିନ୍ତୁ ରାମଣ୍ଡା ଭଲପାଇଥିଲା କେବଳ ତା'ର ଦେହକୁ । ଆଚ୍ଛା, ରାମଣ୍ଡା କାହିଁକି ତା'କୁ ନିଜର କରିବାକୁ ଚେଷ୍ଟା କରୁଥିଲା ? ସ୍ତ୍ରୀ ବିଛଣାରେ ପଡିଥିଲା ବୋଲି ? ସେ ଜଣେ ନୂଆ ଝିଅ ବୋଲି ? ନା କେବଳ ପୁରୁଷତ୍ୱର ଅହଙ୍କାରରେ ? ବାହାଘର ଆଗରୁ ମା' ହେଇଥିବାରୁ ସମାଜ ତା'କୁ ଭଲ ଦୃଷ୍ଟିରେ ଦେଖିବନି ବୋଲି ସେ ସ୍ପଷ୍ଟ ଜାଣିଥିଲା । ଏଣୁ ଦୟା ଦେଖେଇବା ଉଦ୍ଦେଶ୍ୟରେ ନ ହେଲେ ଉପକାର କରିବା ଉଦ୍ଦେଶ୍ୟରେ ରାମଣ୍ଡା ତା'କୁ ବାହାହେଇଥିଲା ।

ସେ ଚାହିଁଥିଲା ରାମଣ୍ଡାର ପ୍ରେମ । ସମାଜ ତା'କୁ ବାସନ୍ଦ କରୁ ପଛକେ ରାମଣ୍ଡାର ପ୍ରେମପାଇଁ ସେ ସବୁ

ସୁଖ, ସମ୍ଭୋଗ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ଗାମଣ୍ଡା ତା'କୁ ବିନା ପ୍ରେମରେ ବିବାହ ବନ୍ଧନରେ ବାନ୍ଧି ଦେଇଥିଲା ।

କୁମୁଦ ଭାବୁଥିଲା, ସେଇଦିନ ହିଁ ତା'ର ପ୍ରେମ କାହାଣୀ ଶେଷ ହୋଇଯାଇଥିଲା । ବାହାଘରର ମାସେ ନ ପୁରୁଣୁ ସେ ପିଉସୀ ଘରକୁ ଚାଲିଯାଇଥିଲା । ବାହାଘର ତ ସରିଗଲାଣି, ଏବେ ଆଉ ସମାଜକୁ ଡରନାହିଁ । ଏ ପ୍ରକାର ସନ୍ତୋଷ ତା'ର ନ ଥିଲା । ବିନା ପ୍ରେମରେ ପାପ ଭିରେ ବଢୁଥିବା ପିଲାଟି ପ୍ରତି ବି ସେ ବିରକ୍ତ ହୋଇ ଉଠିଥିଲା ।

ସେ ପିଉସୀ ତା'ର ନିଜର ନୁହେଁ, ଦୂର ସମ୍ପର୍କୀୟ ଏବଂ ବେଶୀ ବୟସ୍କା । କୁମୁଦ ସେଠି ଦିନେ ଦି' ଦିନ ରହିବା ପାଇଁ ଇଚ୍ଛା ଥିଲେ ବି ତାହା ସମ୍ଭବ ହେଲାନି । କାରଣ ଦ୍ୱିତୀୟ ଦିନ ସକାଳେ ବୁଢ଼ୀ ଆରମ୍ଭ କଲା, "କେତେ ସୁନ୍ଦର ଲାଗୁଛୁ ? ପେଟ ହୋଇଛୁ କି ଲୋ ? ବାହାଘରକୁ ଟିକେ ଖବର ବି ଦେଲୁନି । ବୋଧେ ଭାବିନେଲୁ ଯେ ଡାଲିଭାତ ଖାଇବା ପାଇଁ ବୁଢ଼ୀର ଆଉ ଦାନ୍ତ ନାହିଁ ନା କ'ଣ ?"

ଏହା ଶୁଣି କୁମୁଦ ଭାବିଲା ଏଠୁ ଦିନେ ଦି'ଦିନ ଭିତରେ ଚାଲିଯିବା ଭଲ । ହେଲେ ------ । ବୁଢ଼ୀ ପାଖରେ ଥିଲାବେଳେ ଜୀବନ କେତେ ଆକର୍ଷଣୀୟ ଲାଗୁଥିଲା ! ଆଜି ସେ ସବୁ ମନେ ପଡିଲେ, କୁମୁଦକୁ ହସଲାଗେ ଓ ପ୍ରକୃତରେ ସେଇ ଦିନ ସବୁ ଯେ ସୁନ୍ଦର ଦିନ ଥିଲା ବୋଲି ସେ ଅନୁଭବ କରେ ।

"ଡେରିରେ ବାହାହବା ଆଉ ବାହାଘରର ପନ୍ଦରଦିନ କି ମାସେ ଭିତରେ ଗର୍ଭବତୀ ହୋଇଯିବା ଏଥିରେ ଆଜିକାଲିକା ଝିଅଙ୍କ ପାଇଁ ବାହାଘରର ସୁଖ ଶେଷ ବୋଲି ଜାଣ ।" ଦିନେ କ'ଣ ଗୋଟେ ପ୍ରସଙ୍ଗରେ ବୁଢ଼ୀ ଏକଥା କହିଥିଲା ।

ତା'ପରେ ସେ ଥଟ୍ଟାରେ ବୁଢ଼ୀକି କହିଥିଲା, "ବୁଝିଲ ଅପା! ବାହାଘର କ'ଣ, ଏ କଥା ଜାଣିବାର ବୟସ ହେଲାପରେ ଯାଇ ଆଜିକାଲି ବାହାଘର ହଉଚି ।"

କ'ଣ ତୁ ଜାଣିଛୁ ? ବାହାଘର ମାନେ କ'ଣ ଖାଲି ସେଇ ଗୋଟିକ ?"

"ସେଇ ଗୋଟିକର ମାନେ କ'ଣ ଅପା ?"

"ଏଇ ଯାହାକୁ ପେଟରେ ଧରିକି ବସିଚୁ, ସେଇ ।" ବୁଢ଼ୀ ଗୁରୁତ୍ୱର ସହ କହିଥିଲା ।

"ଯାହାକୁ ଛାଡି ଦେଲେ ବାହାଘରରେ ଆଉ କ'ଣ ଅଛି ?"

"ଏଇଥିପାଇଁ ଆଜିକାଲି ଝିଅମାନେ କଷ୍ଟ ପାଉଛନ୍ତି କୁମୁଦ । ଟିକେ ଭାବିଲୁ । ଯଦି ମର୍ଦ୍ଦମାନେ ବି ଏମିତି ଚିନ୍ତା କରନ୍ତି ତେବେ ତମ ଅବସ୍ଥା କ'ଣ ହବ ?"

"ଅପା, ମୁଁ ଭାବୁଚି ପୁରୁଷଙ୍କ ପାଇଁ ବି ସେଇଟା ପ୍ରଧାନ । ବରଂ ସ୍ତ୍ରୀ ମାନଙ୍କ ପାଇଁ ଏହାଛଡା ଛୁଆପିଲାଙ୍କ ଲାଳନ ପାଳନ କାମ ରହିଚି ।"

ଏ କଥା ଶୁଣି ପାକୋଇ ବୁଢ଼ୀ ମନ ଖୋଲି ହସି ଥିଲା । "ମର୍ଦ୍ଦଙ୍କ ପାଇଁ ସେଇଟା ପ୍ରଧାନ ? ଆଲୋପାଗିଳି ! ମର୍ଦ୍ଦପାଇଁ ସେଇଟା ଖାଲି ପ୍ରଧାନ ହୋଇଥିଲେ ସେ ବାହାହୁଅନ୍ତାନି । ବୁଝିଲୁ, ମର୍ଦ୍ଦମାନେ ଘରେ ଖାଇବାଠୁ ହୋଟେଲ୍‌ରେ ଖାଇବାକୁ ବେଶି ଭଲପାଆନ୍ତି । ତମମାନଙ୍କୁ ବାହାହୋଇ, ତମ ଛୁଆପିଲାଙ୍କ ଗୁଅ–ମୁତ ଭୋଗ କରି ତମେ ବୁଢ଼ୀ ହବା ଯାଏଁ ସାଥିରେ ରହୁଥିବା ମର୍ଦ୍ଦ ଆଉକିଛି ବି ଚାହେଁ ।"

ସେଇ ଅଶିକ୍ଷିତ ବୁଢ଼ୀର ବୁଦ୍ଧିମତ୍ତାରେ କୁମୁଦ ଆଶ୍ଚର୍ଯ୍ୟଚକିତ ହୋଇଗଲା । ଏତିକି ବେଳେ ବୁଢ଼ୀ କି ସୁଁ ସୁଁ ହବାର ଦେଖି ସେ ଆହୁରି ଅସୁବିଧାରେ ପଡ଼ିଗଲା ।

"କ'ଣ ଅପା ? ମତେ ଶିକ୍ଷା ଦଉଁ ଦଉଁ ତମେ କାନ୍ଦିବାକୁ ଲାଗିଲଣି ?"

"କାନ୍ଦୁନି ଲୋ ଝିଅ । ସୁଖର ଦିନଗୁଡ଼ା ମନେ ପଡ଼ିଗଲା । ଖୁସିର ଲୁହକୁ ଅଟକେଇ ପାରିଲିନି ।"

ବୁଢ଼ୀର ଯେ ଦିନେ ସୁଖର ଦିନ ଥିଲା ଏ କଥା କୁମୁଦକୁ ନୂଆ ଲାଗିଲା । ପ୍ରଥମରୁ ସେ ବୁଢ଼ୀକି ବିଧବା ରୂପରେ ଦେଖିଆସିଥିଲା । ଏଥିଲାଗି ତା'କୁ ସେମିତି ଲାଗିଲା ।

କୁମୁଦକୁ ହସମାଡ଼ିଲା ।

"କ'ଣ କି ଲୋ ? କାହିଁକି ହସୁଚୁ କୁମୁଦ ?"

"କିଛି ନାହିଁ । ତମେ 'ସୁଖର ଦିନ' ବୋଲି କହିଲ ଯେ, ସେ କଥା ଶୁଣି ଗୋଟେ କଥା ମନେ ପଡ଼ିଗଲା ।"

"ତୁ କ'ଣ ଭାବୁଚୁ ଯେ ମୋ'ର ବାହାଘର ହୋଇନି ? ମୁଁ ସୁଖ କ'ଣ ଜାଣିନି ?" ବୁଢ଼ୀ ବୋଧେ କୁମୁଦର ମନ କଥା ବୁଝିନେଲା । ତେଣୁ ପୁଣି କହିଲା, "ତୁ ଭାବିବୁ ଯେ ମୁଁ ଜନ୍ମରୁ ଇମିତି ।"

"ମତେ ଲାଗିଲା, ସୁଖର ଦିନ ମନେ ପକେଇ ତମକୁ ଖରାପ ଲାଗିଥିବ ।"

"ଖରାପ କାହିଁକି ଲାଗିବ ଲୋ ପାଗିଳୀ ! ସୁଖର ସ୍ମୃତି ମନେ ପଡ଼ିଲେ ସନ୍ତୋଷ ଲାଗେ ନ ହେଲେ ଏତେ ଦିନ କାହିଁକି ଇମିତି ସଢୁଥା'ନ୍ତି ? କୋଉ କୂଅ କି ପୋଖରୀରେ ବୁଡ଼ିମରିଯାଇଥାନ୍ତି । ଖାଲି ଏଇ ପୁରୁଣା ସ୍ମୃତିରେ ମୁଁ ଆଜିଯାଏଁ ବଞ୍ଚିରହିଚି ।"

"ଏମିତି କି ସୁଖ ଥିଲା କି ଅପା ?"

"ତୁ ପିଲାଲୋକ । ସେସବୁ କଥା ବୁଝିବୁନି ।"

"ଏସ୍ତ ଅପା ! ସେ ସବୁ ବାହାନା ଛାଡ଼ । ଆଜିକାଲି ଝିଅମାନେ ଖୁବ୍ ଜଲ୍‌ଦି ବଡ଼ ହୋଇଯାଉଛନ୍ତି ।"

"କଣ ବଡ଼ ହୋଇ ଯାଉଛନ୍ତି ? ଖାଲି ସେଇ କାମ ପାଇଁ ଛୋଟ ବେଳେ ବି ବଡ଼ ହୋଇ ଯାଉଚନ୍ତି ।"

ଆହତ ସ୍ୱରରେ କୁମୁଦ କହିଲା, "ଏଇ କଥା ଛଡା ତମ ମୁଣ୍ଡରେ ଆଉ କିଛି ଚିନ୍ତା ନାହିଁକି ?"

"ମୁଁ ତୋ' କଥା କହୁନି କୁମୁଦ । ଆଜିକାଲିକା ଝିଅଙ୍କ କଥା କହୁଚି । ଆମ ସମୟରେ ଆଠଦଶ ବର୍ଷ ବୟସରେ ବାହାଘର ହୋଇଯାଉଥିଲା । ପୁନେଇଁ ପର୍ବ, ବାହାଘର–ବ୍ରତଘର, ଏକାଦଶୀ–ଦ୍ୱାଦଶୀ, ଉଠିବା–ବସିବା । ଏଥିରେ ପିଲାଦିନର କର୍ଷେ ଦି'ବର୍ଷ କଟିଯାଉଥିଲା । ତା'ପରେ ଆମେ ବଡ ଝିଅଙ୍କ ପାଖିରେ ବସାଉଠା କରୁଥିଲୁଁ, ସେମାନଙ୍କଠୁ ଅନେକ କଥା ଶିଖୁଥିଲୁଁ ।"

"ଏ ସବୁ ଛାଡ ଅପା । ତମର ସେ ସୁଖର ସ୍ମୃତି ବିଷୟରେ କୁହ ।"

"ସେ କଥା ବି କହିବି । ଏସବୁ ନ ଶୁଣିଲେ ତାକୁ ବୁଝିପାରିବୁନି । ହଁ, ଏସବୁ କରି ଜ୍ଞାନ ପାଇବାବେଳକୁ ଆମେ ସବୁ କିଛି ଜାଣି ଯାଉଥିଲୁଁ । ମର୍ଦ୍ଦମାନେ କିମିତି ସେମାନଙ୍କ ସ୍ୱଭାବ କିମିତି, ଆମର ସିଏ କିମିତି, ସେ କାହା କାହାପାଖିରେ ମିଳାମିଶା କରନ୍ତି ଇତ୍ୟାଦି ଇତ୍ୟାଦି ସବୁ । ଏଥିପାଇଁ ତାଙ୍କ ଚାଲିଚଳଣରେ ମୁଁ କେବେ ଭାବିନି କି ଆଶ୍ଚର୍ଯ୍ୟ ହୋଇନି ।"

"କ'ଣ ଅପା, ତମ ତାଙ୍କର ଚାଲିଚଳଣ ଠିକ୍ ନ ଥିଲା କି ?"
"ଠିକ୍ କ'ଣ ? ଭୁଲ୍ କ'ଣ ? ଅନ୍ୟ ମିଣିପେ ଯିମିତି, ସିଏ ବି ସିମିତି ଥିଲେ ।"

"ଅର୍ଥାତ୍, ବାହାରେ କୋଉଠି . . . . ., ତା'ସତ୍ୱେ ବି ତମେ ତାଙ୍କ ଉପରେ କେବେ ରାଗୁ ନ ଥିଲ ବୋଲି କହୁଚ ।"

"ମାନେ ? ତୋ' ଛୁଆ ଅସନାରେ ହାତ ପୂରେଇ ଦେଲେ ତୁ କ'ଣ ତା'ଉପରେ ରାଗିବୁ ? ଅସନା ବିଷୟରେ ତ ସେ କିଛି ଜାଣିନି । ତା'ପାଇଁ ସେଇଟା ଗୋଟେ ନୂଆ ଜିନିଷ, ଗୋଟେ ମଉଜ ।"

"ଇସ୍ସ୍ କିମିତିକା ମଉଜ ଅପା ? ଘର ଲୋକେ ପଛେ ବାହୁନି ମରୁଥା'ନ୍ତୁ ।"

"କି ? କୋଉ ବିପଦ ମାଡି ଆସିଥିଲା ଯେ ମୁଁ ବାହୁନିବି ? ସେ କ'ଣ ମୋ ପାଖିରେ ଝଗଡା କରୁଥିଲେ ନା ମତେ ମାରପିଟ କରୁଥିଲେ ?"

"କିନ୍ତୁ ତମକୁ ଛାଡି ଆଉ ଜଣେ . . . . ?"

"ତୁ'ଟା ପାଗିଳୀ । କିଲୋ ମତେ କାହିଁକି ଛାଡିବେ ?"

"ନା ଅପା, ଛାଡିବାର ମାନେ ନୁହେଁ ଯେ ତମକୁ ଚାହିଁବେନି । ହେଲେ ତମେ ଘରେ ଥାଉଁ ଥାଉଁ ସିଏ ରେକ୍—"

"ରେକ୍ ? ଏଇଥିଲାଗି ତ ମୁଁ କହୁଚି ଯେ ଆଜିକାଲିକା ଝିଅଙ୍କ ପାଇଁ ବାହାଘରର ଉଦ୍ଦେଶ୍ୟ କେବଳ ସେଇ ଗୋଟିଏ । ସେ ମୋ'ସାଥିରେ ଗୃହସ୍ଥ ଜୀବନଯାପନ କରୁଥିଲେ । ବାସ୍, ମୋ'ର ଆଉ ଦରକାର କ'ଣ ? ସେ ରେକ୍ କ'ଣ କରୁଥିଲେ, କ'ଣ କରୁ ନ ଥିଲ ତା'ଙ୍କୁ ନେଇ ମୁଁ କ'ଣ କରିଥାନ୍ତି ? ମୋର ବି ଢେର କାମ ଥାଏ । ଘରେ ଲୋକ ଭର୍ତ୍ତି - - ଶାଶୁ, ଶଶୁର, ଦିଅର, ଦେଢଶୁର, ନଣନ୍ଦ,ପୁଣି ଗଲା ଆଇଲା ଲୋକ । ମୁଁ କ'ଣ ପାଗଳ ଯେ ଏସବୁ ଛାଡି ତାଙ୍କ ସାଥିରେ ରସଲୀଳା କରିବି ?"

"ତା'ହେଲେ ଏଇସବୁ ତମ ସୁଖଦିନର ସ୍ମୃତି ?"
"ହଁ । ଯାହାଠୁ ବଳି ଆଉ କ'ଣ ସୁଖ ଅଛି ?"
"ଏଥିରେ ସୁଖ କ'ଣ, ମୁଁ ବୁଝିପାରୁନି ।"
"ଏଇନେ ଇମିତି କହୁଛୁ ସିନା ଶୁଣିଲେ ଯାଇ ଜାଣିବୁ ।"
"କହିବା କଥା ହୋଇଥିଲେ, କୁହ ଅପା ।"

"ହୁଁ . . . . । ଏତେ ଯାଏଁ ତ ଖୋଳି ଖୋଳି କଥା କାଢିଲୁ । ଏବେ କହୁଚୁ କ'ଣ ନା କହିବା କଥା ହୋଇଥିଲେ କୁହ । ତୁ ଭାରି ଚାଲାକ୍ ତ ! ପେଟରେ ଭୋକ ଥିଲେ ହାତର ଭାତ ଗୁଣ୍ଡାକୁ ନ ଖାଇ କିଏ ଚାହିଁପାରିବ ? କହୁଚି, ଶୁଣ । ଦିନେ ରାତିରେ ସବୁକାମ ସାରି ମୋ' ଘରକୁ ଯାଇ ଶୋଇବା ପାଇଁ ବିଛଣା ସଜାଡୁ ଥାଏଁ ।"

"କ'ଣ ଏକଲା ?"
"ମୁଁ ଡରକୁଳୀ ଥିଲି ବୋଲି ଭାବୁଚୁ କି ?"
"ନା ଯେ, ହେଲେ ତମର ସିଏ ?"

"ଆମ ସିଏ ଖାଇ ସାରି ବାହାରକୁ କୁଆଡେ ଯାଇଥିଲେ । ଭଲକି ଖାଇ ନ ଥିଲେ । କିଛି କଥା ଭାବି ମୁଁ ଚୁପ୍ ରହିଥିଲି । ରାତିରେ ଆସିଲେ ପଚାରିବାକୁ ଠିକ୍ କରିଥାଏଁ ।"

"ତା' ହେଲେ ରାତିରେ ସେ ଆସିବେ ବୋଲି ତମର ଆଶା ଭରସା ଥିଲା ?"

"ବିନା ଭରସାରେ ସୁଖ କିଏ ପାଇଲାଣି ଲୋ ଝିଅ । ଗଲା ଦି ' ତିନି ରାତି ସେ ଆସି ନ ଥିଲେ । ସାଙ୍ଗ ସାଥିଙ୍କ ସାଥିରେ ତାସ ପାଲି ଖେଳୁଥିବେ ବୋଲି ମୁଁ ଧରି ନେଇ ଥିଲି ।"

"ତା' ସତ୍ତ୍ୱେ ବି ସୁଖ ବାଟି ନବାର ଜିଦ୍ ତମର ଥିଲା ?"
"କ'ଣ କହିଲୁ ?"

ବୁଢୀ କ'ଣ କହୁଚି, ବୋଧେ ଭୁଲି ଯାଇଥିଲା । ତେଣୁ ସେ ଟିକେ ହିବ୍‌କିଚେଇ ଗଲା ଆଉ ପଚାରିଲା, "ହଁ, ମୁଁ କ'ଣ କହୁଥିଲିଟି ?"

"ତମର ସିଏ ଦି'ତିନି ରାତି ଘରକୁ ଆସି ନ ଥିଲେ । ସେଦିନ ତମେ ଶୋଇବା ପାଇଁ ପ୍ରସ୍ତୁତ ହଉଥିଲ ।"

"ହୁଁ ! ଏତିକି ବେଳେ ବାହାର କବାଟ କିଏ ଠକ୍ ଠକ୍ କଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଇଏ୍ୟତ ଏତେ ଶୀଘ୍ର ଆସନ୍ତିନି ! ଭଲକି ଖାଇ ବି ନାହାନ୍ତି । କ'ଣ ରାଗିଚନ୍ତି କି ? ରାଗିବାର କାରଣ କ'ଣ ? ଏମିତି ଚିନ୍ତା କରୁଥିଲା ବେଳେ ସେ ଘର ଭିତରକୁ ଆସିଗଲେ, ଓ ଆସିବା ମାତ୍ରେ କମିଜ୍ ଖୋଲି ଟାଙ୍ଗିଦେଲେ । ତା'ପରେ ଶାନ୍ତିର ନିଶ୍ୱାସ ଗୋଟେ ମାରୁଁ ମାରୁଁ ଡାକିଲେ "ଛୋଟିଆ !"

"କ'ଣ ଡାକିଲେ?"

"ଛୋଟିଆ । ବାହାଘର ବେଳେ ମୁଁ ଖୁବ୍ ଛୋଟ ଲାଗୁଥିଲି । ସେଥିପାଇଁ ମତେ 'ଛୋଟିଆ' ବୋଲି ଡାକୁଥିଲେ । ଗୃହସ୍ଥ ଜୀବନ ଆରମ୍ଭ ହବାପରେ ଥରେ ମତେ କହିଲେ, 'ଆରେ ! ତମେ ତ ଆକାଶର ଚାନ୍ଦପରି । ବାହାଘର ବେଳେ ଦେଖିଥିଲି । ଏତେ ବକଟେ ଦିଶୁଥିଲ । ' ସେଦିନ ପାଖରୁ ଦେଖିଲେ ତ ! ମୁଁ ସେତେ ଛୋଟ ନ ଥିଲି । କିନ୍ତୁ ସେ ସବୁବେଳେ 'ଛୋଟିଆ' ହିଁ ଡାକୁଥିଲେ । ମୁଁ ପଚାରିଲି, 'ଆଜି ତମେ ଭଲକି ଖାଇଲନି କାହିଁକି ?' ସେ କହିଲେ, "କାହିଁକି କେଜାଣି, ମୁଣ୍ଡଟା ବିନ୍ଧୁଚି ଛୋଟିଆ ।" ସେଇଠୁ ମୁଁ କହିଲି, 'ଅମୃତାଞ୍ଜନ ଆଣିବି ? ' ସେ କହିଲେ । 'ଅମୃତାଞ୍ଜନକୁ ଆସିବାକୁ ଦିଅ' ।"

"କ'ଣ କହିଲେ ?"

"ଅମୃତାଞ୍ଜନକୁ ଆସିବାକୁ ଦିଅ ବୋଲି କହିଲେ । ତାଙ୍କ କଥାର ଢଙ୍ଗ ହଉଚି ଇମିତି । ଟିକିଏ ପରେ 'ଔଷଧ ପତ୍ର କିଛି ଦରକାର ନାହିଁ ଛୋଟିଆ । ତମେ ଏଠିକି ଆସ ।' କହିଲେ । ମୁଁ ପାଖରେ ବସିବାରୁ ମୋ କୋଳରେ ମଥା ରଖି ସେ ଶୋଇଗଲେ । ମୁଁ ତାଙ୍କ ଆଖିକି ଚାହିଁଲା ବେଳକୁ ତାଙ୍କୁ ନିଦ ଲାଗିଯାଇଥିଲା । କୁମୁଦ ମଣିଷ ମାନେ ଯେ ଖେଳୁଆଡ ଟୋକା ଏ କଥା ସେତେବେଳେ ଯାଇ ମୁଁ ବୁଝିଲି । ବାହାରେ ଯାହା ଇଚ୍ଛା ଖେଳନ୍ତୁ, ଯେତେ ଇଚ୍ଛା ଖେଳନ୍ତୁ ! ବିଶ୍ରାମ ଆଉ ସନ୍ତୋଷର ମୂଳ ହଉଚି ସ୍ତ୍ରୀ, ଆଜି ସିନା ମୋ' ପାଟିରେ ଦାନ୍ତନାହିଁ । ଆଖିକି ଭଲଦିଶୁନି, ଜଙ୍ଘ ବି ଶୁଖିଲା କାଠ ଖଣ୍ଡକ ପରି ହୋଇଗଲାଣି । ହେଲେ ସେ ସ୍ମୃତି ଯେତେବେଳେ ମୋ'ର ମନେପଡିଯାଏ, ମତେ ଯୌବନ ଫେରିଆସିଲା ପରି ଲାଗେ ।"

"ଥାଉ, ସେତିକି ଥାଉ ଅପା !"
"ଆଲୋ ପାଗିଳୀ ! ତୋ'ର କ'ଣ ହେଲା ଯେ କାନ୍ଦୁଚୁ ?"

"ମୁଁ କାନ୍ଦି ଥା'ନ୍ତିନି ଅପା" କହି କାନ୍ଦ ବନ୍ଦ କରି ନ ପାରିବା ହେତୁ ସେ ନିଜ କୋଠରୀକି ଦୌଡି ପଳେଇଗଲା । ସେଦିନ ରାତିରେ ସେ ଯେମିତି ଗାଢ ନିଦରେ ଶୋଇଲା, ସେମିତି ଆଗରୁ କେବେ ଶୋଇ ନ ଥିଲା ।

ସକାଳୁ ଉଠି ଦେଖିଲା ଯେ ରମଣ୍ଡା ଆସିଚି ।

ହାତରେ ଏଇ ସାଢ଼ି ଧରିଥିଲା । ସେଇ ମୁହୂର୍ତ୍ତରେ ଗତରାତିର କଥା ସ୍ୱପ୍ନରେ ପରିଣତ ହୋଇଗଲା ।

ନିଆଁ ଲଗା ସାଢ଼ି ! ଏଇଟା ସାଢ଼ି ନୁହେଁ, ସୁଖକୁ ଆଢୁଆଳ କରି ରଖିଥିବା ପର୍ଦ୍ଦା । ତା'ସତ୍ୱେ ଆଜି ସେ ଏଇ ସାଢ଼ିଟା ପିନ୍ଧିଲା କାହିଁକି କେଜାଣି ! ଆଗରୁ ଥରେ ଯାହାକୁ ହିଁ ପିନ୍ଧିବାରୁ ମୋହନକୁ ଜର ହୋଇଥିଲା ।

"ଛିଃ ! କି ଅଶୁଭ କଥା ସେ ଭାବୁଚି ! ମୋହନ ବର୍ତ୍ତମାନ ଆସିବ ।" କହି କାନ୍ଥଆଡକୁ ଅନେଇ ସେ ସେଇଠି ବସି ରହିଲା ।

6

ରମେଣ୍ଡା ହସ ହସ ମୁହଁରେ ଝରକା ପାଖକୁ ଗଲା ଏବଂ ମିନିଟିଏ ଦି ମିନିଟ କାଳ ଦୂରକୁ ଅନେଇ ରହିଲା । ତା'ପରେ ହାତଘଡି ଦେଖିଲା । ସଭାପାଇଁ ଲୋକେ ଡାକି ଆସିବାକୁ ଏବେ ବି ଅତିକମ୍‌ରେ ପଇଁଚାଳିଶ ମିନିଟ ବାକି ଅଛି । ନ ହେଲେ ଡାକିବାକୁ ଆସିଥିବା ଲୋକେ ତା'କୁ ବିନା କାରଣରେ ହସୁଥିବାର ଦେଖି କ'ଣ ଭାବନ୍ତେ କେଜାଣି! ବିନା କାରଣରେ ନୁହେଁ । ମାତ୍ର ଏ କାରଣ ଅନ୍ୟମାନଙ୍କୁ କହିହବନି । ସେ ବି ଦଶବର୍ଷର ପୁରୁଣା କଥା, ତାହା ଏକ ନିଜସ୍ୱ ଅନୁଭବ, ନିଜର ଭାବନାର କଥା ।

"ଛାଡ" କହି ଗୋଟେ ଦୀର୍ଘ ନିଶ୍ୱାସ ମାରି ସେ ଚୌକିଆଡକୁ ଆଗେଇଲା, ପୁଣି ବହି ଆଲମାରିକି ଅନେଇ ସେ ଆଡକୁ ଗଲା । ତା'ପରେ ଆଲମାରି ଖୋଲି ବହି ଦେଖିବାକୁ ଲାଗିଲା । ଖଣ୍ଡେ ବହି ବାହାର କରି ପୃଷ୍ଠା ଓଲଟେଇଲା । ସେଥିରୁ ଗୋଟେ ଶ୍ଳୋକ ପଢ଼ିଲା ଓ ବହିର ନାଁ ଦେଖିଲା । ତାହା ଥିଲା କାଳିଦାସଙ୍କ ଅଭିଜ୍ଞାନ ଶକୁନ୍ତଳମ୍ ନାଟକ । ଶ୍ଳୋକଟି ପୁଣିଥରେ ପଢ଼ିବାକୁ ଲାଗିଲା ।

ରମ୍ୟାଣି ବୀକ୍ଷ୍ୟ ମଧୁରାଂଶ୍ଚ ନିଶମ୍ୟ ଶବ୍ଦାନ୍ ପର୍ଯ୍ୟୁତ୍ସୁକୀ ଭବତି ଯତ୍ ସୁଖିନୋପି ଜନ୍ତୁଃ ।
ତଚ୍ଚେତସା ସ୍ମରତି ନୁନମବୋଧପୂର୍ବମ୍ ଭାବସ୍ଥିରାଣି ଜନନାନ୍ତର ସୌହୃଦାନି । (ପର୍ଯ୍ୟାକୁଳତ୍ରିଷ୍ଟତି)

ତା'କୁଇ ଗୁଣୁ ଗୁଣୁ ସ୍ୱରରେ ଆବୃତ୍ତି କରି ସେ ମଧ୍ୟ ପର୍ଯ୍ୟାକୁଳ ଅର୍ଥାତ ସ୍ତବ୍ଧ ହୋଇ ଠିଆ ହୋଇ ରହିଗଲା । ଏଇଥିପାଇଁ ଲୋକେ ସେଇ ମହା ମନିଷୀଙ୍କୁ ଶ୍ରେଷ୍ଠକବି ରୂପେ ଅଭିହିତ କରିଚନ୍ତି । କେବଳ ଏଇ ଶ୍ଳୋକଟି ପାଇଁ ତାଙ୍କୁ ଏ ସାର୍ଟିଫିକେଟ୍ ମିଳିଚି ବୋଲି କହି ସେ ତା'କୁ ପୁଣିଥରେ ଆବୃତ୍ତି କରି କରି ଚୌକିରେ ଆସି ବସି ପଡିଲା । ଭାବିଲା, କାଳିଦାସ ପ୍ରକୃତରେ ଶ୍ରେଷ୍ଠ କବି । ଏଥିରେ ସନ୍ଦେହ ନାହିଁ । ସେ ବାହାର ଜଗତ ଅପେକ୍ଷା ମଣିଷର ଅନ୍ତର୍ଜଗତରେ ପ୍ରବେଶ କରି, ସେଠି ବୁଲାଚଲା କରି, ତା'କୁ ଏମିତି ଭାବେ ଚିତ୍ରଣ କରିଯାଇଚନ୍ତି, ଯେମିତି ତାହା ଆମ ସମସ୍ତଙ୍କର ପାଇଁ ଉପଯୋଗୀ ହୋଇପାରିବ ।

ଆଜି ତା'ର ଖୁସି ହବା ଉଚିତ୍ । ଅନ୍ୟ କୌଣସି ସାହିତ୍ୟିକଙ୍କୁ ମିଳିନ ଥିବା ଗୌରବ ଆଜି ସେ ଲାଭ କରିବାକୁ ଯାଉଛି । ସାର୍ବଜନୀନ ସଭାର ଆୟୋଜନ ହେଉଛି, ସାର୍ବଜନୀନ ସମ୍ମାନ ମିଳିବ । ଆଉ କ'ଣ ଦରକାର ? ସେଇ ସାର୍ବଜନୀନ ସଭାକୁ କୁମୁଦ ବି ଯିବ । ତା'ର ବେଶଭୂଷା, ଅଳଙ୍କାର ଓ ଏସବୁ ବ୍ୟତୀତ ତା'ର ଅଙ୍ଗପ୍ରତ୍ୟଙ୍ଗରୁ ପ୍ରକଟିତ ସଂଯମିତ ଜୀବନର କାନ୍ତିକି ଦେଖିବାପରେ ଘମଣ୍ଡାକୁ ସ୍ୱର୍ଗ ମିଳିଗଲା ପରିଲାଗିଲା । କେବଳ ସ୍ୱର୍ଗ କାହିଁକି, କୁମୁଦ ପିନ୍ଧିଥିବା ସାଢ଼ିକି ଦେଖି ତାର ମୋକ୍ଷପ୍ରାପ୍ତି ହୋଇଗଲା ବୋଲି କହିବା ଉଚିତ୍ ।

ସେଇ ସାଢ଼ି । ସେଦିନ ସେ ଐକାନ୍ତିକ ଇଚ୍ଛାର ସହ ପ୍ରେମୋପହାର ସ୍ୱରୂପ ଆଣିଥିବା ସାଢ଼ି । ସେଇ ସାଢ଼ିକି ପିନ୍ଧିଥିବା ସୌନ୍ଦର୍ଯ୍ୟମୟୀ ମୂର୍ତ୍ତିକି ଦେଖି କ୍ଷଣକ ପାଇଁ ସେ ଖୁବ୍ ପୁଲକିତ ହୋଇ ଉଠିଲା । କିନ୍ତୁ ପରକ୍ଷଣରେ ମନଟା କାହିଁକି କେଜାଣି ଉଦ୍‌ବିଗ୍ନ ହୋଇ ପଡ଼ିଲା । ଏହାର କାରଣ କ'ଣ ? ପୁରୁଣା କଥା ମନେ ପଡ଼ିବା ହେତୁ ? ନା ଏହା ଭବିଷ୍ୟତର ଏକ ସୂଚନା ?

କୌଣସି ସୁନ୍ଦର ବସ୍ତୁ ଦେଖିଲେ ବିଗତ ଜନ୍ମର ସ୍ମୃତିସବୁ ମଣିଷକୁ ଚିନ୍ତିତ କରି ଦିଅନ୍ତି ବୋଲି କାଳିଦାସ କହିଛନ୍ତି ।

ବିଗତ ଜନ୍ମପର୍ଯ୍ୟନ୍ତ ଯିବାର ଆବଶ୍ୟକତା କ'ଣ ? ଏଇ ଜନ୍ମର ସ୍ମୃତି ଘମଣ୍ଡା ଭିତରେ କ୍ଲାନ୍ତି ଭରିଦେଇଛି । ଦଶବର୍ଷ ପୂର୍ବେ ମଦାଧତାରେ ମିଛ କହି, ନିଜର ମିତ୍ରକୁ ଧୋକା ଦେଇ ସେ ଏ ସାଢ଼ି କୁମୁଦ ପାଇଁ କିଣିଥିଲା ।

ମନରେ ଅଶେଷ ଉତ୍ସାହ ନେଇ ଘରକୁ ଆସିଲା ବେଳକୁ କୁମୁଦ ନ ଥିଲା । ଘମଣ୍ଡା ମୁହୂର୍ତ୍ତକ ପାଇଁ ଶଙ୍କିତ ହୋଇଗଲା । ପରମୁହୂର୍ତ୍ତରେ ନିରାଶାରେ ତା' ମୁହଁ ଫିକା ପଡ଼ି ଯାଇଥିଲା ଏବଂ ତା'ପରେ ସେ ଠୋ ଠୋ କରି ହସିଉଠିଥିଲା ।

ହସ ଓ ସନ୍ତୋଷ ମଧ୍ୟରେ କିଛି ସମ୍ପର୍କ ନାହିଁ ଏବଂ ଅତି ସନ୍ତପ୍ତ ହୃଦୟରୁ ବି ଯେ ହସ ବାହାରିପାରେ ଏକଥା ସେ ଦିନର ଅନୁଭୂତିରୁ ଘମଣ୍ଡା ଜାଣିଲା । ସେଦିନ ତା'କୁ ହସ ମାଡ଼ିଲା କାହିଁକି ? କୌଣସି ନାଟକର ଏକ ଚରିତ୍ର ହୋଇଥିଲେ ଅନ୍ୟମାନଙ୍କ ସ୍ୱଗତ ସମ୍ଭାଷଣରୁ ତା'ର ହସିବାର କାରଣ କହିପାରିଥା'ନ୍ତା, "ଆରେ ମୂର୍ଖ ଘମଣ୍ଡା ! ତୋ'ର ଦୁରବସ୍ଥା କେମିତି ହେଲା ? ତୋ' ଗାଲରେ ଚାପୁଡ଼ା କିଏ ମାରିଲା ? ହୋ -- ହୋ -- ସାଢ଼ି ଆଣିଛୁ ନା ? କୁମୁଦ ପାଇଁ ସାଢ଼ି ଆଣିଥିଲୁ । ତୁ ପ୍ରେମରେ ଧୋକା ଦେଇଛୁ । ତୋ' ସ୍ତ୍ରୀ ସରଳା ତୋ' ପାଇଁ ଜୀବନ ଦବାକୁ ପ୍ରସ୍ତୁତ ଥିଲା, 'ତମେ ହିଁ ମୋ' ଜୀବନ' ବୋଲି କହୁଥିଲା । ତା'ପାଇଁ ତୁ କେବେ ଯାଡ଼ର ଅଧାଦାମର ସାଢ଼ିଖଣ୍ଡେ ଆଣିଥିଲୁ କି ? ଏବେ ଆଣିଛୁ ? କାହାପାଇଁ ? . . . . . ." ଏ କଥାଟି ସେ ଏତେ ଧୀରେ ଧୀରେ କହିଲା ଯେମିତିକି କେବଳ ତା'କୁ ହିଁ ଶୁଣାଯିବ । ଏଥିରେ ସେ ହସି ପକେଇ ଥିଲା ।

ଆଜି ଦଶବର୍ଷପରେ ଭାବି ଦେଖିଲେ ? କିମ୍ବା ସେ ସାହସରସହ ସେଇ ଚିନ୍ତାର ସମ୍ମୁଖୀନ ହେଲେ ? ଘମଣ୍ଡା ପୁଣି ଡରିଗଲା । ତା' ମନରେ ଗୋଟେ ପ୍ରଶ୍ନ ଉଠିଲା ଏବଂ ଠିକ୍ ସେଇସମୟରେ ସାମ୍ନା କାନ୍ଥରେ ଟଙ୍ଗା ହୋଇଥିବା ସରଳାର ଛବି ପ୍ରତି ତା' ଦୃଷ୍ଟି ଆକୃଷ୍ଟ ହେଲା ।

ଛବିରେ ସରଳାର ମୁହଁ ଖୁବ୍ ହସ ହସ ଦିଶୁଥିଲା । ଓଠରେ, ମୁହଁରେ, ଗାଲରେ, ଆଖିରେ, ଯୋଉଠି ଦେଖ ଖାଲି ହସ ଆଉ ହସ । ମନେ ହଉଥିଲା ଯେମିତି ବ୍ରଶକୁ ରଙ୍ଗ ବଦଳରେ ହସରେ ବୁଡେଇ ଛବିଟି କରାଯାଇଛି । ପ୍ରଥମେ ଦାରିଦ୍ର୍ୟ, ତା'ପରେ ରୋଗ । କିନ୍ତୁ ସୁଖ କ'ଣ ଦେଖି ନ ଥିଲେ ବି ସରଳା ହସିପାରୁଥିଲା ।

ଥରେ ସେ ପଚାରିଲା, "କ'ଣ କରୁଚ ?"

ରମଣୀ ଉତ୍ତର ଦେଲା, "ଲେଖୁଚି ।"

"ସେତିକି ଥାଉ । ଯେତେବେଳେ ଦେଖ ଖାଲି ଲେଖୁଚନ୍ତି । ଏଥିରେ ଭଲା କୋଉ ସୁଖ ମିଳୁଚି ?"

"ସରଳା ! ତମକୁ ଶୀଘ୍ର ଦବା ପାଇଁ ମୋ'ର ଇଚ୍ଛା । ସେଥିପାଇଁ ଏମିତି ଅନବରତ ଲେଖିଚାଲିଚି ।"

"ମତେ ? ଆଉ କେତେ ସୁଖ ଦବ ? ତା'କୁ ରଖିବା ପାଇଁ ମନରେ ଜାଗା ବି ତ ଥିବା ଦରକାର ?"

"ମୁଁ ଚାହୁଁଚି, ତମ ମନ ଭରିଯାଇ ବାହାରକୁ ଉଛୁଳିପଡୁ । ତେବେ ଯାଇ ତମକୁ ଶୋଭା ଦିଶିବ ।" କହି ଆଙ୍ଗୁଳିରେ ଆସ୍ତେ କରି ଗୋଟେ ଚାପୁଡା ମାରିଥିଲା । ସେତେବେଳେ ସରଳା ପାନ ଖାଉଥିଲା । ତା'ର ଦୁଇ ଓଠ ଲାଲ ହୋଇଯାଇଥିଲା ଓ ଓଠରେ ପାନଛେପ ଲାଗିଥିଲା । ପାନଛେପ ଏମିତି ପୋଛିବା ଉଚିତ୍ କହି ରମଣୀ ଆଙ୍ଗୁଳିରେ ପୋଛିଦେଇଥିଲା ।

"ଏଠି ଯେମିତି କହୁଚ, ସେମିତି ଲେଖିବା ଉଚିତ୍ । ତେବେ ତମ ଯାଇ ବହି ଭଲ ବିକ୍ରି ହବ ।"

ତା'ପରେ ରମଣୀ ଥଟ୍ଟାରେ କହିଲା, "ଯାହା କହୁଚି ତା'କୁ ଶୁଣିବା ପାଇଁ ସ୍ତ୍ରୀ ରହିଚି । ଆଉ ଯାହା ଲେଖୁଚି । ତା'କୁ ଅନ୍ୟ ମାନଙ୍କ ସ୍ତ୍ରୀ ମାନେ ପଢୁଚନ୍ତି ।"

"ହଉ ହେଲା । ତା'କୁ ପଢିବା ପାଇଁ ଅନ୍ତତଃ ଦିନେ ତ ଡେରି ହବ । ଆଜି ଲେଖା ଲେଖି କରନି ।"

"କାହିଁକି, ଆଜି କ'ଣ କି ?"

"ଆଜି କ'ଣ ? ତମ ହାତ ଧରିବା ଦିନଠୁଁ . . . . ."

"ଆରେ, ହଁ । ଧେତ୍, ପୁଣି ଭୁଲିଗଲି । ଏଥର ବି କ୍ଷମା କରିଦବ ସରଳା । ଏହାକୁ ଲେଖିବା ଭିତରେ ଆଜି ଆମର ବିବାହ ବାର୍ଷିକୀ ବୋଲି ଭୁଲିଯାଇଥିଲି ।"

ସରଳା ତା' ମୁହଁରେ ହାତ ଦେଇ କହିଥିଲା, "ଇମିତି କଥା କୁହନି । ଆମ ବିବାହ ବାର୍ଷିକୀ ବର୍ଷରେ ଥରେ ମାତ୍ର ଆସେନି । ମତେ ତ ସବୁଦିନ ମଉଛବପରି ଲାଗୁଛି ।"

"ସରଳା ! ତମପରି ସ୍ତ୍ରୀ ର ହାତ ଧରିବାର ଯୋଗ୍ୟତା ମୋ'ର ନାହିଁ । ତମକୁ ପାଇବାଲାଗି କେତେ ଜନ୍ମ ଦରକାର ।"

"ସେ ସବୁ ଜନ୍ମରେ ବି ମୁଁ ତମ ପିଛା ଛାଡ଼ିବିନି ।" କହି ସରଳା ମଧ୍ୟ ଥଟ୍ଟା କରିଥିଲା ।

"ଦେଖ ସରଳା, ଗଲା ଜନ୍ମରେ ତମେ ଭୁଲରେ ବି କାହାରିକି କିଛି ଦାନ କରିନ ।"

"କାହିଁକି ? ଏ ଚିନ୍ତା ତମ ମନକୁ ଆସିଲା କାହିଁକି ?"

"ଏଇଥିପାଇଁ ଯେ ତମେ ମୋ'ପରି ଜଣେ ଗରିବ ସ୍ୱାମୀ ପାଇଲ । ତମପାଇଁ ଖଣ୍ଡେ ଭଲ ସାଢ଼ି ଆଣିବାର ସାମର୍ଥ୍ୟ ବି ମୋ'ର ହେଲାନି ।"

"ସ୍ତ୍ରୀର ଶୋଭା ସାଢ଼ିରେ ବଢ଼େନି । ହାତ ଧରିଥିବା ସ୍ୱାମୀର ପ୍ରେମରେ ବଢ଼େ ।"

"ତା' ମାନେ ତମେ କହୁଚ ଯେ ଶୋଭାର ବି ଗୋଟେ କନ୍‌ସେଶନାଲ ରେଟ୍ ଅଛି ।"

ଏକଥା ଶୁଣି ସରଳା ହସି ଉଠିଥିଲା । କଥା କଥାକେ ହସ । ଏବେ ଏଇ ଛବିରେ ବି ସେ ହସୁଛି । ଘମଣ୍ଡା ଦୀର୍ଘନିଶ୍ୱାସ ନେଲା, କାଳିଦାସ ବୋଧେ ସର୍ବଜ୍ଞାନୀ ହୋଇଥିବେ । ସୁଖର ସ୍ମୃତିରୁ ଦୁଃଖ ହୁଏ --- କେତେ ସତ କଥାଟା କହିଯାଇଚନ୍ତି !

ହୁଁ . . . . . ହେଲେ କାଳିଦାସ ଆଉ ଗୋଟେ କଥା କହିନାହାନ୍ତି । ଏକଥା ସେ ନିଜ ଅନୁଭୂତିରୁ ଜାଣିଚି । ତାହା ହେଲା ଦୁଃଖର ସ୍ମୃତିରୁ ସୁଖ ମିଳେ । ତା' ନ ହୋଇଥିଲେ ସେ ପୁରୁଣା କଥାଗୁଡ଼ା ମନେ ପକଉଚି କାହିଁକି ?

ସେ ଆଉଥରେ ହାତଘଡ଼ିକି ଚାହିଁଲା । ଚିନ୍ତାର ବେଗ ଓ ଘଡ଼ିର ବେଗ ଭିତରେ କେତେ ପାର୍ଥକ୍ୟ ! ସମ୍ମାନ— ସମିତିର ଲୋକେ ଆସିବାକୁ ଆହୁରି 42 ମିନିଟ୍ ଅଛି । ବର୍ତ୍ତମାନ ସେ ଗମ୍ଭୀର ହୋଇ ବସି ରହିବା ଉଚିତ୍ । . . . . . କିନ୍ତୁ ତା'କୁ ପୁଣି ହସ ଲାଗିଲା । ଛି ! କିନ୍ତୁ ସେ ସେଇ ସାଢ଼ିର ସ୍ମୃତିର ସ୍ୱାଦକୁ ପୂର୍ଣ୍ଣ ଉପଭୋଗ କରିବା ଆବଶ୍ୟକ ନ ହେଲେ ସମ୍ମାନ -- ସମିତି ଲୋକମାନଙ୍କ ଆଗମନ ଫଳରେ ଅନର୍ଥ ଘଟିପାରେ ।

" 'ହେଃ !' ଇସ୍ସ୍ କି ପିଲାଳିଆମି ! ଏ ବାଜେକଥାଗୁଡ଼ା ଆଜି ମନେପଡୁଚି କାହିଁକି ?" ଏତକ କହି ସେ ଚୌକିରୁ ଉଠିଲା । ପଛପଟେ ହାତ ଛନ୍ଦି କୋଠରୀରେ ଏପଟ ସେପଟ ହବାକୁ ଲାଗିଲା । ପ୍ରଥମ ସ୍ତ୍ରୀ ଚାଲିଗଲା । ସେ ଚାଲିଯିବାରୁ ଯେ କୌଣସି କାରଣରୁ ହଉ ନା କାହିଁକି ଘରେ ରହୁଥିବା ଆଉ ଜଣକ ପ୍ରତି ତା'ର ଆସକ୍ତି ବଢ଼ିଗଲା । ବିଛଣାରେ ପଡ଼ିରହିଥିବା ସ୍ତ୍ରୀକି ଲୁଚେଇ ସେ ତା' ସହିତ ବ୍ୟଭିଚାର କଲା । ସେ ଝିଅଟି ଗର୍ଭବତୀ ହୋଇଗଲା । ସ୍ତ୍ରୀ ମରିଯିବାପରେ ସେଇ ଝିଅକୁ ସେ ବାହା ହେଲା । ଦୁନିଆରେ ଅନେକ ଜାଗାରେ ଅନେକ ଲୋକ ଏସବୁ କରୁ ନାହାନ୍ତି କି ? ସେମାନଙ୍କର ତ ମାନସିକ ପୀଡ଼ା ହଉନି । କିନ୍ତୁ ଟିକିଏ ଭୁଲ ପାଇଁ ସେ ଏତେ କଷ୍ଟ ଭୋଗୁଚି କାହିଁକି ? ସେ କ'ଣ ବ୍ୟଭିଚାରକୁ ହଜମ କରିପାରୁ ନଥିବା ଗୋଟେ ଭୀରୁ, କାପୁରୁଷ ?

ନା, 'ବ୍ୟଭିଚାର' କହି ସେ କୁମୁଦକୁ ଅପମାନିତ କରୁଚି । ତାହା ବ୍ୟଭିଚାର ନୁହେଁ । ପ୍ରକୃତରେ ତାହା— ତା'ହେଲେ କ'ଣ ତାହା ପ୍ରେମ ? ନା ବାସନା ?

ଆଜି ବି ପ୍ରତିକଥାରେ ସରଳାର ସ୍ମୃତି ମନେପଡୁଥିବାରୁ ଏବେ ସୁଦ୍ଧା ସରଳାପ୍ରତି ତା'ର ପ୍ରେମ ରହିଚି ବୋଲି ସେ ବିଶ୍ୱାସ କରେ କାହିଁକି ? ଦି' ଜଣଙ୍କୁ ସମାନ ଭାବେ ପ୍ରେମ କରିବା କଣ ସମ୍ଭବ ନୁହେଁ ? ତେବେ ବିବାହ ପରେ ବାସନା ବ୍ୟକ୍ତ କରିଥିବା ହେତୁ ପ୍ରଥମ ସ୍ତ୍ରୀ ସହିତ ପ୍ରେମ ଏବଂ ବାସନା ବ୍ୟକ୍ତ କରିସାରିବା ପରେ ବିବାହ କରିଥିବା ହେତୁ ଦ୍ୱିତୀୟ ସ୍ତ୍ରୀ କୁମୁଦ ସାଥିରେ ବ୍ୟଭିଚାର ହେଲା ବୋଲି କହିବା କ'ଣ ଠିକ୍ ହବ ?

କୁମୁଦକୁ ସେ ଏବେ ଭଲ ପାଉଚି ନା ଆଗରୁ ଭଲ ପାଉଥିଲା । ଏଇ କଥାକୁ ନେଇ ରାମଣ୍ଣା ବେଳେ ବେଳେ ଖୁବ୍ ଚିନ୍ତିତ ହୋଇ ପଡୁଥିଲା । ସେଦିନ ସାଢି ନେଇ ଫେରିଲା ପରେ କୁମୁଦକୁ ଘରେ ନ ପାଇ ହୃଦୟ ଭିତରେ ସେ କେତେ ଶୂନ୍ୟତା ଅନୁଭବ କରିନଥିଲା ! ଅବଶ୍ୟ ପରମୁହୂର୍ତ୍ତରେ କଥା ଅଲଗା । ବୁଦ୍ଧିର ସହ ବିଚାର କରି ଅନ୍ତରର ଦହନକୁ ହସର ଶୀତଳତାରେ ନିର୍ବାପିତ କରି ଦେଇଥିଲା । ହେଲେ ପ୍ରଥମେ ମନଟା କେମିତି ଜଳିପୋଡି ଯାଉଥିଲା !

ତା' ସତ୍ତ୍ୱେ ରମଣ୍ଣାର ସନ୍ଦେହ ଥିଲା । କୁମୁଦକୁ ପ୍ରକୃତରେ ଭଲପାଉଥିଲେ ତା'କୁ ସେ ଏତେ ଅସହ୍ୟ ବୋଧ ହୁଅନ୍ତାନି । ଆଜିକି ଦଶବର୍ଷ ହେଇଗଲା ଏକାଠି ରହୁଥିଲେ ବି ଦି'ଜଣଙ୍କ ଭିତରେ କୌଣସି ଦୈହିକ ସମ୍ପର୍କ ନାହିଁ । ଅଥଚ ଅନ୍ୟ କୌଣସି ନାରୀ ପ୍ରତି ତା'ର ଆସକ୍ତି ଜାତ ହେଲାନି କାହିଁକି ? ଏଇଟା କ'ଣ ପ୍ରକୃତ ପ୍ରେମର ଲକ୍ଷଣ ?

ଚିନ୍ତାର ଭାରରେ ଥକି ଯାଇ ରମଣ୍ଣା ପୁଣି ଚୌକିରେ ବସି ପଡିଲା । ହଠାତ୍ କୁମୁଦର ମୂର୍ତ୍ତି ତା' ଆଗରେ ଆସି ଛିଡାହେଲା । ସେ ଚାରିଆଡକୁ ଚାହିଁଲା --- ସେ ପ୍ରକୃତ କୁମୁଦ ନ ଥିଲା । ସେ ତା' ମନର ମୂର୍ତ୍ତି ମାନ ରୂପ । ନା, ମନ ନୁହେଁ । ତା'ର ସ୍ମୃତିହିଁ ତା' ଆଗରେ ରୂପ ପରିଗ୍ରହ କରି ଛିଡା ହୋଇ ଯାଉଥିଲା । ଦଶବର୍ଷ ପୂର୍ବେ କୁମୁଦକୁ ଘରେ ନ ପାଇ ସେ ଠିକ୍ କଳ୍ପନା କରି କୁମୁଦର ପିଉସୀ ଘରକୁ ଯାଇଥିଲା । ସେତେବେଳେ ବି କୁମୁଦର ଏଇ ମୂର୍ତ୍ତି ତା' ଆଗରେ ଠିଆ ହୋଇଥିଲା ।

କୁମୁଦ ମୁହଁରେ ହସ ଲହରି ମାରୁଥିଲା । କିନ୍ତୁ ତା'କୁ ଦେଖି ରମଣ୍ଣା ଖୁବ୍ ଶଙ୍କିତ ହୋଇ ପଡିଥିଲା । ରାସ୍ତାସାରା ଲୋକମାନେ ତା'କୁ ଥଟ୍ଟା କରିଥିଲେ । ତେଣୁ ଆଗରୁ ସେ ଡରିଯାଇଥିଲା । ବାସ୍ତବିକ୍ ଲୋକମାନେ ଥଟ୍ଟା ନ କରି ଆଉ କ'ଣ କରିଥା'ନ୍ତେ ?

କୁମୁଦ ଘରେ ନ ଥିବା ଯୋଗୁଁ ସେ ପ୍ରାଣହୀନ ହେଇଗଲାପରି ଅନୁଭବ କରିଥିଲା । ଶେଷରେ ସେ ଚିନ୍ତା କଲା, କୁମୁଦ ବୋଧେ ତା' ପିଉସୀ ଘରକୁ ଯାଇଥିବ, ଅନେକ ଜାଗା ଖୋଜିଲା । କିନ୍ତୁ କାହାରିକି କିଛି ପଚାରିପାରିଲାନି କି କହି ପାରିଲାନି । ବହୁ ଜାଗା ବୁଲି ବୁଲି ଶେଷକୁ ଷ୍ଟେସନକୁ ଯାଇଥିବା ରାସ୍ତାରେ ଚାଲିଲା । ସବୁ କଥା ଭଲଭାବେ ବିଚାର କରି ଟିକେଟ୍ କିଣି କମ୍ପାର୍ଟମେଣ୍ଟ ପାଖରେ ପହଞ୍ଚିଲା ବେଳକୁ ଗାଡି ଛାଡିବା ସମୟ ହୋଇଯାଇଥିଲା । ଭିତରକୁ ଯାଇ ଦେଖିଲା ଯେ ଅନ୍ୟ ଯାତ୍ରୀମାନେ ଆଶ୍ଚର୍ଯ୍ୟ ହୋଇ ତା'ଆଡକୁ ଅନଉଚନ୍ତି । ସେମାନେ ଏମିତି କାହିଁକି ଅନଉଚନ୍ତି ବୋଲି ସେ ଭାବିବାକୁ ଲାଗିଲା । କିଛି ସମୟପରେ ଗୋଟେ ଖାଲିବର୍ଥରେ ଆସ୍ଥାନ ଜମେଇ ଦେଲା । କାହାରିସାଥିରେ କଥାବାର୍ତ୍ତା କରିବାକୁ ତା'ର ଇଚ୍ଛା ନ ଥିଲା ।

ଅନ୍ୟମାନେ ମଧ୍ୟ ତା'ସହ କଥାବାର୍ତ୍ତା କଲେନି । ବେଳେ ବେଳେ ସେମାନେ ତା'ଆଡକୁ ଯାହା କଣେଇ କଣେଇ ଚାହୁଁଥିଲେ । ବହୁ ସମୟ ଯାଏଁ ତା'କୁ ନିଦ ହେଲାନି । ରାତି ବେଶି ହବାରୁ ଅନ୍ୟ ମାନେ ନିଜ ନିଜ ବିଛଣା ବିଛେଇବାକୁ ଆରମ୍ଭ କଲେ । ରମଣ୍ଡା ବି ଭୀଷଣ ଥକ୍କାରେ ଶୋଇବାକୁ ଚିନ୍ତାକରି ବିଛଣା ---

ଛି ! ସେ କେତେ ମୂର୍ଖଟାଏ ! କି ହାସ୍ୟାସ୍ପଦ ପରିସ୍ଥିତି ! କୁମୁଦ ପିଉସୀ ଘରକୁ ଯାଉଥିଲା ବେଳେ ତା' ପାଖରେ କେବଳ ସେଇ ସାଢ଼ି ଖଣ୍ଡକ ଥିଲା, ଆଉ ତା'କୁ ଇ ବିଛଣା ବୋଲି ଭାବି ସେ ବିଛଉଥିଲା । ଅନ୍ୟ ଯାତ୍ରୀମାନେ ତା'ର ଏ କାରବାର ଦେଖି ହସ ଅଟକେଇ ପାରିଲେନି । ଶେଷରେ ସେଇ ହାସ୍ୟଜନକ ପରିସ୍ଥିତିରେ ସେ ନିଜେ ବି ହସି ପକେଇଥିଲା ।

ତା'ପରେ ତା'ର ଏ ବ୍ୟବହାର ଦେଖି ଅନ୍ୟଲୋକେ ତ ରସ୍ତାସାରା ହସିଥିବେ ! ଏଯ୍ଯା ଭାବି ରମଣ୍ଡା କୁମୁଦ ଆଗକୁ ଯିବାକୁ ଦୋଦୋପାଞ୍ଚ ହଉଥିଲା । ତା' ମୁହଁକୁ କି ଅପଶକୁନ ବର୍ଷୁଥିଲା କେଜାଣି ! କୁମୁଦ ବି ଈଷତ୍ ହସି ତା'କୁ ଦେଖୁଥିଲା । ସେଦିନ ସକାଳୁ ଯୋଉ ହସ ହସ ମୁହଁ ତାକୁ ଭୟଭୀତ କରିଥିଲା, ସେଇ ବସନ୍ତ ମୂର୍ତ୍ତି ସେତେବେଳେ ରମଣ୍ଡା ଆଗରେ ଉଭା ହେଇଗଲା ।

ରମଣ୍ଡା ଭାବିଲା, ଆଜି ଦଶବର୍ଷ ପୁରିଯିବା ହେତୁ କୁମୁଦର ସେଇ ରୂପ ତା'ଆଗରେ ବୋଧେ ନାଚିଯାଉଚି । ଯେତେ ଚେଷ୍ଟା କଲେ ବି କୁମୁଦର ଚେହେରା ବି ତା'ର ମନେ ପଡୁନଥିଲା । ମନର ଏ କି ପ୍ରକାର ଧୋକା ? ଜଗତରେ ମଣିଷର ବ୍ୟବହାର କ'ଣ ଏମିତି ? ଏଇଥିପାଇଁ ଶଙ୍କରାଚାର୍ଯ୍ୟ ଜଗତକୁ ମାୟା ବୋଲି କହିନାହାନ୍ତି ତ ? ଯେ କୌଣସି ବସ୍ତୁ ହଉ ନା କାହିଁକି ତା'ର ରୂପ ଯାହା ତାହା ସେଇ ରୂପରେ ଦିଶେନି । ଦର୍ଶକ ନିଜର ଇଚ୍ଛାନୁସାରେ ତା'କୁ ଯୋଉ ରୂପ ଦିଏ । ତାହା ତା'କୁ ସେମିତି ଦେଖାଯାଏ, ଏବଂ ଶେଷପର୍ଯ୍ୟନ୍ତ ସେଇ ରୂପ ତା' ଦୃଷ୍ଟିରେ ରହିଥାଏ ।

ହୁଁ . . . . . । ତତ୍ତ୍ୱଜ୍ଞାନ ବିଷୟରେ ଯେତେ ମୁଣ୍ଡ ଖେଳାଅନା କାହିଁକି, ସବୁ ଅକାରଣ । ଯାହା ଅଛି ତା'କୁ ସ୍ୱୀକାର କରିନବା ଉଚିତ୍ । କୁମୁଦ ପ୍ରଥମେ ତା'କୁ କାମିନୀ ରୂପରେ ମୋହିତ କରିଥିଲା । ତେଣୁ ସେଇ ମୂର୍ତ୍ତି ସବୁବେଳେ ତା'ଆଗରେ ଆସି ଛିଡା ହୁଏ । ନିମନ୍ତ୍ରଣ ଜଣଉଥିବା କୁମୁଦର ଆଖି, ଦର୍ଶନ ମାତ୍ରେ ଆଲିଙ୍ଗନ ପାଇଁ ଇଚ୍ଛା ଜାତ କରଉଥିବା ତାର ନିଟୋଳଦେହ, ପାଖକୁ ଆସିଲେ ଲୁହାକୁ ଚୁମ୍ବକ ପରି ଆକୃଷ୍ଟ କରିଥିବା ଓଠ, ଭରା ସ୍ତନ ଢଳ ଢଳ ଗତିବିଶିଷ୍ଟ ପରିପୂର୍ଣ୍ଣ ଦୁଇ ସ୍ତନ . . . . . .

ବେଳେ ବେଳେ ରମଣ୍ଡା ଭାବୁଥିଲା, ଏ ପ୍ରକାର ଭାବନା ଲାଗି ତା'କୁ ଲାଜମାଡୁନି ? କିନ୍ତୁ ସେଥିରେ ଲାଜର କଥା କିଛି ନ ଥିଲା । ତାହା କୌଣସି କପୋଳ କଳ୍ପିତ ଚିତ୍ର ନ ଥିଲା । ତା'କୁ ନଷ୍ଟ କରି ଦବାର କି ଭୁଲି ଯିବାର ଶକ୍ତି ମଧ୍ୟ ତାର ନ ଥିଲା । ସେଦିନ ପିଉସୀ ଘରକୁ ଯାଇ ସାମ୍ନାରେ ଠିଆ ହେଇଥିବା କୁମୁଦର ହସ ହସ ମୁହଁକୁ ଦେଖିବା ପରେ କ୍ଷଣକ ପାଇଁ ରମଣ୍ଡାର ଆଖି ଆଗରେ ଯେମିତି ଅନ୍ଧାର ଘୋଟିଗଲା ।

ଓହୋ ! ରମଣ୍ଡାର ଠିକ୍ ମନେ ପଡିଲା । ସେତେବେଳେ ସାଢ଼ି ନେଇକି ଯାଇ ନ ଥିଲା । ସେଇଟା ତ ଦ୍ୱିତୀୟ ଥର କଥା । ପ୍ରଥମେ ମୋହନ ଜନ୍ମହବା ଆଗରୁ ଓ ବାହାଘର କିଛିଦିନ ପରେ କୁମୁଦ ତା' ପିଉସୀ

ଘରକୁ ଯାଇଥିଲା । ସେଥର ମଧ୍ୟ ସ୍ଥା ଅବସ୍ଥା ଠିକ୍ ସେମିତି ହୋଇଥିଲା । ସେଥର ନା ତା'ପର ଥର ? ଯୋଉ ଥର ହଉ ଯେତେବେଳେ ବି କୁମୁଦ କଥା ମନେ ପଡୁନା କାହିଁକି ତା'ର ସେଇ ଗୋଟିକ ମୂର୍ତ୍ତି ରମଣ୍ଡା ଆଗରେ ଭଭା ହୋଇ ଠିଆ ହୁଏ । ପ୍ରଥମ ଥର ମୋହନ ଜନ୍ମ ହବା ଆଗରୁ କୁମୁଦ ଅକସ୍ମାତ ନିଜକୁ ନିଜେ ଅସହାୟ ଅନୁଭବ କରି ଚାଲିଯାଇଥିଲା । ସେ ଦିନର ଅନୁଭୂତି ମନେ ପଡିଲେ ଆଜି ବି ରୋମ ଟାଙ୍କୁରି ଉଠେ । କୁମୁଦ ଠିଆ ହୋଇ ହସୁଥିଲା ଓ ରମଣ୍ଡା ମୂକପରି ଠିଆ ହୋଇଥିଲା । କୁମୁଦ ମା' ହବାକୁ ଯାଉଥିଲା ତ ! ବୋଧେ ସେଇଥିପାଇଁ ତା' ମୁହଁରେ ଗର୍ବମିଶା କାନ୍ତି ଫୁଟିଉଠୁଥିଲା ଆଉ ଆଖିରେ ଥିଲା କରୁଣାପୂର୍ଣ୍ଣ ଦୃଷ୍ଟି । ତା' ଆଗକୁ ଯିବାକୁ ଅସମର୍ଥ ହୋଇ ରମଣ୍ଡା ଅପରାଧୀ ପରି ଛିଡା ହୋଇଥିଲା । ସେ ମନେ ମନେ ଭାବୁଥିଲା, କେତେବେଳ ଯାଏଁ ତା'କୁ ଏମିତି ଛିଡା ହବାକୁ ପଡିବ କେଜାଣି ! ଏକଥା ସତ ଯେ ଆଉ କିଛି ସମୟ କୁମୁଦ ସେମିତି ଠିଆ ହୋଇ ରହିଥିଲେ ସେ ମୂର୍ଚ୍ଛା ହୋଇଯାଇଥା'ନ୍ତା । ସେତିକିବେଳେ ଭିତରୁ ଜଣେ ବୁଢୀର ସ୍ୱର ଶୁଭିଲା -----

"କୁମୁଦି ! ସେ ମିଣିପଟି କିଏ କିଲୋ ?" କୁମୁଦ କ'ଣ ଉତ୍ତର ଦେଇଥା'ନ୍ତା? ପରିଚୟ ନାଇଁ ? ବନ୍ଧୁ ? ଜଣେ ସମ୍ପର୍କୀୟ ? ନା କିଏ ଗୋଟେ ବଦମାସ ? ମାତ୍ର ସେ କହିଲା, "ଅପା, ଇଏ ଆସିଚନ୍ତି । ଏଠିକି ଆସ !"

ତା'ପରେ ଯାଇ ରମଣ୍ଡାର ଟିକେ ସାହସ ହେଲା, ଆଉ କୁମୁଦ ଏବେ ବି ତା'କୁ ଭଲ ପାଉଚି ବୋଲି ଭରସା ହେଲା । କିନ୍ତୁ ସେ 'ମୋ'ର ନ କହି 'ଇଏ' କହିଥିଲା । ସେଥିରେ ସେତେବେଳେ ଆତ୍ମୀୟତା ନ ଥିଲା ।

"ଏଁ ? ତୋ' ଗେରସ୍ତ ? ଇମିତି ସ୍କୁଲରୁ ଲୁଚି ପଳେଇ ଆସିଥିବା ପିଲାପରି ଆସିଚ କାହିଁକି ?"କହି ବୁଢୀ ଜଣକ ସେମାନଙ୍କ ପାଖକୁ ଆସିଲା, ଏବଂ ଦି'ଜଣଙ୍କୁ କଣେଇ ପରି ଠିଆ ହୋଇଥିବାର ଦେଖି କହିଲା, "କ'ଣ ପୁଅ ! ବାହାଘରକୁ ତ ବୁଢୀକି ଡାକିଲନି । କିନ୍ତୁ ପ୍ରଥମ ଦାୟିତ୍ୱ ମୋ' ଉପରେ ଲଦିଦେଲ ?"

ତା'ର ଉତ୍ତରରେ ରମଣ୍ଡା କେବଳ ଟିକେ ହସିଥିଲା ।

"ହସ ପୁଅ, ହସ । ଦିନେ ନା ଦିନେ ସମସ୍ତେ ଇମିତି ବୁଢୀ ହେବେ, ଏଥିପାଇଁ ଜୁଆନ୍ ବେଳେ ହସିଖେଳିଦିନ କାଟିବା ଉଚିତ୍ । ଇମିତି କାହିଁକି ଠିଆ ହୋଇଚୁ କୁମୁଦି ? ପୁଅକୁ ବସିବାକୁ କହିବୁନି ?"

"ଘର ତ ତମର ଅପା ।"

ହେଲେ ଘରବାଲା ତ ତୋ'ର । ତୁ ଯୋଉଠି ରହୁଚୁ ସେଇ ତା'ର ଘର । ବସ ପୁଅ । ମୁଁ ଚାହା ଆଣୁଚି । ପଛେ ଗାଧୋଇବ । ସ୍ତ୍ରୀ କୁଆଡେ ପଳେଇ ଯାଉଥିଲା ନା କ'ଣ, ଦିନଟେ ନ ଯାଉଛି ପଛେ ପଛେ ଚାଲି ଆସିଲ ?"

ଉତ୍ତରକୁ ଅପେକ୍ଷା ନ କରି ଶେଷ କଥାଗୁଡାକ ନିଜକୁ ନିଜେ କହି ବୁଢୀ ଚାଲିଯିବାପରେ ରମଣ୍ଡା ଟିକେ ନିଶ୍ବାସ ମାରିଲା ।

"କୁମୁଦ !"

"କ'ଣ ?"

"ମୋ' ଉପରେ ରାଗିଚ ?"

"କାହିଁକି ?"

"ତମେ କ'ଣ ବାହାଘର ଚାହୁଁ ନ ଥିଲ ?"

"ଚାହିଁ ନ ଥିଲେ ଜୀବନ ସାରା ଗଞ୍ଜଣା ସହିଥାନ୍ତି । ତମ ଦୟାରୁ ବଞ୍ଚିଗଲି !"

"ବୁଝିଲି । ତମେ ମୋ' ଉପରେ ରାଗିଚ ।"

"ତମ ଉପରେ ନୁହେଁ, ନିଜ ଉପରେ ।"

"କ'ଣ କହିଲ !"

"ତମ ମିଠା କଥାରେ ଭୁଲି ଧୋକା ଖାଇଲି ।"

"ସେମିତି କୁହନି କୁମୁଦ । ଦି'ଜଣଙ୍କ ଇଚ୍ଛାରେ ଏ ବାହାଘର ହୋଇଚି !"

"ବାହା ହୋଇଲେ ଜନ୍ମ ହବାକୁ ଥିବା ପିଲାର ନା'ଆଗରେ ବାପା ନାଁ ଲେଖା ହବ . ମତେ କ'ଣ . . . . !"

"କୁମୁଦ ତମକୁ ପୁରା ମନଯୋଗ ସହକାରେ . . ."

"ତମ ମନଯୋଗ କଥା ସେତିକି ଥାଉ । ତମେ ସାହିତ୍ୟିକ । ବିଭିନ୍ନ ଶବ୍ଦର ମହତ୍ତ୍ୱ ଜାଣିଚ । ସେଥିପାଇଁ 'ମନଯୋଗ' କହିଲ, ଭୁଲରେ ବି 'ପ୍ରେମପୂର୍ବକ' କହିଲନି ।"

"କୁମୁଦ, ଏଯାଏଁ କଥାବାର୍ତ୍ତା ଚାଲିଚି ?" କହି ବୁଢୀ ଭିତରକୁ ଆସିଲା । ରମଣ୍ଡା ସେକଥା କେବେ ଭୁଲିପାରିବନି । ସେତେବେଳେ ବୁଢୀ ଆସି ନ ଥିଲେ ଆବେଗରେ ଭାସିଯାଇ ସେ କ'ଣ କ'ଣ କହିପକେଇ ଥା'ନ୍ତା ତା'ର ଠିକ୍ ଠିକଣା ନାହିଁ । ବୁଢୀର ଉପସ୍ଥିତି ହେତୁ ସେମିତି କିଛି ଘଟିଲାନି, ବରଂ ମନରେ ଟିକେ ସାହସ ଆସିଲା । ସେଦିନ ସେ କୁମୁଦକୁ ଯୋଉ କଥା କହିଥିଲା, ତାହା ମନେ ପଡିଲେ ଏବେ ବି ତା'କୁ ସଙ୍କୋଚ ଲାଗେ । ସେଦିନ ମଧ୍ୟ ସଙ୍କୋଚ ଲାଗିଥିଲା ।

କୁମୁଦକୁ ସେ ଭଲ ପାଉଥାଇପାରେ । ଭଲପାଉଚି ବୋଲି କହିବା ଉଚିତ୍ । କିନ୍ତୁ ସରଳାର ସ୍ମୃତି ଅସ୍ପଷ୍ଟ ନ ହେଲା ପର୍ଯ୍ୟନ୍ତ ସେ କୁମୁଦକୁ ଭଲ ପାଉଚି ବୋଲି ସାହସର ସହିତ କହିପାରିବ କେମିତି ? ସେଦିନ ସେ କୁମୁଦକୁ ଏଇ ପ୍ରଶ୍ନ ପଚାରି ଅତି କଠୋର ଉତ୍ତର ପାଇଥିଲା । କୁମୁଦ କହିଲା, "ତମର ପ୍ରେମ ଦରକାର ନାହିଁ କି ତମର ଦରକାର ନାହିଁ ।"

କିନ୍ତୁ ଶେଷରେ ସେ ମାନିଯାଇଥିଲା ଓ ଗୋଟେ ସର୍ତ୍ତରେ ରମଣ୍ଡା ଘରେ ରହିବାକୁ ରାଜି ହୋଇଥିଲା । ସେଇ ସର୍ତ୍ତ ହଉଚି, ପିଲା ହବା ଯାକେ ସେ ପିଉସୀ ଘରେ ରହିବ । ତା'ପରେ ଘରକୁ ଫେରି ଆସିଲେ ରମଣ୍ଡା ତା'ଉପରେ ଦାମ୍ପତ୍ୟ ଜୀବନର ଅଧିକାର ଜାହିର କରିବନି ।

ରମଣ୍ଡା ଉତ୍ତର ଦେଇଥିଲା, "ମାନୁଚି, ଖୁସିରେ ମାନୁଚି ।"

'ମାନୁଚି' ବୋଲି ସେ କେମିତି ଯେ କହିଲା, ଭାବିଲା ବେଳକୁ ଆଜି ଆଶ୍ଚର୍ଯ୍ୟ ଲାଗୁଚି । ଯାର ପ୍ରସଙ୍ଗ କ'ଣ ଥିଲା ? କ'ଣ ମାନୁଚି ? . . . . . ଶେଷରେ ସ୍ମୃତି ସବୁ ମନେପଡିବାରୁ ଗୋଟେ ଦୀର୍ଘଶ୍ୱାସ ନେଇ ସେ ମାନିନେଲା ଯେ କାଳିଦାସ ପ୍ରକୃତରେ ମହାକବି ।

କୁମୁଦ ସାମ୍ନା କାନ୍ଥକୁ ଚାହିଁ କହିଲା, "ସେଦିନ ମାନିଯିବା ହିଁ ଭୁଲ ହେଲା ।" ତା'ପରେ ସେ ଭାବିଲା ଆଜି ସ୍ୱାମୀଙ୍କ ସମ୍ମାନ ସମାରୋହରେ ତାକୁ ତାଙ୍କ ଛାୟାପରି ଅନିବାର୍ଯ୍ୟଭାବେ ଯିବାକୁ ପଡିବ । ପ୍ରାୟଶ୍ଚିତ୍ତ ହଉଚି ଯାହା ହଉନା କାହିଁକି ସ୍ତ୍ରୀର ସ୍ୱଭାବ । ସେ ପୁଣି ଖାଇବା ଆଡକୁ ମୁହଁକରି ବସିଗଲା ଓ ନିଜକୁ ନିଜେ କହିଲା, "ମୁହଁ ଦିଶିବା ଉଚିତ୍, ସାଢି ଦିଶିବା ଉଚିତ୍ ନୁହେଁ, ପାଗିଳୀ ! ଦାମ୍ପତ୍ୟ ଜୀବନର ସୁବିଧା ସବୁ ହିଁ ଲୋଡା, ତା'ର ଅସୁବିଧା ସବୁ ଲୋଡା ନାହିଁ, ଏହା କେମିତି ସମ୍ଭବ ହେବ ? ବାହାଘର ଆଗରୁ ସେ ଯେମିତି ବ୍ୟବହାର କରିଥାଉ ନାଁ କାହିଁକି, ଏଇନେ ସେ ବିବାହିତା ଗୃହିଣୀ, ପତିବ୍ରତା ଗୃହିଣୀ, ଖାଇବା ଓ ପିନ୍ଧିବାର ଚିନ୍ତା ନାଇଁ, ହେଲେ ସୁଖର ଅଧିକାର ମଧ୍ୟ ନାଇଁ ।

ସେଦିନ ସେ ଟିକେ ସାହସର ସହ କାମ କରିବା ଉଚିତ୍ ଥିଲା । ସେତେବେଳେ ପେଟର ଜୀବଟି ପାଇଁ ସେ ଦୁର୍ବଳ ହେଇଯାଇଥିଲା । ଏଣୁ ପ୍ରଥମରୁ ତା'କୁ ସେ ପିଲାକୁ ଭାରି ଚିଡି ମାଡୁଥିଲା । ସେଇଟି ଥିଲା ରମଣ୍ଡାର ପିଲା । ତାକୁ ଦେଖିଲା ମାତ୍ରେ ସେ ରମଣ୍ଡାକୁ ଭୁଲିପାରୁ ନ ଥିଲା । ରମଣ୍ଡା କଥା ମନେ ପଡିଲେ ଏପରିକି ଏବେ ମଧ୍ୟ କୁମୁଦର ଦେହ ପୁଲକିତ ହେଇ ଉଠେ । ଗୋଟେ ଦୃଷ୍ଟିରୁ ସେ ପିଲା ତା'ର ସ୍ୱର୍ଗୀୟ ଆନନ୍ଦର ପ୍ରତିବନ୍ଧକ ଥିଲା ।

ଦିନେ ସେ ଘରର ବୁଢୀ କହିଥିଲା, "କୁମୁଦ, ତୋ' ପୁରିଲା ଦେହକୁ ଦେଖି ଲାଗୁଚି ପୁଅଟେଇ ହବ ।"

ସେ ଟିକେ ବଡପଣିଆ ମିଶା ସ୍ୱରରେ କହିଥିଲା, "ଯାହାହବାର ଥିବ ହବ । ଏଇଟା କାହା ହାତର କଥା ଅପା ?"

କୁମୁଦ ବେଳେ ବେଳେ ମନେ ମନେ ଭାବୁଥିଲା, ଇଏ କି ପ୍ରକାର ରହସ୍ୟ ? ଯଦିଓ ମଣିଷକୁ ପୂର୍ଣ୍ଣରୂପେ ପରାଧୀନ ବୋଲି କୁହଯାଏ ତେବେ ମଣିଷ ଜନ୍ମକୁ ହିଁ ଦେଖିବା ଉଚିତ୍ । ସେତେବେଳେ କ'ଣ ତାକୁ ଏକଥା ଜଣାଥିଲା ? ବର୍ତ୍ତମାନ କେହି ପଚାରିଲେ କୁହାଯାଇପାରେ, "ହଁ ଜଣାଥିଲା ।" ଏକଥା ସତ, ହେଲେ ସେତେବେଳେ ତାକୁ କୌଣସି କଥା ଜଣା ନ ଥିଲା, କୌଣସି କଥାକୁ ଅପେକ୍ଷା ନ ଥିଲା । କୌଣସି ଜିନିଷର ହୋସ୍ ନ ଥିଲା ।

କି ଆଶ୍ଚର୍ଯ୍ୟ ! ଏଇନେ ଯାହା ହେଲା ସେସବୁ ଦେଖି, ଚିନ୍ତାକରି, ହିସାବ କରି, ଲାଭକ୍ଷତି ଭାବିବା ପରେ ରମଣ୍ଡା ଉପରେ ଚିଡିମାଡୁଚି, ଅପା କହିଥିବା କଥା ଯଦି ସତ ତେବେ ରମଣ୍ଡା ଅନ୍ୟ ପୁରୁଷମାନଙ୍କ ପରି ନା ଅନ୍ୟ ପୁରୁଷ ମାନେ ରମଣ୍ଡା ପରି । ଭୋକିଲା ବେଳେ ଖାଦ୍ୟ ସୁସ୍ୱାଦୁ ଲାଗେ । ପେଟ ପୁରିଗଲେ ନିଦ ଆସେ ।

ଏହା ଜଣାଶୁଣା କଥା । ସେମିତି ଘମଣ୍ଡାର ବି ଦୋଷ କ'ଣ ? ତା'ର ମଧ୍ୟ ଦୋଷ ଅଛି, ତାଳି ବଜେଇବା ପାଇଁ ଦୁଇ ହାତ ଦରକାର । ଗୋଟିଏ ଜୀବର ସୃଷ୍ଟିପାଇଁ ଦୁଇଟି ଜୀବଙ୍କର ଆବଶ୍ୟକତା ରହିଚି । ନୂଆପତ୍ର ଆସିବା ପାଇଁ ପୁରୁଣା ପତ୍ରକୁ ଝଡିବାକୁ ହିଁ ହବ । ଏକଥା ତ ଠିକ୍, ହେଲେ ଖାଲି ସିଏ ପୁରୁଣା ପତ୍ର ହେଇ ରହିବ କାହିଁକି ? ଘମଣ୍ଡା ବି ଝଡିବନି କାହିଁକି !

ଧୀରେ ଧୀରେ କୁମୁଦ ଭିତରେ ଏକ ପ୍ରକାର କୋମଳତା ଭରିଯାଇଥିଲା । ସେ କେବେ ଘମଣ୍ଡାର ଦରକାର ହେଇଥିଲା ବୋଲି ଭୁଲି ଯାଇଥିଲା, ବରଂ ସେ ଯେ ସୃଷ୍ଟିରେ ଗୋଟେ ନୂଆ ଜୀବକୁ ଜନ୍ମଦେଇ ପାଳି ପୋଷି ବଡ କରିଥିବା ମା, ଏହା ଭାବି ସେ ପୁଲକିତ ହେଇ ଉଠୁଥିଲା । ତା'ର ମଧ୍ୟ ଡର ଥିଲା ଯେ ଏଥିପାଇଁ ତା'ର ଯୋଗ୍ୟତା ଅଛି ତ ? ସେଇ ଯୋଗ୍ୟତା ଯେତେବେଳେ ବଢୁଥିଲା ସେତେବେଳେ ସେଇ ଅନୁଭବରୁ ସେ ଉତ୍ସାହିତ ହେଉଥିଲା । ଜଙ୍ଘରେ ବଢୁଥିବା ଭାରକୁ ଦେଖି ସନ୍ତୋଷ ଲାଭ କରୁଥିଲା ପିଲାଟିକୁ କ୍ଷୀରପାନ କରେଇ, ଖୁଏଇ ପିଏଇ ବଡ କରିବା କଥା ଚିନ୍ତାକଲେ ତା' ହୃଦୟରେ ଏକ ଅକଥନୀୟ ବେଦନା ସୃଷ୍ଟି ହେଉଥିଲା, ମାତ୍ର ସେଇ ବେଦନା ଯେ ହୃଦୟର ନୁହେଁ ବରଂ ପିଲା ଖାଇବାର ପ୍ରାକ୍‌-ପ୍ରସ୍ତୁତିର ବାହ୍ୟ ଲକ୍ଷଣ, ଏହା ଭାବି ସେ ପ୍ରସନ୍ନ ହେଉଥିଲା ।

ବେଳେବେଳେ ସେ ଭାବୁଥିଲା ଯେ ଘମଣ୍ଡାର କିଛି ଦୋଷ ନାହିଁ । ତା'ଉପରେ ରଗିଲେ ଲାଭ କ'ଣ ! ଯେତେ ଯାହା ହେଉନା କାହିଁକି ସେତ ମର୍ଦ୍ଦ । ମର୍ଦ୍ଦମାନେ କ୍ଷଣିକ ସୁଖପାଇଁ ଲାଳାୟିତ । ଚିରନ୍ତନ ମାତୃତ୍ୱର ସୁଖଦାୟକ ଅନୁଭବ ମର୍ଦ୍ଦ ମାନଙ୍କ ପାଖରେ ନ ଥାଏ । ଏହା ଚିନ୍ତାକରି ତା'ର ଘମଣ୍ଡା ଉପରେ ଦୟା ହଉଥିଲା । ଏଇ ସବୁ ଚିନ୍ତାର ସ୍ରୋତରେ ତା' ନିଜ ଗର୍ଭରୁ ଜନ୍ମ ହେବାକୁ ଥିବା ପିଲାଟି ଯେ ପୁଅ ହବ, ଏଇ ଆଶାରେ ସେଇ ମର୍ଦ୍ଦକୁ ଦୟା ଦେଖାଇବାକୁ ଇଚ୍ଛା ହେଉଥିଲା । ଅଇନା ଆଗରେ ବସିଥିଲା ବେଳେ କେବେ କେବେ ତା'ମୁହଁରେ ଅଭିମାନ ଭରା ହସ ଉକୁଟି ଉଠୁଥିଲା । ପାଗଳ ମର୍ଦ୍ଦ ! ଏମିତି ସୌନ୍ଦର୍ଯ୍ୟ ପ୍ରତି ଯଦି ମୋହିତ ହୋଇଗଲା ତେବେ ସେଥିରେ ଆଶ୍ଚର୍ଯ୍ୟ କ'ଣ ?

କେତେଥର ଏଇସବୁ ଚିନ୍ତାର ସୁଅରେ ସରଳା ଅପା କଥା ତା'ର ମନେପଡି ଯାଉଥିଲା । ବିଚାରୀ ! କିଛି ସୁଖ ନ ଦେଖି କଷ୍ଟ ପାଇ ପାଇ ମଲା । ସବୁବେଳେ କହୁଥିଲା, ଘରେ ପିଲାଛୁଆ ଥିଲେ ଯାଇ ଘର ପରି ଲାଗେ । ସେତେବେଳେ ଭୟେ କେତେ ବୋକି ଥିଲା । ଦିନେ ଅପା ସାଥିରେ କଥା କହୁଁ କହୁଁ କେମିତି ପାଗଳଙ୍କ ପରି ପ୍ରଶ୍ନ ପଚାରିଥିଲା !

"ଦେଖି କୁମୁଦ, ସ୍ତ୍ରୀର ସୁଖ କୋଉଥିରେ ଜାଣୁ ? ତା'ର ନିଜର ଗୋଟେ ଘର ଥିବ, ଜଣେ ସନ୍ତୁଷ୍ଟ ସ୍ୱାମୀ ଥିବ, ଘରସାରା ଖେଳିବା ପାଇଁ ପିଲା ଥିବେ ।"

"ତୋର ନିଜ ଘର . . . . . ."
କେବଳ ଖାଇବା କଥା ମନେ ପଡିବାରୁ ସରଳା ହସି ହସି କହିଥିଲା, "କଣ ସନ୍ତୁଷ୍ଟ ସ୍ୱାମୀ ଅଛନ୍ତି ?"

"ତେବେ ଆଉ କ'ଣ ଦରକାର ? ଆଜି କାଲି ଭିତରେ ପିଲା ବି ହେଇଯିବ ।"

ତା' କଥାରେ ଅପା ଦୀର୍ଘ ଶ୍ୱାସ ନେଇ ଛାତର କଡିକୁ ଚାହିଁ ସ୍ତବ୍ଧ ହୋଇ ରହିଗଲା ।

"ସ୍ୱା ପରେ . . . . . ."

ଅପା କହିଥିଲା, "ତୁ ଗୋଟେ ପାଗିଳୀ"।

ସେ ଜମା କିଛି ବୁଝିପାରିଲାନି । ସ୍ୱାମୀ ଥିଲେ ତ ପିଲା ହୋଇଯିବ, ଏକଥା ତା' ମନରେ ଦୃଢ ହୋଇରହିଥିଲା ।

"ତୁ ପାଗିଳୀ କୁମୁଦ । ଏ ରୋଗରୁ ବଞ୍ଚିବା ମୋ ପକ୍ଷରେ ମୁସ୍କିଲ"

"ଅପା !"

"ଧରିନିଅ ମୁଁ ଭଲ ହୋଇଗଲି, ତେବେ ବି ଛୁଆପିଲାଙ୍କ ସୁଖ ମୋ ଭାଗ୍ୟରେ ନାହିଁ ।"

"କାହିଁକି ?"

ଏକଥା ଶୁଣି ସରଳା ଖିଲ୍ ଖିଲ୍ ହୋଇ ହସିଉଠିଲା । ହସି ହସି ଥକି ଯାଇଥିବା ତା' ମୁହଁ ଆହୁରି ସୁନ୍ଦର ଦିଶୁଥିଲା ।

ଅପା କହିଲା, "କାହିଁକି ? କାଲି ତୋର ବାହାଘର ହୋଇଗଲେ ଏସବୁ କଥା ତୁ ଆପେ ଆପେ ଜାଣିପାରିବୁ ?"

ତାହାଲେ ବାହାଘର ହେଲେ ବି ପିଲା ହବାର ଭରସା ନାହିଁ । ସ୍ତ୍ରୀ ଯେ ନିଶ୍ଚୟ ମା' ହବ ଏହା ନିଶ୍ଚିତ ନୁହେଁ ! ଯା'ର ରହସ୍ୟ କ'ଣ ? ସେତେବେଳେ ଏକଥା ତା' ମୁଣ୍ଡରେ ପଶିଲାନି ।

ସେତେବେଳେ ତ ଜଣା ନ ଥିଲା, ହେଲେ ଆଗକୁ ଜାଣିବାରେ ଡେରି ହେଲାନି । ଯୋଉ କଥା ବୁଝି ଥିଲାବେଳେ ବୁଝି ପାରିନଥିଲା । ବୁଦ୍ଧି ହଜିବାପରେ ସେଇ କଥା ସେ ଠିକ୍ ବୁଝିପାରିଲା ।

କୁମୁଦ ଯେତେ ଉଦ୍‌ବିଗ୍ନମନା ହଉ ନା କାହିଁକି. ସେଇ ସ୍ମୃତିରୁ ତା' ହୃଦୟରେ ଗୋଟେ ନୂଆ ଚେତନାର ସଞ୍ଚାର ହେଉଥିଲା ।

ଠୋକର ଖାଇବାପରେ ହିଁ ସେ ବୁଝିପାରିଲା ।

ସେବେ ନିଜର ମନୋସ୍ଥିତିକି ମନେ ପକେଇ କୁମୁଦ ଏବେ ବି ଆଶ୍ଚର୍ଯ୍ୟ ହୁଏ । ସମୟ ଥିଲା ଯେତେବେଳେ ରମଣ୍ଡାକୁ ଦେଖିଲେ ବା ତାକୁ ମନେ ପକାଇଲେ ତା' ମନ ଆୟତ୍ତରେ ରହୁ ନ ଥିଲା । ଏମିତି କାହିଁକି ହେଉଥିଲା ? କ'ଣ ସମସ୍ତଙ୍କ କ୍ଷେତ୍ରରେ ଏମିତିକା ହୋଇଯାଏ ? ଏକଥା କୁମୁଦ ନିଶ୍ଚିତଭାବେ କିଛି ଜାଣି ନ ଥିଲା । ଏମିତିକା ଖାଲି ଭାବିନେଇଥିଲା । ବୋଧେ ତା'ର ହିଁ ଏମିତି ହେଉଥିବା ମନ ଓ ଶରୀର ଉଭୟ ଉପରେ ତା'ର ଆୟତ୍ତ ନ ଥିଲା । ଯୋଗିମାନଙ୍କ ବିଷୟରେ କୁହାଯାଏ ପର ? ଯାହା ପ୍ରତ୍ୟକ୍ଷ ନୁହେଁ, ସେମାନେ ତାହା ବି ଦେଖି ପାରନ୍ତି । ଶରୀରର ଦୁଃଖ ସୁଖ ଜ୍ଞାନ ବି ତାଙ୍କର ରହୁ ନ ଥିଲା । ସେ ଭାବିଲା ଯେ

ମୋହନର ମା' ହେବା ଆଗରୁ ତା'ର ବି ସେମିତି ଯୋଗବୁଦ୍ଧି ଥିଲା ।

ଦିନକର ଘଟଣା ଆଜି ମଧ୍ୟ ତା'ର ମନେ ଅଛି । ସେଦିନ ତା' କାହାଣୀ ଶେଷ ହୋଇଗଲା ପରି ତାକୁ ଲାଗିଥିଲା । ତା'ର ବିଶ୍ୱାସ ହୋଇଯାଇଥିଲା ଯେ ସରଳା ଅପା ତା' କାହାଣୀ ଜାଣି ନେଇଚି । ସେଦିନର ସେଇ ଅନୁଭୂତି ବିଷୟରେ ସେ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲା ?

କଥାଟି ଛୋଟ, ରାତି ୯ଟା ବାଜିଥିବ, ରମେଣ୍ଡା ଘରକୁ ଫେରି ନ ଥିଲା । ଏଣୁ ସେ ବି ଖାଇ ନ ଥିଲା । ସରଳା ଅପା ଦୁଧ ପିଇ ନ ଥିଲା । ଅପାର ଏ ପ୍ରକାର ଡେରି ତାକୁ ଭଲ ଲାଗୁ ନ ଥିଲା । ସେ ଥରେ ଦି'ଥର୍ ବାଧ୍ୟ ମଧ୍ୟ କଲା, ପଚାରିଲା, "ତୋ ପାଇଁ ଦୁଧ ମଧ୍ୟ ଆଣିବି ?"

"ଏତେ ଚରତର କାହିଁକି ? ସେ ଆସିକି ଖାଇ ସାରନ୍ତୁ ।"
"ସେ ଆସିବା ଯାଏ ମୁଁ ଅପେକ୍ଷା କରିବି, ଅପା ।"
"ମୋର କ'ଣ ଦରକାର ଅଛି କି ? ମୁଁ ବି ଅପେକ୍ଷା କରିଚି ।"
"ଅପେକ୍ଷା କର ପଛେ ଦୁଧ ଭଲା ପିଇ ଦେ ।"
"ଥାଉ କୁମୁଦ । ମୁଁ କ'ଣ ଭୋକରେ ମରିଯାଉଚି ।" ଟିକେ ବିରକ୍ତିରେ ସରଳା କହିଥିଲା ।

ଆଉ କିଛି ସମୟ ଗଲା । କିନ୍ତୁ ରମେଣ୍ଡା ଆସିଲାନି । ଯାକୁ କେମିତି ଗୋଟେ ଲାଗିଲା କେଜାଣି । ଝଟକିନା ପଚାରିଲା, "ଅପା, ଦୁଧ ଆଣିବି ?"

"ମୁଁ ମନା କରିଥିଲି ପର ? ମୁଁ ଏକଲା . . . . ."
"ତା' ହେଲେ ମୁ ବି ଖାଇନେବି, ଅପା ।"
ସରଳା ଅପା ତା' କଥା ବୁଝି ପାରିଲାନି ।

"ଆଲୋ ପାଗିଳୀ, ତୋତେ ଭଲା କିଏ ମନା କରିଥିଲା ? ତତେ କେବେଠୁଁ କହୁଚି ଏଇନେ ତୋର ବଢ଼ିବାର ବୟସ ତୁ ଭୋକିଲା ରହିବା ଉଚିତ୍ ନୁହେଁ । ଭୋକ ଲାଗିଲାଣି ତ ଖାଇନେ । ମୁଁ ଅପେକ୍ଷା କରିବି ।"

ତା' ନୁହେଁ ଅପା ମୁଁ' କେତେବେଳେ ଭୋକ ଲାଗିଲାଣି ବୋଲି କହିଲି ? ସେ କାହାଘରକୁ ଖାଇବାକୁ ଯାଇଚନ୍ତି ।
"ସେ କେତେବେଳେ କହିଲେ ?"
"କହିଥିଲେ, ସେଥିପାଇଁ କହୁଚି ଦି'ଜଣ ଖାଇ ନବା ।"

"କାହିଁକି ଇମିତି ଲାଗିଚି କେଜାଣି । କେତେବେଳେ କହିଥିଲେ ?" କହି ସରଳା ଅପା ଅସନ୍ତୋଷରେ ବିଡ଼ି ବିଡ଼ି ହେଲା । କୁମୁଦ ଅପାକୁ ଦୁଧ ଆଣି ଦେଇଥିଲା ଏବଂ ଭିତରକୁ ଯାଇ ଖାଇବା ବାଢ଼ିବାକୁ ଲାଗିଲା । ବାହାରେ କାହାରି ଆବାଜ ପରି ଶୁଭିଲା । ସେ ଧ୍ୟାନ ସହକାରେ ଶୁଣିଲା ---- ବାହାରେ କେହି ନ ଥିଲେ, କିନ୍ତୁ ତାକୁ

ଲାଗିଲା ଯେ ବାହାରେ କାହାରି ଆବାଜ ସେ ଶୁଣିଛି ତେଣୁ ଖାଇବା ବନ୍ଦ କଲା । ଅଳ୍ପ ସମୟ ଭିତରେ ତାକୁ ବାହାରକୁ ଆସିବାର ଦେଖି ସରଳା ପଚାରିଲା --- "ଆରେ ଏତେ ଶୀଘ୍ର ଖାଇଦେଲୁ କୁମୁଦ ?"

"ନାଁ, ଖାଇବାକୁ ଯାଉଥିଲି, ଏତିକିବେଳେ କାହାରି ଆବାଜ ଶୁଭିଲା ।"

"କାହାର ଆବାଜ୍?"

"କେହି ତ ନ ଥିଲେ ହେଲେ ଆବାଜ୍ ଶୁଣାଗଲା ।"

"ଏଇଥିରେ ଉଠିକି ଚାଲି ଆସିଲୁ ? ଯା' ଏଇଠିକି ନେଇଆ, ଏକଲା ଭିତରେ ଖାଇଲେ . ."

"ନାଁ, ମୁଁ ଆଉ କିଛି ସମୟ ଅପେକ୍ଷା କରୁଚି ।"

"ତୁ ତ କହିଲୁ । ସେ କୋଉଠି ଖାଇକି ଆସିବେ ।"

"ହଁ ଅପା ! ହେଲେ କାହାରି ଆବାଜ୍ ବି ଶୁଭିଲା ବୋଲି କହିନି କି ?"

"ଭଇେ ଘରକୁ ଆସିଲେଣି ନାଁ କ'ଣ ? ମୁଁ ତ ଜାଣି ପାରିଲିନି । ଏଇଯା କହୁଚୁ ତ ? "

"ନାଁ ଅପା । ବନ୍ଧୁ ଜବରଦସ୍ତି ଖାଇବାପାଇଁ ନେଇଯାଇଥିବେ । ହେଲେ ଯିବା ପରେ ହଠାତ୍ ବହୁତ ଡେରି ହେଇଯିବ କହି ଫେରିଆସୁଚନ୍ତି ବୋଲି ମତେ ଲାଗିଲା ।"

"ଲୋକିଲା ପେଟରେ ତତେ ଭୁଲ ମାଡିଲାଣି. . . ନାଁ କ'ଣ ?" ଅପା ଏତିକି କହିଲାବେଳେ ବାହାରେ କବାଟ ୀଟ୍ ଖଟ୍‌ହେଲା, ରମଣ୍ଡା । ସେ ଏକାଥରେ ଦୌଡି ପଳାଇ ଆସିଲା । ମନଟା କାଇଁକି ଧକ୍ ଧକ କରୁଚନ୍ତି ‌କେଜାଣି । ସେ ରୋଷେଇଘର ଆଢୁଆଳରେ ଠିଆହେଇ ସବୁ ଶୁଣିବାକୁ ଲାଗିଲା ।

ଆସିବା ମାତ୍ରେ ରମଣ୍ଡା ଏଣେ ତେଣେ ଅନାଇ କହିଲା "ଓଃ ! ତମେ ଦୁଧ ଆଉ ଔଷଧ ଖାଇଦେଲ । ଭଲକଲ । ମୁଁ ମନେ ମନେ ଭାବୁଥିଲି ତମେ ଅକାରଣେ ମୋତେ ଅପେକ୍ଷା କରିବ ।"

"ତମେ ଖାଇଚ ?" ସରଳା ଅପା ପଚାରିଲା ।

ରମଣ୍ଡା ବୋଧେ କଥାର ପ୍ରସଙ୍ଗ ବୁଝିପାରିଲାନି । ସେ ପଚାରିଲା, "କ'ଣ କହିଲ ?"

"କିଛି ନୁହେଁ, କିଏ ଜଣେ ବନ୍ଧୁ ତମକୁ ଭାରି ଜିଦ୍ କରି ଡାକି ନେଇଥିଲା ନାଁ ?"

"ହଁ ତମକୁ କିଏ କହିଲା ?"

"କୁମୁଦ"

"ସେ ଜାଣିଲା କେମିତି ?"

"କାହିଁକି ? ତମେଇ ଯିବାବେଳେ କହି ନ ଥିଲ ?"

ରମଣ୍ଡା ଆଚମ୍ବିତ ହୋଇ ଏଣେ ତେଣେ ଅନେଇଲା । ସେ ବୋଧେ ନିଜକୁ ଖୋଜୁଥିଲା, ସରଳାକୁ ଆଖି ମେଲେଇ ଚାହିଁ ରହିଲା ।

"କାହିଁକି ? କ'ଣ ହେଲା ? କୁଆଡେ ଖାଇକି ଆସିଚ ?"

ଅପାର କଥାରେ ରାମଣ୍ଡା ଜୋର୍‌ରେ ହସି ଉଠିଥିଲା ।

"ମତେ ଲାଗୁଚି ତମେ ଦି 'ଜଣ ମିଶି ଆଜି ମୁଁ ଡେରିରେ ଆସିଲି ବୋଲି ମୋତେ ଉପବାସ--ଦଣ୍ଡ ଦବା ପାଇଁ ସ୍ଥିର କରିଚ । କିନ୍ତୁ ମୁଁ ନିଜର ଦୋଷ ମାନି ନଉଚି, କାରଣ ଭାରି ଭୋକ ଲାଗିଲାଣି ।"

"ଭୋକ ଲାଗିଲାଣି ?" ମାନେ ବନ୍ଧୁଙ୍କ ସାଥିରେ ଖାଇବା . . . . . ?"

"ସେ ଭଦ୍ରଲୋକ ଭାରି ଜିଦ୍ କଲେ । ତେଣୁ ମୁଁ ତାଙ୍କ କଥା ମାନି ଅଧାବାଟ ପର୍ଯ୍ୟନ୍ତ ଗଲି । ହେଲେ ଏତିକିରେ ମୋତେ ଲାଗିଲା ଏସବୁ ସରୁ ସରୁ କେତେ ଡରି ହବ କେଜାଣି । ଏଥିପାଇଁ ତାଙ୍କୁ କହି ଅଧାବାଟରୁ ହିଁ ଫେରି ଆସିଲି । ହୋ --- ହୋ ।"

"ତା' ହେଲେ ତମେ ଖାଇନ ?' ସରଳା ଅପା ଖୁବ୍ ବିଚଳିତ ହେଇ ପଚାରିଲା । ରାମଣ୍ଡା ମୁଣ୍ଡ ହଲେଇଲା ।

"ପ୍ରଥମେ ତା' ଜିଦ୍‌ରେ ମାନିଗଲି ! ପରେ ଡେରି ହବ ଭାବି ଚାଲି ଆସିଲି ।" ସରଳା ଅପା ଏମିତି ସ୍ୱରରେ କହିଲା ଯେମିତିକି ନିଜ ସାଥିରେ କଥାବାର୍ତ୍ତା କରିଚି ।

ଏତିକି ବେଳେ କୁମୁଦ ସେ ଦି'ଜଣଙ୍କର ତା'ପର କଥା ଶୁଣିବାକୁ ଠିଆ ନ ହେଇ ରାମଣ୍ଡା ପାଇଁ ଖାଇବା ବାଢ଼ିବାକୁ ସେଠୁ ଚାଲିଗଲା । ସେତେବେଳେ ରାମଣ୍ଡା ଓ ସରଳା ଅପା ତାକୁ ଯୋଉ ଦୃଷ୍ଟିରେ ଚାହିଁଥିଲେ ତା'ର ଅର୍ଥ ସେ ବୁଝିଯାଇଥିଲା । ବାହାରେ ଘଟୁଥିବା ଘଟଣାକୁ ସେ ଯେ ଠିକ୍ ଠିକ୍ କରି କହିଦେଲା, ଏକଥା ସେମାନଙ୍କର ବିଶ୍ୱାସ ହେଉନଥିଲା । କିନ୍ତୁ ବନ୍ଧୁଙ୍କ ଜିଦ୍ କରିବା ଓ ରାମଣ୍ଡାର ବାହାନା କରିବା ଦି'ଟି କଥା ସେ ସ୍ପଷ୍ଟ ଭାବେ ଶୁଣିଥିଲା । ତା' ହେଲେ ତା'କୁ ଯେମିତି ଲାଗିଥିଲା, ତାହା ସତ । ସେ ଯାହା ହଉ ସବୁ ଠିକ୍ ହେଇ ଯାଇଥିଲା । ହେଲେ ସବୁ କିଛି ଏମିତି ହେଇଥିଲା ଯେ ସେ ନିଜେ ବି ସେ ସବୁକୁ ବିଶ୍ୱାସ କରିପାରୁ ନ ଥିଲା ଏବଂ ଆଉ ଗୋଟେ ଘଟଣା ଘଟି ନ ଥିଲେ ବୋଧେ ସେ ତାହା ବିଶ୍ୱାସ କରି ନ ଥାନ୍ତା ।

ସେଇ ଦ୍ୱିତୀୟ ଘଟଣାଠାରୁ ହିଁ ଯ୍ୱା ମନ ଚଞ୍ଚଳ ହେଇ ଉଠିଥିଲା । ସେ ବି ଡରିଯାଇଥିଲା, ଏଇଟା ଭୂତ--ପ୍ରେତ କଥା ନୁହେଁ ତ ! ପ୍ରଥମେ ରାତିରେ ରାମଣ୍ଡାର ଖାଇବା ବିଷୟରେ ଯୋଉ ଘଟଣା ଘଟିଥିଲା ସେଥିରେ ସେ ଆଶ୍ଚର୍ଯ୍ୟ ହେଇଥିଲେ ହେଁ କିଛି ଦିନ ପରେ ତାକୁ ଭୁଲି ଯାଇଥିଲା । ଅପା ଓ ରାମଣ୍ଡା ମଧ୍ୟ ଆଶ୍ଚର୍ଯ୍ୟ ହେଇ ଥିଲେ ସୁଦ୍ଧା ସେ କଥା ଭୁଲିଗଲେ । କିଛିଦିନ ପର୍ଯ୍ୟନ୍ତ କଥା କଥାକେ "ଆଜିର ଭବିଷ୍ୟତ ବାଣୀ କ'ଣ ?" କହି କୁମୁଦକୁ ଚିଡାଉଥିଲେ । ପରେ ତାକୁ ମଧ୍ୟ ଭୁଲିଗଲେ । ସବୁ ଠିକ୍ ଚାଲିଥିଲା ।

ଦିନକର କଥା । ଦିନ ବୁଡିବା ବେଳ, ଭାଏ ଅପା ସାଥିରେ କଥାବାର୍ତ୍ତା କରୁଥିଲା ! ରାମଣ୍ଡା କ'ଣ ଗୋଟେ ବହି ଆଣିବାକୁ ଶୀଘ୍ର ଶୀଘ୍ର ବାହାରକୁ ଗଲା । ଯାଉ ଯାଉ କହିଗଲା, "ଏଇନେ ଆସିବି ଗୋଟେ ପ୍ରସଙ୍ଗ ନ

ମିଳିବା ହେତୁ କାମ ଅଟକି ଯାଇଚି । ସେଥିପାଇଁ ବଢ଼ି ଆଣିବାକୁ ଯାଉଚି ।"

ପାଞ୍ଚ ସାତମିନିଟ୍ ପର୍ଯ୍ୟନ୍ତ ଅପା ସାଥିରେ କଥାବାର୍ତ୍ତା କରିବାପରେ ସେ ଝଟ୍‌କିନା ଉଠିଲା । ଉଠିବା ମାତ୍ରେ "ହାୟ୍ ହାୟ୍" କହି ସିଧା ପାଦକୁ ଧରି ବସିଗଲା ।

"କ'ଣ ହେଲା ତୋ ପାଦରେ ?"
"ବାତେଇ ହେଇଗଲା ।"

"କ'ଣ କହିଲୁ ?" ଅପାର ପ୍ରଶ୍ନରେ ତା'ର ହୋସ୍ ଆସିଲା । ଶେତା ମୁହଁରେ ସେ ଅପା ଆଡକୁ ଚାହିଁ ରହିଲା ।

ତା ପରେ ଅପା ହସି ହସି ପଚାରିଲା, "ଦିବାସ୍ୱପ୍ନ ଦେଖୁଚୁ କି କିମୁଦ ?"

"ନାଁ, ଅପା, ସତରେ କୋଉଥିରେ ଗୋଟେ ବାତେଇ ହୋଇ ଯିବାରୁ ଗୋଡରେ ଆଘାତ ଲାଗିଲା, ଭାରି କଷ୍ଟ ହେଲା" କହି ପାଦକୁ ଧରି ଉଠୁଥିବାର ଦେଖି ସେ ନିଜେ ଓ ଅପା ଦି'ଜଣ ଯାକ ସ୍ପଷ୍ଟ ଜାଣି ଯାଇଥିଲେ ଯେ ତା'କୁ କିଛି ଆଘାତ ଲାଗିନି ।

"ଆଛା, ଏ କଷ୍ଟ ପାଇଁ ତୋତେ ଶୀଘ୍ର ଔଷଧ ଦବାକୁ ହବ" ଅପା ହସି ହସି ଏହା କହୁଥିଲା ବେଳେ କେହି ଜଣେ "କବାଟ ଖୋଲ" ବୋଲି ଡାକ ଛାଡ଼ିଲା ।

କବାଟ ଖୋଲିବାରୁ ରାମଣ୍ଣା ଜଣକ କାନ୍ଧରେ ଭରା ଦେଇ ଠିଆ ହେଇଥିବାର ଦେଖାଗଲା । ଶୀଘ୍ର ଶୀଘ୍ର ଯିବାରୁ ସେ ଠୋକର ଖାଇଥିଲା । ସିଧା ଗୋଡରେ ଆଘାତ ଲାଗିଥିଲା ।

ସେବେଠୁ କୁମୁଦର ପୂରା ବିଶ୍ୱାସ ହେଇଯାଇଥିଲା । ମାତ୍ର ଏମିତି ହବାର କାରଣ ବୁଝି ନ ପାରିଲେ ମଧ୍ୟ ରାମଣ୍ଣା ସହ ସମ୍ପର୍କ ଓ ଏ ପ୍ରକାର ଅନୁଭବରୁ ତା' ମନ ସମ୍ପୂର୍ଣ୍ଣରୂପେ ଯେ ରାମଣ୍ଣାର ହେଇଯାଇଚି ଏ ବିଶ୍ୱାସ ତା'ମନରେ ଜାତ ହେବା ସ୍ୱାଭାବିକ ଥିଲା ।

ସେ କେତେଥର ଭାବିଲା । ପ୍ରେମ କ'ଣ ଏମିତି ହୁଏ ? ଯୋଉ ଜିନିଷକୁ ଆମେ ଭଲପାଉଁ ସେଥିପ୍ରତି ଏତେ ଆତ୍ମୀୟତା ହେଇଯାଏ ?

ଯ୍ୟାର ତ ଏ ଦଶା । ପେଟରେ ବଢୁଥିବା ଜୀବଟିକୁ ରୂପଦବା ଲାଗି ତା'କୁ ଏ ପ୍ରକାର ଆଚରଣ କରିବାର ଥିଲା । ମାତୃତ୍ୱ କାମପ୍ରବୃତ୍ତିର ଦଣ୍ଡ ନୁହେଁ, ସମ୍ଭୋଗଜନିତ ପରିଶ୍ରମର ଫଳ ନୁହେଁ, ସ୍ତ୍ରୀ ପୁରୁଷର ମିଳନର ପରିଣାମ ନୁହେଁ କି କୌଣସି ବାସ୍ତବିକ କାରଣରୁ ଉତ୍ପନ୍ନ କାର୍ଯ୍ୟ ମଧ୍ୟ ନୁହେଁ; ଏହା ଦୁଇଟି ହୃଦୟ ଏକ ହେଇଯିବାର ବାହ୍ୟ ସଙ୍କେତ । ଏଇ ଭାବନା ଯ୍ୟାର ବୁଦ୍ଧିର ବାହାରେ ହେଲେ ବି ଅସ୍ପଷ୍ଟ ରୂପେ ରହିଥିଲା ।

ସେଇ ମାତୃତ୍ୱର ପ୍ରଭାବରୁ ହିଁ ପିଲା ଜନ୍ମ ହେଲାପରେ ରାମଣ୍ଡା ସାଥିରେ ରହିବ ବୋଲି ସେଦିନ ମାନି ଯାଇଥିଲା । ହେଲେ ଇଏ ଜିଦ୍ କରି ଗୋଟେ ସର୍ତ୍ତ ରଖିଥିଲା ଯେ ଦିହେଁ ଦାମ୍ପତ୍ୟ ଜୀବନଠୁ ଦୂରେଇ ରହିବେ ।

ପୁଣି ବେଳେ ବେଳେ ଲାଗୁଥିଲା ଯେ ତା'ର ମାନିବା ଉଚିତ୍ ନ ଥିଲା । ପରେ ସେଇ ସାଜି ପ୍ରସଙ୍ଗରେ ତ ଏମିତି ଲାଗିଲା ଯେମିତିକି ମାନିଯିବାଟା ହିଁ ଭୁଲ୍ ହେଲା ।

ସେ ନିଜକୁ ନିଜେ କହିଲା, "ମୋ'ର ମାନିବା ଉଚିତ ନ ଥିଲା ।" ତା'ପରେ ସେ ସାଙ୍ଗେ ସାଙ୍ଗେ ଚାରିଆଡକୁ ଅନେଇଲା । ମୁଁ କିଛି କହୁଥିଲି, ନାଁ ? ମୋର ମାନିବା ଉଚିତ୍ ନ ଥିଲା ବୋଲି କହୁଥିଲି ପରା ? ତା'ପରେ ସେ ହାତଘଡିକି ଚାହିଁବାରୁ ତା'ର ମନେ ପଡିଲା ଯେ ଆଜି ତାଙ୍କ ସାଥିରେ ସମ୍ମାନ-ସଭାକୁ ଯିବାପାଇଁ ରାଜିହୋଇଯିବା ତା' ପକ୍ଷରେ ଉଚିତ୍ ନ ଥିଲା । ଏଥିପାଇଁ ତା'ମୁହଁରୁ ଏକଥା ବାହାରିଥିବ ଭାବି ତାକୁ ଖୁସି ଲାଗିଲା, "ଏ ପୁଅର ସ୍ୱଭାବ ମୋତେ ଜଣା, ଖେଳିବାକୁ ଚାଲିଗଲେ ତା'ର ଆଉ କିଛି କି ପରୱା ନ ଥାଏ । କେତେ ବୁଝେଇ ଥିଲି, ଆଜି ସଭାକୁ ଯିବାକୁ ହେବ ; ଶୀଘ୍ର ଘରକୁ ଆସିବୁ । ହେଲେ ଏଯାଏଁ ତା'ର ଦେଖା ନାହିଁ । କେତେବେଳେ ଆସିବ ଆଉ କେତେବେଳେ ଯିବାପାଇଁ ପ୍ରସ୍ତୁତ ହେବ ?" ଏହା କହି ସେ ପୁଣି ହାତ ଘଡିକି ଚାହିଁଲା । "ଆରେ ଯିବାପାଇଁ କେବଳ ଅଧଘଣ୍ଟାଏ ବାକିଅଛି" କହି ଛଟପଟ ମନରେ କବାଟ ପାଖକୁ ଯାଇ ମୋହନ ଆସୁଚି କି ନାହିଁ ଦେଖିବାକୁ ଲାଗିଲା ।

୫

ରାମଣ୍ଡା ହାତଘଡି ଦେଖି କହିଲା, "ଏବେବି ଅଧ ଘଣ୍ଟେ ବାକି । ବାପ୍‌ରେ । ସମୟ ତ କମ୍ ହିଁ ନାହିଁ ।" କେତେ ପାଗଳାଟାଏ ସେ ! ଲାଗୁଚି ଯେମିତି କି ବିତିଯାଇଥିବା ଦିନ ଗୁଡିକର ସ୍ମୃତିକୁ ଲଙ୍ଘନ କରିବାରେ ବି ସମୟ ଲାଗୁନି । ଛାଡ ସେ କଥା, ଆଜିର ସମ୍ମାନ ସଭା ତ ସ୍ମୃତିର ବିଷୟ ନୁହେଁ । ସେତ ତା'ରି ବାଟ ଚାହିଁ ବସିଚି । ଲେଖକ ଭାବରେ ତାକୁ ସମ୍ମାନିତ କରିବା ଲାଗି ଆଜି ଅଭିନନ୍ଦନ ସମାରୋହର ଆୟୋଜନ ହେଉଚି । ବର୍ତ୍ତମାନ ତାକୁ ପଇଁଚାଳିଶ ବର୍ଷ ହେଲାଣି । ତାହା ବର୍ତ୍ତମାନ ଅଭିମାନ କରିବା ଭଳି କଥା । ଏ ପ୍ରଜାତନ୍ତ୍ର ଯୁଗରେ ଜନତା ତା'ର ସମ୍ମାନ କରୁଚି । ଏହା ବାସ୍ତବିକ ଗର୍ବର ବିଷୟ । ହେଲେ ଏ ବିଷୟରେ ତା'ର ଆଦୌ ଉତ୍ସାହ ନାହିଁ କାହିଁକି ? କାହିଁକି ଖାଲି ଏଥିରେ କାହିଁକି, ସାରା ସଂସାରଟା କ'ଣ ଧୋକା ? କ୍ଷମା କରିଦବା ? ଏମିତି କହିବା ବୋଧେ ସୌଜନ୍ୟ ହେଉନି — ସାରା ସଂସାରଟା ମାୟା । ହଁ । ଧୋକା ଶବ୍ଦଟା ଟିକେ କଠୋର । ମାୟା ଶବ୍ଦଟି ତତ୍ତ୍ୱଜ୍ଞାନ ସୂଚକ । ହଁ, ଏହା ହିଁ ତ ସାହିତ୍ୟର ଶକ୍ତି । ହେଲେ ଘରେ ଭାବିଲା ବେଳେ 'ଧୋକା' ଶବ୍ଦର ପ୍ରୟୋଗ ଉଚିତ ହେଇପାରେ 'ଧୋକା' ତା'ର ସାହିତ୍ୟ ଧୋକା । ଆଜିର ସାର୍ବଜନୀନ ସମ୍ମାନ ମଧ୍ୟ ଧୋକା, ତା'ର ସାହିତ୍ୟ କେମିତିକା ? ସେ ଏବେ ଯାହା କରିଚି ସେମିତି ପରା ? ଏଇ ବିଷୟରେ ଏତେ ଦିନ ଯାଏ ଯୋଉ ଅନୁଭବ ତା'ର ହେଇଚି ତାର ବର୍ଣ୍ଣନା ସେ କୋଉଠି କ'ଣ କରିଚି ? ଗୋଟେ ସ୍ତ୍ରୀ କୁ ପ୍ରେମରେ ଆପଣାର କଲା, ଅନ୍ୟଟିକୁ ବଦନାମର ଭୟରେ । ସେ କ'ଣ ଏ କାହାଣୀ କହିବାଲାଗି ତା' ପାଖରେ ଭାଷା

ନାହିଁ, ଟେକ୍‌ନିକ୍ ନାହିଁ, ସେମିତି ଉଚିତ୍ ନୁହେଁ ମଧ୍ୟ । କହିଲେ ଶୁଣିବା ଲୋକେ ବୁଝିବେ ତ ?

ପାଗଳ ! ଆରେ ପାଗଳ ! ଜନତା ବୁଝିବ, ଏଇ ବିଶ୍ୱାସରେ ତ ଏତେ ବର୍ଷଧରି ତୋ'ର ଗୋଟିଏ ଶୈଳୀରେ ବିଚାର ବ୍ୟକ୍ତ କରିଛୁ ଏବଂ ବିଚାରୋତ୍ପାଦକ କେତେ ଭାଷଣ ଦେଇଛୁ, ହେଲେ କେତୋଟି ସାହିତ୍ୟିକ ସୃଷ୍ଟି ରଚନା କରିଛୁ ଏକଥା ତୋତେ ଜଣା ଅଛି ? ସମାଜ ତୋ'ର ସେଇ "ସେବା"ରୁ କିଛି ପ୍ରଗତି କରିଚି ?

ଧୋକା ! ସାରା ସଂସାର ହେଉଚି ଧୋକା, ଯଦି ସତ ବୋଲି କିଛି ଥାଏ ତେବେ ତାହା ହେଉଚି ଗୋଟିଏ ---- ତାହା ହେଉଚି ଆମ ପାଶବିକ ପ୍ରବୃତ୍ତିର ଜୀବନ । ଭର୍ତ୍ତୃହରିଙ୍କ କଥନାନୁସାରେ ଆହାର, ନିଦ୍ରା, ଭୟ ଓ ମୈଥୁନ, ଏହାହିଁ ବାସ୍ତବିକ ଜୀବନ, ମନୁଷ୍ୟର ସହଜ ଜୀବନ ଏଇ ପ୍ରବୃତ୍ତି ଗୁଡ଼ିକରେ ନିହିତ । ବାକି ସବୁ ହେଉଚି ଲୋକ ଦେଖାଣିଆ, ଧୋକା । କିଛି ସମୟ ପାଇଁ ଏଇ ପ୍ରବୃତ୍ତି ସବୁକୁ ଦୂରରେ ରଖି ଆମେ ନିଜକୁ "ସୁସଂସ୍କୃତ" ବୋଲି କହୁଁ, ବେଳେ ବେଳେ ସେଗୁଡ଼ିକ ଉପରେ ସଂଯମ ନ ରହିବା ହେତୁ ଯୋର ସଂଘର୍ଷର ସୃଷ୍ଟି ହୁଏ ସେଥିରେ ସମସ୍ତ ନିଗ୍ରହର ବନ୍ଧନ ଛିଡ଼ିଯାଏ । ସେତେବେଳେ ଅଳ୍ପ ସମୟ ପାଇଁ ଲାଜ ମାଡେ ; ମୁହାଁ ମୁହିଁ ହୋଇ ହୁଏନି, ଜଣେ ଅନ୍ୟଠୁ ଦୂରରେ ରହନ୍ତି, "ସୁସଂସ୍କୃତି" ହୋଇଯାନ୍ତି । ହେଲେ ତା'ପରେ -- ପୁଣି ତା'ପରେ --

ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମିକ୍ରମେଣ ।

ଆଜିର ସଭାରେ ଏଇ ବିଷୟରେ କହିଲେ ? ଓ ---- ହଁ, ମାନ ପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ବି ଅଛି ପରା ? ଏଥିପାଇଁ ତ ବିଧିକି କୁର କୁହାଯାଏ । ମାନପତ୍ରରେ କେବଳ ତା'ର ସାହିତ୍ୟ ସେବା ନୁହେଁ ତା'ର ଦାମ୍ପତ୍ୟ ଜୀବନର ମଧ୍ୟ ପ୍ରଶଂସା କରାଯାଇଚି ।

କି ଆଦର୍ଶ ! ଦାମ୍ପତ୍ୟ ଜୀବନର ଆନନ୍ଦ ବିନା ଦଶବର୍ଷ ବିତିଗଲା । ଗୃହସ୍ଥଳି ନାଟକ ଖେଳିବାର ଦଶବର୍ଷ ହୋଇଗଲା ।

ତା'ସତ୍ତ୍ୱେ ଆଜିର ସଭାକୁ ଯିବାଲାଗି କୁମୁଦ ରାଜି ହୋଇଚି । କି ଆଶ୍ଚର୍ଯ୍ୟ ସିଏ, ଆଗରୁ ମଧ୍ୟ ଥରେ ଏମିତି ରାଜି ହୋଇଥିଲା ଯୋଉଥିରେ ତାକୁ ଆଶ୍ଚର୍ଯ୍ୟ ଲାଗିଥିଲା । ମୋହନର ଜନ୍ମପରେ ସେ ଘରକୁ ଫେରିଥିଲା । ହଁ ---- ଏବେ ମନେ ପଡ଼ିଲା, ସାଢି ଘଟଣା ତା'ପରର କଥା । ସେଦିନ ମୋହନର ପ୍ରଥମ ଜନ୍ମୋତ୍ସବ । ସେଦିନ ବି କୁମୁଦ ଚାଲିଯାଇ ଥିଲା, ନାଁ ? ଯ୍ୟା ସାଥିରେ ରହିବା ପାଇଁ ସେ ରାଜି ହୋଇ ଯାଇଥିଲା । ସର୍ତ୍ତାନୁସାରେ ଉଭୟେ ବ୍ରହ୍ମଚାରୀ ହୋଇ ରହିଲା । ତା'ପରେ ବି ସେ ଚାଲିଯାଇଥିଲା । ଆଜି ବି ଯଦି ସେ ସେମିତି କରେ ତେବେ ? ସମ୍ମାନ ସଭା ବାଲା ଡାକି ଆସିବା ପୂର୍ବରୁ ସେ ଯଦି ଚାଲିଯାଏ ତେବେ ?

ରାମଣ୍ଡାକୁ ଡର ଲାଗିଲା । ଧୀରେ ଧୀରେ ଚଳକୁ ଓହ୍ଲାଇ ଦ୍ୱାର ବନ୍ଧ ପର୍ଯ୍ୟନ୍ତ ଯାଇ ସେ ଠିଆ ହେଲା ଓ କୁମୁଦର ଉପସ୍ଥିତିର ଆଭାସ ପାଇଲା । ତା'ପରେ ସେ ପୁଣି ସେ ଭାବିଲା ----

ଛି ! ସେ କେତେ ଅଧୈର୍ଯ୍ୟ ହୋଇ ପଡିଚି ----- ଓ ----- ଆଉ ଗୋଟେ କଥା; ମୋହନ ଘରେ ନାଇଁ । ତାକୁ ଛାଡି କୁମୁଦ ଯାଇ ପାରିବନି ।

ମୋହନ ବିନା ସେ ନିଜେ ରହିପାରିବନି । କି କୁମୁଦ ବି ରହିପାରିବନି । ଏଥିପାଇଁ କୁମୁଦ ଓ ସେ ଦିହେଁ ଜଣେ ଜଣକ ବିନା ରହିପାରିବେନି ।

ଏଇଟା ଗୋଟେ ଭଲ ଯୁକ୍ତି, କହୁଁ କହୁଁ ସେ ଉପରକୁ ଚାଲିଗଲା ।

ଗୋଟାଏ ବସ୍ତୁ ସହ ସମାନ ହୋଇ ରହୁଥିବା ଦୁଇଟିବସ୍ତୁ ପରସ୍ପର ସହ ସମାନ ।

ଗୋଟିଏ ଜୀବ ସହିତ ଲାଖି ହୋଇ ରହିଥିବା ଦୁଇଟି ଜୀବଙ୍କୁ ପରସ୍ପର ସହ ଲାଖି ହୋଇ ରହିବା ଉଚିତ୍, ନାଁ ?

ଭବଭୂତି ମଧ୍ୟ କହିଚନ୍ତି, "ଆନନ୍ଦ ଗ୍ରନ୍ଥି ରେ କୋଯ୍ଂ ଅପତ୍ୟମିତି ବଧ୍ୟତେ ।" ଅର୍ଥାତ ସ୍ୱାମୀ ସ୍ତ୍ରୀଙ୍କ ମିଳନର ସୂତ୍ର ହେଉଚି ପିଲା ।

ମୋହନକୁ ନେଇ କୁମୁଦ ଯେଉଁଦିନ ପିଉସୀ ଘରୁ ପ୍ରଥମ ଥର ଫେରିଥିଲା ସେଦିନ ସ୍ୱାର ଏଇ ଧାରଣା ହିଁ ହୋଇଥିଲା । ସେ ସ୍ତ୍ରୀ ସାଥିରେ ପିଲା ବିଷୟରେ କଥାବାର୍ତ୍ତା କରୁଥିଲା । ପିଉସୀ ଘରେ ପୁଅର ଲୀଳା ସବୁ ବର୍ଣ୍ଣନା କରୁଥିଲା । ପିଲାକୁ ଖେଳେଇଲା ବେଳେ ସେ ଗର୍ବ ଓ ସନ୍ତୋଷରେ ସ୍ତ୍ରୀକୁ ଚାହୁଁଥିଲା । ଧୀରେ ଧୀରେ ତାକୁ ଲାଗିଲା ଯେ ଦୁହିଁଙ୍କର ମନୋମାଳିନ୍ୟ ଦୂର ହୋଇ ଗଲାଣି । ସେ ଆଉ କୁମୁଦ, ସେ ଆଉ କୁମୁଦ ---- କ'ଣ ----- ?

ପ୍ରେମପୂର୍ଣ୍ଣ ଦାମ୍ପତ୍ୟଜୀବନ ନିର୍ବାହ କରାଯାଇ ପାରିବ କି ? ସେ କେବଳ ଏ ପ୍ରକାର ଚିନ୍ତା କରିନି ବରଂ ତା'ର ପୁରା ଆଶା ହୋଇଯାଇଥିଲା ଯେ କୁମୁଦ ଓ ସେ ଆଗପରି ରହିପାରିବେ । ଆଗପରି କାହିଁକି ରହିବା ଉଚିତ୍ ନୁହେଁ ଏହା ଚିନ୍ତାକରି ସେ କୁମୁଦକୁ ପଚାରି ନେଇଥିଲା ମଧ୍ୟ ।

ଉତ୍ତରରେ କୁମୁଦ ପଚାରିଥିଲା, "ଆଗପରି ମାନେ ?"

"ନାଁ । ମାନେ ଏମିତି ରହିବା ଅପେକ୍ଷା -----?" କହିଥିଲା ।

"ଏମିତିର ଅର୍ଥ ?"

"ନାଁ ---- ଏସବୁ ବିନା ---- ମାନେ ।"

"ଏବେ ତମର କ'ଣ ଅଭାବ ଅଛି ?"

"ଅଭାବ ନାଇଁ । କିନ୍ତୁ ଗୋଟେ ଘରେ ରହି କାହିଁକି --- ?"

"ତମେ ଯଦି ଚାହୁଁଚ, ତେବେ ଗୋଟେ ଘରେ ରହିବାର ଆବଶ୍ୟକତା ନାଇଁ ।"

"ଛି ଛି, ମୁଁ ଏକଥା କହିନଥିଲି ।"

"ତେବେ କ'ଣ କହିଥିଲ ?"

ଏମିତି କହିଥାନ୍ତି କି କ'ଣ କହିଥାନ୍ତି କେଜାଣି ? ହେଲେ ସେ ସୁଯୋଗ ଆସିଲାନି, ଏସବୁ କଥା ହେଲା ବେଳେ ମୋହନ କୁମୁଦ କୋଳରୁ ତା ' ପାଖକୁ ଆସିବା ପାଇଁ ଅନବରତ ଚେଷ୍ଟା କରୁଥିଲା । କୁମୁଦ ଅଭ୍ୟାସବଶତଃ ତାକୁ ଅଟକାଉଥିଲା । ଶେଷରେ ପିଲାଟା ଜିଦ୍ କରିବାକୁ ଆରମ୍ଭ କଲା । କୁମୁଦ ବୋଧେ ତାକୁ ଟିକେ ଜୋରରେ ଧରିଥିଲା । ପିଲାଟା ହାତ ଆଗକୁ ବଢାଇ କାନ୍ଦିବାର ସୂଚନା ଦେଲା । ରାମଣ୍ଣାର ପ୍ରାଣ ରକ୍ଷା ହେଇଗଲା । ସେତେପର୍ଯ୍ୟନ୍ତ କଥାବାର୍ତ୍ତା ତା' ଇଚ୍ଛାନୁସାରେ ଆଗେଇ ନ ଥିଲା । ତା'କୁ କହିବାଲାଗି ଇସ୍ୱେ ଯୋଉ କଥାଗୁଡିକ ଭାବିଥିଲା ସେସବୁ ତା'ମନରୁ ପାଶୋର ଯାଇସାରିଥିଲା । ଆଲୋଚନା କେମିତି ଆଗକୁ ବଢେଇବାକୁ ହବ ଇସ୍ୱେ ଭାବିପାରୁ ନ ଥିଲା । ସେତିକିବେଳେ ସ୍ୱା ଆଡକୁ ହାତ ବଢେଇ ପିଲାଟି ଆସିବାକୁ ଚେଷ୍ଟା କରିବା ଫଳରେ ରାମଣ୍ଣାର ମନେ ହେଲା ସତେ ଯେମିତି ପରମାତ୍ମା ସେଇ ପିଲା ରୂପ ଧାରଣ କରି ସ୍ୱାକୁ ସଙ୍କଟରୁ ଉଦ୍ଧାର କରିଦେଲେ । ଶ୍ରଦ୍ଧାଳୁ ଭକ୍ତପରି ଇସ୍ୱେ ମଧ୍ୟ ପିଲାଟିକୁ ନବାପାଇଁ ଆପଣା ହାତ ଆଗକୁ ବଢାଇ ଥିଲା । ଛୋଟ ପିଲାଙ୍କ ପାଖରେ ହଇରାଣ କରିବା ବୁଦ୍ଧି କୁଆଡୁ ଆସେ କେଜାଣି ? ସେତେ ପର୍ଯ୍ୟନ୍ତ ସ୍ୱା ଆଡକୁ ଆସିବା ଲାଗି ଜିଦ କରୁଥିଲା ପିଲା । ସେ ହାତ ବଢେଇବା ମାତ୍ରେ ନିଜ ମା'କୁ ଜୋରରେ ଜାବୁଡି ଧରିଲା । ବିନା କଳ୍ପନାରେ ଯେ ସେ ଏମିତି କରିବ, ତାକୁ ଆଣିବାପାଇଁ ପ୍ରସାରିତ ସ୍ୱାର ହାତ ପିଲାର ହାତକୁ ମା' ଠାରୁ ଛଡେଇଲା ବେଳେ -----

ସେ କଥା ମନେ ପକାଇ ରାମଣ୍ଣାର ଦେହ ଶିହରି ଉଠିଲା । ଏ ପ୍ରକାର ବିଦ୍ୟୁତ୍ ସଞ୍ଚାରର ସୁଖ ସେ କେବେ ଅନୁଭବ କରିନଥିଲା । ଆଖି ପିଛୁଳାର ଗୋଟେ କ୍ଷଣରେ, ନାଇଁ ତା'ର ଦଶ ଗୁଣ, ନାଇଁ ତା'ର ଶହେଗୁଣରୁ ବି କମ୍ ସମୟ ଭିତରେ ତା' ଦେହରୁ ସ୍ୱା ଦେହକୁ, ସ୍ୱା ଦେହରୁ ତା' ଦେହକୁ କେବଳ ଏକ ବିଦ୍ୟୁତ୍ ସଞ୍ଚାର ମାତ୍ର ନୁହେଁ, ସେଇ ଅନୁଭୂତି ସଂପର୍କରେ ଜଣେ ଅନ୍ୟ ଜଣକ ସଂପର୍କରେ ସଂକେତ, ସେଇ ସଂକେତ ପାଇଁ ଜଣକର ଅନ୍ୟଜଣକୁ ଉତ୍ତର, ସେ ଉତ୍ତରରେ ଜଣକୁ ଅନ୍ୟ ଜଣକର ସମ୍ମତି --- ଖାଲି ଏତିକି ନୁହେଁ ଆହୁରି ଅନେକ କିଛି ହେଇ ଯାଇଥିବ । ସେଇ ସମୟରେ ଲାଗୁଥିଲା ଯେମିତି ଦିହେଁ ଫଟୋପରି ଠିଆ ହେଇଚନ୍ତି ।

କେତେ ଯୁଗର, କେତେ ଜନ୍ମର ଅନୁଭବ ସେଇ ଗୋଟେ ମୁହୂର୍ତ୍ତରେ ତା' ଆଖି ଆଗରେ ଝଲସି ଯାଇଥିଲା । କେଜାଣି । ସୃଷ୍ଟି ସେଇ ଦୁଇପ୍ରାଣୀଙ୍କି ଯେଉଁ କର୍ତ୍ତବ୍ୟ ସମର୍ପି ଦେଇଥିଲା ତା'ର ଦାୟିତ୍ୱକୁ, ତା'ର ଗଭୀରତାକୁ, ତା'ର ଜ୍ଞାନକୁ ସେଇ ଗୋଟିଏ କ୍ଷଣରେ ସେମାନେ ଅନୁଭବ କରିନେଇଥିଲେ । ଦୁହିଁଙ୍କ ଦେହ ଅକସ୍ମାତେ ପରସ୍ପର ସହିତ ମିଳି ଏମିତି ହେଇ ଯାଇଥିଲା, ଯେମିତିକି ଦୁହିଁଙ୍କର ଜମା ଅସ୍ତିତ୍ୱ ନାଇଁ ।

ରାମଣ୍ଣା ହସି ଉଠିଲା, ଅତ୍ୟନ୍ତ ନିରାଶାରେ । ସେଦିନର ସ୍ମୃତି ପାଇଁ ଏବଂ ସେ ସଂପର୍କରେ ଆଜି ଯେଉଁ ଚିନ୍ତା ଉଠୁଚି ସେଥିପାଇଁ । ଦି'ଜଣଙ୍କ ଦେହର ଜମା ଅସ୍ତିତ୍ୱ ଯେ ରହିଲା ନାଇଁ ଏକଥା ସେ ଆପଣା ସାହିତ୍ୟ ଶକ୍ତିର କଳ୍ପନା ହେତୁ କହି ନ ଥିଲା । ପ୍ରକୃତ କଥା ହେଉଚି ଯେ ସେଠି ଗୋଟେ ଦେହ ରହିଲାନି । ରାମଣ୍ଣା ଯେତେବେଳେ ପୁଣି ସଚେତନ ହେଲା ସେତେବେଳେ ସେଠି କୁମୁଦ ନ ଥିଲା ।

ସେତେବେଳେ ବି ରାମଣ୍ଣା ଆନନ୍ଦିତ ହେଇଥିଲା । ସେଇ ଗୋଟେ ମୁହୂର୍ତ୍ତର ଅନୁଭବରେ ସେ ବିଗତ କେତେ ମାସର ଯାତନା ସବୁ ଭୁଲିଗଲା, ----- ନାଁ --- ଦୂର କରି ଦେଇଥିଲା । ସେତେବେଳେ ତା' ମନରେ

ଆଉ ଗୋଟେ ଚିନ୍ତା ଉଠିଥିଲା । ଏତେଦିନ ପର୍ଯ୍ୟନ୍ତ କୁମୁଦ ଅସହଯୋଗ ପ୍ରଦର୍ଶନ କରି ଆସିଥିଲା । ହେଲେ ଶେଷରେ କୌଣସି ଅସହଯୋଗ ବ୍ୟକ୍ତ ନ କରି ନିଜେ ନିଜେ ଆସି ଯା' ସାଥିରେ ରହିବା ପାଇଁ ମାନିଗଲା କାହିଁକି ?

କୁମୁଦ ତାକୁ ପୂର୍ବପରି ପ୍ରେମ କରୁଚି ।

ଏ ବିଷୟରେ ରାମଣ୍ଡାର ସନ୍ଦେହ ନ ଥିଲା । କୁମୁଦର ଦେହକୁ ସ୍ପର୍ଶ କରିଥିବା ତା'ର ହାତ ତାକୁ ଭରସା ଦେଇଥିଲା । ସୃଷ୍ଟିରେ କି ଚମତ୍କାରିତା, ଦେହକୁ ଜଡ ବୋଲି ମାନି ନିଆ ଯାଇଚି କିନ୍ତୁ ସେଇ ଦେହ ଅତି ସୂକ୍ଷ୍ମ ଓ ଅତି ଗହନ ଅନୁଭବ ସବୁକୁ କେତେ ଶୀଘ୍ର ଓ କେତେ ସହଜରେ ସୂଚେଇ ଦେଉଚି । ଏକଥା ଭାବିଲେ ଦେହ ସଂପର୍କରେ ଆମର ଧାରଣା ଭୁଲ ବୋଲି ସ୍ୱୀକାର କରିବାକୁ ପଡିବ । ଦେହ ଯେ ନଶ୍ୱର ଏକଥା ସତ ; ମାତ୍ର ତାହା ଜଡ ନୁହେଁ ।

ସେଦିନ ଯା' ହାତରେ ଛୁଇଁ ଯିବାରୁ କୁମୁଦର ଦେହ ହଠାତ୍ କେମିତି ଉତ୍ତର ଦେଇଥିଲା ? କ୍ରିୟା--ପ୍ରତିକ୍ରିୟା ନ୍ୟାୟରେ ଯା' ହାତ ଛୁଇଁବା ମାତ୍ରେ ତା ' ଦେହ ଅକଡି ଯିବା ପରିବର୍ତ୍ତେ ଏତେ କୋମଳ ହୋଇଗଲା ଯେ ଯା'ର ମନେ ହେଲା ଯେମିତି କି ହାତ ମୁଠାରେ ରହିଯିବ । ରାମଣ୍ଡାର ମନେହେଲା ଥଣ୍ଡାକୁ ଉପଭୋଗ କରିବାଲାଗି ଜାକିଜୁକି ହୋଇ ଚାଦର ଭିତରେ ପଶିଯିବା ଲୋକ ପରି କୁମୁଦର ଗୋଟାଏ ଯାକ ଦେହ ଯା' ହାତ ମୁଠାରେ ରହିଯିବ ।

ସେ ଦିନର ସେଇ ଆଶା ଆଜି ମଧ୍ୟ ରାମଣ୍ଡା ଭିତରେ ଜୀବିତ ରହିଚି । ଯା'ର ଭରସା ହେଉଚି ଯେ ସେଦିନ ସେ ଯେତିକି ଦୂରରେ ଥିଲା ସେତିକି ପାଖରେ ମଧ୍ୟ ଥିଲା ଥରେ ବି' ଥର ବାରଣ କରି ଦୂରେଇ ଯିବାକୁ ଚେଷ୍ଟା କଲେ ମଧ୍ୟ ରବର --- ସୂତାରେ ବନ୍ଧା ଏକ ମାସ ପିତୁଳା ପରି ପାଖକୁ ଚାଲିଆସିଥିଲା ।

କୁମୁଦ ତାକୁ ଭଲ ପାଉଚି ।

ଏଇଥିପାଇଁ ତ ଆଜି ସେ ଯା'ର ସମ୍ମାନ ସଭାକୁ ଆସିବା ପାଇଁ ରାଜି ହୋଇଚି । ହେଲେ କିଏ ଜାଣେ ? ଆଜିର ସମ୍ମାନକୁ ଦେଖି ତା 'ହୃଦୟ ବିଚଳିତ ହୋଇ ଯାଇପାରେ ।

ସେଇ ଆଶାରେ ରାମଣ୍ଡା ହାତର ଘଡି ଦେଖିଲା । "ଧୁ! ଏବେ ବି ଅତି କମ୍‌ରେ ଅଧଘଣ୍ଟେ ଅଛି । ସେ କ'ଣ ଟିକେ ଜଲଦି ଆସନ୍ତେନି ? ଧୁ, ଆମ ଲୋକଙ୍କୁ ସମୟାନୁବର୍ତ୍ତିତାର ମହତ୍ତ୍ୱ ଜମା ଜଣା ନାହିଁ ।" ଏମିତି ବିଡି ବିଡି ହୋଇ କ'ଣ ଗୋଟେ ଦେଖିବା ଆଶାରେ ସେ ଝର୍କା ଆଡକୁ ଗଲା ।

୨

ମୋହନର ପ୍ରତୀକ୍ଷାରେ ଥିବା କୁମୁଦର ମନ କାହିଁକି କେଜାଣି ହଠାତ୍ ଭୟଭୀତ ହୋଇଉଠିଲା । ରାସ୍ତାରେ ସେମିତି କିଛି ବେଶୀ ଭିଡ ନ ଥିଲା । ସନ୍ଧ୍ୟା ହୋଇଯାଇଥିଲା, ପ୍ରତ୍ୟେକ ପ୍ରାଣୀଙ୍କର ଘରକୁ ଫେରିବାର ସମୟହୋଇ ଯାଇଥିଲା । ହେଲେ ମଣିଷ ତ ଅନ୍ୟ ପ୍ରାଣୀମାନଙ୍କଠୁ ଅଲଗା । ଏ ଚିନ୍ତା ଆସିବାମାତ୍ରେ କୁମୁଦ ମୁହଁରେ ଈଷତ୍ ହାସ୍ୟ ଖେଳିଗଲା । ମଣିଷର ନାଗରିକ ଜୀବନର ଅର୍ଥ ହେଉଚି ସୃଷ୍ଟିର ନିୟମବିରୁଦ୍ଧ ଜୀବନ ବିତେଇବା । ସନ୍ଧ୍ୟା ହେଲେ ପ୍ରତ୍ୟେକ ପ୍ରାଣୀ ତା'ର ଆଶ୍ରୟସ୍ଥଳ ଘରକୁ ଆସିବାକୁ ଚାହେଁ । ମାତ୍ର ଏଇ ସମୟରେ ଯେଉଁ ନାଗରିକ ଘରୁ ବାହାରକୁ ଯାଏ ସେ ହେଉଚି ଗୋଟେ ବିକ୍ଷିପ୍ତ ପ୍ରାଣୀ । ତା' ମୋହନ ଖାଲି ଗୋଟେ ବିକ୍ଷିପ୍ତ ପ୍ରାଣୀ ନୁହେଁ ବରଂ ବେଶୀ ବିକ୍ଷିପ୍ତ ।

ବାପ ପରି ପୁଅ, ସେ ବି ନିଜ ମର୍ଜିରେ କାମ କରେ । ମୋ ' ଡାକରେ କ'ଣ ଆସିବ ? ହଁ ଭୋକ ଲାଗିଲେ ଆସିପାରେ — ଏହା କହି କୁମୁଦ ଭିତରକୁ ଗଲା ।

ଭୋକ ଲାଗିଲେ ଆସିବ କହିଲା ବେଳେ ଆଉ ଗୋଟେ ଚିନ୍ତା ମନରେ ଉଠିବାରୁ କୁମୁଦ ଆପେ ଆପେ ଭିତରେ ଭିତରେ ହସି ଉଠିଲା । ବାପ ପରି ପୁଅ ! ମନକୁ ଗୋଟେ ଚିନ୍ତା ଆସିଲେ ଅନ୍ୟମାନଙ୍କୁ ଭୁଲି ଯାଇ ତାକୁ ପୂରା କରିବାର ଜିଦ୍ ! ଠିକ୍ ରାମଣ୍ଡା ପରି ।

ସୁଖର କେତେ ସ୍ମୃତି ! ଏଇଥି ପାଇଁ ତ ଆଜି ମଧ୍ୟ ସେ ରାମଣ୍ଡାର ସାନ୍ନିଧ୍ୟ ଚାହୁଁଚି । ସେ କେତେଥର ସ୍ଥିର କରିଚି ? ହେଲେ ରାମଣ୍ଡା ତା'କୁ ଭଲ ପାଉଚି ବୋଲି ଭରସା ନାହିଁ । ରାମଣ୍ଡା ତାକୁ ଆଦର କରୁଚି ବୋଲି ବି ଭରସା ନାହିଁ ରାମଣ୍ଡାର ଘରେ, ରାମଣ୍ଡାର ମନରେ ତା ' ପାଇଁ ସମ୍ମାନ ମଧ୍ୟ ନାହିଁ । ରାମଣ୍ଡା ଦୃଷ୍ଟିରେ ସେ ହେଉଚି ପଶ୍ଚାତ୍ତାପର ମୂର୍ତ୍ତିମାନ ପ୍ରାୟଶ୍ଚିତ୍ତ । ଏସବୁ ଜାଣି ସୁଦ୍ଧା ସେ ସେଠି ରହିଚି । ରାମଣ୍ଡା ସାଥିରେ ଥାଇ ବି ତା'ଠୁ ସେ ଦୂରେଇ ରହିବାକୁ ପଡୁଚି, ଏହା କଠିନ ସମସ୍ୟା । ତା' ସତ୍ତ୍ୱେ ସେ ସେଇଠି ରହିଚି ।

ମୋହନ ରାମଣ୍ଡାର ଅବତାର । ନାଁ --- ରାମଣ୍ଡାର ସହିତ ସେ ଯେଉଁ ଜୀବନ ବିତେଇଚି ମୋହନ ସେଇ ସୁଖାନୁଭୂତିର ପ୍ରତୀକ, ଏଇଥିପାଇଁ ମୋହନ ପ୍ରତି ତା'ର ଏତେ ମମତା । ମାତୃତ୍ୱର ମମତା ନିଃସ୍ୱାର୍ଥ ବୋଲି କୁହାଯାଇଚି । ତା' ଦୃଷ୍ଟି ଯେ ସେମିତି ନୁହେଁ ଏ ଚିନ୍ତା କୁମୁଦ ମନରେ କେତେ ଥର ଉଠିଚି । ମୋହନ ପାଇଁ ସେ ମୋହନକୁ ଭଲ ପାଉନି । ବରଂ ମୋହନ ଭିତରେ ଯୋଉ ରାମଣ୍ଡା ରହିଚି ତା' ପାଇଁ ଭଲପାଉଚି । ଏଇ କାରଣରୁ ପ୍ରଥମେ ପ୍ରଥମେ ମୋହନ ଉପରେ ବିନା କାରଣରେ ରାଗ ମାଡୁଥିଲା । ବିଚରା ! ଅନ୍ୟମାନଙ୍କ ଭୁଲପାଇଁ ସେ ମୋହନକୁ କେତେଥର ନ ମାରିଚି !

ଥରକର କଥା ----- କୁମୁଦ କେବେ ତା'କୁ ଭୁଲିପାରିବନି । ଏଇନେ ସେ ଦୃଶ୍ୟ ତା ' ଆଖି ଆଗରେ ଛିଡା ହେଲା ପରି ଲାଗୁଚି । ମୋହନକୁ କାଖରେ ଧରି ସେ ଠିଆ ହୋଇ ଥିଲା ; ତା' ଆଗରେ ରାମଣ୍ଡା କ'ଣ

କରୁଥିଲା । ସ୍ୱାମୀର ସ୍ୱଭାବାନୁସାରେ ସେ ଯ୍ୱାକୁ ନିଜ ଆଡକୁ ଆକର୍ଷିତ କରିବାର ଚେଷ୍ଟା କରୁଥିଲା । ତା' ଆଖିର ଚମକ ଦେଖି କୁମୁଦ ଠିକ୍ ଜାଣି ପାରିଥିଲା ଯେ ଯ୍ୱା ପାଇଁ ତା' ହୃଦୟ କ୍ଷୁଧିତ ହୋଇ ରହିଚି । ତା'ପରେ ଇଯ୍ୱେ ହୋସିଯ୍ୱାର ହୋଇ ରହିବା ଉଚିତ୍ ବୋଲି ଭାବିଲା । ତା'ରି ପାଇଁ ଇଯ୍ୱେ ବିଳାସର [illegible] ମାତ୍ର ହୋଇଚି, ବୟସ୍କ ସ୍ତ୍ରୀ ମାନଙ୍କ ପରି ଅଇଣ୍ଠା ପତ୍ରରେ ପରିଣତ ହୋଇଚି ; ଏହା ସତ୍ତ୍ୱେ ଯ୍ୱାର କିଛି ଅଧିକାର ଅଛି । ଏକଥା ସେ ଭୁଲିଯାଇଚି । ସାବଧାନ ହୋଇ ରହିବା ଦରକାର ; ଏହା ଚିନ୍ତାକରି କୁମୁଦ ତା' ସହିତ ବେଶୀ କଥାବାର୍ତ୍ତା ନ କରି ତା' କଥାର ଜାଲରୁ ଦୂରେଇ ରହିଲା, ତା'ପରେ ଆରମ୍ଭ ହେଲା ମୋହନର ବଦମାସି । ମୋହନକୁ କୋଳେଇ ନବାର ବାହାନାରେ ରାମଣ୍ଡାର ବଦମାସି ଆରମ୍ଭ ହୋଇଥିଲା ।

ସେଦିନ ଇଯ୍ୱେ ମୋହନକୁ ଏତେ ଜୋର୍‌ରେ ବାଡେଇଥିଲା କାହିଁକି ? ତା'ର କାରଣ ପରେ ସେ ବୁଝିଲା । ଇଯ୍ୱେ ମୋହନକୁ ବାଡେଇଲା କାହିଁକି ? କାରଣ ସେ ଯ୍ୱାର ଅସ୍ଥିର ସ୍ୱଭାବକୁ ପ୍ରକାଶ କରିଦେଇଥିଲା ! ରାମଣ୍ଡାର ହାତ ଯ୍ୱାକୁ ଛୁଇଁବା ମାତ୍ରେ ଇଯ୍ୱେ ଭାବିଚିନ୍ତି କରିଥିବା ସିଦ୍ଧାନ୍ତ ଧୂଳିସାତ୍ ହୋଇଗଲା । ଭୋକରେ ଦୁର୍ବଳ ହୋଇଗଲା ପରି ଦେହ ଥରୁଥିଲା । ଓଠ ଓଦା ହୋଇ ଯାଇଥିଲା । ହୃଦୟରେ ବି କ'ଣ ଗୋଟେ ହେଲା, ଲାଗିଲା ସତେ ଯେମିତି ସେ ବେହୋସ୍ ହୋଇ ଯାଉଚି । ଏଇ ସମୟରେ ମୋହନର କାନ୍ଦଣା ଶୁଣି ତା'ର ହୋସ୍ ଆସିଲା, ତା'ପରେ ଇଯ୍ୱେ ଏକାଥରେ ଭିତରକୁ ଚାଲିଯାଇଥିଲା ।

ବିଚରା ! ସେସବୁ ଯାହା ହେଲା ସେଥିରେ ମୋହନର ଦୋଷ କ'ଣ ? ପୁଣି ସେତେବେଳେ ମୋହନ ଆଖିରେ ପଡିବାମାତ୍ରେ ତାକୁ ଜୋର୍‌ରେ ଗୋଟେ ଚାପୁଡା ଲଗେଇଥିଲା । ତା'ର କାନ୍ଦଣା ବଢିବା ସଙ୍ଗେ ସଙ୍ଗେ ଯ୍ୱାର ଆବେଗ ବି ବଢିଯାଇଥିଲା । ବୋଧେ ଭିତରେ ଲୁଚି ରହିଥିବା ସବୁ ଦ୍ୱେଷ ବାହାରି ଆସିଥିଲା । ନିଜ ମୂର୍ଖତାର ଚିହ୍ନ ! ବ୍ୟଭିଚାରର ମୂର୍ତ୍ତି ! ଏଇ ଅପମାନଜନିତ ଜୀବନ ବଞ୍ଚେଇ ରଖିବାର କାରଣ ! ଏମିତି କେତେ କ'ଣ ଭାବି ଆବେଗରେ ଭାସି ଯାଇ ଇଯ୍ୱେ ମୋହନକୁ ବାଡେଇ ଥିଲା, ନାଁ ?

ସେ କଥା ମନେ ପକାଇ କ୍ଷଣକ ପାଇଁ କୁମୁଦ ଶିହରି ଉଠିଲା । କେତେ ବାଡେଇ ଥିଲା !

ଯେତେବେଶି ବାଡଉଥିଲା ସେତେବେଶି ଯ୍ୱାର ଆବେଗ ବଢିଚାଲିଥିଲା ! ଶେଷରେ ବୋଧେ ବେହୋସ୍ ହେଲା ପରି ହୋଇ ଯାଇଥିଲା । ତା'ପରେ ରାମଣ୍ଡା ସେ ଠିକି ଆସି ତା'କୁ ଅଟକାଇବା ପର୍ଯ୍ୟନ୍ତ ସେ କିଛି ଜାଣି ନ ଥିଲା । ଶେଷରେ ତା'ର ଗୋଟେ ଚାପୁଡା ରାମଣ୍ଡାର ପିଠିରେ ବସିବାପରେ ଯାଇ ତା'ର ହୋସ୍ ଆସିଲା । ତା'ପରେ ଏ କ'ଣ ଦେଖୁଚି ! ମୋହନକୁ ଗୋଟେ ହାତରେ ଧରି ଆର ହାତରେ ବାଡେଇବାକୁ ଉଦ୍ୟତ ତା'ର ହାତକୁ ରାମଣ୍ଡା ରାଗରେ ଜୋର୍‌ରେ ଧରିଥିଲା ।

ସେଦିନ ରାମଣ୍ଡା ଯଦି ରାଗିଯାଇଥାନ୍ତା, ତା'ହାଲେ ? ଯ୍ୱା ସାଥିରେ ଝଗଡା କରିଥାନ୍ତା, ତାହାଲେ ? ହେଲେ ରାମଣ୍ଡା ଏସବୁ କିଛି କଲାନି, ସେ ରାଗିଯାଇଥିଲେ ଇଯ୍ୱେ ବି ରାଗିଥାନ୍ତା, ସେ ଝଗଡା କରିଥିଲେ ଇଯ୍ୱେ ବି ଆବେଗରେ ଭାସିଯାଇ ଚିତ୍କାର କରିଥାନ୍ତା । ଶେଷରେ ସେ ଯଦି ଯ୍ୱାକୁ ଖୁବ୍ ବାଡେଇ ଥାନ୍ତା ତା'ହେଲେ ବି ଭଲ ହୋଇଥାନ୍ତା । ମାତ୍ର ସେ ଏମିତି କିଛି କଲାନି । ପିଲାଟିକି ଉଠେଇନେଇ ଯ୍ୱାକୁ ଅଟକାଇଥିଲା ଏବଂ ଏପରି କରୁଣାଜନକ ଦୁଃଖ ମୁଦ୍ରାରେ ଠିଆ ହୋଇଥିଲା ଯେମିତିକି ସେ ହିଁ ଅପରାଧୀ । ସେ

ଏମିତି ହୋଇଛିଡା ହୋଇଥିଲା ଯେ ଯ୍ବାର ଥରେ ଇଚ୍ଛାହେଲେ ତାକୁ ଗୋଟେ ଚାପୁଡା ଲଗେଇବ । କିନ୍ତୁ ତା'କୁ ଚୁପଚାପ ଠିଆ ହୋଇଥିବାର ଦେଖି ଯ୍ବାକୁ ଭାରି ଲାଜ ଲାଗିଲା ।

ସେ କହିଥିଲା, "ତମେ ଯଦି ଚାହୁଁଚ ତେବେ ମୁଁ ବାହାରକୁ ଚାଲିଯାଉଚି ।". ସେତେବେଳେ ତା' କଥାର ପ୍ରସଙ୍ଗ ଇଯ୍ବେ ଧରିପାରିନଥିଲା ।

ତା'ପରେ ପୁଣି ସେ କହିଲା । "ମୋରି ପାଇଁ ତମେ ଏତେ କଷ୍ଟ ଭୋଗୁଚ । ମୁଁ ଘର ଛାଡି ଚାଲିଯାଉଚି ।"

ଶେଷରେ ପ୍ରଶ୍ନର ଉତ୍ତର ଦେଇ ମନକୁ ହାଲୁକା କରିବା ଲାଗି ସୁଯୋଗ ମିଳିଲା । ସୁଯୋଗ ମିଳିଛି ବୋଲି ଭାବିଲା ମାତ୍ରେ କୁମୁଦ ଉତ୍ତର ଦେଇଥିଲା--

"ତମେ କାହିଁକି ଯିବ ? ତମେଇ ତ ଘରର ମାଲିକ ।"
"କୁମୁଦ, ଏଘର ଯେମିତି ମୋର ସେମିତି ବି ତମର ।"
"ଘର ମୋର କେମିତି ହବ ? ଆଶ୍ରାହୀନ ହୋଇ ତମ ଘରେ ପଡିଚି ।"

ସେ ପ୍ରାର୍ଥନା -- ସ୍ବରରେ କହିଲା, "କୁମୁଦ, କୁମୁଦ ତମେ ଏମିତି କଥା କହିବା ଉଚିତ ନୁହେଁ ।"

"ତା' ହେଲେ କେମିତି କଥା କହିବା ଉଚିତ୍ ? ଏଘରେ ମୋ ପିଲାଉପରେ ହାତ ଉଠେଇବାର ଅଧିକାର ବି ମୋର ନାହିଁ," କହୁଁ କହୁଁ ସେ କାନ୍ଦି ପକେଇଲା ।

"କୁମୁଦ, ଏ ଘରେ ତମର ସବୁ ଅଧିକାର ରହିଚି" ।

"ମୋର ତମ ଘର ଦରକାର ନାହିଁ କି ଅଧିକାର ମଧ୍ୟ ଦରକାର ନାହିଁ ।" କହି ସିଏ ଧରିଥିବା ହାତକୁ ଝଟ୍‌କରି ଛଡେଇବାକୁ ଚେଷ୍ଟାକଲା ।

"କୁମୁଦ," ଗମ୍ଭୀର ହାତ ଛାଡିଲାନି, -----"କୁମୁଦ, ତମେ କିଛି ପାଇଁ ଅସନ୍ତୁଷ୍ଟ ବୋଲି ମୁଁ ଜାଣେ, କୁହ, ଯଦି ତାହା ଦୂର ହୋଇପାରିଲା ଭଳି ହୋଇ ଥାଏ ତେବେ ମୁଁ କରିବାକୁ ପ୍ରସ୍ତୁତ । ମୋର ଯଦି କିଛି ଭୁଲ ଥାଏ . . . . . ."

"ତମର ଭୁଲ ! ଆରେ ! ତମର କୌଣସି ଭୁଲ ହୋଇପାରେ ? ତମେ ବୁଝିଲା ସୁଝିଲା ଲୋକ, ଜଣେ ପ୍ରସିଦ୍ଧ ସାହିତ୍ୟିକ ମଧ୍ୟ । ତମକୁ ପସନ୍ଦ କରିବାକୁ ଏତେ ଲୋକ ଥିଲେ ବି . . . . . ."

"କୁମୁଦ । ତମେ ଏମିତି କଥା କହିଲେ ମୁଁ କ'ଣ କରିବି ? ଘରେ ପୁଣି ତମ ଆଗରେ ମୁଁ କେବେ ଅକାରଣେ ବଡିମା ପୂର୍ଣ୍ଣ ବ୍ୟବହାର ଦେଖେଇଚି ?"

"ମୋ ସାଥିରେ ତମେ ଯେମିତି ଇଚ୍ଛା ସେମିତି ବ୍ୟବହାର କଲେ ବିଶେଷ କିଛି ଫରକ ପଡ଼ିବନି । ମୁଁ ତ ଗୋଟେ ଚରିତ୍ରହୀନ, ସାହାଭରସାଶୂନ୍ୟ ସ୍ତ୍ରୀ . . . . ।"

"କୁମୁଦ ! କୁମୁଦ, ଏମିତି ନିଷ୍ଠୁର କଥା କୁହନି । ଚରିତ୍ରହୀନ ଶବ୍ଦକୁ ମୁହଁରୁ ବାହାର କରନି । ଚରିତ୍ରହୀନ ମୁଁ, ତମେଇ ମତେ ଠିକ୍ ରାସ୍ତାକୁ ଆଣିଚ । କୁମୁଦ—"

"ତମେ ଆଉ ତମର ରାସ୍ତା କିଛି ମୋ'ର ଦରକାର ନାହିଁ" କହି ହାତ ଛିଞ୍ଚାଡ଼ି ନେଇ କୁମୁଦ ଦୂରକୁ ଘୁଞ୍ଚିଯାଇଥିଲା ।

ହାତ ଛିଞ୍ଚାଡ଼ିବାରୁ ଡରରେ ମୋହନ ପୁଣି କାନ୍ଦିବାକୁ ଲାଗିଲା ଓ କୁମୁଦ ପାଖକୁ ଯିବାକୁ ଚାହିଁଲା । କୁମୁଦ କାଳେ ପିଲାଟାକୁ ପୁଣି ବାଡେଇବ, ଏଥିପାଇଁ ରାମଣ୍ଡା ଡରିଯାଇଥିଲା । ସେ ଏଇ କଥା ଭାବୁଥିଲାବେଳେ ମୋହନ କୁମୁଦ ପାଖକୁ ଯିବାପାଇଁ ଜିଦ୍ କଲା ଓ କାନ୍ଦିବାକୁ ଆରମ୍ଭ କଲା ।

କୁମୁଦ ଆଉ ନିଜକୁ ସମ୍ଭାଳି ପାରିଲାନି । ଆବେଗରେ ପିଲାଟିକି ଜୋରରେ ଧରିବା ପାଇଁ ଚେଷ୍ଟା କଲା । କିନ୍ତୁ ରାମଣ୍ଡା ଛାଡ଼ିଲାନି । ସେ କହିଲା, "ମୁଁ ତା'କୁ ବାହାରେ ବୁଲେଇ ଆଣୁଚି ।"

"ତମେ ବୁଲେଇ ଆଣିବା ଦରକାର ନାହିଁ କି କୁଆଡେ ନେଇଯିବା ଦରକାର ନାହିଁ । ମୁଁ ତା'କୁ ନେଇ ବାହାରକୁ ଯାଉଚି । ଆଉ କେବେ ଫେରିବିନି । ତମେ ତମ ଘରକୁ ନେଇ ରୁହ ।" କହି ସେ ଅବିଳମ୍ବେ ନିଜ କୋଠରୀକି ଚାଲିଗଲା । ଏବଂ ପିଲାକୁ ତଳେ ବସେଇ ଦେଇ ଜିନିଷପତ୍ର ସଜାଡ଼ିବାରେ ଲାଗିଲା ।

"ହୁଁ . . ." କହି କୁମୁଦ ଗୋଟେ ନିଶ୍ୱାସ ନେଲା ଯେମିତିକି ସ୍ମୃତି ପ୍ରବାହରୁ ବାହାରି ଆସିଚି ।

ଘଟଣାଟି ଆଜି ଘଟିଥିଲେ ସେ କ'ଣ ସେମିତି କରିଥା'ନ୍ତା ? ବସି ବସି କୁମୁଦ ସବୁ ମନେ ପକେଇବାକୁ ଚେଷ୍ଟା କଲା । "କେବେ ଫେରିବିନି" ବୋଲି କହିଥିଲା । ତା'ପରେ କ'ଣ ସବୁ ହେଲା କେଜାଣି ? ହେଲେ ବର୍ତ୍ତମାନ ସେ ଏଇଠି ଅଛି । ରାମଣ୍ଡା ଘରେ ନା, ନିଜ ଘରେ । ଉହୁଁ, ତା'ବି ନୁହେଁ । ମୋହନର ଘରେ । ସେ ପାଗିଳୀ ହେଇ ଗଲାଣି କି ? ମିଥ୍ୟା ସ୍ୱାଭିମାନ ହେତୁ ସେ ଏସବୁ ଭାବୁଚି । ଏଇଟା ରାମଣ୍ଡାର ଆଉ ତା'ର ଘର ବୋଲି ତ ମୋହନର ଘର । ମୋହନ ସେ ଦି'ଜଣଙ୍କ ତପସ୍ୟାର ଫଳ । ନ ହେଲେ ମୋହନ କୁଆଡୁ ଆସିଥା'ନ୍ତା ?

ଆଜି ସେ କେବେ ସେମିତି କରି ନ ଥା'ନ୍ତା । ତା'ର ପ୍ରକୃତ କାରଣ ଆଉ କିଛି ଥିଲା ବୋଲି ସେ ଭଲଭାବେ ଜାଣିଚି । ଆଉ ସେ ଏକଥା ବି ଜାଣିଚି ଯେ ଆଜି ଯୋଉଥିପାଇଁ ସେ ଏମିତି ବ୍ୟବହାର କରୁନି, ସେଇଥିପାଇଁ ସେଦିନ ସେମିତି ବ୍ୟବହାର କରିଥଲା ।

ତା'ମନରେ ରାମଣ୍ଡା ପ୍ରତି ଥିବା ଭାବନା ହିଁ ଥିଲା ତା'ର କାରଣ ।

କୁମୁଦ ସବୁବେଳେ ହାରିବାର କାରଣ ବି ଥିଲା ସେଇ ଭାବନା । ଆଜି ପର୍ଯ୍ୟନ୍ତ ପ୍ରତି କଥାରେ ସେ ଯେ ହାରି ଆସିଚି, ଏ ଧାରଣା ତା' ମନରେ ଘର କରିନେଇଥିଲା । ସେ ଜାଣିଥିଲା ଯେ ନ'ବର୍ଷ ଆଗେ ଯୋଉ ଘଟଣା ଘଟିଥିଲା, ତାହା ହିଁ ଥିଲା ତା'ର ପ୍ରଥମ ପରାଜୟ "ମୁଁ ତା'କୁ ନେଇ ବାହାରକୁ ଯାଉଚି, ଆଉ କେବେ ଫେରିବିନି ।" ଏ ଗର୍ଜନ ହିଁ ତା'ର ପରାଜୟର ପ୍ରଥମ ଘୋଷଣା ।

କାହିଁକି ? ସେ କାହିଁକି ଏମିତି କହିଥିଲା ? କ'ଣ ଭଲଭାବେ ଭାବିଚିନ୍ତି କହିଥିଲା ? ନା କିଛି ସ୍ଥିର କରି କହିଥିଲା । ତା' ବି ନୁହେଁ । ତା' ହେଲେ ମନରେ ଯାହା ସବୁ ଥିଲା ତା'କୁ ସିଧାସଳଖ ବାହାର କରିବା ଲାଗି କହିଥିଲା ? ଉହୁଁ ---- ଏସବୁ କାରଣରୁ ନୁହେଁ ।

ତା'ର ଏକମାତ୍ର କାରଣ ଥିଲା -- ଭୟ । ନିଜ ବିଷୟରେ ଭୟ, ରାମଣ୍ଡାପାଇଁ ଭୟ ରାମଣ୍ଡାର ହାତ ତା ହାତକୁ ଛୁଇଁବା ମାତ୍ରେ ସେମାନଙ୍କ ସମ୍ବନ୍ଧ ଜନ୍ମଜନ୍ମାନ୍ତରର, ଏହା ସେ ସ୍ପଷ୍ଟ ବୁଝିପାରିଥିଲା । କେବଳ କଥା ପଦକରେ ସେ ସମ୍ବନ୍ଧ ଛିନ୍ନ କରିବା ଅସମ୍ଭବ ।

ଥରେ ରାମଣ୍ଡା ନିକେ ଦୁଷ୍ମନ୍ତ---ଶକୁନ୍ତଳାଙ୍କ କାହାଣୀ କହି ନ ଥିଲା ?

ସେତେବେଳେ ସେ କହିଥିଲା, "ମୁଁ ଯଦି ଶକୁନ୍ତଳା ହୋଇଥା'ନ୍ତି, ତେବେ ଦୁଷ୍ମନ୍ତକୁ ପାଖ ପଶିବାପାଇଁ ଦେଇନ ଥା'ନ୍ତି ।"

"କାହିଁକି ? ସେ କ'ଣ ଏମିତି କରି ପକେଇଥିଲା କି ?" ରାମଣ୍ଡାର ଏପ୍ରଶ୍ନରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

"କ'ଣ କହିଲ ? କ'ଣ ଏମିତି କରିପକେଇଥିଲା । ? ଆଉ କ'ଣ କରିଥାନ୍ତା ? ଏକାନ୍ତରେ ବାହା ହେଲା, ଆଉ ଶକୁନ୍ତଳା ଗର୍ଭବତୀ ହୋଇଯିବାପରେ କହିଲା କ'ଣ ନା, ମୁଁ କେତେବେଳେ ତମକୁ ବାହାହେଲି ? ଏମିତି କହିବାର ମାନେ ?"

"ତା'ର ଦୋଷ କ'ଣ ? ସେତ ଅଭିଶାପର ଫଳ ।"
"ହାୟରେ ! ଏସବୁ ମନଗଢା କାହାଣୀ କାହାକୁ କହୁଚ ? କାଳିଦାସ ଆଉ ଦୁଷ୍ମନ୍ତ ଦୁହେଁ ପୁରୁଷ ।"
"ହେଲେ କାଳିଦାସ ଏ କାହାଣୀ ପ୍ରଥମ ଥର ପାଇଁ ଲେଖି ନ ଥିଲେ । ଏହା ମହାଭାରତରେ ଥିଲା ।"
ମାନେ ? ସେ ଏମିତି ବାଜେ କାହାଣୀ ବାଛିଲେ କାହିଁକି ? ଲୋକେ କହିବେ ନି ?"
"କାହିଁକି କହିବେ ?"

"ଆରେ ! କାହିଁକିର ମାନେ କ'ଣ ? ବାହାଘର ମନେ ନାହିଁ ବୋଲି ଯିଏ କହୁଚି, ସେ କେମିତି ଲୋକ ?"

"ସେ ଥିଲେ ମହାପୁରୁଷ ।"

"ବାସ୍, ବାସ । ସେତିକି ଥାଉ ।"

"କାହିଁକି ? ଧର ମୁଁ ବି କାଲି କହିବି ଯେ ବାହାଘର କଥା ମୋ'ର ମନେ ନାହିଁ । ଲୋକେ ମତେ ପାଗଳ କହିବେ କି ନାହିଁ ?"

"ତା'ଠୁ ବେଶୀ ଖରାପ କଥା ଯଦି ନ କୁହନ୍ତି, ତେବେ ତମର ଭାଗ୍ୟ ବୋଲି କୁହାଯିବ ।"

"ଠିକ୍ କି ନୁହେଁ ? ମୁଁ ଏମିତି କହିଲେ ଲୋକେ ମତେ ପାଗଳ କହିବେ । କୋର୍ଟରେ କେସ୍ କରିବେ । ଦୁଷ୍ମନ୍ତ ସେଯା କରିଥିଲେ । ମାତ୍ର ତାଙ୍କୁ ମହାପୁରୁଷ କୁହାଗଲା, ତାଙ୍କ ବିଷୟରେ ନାଟକ ଲେଖାଗଲା ।"

"ସେତିକି ଥାଉ । ତମେ କ'ଣ ସବୁ ଯେ କହୁଚ-----"

"ନା, ତମେ କହିଲ ଯେ ମୁଁ ଶକୁନ୍ତଳା ହୋଇଥିଲେ ଏମିତି କରିଥା'ନ୍ତି ।"

"ହଁ ଦୁଷ୍ମନ୍ତକୁ ଠିକ୍ ରାସ୍ତା ଦେଖେଇ ଦେଇଥା'ନ୍ତି ।"

"ତମେ କେବେ ସେମିତି କରି ନ ଥାନ୍ତ ---- ଏଯା ଦେଖେଇବାପାଇଁ କାଳିଦାସ ଏ ନାଟକ ଲେଖିଚନ୍ତି ।"

"ମୁଁ କରିନଥା'ନ୍ତି ବୋଲି ଦେଖେଇବା ପାଇଁ ?"

"ଅର୍ଥାତ୍, ତମେ ଯଦି ଶକୁନ୍ତଳା ହୋଇଥା'ନ୍ତ ତେବେ . . . . ."

"ତମେ କ'ଣ କହୁଚ, ମୁଁ ବୁଝିପାରୁନି ।"

"ସେମିତି ନୁହେଁ । ମୋ ଆଡକୁ ଚାହଁ । ଦୁଷ୍ମନ୍ତ ଶକୁନ୍ତଳାଙ୍କ ବାହାଘର କେମିତି ହେଲା ? ଦୁଷ୍ମନ୍ତଙ୍କ ମହଲରେ ତ ଅନେକ ସୁନ୍ଦରୀ ଥିଲେ । ଅନ୍ୟ ପକ୍ଷରେ ଶକୁନ୍ତଳାଙ୍କୁ ପ୍ରେମ ବିବାହ ପ୍ରଭୃତି କିଛି ଜଣା ନ ଥିଲା । ଦୁଷ୍ମନ୍ତ ବି ସେଠିକି ଶିକାର ଉଦ୍ଦେଶରେ ଯାଇଥିଲେ । କଣ୍ୱଙ୍କ ଆଶ୍ରମ ପାଖରେ ବୋଲି ଜାଣି ମହର୍ଷିଙ୍କି ପ୍ରଣାମ କରିବାକୁ ଗଲେ ।"

"ପୁରା କାହାଣୀ ମତେ ଜଣା ଅଛି ।"

"ଶୁଣ, ସେ କାହାଣୀର ମଜା କଥା ତମକୁ କହୁଚି । ଏସବୁ କହିବାର ମାନେ ହଉଚି ଯେ ଦୁଷ୍ମନ୍ତ କି ଶକୁନ୍ତଳା କେହି ଏ ବିଷୟରେ ଚିନ୍ତା ମଧ୍ୟ କରି ନ ଥିଲେ, ଅକସ୍ମାତ୍ ଭେଟ ହୋଇଗଲା । ଭେଟରୁ ପରିଚୟ ହେଲା, ପରିଚୟରୁ ଆକର୍ଷଣ, ଆକର୍ଷଣରୁ ସ୍ନେହ, ସ୍ନେହରୁ ପ୍ରେମ ।"

"ଶେଷରେ ବିବାହ ବି ହୋଇଗଲା ।"

"ହଁ, କିଛି ଦିନ ଭିତରେ ସବୁ ହୋଇଗଲା ।"

"ଆଚ୍ଛା, ଏସବୁ ମତେ କହିବାର . . . . ।"

"କାରଣ ଅଛି କୁମୁଦ । ବିନା ପରିଚୟରେ, କିଛି ଚିନ୍ତା ନ କରି, କୌଣସି ଆବଶ୍ୟକତା ନ ଥାଇ ଏବଂ ଗୁରୁଜନମାନଙ୍କ ସହାୟତା ବିନା ବାହାଘର ହୋଇଗଲା । କ'ଣ ବୁଝୁଚ କି ନାହିଁ ?

"ହଁ । ଦୁଷ୍ମନ୍ତ ଥିଲା ଦୈବୀପୁରୁଷ ।"

"ହୋ – ହୋ -- । ଶକୁନ୍ତଳା କେଉ କମ୍ ଥିଲା ? ଦି'ଜଣ ଯାକ ଏଥିପାଇଁ ଦାୟୀ । ସେମାନଙ୍କ ପ୍ରେମ ଏତେ ସ୍ୱାଭାବିକ ଥିଲା ଯେ ଦୁନିଆରେ ଯୋଉଠି ରହନ୍ତୁନା କାହିଁକି ସେମାନେ ଦିନେ ନିଶ୍ଚୟ ମିଳିତ ହୋଇଥା'ନ୍ତେ । ଏହା ଦେଖେଇବା ଲାଗି କାଳିଦାସ ଏ ନାଟକ ଲେଖିଲେ । ତା'ପରେ ମାରୀଚଙ୍କ ଆଶ୍ରମରେ ଶକୁନ୍ତଳା ଯେତେବେଳେ ଦୁଷ୍ୟନ୍ତଙ୍କୁ ଦେଖିଲା ସେତେବେଳେ ପ୍ରଥମ ଥର କଣ୍ୱଙ୍କ ଆଶ୍ରମରେ ଦେଖିବା ପରେ ତା'ର ଯୋଉ ଅବସ୍ଥା ହୋଇଥିଲା ସେମିତି ହୋଇଗଲା ।"

ତା'ପରେ କୁମୁଦ କହିଥିଲା, "କାହାଣୀରେ ଯାହା ଇଚ୍ଛା ଲେଖିପାର । କିନ୍ତୁ ସେଥିରେ ମୋର ବିଶ୍ୱାସ ନାଇଁ ।" ତା'ର ମନେ ହେଲା ଯେ ସେ କଥାକୁ ବିଶ୍ୱାସ କରିବାର ଦଣ୍ଡ ବୋଧେ ଏବେ ତା'କୁ ମିଳୁଛି । ଶକୁନ୍ତଳା ସେ ପ୍ରକାର ବ୍ୟବହାର ପ୍ରଦର୍ଶନ କରିବା ସ୍ୱାଭାବିକ ବୋଲି ସେ ବର୍ତ୍ତମାନ ମାନିବା ପାଇଁ ପ୍ରସ୍ତୁତ ହୋଇଗଲା ।

ରାମଣ୍ଡା ଯେପରି ଭାବେ ତା'କୁ ବିବାହ କଲା, ତାହା ବିଚାର କଲେ ତା'ସାଥିରେ ସେ ଗୃହସ୍ଥ ଜୀବନ ଯାପନ କରିବା ଆଦୌ ଉଚିତ୍ ନ ଥିଲା । ରାମଣ୍ଡା ନିଜେ ନିଜେ ତା'ପ୍ରତି ଆକୃଷ୍ଟ ହୋଇଥିଲା । ତା'ଛଡା ସରଳାଅପା ବି ବାରମ୍ବାର ସେଇକଥା କହୁଥିଲା । ତେଣୁ ସେ ବାଧ୍ୟହୋଇ ବିବାହର ସ୍ୱୀକୃତି ଦେଲା । ସରଳା ଅପା ବଞ୍ଚିଥିବା ପର୍ଯ୍ୟନ୍ତ ରାମଣ୍ଡା ଖୋଲାଖୋଲି ଭାବେ ବିବାହ ପ୍ରସ୍ତାବ କେବେ ଉଠେଇ ନ ଥିଲା । କିନ୍ତୁ ସହବାସ ପାଇଁ ତା'ର ପ୍ରବଳ ଇଚ୍ଛା ଥିଲା । ସରଳା ଅପା ମରିଯିବା ପରେ ବି ରାମଣ୍ଡା ଏକଥା ନିଜେ ଉଠେଇ ନ ଥିଲା । ଇୟେ ନିଜେ ଗର୍ଭବତୀ ହବା କଥା କହିବା ପରେ ଯାଇ ସେ ମାନିଗଲା । ଏହାର ମାନେ କ'ଣ ? ଏୟା ନା ୯ପ ରାମଣ୍ଡା ଚାହିଁ ନ ଥିଲା ଆଉ ଜାଣି ଶୁଣି ଧୋକା ଦବାକୁ ଚେଷ୍ଟା କରୁଥିଲା ? ଏମିତି ଲୋକ ସାଥିରେ େ। ଜୀବନ କାଟିଥା'ନ୍ତା କେମିତି ? ତା'ଛଡା ବାହାହେଇ ରାମଣ୍ଡା ତା'ଉପରେ ଉପକାରର ଗୋଟେ ବୋଝ ମଧ୍ୟ ଲଦି ଦେଲା । ବାହାଘରପାଇଁ ରାମଣ୍ଡା ମନା କରିଦେଇଥିଲେ ସେ ଏକଲା ଅଲଗା ରହିପାରିଥାନ୍ତା । ବାହାଘର ହୋଇ ନ ଥିଲେ ବର୍ତ୍ତମାନ ପରି ତା'ଉପରେ କାହାରି ଅଧିକାର ନଥା'ନ୍ତା । ଏବେ ସେ ବିବାହିତା ସ୍ତ୍ରୀ, ଅଧିକାରରେ ରାମଣ୍ଡାର ଭୋଗ୍ୟ ବସ୍ତୁ । କିନ୍ତୁ ବାହାଘର ହୋଇ ନ ଥିଲେ ? ଭୋଗ୍ୟ ବସ୍ତୁଟି ପାଇବାପାଇଁ ରାମଣ୍ଡାକୁ ତା'ପାଖରେ ଭିକାରି ହବାକୁ ପଡିଥା'ନ୍ତା । ଛାଡ, ଯାହା ହେଇଚି ସବୁ ଠିକ୍ ହେଇଚି । ବାହାଘର ପାଇଁ ସମ୍ମତି ଦବାକୁ ତା'କୁ କେହି ବାଧ୍ୟ କରି ନ ଥିଲା । ନିଜେ ସମ୍ମତି ଦେଇ ଏବେ ରାମଣ୍ଡାର ନିନ୍ଦା କରିବାର ମାନେ କ'ଣ ?

ନିନ୍ଦା କଥା ଉଠିଲା କୋଉଠି ? ଏତ ସ୍ତ୍ରୀର ଭାଗ୍ୟ, ଶକୁନ୍ତଳାର କାହାଣୀ । ଏହା କହି କୁମୁଦ ଗୋଟେ ଲମ୍ବା ନିଶ୍ୱାସ ନେଲା । କୌଣସି ଦୈବୀ ଶକ୍ତିର ପ୍ରଭାବରେ ସେ ରାମଣ୍ଡାର ବଶୀଭୂତ ହୋଇଯାଇଥିଲା । ତା'କୁ ବୁଝି ଗୋଟେ ଆଡକୁ ଟାଣିଲେ ହୃଦୟ ଅନ୍ୟଆଡକୁ ଟାଣୁଥିଲା । ସେ ରାମଣ୍ଡାଠୁ ଯେତେ ଦୂରେଇ ରହିବାକୁ ଚେଷ୍ଟା କରୁଥିଲା, ଦୈବୀ ଶକ୍ତି ତା'କୁ ସେତେ ତା' ଆଡିକି ଟାଣି ନଉଥିଲା ।

ଏଥିପାଇଁ ସେ ସବୁବେଳେ ସତର୍କ ରହୁଥିଲା । ରାମଣ୍ଡାର ଭୋଗ୍ୟବସ୍ତୁ ହବାରେ ସେ ସନ୍ତୋଷ ଲାଭ

କରିଥିଲା ସତ । କିନ୍ତୁ ରାମଣ୍ଡା ଯେତେବେଳେ ତା'କୁ କେବଳ ଭୋଗ୍ୟ ବସ୍ତୁ ବୋଲି ଭାବୁଥିଲା ସେତେବେଳେ ସେ ଭାରି ଅସହାୟ ଅନୁଭବ କରୁଥିଲା । ସେ ରାମଣ୍ଡାକୁ ଯେତିକି ଭଲ ପାଉଥିଲା, ରାମଣ୍ଡା ଯଦି ତା'କୁ ସେତିକି ----

ନା, ଏ ବିଶ୍ୱାସ ଆଉ ତା'ର ନାହିଁ । ତା'ର କେବଳ ଡରଥିଲା ଯେ ସେ ରାମଣ୍ଡାର ବଶତା ସ୍ୱୀକାର କରିଯିବନି ତ ! ରାମଣ୍ଡାର ସାମୀପ୍ୟ ସେଇ ଭୟକୁ ବର୍ଦ୍ଧ ଉଥିଲା । ତା'ର ସ୍ପର୍ଶ ତ . . . . . । ତେଣୁ ସେଦିନ ସେ କହିଥିଲା, "ଆଉ କେବେ ଫେରିବିନି ।"

ହଁ, ପୁଣି ଆସିଲା କି ନାହିଁ ? ଆସିଲା, ଘ'. ବି ଚଳଉଚି । ପିଲାଟିର ଲାଳନ ପାଳନ କରୁଚି -------- ।

ଏ ଦିବା ସ୍ୱପ୍ନ ଦେଖିବା ବନ୍ଦ କରି କୁମୁଦ ହାତଘଡିକି ଚାହିଁଲା । "ଇସ୍ସେ କ'ଣ ? ମୁଁ କେବେ କହିଥିଲି । ଅଥଚ ମୋହନ ଆସିଲାନି ନା ? ସଭାକୁ ଯିବାପାଇଁ ଏଇନେ ଯଦି ଡାକିବାକୁ ଆସନ୍ତି ତା'ହେଲେ? ଛିଃ ! କେମିତି ପିଲା ମ ! ମଉଜ କରି କୁଆଡେ ଗଲା କେଜାଣି !" କହୁଁ କହୁଁ ସେ ଉଠି କବାଟ ପାଖକୁ ଗଲା ।

10

"ଇସ୍ସେ କ'ଣ ? କିଛି ତ ଦେଖା ଯାଉନି" କହି ରାମଣ୍ଡା ଝରକାବାଟେ ବାହାରକୁ ଚାହିଁଥିଲା । ପର ମୁହୂର୍ତ୍ତରେ ତା'କୁ ଆଶ୍ଚର୍ଯ୍ୟ ଲାଗିଲା । ରାସ୍ତା ସାରାତ ଜାନୁଆର ଭର୍ତ୍ତି ହୋଇଚନ୍ତି । ପଛଆଡୁ ଗାଈଆଳ ଟୋକାଙ୍କ ପାଟିତୁଣ୍ଡ ଶୁଣାଯାଉଚି । ହେଇ ସେଠି କିଏ ଦି'ଜଣ ଲୋକ ଆସୁଚନ୍ତି । ଜଣେ ଠିଆ ହୋଇ ହସୁଚି । ସଡକ ଏପଟ କୁଆମାନେ ପଖ ଝାଡି ସେ ପଟର କୁଆମାନଙ୍କ ପାଖକୁ ଯାଉଚନ୍ତି । କୁକୁରଟେ ସେମାନଙ୍କୁ ଧରିବାର ଚେଷ୍ଟାକରି ଭୁକୁଚି ------ ଏ ସବୁ ଦିଶୁଥିବା ସତ୍ତ୍ୱେ ମୁଁ କହିଲି, "କିଛି ତ ଦେଖାଯାଉନି ।"

ମଣିଷର ସଂସାର ହଉଚି ଏତିକି, ତେଣୁ କୁହା ଯାଇଚି ଯେ ମଣିଷ ଯାହା ଚାହେଁ ତାହା ହିଁ ଦେଖେ, ନ ହେଲେ ତା'କୁ କିଛି ଦେଖା ଯାଏନି । ଗୋଟେ 'ହୁଁ' ମାରି କ'ଣ ଗୁଣୁ ଗୁଣୁ ହୋଇ ସେ ଏକତ ସେକତ ବୁଲିବାକୁ ଲାଗିଲା । ବୁଲି ବୁଲି ସେମିତି ଗୁଣୁ ଗୁଣୁ ହୋଇ ପୁଣି ଝରକା ପାଖକୁ ଆସି ଠିଆ ହେଲା . . . . "କଣ୍ଠସ୍ୟମାନାମ୍ . . . ." ଗୁଣୁ ଗୁଣୁ ଆବୃତ୍ତି କରି ହସି ଉଠିଲା । "ଯାହା ହଉନା କାହିଁକି ତା'ଶଠତା ସେ ବୁଝିପାରିଚି ।" କହି ହସି ପକେଇଲା, ଏଇଟା ତା'ର ଅଭ୍ୟାସ । ମନରେ ଉଠୁଥିବା ଚିନ୍ତାସବୁକୁ ଭୁଲି ଯିବାର ଚେଷ୍ଟାକରି ସେ ଗୁଣୁ ଗୁଣୁ ସ୍ୱରରେ ସଂସ୍କୃତ ଶ୍ଳୋକ ଆବୃତ୍ତି କରୁଥିଲା । ଚିନ୍ତା ଗୁଡାକୁ ମନଭିତରୁ ଜବରଦସ୍ତ ବାହାର କରିଦବାଲାଗି କାଳିଦାସଙ୍କର ଗୋଟେ ଶ୍ଳୋକ ବାରବାର ଆବୃତ୍ତି କରୁଥିଲା ।

କାର୍ଯ୍ୟା ସୈକତ ---- ଲୀନ ---- ହଂସ ---- ମିଥୁନ ସ୍ରୋତୋବହା ମାଳିନୀ
ପାଦାସ୍ତାମଭିତୋ ନିଷଣ୍ଣହରିଣା ଗୌରୀ ଗୁରୋଃ ପାବନାଃ ।
ଶାଖାଲମ୍ବିତ ବଳ୍କଲସ୍ୟ ଚ ତରୋର୍ନିର୍ମାତୁ ମିଚ୍ଛାମ୍ୟଧଃ
ପାର୍ଶ୍ୱେ କୃଷ୍ଣମୃଗସ୍ୟ ବାମନୟନଂ କଣ୍ଡୁୟ୍ୟ ମାନା ମୃଗୀ ।

ଏଇ ଶ୍ଲୋକର ଏକ ଶାନ୍ତ ବାତାବରଣ ଅଛି ବୋଲି ସେ ସବୁ ବେଳେ ଭାବି ଆସିଥିଲା । ମାଳିନୀ --- ତଟରେ ହଂସ ହଂସୀ ମୈଥୁନ କରୁଚନ୍ତି । ଈଶ୍ୱରଙ୍କ ପଦଚିହ୍ନ ଦେଖାଯାଉଚି । ପାଖରେ ଗୋଟିଏ ବୃକ୍ଷ, ତା' ଉପରେ ବଲ୍କଳ ଶୁଖାଯାଇଚି । ସେଇ ବୃକ୍ଷ ମୂଳରେ କୃଷ୍ଣ ମୃଗଟିଏ ଶୋଇଚି । ମୃଗିଣୀଟିଏ ତା'କୁ ଚାଟୁଚି ।

ଧନ୍ୟ ! ଶକୁନ୍ତଳାର ସ୍ମୃତିରେ ଛଟପଟ ହଉଥିବା ଦୁଷ୍ମନ୍ତର ଏକ ନିଖୁଣ ତଥା ସୁନ୍ଦର ଚିତ୍ର କାଳିଦାସ ଆଙ୍କିଚନ୍ତି । ବାତାବରଣକୁ ଚାହିଁ ଶ୍ଳୋକଟିର ଉପଯୁକ୍ତ ଅର୍ଥ ଓ ଶବ୍ଦ ଯୋଜନା ରହିଚି, ଏବଂ ତାହା ସୌମ୍ୟ ଓ ଶାନ୍ତି ସୂଚକ ମଧ୍ୟ । ଏସବୁ କାହିଁକି ? ଜଣାନାହିଁ । ସେଇଠି ତ କବି ପ୍ରତିଭାର ବୈଶିଷ୍ଟ୍ୟ । ପଢିଲା ମାତ୍ରେ ତା'ର ପ୍ରଭାବ ଏକାଥରେ ମନ ପର୍ଯ୍ୟନ୍ତ ସଞ୍ଚରିତ ହୋଇଯାଉଚି ।

ସେଇ ଶ୍ଲୋକକୁ ଗୁଣୁ ଗୁଣୁ ସ୍ୱରରେ ଆବୃତ୍ତି କରିବାର ଅଭ୍ୟାସ ରାମଣ୍ଣା ଏମିତି ଏକ ପରିସ୍ଥିତିରେ ପଡି କରିଥିଲା । ତାକୁ ସେ କେବେ ଭୁଲି ପାରିବନି ।

ସିଏ କେବର କଥା ? ବୋଧେ ସାତ --- ଆଠ ବର୍ଷ ପୂର୍ବର କଥା ହବ, ଦିନେ ସେ ଏମିତି ପ୍ରତୀକ୍ଷାରେ ଝର୍କା ପାଖରେ ଠିଆ ହୋଇଥିଲା । ପରଦିନ, ତା'ପର ଦିନ । ଏବେ ଆଉ ସେ ସବୁ ଠିକ୍ ମନେ ନାହିଁ । ସେତେବେଳେ ସମୟଟା ତା'କୁ ଏତେ ଲମ୍ବା ଲାଗିଲା ଯେମିତିକି ଏହା ଭିତରେ ବର୍ଷ ବର୍ଷ ବିତିଯାଇଚି । କୁମୁଦ ମୋହନକୁ ନେଇ ଘରୁ ଚାଲିଯାଉଥିଲା । ସେ ଗଲାବେଳେ ବି ରାମଣ୍ଣା ଏଇ ଝର୍କା ପାଖରେ ଠିଆ ହୋଇଥିଲା । ତା'ପରେ କୁମୁଦର ପ୍ରତ୍ୟାବର୍ତ୍ତନ ପ୍ରତୀକ୍ଷାରେ ସେ ଏମିତି କେତେ ଘଣ୍ଟା ବା କେତେ ଦିନ ଠିଆ ହୋଇଥିଲା ଜଣା ନାହିଁ । କିନ୍ତୁ ଇସ୍ତେ ଯିବା ଭିତରେ ସେ କାଳେ ଫେରି ଆସିବ ଏଇ ସନ୍ଦେହରେ ସେ ସେଇଠି ଠିଆହୋଇ ରହିଥିଲା । ମାତ୍ର କୁମୁଦ ଆସିଲାନି । ଏଥର ବି ସେ ପିଉସୀ ଘରକୁ ଯାଇଥିବ ଭାବି ରାମଣ୍ଣା ନିଜକୁ ସାନ୍ତ୍ୱନା ଦେଲା । ଦିନେ ରାତିରେ ଘରେ ଆଲୁଅ ନ ଥିଲା । ସେ ବି ଦି'ଦିନ ଧରି ଖାଇ ନ ଥିଲା । ବେଳେ ବେଳେ ତା'ର ଇଚ୍ଛା ହଉଥିଲା କୁମୁଦ ପାଖକୁ ଯାଇ କ୍ଷମା ମାଗି ତା'କୁ ଡାକି ଆଣିବ । ପୁଣି ଭାବୁଥିଲା ଯେତେ ଯାହା କଲେ ବି ସେ ଆସିବନି ।

ଭୁଲ୍ ନିଜର ବୋଲି ରାମଣ୍ଣା ହୃଦୟଙ୍ଗମ କରୁଥିଲା । ସେ ଚିନ୍ତାକଲା, ଯୋଉ ସର୍ତ୍ତରେ କୁମୁଦ ଆସିବାକୁ ରାଜି ହୋଇଥିଲା ତା'କୁ ରକ୍ଷା ନ କରି ସେ ଭୁଲ୍ କରିଚି । ମାତ୍ର ତା'ପୂର୍ବରୁ ସେ କେତେ ଆତ୍ମବିଶ୍ୱାସର ସହ ସେଇ ସର୍ତ୍ତକୁ ଲଙ୍ଘନ କରିବା ଲାଗି ପ୍ରସ୍ତୁତ ହୋଇଯାଇଥିଲା ।

ପୁରୁଣା ସ୍ମୃତି ମନେ ପଡିବାରୁ ରାମଣ୍ଣାକୁ ପଣିଥରେ ହସ ମାଡିଲା । ବର୍ତ୍ତମାନ ତା'କୁ 45 ବର୍ଷ । ତେଣୁ ସେତେବେଳେ ସେ 37 କି 38 ବର୍ଷର ହୋଇଥିବ । ତା' ସତ୍ତ୍ୱେ ସେ ଦିନ ସେ ଗୋଟେ ଅବିବେକୀ ଲୋକ ପରି ବ୍ୟବହାର କରିଥିଲା ।

"କାମୀ ସତଃ ପଶ୍ୟତି ।" ବୋଧେ ତା'ପରି ଅବିବେକୀ ଲୋକଙ୍କୁ ଦେଖି କାଳିଦାସ କଥା କହିଥିବେ । ସେଦିନ ମୋହନକୁ ଆଣିବାକୁ ଗଲାବେଳେ ତା'ହାତ କୁମୁଦ ଦେହରେ ଛୁଇଁଥିବାରୁ ତା'ମୁହଁରେ ତୃପ୍ତିର ଯୋଉ ହସ ଚମକି ଉଠିଥିଲା ତା'କୁ ଦେଖି ସେ ଉତ୍ସାହିତ ଅନୁଭବ କରିଥିଲା । କିନ୍ତୁ ପରକ୍ଷଣରେ କୁମୁଦ ସାଙ୍ଗେ ସାଙ୍ଗେ ଏଥିପାଇଁ ପ୍ରତିବାଦ କରିଥିଲା, ଏବଂ ନିଜ କୋଠରୀକି ଯାଇ ଜିନିଷପତ୍ର ସଜାଡିବାକୁ ଲାଗିଲା । ଏବେ ସେ କ'ଣ କରିପକାଇବ କିଏ ଜାଣେ ? ଏଇ ଭୟରେ ରାମଣ୍ଡା ଧୀରେ ଧୀରେ ଯାଇ ଦରଖୋଲା କବାଟ ଫାଙ୍କରେ ଚାହିଁଲା ଓ ଦେଖିଲା, କୁମୁଦ ତା' ଫଟୋଆଗରେ ଠିଆ ହୋଇଛି । କ'ଣ କରିବସିବ କେଜାଣି ? ଟିକେ ଦେଖିଲେ ହବ । ହୁଏ ତ ଫଟୋଟାକୁ ତଳେ କଚାଡି ପାଦରେ ଦଳି ଦେଇପାରେ । ଏହା ଭାବି ସେ ସେଥିପାଇଁ ଅପେକ୍ଷା କରିଥିଲା । କିନ୍ତୁ କୁମୁଦ ଫଟୋକୁ ନେଇ ସିଧା ମଥାରେ ଲଗେଇଲା ; ଯେମିତିକି ତା'କୁ ପ୍ରଣାମ କରୁଚି । ତା'ପରେ ତା'କୁ ଚୁମା ଦେଇ ଛାତିରେ ଜାକି ଧରିଲା । ସେ ଦୃଶ୍ୟ ଦେଖି ରାମଣ୍ଡା ମନରେ ଏକ ନବଚେତନାର ସୃଷ୍ଟି ହେଲା । କୁମୁଦ ପ୍ରକୃତରେ ତା'କୁ ଭଲ ପାଉଚି ; ମାତ୍ର କିଛି ଗୋଟେ ଭୁଲ ବୁଝାମଣା ପାଇଁ ତା' ଉପରେ ରାଗୁଚି । ରାମଣ୍ଡା ଭାବିଲା । ଯେମିତି ହେଉ ସେଇ ଭୁଲ ଧାରଣାକୁ ଦୂରକରିବାକୁ ହବ ।

କି ପାଗଳାମି ସେ କରିଥିଲା ! ଭୁଲ ବୁଝାମଣାର କାରଣ କ'ଣ ହୋଇପାରେ — ଏହା ଭାବି ଭାବି ଶେଷରେ ଠିକ୍ ଜାଣିପାରିଚି ବୋଲି ଗର୍ବରେ ଫୁଲି ଉଠିଥିଲା, ଏବଂ ନିଜକୁ ବୃହସ୍ପତିଙ୍କ ଅବତାର ବୋଲି ଧରିନେଇଥିଲା ।

'କାମୀ ସ୍ୱତଃ ପଶ୍ୟତି !'

ଠିକ୍ କଥା । ସେ ଅନୁମାନ କଲା ଯେ ସର୍ତ୍ତକୁ ଅକ୍ଷରେ ଅକ୍ଷରେ ପାଳନ କରିବା ହିଁ କୁମୁଦର କ୍ରୋଧର କାରଣ ହୋଇପାରେ । କୁମୁଦ ତା'କୁ କେତେ ଭଲପାଏ । ସେ ରାଗରେ କହିଦେଇଥିବା କଥାକୁ ଇଏ ଅକାରଣେ ଧରି ବସିଚି । ଦାମ୍ପତ୍ୟ ଜୀବନଯାପନ ବୟସର ଏକ ଧର୍ମ । ତେଣୁ ତା'ର ଇଚ୍ଛା ପାପ ନୁହେଁ କି ଅହିତ ନୁହେଁ । ସ୍ତ୍ରୀ ଏବଂ ପୁରୁଷଙ୍କର ଭିନ୍ନ ଦୃଷ୍ଟି ସମ୍ପର୍କୀୟ ନିୟମର ଏକ ଉଚିତ ବ୍ୟବସ୍ଥା ରହିଚି । ବୟୋଧର୍ମରେ ଏ ଭିନ୍ନତା ନାହିଁ । ଏଇ ପରି ଭାବେ ରାମଣ୍ଡା ଜଣେ ମହାଜ୍ଞାନୀ ଓ ଦ୍ୱିତୀୟ ବାତ୍ସ୍ୟାୟନ ପରି ଯୁକ୍ତିତର୍କ ମାଧ୍ୟମରେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଯାଇଥିଲା ।

ସେଦିନ ତା'ର ବିଚାର ଓ ବ୍ୟବହାର ଲଜ୍ଜାହୀନତାର ସୀମା ଲଙ୍ଘନ କରିଯାଇଥିଲା ବୋଲି ଆଜି ସାତ--ଆଠ ବର୍ଷପରେ ସେ ଅନୁଭବ କରୁଚି । ସେଇ ଲଜ୍ଜାହୀନତା ସକାଶେ ତା'କୁ ସମୁଚିତ ଦଣ୍ଡ ମଧ୍ୟ ଭୋଗ କରିବାକୁ ପଡିଥିଲା । ସକାଳ ପର୍ଯ୍ୟନ୍ତ କୁମୁଦ କବାଟ ଖୋଲା ରଖି ଶୋଇଥିଲେ ହେଁ ରାମଣ୍ଡାର ତା'ଆଡକୁ ଚାହିଁବା ପାଇଁ ବି ସାହସ ହେଲାନି । ଏତିକି କ'ଣ କମ୍ ଦଣ୍ଡ !

କୁମୁଦ ଯେ ସେମିତି କହିବ, ଏକଥା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲା । ତା'ର ଟିକେ ସୂଚନା ପାଇଥିଲେ ସେ ତା'ସହିତ ଆଦୌ କଥାବାର୍ତ୍ତା କରିନଥା'ନ୍ତା ।

କିନ୍ତୁ କ'ଣ ହେଲା । 'କାମୀ ସ୍ୱତଃ ପଶ୍ୟତି' ! କାମାନ୍ଧ ହୋଇ ସେ ଅନୁକୂଳ ସିନ୍ଧୁକୁ ପହଁରି ପାରି ହୋଇ ଯାଇଥିଲା, ଏବଂ ସେଇ ଭରସାରେ କୁମୁଦ ସହିତ କଥାବାର୍ତ୍ତା ଆରମ୍ଭ କରିଥିଲା ।

"କୁମୁଦ !"

ଚକିତ ନୟନରେ ଯ୍ଵା ଆଡକୁ ଥରେ ଚାହିଁ କୁମୁଦ ହସିଲା । ସେତିକି ବେଳେ ଇୟେ ସବୁ କଥା ବୁଝିବା ଉଚିତ୍ ଥିଲା । କାରଣ ହସୁଥିଲାବେଳେ କୁମୁଦ ମୁହଁରେ ସୌମ୍ୟ ଚିହ୍ନବର୍ଣ୍ଣ ନ ଥିଲା ।

"କୁମୁଦ ।"
"ଭିତରକୁ ଆସ ।"

"କୁମୁଦ ! କୁମୁଦ ! ମୋ'ର ଧାରଣା ଥିଲା ଯାହାସବୁ ଘଟିଯାଇଚି ତମେ ତା'କୁ ଭୁଲିଯିବ । ସେମିତି ଦେଖି ବସିଲେ ସବୁ ମୋ'ରି ଭୁଲ୍ । ମୁଁ ଦୋଷ ମାନି ନଉଚି ।"

"ତମେ ଜଣେ ପ୍ରଗତିଶୀଳ ବ୍ୟକ୍ତି ହୋଇ ତା'କୁ ଭୁଲ୍ ବୋଲି ମାନୁଚ କାହିଁକି ?"
"ଏଁ ? କ'ଣ କହିଲ ?"
"କିଛି ନା । ପୁରୁଣା ଚିନ୍ତା ଧାରାର ଲୋକଙ୍କ ମୁହଁରେ ଏକଥା ସାଜିବ । ମାତ୍ର ତମେ . . . ।"
"କ'ଣ ? କୋଉ କଥା ? ତମେ କୋଉ କଥା କହୁଚ ?"
"ବେଶ୍ୟାମାନଙ୍କୁ ବାହା ହବା ବିଷୟରେ କହୁଚି ।"
"କୁମୁଦ !" ଚାବୁକ୍ ମାଡ ଖାଇଲା ପରି ରାମଣ୍ଡା ଚମକି ଉଠିଥିଲା ।

"କୌଣସି ନାରୀ ପ୍ରତି ପ୍ରେମ ନ ଥାଇ ଯଦି ତା'ସାଥିରେ ସହବାସ କରାଯାଏ ତେବେ ତାହା ବେଶ୍ୟା ସାଥିରେ ସହବାସ ସହିତ ସମାନ । ତମେ ତ ଏୟା . . . . . ."

"କୁମୁଦ ! କୁମୁଦ ! ଏମିତି କଥା କହି ମତେ ଦଣ୍ଡଦଉଚ କାହିଁକି ? ଭଲପାଉ ନ ଥିଲେ ମୁଁ ତମକୁ ବାହା ହୋଇଥା'ନ୍ତି କାହିଁକି ? ବାଜେ କଥା ଗୁଡା ମୁଣ୍ଡରେ ପୂରେଇ . . . .?"

"ମୋ'ର ପିଲା ଦରକାର ଥିଲା । ସେଥିପାଇଁ ମୁଁ ତମକୁ ଦାୟୀ କରି ନ ଥାନ୍ତି । ଏବେ ଖୁସି ହେଲ ତ ?"
"କୁମୁଦ ! ଅକାରଣେ ଭୁଲ୍ ବୁଝି ତମେ ଏଣୁତେଣୁ କାହିଁକି ଭାବୁଚ . . . . . . ?"

"ମୋ' ଭାବନା ଭୁଲ୍ ନୁହେଁ । ଏଇନେ ତମେ କ'ଣ ପାଇଁ ଆସିଚ, ସେକଥା ମୁଁ ଜାଣେ । ଯ୍ଵାକୁ ତମେ ଭୁଲ୍ ବୋଲି କହିବ କି ? ତମର ତୃପ୍ତିରେ ମୁଁ ବାଧା ଦେବିନି । କିନ୍ତୁ ଗୋଟେ କଥା । ମୁଁ ଯେ ତମର ବିବାହିତା ସ୍ତ୍ରୀ, ଏଇ ଅଧିକାରରେ ନା ମତେ ତମ ଦ୍ୱାରା ବିମୋହିତା ଗୋଟେ ସ୍ୱେଚ୍ଛାଚାରିଣୀ ବୋଲି ଭାବି ଏଠିକି ଆସିଚ ? ତମେ ଯେମିତି କହିବ ସେମିତି ଅଭିନୟ କରିବା ପାଇଁ ମୁଁ ପ୍ରସ୍ତୁତ ଅଛି ।"

ଏହା କହି କୁମୁଦ ଆଲୁଅ ଲିଭେଇ ଦେଲା । ଅନ୍ଧକାର କେତେ ଭୟଙ୍କର ହୋଇ ପାରେ, ଏହା ସେତିକିବେଳେ ରାମଣ୍ଡା ଅନୁଭବ କଲା । ସେଠି ଠିଆହେବାକୁ ଭୟ ଲାଗୁଥିଲା, ଆସିବାକୁ ବି ଭୟ ଲାଗୁଥିଲା । ଏଇ ପ୍ରକାର ଦ୍ୱନ୍ଦ୍ୱରେ ପଡି ସେଠୁ ଆସି ନ ପାରିବାହେତୁ ସେ ହତାଶ ହୋଇପଡିଲା ।

ଏହାପରେ କୁମୁଦ ଘରଛାଡି ଯିବା ପର୍ଯ୍ୟନ୍ତ ରାମଣ୍ଡା ତା'କୁ ମୁହଁ ବି ଦେଖେଇ ପାରିଲାନି ।

ରମଣ୍ଡା ଚିନ୍ତା କଲା, ତମେ ମତେ ଭଲ ପାଉନ ବୋଲି କୁମୁଦ କହିଥିଲା । "ନା କୁମୁଦ, ମୁଁ ତମକୁ ଭଲପାଏଁ" କହି ଇଚ୍ଛେ ସେକଥାର ସମାଧାନ କରିଦବା ଉଚିତ୍ ଥିଲା । ତା'ପରେ ଏସବୁ ତ କେବଳ କଥା ହିଁ ହୋଇ ରହିଥା'ନ୍ତା । ଅବଶ୍ୟ ସେ ପ୍ରକାର ମାନସିକ ଅବସ୍ଥାରେ କୁମୁଦ ଏକଥା କେବେ ବିଶ୍ୱାସ କରି ନଥା'ନ୍ତା । ମାତ୍ର ସେ ବିଶ୍ୱାସ କରିଥା'ନ୍ତା କି ନାଇଁ, ସେଥିରେ ଯ୍ୱାର କ'ଣ ଯାଏ ଆସେ ?

ସେତେବେଳେ ସେ କ'ଣ କୁମୁଦକୁ ଭଲପାଉଥିଲା? ଆଜି ବି କ'ଣ ଭଲ ପାଉଚି ?

ରାମଣ୍ଡା ଦୀର୍ଘଶ୍ୱାସ ନେଇ ପୁଣି ଥରେ ଝର୍କାବାଟେ ବାହାରକୁ ଅନେଇଲା । ମୁହଁରେ ଝାଳ ନ ଥିଲେ ବି ମୁହଁ ପୋଛିଲା । ତା'ପରେ ଧୀରେ ଧୀରେ ଯାଇ ଚୌକିରେ ବସି ସାମ୍ନା କାନ୍ଥ ଆଡକୁ ଚାହିଁଲା । "ଦି'ଜଣକୁ ଏକା ସାଥିରେ ଭଲ ପାଇବା ଅନୁଚିତ୍ ନୁହେଁକି ଅସମ୍ଭବ ନୁହେଁ–– ତମେ ଯଦି ଏକଥାକୁ ସ୍ୱୀକାର କରୁଚ ତେବେ ମୁଁ ଏହାର ଉତ୍ତର ଦଉଚି, ଶୁଣ ସରଳା ।" କାନ୍ଥରେ ଟଙ୍ଗା ହୋଇଥିବା ସରଳାର ଛବିକୁ ସେ କହିଲା ।

ସେ ପୁଣି ସେଇ ଛବିକି ଧ୍ୟାନ ସହକାରେ ଦେଖିଲା ଏବଂ ନିରାଶ ହୋଇ ମୁଣ୍ଡ ହଲେଇଲା ।
"ତମେ ଉତ୍ତର ଦେଇ ପାରିବନି ?"
"ହୁଁ ––" କହି ଦୀର୍ଘ ନିଶ୍ୱାସ ଛାଡି ସେ ଚିନ୍ତାରେ ବୁଡିଗଲା ।

"ଏହା ଅସମ୍ଭବ କି ନୁହେଁ ତମେ କୁହ, ଅନୁଚିତ୍ କି ନୁହେଁ ସେ କଥା ମୁଁ କହିବି ।" କହି ରାମଣ୍ଡା ଆଉ ଥରେ ସରଳାର ଛବି ଆଡକୁ ଚାହିଁଲା ।

ଔଚିତ୍ୟ ବିଷୟରେ ସେ ଏକ ସ୍ଥୁଳ ଧାରଣା କରିନେଇ ଥିଲା, ସାତ––ଆଠ ବର୍ଷର ଅନୁଭୂତି ତା' ମନରେ ବିଶ୍ୱାସ ଭରି ଦେଇଥିଲା । ଏକ ସମୟରେ ଦି'ଜଣକୁ ସମଭାବରେ ଯେ ପ୍ରେମ କରାଯାଇପାରେ, ଏକଥା ରାମଣ୍ଡା ନିଜ ଅନୁଭୂତିରୁ ଶିଖିଥିଲା ।

ସେ କୁମୁଦକୁ ଏବେ ସୁଦ୍ଧା ଭଲପାଉଚି ବୋଲି ତା'ର ସନ୍ଦେହ ନ ଥିଲା । ହେଲେ ଏକଥା କାହା ଆଗରେ କହିବ ? କୁମୁଦକୁ କହିଲେ ସେ ବିଶ୍ୱାସ କରିବ ବୋଲି ତା'ର ଭରସା ନ ଥିଲା । ତା' ଛଡା ଏକଥା ଶୁଣି ସେ

ଖୁସିହବ ବୋଲି ବି ସେ ଭାବୁ ନ ଥିଲା । ରାମଣ୍ଡା କେବଳ ତା'କୁ ହିଁ ଭଲପାଇବା ଉଚିତ୍ ---- ଏପ୍ରକାର ଆଶାପୋଷଣ କରୁଥିବା ସ୍ତ୍ରୀ ପାଖରେ ଏହାର ସମାଧାନ ବା ହବ କେମିତି ?

ତା' ସତ୍ତ୍ୱେ ସେ ଯେ କୁମୁଦକୁ ଭଲପାଏ, ଏହା କୁମୁଦ ଦ୍ୱିତୀୟ ଥର ଘର ଛାଡି ଗଲାବେଳେ ସେ ଉପଲବ୍ଧି କରିଥିଲା । ସେତେବେଳେ ବାହାରକୁ ଚାହିଁଲେ ସେ କିଛି ଦେଖିପାରୁ ନ ଥିଲା । ଏବେ ଆଉଥରେ ଚାହିଁବାରୁ ତା'ର ମନେ ହେଲା କ'ଣ ଗୋଟେ ଦିଶୁଚି । କିନ୍ତୁ ସେଦିନ କେତେଥର ଚାହିଁବାପରେ ବି କିଛି ଦିଶି ନ ଥିଲା । ପ୍ରକୃତରେ ବାହାରେ ଓ ଭିତରେ ଉଭୟଠି ଶୂନ୍ୟତା ଭରିରହିଥିଲା । ଧ୍ୟାନର ସହ ଚାହିଁବାରୁ କୁମୁଦ ଆସୁଥିବାର ଦେଖିଲା । ତା'ର ମନେ ହେଲା, ତା' ଆଖିରେ କେବଳ କୁମୁଦ ହିଁ ଛାଇ ଯାଇଚି । ଦୃଷ୍ଟିରେ ନୁହେଁ ମନରେ କହିବା ଉଚିତ୍ । କାରଣ ମନ ନ ଥିଲେ ଆଖି କିଛି ଦେଖି ପାରେନି । ସେଦିନର ଏଇ ଅନୁଭୂତିରୁ ସେ କୁମୁଦକୁ ଭଲପାଏ ବୋଲି ହୃଦୟଙ୍ଗମ କରିଥିଲା । ମାତ୍ର ମନଭିତରେ ଗୋଟେ ପ୍ରଶ୍ନ ଉଙ୍କି ମାରୁଥିଲା --- ଦିନେ ସେ ସରଳାକୁ ଭଲ ପାଉଥିଲା । ବର୍ତ୍ତମାନ କୁମୁଦକୁ ଭଲପାଉଚି । ଏହା ଆତ୍ମ -- ପ୍ରବଂଚନା ନୁହେଁ ତ ?

ତାହା ଆତ୍ମ–ପ୍ରବଂଚନା ନୁହେଁ ବୋଲି ଗୋଟିଏ ଅନୁଭୂତିରୁ ତା'ର ପୂର୍ଣ୍ଣ ବିଶ୍ୱାସ ହେଇ ଯାଇଥିଲା । କୁମୁଦ ଘର ଛାଡି ଚାଲିଯାଇଥିଲା ବେଳେ ସେ ଗୋଟେ ଉପନ୍ୟାସ ଲେଖୁଥିଲା । କାହିଁକି କେଜାଣି, ଲେଖିଲା ବେଳେ କୁମୁଦ ଓ ସରଳା ଦୁହେଁ ତା' ପାଖରେ ରହିଥିଲା ପରି ଲାଗୁଥିଲା । ସେମାନଙ୍କ ସାମୀପ୍ୟରୁ ଲାଭ ଉଠେଇବା ଉଦ୍ଦେଶ୍ୟରେ ସେ ଘଣ୍ଟା ଘଣ୍ଟା ଧରି ଲେଖି ଚାଲିଲା । ଯାହା ହଉ, ଦିନକରେ ତାହା ଶେଷହେଲା । ତା'ପରେ ସେ ଉପନ୍ୟାସଟି ଜଣେଜଣଙ୍କୁ ପଢି ଶୁଣେଇଲା । ସେମାନେ ପସନ୍ଦ କଲେ ଓ ଅଳ୍ପଦିନ ଭିତରେ ତାହା ପ୍ରକାଶିତ ହେଲା । ବାପ୍‌ରେ ! ଆଲୋଚକ ଓ ସମୀକ୍ଷକମାନେ ଏ ଉପନ୍ୟାସର କେତେ ପ୍ରଶଂସା କରିଥିଲେ । ସେଦିନ ପତ୍ରପତ୍ରିକା ଗୁଡିକରେ ପ୍ରକାଶିତ ଲେଖାସବୁ ପଢିବା ପରେ (ପୁସ୍ତକାଳୟରେ) ସେ ଦୌଡି ଦୌଡି ଘରକୁ ଆସିଥିଲା ।

ଘରେ ପହଞ୍ଚିବା ମାତ୍ରେ ଡାକ ପକେଇଲା, "କୁମୁଦ! କୁମୁଦ! ମୋ' ଉପନ୍ୟାସ ସମ୍ପର୍କରେ ----" ତାପରେ ହଠାତ୍ ନିଶ୍ଚୁଳ ଭାବେ ଠିଆ ହେଇ ରହି ଯାଇଥିଲା ।

କୁମୁଦ କାହିଁ ? କୁମୁଦ ଘରଛାଡି ଚାଲି ଯାଇଚି ବୋଲି ସେ ଭୁଲି ଯାଇଥିଲା । ଏସବୁ ସତ୍ତ୍ୱେ ନିଜ ଆନନ୍ଦରେ ଭାଗ ନବାପାଇଁ ସେ ତା'କୁ ଡାକୁଥିଲା କାହିଁକି ?

ଏ ପ୍ରଶ୍ନର ଉତ୍ତର ହଉଚି ଯେ ସେ କୁମୁଦକୁ ଭଲପାଉଥିଲା ।

ଏ ବିଷୟରେ ଚିନ୍ତାକରି ରାମଣ୍ଡା ଆଗରୁ କେବେ ଆଶ୍ଚର୍ଯ୍ୟ ହେଇ ନ ଥିଲା । ବେଳେ ବେଳେ ସେ ନିଜ ସହିତ ନିଜେ ତର୍କ କରୁଥିଲା ଯେ ସ୍ତ୍ରୀ ଓ ପିଲା ଉଭୟଙ୍କୁ ଭଲପାଇବା ଯଦି ସମ୍ଭବ, ତେବେ ସେମିତି ଦି ଜଣ ସ୍ତ୍ରୀକୁ ଭଲପାଇହବନି କାହିଁକି ?

ବହୁସମୟଯାଏଁ ସେ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରିଲାନି । ସ୍ତ୍ରୀ ସହିତ ଥିବା ଦୈହିକ ସଂପର୍କ ତା'ର ତର୍କରେ ବାଧା ସୃଷ୍ଟି କରୁଥିଲା । କିନ୍ତୁ ତାହା ଭୁଲ ବୋଲି ରାମଣ୍ଡା ଗ୍ରହଣ କରିନେଇଥିଲା । ତା'ର ଦୃଢ଼ ଧାରଣା ଥିଲା ଯେ ସ୍ୱାମୀ–ସ୍ତ୍ରୀଙ୍କ ପ୍ରେମ କେବଳ ବିଛଣା ମଧ୍ୟରେ ସୀମିତ ବୋଲି ଭାବିବା ହିଁ ଭୁଲ । ପ୍ରେମ ଗୋଟେ ଅଲଗା ଜିନିଷ,ପ୍ରେମ ଓ ଦୈହିକ ସମ୍ପର୍କ ମଧ୍ୟରେ ନିବିଡ ସମ୍ବନ୍ଧ ରହିଛି ବୋଲି ଯଦି ଧରିନିଆଯାଏ, ତେବେ ସମାଜରେ ବେଶ୍ୟାମାନଙ୍କ ପ୍ରତି ଘୃଣା ଆଦୌ ରହନ୍ତାନି । ଏଥିରୁ ସ୍ୱାମୀ–ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟରେ ଦୈହିକ ସମ୍ବନ୍ଧ ମୁଖ୍ୟ ନୁହେଁ ବୋଲି କୁହାଯାଇପାରେ । ଯଦି ତାହା ମୁଖ୍ୟ ନୁହେଁ, ତେବେ ଅନେକ କ୍ଷେତ୍ରରେ ତା'ର ଅଭାବ ବା ଅଯୋଗ୍ୟତା ହେତୁ ବିବାହ–ବିଚ୍ଛେଦ ଘଟୁଚି କାହିଁକି ? କେତେଦିନ ପରେ ସେଇ ଦୁର୍ଦ୍ଦିନ୍ତାରୁ ରାମଣ୍ଡା ମୁକ୍ତି ପାଇଥିଲା । ଶାରୀରିକ ସମ୍ଭୋଗ ନାରୀ–ପୁରୁଷଙ୍କ ପାଇଁ ଏକ ପ୍ରକୃତି ପ୍ରଦତ୍ତ ଦାୟିତ୍ୱ, ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ସମର୍ପିତ ଦାୟିତ୍ୱ । ଏଇ ଉଦ୍ଦେଶ୍ୟଟି ଜଣା ନ ଥିଲେ ତାହା ନୀଚ ସ୍ତରର ହୋଇଯାଏ । ଅନ୍ୟ ପକ୍ଷରେ ସେଇ ଉଦ୍ଦେଶ୍ୟକୁ ଏକ କର୍ତ୍ତବ୍ୟ ରୂପେ ଗ୍ରହଣ କରିନେଲେ ତାହା ଏକ ସହଜାତ ଧର୍ମରେ ପରିଣତ ହୁଏ । ଉଦ୍ଦେଶ୍ୟଟି ଆଉ କିଛି ନୁହେଁ, କେବଳ ପ୍ରାକୃତିକ ନିୟମର ପାଳନ । ସୃଷ୍ଟି ଚିରନ୍ତନ । ତା'ର ଜରା ନାହିଁ କି ମୃତ୍ୟୁ ନାହିଁ । ଜରାର ଆବରଣକୁ ଦୂର କରି ମୃତ୍ୟୁକୁ ମିଥ୍ୟା ପ୍ରମାଣିତ କରିବା ସକାଶେ ସବୁବେଳେ ପୁରାତନ ମଧ୍ୟରୁ ନୂତନର ସଞ୍ଚାର ହୁଏ । ପ୍ରାଣୀ–ଜଗତରେ ନାରୀ ପୁରୁଷଙ୍କ ଭିତରେ ସେଇ ଦାୟିତ୍ୱକୁ ବାଣ୍ଟି ଦିଆଯାଇଚି । ତେଣୁ ଯେ କୌଣସି ନାରୀ କାମ–ତୃପ୍ତି ଦେଇପାରେ ; ମାତ୍ର କେବଳ ପ୍ରେମ ପୂର୍ବକ ବିବାହ କରିଥିବା ସ୍ତ୍ରୀ ହିଁ ସ୍ୱର୍ଗୀୟ ତୃପ୍ତି ଦେଇ ପାରିବ । ସେ ଯାହା ହଉନା କାହିଁକି, ପ୍ରେମ ଓ କାମ–ତୃପ୍ତି ମଧ୍ୟରେ ସହଜାତ ସମ୍ବନ୍ଧ ନାହିଁ ।

କିନ୍ତୁ ତା'ର ଓ କୁମୁଦର ସଂପର୍କକୁ ଯଦି ବିଚାର କରାଯାଏ, ତା' ହେଲେ ?

ଏହା ସତ ଯେ କୁମୁଦ କାମ ବାସନା ପୂର୍ଣ୍ଣ ଦୃଷ୍ଟିରେ ତା'କୁ ଆକୃଷ୍ଟ କରିଥିଲା । କେବଳ ଲୌକିକ ବ୍ୟବହାର ଦୃଷ୍ଟିରୁ ସେ କୁମୁଦକୁ ବିବାହ କରିଚି ।

ଏସବୁ ସତ୍ତ୍ୱେ ଆଜି ଦୂରରେ ଥାଇ ବି କୁମୁଦ ତା'କୁ ନିଜ ଆଡକୁ ଟାଣୁଚି । କେବଳ ତା'ସହିତ ସହବାସରେ ରାମଣ୍ଡା ଆନନ୍ଦ ଲାଭ କରୁଥିଲା । ବର୍ଷକରୁ ବେଶୀ ହୋଇଗଲାଣି । କୁମୁଦର ସମ୍ପର୍କ, କଥାବାର୍ତ୍ତା, ଏପରି କି ଝଗଡା ମଧ୍ୟ ଭଲ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ସେ କଥା ଭାବି ଲାଭ କ'ଣ ?

ଶେଷରେ କେତେ ମାସ ପରେ ମନଭିତରେ ଚାଲିଥିବା ଏଇ ତର୍କଯୁଦ୍ଧରେ ସେ ବିଜୟ ହାସଲ କରିଥିଲା । ସେତେବେଳକୁ କୁମୁଦ ଦ୍ୱିତୀୟଥର ଘରକୁ ଆସିଯାଇଥିଲା । ଏସବୁ ଘଟୁଚି କାହିଁକି ? କୋଉଥିପାଇଁ ? କୁମୁଦ ସହିତ ସେ କେମିତି ଚଳିବା ଉଚିତ୍ ? ତା'ପରେ ରାମଣ୍ଡା ପୁଣି ସାହସ ହରେଇ ବସିଲା । ଆଉ ଆଜି ବି ସେ ସେଇ ଦଶା ଭୋଗୁଚି । ସେ ଭାବିଲା, କୁମୁଦ ସାଥିରେ ଥରେ ମନ ଖୋଲି କଥାବାର୍ତ୍ତା କରିଦେଲେ ଏବଂ ତା'କୁ ସବୁକଥା ବୁଝେଇ ଦେଲେ ସାରା ଦୁନିଆକୁ ଜିତିଗଲା ପରି ଲାଗିବ । ମାତ୍ର କୁମୁଦ ସହ କଥାବାର୍ତ୍ତା କରିବାର ସାହସ ସେତେବେଳେ ତା'ର ନ ଥିଲା । ତା'ର ଭୟ ଥିଲା, କୁମୁଦ ଯଦି ପୁଣି ଘର ଛାଡି ଚାଲିଯାଏ, ତେବେ ?

ଛିଃ ! ବର୍ତମାନ ଏସବୁ କଥା ସେ ଭାବୁଚି କାହିଁକି ? ଆଜି କୁମୁଦ ତା' ସାଥିରେ ସମ୍ମାନ ସଭାକୁ ଯାଉଚି ପରା ! ସେଠି ସବୁ ଦେଖି ତା'ମନ ଯଦି ଖୁସି ହୋଇଯାଏ, ତା' ହେଲେ ଆଉ ତା'ର କ'ଣ ଦରକାର ?

ହାତ ଘଡି ଦେଖି ସେ ଚୌକିରୁ ଉଠିଲା । ସଭାକୁ ଯିବାରେ ଡେରି ହୋଇ ଯାଉଚି । କୁମୁଦ ସାଥିରେ ମୋହନ ଗଲେ ଭଲ ହୁଅନ୍ତା । କିନ୍ତୁ ସେ ଏତେପର୍ଯ୍ୟନ୍ତ ଘରକୁ ଫେରିଲା ପରି ତ ଲାଗୁନି, ଏଇ ସନ୍ଦେହରେ ସେ ପୁଣି ଝର୍କା ବାହାରକୁ ଚାହିଁଲା ।

●

11

କବାଟ ପାଖରେ ଠିଆ ହୋଇ କୁମୁଦ ମୋହନର ଚିହ୍ନବର୍ଣ୍ଣ ବି ଦେଖିପାରିଲାନି । କୁଆଡେ ଗଲା ସେ ? ସକାଳଠାରୁ ଗୋଟେ ହେଲେ ଭଲ ଲକ୍ଷଣ ନାହିଁ । ଅବଶ୍ୟ ସେମିତି ଦେଖିଲେ ଅନିଷ୍ଟ ବି କିଛି ହୋଇନି । କିନ୍ତୁ କୋଉଠି କିଛି ଗୋଟେ ଅନିଷ୍ଟ ଘଟିଚି ନ ହେଲେ ଘଟିବ, ଏଇ ଆଶଙ୍କା କୁମୁଦ ମନରେ ଗୋଟେ କୋଣରେ ସାପପରି ଚକା ଭିଡି ବସିଥିଲା ଏବଂ ମଝିରେ ମଝିରେ ମୁଣ୍ଡ ଟେକି ଉଠୁଥିଲା । ବାହାରକୁ ଯିବା ଉଚିତ୍ ହବ କି ନାହିଁ, ଏଇ କଥା ସେ ଭାବୁଥିଲା । ମୋହନ ଶୀଘ୍ର ଆସିଯା'ନ୍ତା କି ! ବାସ୍, ଆଉ କିଛି ଚିନ୍ତା ନାହିଁ ।

ସେ ବି ଗୋଟେ ପାଗିଳୀ । ମୋହନ ନିଶ୍ଚୟ ଆସିବ । ସେ ଦୁଃଖୀକୁ ଏଣୁତେଣୁ କଥାଗୁଡା ଭାବୁଚି । ମୋହନ ପିଲାଙ୍କ ସାଥିରେ ଖେଳରେ ମାତିଯାଇଥିବ । ହେଲେ ବି ଶୀଘ୍ର ଆସି ଯାଇଥିଲେ ଭଲ ହୋଇଥା'ନ୍ତା । ଦେହହାତ ଆଉ ଲୁଗାପଟା ସବୁ ମଇଳା କରି ଆସି "ମୁଁ ତମ ସାଥିରେ ଯିବି" ବୋଲି ଯଦି ଜିଦ୍ କରିବସେ, ତା'ହେଲେ ? ଛାଡ, ଏମିତି କୋଉ ଜରୁରି କାମ ଅଛି କି ? ଠିକ୍ ସମୟରେ ଯେ ପହଞ୍ଚିବାକୁ ପଡିବ, ସେଥିପାଇଁ କ'ଣ ଧରାବନ୍ଧା ନିୟମ ଅଛି ? ସଭାର ଆୟୋଜନ ଆମରି ପାଇଁ ହୋଇଚି । ସବୁ କାର୍ଯ୍ୟକ୍ରମ ତ ଆମରି ପାଇଁ ।

"ଆମର ! ଆମରି ପାଇଁ ।"

ସେଦିନର ସମାରୋହରେ ନିଜକୁ ସମ୍ମିଳିତ କରିନେଇଥିବା ଯୋଗୁଁ କୁମୁଦକୁ ଆଶ୍ଚର୍ଯ୍ୟ ଲାଗିଲା । ସେ ମନେ ମନେ ଭାବିଲା, ପାଗିଳୀ ! ରାମଣ୍ଡା ସାଥିରେ ତୋ'ର କ'ଣ ସମ୍ପର୍କ ? ସମ୍ମାନ–ସଭା ରାମଣ୍ଡା ପାଇଁ ଆୟୋଜିତ ହୋଇଛି । ସେ ରାମଣ୍ଡାର ସ୍ତ୍ରୀ ହିସାବରେ ଯାଉଚି । କାହିଁକି ? ସ୍ୱାମୀର ସମ୍ମାନ ଦେଖି ଆନନ୍ଦ ଉପଭୋଗ କରିବାକୁ ନା ଈର୍ଷା କରିବାକୁ ? ସ୍ତ୍ରୀକୁ ନିମନ୍ତ୍ରଣ କରିବା ବି ତ ଗୋଟେ ପ୍ରଥା । ଏମିତି ସଭା ସମିତିକି ଯିବାଲାଗି କୁମୁଦ ଚାହୁଁ ନ ଥିଲା । ସ୍ତ୍ରୀ ମାନଙ୍କର ସ୍ୱାଭିମାନ ବୋଲି ଯଦି ଗୋଟେ କିଛି ଜିନିଷ ଥାଏ ତେବେ ସେମାନେ ଏପରି ସଭା ସମିତିକି ଯିବାପାଇଁ ମନା କରିଦେବା ଉଚିତ୍ । ସବୁବେଳେ ସେ ଏୟା କହୁଥିଲା । ସ୍ୱାମୀଙ୍କ ସମ୍ମାନ ଅବସରରେ ଦର୍ଶକମାନେ ସବୁବେଳେ ତାଙ୍କ ସ୍ତ୍ରୀଙ୍କ ଆଡକୁ ଚାହିଁ ରହିଥା'ନ୍ତି । ସେମାନଙ୍କ

ଭିତରୁ କେହି କେହି ହସନ୍ତି । ଆଉ କେତେ ଜଣ ପାଖରେ ବସିଥିବା ଲୋକଙ୍କ ସାଥିରେ କ'ଣ ଫୁସ ଫାସ ହୁଅନ୍ତି । ଏଥିରେ ସ୍ତ୍ରୀମାନେ ପୁରା ଅସହାୟ ଅନୁଭବ କରନ୍ତି । ସେତେବେଳେ ଇଚ୍ଛା ହୁଏ, ସଭାକୁ ଆସିବା ଜମା ଉଚିତ୍ ନ ଥିଲା । ମାତ୍ର ଏସବୁ ଜାଣି ଶୁଣି କୁମୁଦ ଆଜି ସଭାକୁ ଯିବାଲାଗି ରାଜି ହୋଇଛି । ତା'ର କାରଣ ବି ସେ ଜାଣେ । ସଭାର ଆୟୋଜକମାନେ କେତେ କୌଶଳରେ ତା'କୁ ରାଜି କରେଇ ନେଲେ ! — ଆପଣଙ୍କ ପାଖରେ ଆମର ଗୋଟେ ପ୍ରାର୍ଥନା ଅଛି । ଆପଣ ତା'କୁ ଅସ୍ୱୀକାର କରିବେନି ତ ? ପ୍ରକୃତରେ ଆପଣଙ୍କୁ ସମ୍ମାନିତ କରିବାକୁ ଯାଇ ଆମେ ନିଜର ହିଁ ସମ୍ମାନ କରୁଛୁଁ । ସେମାନଙ୍କର 'ଆପଣ' ତଥା 'ଆପଣଙ୍କର' ଶବ୍ଦ—ପ୍ରୟୋଗରୁ ମନେ ହଉଥିଲା ଯେମିତି ଦୁଇଜଣଙ୍କୁ ସମ୍ମାନିତ କରାଯାଉଛି । କିନ୍ତୁ ବାସ୍ତବରେ ଦି'ଜଣଙ୍କୁ ଯେ ସମ୍ମାନିତ କରାଯାଉନି ଏକଥା ସେ ଓ ଆୟୋଜକ ମାନେ ଉଭୟେ ଜାଣିଥିଲେ । ଅତିବେଶୀରେ ସେମାନେ ତା'ବିଷୟରେ କହିବେ ଯେ ସେ ରାମଣ୍ଣାର ସ୍ତ୍ରୀ । ବିଚରାଗୁଡ଼ାକ ! ସେମାନେ କ'ଣ ଜାଣିଚନ୍ତି ?

କେହି ହୃଦୟରେ ଛୁରି ପୋତି ଦେଲାପରି କୁମୁଦ ଅନୁଭବ କଲା । ସେ ନିଜକୁ ନିଜେ କହିଲା, "ଦିନେ ମୁଁ ହିଁ ରାମଣ୍ଣାର ସାହିତ୍ୟ—ସୃଷ୍ଟିର ଏକମାତ୍ର ପ୍ରେରଣା ଥିଲିବୋଲି ସେମାନେ କ'ଣ ଜାଣିଚନ୍ତି ?" ଯେଉଁମାନେ ନିଜେ ପଶୁପରି ଜୀବନ କାଟନ୍ତି, ସେମାନେ ଅନ୍ୟମାନଙ୍କୁ ସେମିତି ଭାବିବା ସ୍ୱାଭାବିକ । ସେଥିରେ ସେମାନଙ୍କର କିଛି ଦୋଷ ନାହିଁ । ଶିକ୍ଷିତ ବା ଅଶିକ୍ଷିତ ଅଥଚ ସୁସଂସ୍କୃତିକ ପରିବାରର ଲୋକ କେମିତି ରହନ୍ତି, ଏହା କୁମୁଦ ଜାଣିଥିଲା । ସ୍ୱାମୀ ଦିନ ସାରା କଚେରୀରେ ନ ହେଲେ ଚାକିରି ଧନ୍ଦାରେ ରହେ । କାମ କରି କରି ଅତିଷ୍ଠ ହୋଇଗଲେ ଘରକୁ ଆସିବା ଆବଶ୍ୟକ ହୁଏ । ଖିଆପିଆ ଓ ମଉଜ କରିବାକୁ ହୋଟେଲ ଯିବାକୁ ପଡେ । ଥକି ଗଲେ ଶୋଇବାପାଇଁ ପୁଣି ଘରକୁ ପ୍ରତ୍ୟାବର୍ତ୍ତନ । ଥକିଯିବାପରେ ମନୋରଞ୍ଜନ ଦରକାର ହେଲେ ସିନେମା ଓ ତା'ପରେ କାମ—ତୃପ୍ତିଲାଗି ଘର । ପ୍ରେମ କରିବାକୁ ଇଚ୍ଛା ହେଲେ ପାର୍କ ମାନଙ୍କରେ ପରକୀୟା ତ କମ ନାହାନ୍ତି । ଏପରି ସ୍ୱାମୀ—ସ୍ତ୍ରୀଙ୍କ ସଂଭାଷଣ ହିଁ ଝଗଡାର ଭୂମିକା ହୋଇଥାଏ । ସହବାସର ଇଚ୍ଛା ହେଲେ ଆସି ବିଛଣାରେ ହାଜର । ଶିକ୍ଷିତ ହଉ କି ଅଶିକ୍ଷିତ ହଉ, ସବୁ ସ୍ତ୍ରୀଙ୍କର ଭାଗ୍ୟ ଏକା । ସେମିତି ଦେଖିଲେ ଶିକ୍ଷିତ ସ୍ତ୍ରୀମାନେ ସୁଖରେ ଅଛନ୍ତି । ସେମାନେ ପରିଶ୍ରମ କରନ୍ତି, ନିଜପାଇଁ ରୋଜଗାର କରନ୍ତି, ଏବଂ ନିଜର ମନଲାଖି ସ୍ୱାମୀ ସହିତ ରହନ୍ତି ।

ରାମଣ୍ଣାର ଗୋଟେ କଥା ମନେପଡିବାରୁ କୁମୁଦକୁ ହସ ମାଡିଲା । ଏ ବିଷୟରେ ଆଲୋଚନା ହବାରୁ ରାମଣ୍ଣା ଥରେ ଭାବପ୍ରବଣ ହୋଇ କହିଥିଲା, "ନିଜର ବ୍ୟକ୍ତିତ୍ୱ ପ୍ରଦର୍ଶନ କରିବା ଲାଗି ସ୍ତ୍ରୀମାନଙ୍କ ଭିତରେ ପୌରୁଷ ଥିବା ଦରକାର ।" ଏକଥା ଶୁଣି କୁମୁଦ ଖୁବ୍ ଜୋରରେ ହସିଥିଲା । ମିନିଟିଏ ପର୍ଯ୍ୟନ୍ତ ରାମଣ୍ଣା କିଛି ବୁଝିପାରିଲାନି । ଟିକେ ପରେ ସେ ବି ବୁଝିଗଲା । ତା'ପରେ ହସି ହସି ଦି'ଜଣ ଯାକ ବେଦମ୍ ହୋଇଯାଇଥିଲେ ।

କୁମୁଦ ଦୀର୍ଘଶ୍ୱାସ ନେଲା । ଏକଦା ରାମଣ୍ଣା ସହିତ ତା'ର ଯେ ଏତେ ଆତ୍ମୀୟତା ଥିଲା, ଏହା ଭାବି ସେ ଟିକେ ଖୁସି ହେଲା ଏବଂ ଏଇଥିପାଇଁ ଦୀର୍ଘଶ୍ୱାସ ନେଇଥିଲା ।

କି ଆତ୍ମୀୟତା ସେ ! ସେମାନଙ୍କର ଯେ ଦି'ଟା ଦେହ, ଏକଥା ସେମାନେ ଚିନ୍ତା ମଧ୍ୟ କରିପାରୁ ନ ଥିଲେ । ଏଇ କଥା ଚିନ୍ତା କରି ସେ କେତେ ଥର ଡରିଯାଇଥିଲା । ଥରେ ଏହା ମନେପଡିବାରୁ ତା'ଦେହ ଥରିବାକୁ ଲାଗିଥିଲା ।

ସେତେବେଳେ ମୋହନ ପେଟରେ ଥାଏ । ଏଇଟା କିଛି ନୂଆ ନୁହେଁ ବୋଲି ଜାଣି ସୁଦ୍ଧା ତା'କୁ କେମିତି ଅଧୈର୍ଯ୍ୟ ଲାଗୁଥିଲା । ଏହା ସ୍ତ୍ରୀର ସହଜାତ ଗୁଣ ଓ ସ୍ତ୍ରୀତ୍ୱର ସଫଳତା ପ୍ରସବରେ ହିଁ ନିହିତ ପ୍ରଭୃତି କହି ରାମଣ୍ଡା ତା'କୁ ସାନ୍ତ୍ୱନା ଦଉଥିଲା । ମାତ୍ର ତା'କୁ ଯେମିତି ଡର ଲାଗୁଥିଲା । ଲାଗନ୍ତାନି କାହିଁକି ଯେ ? କଣ୍ଟାଟେ ଦେହରେ ଫୋଡିଗଲେ କେତେ କଷ୍ଟ ନ ହୁଏ ! ସେଥିରେ କ'ଣ ହବ କେଜାଣି, ଏହା ଭାବି କୁମୁଦକୁ ପ୍ରଥମରୁ ଭୟ ଲାଗୁଥିଲା । ପୁଅ କି ଝିଅ ସେ ବିଷୟରେ ସେ ଭାବୁ ନ ଥିଲା । କିନ୍ତୁ ତା'ର ଏକ ନିର୍ଦ୍ଦିଷ୍ଟ ରୂପ ଥିବ କି ନାହିଁ, ଏଥିପାଇଁ ସେ ଡରୁଥିଲା । ଏହାଠୁ ବଳି ତା'ର ଆଉ ଗୋଟେ ଭୟ ଥିଲା ---- ପିଲାଟା ବଂଚିବ କି ନାହିଁ, କିଏ କହିପାରିବ ? କିଛି ଏଣୁତେଣୁ ରୋଗରେ ସେ ଯଦି ମରିଯାଏ, ତା' ହେଲେ ----- ? ଏ ଚିନ୍ତା ମନରେ ଉଠିବାରୁ ପ୍ରଥମେ ତା'ମନରେ ନିଜର ଗର୍ଭପାତ ଅସନ୍ତୋଷ ସୃଷ୍ଟି ହେଲା, ତା'କୁ ଭାରି ଚିଡିମାଡିଲା । ବେଳେ ବେଳେ ସେ ରାମଣ୍ଡାକୁ ମନେ ମନେ ଗାଳି ଦଉଥିଲା ---- କରିବ ଜଣେ, ମରିବ ଆଉ ଜଣେ ! ଏହା ସ୍ତ୍ରୀ ଜାତି ପ୍ରତି ଏକ ଅନ୍ୟାୟ ବୋଲି ତା'ର ହୃଦ୍‌ବୋଧ ହେଲା । ସେ ତ ଏମିତି ଅନେକ କଥା ଭାବୁଚି । ରାମଣ୍ଡା ମନରେ କ'ଣ କୌଣସି ଚିନ୍ତା ଉଠୁନି ? ପୁଣି ଭାବିଲା, ସେ ତ ଏପରି ବ୍ୟବହାର କରୁଚନ୍ତି, ଯେମିତିକି କିଛି ହେଇନି । ଶୋଇଲାବେଳେ ଏସବୁ ଚିନ୍ତା ମନକୁ ଆସିଲେ ରାମଣ୍ଡାକୁ ନିଜର ରାଗ ଦେଖେଇବା ପାଇଁ ସେ ତା'ଆଡକୁ ପିଠି କରି ଶୋଉଥିଲା । କିନ୍ତୁ ଘଣ୍ଟା ଘଣ୍ଟା ଧରି ସେ ବିଛଣାରେ ଏପଟ ସେପଟ କଡ ବଦଳେଇଲେ ବି ରାମଣ୍ଡା ନିଘୋତ ନିଦରେ ଶୋଇ ରହୁଥିଲା । ଏଥିରେ ତା'ର ସନ୍ଦେହ ଜାତ ହଉଥିଲା ---- ରାମଣ୍ଡା ଆଉ ତା'କୁ ଭଲ ପାଉନି କି ? ତା' ଦେହରେ ଘଟୁଥିବା ପରିବର୍ତ୍ତନ ଯୋଗୁଁ ରାମଣ୍ଡା ମନରେ ବିତୃଷ୍ଣାଭାବ ସୃଷ୍ଟି ହଉନି ତ ? ତା'ର ଓ ରାମଣ୍ଡାର ପ୍ରେମ--କାହାଣୀ ଏଇଠି ଶେଷ ହେଇଗଲା । ବେଳେ ବେଳେ ଏପରି ଚିନ୍ତାରେ ବୁଡିଯାଇଥିବା ସମୟରେ ନିଦରେ ଅଜାଣତରେ ରାମଣ୍ଡାର ହାତ ତା'ପେଟକୁ ଛୁଇଁ ଦେଲେ ସେ ଶୀତ ଲାଗିଲା ପରି ଥରି ଉଠୁଥିଲା । ତା'ପରେ ସବୁଚିନ୍ତାକୁ ମନରୁ ପୋଛିଦେଇ ସେ ଧୀରେ ଧୀରେ କଡ ଲେଉଟେଇ ରାମଣ୍ଡା ଆଡକୁ ମୁହଁକରି ଶୋଇ ଯାଉଥିଲା । ତା' ମଥାକୁ ଆଉଁସି ଆଉଁସି ଦଉଁ ଦଉଁ ତା'କୁ ନିଦ ଆସିଯାଉଥିଲା ।

ଏସବୁ ମନେ ପଡିଲେ ଆଜି ବି ତା'ର କଣ୍ଠ ରୁଦ୍ଧ ହେଇ ଆସେ । ସେମାନଙ୍କର କି ପ୍ରକାର ଦାମ୍ପତ୍ୟ ଜୀବନ ଥିଲା ? ସେମାନଙ୍କର ଦାମ୍ପତ୍ୟ ଜୀବନ ମୂଳରୁ ଥିଲା କି ନାହିଁ, ଏକଥା କିଏ କହିପାରିବ ? ମୋହନ ଗର୍ଭରେ ଯେତେ ବଡ ହଉଥିଲା, ତା'ର ଧୈର୍ଯ୍ୟ ସେତେ ବେଶୀ ବଢି ଚାଲିଥିଲା । ତା' ସାଥିରେ ରାମଣ୍ଡାର ସନ୍ତୋଷ ବି ବଢିଚାଲିଥିଲା । ସମୟ ସମୟରେ ରାମଣ୍ଡାର କଥା ଶୁଣି ତା'କୁ ହସ ମାଡୁଥିଲା । ରାମଣ୍ଡା କହୁଥିଲା, "ଦେଖ ଉଠନି । ଆରେ ଆରେ ସେସବୁ ଚଳୁ ଉଠାଅନି । କିଛି କାମ ନ ଥିଲେ ପାହାଚ ଚଢନି ।" ଇତ୍ୟାଦି ଇତ୍ୟାଦି । ଭୟରେ ଭୟେ ତା' କଥାରେ ହସିପକଉଥିଲା । ଏ ଭାର ଯେ ପେଟ ଭିତରର ଏବଂ ତା'କୁ ବାହାରୁ ଉଠେଇ ନେଇ ପେଟ ଭିତରେ ଯେ ରଖା ଯାଇନି । ଏ କଥା ରାମଣ୍ଡା ଜାଣିବ କେମିତି ? ଦେହର ଅଙ୍ଗପ୍ରତ୍ୟଙ୍ଗ ପରି ଏହା ଥିଲା ଏକାନ୍ତ ସ୍ୱାଭାବିକ । ସେତେବେଳେ ଯାଇ ସେ ଜାଣିଲା ଯେ ପୁରୁଷର ଅର୍ଦ୍ଧ ହଉଚି ଅନୁଭୂତିହୀନ ବାଳକ । ଦିନେ ରାତିରେ କ'ଣ ଟିକେ ଅସୁସ୍ଥତା ହେତୁ ତା'କୁ ନିଦ ଆସିଲାନି । ସେ ଆଲୁଅ ଜଳେଇ ବିଛଣାରେ ବସିଥିଲା । ପାଖରେ ଶୋଇଥିଲା ରାମଣ୍ଡା । ତା' ମୁହଁରେ ବି ଶ୍ରାନ୍ତିର କମନୀୟ କାନ୍ତି ଫୁଟି ଉଠୁଥିଲା । ଗାଢ ନିଦରେ ରାମଣ୍ଡାର ଦେହ ଗୋଟେ କଣ୍ଢେଇପରି ନିଶ୍ଚଳ ହେଇ ପଡିଥିଲା । ବାଁ ହାତ ମୁଣ୍ଡ ତଳେ ଚିପି ହେଇ ରହିଥିଲା । ବାଁ କଡ ମାଡି ଶୋଇଥିବାରୁ ରାମଣ୍ଡାର ଡାହାଣ ହାତ ତା' ଦେହ ଉପରେ ପଡିଥିଲା । ସେ ଧୀରେ ଧୀରେ ଉଠି ରାମଣ୍ଡାର ହାତକୁ ନେଇ ନିଜ ଜଙ୍ଘ ଉପରେ ଥୋଇଲା । ପୁଣି ତା'କୁ ଦି' ହାତରେ ଧରିଲା । ତା'ହାତରେ ଉଷ୍ଣତାରେ ଯାହାକୁ ଉଷୁମ ଲାଗିଲା । ତା'ପରେ ହାତକୁ ଭୟେ ପେଟ

ଉପରେ ରଖିଲା । କ୍ଷଣକପାଇଁ କୁମୁଦର ଆଖି ଆଗରେ ଯେମିତି ଅନ୍ଧାର ଘୋଟିଗଲା । ରାମଣ୍ଡାର ହାତ ପେଟକୁ ଛୁଇଁବା ମାତ୍ରେ ତା' ଦେହରେ ଏକ ଅଦ୍‌ଭୁତ ଶିହରଣ ଖେଳିଗଲା । ତା'ର ମନେ ହେଲା ସାମ୍ନାରେ ଶୋଇଥିବା ରାମଣ୍ଡା ତା' ପେଟ ଭିତରେ ଲୀନ ହୋଇଯାଇଚି । ସେ ଡରିଗଲା ଯେ ସତରେ ରାମଣ୍ଡା ତା' ପେଟରେ ଭିତରେ ଅଦୃଶ୍ୟ ହୋଇଯାଇ ଲୁଚିବାର ଚେଷ୍ଟା କରୁଚି । ଭୟରେ ସେ ରାମଣ୍ଡାର ହାତକୁ ଜୋର୍‌ରେ ଜାବୁଡ଼ି ଧରିଲା । ରାମଣ୍ଡା ଅତର୍କିତ ଭାବେ "କଣ ? କ'ଣ ହେଲା କୁମୁଦ ?" କହି ଉଠି ବସିଲା । ତା'ପରେ କୁମୁଦ ସଚେତନ ହୋଇଗଲା ଏବଂ ଅବ୍ୟକ୍ତ ଆନନ୍ଦରେ ତା' ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ତା'ପରେ ରାମଣ୍ଡା ମୁହୂର୍ତ୍ତକ ପାଇଁ ତା'କୁ ଏକ ଲୟରେ ଚାହିଁ ତା' ପେଟ ଉପରେ ପୁଣି ହାତ ରଖି "ଓ !" କହିଥିଲା । ସେଦିନ ପେଟରେ ଥିବା ଟିକି ପ୍ରାଣୀଟି ପ୍ରଥମ ଥର ବୁଲାବୁଲି କରିଥିଲା ।

ସେଇ ମୋ'ର ମୋହନ । ନା, ନା, ଆମ ଦି'ଜଣଙ୍କର ମୋହନ । କୁମୁଦ ଭାବିଲା, ସେଇ ଦିନଠୁ ରାମଣ୍ଡା ଓ ମୋହନ ତା'କୁ ଏକାପରି ଲାଗିଲେ ।

ସେଇ ମୋହନକୁ ଦିନେ ସେ ବାଡେଇ ଥିଲା ନା ? ମୋହନ ଓ ରାମଣ୍ଡା ଯଦି ଏକ, ତେବେ ମୋହନକୁ ବାଡେଇଲେ ରାମଣ୍ଡାକୁ ବାଡେଇବା ହେଲା ତ ? ତେଣୁ ମୋହନ ଖାଇଥିବା ମାଡରେ ରାମଣ୍ଡାକୁ ତ କଷ୍ଟ ହୋଇଥିବ !

ଅତିଶୟ ନିରାଶ ହୋଇ କୁମୁଦ ଗୋଟେ ଦୀର୍ଘଶ୍ୱାସ ନେଲା । ତା'ପରେ ସେ ଏତେ ଜୋର୍‌ରେ ନିଶ୍ୱାସ ଛାଡ଼ିଲା ଯେମିତି କି ବର୍ଷବର୍ଷର ପୁରୁଣା ତଥା ତିକ୍ତ ସ୍ମୃତିକୁ ଏକାଥରକେ ବାହାରକୁ ଫିଙ୍ଗିଦେବାକୁ ଚାହୁଁଚି ।

ସେଇଦିନ ସେ କହିଥିଲା, "ଆଉ କେବେ ଫେରିବିନି ।" କିନ୍ତୁ ପୁଣି ଫେରିବାପରେ ବହୁବର୍ଷ, ବହୁଯୁଗ ବିତିଗଲା ପରି ମନେ ହଉଚି ।

ସିଏ ବି ଗୋଟେ ପ୍ରକାର ଅନୁଭୂତି । ଏହା ଭାବି ସେ ହସିଲା । କି ପ୍ରକାର ଅନୁଭୂତି ସେ ! ଏବେ ତ ମଜାପରି ଲାଗୁଚି । ମାତ୍ର ସେଦିନ କେତେ କଳିକଜିଆ କରି ରାଗରେ ମୋହନକୁ ନେଇ ସେ ଚାଲିଯାଇଥିଲା । ହେଲେ କୁଆଡେ ଯାଇଥିଲା ? ପୁଣି ସେଇ ପିଉସୀ ଘରକୁ ।

ସକାଳେ ପିଉସୀ ଘରେ ପହଞ୍ଚିଲା । ଗୋଟେ ହାତରେ ମୋହନକୁ ଓ ଅନ୍ୟ ହାତରେ ଗୋଟେ ଛୋଟ ବେଗ୍ ଧରିଥିଲା । କୋଉ କୋଉ ଶ୍ଳୋକ ଆବୃତ୍ତି କରି ବୁଢ଼ୀ ପାଣି ଛିଞ୍ଚୁଥିଲା । କେଜାଣି ! ସେ ଆସିଚି ବୋଲି ବୁଢ଼ୀ ଦେଖି ପାରି ନ ଥିଲା ।

ଶେଷରେ 'ଅପା' ବୋଲି ଡାକି ସେ ବୁଢ଼ୀର ଦୃଷ୍ଟି ଆକର୍ଷଣ କଲା । ସେଇଠୁ ବୁଢ଼ୀ ତା' ଆଡକୁ ବୁଲି ଚାହିଁଲା । ପ୍ରଥମେ ସେ ଆସିଚି ବୋଲି ବୋଧେ ବିଶ୍ୱାସ କରିପାରିଲାନି, ଏବଂ ଭଲ ଦିଶୁ ନ ଥିବାରୁ ବୁଢ଼ୀ ବଡ ବଡ ଆଖିରେ ଭଲ ଭାବେ ଚାହିଁଲା ଓ ପଚାରିଲା, "କିଏ ? କୁମୁଦ ?" ତା'ପରେ କହିଲା, "ଇସ୍ସେ କ'ଣ ? ଖବର ନ ଦେଇ ଚାଲି ଆସିଲୁ ? ଏକଲା ଆସିବୁ ନା କ'ଣ ?"

କଥାବାର୍ତ୍ତା କରି ଦିହେଁ ଘର ଭିତରକୁ ଗଲେ । ସେତିକିବେଳେ ନିଦରୁ ଉଠି ମୋହନ କୁଆଡେ ଆସିଲା କିଛି ବୁଝି ନ ପାରି ଥରେ ତା' ଆଡକୁ ଓ ଥରେ ବୁଢୀଆଡକୁ ଚାହିଁବାକୁ ଲାଗିଲା । କଥା ମଝିରେ କୁମୁଦ ତା'କୁ କୋଳରୁ ଓହ୍ଲେଇ ଦବାକୁ ଚାହିଁ ଥିଲା । କିନ୍ତୁ ସେ ତା'କୁ ଜୋରରେ ଭିଡି ଧରିଲା । ତା'ପରେ କୁମୁଦ ତା'କୁ ଜବରଦସ୍ତ ଓହ୍ଲେଇଦବା ପାଇଁ ଚେଷ୍ଟା କରିବାକୁ ସେ କାନ୍ଦିବାକୁ ଲାଗିଲା ।

"କ'ଣ ? ପୁଣି ତୋ'ର ପିଲା ହବ କି ?"

କୁମୁଦ ହଠାତ୍ ବୁଢୀର କଥା ବୁଝିପାରିଲାନି । ତେଣୁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନକଲା, "କ'ଣ କହିଲ ଅପା ?"

ବୁଢୀ କହିଲା, "ପିଲାଟା କାନ୍ଦୁଚି । ଏଥିପାଇଁ ପଚାରିଲି ।"

ସେତେବେଳକୁ କୁମୁଦ ମୋହନକୁ କୋଳକୁ ନେଇ ସାରିଥିଲା । ଓ ମୋହନ ବି ଶାନ୍ତ ହୋଇ ଯାଇଥିଲା । କୁମୁଦ ପଚାରିଲା, "ନା, ତମେ ଆଉ ଗୋଟେ ପଚାରୁଥିଲ ?"

"ମୁଁ ତ ଆଉ କିଛି କହିନି । ଏଇ ତୋ'ର ପୁଣି ପିଲା ହବ କି କ'ଣ ବୋଲି ପଚାରିଲି ।"

"ଇସ୍ ---- । ମତେ କ'ଣ ତମେ ପାଗଳ ଭାବିଚ କି ?"

"ବେଶି ବୟସ ହୋଇ ଯିବାପରେ ବାହାହବା ହିଁ ପାଗଳାମି ।"

"ପିଲା କାନ୍ଦିବା ସାଥିରେ ଯା'ର କ'ଣ ସମ୍ପର୍କ ?"

"ଛୋଟ ଦୁଧ ଖିଆ ପିଲା କୋଳରେ ଥିଲାବେଳେ ଯଦି ଆଉ ଗୋଟେ ପିଲା ହବାର ଥାଏ ତେବେ ସେମାନେ ଇମିତି କେଁ କେଁ ହୁଅନ୍ତି ।"

ସେ ଯେ କୋଉ ତତ୍ତ୍ୱଜ୍ଞାନ, ଶାସ୍ତ୍ରଜ୍ଞାନ ବା ଅନୁଭବଜ୍ଞାନ, କୁମୁଦ କିଛି ବୁଝିପାରିଲାନି । ସେ ଖାଲି ହସିଦେଲା ।

"ହସୁଚୁ କାହିଁକି ?".

"ତମ କଥା ଶୁଣି ହସ ମାଡିଲା ।"

"ଏଥିରେ ହସିବାର କ'ଣ ଅଛି ? ଏଇ କିଛି ଦିନ ହେଲା ତୁ ଶାଶୁ ଘରକୁ ଯାଇଥିଲୁ । ଏତେ ଶୀଘ୍ର ପୁଣି ଫେରି ଆସିଲୁ ଯେ ସେଥିପାଇଁ ପଚାରିଲି ।"

କୁମୁଦ ହସି ଉତ୍ତର ଦେଲା, "ମୋ'ର ଆଉ କିଛି କାମ ନାହିଁ କି ?"

"ବାହାଘର ପରେ ଛୁଆ ଜନ୍ମ କରିବା ହଉଚି ପ୍ରଥମ କାମ, ବାହା ନ ହୋଇ ଛୁଆ ଜନ୍ମ କରିବା ଆଜିକାଲିର ଝିଅଙ୍କର ଦ୍ୱିତୀୟ କାମ ।"

ବାପ୍‌ରେ ! କେତେ ସହଜରେ ବୁଢୀ ଏକଥା କହିପକେଇ ଥିଲା । କୁମୁଦ ଉତ୍ତର ଦେଲା, "ସମସ୍ତେ ଏକାପରି ନୁହନ୍ତି ଅପା, ଆଜିକାଲିକା ପରି ଖରାପଝିଅ ସେତେବେଳେ ବି ଥିଲେ ।"

"ସେତେବେଳେ ଲୋକଙ୍କ ପାଖରେ ଲାଜ, ସରମ ଥିଲା । ଏଣୁତେଣୁ କିଛି ହୋଇଗଲେ ନଣନ୍ଦାଙ୍କୁ ଡେଇଁ ଜୀବନ ଦେଇ ଦଉଥିଲେ । ଏଯୁଗରେ କାହାରି ସାହସ ନାହିଁ । ଡରରେ ବାହାହୋଇ ଯାଉଚନ୍ତି ।"

"କାହିଁକି ଅପା ? ମୁଁ କ'ଣ ଏତେ ଖରାପ ?"

"ଆଲୋ ପାଗିଳୀ ! କଥାରେ କଥାରେ କହିଦେଲି । ମୋ' କଥାକୁ ଧରି ବସନା ।"

ସେ ଏକଥା କହିଲା ବେଳେ କୁମୁଦ ଲୁହ ଅଟକାଇ ନ ପାରି ସୁଁ ସୁଁ ହୋଇ କାନ୍ଦି ଉଠିଲା, ଏବେ ସେ କଥା ମନେ ପଡିଲେ ହସ ଲାଗୁଚି । କିନ୍ତୁ ସେଦିନ ଯାର କାନ୍ଦ ଦେଖି ବୁଢୀ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲା ।

"ଏସ୍ କୁମୁଦି ! ମୋ' ପାଟିରେ ନିଆଁ ଲାଗୁ । ବୁଢୀଙ୍କ କଥା କ'ଣ କରିପାରେ ସେ ଗପ ତୁ ଶୁଣିନୁ ? ବୁଢୀର ନିଜ ମଥାରେ ସିନ୍ଦୁର ନ ଥିଲା । ଅନ୍ୟ ଜଣକ ମଥାରେ ସିନ୍ଦୁର ଲାଗିଚି ଦେଖି ପଚାରିଲା, କ'ଣ ଚୋଟ ଲାଗିଗଲାକି ? ମୁଁ ଏକଲା ରହିରହି ସେମିତି କଥା କହିବାକୁ ଆରମ୍ଭ କଲିଣି । ଲୋ ଝିଅ, ତୋ' ଗେରସ୍ତ ଚିରଜୀବୀ ହୋଇଥାଉ । ଠାକୁରେ ତତେ ଆଉ ଚାରିଟା ଛୁଆ ଦିଅନ୍ତୁ । ମୁଁ ବଞ୍ଚିଥିବା ଯାଏଁ ପିଲା ହେଲାବେଳେ ତୁ ଏଠିକି ଚାଲି ଆସିବୁ ।"

ବୁଢୀର କଥା ଶୁଣି କୁମୁଦ କାନ୍ଦିବ କ'ଣ, ହସ ସମ୍ଭାଳି ପାରିଲାନି । ସେଇଠୁ ବୁଢୀ ରାଗିଯାଇ କହିଲା, "ଆରେ ! ଇଏ କ'ଣ ? ତୋ'ର ଯେତେବେଳେ ଇଚ୍ଛା କାନ୍ଦିପକଉଚୁ, ଯେତେବେଳେ ଇଚ୍ଛା ହସୁଚୁ । ତୋ' ସାଥିରେ କେହି କଥାବାର୍ତ୍ତା କରିବ କିମିତି ?"

"ନା, ଅପା । ସେ କଥା ନୁହେଁ । ଆଉ ପିଲା ହବନି ବୋଲି ମୁଁ କହିଲେ ବି . . . . ." ଲୁହ ପୋଛୁଥିଲାବେଳେ ହସମାଡିବାରୁ ମୁହଁରୁ କଥା ବାହାରୁ ନ ଥିଲେ ବି କୁମୁଦ ଏତିକି କହି ପକେଇଲା ।

"ଏବେ ନ ହେଲେ ବି କିଛି ଚିନ୍ତା ନାହିଁ । ଜଲଦି ହୋଇଯିବ । ତୁ ଏଇନେ ପିଲା, ତୋ'ର ଚିନ୍ତା କୋଉଥିପାଇଁ ?"

"ନା ଅପା, ମୁଁ ଏକଥା ଚିନ୍ତା କରୁନି କି ସେମିତି ହବନି ।"

"ସେଇଟା ଖାଲି କହିବା କଥା ।"

"ନା, ସତରେ ଆଉ ହବନି ।"

"ମାନେ ?"

ମାନେ କୁମୁଦକୁ ଜଣା ନ ଥିଲା । ସେ ବିଷୟରେ ସେ ଭାବି ନ ଥିଲା । ତା' ସତ୍ତ୍ୱେ ମନକଥା କହିବାର ପ୍ରଥମ ସୁଯୋଗ ମିଳିଥିବାରୁ ସେ ଏକାଥରେ ସବୁ କହିଦେଇଥିଲା । ବୁଢୀ ତା'କଥା ବିଶ୍ୱାସ କରୁନି ବୋଲି ସେ ବୁଝି ପାରିଲା । ତେଣୁ ଆଗକୁ କହିବାରେ ଟିକେ ଅସୁବିଧା ହେଲା । ତା'ପରେ କ'ଣ କହିଥିଲା ଭୁଲିଯାଇ ସେ ସେଇ କଥାକୁ ଦୋହରେଇବାକୁ ଲାଗିଲା । ପୁଣି ହଠାତ୍ ମନେ ପଡିବାରୁ ଯାହା କହୁଥିଲା ତା'କୁ ଭୁଲିଗଲା ।

ପରେ ଭାବିଲା ଯେ ଏସବୁ କଥା କହିବା ତା'ର ଉଚିତ୍ ନୁହେଁ । ତେଣୁ ସେ ଥମ୍‌ମମ ହୋଇଗଲା ।

"ଆରେ ! ମୁଁ ଭାବୁଥିଲି କିଛି କହିବୁ ବୋଲି । କିନ୍ତୁ ତୁ ତ ମିଆଁ ବିବିଙ୍କ ଭିତରେ ଝଗଡା ହେଲାପରି କଥା କହିଲୁ ।" କହି ବୁଢୀ ଦୀର୍ଘଶ୍ୱାସ ନେଇଥିଲା ।

ତା' କଥା ବୁଢୀ ବୁଝିପାରିନି ବୋଲି ଜାଣି ସେ ଖୁସି ହେଲା, ଏବଂ ମନର ଦୁଃଖକୁ ବାହାରକୁ ବାହାର କରି ଦବା ହେତୁ ମନଟା ଟିକେ ହାଲୁକା ହୋଇ ଯାଇଥିଲା ।

ବୁଢୀ ସବୁକଥା ଜାଣିଥିଲା ନ ହେଲେ ଇସ୍ତ୍ରେ ସେସବୁ ଜାଣିଚି ବୋଲି ବୁଢୀକି ଜଣା ନ ଥିଲା । କିନ୍ତୁ ରାମଣ୍ଡା ପାଖକୁ ଫେରିଯିବା ଲାଗି ବୁଢୀ ତାକୁ ବାଧ୍ୟ କରୁଥିଲା ।

ସ୍ମୃତି ତା'କୁ କୁଆଡେ କୁଆଡେ ଭିଡି ନେଇ ଯାଉଚି ? ଆଜି ସେ କଥାଗୁଡା ମନେ ପଡୁଚି କାହିଁକି ? କାହିଁକି କେଜାଣି ? ବୁଢୀର କଥା ସବୁ ଆଜି ବାରମ୍ବାର କାହିଁକି ମନେ ପଡୁଚି ?

ସେ ଆଉ କ'ଣ କହିଥିଲା କେଜାଣି ? ପ୍ରଥମେ ତା'କୁ ମଜାକଥା ବୋଲି ଭାବି କୁମୁଦ ହସି ଦେଇଥିଲା । ମାତ୍ର ପରେ ସେଇ କଥାହିଁ ତା' ଅନ୍ତରକୁ ଘୁଣାପୋକପରି କୋରି ପକେଇ ଥିଲା । ତା'ର ପ୍ରସଙ୍ଗ କ'ଣ ଥିଲା ତ ? ହଁ, ମନେ ପଡିଲା । କ'ଣ କଥା ପଡିବାରୁ ବୁଢୀ ଥରେ ପଚାରିଲା, "ତୋ' ଗେରସ୍ତ କ'ଣ କରୁଚି କିଲୋ ?"

"ବହି ଲେଖନ୍ତି ।"
"ମୁଁ ସେ କଥା ପଚାରୁଚି । ପେଟ ପୋଷିବା ପାଇଁ କ'ଣ କରୁଚି ?"

କୁମୁଦକୁ ହସମାଡିଲା । ସେ ହସୁ ହସୁ କହିଲା, "ଅପା, ବହି ଲେଖିଲେ ପେଟ ପୋଷି ହବନି କି ?"

"ମୋ' ମୁଣ୍ଡରେ ଏସବୁ ପଶୁନି । ଜମିବାଡି ଦେଖିବା, ମହାଜନି କରିବା, ନ ହେଲେ ଚାକିରି ବାକିରି କରିବା ଆମ ସମୟରେ ଥିଲା । ଆଉ ସମସ୍ତେ କରୁଥିଲେ । ଆଜିକାଲି ମର୍ଦ୍ଦମାନେ କ'ଣ ସବୁ କରୁଚନ୍ତି କେଜାଣି ?"

"ବହି ଲେଖୁଥିବା ଲୋକ ପାଞ୍ଚ ଜଣଙ୍କ ଭିତରେ ସମ୍ମାନ ପାଏ । ବୁଝିଲ ଅପା ?"

"ଏଥିରେ କ'ଣ ଅଛି ? ଲୋକର ଚାଲିଚଳଣ ଭଲ ହେଲେ ସବୁଠି ସମ୍ମାନ ମିଳିବ । ସେ ବହି ଲେଖୁଚି, ଭଲ କଥା । ମାସକୁ କେତେ ପାଉଚି ?"

"ତମେ ତା'କୁ ମାସିକିଆ କାମ ବୋଲି ଭାବୁଚକି ? ସେମିତି ନୁହେଁ ଯେତେବେଳେ ଲେଖିବାକୁ ଇଚ୍ଛା ହୁଏ, ସେତେବେଳେ ଲେଖନ୍ତି ।"

"ବାକି ସମୟରେ ପେଟ ପୋଷୁଚି କିମିତି ?"

"ବାପ-ଅଜାଙ୍କ ଜମିବାଡି ଅଛି ।"

"କିଲୋ ! ଆଗରୁ ଏକଥା କହିଲୁନି କାହିଁକି ? ଏତିକି ତ ଯଥେଷ୍ଟ । ଘରେ କ'ଣ ବହୁତ ଲୋକ କି ?"

"କେହି ନାହାନ୍ତି । ଖାଲି ଯାହା ଆମେ ଦି'ଜଣ ।"

"ମାନେ ତୁ ତା'କୁ ଏକଲା ଛାଡି ଆସିବୁ ?"

କୁମୁଦ ସେତେପର୍ଯ୍ୟନ୍ତ ସେ ବିଷୟରେ ଜମା ଭାବି ନ ଥିଲା, ଏବଂ କଥାର ଉତ୍ତର ବି ଦେଲାନି । କଥା କହୁଁ କହୁଁ ବୁଢୀ ଠୋ ଠୋ କରି ହସି ଉଠିଲା ।

"କ'ଣ ଅପା ! କ'ଣ ହେଲା ?"

"ଗୋଟେ କଥା ମନେପଡିଲା ।"

"କି କଥା ?"

"ସିଏ କେତେ କଥା । ବୁଢୀଙ୍କର କାମ କ'ଣ ? ପୁରୁଣା କଥାକୁ ମନେପକେଇ ସମୟ କାଟିବା କଥା ।"

"ହେଲେ ହସିଲ କାହିଁକି ?"

ବାଧ୍ୟବାଧକତା କରିବାରୁ ବୁଢୀ କହିଲା, "ଥରେ ମୁଁ ବି ତୋ'ରି ପରି ରାଗିଥିଲି । ସେଇ କଥା ମନେ ପଡିଗଲା ।"

"ମୋ'ପରି ମାନେ ?"

"ତୁ ଜାଣିନୁ କୁମୁଦି ! ମର୍ଦ୍ଦଙ୍କ ରାଗ ଗୋଟେ ପ୍ରକାର ଆଉ ମାଇପଙ୍କ ରାଗ ଆଉ ଗୋଟେ ପ୍ରକାର ।"

"କାହିଁକି ? ସ୍ତ୍ରୀ ଲୋକମାନେ କ'ଣ ମଣିଷ ନୁହନ୍ତି ।"

"ହଁ । କିନ୍ତୁ ମାଇପଙ୍କର ମର୍ଦ୍ଦଙ୍କ ପରି ନିଶ ଉଠେନି କି ମର୍ଦ୍ଦମାନେ ମାଇପଙ୍କପରି ମା' ହେଇପାରନ୍ତିନି । ଭଗବାନଙ୍କର କି ମାୟା କେଜାଣି ! ସମସ୍ତଙ୍କୁ ଅଲଗା ଅଲଗା ରୂପ ଦେଇଚନ୍ତି । ବାହାରେ ପାଞ୍ଚ ଜଣଙ୍କ ସାଥିରେ କାମ କରୁଥିଲା ବେଳେ ମର୍ଦ୍ଦ ରାଗେ, ଝଗଡା କରେ । ତା'ପରଦିନ ସେମାନଙ୍କ ସାଥିରେ ପୁଣି କଥାବାର୍ତ୍ତା କରେ । ହେଲେ ଆମେ ମାଇପି ଲୋକେ ଇମିତି କରୁନା । ଆମେ ରାଗିଲେ ତା'କୁ ମନରେ ରଖି ଖାଲି ଦହିହଉଥାଉଁ ।"

"ତା'ହେଲେ ଅପା, ତମେ କ'ଣ ଭାରି ଜିଦ୍‌ଖୋର୍ ଥିଲ ?"

"ମର୍ଦ୍ଦଙ୍କ ରାଗ ନାକ ଉପରେ ଆଉ ମାଇପଙ୍କ ରାଗ ଚୁଲି ଉପରେ ଝଡେ ।"

"ତେବେ ତମେ ରାଗିଲେ ରନ୍ଧାବଢା କରୁ ନ ଥିଲ ?"

"ଏଁ୍ୟା ! ତୋ'ପରି ମୁଁ କ'ଣ ଘରେ ଏକଲା ଥିଲି କି ? ଘରେ ଲୋକ ଭର୍ତ୍ତି ହେଇଥିଲେ । ମୁଁ ନ ରାନ୍ଧିଲେ କାହାରି ମନ ମାନିବ ?

"ତା' ହେଲେ ତମେ ରାଗିଲେ କ'ଣ କରୁଥିଲ ?"

"ମାଇପେ ଆଉ କ'ଣ କରିପାରିବେ ? ବିଛଣା ବିଛେଇ ଶୋଇ ଯାଉଥିଲି । ସେ କେତେ କଥା କହୁଥିଲେ । କିନ୍ତୁ ମୁଁ ଜମା ମୁହଁ ଖୋଲୁ ନ ଥିଲି . . .।" ଏହା କହି ବୁଢ଼ୀ ଏକା ଥରେ ହସି ଉଠିଲା ।

"କୋଉ ମଜା କଥା ମନେ ପଡ଼ିଲା କି ଅପା ?"

"ମଜା କଥା ନୁହେଁ । ତୋ'ରି କଥାପରି ଗୋଟେ କଥା ବୁଝିଲୁ କୁମୁଦି, ପ୍ରତ୍ୟେକ ମର୍ଦ୍ଦର ସ୍ୱଭାବ ଅଲଗା ହେଲେ ମାଇପିମାନେ ସିମିତି ନୁହନ୍ତି । ସେମାନେ ଘରଭିତରରେ କାମ ଚାପାରେ ପେଷି ହେଇଯା'ନ୍ତି, ଏବଂ ଆପଣା ଘର ବୋଲି ଭାବି ସବୁ ସହିଯା'ନ୍ତି । ସେତେବେଳେ ଇଚ୍ଛା ହୁଏ, ଗେରସ୍ତ ଥରେ "ବେଶୀ କାମ କରି ପକେଇଚ ? ମୁଣ୍ଡ ବିନ୍ଧୁଚି ? ଥାଉ, ଏବେ ଆରାମ କର ।" କୁହନ୍ତା କି ! ସେ ଆରାମ କର କହିଲେ ବି ଆମେ ତା କରୁନା; କିନ୍ତୁ ଟିକେ ଖୁସି ଲାଗେ ଯେ ଆମ ବିଷୟରେ ଜଣେ ଭାବୁଚି । କେବେ କେବେ ପୁନେଇଁ ପର୍ବରେ, ବାହାଘର ବ୍ରତଘରରେ ଲୁଗାପଟା ପିନ୍ଧି ସଜବାଜ ହେଲାବେଳେ ପ୍ରତ୍ୟେକ ମାଇପିଲୋକର ଇଚ୍ଛା ହୁଏ, ତା' ଗେରସ୍ତ ତା'କୁ ଦେଖୁ ଓ ଖୁସି ହଉ । ପ୍ରତ୍ୟେକ ମର୍ଦ୍ଦର ସ୍ୱଭାବ ଅଲଗା ବୋଲି ତତେ ତ କହିଚି । ମୋ'ର ତାଙ୍କର ଏସବୁ ଗୁଣରୁ ଗୋଟେ ହେଲେ ନ ଥିଲା । ଘରଣୀ ଘରେ ଥାଉ କି ନ ଥାଉ, ସେଥିରେ ତାଙ୍କର କିଛି ଯାଏ ଆସେନି । ଥରେ କ'ଣ ଗୋଟେ କଥାରେ ଆମ ଦି'ଜଣଙ୍କର ଝଗଡ଼ା ହୋଇଗଲା । ମତେ ଭାରି ରାଗ ମାଡ଼ିଲା । ମୁଁ କହିଲି, କିଛି ଦିନ ପାଇଁ ମୁଁ ବାପ ଘରକୁ ଯିବି । ସେ କହିଲେ,' ଯିବାକୁ ଯଦି ଚାହୁଁଚ ତେବେ ଯାଇ ବୁଲିଆସ । ' ଏକଥା ଶୁଣି ମୋ' ପାଇଁ ତାଙ୍କର ଟିକେ ହେଲେ ପରୁଆ ନାଇଁ ବୋଲି ଭାବି ମୁଁ ଆହୁରି ବେଶୀ ରାଗିଗଲି, ଏବଂ ରେଲଗାଡ଼ିରେ ଯିବାଲାଗି ଜିନିଷପତ୍ର ସଜାଡ଼ିଲି ।'

"ଅଟକି ଗଲ କାହିଁକି ଅପା ? ତା' ପରେ କ'ଣ ହେଲା ?"
ବୁଢ଼ୀ ଜୋରରେ ହସିଲା ଓ ହସୁ ହସୁ, "ମୋ'ରାଗ ବି ସେଇଠି ଖତମ୍ ।"
"ମାନେ ?"
"ମାନେ କ'ଣ ? ଏଇଥିପାଇଁ ତତେ କହୁଚି ଯେ ମାଇପଙ୍କ ରାଗ ଅନ୍ୟପ୍ରକାର ।"
"ତା' ହେଲେ କ'ଣ ଝଗଡ଼ା ମେଣ୍ଟିଗଲା ? ତମର ସିଏ କ୍ଷମା ମାଗିନେଲେ କି ?"

"କ'ଣ କହିଲୁ ? କ୍ଷମା ମାଗିନେଲେ ? ଆଲୋ ପାଗିଳୀ ! ସେତିକିରେ ଘରଣୀ ଖୁସି ହେଇ ଯାଉଥିଲେ ମର୍ଦ୍ଦମାନେ କଥା କଥାକେ କ୍ଷମା ମାଗିବାକୁ ତିଆର ହେଇଯା'ନ୍ତେ । ନିଜ ନିଜ ଭିତରେ ଚାଲିଥିବା ଝଗଡ଼ା ମେଣ୍ଟେଇବାପାଇଁ ଯୋଉ ଲୋକ କ୍ଷମା ମାଗିନିଏ, ତା' ପାଖରେ 'କ୍ଷମା' ଶବ୍ଦର କିଛି ମହତ୍ତ୍ୱ ରହେନି ।"

"ତେବେ ତମେ ଗଲନି କାହିଁକି ?"

"କିଲୋ କିମିତି ଯାଇଥା'ନ୍ତି ? ଯିବାସକାଳେ ସଜଡ଼ା ସଜଡ଼ି ଯିମିତି ଆରମ୍ଭ କରିଚି ସେଇ ରାଗରେ କୁଆଡେ ଯିବାକୁ ବାହାରିଲେ । ସେ ବାକ୍ସ ଖୋଜିଲେ, ବିଛଣାକୁ ଉଠେଇ ଫିଙ୍ଗି ଦେଲେ । ମୁଁ ଜାଣିପାରିଲି,

ସେ ବି ଚାଲିଯିବାର ଧମକ ଦଉଚନ୍ତି । ଶେଷରେ ସବୁ ଫିଙ୍ଗି ଫାଙ୍ଗି ଦେଇ 'ଧେତ୍,ମୋ' ଧମିଜ୍ କୁଆଡେ ଗଲା ?' ବୋଲି କହି ଏଣେ ତେଣେ ବୁଲିବାକୁ ଲାଗିଲେ । ମୁଁ 'ଏଇଠି ଅଛି' କହି ମୁହଁରୁ ଆଉ ପଦେ ହେଲେ କଥା ବାହାର ନ କରି ଖୁଣ୍ଟରେ ଟଙ୍ଗା ହୋଇଥିବା କମିଜ୍‌ଟି ଆଣି ତାଙ୍କ ହାତକୁ ବଢେଇ ଦେଲି, ଏବଂ ମୋ' ଜିନିଷପତ୍ର ଠିକ୍ ଠାକ୍ କରିବାରେ ଲାଗିଲି । ତେଣେ ସେ କମିଜ୍ ପିନ୍ଧି, ସେଥିରେ ଯେତେ ପକେଟ୍ ଥିଲା ସବୁ ଅଣ୍ଡାଳି ମୋତେ ନାଲି ଆଖିରେ ଚାହିଁ କହିଲେ, "ଶଳା, ଗୋଟେ ହେଲେ ଜିନିଷ ଠିକ୍ ଜାଗାରେ ନାହିଁ । ମୋ' ପଇସା . . .।" ମୁଁ ସାଙ୍ଗେ ସାଙ୍ଗେ ତାଙ୍କ ତକିଆ ତଳୁ ବଟୁଆଟି କାଢ଼ି ରଖିଦେଲି ଓ ପୁଣି ନିଜ କାମରେ ଲାଗିଗଲି ।

କିଛି ସମୟପରେ ବାହାରୁ ପାଟି ଶୁଭିଲା । କବାଟ ମୁଖରେ ଠିଆ ହୋଇ ଦେଖିଲି ଇଏଁ ଆଉ ଦି'ଜଣ ଲୋକ ଧାଁ ଦଉଡ କରୁଛନ୍ତି । କ'ଣ ହେଲା ? ଟିକେ ଆଗକୁ ଯାଇ ଜାଣିଲି ଯେ ସମସ୍ତେ ତାଙ୍କ ଚପଲ ଖୋଜିବାରେ ଲାଗିଛନ୍ତି । ମୁଁ ଆଉ ସମ୍ଭାଳି ପାରିଲିନି । ଶୀଘ୍ର ଶୀଘ୍ର ପଛପଟକୁ ଗଲି । ଚପଲ ସେଠି ଥିଲା । ସେଠୁ ଚପଲ ଆଣି ଫଟ୍ କରି କଚାଡି ଦେଇ ଗୋଡ କଚାଡି କଚାଡି ମୋ' କୋଠରୀକି ଗଲି । ତା'ପରେ ଧଡ୍ କରି କବାଟ କିଳି ଦେଇ ଭିତରୁ ଛିଟ୍‌କିଣି ଲଗେଇ ଦେଲି ଆଉ ବିଛଣା ଖୋଲି ବସି ଜୋର୍‌ରେ କାନ୍ଦିଲି । ଏତେ କାନ୍ଦିଲି, ଏତେ କାନ୍ଦିଲି ଯେ ତତେ କ'ଣ କହିବି ।" ଏକଥା କହୁଁ କହୁଁ ବୁଢୀ ନ ହସି ରହିପାରିଲାନି ।

"କେହି ଅଟକେଇଲେନି ବୋଲି ତମେ ଛୋଟ ପିଲାଙ୍କ ପରି କାନ୍ଦିଲ ?"

"କ'ଣ କହିଲୁ ? ଅଟକେଇଲେନି ?" ହସ ବନ୍ଦ କରି ଲୁହ ପୋଛୁଁ ପୋଛୁଁ ବୁଢୀ କହିଲା, "ମତେ କିଏ ଅଟକେଇ ଥା'ନ୍ତା ?" ମୁଁ ମୋ' ପାଇଁ କାନ୍ଦୁ ନ ଥିଲି । କାନ୍ଦୁଥିଲି ତାଙ୍କରି ପାଇଁ ।"

"ତାଙ୍କ ପାଇଁ ?"

"ହଁ । ମୁଁ ନ ଯାଉଣୁ ତ ଏ ଅବସ୍ଥା । ଚାଲିଗଲେ ତାଙ୍କର ଦେଖାଶୁଣା କରିବ କିଏ ? କିଏ ତାଙ୍କ ଧୋତି, କମିଜ୍ ଖୋଜିଦବ ? ଲୁଗା କିଏ ସଫା କରିଦବ ? ଏ ଚିନ୍ତା ଆସିବା ମାତ୍ରେ ମୁଁ କାନ୍ଦି ପକେଇଲି କୁମୁଦ ।"

କୁମୁଦର ମନେ ହେଲା ଯେମିତି କୋଉଠି ଗୋଟେ ଖଟ୍‌କା ଲାଗୁଚି । ପୁଣି ଲାଗିଲା, ଅପା ନିଜ କାହାଣୀ କହୁନି ; କୁମୁଦକୁ ବୁଝଉଚି । ରାମଣ୍ଡାର ଭୋକିଲା ମୁହଁ ତା ' ଆଖିରେ ନାଚିଗଲା । ଲେଖିବାକୁ ପ୍ରସ୍ତୁତ ହୋଇ ରାମଣ୍ଡା କଲମ ଖୋଜୁଚି । ତା'ଲୁଗା ମଇଳା ହୋଇ ଯାଇଚି । ଏମିତି ଅନେକ ଚିତ୍ର ତା'ଆଗରେ ଆସି ଠିଆ ହେଲା । ବୁଢୀ କିଛି କହିଚାଲିଥିଲା । କିନ୍ତୁ ସେଆଡକୁ କୁମୁଦର ଆଦୌ ଧ୍ୟାନ ନ ଥିଲା ।

"ବୁଝିଲୁ କୁମୁଦି ! ମର୍ଦ ବାହାରେ ଯାହା ହଉ ପଛକେ ଘରଭିତରେ ଯେମିତି ପିଲାଟିଏ । ବଡ ପିଲାମାନେ ପ୍ରଥମେ ପ୍ରଥମେ ଯେତେବେଳେ ଘର ଛାଡି ବାହାରକୁ ଯା'ନ୍ତି, ସେତେବେଳେ ମା' ମାନଙ୍କୁ ଭାରି ଖରାପ ଲାଗେ । ଆମର ମନେ ହୁଏ, ଆମେ ପିଲାଙ୍କୁ ଭଲ ପାଉଚୁଁ ଅଥଚ ସେମାନେ ଆମକୁ ପଚାରୁ ନାହାନ୍ତି । ପିଲାଏ ମୁହଁ ଖୋଲି କିଛି କହନ୍ତିନି ସିନା, ଗୋଡରେ କଣ୍ଟାଟେ ପଶିଗଲେ ସିଧା ଆମ ପାଖକୁ ଦୌଡିଆସନ୍ତି ।

ଏଇଥିପାଇଁ କହୁଚି ଯେ ମର୍ଦ୍ଦଙ୍କ ଭଲପାଇବା ଦେଖେଇବାର ଢଙ୍ଗ ଅନ୍ୟପ୍ରକାର କ'ଣ ? ମୋ' କଥା ତୁ ଶୁଣୁନୁ କି ? ଇସ୍ସେ କ'ଣ କୁମୁଦି ? ମୋ କାହାଣୀ ଶୁଣି ତୁ କାନ୍ଦୁରୁ କାହିଁକି ?''

କୁମୁଦ କାନ୍ଦୁଥିଲା । କାନ୍ଦ ବନ୍ଦ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ଲୁହ ଝରଣା ପରି ଝର ଝର ହୋଇ ବହି ଯାଉଥିଲା । ତା'ପର ସପ୍ତାହରେ ସେ ଘରକୁ ଫେରି ଆସିଥିଲା ।

ଘରେ ପାଦ ଥୋଇବା ମାତ୍ରେ ରାମଣ୍ଡା ମୋହନକୁ କୋଳରେ ଧରି ଝୁଲିବାକୁ ଆରମ୍ଭ କରିଦେଲା । ତାହା ଦେଖି କୁମୁଦର ରୋମ ମୂଳ ଟାଙ୍କୁରି ଉଠିଲା ।

କୁମୁଦ ହଠାତ ଘଡିକି ଚାହିଁଲା, ''ଆରେ ! ସେମାନେ ଡାକିବାକୁ ଆସିବା ସମୟ ହୋଇଗଲା । କିଏ ଜାଣେ ଗଲାବେଳେ ରାମଣ୍ଡା କାଳେ କହିଦବ, ''ମୋହନ ! ତୁ ବି ଚାଲ୍ । ଏ ପୁଅ ତ ଏ ପର୍ଯ୍ୟନ୍ତ ଆସିଲାନି । ତା ' ଲୁଗାପଟା ବାହାରକରି ରଖି ଥାଏଁ ।'' କହି କୁମୁଦ ସେଇ କାମରେ ଲାଗିଗଲା ।

12

ରାମଣ୍ଡା ଝର୍କାବାଟେ ଚାହିଁଥିଲା ବେଳେ ଦିନ ବୁଡିଗଲା । ଆସନ୍ନ ରାତ୍ରିର ଛାୟାପରି ଧୀରେ ଧୀରେ ଅନ୍ଧାର ମାଡି ଆସୁଥିଲା । ଦିନ ଓ ରାତି ସ୍ୱାମୀ-ସ୍ତ୍ରୀ ବୋଲି କବି-କଳ୍ପନା ରହିଚି । ବାସ୍ତବରେ ଏହା ବୋଧେ ଠିକ୍ ନୁହେଁ । ଦିନ ଓ ରାତିର ସମ୍ବନ୍ଧ ତା'ର ଓ କୁମୁଦର ସମ୍ପର୍କପରି ଏବଂ ମଝିରେ କୁହୁଡି ଘୋଟି ଆସିଚି ବୋଲି କାହିଁକି କୁହାଯିବନି ? ଏହା ଭାବି ରାମଣ୍ଡା ଝର୍କାଦେଇ ବାହାରକୁ ଚାହିଁଲା ଓ ମନେ ମନେ ଭାବିଲା, ମୋହନ ଆସିଗଲେ ଭଲ ହବ । ତା'କୁ ବି ସାଥିରେ ସଭାକୁ ନେଇଯିବା ଉଚିତ୍ ।

ବାହାରେ ମୋହନର ଚିହ୍ନବର୍ଣ୍ଣ ବି ଦିଶୁ ନ ଥିଲା । ସେ ଶୀଘ୍ର ଆସିଯିବ ବୋଲି ଧରିନେଇ ରାମଣ୍ଡା ପୁଣି ଚୌକି ଆଡକୁ ଗଲା । ମୋହନ ଖେଳିସାରି ଆସିବ -- ଏକଥା ଚିନ୍ତାକଲେ ସବୁବେଳେ ଗୋଟିଏ ଚିତ୍ର ତା' ଆଗରେ ଉଦ୍‌ଭାସିତ ହଉଥିଲା । ଚୌକିରେ ବସି ଝର୍କା ଆଡକୁ ଅନେଇବାରୁ ସେଇ ଚିତ୍ର ତା' ଆଗରେ ମୂର୍ତ୍ତିମାନ ହୋଇ ଠିଆ ହେଲା, ଏବଂ ମୁହଁରେ ତା'ର ଏକ ଅନିର୍ବାଚନୀୟ ଆନନ୍ଦର କାନ୍ତି ଉକୁଟି ଉଠିଲା ।

କେତେ ବର୍ଷର ପୁରୁଣା କଥା ! ଏ ଭିତରେ ମୋହନ କେତେ ବଡ ହୋଇଗଲାଣି କିନ୍ତୁ ସେ କଥା ମନରୁ ଜମା ଲିଭୁନି । ସାତ ଆଠ ବର୍ଷର ପୁରୁଣା କଥା । ରାଗରେ କୁମୁଦ ଦ୍ୱିତୀୟ ଥର ତା'କୁ ଛାଡି ଚାଲିଯାଇଥିଲା । ସେଇ କେତେ ଦିନ ଇସ୍ସେ କେମିତି କାଟିଥିଲା କେଜାଣି ! ହଠାତ୍ ଦିନେ ସକାଳେ କୁମୁଦ ଫେରି ଆସିଲା । କେମିତି ତା'ର ସ୍ୱାଗତ କରିବ । ଏଇ ଦ୍ୱନ୍ଦ୍ୱରେ ପଡିଥିଲା ବେଳେ ସ୍ତ୍ରୀକୁ ଦେଖି ମୋହନ ମା' କୋଳରୁ ଚାଲି ଆସିବା ଲାଗି ଦି' ହାତ ବଢେଇଲା । ଇସ୍ସେ ତା'କୁ ନବା ପାଇଁ ପାଦେ ଆଗେଇଚି କି ନାହିଁ ସହସା ଅଟକି ଗଲା । ସେଇ ଭିତରେ କୁମୁଦ ଆଗେଇ ଆସି ନଇଁ ପଡି ମୋହନକୁ କୋଳରୁ ଓହ୍ଲେଇ ଦେଲା ଏବଂ ଇସ୍ସେ

ତା'କୁ ଆଖି ପିଚୁଳାକେ ଉଠେଇ ନେଇ ଏତେ ଜୋରରେ ଛାତିରେ ଚାପି ଧରିଲା, ସତେ ଯେପରି ତଳକୁ ଖସିପଡୁଥିବା ନିଜର ହୃଦୟକୁ ଅଟକେଇ ଧରିଚି । ଆଉ ତା'କୁ ଗୋଟେ ପରେ ଗୋଟେ ଚୁମା ଦବାକୁ ଲାଗିଲା, ମୋହନ ବି ଦି'ହାତରେ ରାମଣ୍ଡାର ଗଳାକୁ ଭିଡିଧରିଥିଲା । ତା'ପରେ ଇଯେ୍ଁ ଅତି ଉଲ୍ଲସିତ ହୋଇ କୁମୁଦ ଆଡକୁ ଖାଲି ଅନେଇ ରହିଥିଲା ।

ଓହୋ ! କି ଦୃଶ୍ୟ ସିଏ ! କଥାରେ ତା'ର ବର୍ଣ୍ଣନା ସମ୍ଭବ ନୁହେଁ । କେବଳ ପ୍ରତିଭାବାନ ଚିତ୍ରକାର ହିଁ ତା'କୁ ଆଙ୍କି ପାରିବ । ମୋହନର ମୁହଁରେ ସେ କି ଅପୂର୍ବକାନ୍ତି ! ବୋଧେ ତା'କୁଇ ଆନନ୍ଦ ବା ରସ କୁହାଯାଉଥିବ । କାରଣ ସେଇ ଆନନ୍ଦଭରା ମୁହଁକୁ ଦେଖିଲେ ହୃଦୟ ଆନନ୍ଦରେ ପୂରିଯାଉଥିଲା । ମନେ ହଉଥିଲା, ସତେ ଅବା ମୋହନର ମୁହଁରୁ ଆନନ୍ଦର କିରଣ ରାଶି ବିଚ୍ଛୁରିତ ହୋଇ ସାରା ଘରକୁ ଆନନ୍ଦମୟ କରିଦେଇଚି ।

ହେଲେ କୁମୁଦର ମୁହଁ ? କୁମୁଦକୁ ଦେଖି ରାମଣ୍ଡା ମନରେ ଯୋଉଦିନ ଅନ୍ୟପ୍ରକାର ଭାବନା ଅଙ୍କୁରିତ ହୋଇ ଥିଲା ସେଦିନ ତା' ମୁହଁ ବି ଠିକ୍ ଏମିତି ଦିଶୁଥିଲା । ତା' ଆଗରୁ କୁମୁଦକୁ ସେ ଯେତେଥର ଦେଖିଚି ସବୁଥର ସେ ଜଣେ ହୃଦୟ ମୋହିନୀ ନାରୀ ରୂପେ ପ୍ରତିଭାତ ହୋଇଥିଲା । ରାମଣ୍ଡା ଧରିନେଇଥିଲା ଯେ ସେ ଭୋକ୍ତା ଆଉ କୁମୁଦ ଭୋଗ୍ୟା । କିନ୍ତୁ ସେଥର କୁମୁଦକୁ ଦେଖି ଏ ପ୍ରକାର ଚିନ୍ତା ତା'ମନରେ ଜାତ ହେଲାନି । କେବଳ ଏତିକି ନୁହେଁ, ସାଧାରଣ ନାରୀ ପରି ବି ସେ ମନେ ହେଲାନି । ମୁହଁରେ ତା'ର ଲାଗିରହିଥିଲା ପୂର୍ଣ୍ଣ ତୃପ୍ତିର ଉଜ୍ଜ୍ୱଳ କାନ୍ତି । ଅନ୍ୟର ଆନନ୍ଦରେ ଆନନ୍ଦିତ ବ୍ୟକ୍ତିର ମୁହଁରେ ଯେପରି ଏକ ସାତ୍ତ୍ୱିକ କାନ୍ତି ଫୁଟି ଉଠେ, ସେ କାନ୍ତି ସେମିତି ଲାଗୁଥିଲା । ଅନ୍ୟମାନଙ୍କ ସୁଖଲାଗି ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତିର ମୁଖମଣ୍ଡଳର କାନ୍ତିସହ ତାହା ତୁଳନୀୟ ।

ସେଦିନ କୁମୁଦ ମାତୃତ୍ୱର ପୂର୍ଣ୍ଣାଙ୍ଗ ମୂର୍ତ୍ତିପରି ଦେଖାଯାଉଥିଲା । ତା'କୁ ଦେଖିବା ପରେ ରାମଣ୍ଡା ନିଜକୁ ନିଜେ ଏକ ଅଜ୍ଞାନ ବାଳକ ବୋଲି ଅନୁଭବ କଲା । ଆଶ୍ଚର୍ଯ୍ୟର କଥା ହଉଚି ଯେ କୁମୁଦ ତା' ସାଥିରେ ଯେପରି ଭାବେ କଥାବାର୍ତ୍ତା କଲା ସେଥିରୁ ମନେ ହବ ଯେମିତି ଆଗରୁ ସେମାନଙ୍କ ଭିତରେ କେବେ ମନୋମାଳିନ୍ୟ ହୋଇନି ।

ସେ ହସି କହିଲା, "ଜଣେ ଛୋଟ ପିଲା, ଆଉ ଜଣେ ବଡପିଲା ।"
"କ'ଣ କହୁଚ ?" ରାମଣ୍ଡା ପ୍ରଶ୍ନ କଲା ।
"ତମ ଦି' ଜଣକୁ ଦେଖିଲେ କିଏ ବଡ କିଏ ଛୋଟ ଏକଥା କହିବା କଷ୍ଟକର ।"

ମୋହନ ସବୁକଥା ବୁଝିଲା ପରି ତା'ଆଡକୁ ଡିମା ଡିମା ଆଖିରେ ଚାହିଁଲା । ମୋହନର ସେଇ ଚାହାଣି ଦେଖି ରାମଣ୍ଡାର ମନେ ହେଲା ଯେମିତି କେହି ତା'ଛାତିକି ଗୁଳିବିଦ୍ଧ କରିଦେଇଚି । ମାତ୍ର କମ୍ପାନିର ନାଟକ ପରି ସେ ଦୃଶ୍ୟ ମୁହୂର୍ତ୍ତକ ଭିତରେ ବଦଳି ଯାଇଥିଲା ।

ନିରାଶାର ହସ ହସି ରାମଣ୍ଡା ଗୋଟେ ଦୀର୍ଘ ନିଶ୍ୱାସ ଛାଡିଲା । ତା'କୁ ବି କମ୍ପାନିର ଏକ ନାଟକ କୁହାଯିବା

ଉଚିତ୍ । କାରଣ ସେ ପ୍ରକାର ପରିସ୍ଥିତିରେ ତା'ର ଓ କୁମୁଦ ମଝିରେ ସବୁବେଳେ ଏକ କୃତ୍ରିମ ବାତାବରଣ ସୃଷ୍ଟି ହୋଇଯାଇଥିଲା ।

ମୋହନର ନେତ୍ର ଯୁଗଳ ରାମଣ୍ଡାକୁ ସବୁ ବେଳେ ବିସ୍ମିତ କରୁଥିଲା ଏବଂ ତା'କୁ ଦେଖି ସେ ମଧ୍ୟ ଅଧୈର୍ଯ୍ୟ ହୋଇ ଯାଉଥିଲା ।

ସେ ଆଖି ମୋହନର ନୁହେଁ, ସରଳାର । ଏ ବିଷୟରେ ରାମଣ୍ଡାର ତିଳେ ମାତ୍ର ସନ୍ଦେହ ନ ଥିଲା । ମୋହନ ହସିଲେ କ୍ଷଣକ ପାଇଁ ରାମଣ୍ଡା ଭ୍ରମରେ ପଡିଯାଉଥିଲା, ଏହା ସରଳାର ହସ ନୁହେଁ ତ ? ବେଳେବେଳେ ସେ ଚମକି ଉଠୁଥିଲା ମଧ୍ୟ ।

ମୋହନର ଆଖି ସରଳାପରି ହେଲା କେମିତି ? ସେ ତ ତା'ର ଓ କୁମୁଦର ପୁଅ ।
କିମ୍ବା ମୋହନର ଆଖି ସରଳାପରି ବୋଲି ତା' ମନରେ ଗୋଟେ ଭ୍ରମ ରହିଯାଇଚି !

ଅଥବା ସରଳା ସେଇ ଆଖି ଭିତରେ ଆଜି ବି ଜୀବିତ ! ତା'ର ଏକ ମାତ୍ର ଦୁଃଖ ଥିଲା ଯେ ସେ ମା' ହୋଇ ପାରିଲାନି । ସେ ସବୁବେଳେ ଚାହୁଁଥିଲା, ଘରେ ଛୁଆପିଲା ହୁଅନ୍ତୁ । ରାମଣ୍ଡା ବେଳେ ବେଳେ ଥଟ୍ଟା ରେ କହୁଥିଲା, "ବଜାରରୁ କିଣି ଆଣିବା । ଆଜି କାଲି ଯୁଗରେ ପଇସା ଦେଲେ କ'ଣ ମିଳୁନି ?"

ସରଳା ଉତ୍ତର ଦେଇଥିଲା, "ବଜାରରେ ବହୁତ୍ ପ୍ରକାର ତରକାରି ମିଳୁଚି ବୋଲି କେହି ନିଜ ଘରେ ତରକାରି ରାନ୍ଧିବା ବନ୍ଦକରିଦଉଚି କି ?"

"ଏମିତି କଲେ ଅକାରଣେ କଷ୍ଟ ବରଣ କରିବା କଥା ।"
"ହଁ, ତା'ର କାରଣ ହଉଚି ଯେ ଏଥିରେ ସୁଆଦ ବେଶୀ ।"

"ଛାଡ ସେ କଥା । ଆଚ୍ଛା ସରଳା ! ମୋ' କହିବାର ଉଦ୍ଦେଶ୍ୟ ହଉଚି ଯେ ତମେ ଯଦି ନିହାତି ଚାହୁଁଚ, ତେବେ ପୋଷ୍ୟପୁତ୍ର ଗ୍ରହଣ କରାଯାଇପାରେ ।"

"ମୁଁ କହୁଥିଲି ଯେ ଘରେ ଛୁଆପିଲା ଥିଲେ . . . ."
"ଦେଖ, ମୁଁ ମନା କରୁନି କି ତମେ ମନା କରୁନ । ହେଲେ . . ."

"ବାସ, ଆଉ କିଛି କହିବା ଦରକାର ନାଇଁ, ତମେ ମତେ ପିଲା ଭାବିଚ ନା କ'ଣ ? ମୋର ପିଲା ହେଲେ ତମେ ସୁଖୀ ହବନି ବୋଲି ମୁଁ ଜାଣିଚି ।"

"ତମେ ଥିଲେ ମତେ ସବୁ ସୁଖ ମିଳିବ । ଯାହାଠୁ ବେଶି ସୁଖ ମୋ'ର ଦରକାର ନାଇଁ ମୋ'କଥା ଟିକେ ଭଲ ଶୁଣ ।"

"ହଉ ଆଜ୍ଞା କର ।"

"ଆଉ ଥରେ ବାନ୍ଧା ହୁଅ ।"

"କ'ଣ କହିଲ ?"

"ମୁଁ ଥାଉଁ ଥାଉଁ ତମେ ବାନ୍ଧା ହୋଇଗଲେ ଏଘରେ ଛୁଆ ପିଲା ଦେଖି ମରନ୍ତି ।"

"ମାନେ ? ଏଇପ୍ରକାର ଝିଅଟିଏ ବାନ୍ଧାହେଲେ ଯେ ପିଲା ହବ, ଏ ଗେରେଣ୍ଟି ଦବ କିଏ ? ଆଉଥରେ ଧୋକା ଖାଇବାରେ ଲାଭ କ'ଣ ? ତେଣୁ ଛୁଆ ଥିବା ସ୍ତ୍ରୀଟିଏ ନେଇ ଆସିଲେ ?"

"ଥାଉ । ଏବେ ଚୁପ୍‌କର । ମନକୁ ଯାହା ଆସୁଚି, କହିଯାଅନି ।"

ଦୁଃଖରେ ଭାଙ୍ଗିପଡି ରାମଣ୍ଡା ନିଜକୁ ନିଜେ କହିଲା, "ଯାହା ମନକୁ ଆସିଲା, କହିଯାଇଥିଲି ପରା ! ସେଇକଥା ମୋ'ପାଇଁ ଅଭିଶାପ ହୋଇଗଲା । ଗର୍ଭରେ ପିଲା ରହିବାପରେ ଯାଇ ମୁଁ କୁମୁଦକୁ ବାନ୍ଧାହେଲି । ସେ ପିଲା ଯେ ମୋ'ର, ଏହା ସତ । କିନ୍ତୁ . ."

ଏହା ଭାବି ରାମଣ୍ଡା ଚମକି ଉଠିଲା । ସରଳା ନିଜ ଆଖିରେ ଦେଖିବାକୁ ଚାହିଁଥିଲା ।, ଏଇ ଜିଦ୍‌ରେ ସେ ମୋହନ ଆଖିରେ ବସି ରହିନି ତ ? ସ୍ୱାର ମୂର୍ଖତା ଦେଖି ସେ ହସୁଚି କି ? କିମ୍ବା ---- ?

ରାମଣ୍ଡା ମନରେ ଆଉ ଏକ ସନ୍ଦେହ ସୃଷ୍ଟି ହେଲା ---- ସେ ଯେତେବେଳେ କୁମୁଦକୁ ପସନ୍ଦ କଲା, ସେତେବେଳେ ସେ କ'ଣ ସରଳାକୁ ଭଲ ପାଉଥିଲା ?

ମହାଭାରତରେ ବି ଅଛି ଯେ ବ୍ୟାସ ନିଜର ଆଖି ବନ୍ଦ କରି ଦେଇଥିଲେ । ଏଣୁ ଧୃତରାଷ୍ଟ୍ରଙ୍କ ମା' ଅନ୍ଧ ପିଲାଟିଏ ଜନ୍ମକଲେ । ପ୍ରେମିକ ହୃଦୟରେ ଥିବା ଭାବନାର ପ୍ରଭାବ ପ୍ରେମିକା ପାଖରେ ପହଞ୍ଚୁ ନ ଥିଲେ ଏମିତି ଘଟଣା ଘଟନ୍ତା କି ? କୁମୁଦ ସହିତ ରତି କଲା ସମୟରେ ସେ କ'ଣ ସରଳାର ରୂପକୁ ଚିନ୍ତା କରିଥିଲା ?

ଛିଃ ! ଇଏ କି ଚିନ୍ତା ? ନିଜକୁ ସମ୍ପୂର୍ଣ୍ଣ ଭାବେ ଭୁଲି, ତାଦାତ୍ମ୍ୟ ହୋଇ ରତି କ୍ରୀଡାରେ ମଗ୍ନ ରହିଥିବା ବେଳେ ହୃଦୟରେ ଅନ୍ୟ ଏକ ଚିନ୍ତା ଉଠିବା କ'ଣ ସମ୍ଭବ ? ଏ କଥା ଯଦି ସତ, ତେବେ ଚଷା ମଞ୍ଜି ବୁଣିଲା ବେଳେ ବହୁତ୍ ଫସଲ ହଉ ବୋଲି ମନରେ ଚିନ୍ତା କଲେ ମନମୁତାବକ ଫସଲ ପାଇବକି ?

ଉହୁଁ । ଏହା ଅସମ୍ଭବ ଓ ପ୍ରକୃତି ବିରୁଦ୍ଧ । କୌଣସି ବାହ୍ୟର ପ୍ରଭାବରେ ନୁହେଁ, ମଞ୍ଜିର ଦୋଷଗୁଣ ଅନୁସାରେ ଫସଲ ଫଳିବ । ମୋହନ ତ ଏକଲା ତା' ପୁଅ ନୁହେଁ । ତା'ର ଓ କୁମୁଦର । ନା କେବଳ ତା'ର ? ମଞ୍ଜିନେଇ ଫସଲ ଫଳେ ସତ ; ହେଲେ ଚତୁର୍ପାର୍ଶ୍ୱରେ ପାଣି, ପବନ ଓ ମାଟି ଏ ସବୁର ବି ତ ପ୍ରଭାବ ରହିଚି । ସେ ସବୁର ଦୋଷଗୁଣ କ'ଣ ଫସଲକୁ ପ୍ରଭାବିତ କରେନି ? ଦୋଷଗୁଣ ମଞ୍ଜି ଭିତରେ ଥାଏ । ତା'ଉପରେ ବାହ୍ୟ କାରଣର ପ୍ରଭାବ ପଡେ । ସ୍ତ୍ରୀ ହଉଚି ପାଣି ପବନ ଓ ମାଟିପରି । ଜନ୍ମ, ଜାତି, ଗୁଣ ଓ ଶରୀର ରଚନା ଏସବୁ ପୁରୁଷ ଉପରେ . . . . ମଞ୍ଜି ଉପରେ . . . . ।

ରାମଣ୍ଟା ଝଟ୍‌କିନା ଚୌକିରୁ ଉଠିପଡିଲା । ଇଏ୍ବ କ'ଣ ? ଆଉ ଏକ କାର୍ଯ୍ୟର ପ୍ରତୀକ୍ଷାରେ ରହିଥିଲା ବେଳେ ମୁଁ ଏ କଥା ଭାବୁଚି କାହିଁକି ? ଏହା ଚିନ୍ତା କରି ସେ ହାତଘଡି ଦେଖିଲା । ଆହୁରି କୋଡିଏ ମିନିଟ୍ ବାକି । ମୋହନ ଆସିଲା କି ନାହିଁ ଦେଖିବା ଲାଗି ସେ ଝର୍କା ପାଖକୁ ଗଲା ।

"ଓଃ !" କହି ସେ ହସି ଉଠିଲା । ମୋହନ ବିଷୟରେ ଭାବୁ ଭାବୁ ନିଜକୁ ସର୍ବଜ୍ଞବୋଲି ମନେ କରୁଥିବା ତରୁଣ ସାହିତ୍ୟକାରଙ୍କପରି ସେ ଏଣୁ ତେଣୁ କ'ଣ ଗୁଡେ ଚିନ୍ତାକରି ଭୁଲ ରାସ୍ତାରେ ମାଡି ଚାଲିଥିଲା । ପରକ୍ଷଣରେ ସେ ଭାବିଲା, ନା, ସେ ରାସ୍ତା ଭୁଲ୍ ନୁହେଁ । ତା'ର ଯୁକ୍ତି ସବୁ ଭୁଲ ରାସ୍ତାରେ ଗଲେ ବି ତା'ର ଅନୁଭୂତି ତ ପ୍ରତ୍ୟକ୍ଷ ଓ ସତ । ଠିଆ ହୋଇ ଥିବା ସ୍ଥାନରେ ହିଁ ବୁଲିପଡି ସେ କାନ୍ଥରେ ଟଙ୍ଗାହୋଇଥିବା ଛବି ଆଡକୁ ଚାହିଁଲା ।

ଭାବିଲା, କିଛି ଫରକ୍ ନାହିଁ । ତା'ପରେ ପାଖକୁ ଯାଇ ଧ୍ୟାନ ସହକାରେ ଦେଖି କହିଲା, "ସେଇ ଆଖି ।" କୁମୁଦ ଥରେ ଏଇ କଥା ତ କହିଥିଲା ?

ହଁ । କିନ୍ତୁ କେତେବେଳେ ? ମନେ ପଡିଲା, ସେଦିନ ଯେତେବେଳେ ସେ ପିଉସୀଘରୁ ଫେରିଆସିଲା ଇଏ୍ବ ମୋହନକୁ କୋଳିକୁ ନେଇ ଗେଲ କଲା । ତା'ପରେ କୁମୁଦ, ତା'କୁ ଓ ମୋହନକୁ ଗୋଟେ କଥା କହିଥିଲା । ସେତେବେଳେ ମୋହନ ଡିମା ଡିମା ଆଖିରେ ଥରେ କୁମଦକୁ ଓ ଥରେ ତା'କୁ ଅନଉଥିଲା । ତା'ପରେ . . .

ଏକ ବୈରାଗ୍ୟଭରା ନିଶ୍ୱାସ ନେଇ ରାମଣ୍ଟା ଚୌକିରେ ବସି ପଡିଲା ଓ କ୍ଷଣକପାଇଁ ତା'କୁ ଜୀବନଟା ଭାରି ସୁଖମୟ ବୋଧ ହେଲା ।

ହଁ । ତା'ପରେ କୁମୁଦ କହିଥିଲା, "ଆମ ପୁଅର ଆଖି କାହାପରି କହିଲ ?"

ସେ ପ୍ରଶ୍ନ ଶୁଣି ଇଏ୍ବ ଚମକିପଡି "କାହାପରି ?" କହି ମୋହନ ଆଡକୁ ଅନେଇଥିଲା । ସେତେବେଳକୁ ମୋହନର ଆଖି କାହାପରି, ତା'ର ଆଭାସ ରାମଣ୍ଟା ପାଇ ସାରିଥିଲା । ମାତ୍ର ସେଠି ଏକଥା କହିଦେଇଥିଲେ ତା'ର ଏ ନୂଆ ଦାମ୍ପତ୍ୟ ଜୀବନ ଶୁଙ୍କ ହୋଇଯାଇଥା'ନ୍ତା କି ? ତେଣୁ କିଛି ନ ଜାଣିଲା ପରି ସେ ପଚାରିଲା, "କାହାପରି ?"

"ମୁଁ ପଚାରିଲି, ମୋହନର ଆଖି କାହାପରି ହୋଇଚି ? ଏତେ ଚଞ୍ଚଳ ଭୁଲିଗଲ ?"

ଓ ! ତା'ହେଲେ ମୋହନର ଆଖି କାହାପରି ସେକଥା କୁମୁଦ ବି ଜାଣିଚି ! ମୁଁ ସରଳାକୁ ଭୁଲିଗଲିଣି ବୋଲି କୁମଦ ମତେ ସ୍ମରଣ କରେଇ ଦଉଚି ।

ତା'ପରେ ରାମଣ୍ଟା କହିଲା, "କାହାପରି ମାନେ କ'ଣ ? ତମରି ଆଖି ପରି ତ !"

ଅସଙ୍କୋଚିରେ କୁମୁଦ ମଥା ହଲେଇ ହସି କହିଲା, "ଉଁ–ହୁଁ–ହୁଁ"।
"ତା' ମାନେ ତମେ କହୁଚ ମୋହନ ଆଖି ମୋ' ଆଖିପରି ?"

ଏ ପ୍ରଶ୍ନ ଶୁଣି କୁମୁଦ ଦୀର୍ଘଶ୍ୱାସଟିଏ ନେଇ ଚୁପ୍ ହୋଇଗଲା । କୁମୁଦ ମୁହଁରୁ ଏହାର ଉତ୍ତର ଶୁଣିବାକୁ ଇଚ୍ଛାଥିଲେ ହେଁ ସେ କିଛି ନ କହିବାରୁ ରାମଣ୍ଡା ନିରାଶ ବୋଧ କଲା । ତା'ସତ୍ତ୍ୱେ ତା'ର ଆଶା ଥିଲା, କୁମୁଦ କିଛି ସମୟପରେ କହିବ । ହେଲେ କୁମୁଦର ଦୃଷ୍ଟି କୋଉଠି ଦୂରରେ ଲାଗି ରହିଥିଲା ପରି ମନେ ହେଲା । ତା' ମୁହଁରେ ବି ନିରାଶାର ଚିହ୍ନ ସ୍ପଷ୍ଟ ଫୁଟି ଉଠୁଥିଲା ।

ସେ ଏତେ ଜୋର୍‌ରେ ନିଶ୍ୱାସ ମାରିଲା ଯେ ରାମଣ୍ଡାକୁ ଲାଗିଲା, ସେ କହୁଚି ଯାହା ହବାର ଅଛି, ହୋଇ ଯାଉ । ସେ ରାମଣ୍ଡା ଆଡକୁ ଚାହିଁଥିଲା ମଧ୍ୟ । ତେଣୁ ରାମଣ୍ଡା ଆଶା କରୁଥିଲା ଯେ ସେ କିଛି ସମୟପରେ କହିବ । ଇତିମଧ୍ୟରେ ମୋହନ ତା'ଆଡକୁ ଧାଇଁଗଲା ଓ ତା'କୁ କୋଳେଇ ନେଇ ସେ ଭିତରକୁ ଚାଲିଗଲା ।

ସେତେବେଳେ ରାମଣ୍ଡା ଯଦି ମୁହଁ ଖୋଲି ଯଦି ସତ କଥା କହିଦେଇ ଥାନ୍ତା ! ----- ଏ ପ୍ରଶ୍ନ ରାମଣ୍ଡା ମନରେ ଅନେକ ଥର ଉଠିଥିଲା । ସେ ଯଦି ଏତିକି କହିଥାନ୍ତା -----ହଁ, ତମେ ଯାହା କହୁଚ ସତ । ଆମ ପୁଅର ଆଖି ସରଳା ଆଖିପରି ହୋଇଚି । ତେବେ କ'ଣ କୁମୁଦ ଖୁସି ହୋଇଥା'ନ୍ତା ? କିନ୍ତୁ ମଣିଷର ସ୍ୱଭାବ ବିଚିତ୍ର । ସେଦିନ ସେ ନିଜେ, କୁମୁଦ ଓ ମୋହନ ଏକ ଅଲୌକିକ ସୁଖ ଅନୁଭବ କରିଥିଲେ । ତେଣୁ ରାମଣ୍ଡା ସ୍ଥିର କଲା, ଯଥା ସମ୍ଭବ ତଟସ୍ଥ ହୋଇ ରହିବା ଉଚିତ୍ । ମାତ୍ର ଯୋଉଥିପାଇଁ ସେ ଏମିତି କଲା, ତା'ର ଫଳ ଫଳିଲା ଓଲଟା । ତା'ର ଭୟ ଥିଲା ଯେ ସରଳାକୁ ମନେ ପକେଇଲେ ଏବଂ ପୁଅର ଆଖି ସରଳା ପରି ହୋଇଚି କହିଲେ କୁମୁଦ ସରଳା ପ୍ରତି ଅସନ୍ତୁଷ୍ଟ ହୋଇଉଠିବ । କୁମୁଦକୁ ଅସନ୍ତୁଷ୍ଟ ନ କରିବା ଉଦ୍ଦେଶ୍ୟ ରେ ସେ ଏପରି କରିଥିଲା । ହେଲେ ସେଇ ସଦୁଦ୍ଦେଶ୍ୟର ପରିଣାମ କେତେ ଖରାପ ନ ହେଲା ! ବୋଧେ ଏଇ କାରଣରୁ ଲୋକେ ଦୈବରେ ବିଶ୍ୱାସ କରୁଛନ୍ତି । ଦୈବିକ ଶକ୍ତି ଅଛି ବୋଲି ଲୋକେ ଯଦି ପ୍ରକୃତରେ ବିଶ୍ୱାସ କରୁଥା'ନ୍ତି, ତେବେ ସେମାନଙ୍କପରି କ୍ଷୁଦ୍ର ଓ ଅନୁକମ୍ପନୀୟ ପ୍ରାଣୀ ଆଉ କେହି ନାହିଁ । କିଏ ଜାଣେ ? ତା'ର ଦୈବ ଗତି କ'ଣ ଓଲଟିଗଲା ?

ଅଥବା . . . . . ? ଏ ସମ୍ପର୍କରେ ରାମଣ୍ଡା ଆଉ ଗୋଟେ କଥା ଚିନ୍ତା କରୁଥିଲା । ଦୈବ ବୋଲି କିଛି ଗୋଟେ ନାହିଁ । ଯେତେବେଳେ ମଣିଷ ନିଜର କର୍ତ୍ତବ୍ୟ କ'ଣ, ଠିକ୍ କରି ନ ପାରେ କିମ୍ବା ଯେତେବେଳେ ନିଜର କର୍ତ୍ତବ୍ୟ ଠିକ୍ କରିବାକୁ ପ୍ରୟାସ କରେ, ସେତେବେଳେ ସେ ଦୈବ ବୋଲି କହେ । ଅର୍ଥାତ୍, ଦୈବ ବୋଲି କହିବାର ମାନେ ହଉଚି ଆପଣା ଦୋଷ ସ୍ୱୀକାର କରିବା ।

ସତ କଥା । ରାମଣ୍ଡା ଏବେ ନିଜର ଦୋଷ ସ୍ୱୀକାର କରିବାକୁ ପ୍ରସ୍ତୁତ କିନ୍ତୁ ସେ ଦିନ ଯାହା ଘଟିଗଲା, ତାହା ଦୈବର ଭୁଲ୍ ନୁହେଁ; ଆପଣା ଦୋଷର ସମୁଚିତ ପ୍ରାୟଶ୍ଚିତ । କୁମୁଦର 'ପୁଅର ଆଖି କାହା ପରି ?' ପଚାରିବା ଢଙ୍ଗରୁ ଏବଂ ତା' ମୁହଁରେ ଲାଗି ରହିଥିବା ମୃଦୁ ହାସ୍ୟରୁ ସ୍ପଷ୍ଟ ହୋଇଯାଇଥିଲା ଯେ ଏ ପ୍ରଶ୍ନର ଉତ୍ତର ଦି ' ଜଣଙ୍କୁ ଜଣା । ତା'ର ଓ କୁମୁଦର ପରିଚିତ ଏବଂ ମୋହନ ପରି ଆଖିଥିବା ବ୍ୟକ୍ତି କେତେ ଜଣ ଅଛନ୍ତି ? 'ଆଖି କାହାପରି ? ' ମାନେ ସରଳାର ଆଖିପରି ବୋଲି କୁମୁଦ ସିଧା ଉତ୍ତର ଚାହୁଁଥିଲା ।

କିନ୍ତୁ ରାମଣ୍ଡା କ'ଣ କଲା ? ସିଧା ଉତ୍ତର ଦବା ପରିବର୍ତ୍ତେ 'ତମପରି' କହି ଭୁଲ୍ ଉତ୍ତରଟାଏ ଦେଇ ଦେଲା । ତା'ପରେ 'ତା'ମାନେ ତମେ କହୁଚ, ମୋହନର ଆଖି ମୋ' ଆଖିପରି ?' କହି ଯାହା ମନକୁ ଆସିଲା ତାହା ଉତ୍ତର ଦେଇଦେଲା । ତା'ର ଏ ବ୍ୟବହାରରୁ କୁମୁଦ ବୁଝିଲା ଯେ ଯୋଉ ଉତ୍ସାହରେ ସେ ପ୍ରଶ୍ନ କରିଥିଲା, ରାମଣ୍ଡା ପାଖରେ ତା'ର କିଛି ମହତ୍ତ୍ୱ ନାହିଁ ।

କାହିଁକି ସେ ଉତ୍ତର ଦେଇଥା'ନ୍ତା ? କେବଳ କୁମୁଦ ତା'କୁ ଭଲ ପାଇବ ବୋଲି ? ଏଇ କାରଣରୁ ସ୍ୱାମୀ ସହିତ ପାରିବାରିକ ଜୀବନର ପରିକଳ୍ପନାରେ ହଜିଯାଇ ଦୁର୍ବାସାଙ୍କୁ ଭୁଲିଯିବା ହେତୁ ଶକୁନ୍ତଳା ଯେପରି ଦଣ୍ଡ ପାଇଥିଲା ସେମିତି ସେ ମଧ୍ୟ ଭୋଗ କଲା ।

ବାସ୍ତବିକ୍ ଏହା ଏକ ମହତ୍ତ୍ୱପୂର୍ଣ୍ଣ ବିଚାର । କେବଳ ସ୍ୱାର୍ଥସିଦ୍ଧିପାଇଁ ଓ ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ନିଜର କର୍ତ୍ତବ୍ୟ ପାଳନ କରୁ ନ ଥିବା ଲୋକ କେବେ ପ୍ରାୟଶ୍ଚିତ କବଳରୁ ବଂଚିପାରିବନି ।

ରାମଣ୍ଡା ଟିକେ ହସିଲା 'ବାସ୍ତବିକ୍, ଏହା ଏକ ମହତ୍ତ୍ୱପୂର୍ଣ୍ଣ ବିଚାର' କହି ସେ ନିଜେ ନିଜକୁ ବ୍ୟଙ୍ଗ କଲା । ମହତ୍ତ୍ୱପୂର୍ଣ୍ଣ ବିଚାର ? ତେବେ କ'ଣ ଏସବୁ କଥା ସାର୍ବଜନୀନ ସଭାରେ କହିବାଲାଗି ସେ ପ୍ରସ୍ତୁତ ? ଲୋକେ କହନ୍ତୁ କି ନ କହନ୍ତୁ ସେ ନିଜେ ପ୍ରସ୍ତୁତ ତ ?

'ହୁଁ' କହି ରାମଣ୍ଡା ଆପଣା ଧୋତିକି କୁଣ୍ଡେଇଲା । କହିବାର ହେଲେ ସାହସର ସହ ସ୍ପଷ୍ଟ ଭାବରେ କହିବା ଉଚିତ୍ । ଲୋକ ଶୁଣିବାକୁ ରାଜି ନ ହେଲେ ଏପରି ମନୋରଞ୍ଜକ ଢଙ୍ଗରେ ପ୍ରକାଶ କରିବା ଉଚିତ୍ ଯେମିତି ସେମାନେ ଆଗ୍ରହୀ ହୋଇ ଶୁଣିବେ । ସେ ତ ସାହିତ୍ୟିକ, ଇଚ୍ଛା କଲେ ସେ ଲୋକଙ୍କୁ ଶ୍ୱାନ--ମୈଥୁନ କାହାଣୀ ବି ଶୁଣେଇପାରେ । କିନ୍ତୁ ତା'ରି ଜୀବନରେ ପରସ୍ପରକୁ ଭଲପାଉଥିବା ଦୁଇଟି ହୃଦୟ ମନୋମାଳିନ୍ୟ ହେତୁ ଶୁଖି ମରୁଚନ୍ତି ବୋଲି ସେ କହିବନି କାହିଁକି ?

ସେ ଠିକ୍ କଲା କହିବ, ନିଶ୍ଚୟ କହିବ । ଏଇଠି ତା' ସାହିତ୍ୟିକ ଜୀବନର ଗୋଟେ ଯୁଗ ଶେଷ ହୋଇଗଲା । ଆଜିଠୁ ତା'କୁ ସାର୍ବଜନୀନ ସ୍ୱୀକୃତି ମିଳିଯିବ । ଏହାପରେ ସେ ନିଜର ପ୍ରାମାଣିକ ଚିନ୍ତା ସବୁକୁ ମନୋରଞ୍ଜକ ରୂପ ଦେଇ ଲୋକଙ୍କୁ ଶୁଣେଇପାରିବ । ସେଥିରେ କିଛି ବାଧା ନାହିଁ । ଧୋତି କୁଣ୍ଡେଇ କୁଣ୍ଡେଇ ଓ କ'ଣ ବିଡି ବିଡି ହୋଇ ସେ ଝର୍କା ପାଖକୁ ଗଲା ।

ବାହାରକୁ ଅନେଇଲା । ତା'ପରେ ତଳକୁ ଓହ୍ଲେଇବା ଲାଗି ଯୋଉ ପାହାଚ ଅଛି ସେଠିକି ଯାଇ ତଳୁ ଆସୁଥିବା ଆବାଜକୁ ଶୁଣିବାକୁ ଲାଗିଲା । ହାତଘଡିକି ଚାହିଁଲା । ସଭା ଯଦି ଠିକ୍ ସମୟରେ ଆରମ୍ଭ ହୁଏ, ତେବେ ବି ଅଠର ମିନିଟ ବାକି ଅଛି, ଅବଶ୍ୟ ସଭା ଡେରିରେ ଆରମ୍ଭ ହବ । ଭଲ ହେଲା, ମୋହନକୁ ସାଥିରେ ନେଇଯାଇହବ । ଏହା ଭାବି ଆଙ୍ଗୁଳିରେ ଆଙ୍ଗୁଳି ଛନ୍ଦି ମଥା ପଛରେ ହାତ ଥୋଇଲା ଏବଂ ଉପରକୁ ମୁହଁ କରି ଗୋଟେ କ୍ଳାନ୍ତିଭରା ନିଶ୍ୱାସ ଆକାଶକୁ ଫିଙ୍ଗି ବସିପଡିଲା ।

13

କୁମୁଦ ନିଜକୁ ନିଜେ କହିଲା, କ'ଣ ଗୋଟେ ଶବ୍ଦ ହେଲା ନା ? ମୋହନ ଆସିଲା କି ? ଭଲ ହେଲା । ମୁଁ ବି ତା' ଲୁଗାପଟା ସଜାଡି ରଖିଚି । ହେଲେ ତାହା କବାଟର ଶବ୍ଦ ତ ନୁହେଁ । ତା'ପରେ ସେ ଉପରକୁ ଅନେଇଲା ଓ କହିଲା — ଓ ! ବାପ ପୁଅର ଆସିବାକୁ ଅପେକ୍ଷା କଲାପରି ଲାଗୁଚି । ମିନିଟିଏ ପର୍ଯ୍ୟନ୍ତ ସେ ପାହାଚଆଡୁ ଆସୁଥିବା ଶବ୍ଦ ପ୍ରତି ଧ୍ୟାନ ଦେଲା । ଧୀରେ ଧୀରେ ତା' ମୁହଁରେ ମୃଦୁହାସ୍ୟ ମେଲିଗଲା ଓ ଦୂରରେ କିଛି ଦେଖିପାରିଲା ପରି ସେ ଆକାଶକୁ ଚାହିଁ ଛିଡା ହୋଇ ରହିଲା । ତା' ପରେ ସନ୍ତୋଷଭରା ନିଶ୍ୱାସଟିଏ ନେଇ ସେ ଚୌକିଆଡକୁ ଗଲା ଏବଂ ସେଥିରେ ବସି ଅଇନାରେ ନିଜର ପ୍ରତିବିମ୍ବକୁ ଅପଲକ ନୟନରେ ଚାହିଁ ରହିଲା ।

ନିଜର ପ୍ରତିବିମ୍ବକୁ ସେ ପ୍ରଶ୍ନ କଲା, "ତୁ ଏତେ ଖୁସି ହଉଚୁ କାହିଁକି ? ରାମଣ୍ଡା ମୋହନକୁ ଭଲପାଏ ବୋଲି ?" ତା' ପ୍ରତିବିମ୍ବ ହସି ଉଠିଲା ।

"ଏତେ ଖୁସି ହଉଚୁ ?" ପୁଣି ଥରେ ନିଜକୁ ପଚାରିଲା, "କେହି କାହାରିକି ଭଲ ପାଇଲେ ଏତେ ଖୁସି ଲାଗେ କାହିଁକି ?"

ସେ ପାଗିଳୀ ହୋଇଗଲାଣି । ପ୍ରଥମେ ପ୍ରଥମେ କ'ଣ ସବୁ ଭାବୁଥିଲା କେଜାଣି ! ଆଚ୍ଛା, ସେଥର ସେ ମୋହନକୁ ନେଇ ଫେରି ଆସିଲା ପରେ ରାମଣ୍ଡା ମୋହନକୁ ନେଇ ଗେଲ କରିଥିଲା ନା ? ସେତେବେଳେ ସେ କେତେ ଖୁସି ହୋଇ ଉଠିଥିଲା ! ମୋହନ ବଦଳରେ ରାମଣ୍ଡା ତା'କୁ ଗେଲ କରିଚି, ଏଇ ଭ୍ରମରେ ତା' ରୋମ ଟାଙ୍କୁରି ଉଠିଥିଲା ଏବଂ ଦେହରେ ଝାଳ କଣ୍ଢେଇ ଆସିଥିଲା । ରାମଣ୍ଡା ମୁହଁର ପ୍ରଫୁଲ୍ଲତାକୁ ଦେଖି ତା'ର ମନେ ହେଲା ଯେ ତା'ପ୍ରତି ରାମଣ୍ଡାର ଯୋଉ ପ୍ରେମ ରହିଚି ତାକୁ'ଇ ସେ ମୋହନ ଉପରେ ଢାଳି ଦଉଚି । ତା'ପରେ ଭାବିଲା, ସରଳାଅପା ସେଦିନର ସେଇ ଦୃଶ୍ୟ ଦେଖିଥା'ନ୍ତା କି ! ସେ ସବୁ ବେଳେ ଚାହୁଁଥିଲା, ଘରେ ଛୁଆପିଲା ହୁଅନ୍ତୁ । ରାମଣ୍ଡା କୁମୁଦକୁ ବିବାହ କରୁ ଓ ସେମାନଙ୍କର ପିଲା ହଉ । ଏତକ ଦେଖି ସେ ମରିବ । ଏଇକଥା ସେ ବାରବାର କହୁଥିଲା । ଆହା ! ଆଜି ସେ ଯଦି ଜୀବିତ ଥା'ନ୍ତା ! ତା'ର ଓ ରାମଣ୍ଡାର ପୁଅକୁ ଏବଂ ସେଇ ପୁଅ ସାଥିରେ ରାମଣ୍ଡା ପିଲା ହୋଇ ଖେଳୁଥିବାର ଦେଖନ୍ତା ! କୁମୁଦ ନିରୋଳ ବାତ୍ସଲ୍ୟଭରା ଦୃଷ୍ଟିରେ ମୋହନକୁ ଚାହିଁଲା, ତା' ଛାତି ନିସ୍ତଳ ହୋଇ ଗଲା ପରି ଲାଗିଲା । ଅପା ! ନା, ଅପାର ଆଖି ! ନା, ମୋହନର ଆଖି ପୁରାପୁରି ଅପା ଆଖି ପରି । ଏତେ ପର୍ଯ୍ୟନ୍ତ ଏହା ତା' ଦୃଷ୍ଟିରେ ପଡି ନ ଥିଲା କେମିତି ? ଧ୍ୟାନ ସହକାରେ ପୁଅକୁ ଦେଖିଲା । ନା, ଆଦୌ ସନ୍ଦେହ ନାହିଁ । ଏ ଆଖି ନିଶ୍ଚିତ ଭାବେ ସରଳା ଅପାର । ସେ ଆଜିର ଏଇ ଦୃଶ୍ୟ ଦେଖୁଚି । ଧନ୍ୟ ହେଲୁ ତୁ ସରଳାଅପା ---------- ।

ରାମଣ୍ଡା ହର୍ଷୋତ୍‌ଫୁଲ୍ଲ ଦୃଷ୍ଟିରେ ତା ଆଡକୁ ଅନେଇ ରହିଥିଲା, କଣ ଭାବୁଥିଲା କେଜାଣି ମୋହନର ଆଖି କାହାପରି ହୋଇଚି ବୋଲି କେତେ ଉତ୍ସୁକତାରେ କୁମୁଦ ପଚାରିଥିଲା ! ସେ ଯାହା ଲକ୍ଷ୍ୟ କରିଚି, ତାହା ରାମଣ୍ଡା ଦୃଷ୍ଟିରେ ଏଯାଏଁ ପଡିନି ? ସେ ଯୋଉ ସନ୍ତୋଷ ଲାଭ କରିଚି, ରାମଣ୍ଡା ତାହା ଅନୁଭବ କରୁ, ଏବଂ

ଦୁହେଁ ଯାକ ସରଳାଅପାକୁ ମନେପକେଇ ନିଜକୁ ଧନ୍ୟ ମନେ କରନ୍ତୁ, ଏଇ ଜିଦ୍‌ରେ ସେଇ ପ୍ରଶ୍ନକୁ ସେ ଆଉଥରେ ପଚାରିଥିଲା ।

ରାମଣ୍ଡା ବୋଧେ ପ୍ରଶ୍ନ ବୁଝିପାରିଲାନି । ଦ୍ୱିତୀୟଥର ପଚାରିବାରୁ ମୋହନକୁ ଥରେ ଚାହିଁ 'ତମପରି' ବୋଲି କହିଥିଲା । ଛିଃ, ଛିଃ । କି ଅସଙ୍ଗତ କଥା ! ଏତେ ସ୍ପଷ୍ଟଭାବେ ଦିଶୁଥିଲେ ବି ସେ କ'ଣ କିଛି ଦେଖି ପାରିଲାନି ?

ରାମଣ୍ଡାର ଉତ୍ତର ତା'କୁ ନିରାଶ କରିଦେଲା । ତା'ପରେ ସେଠି ଠିଆହେଇ କଥାବାର୍ତ୍ତା କରିବାକୁ ଆଉ ତା'ର ଇଚ୍ଛା ହେଲାନି । ତା' ଆଡକୁ ଆସୁଥିବା ମୋହନକୁ ଧରି ସେ ଅବିଳମ୍ବେ ଭିତରକୁ ଚାଲି ଯାଇଥିଲା ।

ପୁରୁଷମାନେ କେତେ କୃତଘ୍ନ ଏହା ଭାବି ସେ କେତେଦିନ ଯାଏଁ ଖାଲି ଛଟପଟ ହେଲା । ସରଳାଅପାର ଆଖି କେମିତି, ଏ କଥା କ'ଣ ରାମଣ୍ଡା ସଂପୂର୍ଣ୍ଣ ଭାବେ ଭୁଲିଗଲାଣି ? ତେବେ ବର୍ତ୍ତମାନ କୋଉ ଆଶା ନେଇ ସେ ଜୀବନ କାଟିବ । ଯଦି ପୁରୁଷମାନଙ୍କର ସ୍ୱଭାବ ଏମିତି, ତା' ହେଲେ ସେମାନଙ୍କସହ ଗୃହସ୍ଥ ଜୀବନଯାପନ କରୁଥିବା ସ୍ତ୍ରୀ ମାନଙ୍କର ଭାଗ୍ୟ କ'ଣ ହବ ?

ହଁ, ପୁରୁଷମାନଙ୍କ ସ୍ୱଭାବ ହିଁ ଏମିତି । ସେ ତା' ପିଉସୀର ଅନୁଭୂତି ଶୁଣିନି ପରା ? ବିଚାରୀ । ପୁରୁଣା କାଳିଆ ବୁଢ଼ୀ ହେଲେ ହେଁ ଏବେ ସୁଦ୍ଧା ସ୍ୱାମୀ ସହିତ କାଟିଥିବା ଦିନ ଗୁଡ଼ିକର କଥା ଗର୍ବର ସହ କହୁଚି । ଥରେ ସେ କ'ଣ ଗୋଟେ କହିଥିଲା ତ ? ହଁ । ବାହାରେ ସୌରବୃତ୍ତି ଅବଲମ୍ବନ କରିଥିବା ସ୍ୱାମୀକି ପାଖ ମାଡିବାକୁ ସୁଯୋଗ ଦବା କି ଉଚିତ୍ ନୁହେଁ ବୋଲି ସେ କହିବାରୁ ବୁଢ଼ୀ ଉତ୍ତର ଦେଇଥିଲା, "ବୁଝିଲୁ କୁମୁଦି ! ମର୍ଦ୍ଦ ବାହାରେ କ'ଣ ସବୁ କରୁଚି ସେଥିପ୍ରତି ଧ୍ୟାନ ଦେଲେ ମାଇପଙ୍କ ପକ୍ଷରେ ବଂଚିବା ମୁସ୍କିଲ ହେଇଯିବ ।"

ତା'ପରେ କୁମୁଦ ଅଭିମାନରେ ପ୍ରଶ୍ନ କଲା, "ସ୍ତ୍ରୀର ମାନେ କ'ଣ ? ମର୍ଦ୍ଦ ଯଦି ପ୍ରତିଦିନ ଅନ୍ୟ ସହିତ ରାତ୍ରିଯାପନ କରି ଆସେ ତେବେ ସ୍ତ୍ରୀ କି ସେଥିରେ ରାଗ ଲାଗିବ ନି ?"

"ଆଛା, ଆଜି କାଲିର ଝିଅଙ୍କୁ ଏକଥା ଖରାପ ଲାଗୁଚି ?"

ସେ ଜିଦ୍ କରି ପୁଣି ପଚାରିଲା, "ମୁଁ ଯାହା ପଚାରିଲି, ତମେ ତା'ର ଉତ୍ତର ଦଉନ କାହିଁକି ?"

"ଦେଖ୍ କୁମୁଦି ! ଗୋଟେ ହାତରେ ତାଳି ବାଜେନି । ମାନୁଚୁ କି ନାହିଁ ? ମୋର ବି ଦୋଷ ଥିଲା । ମୁଁ ତାଙ୍କ ଉପରେ ରାଗ କରିଥା'ନ୍ତି କିମିତି ?"

"ତମେ କି ଦୋଷ କରିଥିଲ ?"

"ହଁ କରିଥିଲି । ସେଥିରୁ ମତେ ଛାଡ ମିଳି ନ ଥା'ନ୍ତା । ତାଙ୍କ ପରିବାରଟା ବେଶ୍ ବଡ । ଦଶଟି ଦମ୍ପତି ଥିଲେ । ଆମର ଏଗାର । ମର୍ଦ୍ଦ ମାନେ ଘରକୁ ଆସିଲାବେଳକୁ ଆମେ କାମରେ ଲାଗିଥାଉଁ । ସେମାନେ କିଛି

ପଚାରିଲେ ଶାଶୁଙ୍କ କରିଆରେ ଉତ୍ତର ଦବାକୁ ପଡୁଥିଲା । ସୁଖଦୁଃଖ, ହାସପରିହାସ କଥା କିଛି କହିବାର ଥିଲେ ଘରର ସବୁ କାମଦାମ ସାରି ଆମେ ପହଞ୍ଚିଲା ବେଳକୁ ସେମାନେ ଶୋଇ ପଡିଥାନ୍ତି । ପୁଣି ସକାଳେ ସେମାନଙ୍କ ନିଦ ଭାଙ୍ଗିବା ଆଗରୁ ଜମା ଖଡ୍ ଖାଡ୍ ନ କରି ପାଦ ଚିପି ଚିପି କାମ କରିବାକୁ ଚାଲିଯାଉଁ । ତୁଇ କହିଲୁ ତାଙ୍କୁ କ'ଣ ଖରାପ ଲାଗୁ ନ ଥିବ ? ଶୁଣୁରୁ ନା ମଡେ ଆଁ କରି ଚାହିଁବୁ ?''

''ଅପା ! ତମେ ଯଦି ଲେଖା ପଢା କରିଥା'ନ୍ତ -----''

''ତେବେ ସେ ସମୟରେ ମୋ'ର ଜମା ବାହାଘର ହୋଇ ପାରିନ ଥା'ନ୍ତା ।'' କହି ବୁଢୀ ହସି ଉଠିଥିଲା ।

ତା' କଥା କ'ଣ ସତ ? ଘରେ ଠିକ୍ ଭାବେ ସହବାସ ନ ମିଳିଲେ ପୁରୁଷ ବାହାରକୁ ଶିକାର ଖୋଜି ଯାଏ କାହିଁକି ? ଦିନସାରା ଅଫିସ୍‌ରେ ପରିଶ୍ରମ କରି ରାତିରେ କ୍ଳାନ୍ତ ହୋଇ ଫେରିଥିବା ସ୍ୱାମୀର ସହବାସ କେତେଜଣ ସ୍ତ୍ରୀଙ୍କି ମିଳେ ? ସ୍ତ୍ରୀ ବି ସେମିତି କଲେ ସମାଜ କ'ଣ ତା'କୁ ସହ୍ୟ କରିବ ?

ଛାଡ । ସରଳା ଅପାକୁ ଭୁଲିବା ପାଇଁ ରାମଣ୍ଡା ପାଖରେ ଆଉ କୌଣସି ବାହାନା ତ ନ ଥିଲା ?

କିମ୍ବା ?

କୁମୁଦ ଆଗରୁ ଥରେ ଯୋଉ କଥା ଭାବିଥିଲା, ସେଇ ଚିନ୍ତା ପୁଣି ତା' ମନରେ ଉଙ୍କି ମାରିଲା । ରାମଣ୍ଡା ସରଳାଅପାକୁ ଭୁଲି ଯାଇନି । କେବଳ ତା'କୁ ଖୁସି କରିବା ପାଇଁ ସେମିତି କହି ଦେଇଥିବ ।

ଯ୍ୟେ କି କଥା ? ସରଳାଅପାକୁ ମନେ ପକେଇଲେ ସେ ଯେ ଈର୍ଷା କରିବ, ଏ ଚିନ୍ତା ରାମଣ୍ଡା ମନକୁ ଆସିଲା କେମିତି ?

କୁମୁଦ ନିଜ ପ୍ରତିବିମ୍ବକୁ ଅଇନାରେ ଆଉ ଥରେ ଧ୍ୟାନ ସହକାରେ ଦେଖିଲା । ସେଇ ପ୍ରତିବିମ୍ବରେ ଭରିରହିଥିବା କାନ୍ତିକି ଦେଖି କେହି ତା'କୁ କଣ୍ଟା ଫୋଡି ଦେଲାପରି ବୋଧ କଲା ।

ରାମଣ୍ଡା ମନକୁ ଏ ଭାବନା କେମିତି ଆସିଲା ବୋଲି କହୁଚୁ ତ ? କେତେ ନିର୍ବୋଧ ତୁ ? ରାମଣ୍ଡା ତତେ ଭଲ ପାଏନି,ଏବେ ସୁଦ୍ଧା ସରଳାଅପାକୁ ହିଁ ମନେ ପକାଏ --- ଏପରି ଭାବି ତୁ ନିଜେ କେତେଥର ଈର୍ଷା ରେ ମୁହଁ ମୋଡିନୁ ? ତୁ -------

ଅଇନାରେ ପ୍ରତିଫଳିତ ପ୍ରତିବିମ୍ବ ତା' ନିଜର ବୋଲି ବୁଝିବାପରେ କୁମୁଦର ଆବେଗ କମିଆସିଲା । ସେତେବେଳେ ଆଖି ଆଗରୁ ଗୋଟେ ମୋଟା କଳା ପର୍ଦ୍ଦା ଅପସାରିତ ହୋଇଗଲା ପରି ସେ ଅନୁଭବ କଲା । ସେ ଖୁବ୍ ଚିନ୍ତିତ ହୋଇପଡିଲା । ପୁରୁଣା କଥା ସବୁକୁ ଭୁଲି ସେ ନିଜ ଅନ୍ତରକୁ ନିରୀକ୍ଷଣ କରିବାକୁ ଲାଗିଲା । କିଛି ସମୟପରେ ପାଣି କାଢିବାଲାଗି କୂଅ ଭିତରେ ପଡିଥିବା କଳସୀ ଭର୍ତ୍ତି ହୋଇ ଉପରକୁ ଆସିଲା ପରି ତା'ର ଅନ୍ତର୍ମୁଖୀ ଦୃଷ୍ଟି ଲୁହ ଭର୍ତ୍ତି ହୋଇ ବାସ୍ତବ ଦୁନିଆକୁ ଫେରିଆସିଲା ।

ସେତେବେଳକେ ଯାଇ କୁମୁଦ ବୁଝିଲା ଯେ ତା'ର ବୈବାହିକ ଜୀବନ କେବଳ ତା'ର ଓ ରାମଣ୍ଡା ଭିତରେ ସୀମାବଦ୍ଧ ନୁହେଁ । ଏକଥା ଆଗରୁ ସେ କେବେ ଉପଲବ୍ଧି କରି ନ ଥିଲା ।

ସେଦିନ ବୁଢ଼ୀ ପିଉସୀ ଏଇକଥା କହି ନ ଥିଲା କି ? ଘରେ ଅନ୍ୟମାନେ ରହିଥିଲା ସମୟରେ ସହବାସ ଯେ ତୃପ୍ତି ଦାୟକ ହୁଏନି, ଏହା ବୁଢ଼ୀ ବୁଝି ସାରିଥିଲା । ଏଣୁ ସେ କେବେ ସ୍ୱାମୀ ଉପରେ ରାଗ କରୁ ନ ଥିଲା । ଖାଲି ଏତିକି ନୁହେଁ, ଯୋଉତକ ସମୟ ସେ ପାଉଥିଲା ସେଥିରେ ତା' ହୃଦୟର ସବୁ ପ୍ରେମ ବୁଢ଼ୀ ଉପରେ ଅଜାଡି ଦଉଥିଲା । ଏଇ ପ୍ରେମ ଆସ୍ୱାଦନ କରିବାପରେ ମନ ଆଉ କିଛି ଚାହୁଁ ନ ଥିଲା । ବାସ୍ତବିକ୍ ସେଦିନ ବୁଢ଼ୀ ତା'କୁ ଠିକ୍ ରାସ୍ତା ବତେଇ ଥିଲା । କିନ୍ତୁ ସେ ନିଜେ ତ ଅନ୍ଧ ହୋଇ ରହିଲା ।

କୁମୁଦ ଜାଣିଥିଲା ଯେ ତା'ର ଓ ସରଳାର ଅବସ୍ଥା ମଧ୍ୟରେ ପ୍ରଭେଦ ଯଥେଷ୍ଟ । ସରଳା ଅପାର ଅବସ୍ଥା ତା'ଠୁ ଅନେକ ଭଲଥିଲା । ରାମଣ୍ଡା ତାକୁ ବାହା ହେଲା । ସେତେବେଳେ ଘରେ କେବଳ କୁମୁଦ ଓ ସେ ଅଛନ୍ତି ବୋଲି ରାମଣ୍ଡା କ'ଣ ଜାଣି ନ ଥିଲା ?

କେତେ ନିର୍ବୋଧ ସେ !

ଘରେ କୌଣସି ତୃତୀୟ ବ୍ୟକ୍ତି ନ ଥିଲେ ହେଁ ମନ ଭିତରେ ରହିଚି କାହିଁକି ? ସରଳାଅପାର ସ୍ମୃତି ହିଁ ସେଇ ତୃତୀୟ ବ୍ୟକ୍ତି । ହେଲେ ରାମଣ୍ଡା କ'ଣ କଲା ? ତା' ପାଖରେ ସବୁ କଥା ଲୁଚେଇବାକୁ ସେ ଚେଷ୍ଟାକଲା କାହିଁକି । ସରଳା ଅପା କ'ଣ ସେମାନଙ୍କ ବିବାହ ଚାହୁଁ ନ ଥିଲା ? ସେମାନେ ପ୍ରକାଶ୍ୟ ଭାବେ ଯଦି ତା' କଥା ମାନି ନେଇ ଥା'ନ୍ତେ ? ଏହାଛଡା ରାମଣ୍ଡା ବହୁବର୍ଷ ଧରି ସୁଖରେ ଘର କରିସାରିଥିଲା । ତେଣୁ ତା' ହୃଦୟରେ ସରଳାଅପାର ସ୍ମୃତି ଯଦି ସ୍ଥାୟୀ ଭାବେ ରହିଥାଏ, ତେବେ ସେଥିରେ ଆଶ୍ଚର୍ଯ୍ୟ କ'ଣ ?

ରାମଣ୍ଡା ଏବେ ବି ସରଳାଅପାକୁ ଭଲପାଉଚି ବୋଲି ଭାବି ସେ ----।

ସରଳାଅପାର ସ୍ମୃତି ମନେ ପକେଇଲେ ତା'କୁ ଅର୍ଥାତ୍ କୁମୁଦକୁ ଖରାପ ଲାଗିବ ବୋଲି ଭାବି ରାମଣ୍ଡା ----- । ଏପର୍ଯ୍ୟନ୍ତ ଦୁହେଁ ନିଜ ନିଜର ତିକ୍ତ ମଧୁର ଅନୁଭୂତିକି ମାଧ୍ୟମକରି ପରସ୍ପର ନିକଟକୁ ଆସିବାର ପ୍ରୟାସ କରିଆସିଚନ୍ତି ।

ଭୟରେ କୁମୁଦ ନିଜକୁ ସଙ୍କୋଚିତ କଲା । ଏ କ'ଣ ସେ ଭାବୁଚି ? ଏସବୁ କ'ଣ ଠିକ୍? ପାଣି ଖୋଜି ଖୋଜି ଥକି ଯାଇଥିବା ଲୋକ ଯେପରି ମୃଗତୃଷ୍ଣାକୁ ପାଣି ବୋଲି ଧରି ନିଏ, ତା'ର କ'ଣ ସେଇ ଅବସ୍ଥା ହୋଇଗଲାଣିକି? ଦିହେଁ ଯାକ ଅପରାଧୀ ଭଳିଆ ସରଳାଅପାକୁ ନିଜ ନିଜର ମନରୁ ବାହାର କରିଦବାକୁ ଚେଷ୍ଟା ନ କରି ତା' ସାଥିରେ ବନ୍ଧୁତ୍ୱ କରି ନେଇଥିଲେ କ'ଣ ଭଲ ହୋଇ ନ ଥା'ନ୍ତା ?

ଏକ ପୁରୁଣା ସ୍ମୃତି କୁମୁଦର ଆଖିଆଗରେ ଉଜ୍ଜ୍ୱଳ ରଙ୍ଗୀନ ଚିତ୍ରପରି ଭାସିଉଠିଲା । ବାହାଘର ପରେ ପ୍ରଥମେ ପ୍ରଥମେ ରାମଣ୍ଡା ସବୁବେଳେ ସରଳାଅପା ବିଷୟରେ କହୁଥିଲା । କୁମୁଦକୁ ତାହା ଭଲ ନ ଲାଗିଲେ ବି

ରାମଣ୍ଡା କହିବା ବନ୍ଦ କରିନଥିଲା ।

ବିଚରା ରାମଣ୍ଡା ବି କ'ଣ କରିଥା'ନ୍ତା ? ସରଳା ଅପା ଅନେକ ଦିନ ଧରି ତା' ସାଥିରେ ସୁଖରେ ଘର କରିଥିଲା । ତା'କୁ ସେ ଭୁଲିଯାନ୍ତା କେମିତି ? କୁମୁଦ ସହ ତା'ର ଅଳ୍ପଦିନର ପରିଚୟ । ତେଣୁ ତା' ସହିତ ସେ ଆଉ କ'ଣ କଥାବାର୍ତ୍ତା କରିଥା'ନ୍ତା ? କୁମୁଦ ସେତେବେଳେ କିଛି ବୁଝି ନ ଥିଲା । ତା'ର ଧାରଣା ଥିଲା ଯେ ସରଳା ଅପା ବିଷୟରେ କଥାବାର୍ତ୍ତା କରିବା ଅର୍ଥ ହେଉଚି ଯେ ରାମଣ୍ଡା ସରଳା ଅପାକୁ ହିଁ ଭଲ ପାଉଚି । ସେ ଭୁଲ ବୁଝିଥିଲା । ମୋହନକୁ ସ୍ନେହ କଲେବି ସେ କ'ଣ ରାମଣ୍ଡାକୁ ଭଲ ପାଉନି ? ସେମିତି ସରଳାଅପାକୁ ମନେ ପକେଇଲେ ହେଁ ରାମଣ୍ଡା ତା'କୁ ଭଲ ପାଇବା ସମ୍ଭବ ହେବନି କାହିଁକି ?

କୁମୁଦର ଓଠରେ ହସ ଉକୁଟି ଉଠିଲା । ଆଦର୍ଶ ପ୍ରେମର ଯଦି କୌଣସି ଉଦାହରଣ ଥାଏ, ତେବେ ତାହା ହେଉଚି ତା'ର ପିଉସୀ ବୁଢ଼ୀର । ସେ କିପରି ସ୍ୱାମୀର ମନରଖି ଚଳୁଥିଲା । ସ୍ୱାମୀ କୁଆଡେ ଯାଉଚି, କ'ଣ କରୁଚି ସବୁ ଜାଣି ସୁଦ୍ଧା ସେ ତାଙ୍କୁ ଭଲ ପାଉଥିଲା । 'ଏସବୁ ଜାଣିବାପରେ ସ୍ୱାମୀଙ୍କପ୍ରତି ତମ ମନରେ ଘୃଣା ଭାବ ନ ଥିଲା କି' ବୋଲି କୁମୁଦ ପଚାରିବାରୁ ବୁଢ଼ୀ ଅଭିମାନଭରା ସ୍ୱରରେ କହିଥିଲା, "ନା, କୁମଦି । ବାହାରେ ବୁଲା ବୁଲି କରି ଆସିଥିବା ଲୋକର କମିଜ୍ ଉପରେ ଯଦି କୁଆ ହାଗିଦିଏ, ତେବେ ସେଇ କମିଜ୍ କ'ଣ ଫିଙ୍ଗି ଦିଆଯାଏ ? ନା, ତା'କୁ ସାବୁନ୍ ଦେଇ ସଫା କରିଦବା ଉଚିତ୍ । ନା କ'ଣ ?"

"ୟାର ଅର୍ଥ କ'ଣ ଅପା ? ଗାଧେଇ ନ ଦେଇ ତାଙ୍କୁ ଘରକୁ ଛାଡୁ ନ ଥିଲ କି ?"

"ତାଙ୍କ ମନ ଯଦି ନିର୍ମଳ ଅଛି ତେବେ ଗାଧେଇଚନ୍ତି ବୋଲି ଧରିନେ । ମୋ' ମନ ଯଦି ନିର୍ମଳ ଅଛି, ତେବେ ତାହା ସାବୁନ୍‌ର କାମ କରିବ" ବୁଢ଼ୀ କ'ଣ ଭାବି ଏ କଥା କହିଥିଲା କେଜାଣି ? ନା, ଏମିତିରେ କହିଦେଇଥିଲା ? ସେ ଯାହା ହେଉନା କାହିଁକି, ଗୋଟେ ତତ୍ତ୍ୱଜ୍ଞାନର କଥା କହିଥିଲା ।

କୁମୁଦ ଚୌକିରୁ ଉଠିଲା । ମନ ଭିତରେ ଉଠୁଥିବା ଚିନ୍ତାସବୁ ତା'କୁ ଗୋଟେ ଜାଗାରେ ବସିବାକୁ ଦଉ ନ ଥିଲା । ସେଇ ଚିନ୍ତା କବଳରୁ ରକ୍ଷା ପାଇବାଲାଗି ସେ ବୁଲିବାକୁ ଲାଗିଲା ।

ଏକଥା କ'ଣ ସତ ? ଏକଥା କ'ଣ ସତ ? ଏକଥା କ'ଣ ସତ ?
ତା'କୁ ଚିନ୍ତା ଗୋଡେଇଥିଲା, ଜମା ଛାଡୁ ନ ଥିଲା । ତା'ସାଥିରେ ଲୁଚକାଳି ଖେଳୁଥିଲା ।
ରାମଣ୍ଡା ଯେ ତା'କୁ ଭଲପାଏ, ଏକଥା ସତ ! ଏକଥା ସତ ! ଏକଥା ସତ !

ଅନ୍ୟଜଣକୁ ବିଶ୍ୱାସ କରିବା କ'ଣ ଉଚିତ୍ ? ହେଲେ କୁମୁଦର ଅବସ୍ଥା ଏପରି ହେଇଯାଇଥିଲା ଯେ ସେ ନିଜକୁ ବିଶ୍ୱାସ କରିପାରୁ ନ ଥିଲା । ଦୀର୍ଘ ଦଶବର୍ଷ ଧରି ଚାପି ହେଇ ରହିଥିବା ଚିନ୍ତା ଏତେ ଯନ୍ତ୍ରଣା ସୃଷ୍ଟି କରୁଥିଲା ଯେ ମନେ ହେଉଥିଲା ଯେମିତି ତାହା ହୃଦୟ ଫାଡି ବାହାରିଆସିବାକୁ ଚେଷ୍ଟା କରୁଚି । ତାହା ହିଁ ଗ୍ରଁ ର ପ୍ରିୟ ଚିନ୍ତା ବୋଲି ପ୍ରମାଣିତ କରିବାଲାଗି ସେ ଯେତେ ମନଗଢ଼ା ଓ ଅସଂଗତ ଯୁକ୍ତିସବୁ ଏକତ୍ରିତ କରୁଚି ।

ସେ ପିଉସୀ ଘରକୁ ଯାଇଥିଲା ବେଳେ ରାମଣ୍ଟା ତାକୁ ଖୋଜି ଖୋଜି ସେଠିକି ଯାଇଥିଲା ।

ତା'କୁ ଜରଜର ଲାଗୁଥିଲା ବେଳେ ଦେହରେ ହାତମାରି ଦେଖିବା ପରେ ରାମଣ୍ଟା ଧାଇଁଯାଇ ଡାକ୍ତର ଡାକିଆଣିଥିଲା ।

ତା'ସହିତ ଦୈହିକ ସମ୍ପର୍କ ନ ଥିଲେ ହେଁ ରାମଣ୍ଟା ଅନ୍ୟ କୁଆଡେ ମନ ବଳେଇ ନ ଥିଲା । ସେଦିନ ସେ ନିଜେ ନୂଆ ଶାଢୀ କିଣି ଆଣିଥିଲା ।

ଏମିତି ଗୋଟେ କି ଦି'ଟି କଥା ଥିଲା । ହେଲେ ସନ୍ଦେହ-ପର୍ବତର ଶିଖର ଖସିବା ମାତ୍ରେ ସାରା ପର୍ବତଟା ଖସିପଡିଲା ପରି ଲାଗିଲା । ପୁରୁଣା ସ୍ମୃତି ସବୁ ଗୋଟେ ପରେ ଗୋଟେ ମନେ ପଡିବାରୁ କୁମୁଦ ଶ୍ୱାସ ରୁଦ୍ଧ ହେଲାପରି ବୋଧ କଲା ।

ଏକଥା ସତଯେ ପ୍ରଥମେ ରାମଣ୍ଟା ପାଇଁ ସେ ଥିଲା କେବଳ କାମ ତୃପ୍ତିର ସାଧନା । ଆଉ ଏକଥା ବି ସତ ଯେ ତା'ପରେ ସେ ରାମଣ୍ଟାର ବିବାହିତ ସ୍ତ୍ରୀ ହେଲା । ସମାଜ ଦୃଷ୍ଟିରେ ଏ ପ୍ରକାର ଚଳଣି ହେୟ । ବାହାଘର ହୋଇ ନ ଥିଲେ ହୁଏତ ତା'କୁ ସମାଜରୁ ବାହାର କରିଦିଆଯାଇଥା'ନ୍ତା । କିନ୍ତୁ ରାମଣ୍ଟା କ'ଣ ପ୍ରକୃତରେ ତା'କୁ ବାହାହୋଇ ନ ଥିଲା ? ବାହାଘର ପାଇଁ କେହି ତ ଜୋର ଜବରଦସ୍ତି କରିନି । ଆଚ୍ଛା, ପ୍ରେମ କରୁଥିବା ଯୋଗୁଁ ରାମଣ୍ଟା ତା'କୁ ବାହା ହୋଇ ଥିଲା ବୋଲି କୁହାଯିବନି କାହିଁକି ? ଦୟା ଦେଖେଇ ରାମଣ୍ଟା ତା'କୁ ବାହା ହୋଇଚି ବୋଲି କାହିଁକି କୁହାଯିବ ? ରାମଣ୍ଟା ହୃଦୟରେ ଅନ୍ୟ କୌଣସି ନାରୀ ପାଇଁ ସ୍ଥାନ ନାହିଁ ବୋଲି ସେ ଭଲଭାବେ ଜାଣିଥିଲା । ଅବଶ୍ୟ ପ୍ରଥମେ ସେ ତା'ର କାମତୃପ୍ତି ନିମିତ୍ତ ଯେ ଉଦିଷ୍ଟ ଥିଲା, ଏହା ମିଛ ନୁହେଁ ।

ହଁ ହେଲା । ମାତ୍ର ସେଥିରେ ଦୋଷ କ'ଣ ?

କାହାରି ସହ ଝଗଡା କଲା ଭଙ୍ଗିରେ କୁମୁଦ ପୁଣି ଚୌକିରେ ଯାଇ ବସିଲା । ଏବଂ ଆଉଥରେ ନିଜେ ନିଜକୁ କହିଲା, "ସେଥିରେ ଦୋଷ କ'ଣ ?"

ଆଜିକାଲି ସମାଜର ରୀତିନୀତି ବଦଳି ଗଲାଣି । ବିବାହ ପୂର୍ବରୁ ପୁଅ ଓ ଝିଅ ମାନେ ଏକ ସ୍ୱତନ୍ତ୍ର ବାତାବରଣରେ ବଢୁଛନ୍ତି । ସମାଜ ଭିତରେ ଜଣେ ଅନ୍ୟଜଣକ ସାଥିରେ ମିଶୁଚି । ସେମାନଙ୍କ ଭିତରେ ସ୍ନେହ ସୌହାର୍ଦ୍ଦ୍ୟ ବଢୁଚି । ପରିଚୟ ବଢି ଦୁଇ ମନ ମିଶିଗଲେ ଜଣେ ଅନ୍ୟକୁ ବରଣ ମଧ୍ୟ କରୁଚି । ବିବାହପୂର୍ବରୁ ଥରେ ଅଧେ କାମବାସନା ମେଣ୍ଟେଇ ନେଲେ ସେଥିରେ ଦୋଷ କ'ଣ ?

କୁମୁଦ ଶିହରି ଉଠିଲା । ଅସହ୍ୟ ବୋଝ ମୁଣ୍ଡେଇଲା ପରି ତା'ର ସର୍ବାଙ୍ଗ ଥରିଗଲା । ତା' ଚିନ୍ତାଧାରା ଠିକ୍ ତ ? ଯୋଉ ସମ୍ପର୍କ ସମାଜରେ ବ୍ୟକ୍ତିର ସ୍ଥାନ ଓ କର୍ତ୍ତବ୍ୟ ନିର୍ଣ୍ଣୟ କରେ, ତା'କୁ ଏତେ ତୁଚ୍ଛ ମଣିବା କ'ଣ ସମୀଚିନ ?

କୁମୁଦ ଚିନ୍ତା କଲା, ପ୍ରେମ ସ୍ୱଚ୍ଛ ହୋଇଥିଲେ ବାସନାର କୋଣସି ମହତ୍ତ୍ୱ ନାହିଁ । ସେ ନିଜ କଥା ଓ ରାମଣ୍ଡା କଥା ମନେପକେଇଲା । ସେ ଦି'ଜଣ କେମିତି ମିଳିତ ହେଲେ ? ବାସନାର ତୃପ୍ତି ପାଇଁ କେବେ ନୁହେଁ, କାରଣ ଜଣେ ନ ଥିଲେ ଅନ୍ୟ ଜଣେ ବ୍ୟସ୍ତ ହୋଇ ଉଠୁଥିଲା । ପରସ୍ପରକୁ ଦେଖି ସେମାନେ ନିଜକୁ ଭୁଲି ଯାଉଥିଲେ । ଜଣକର ଦୁଃଖ ବାଣ୍ଟିବା ପାଇଁ ଅନ୍ୟ ଜଣେ ଆଗ୍ରହୀ ଥିଲା, ଜଣଙ୍କର ସୁଖଦୁଃଖକୁ ଆଉଜଣେ ନିଜର ସୁଖ ଦୁଃଖ ବୋଲି ଭାବୁଥିଲା । ଦୁହିଁଙ୍କର ହୃଦୟ ଏକ ହୋଇ ଯାଇଥିବା ଯୋଗୁଁ ଦୁଇ ଦେହ ଏକ ହୋଇ ଯିବା ଦିଗରେ ସେମାନଙ୍କର ହୋସ୍ ରହୁନଥିଲା । ସେମାନେ ଏକ ହୋଇ ଯିବାକୁ ବାଧ୍ୟ ହଉଥିଲେ । ମାତ୍ର ଏକ ହବା ବ୍ୟତୀତ ଆଉ କିଛି ଯେ ଗତ୍ୟ ନ ଥିଲା, ତା' ନୁହେଁ । ହୃଦୟ ମିଶିଯିବାପରେ କିଛି ବାକି ରହେନି । ଏଇଠି ସମାଜ ଗୋଟେ ମସ୍ତବଡ ଭୁଲ କରୁଚି । ହୃଦୟ ମିଶି ନ ଥିଲେ ଦେହର ମିଳନ ପ୍ରକୃତରେ ବେଶ୍ୟାବୃତ୍ତି । ବିବାହ ହୋଇଥିଲେ ବି ଏପ୍ରକାର ମିଳନକୁ ବେଶ୍ୟାବୃତ୍ତି କୁହାଯିବ ।

ନିଜ ଚିନ୍ତାରେ କୁମୁଦ ଭୟଭୀତ ହୋଇପଡିଲା, ଏକ'ଣ ସେ ଭାବୁଚି ? ତା'ର ଆଶଙ୍କା ହେଲା, ଦଶବର୍ଷ କାଳ କୌଣସି ପୁରୁଷସଙ୍ଗ ସହବାସ କରିନଥିବା ହେତୁ ତା'ମନରେ ଏଇ ଚିନ୍ତା ଉଠୁନି ତ ?

ସେଇ ଭୟ ଭିତରେ ତା'ମନରେ ପ୍ରସନ୍ନତା ଭାବ ମଧ୍ୟ ଉଦ୍ରିକ୍ତ ହେଲା ।

ହଁ, ମୋହନକୁ ବି ସାଥିରେ ସଭାକୁ ନେଇଯିବା ଉଚିତ୍ । ଏତେବେଳ ଯାଏଁ ସେ ଆସିଲାନି କାହିଁକି ? ତା' ଆସିବା ସମୟ ତ ହୋଇଗଲାଣି ! ଛାଡ, ସଭାକୁ ଯିବା ଲାଗି ଏତେ ତରତର ହେଇ ଲାଭ କ'ଣ ? ମୋହନ ଆସିଲେ ତା'କୁ ସାଥିରେ ନେଇ ଯିବ ।

ହେଲେ . . . . . .।

କୁମୁଦ ଏକାଥରେ ବ୍ୟସ୍ତ ହେଇ ପଡିଲା । ଏତେ ବଡ ସଭା, ଏତେ ଲୋକ ଆସିବେ ! ରାମଣ୍ଡା ଠିକ୍ ଭାବେ ଲୁଗାପଟା ପିନ୍ଧିନି ତ ? କୁମୁଦର ଦୃଢ ବିଶ୍ୱାସ ଥିଲା ଯେ ସେ ଠିକ୍ ଭାବେ ଲୁଗାପଟା ପିନ୍ଧିନି । ପୁରୁଷ ମାନଙ୍କ ସ୍ୱଭାବ ହିଁ ଏମିତି । ଆଜି ରାମଣ୍ଡା ଭଲ ଲୁଗା ପିନ୍ଧିବା ଦରକାର, ଏହା ଭାବି ସେ ଲୁଗା ବାହାର କରିବାକୁ ଲାଗିଲା । ସେତେବେଳେ ସେ ଅନୁଭବ କଲା ଯେ ତା'ର ହାତଗୋଡ ଥରୁଚି ଏବଂ ଆସ୍ତେ ଆସ୍ତେ ନିଶ୍ୱାସ ନବା ବି କାଠିକର ହୋଇ ପଡୁଚି ।

କିନ୍ତୁ ସେଥିପ୍ରତି ଧ୍ୟାନ ନ ଦେଇ ଲୁଗା ବାହାର କରିବା ଉଦ୍ଦେଶ୍ୟରେ ସେ ଡ୍ରୟାର ଗୁଡାକୁ ଜୋରରେ ଖୋଲିବା ଓ ବନ୍ଦ କରିବା ଆରମ୍ଭ କରିଦେଲା ।

14

ଭୟରେ ରାମଣ୍ଣା ଉଠି ବସିଲା । ଇଏ୍ୱ କି ଶବ୍ଦ ?

"ଓଃ ! ତଳେ ଏ ଫିଙ୍ଗା ଫୋପଡା କାହିଁକି ?" କହି ସେ ପାହାଚ ପାଖକୁ ଗଲା । ମାତ୍ର ନିଜର ଚିନ୍ତାକୁ ସଂଯତ କରି ସେ ସେଇଠି ଠିଆ ହୋଇ ରହିଲା । ହାତ ଛାଡି ଦୀର୍ଘଶ୍ୱାସ ନେଲା । କିଏ ଜାଣେ ? ମୋ' ସାଥିରେ ସଭାକୁ ଯିବାକୁ ପଡୁଚି ବୋଲି କୁମୁଦ ହୁଏତ ରାଗି ଥାଇପାରେ ।

କାହିଁକି ? ଆପେ ହସି ରାମଣ୍ଣା ଚିନ୍ତା କଲା - ରାଗିଗଲେ ଟେବୁଲ ଡ୍ରୟାରକୁ କଚାଡିବା ଦରକାର ବୋଲି କ'ଣ କିଛି ନିୟମକାନୁନ୍ ଅଛି ? ଖୁସିରେ ବି ତ ଏମିତି କରା ଯାଇପାରେ । ଖୁବ୍ ଆତୁରତାରେ ବି କରାଯାଇପାରେ । ଆହୁରି ଅନେକ କାରଣରୁ ବି ଏମିତି କରାଯାଇପାରେ ।

ନା, କୁମୁଦ ରାଗିନି । ସେ ଶବ୍ଦ ଧୀରେ ଧୀରେ କମି ଆସୁଚି । ବସିବା ଅଗରୁ ରାମଣ୍ଣା ପୁଣିଥରେ ଝୁଙ୍କାଦେଇ ଚାହିଁଲା ଓ ତା'ପରେ ବସି ପଡିଲା । ସ୍ୱାଗତ-ସମିତିର ଲୋକ ଶୀଘ୍ର ଆସିଗଲେ ଭଲ । କାହିଁକି କେଜାଣି, ମନ ଭିତରେ କେମିତି ଗୋଟେ ହେଇଯାଉଚି । ହୁଏତ କୌଣସି ଅପ୍ରତ୍ୟାଶିତ ଘଟଣା ଘଟିପାରେ ।

ମଣିଷର ମନ ବିଚିତ୍ର, ନା ? ଗୋଟିଏ ବୋମାରେ ସାରା ଦୁନିଆକୁ ଧ୍ୱଂସ କରି ଦେଲାପରି ବିପଜ୍ଜନକ ପରମାଣୁ ବୋମା ତିଆରି କରିଥିବା ବ୍ୟକ୍ତିମାନେ ମଣିଷର ମନ ସଂବନ୍ଧରେ ଅନୁସନ୍ଧାନ କରିବା କ'ଣ ଉଚିତ୍ ନୁହେଁ ? କିନ୍ତୁ ସେମାନେ ତା' ନ କରି ପରମାଣୁ ବୋମାରେ ହିଁ ସଂଶୋଧନ କରିବାକୁ ଚାହୁଁଚନ୍ତି, ଏଇଥିପାଇଁ ଭବଭୂତି କହିଥିଲେ 'କିମପିଃ, କିମପିଃ' ଅର୍ଥାତ୍ କହିବା ଉଚିତ୍ ଯେ ଏ କଥାରେ କିଛି ରହସ୍ୟ ଅଛି କି ?

ବର୍ତ୍ତମାନ ଆଉ ସେ ଡରୁନି । କେଡେ ମଜାର କଥା ସତେ ! କୁମୁଦ ରାଗିଥିବ ବୋଲି ସେ ଭାବୁଚି କାହିଁକି ? ସେ କ'ଣ କୁମୁଦକୁ ଭୟ କରୁଚି ? କୁମୁଦ ସହିତ ବିବାହର ପୂର୍ବାବସ୍ଥାରେ ଯିଲେ ଏଇ ଡ୍ରୟାର ଟଣା ଶବ୍ଦ ଶୁଣି କୁମୁଦ ପ୍ରସନ୍ନ ଅଛି ବୋଲି ସେ ଭାବିଥାନ୍ତା । ଯୋଉ ଘଟଣା ଘଟିବା କଥା ତାହା ନିଶ୍ଚୟ ଘଟିବ । ତା'ର ବ୍ୟାଖ୍ୟା କରିବା ନିଜ ନିଜର ମାନସିକ ସ୍ଥିତି ଉପରେ ନିର୍ଭର କରେ ।

ଅର୍ଥାତ . . . . ?

ରାମଣ୍ଣା ବାଁ ହାତରେ ବୁଢା ଓ ବିଷି ଆଙ୍ଗୁଳିରେ ମଥାକୁ ଚିପି ଧରିଲା ଏବଂ ଏକାଗ୍ର ଚିତ୍ତରେ କିଛି ଚିନ୍ତା କରୁଥିବା ପରି ଆଖି ବୁଜି ବସି ରହିଲା ।

ଯେ କୌଣସି ଘଟଣାର ବ୍ୟାଖ୍ୟା କରିବା ବି ମନର ଅବସ୍ଥା ଉପରେ ନିର୍ଭର କରେ । ମାନେ ? ମନର ଅବସ୍ଥାକୁ ବଶୀଭୂତ କରିପାରିଲେ ଘଟଣା ନିଜ ପାଇଁ ଅନୁକୂଳ ବୋଲି କ'ଣ ପ୍ରତୀତ ହୁଏ ? କୁମୁଦକୁ ଯଦି ଠିକ୍ ଭାବେ ବୁଝିବାକୁ ଚେଷ୍ଟା କରାଯାଏ, ତା' ହେଲେ ସେ ବି . . . . ?

ଓଁହୁଁ, ଏଇଠି ଚିନ୍ତାଧାରା ଟିକେ ଏପଟ ସେପଟ ହୋଇଗଲା - ସେ ନିଜକୁ ନିଜେ କହିଲା ।

ତା'କୁ ଲାଗିଲା, ଆଜି କୌଣସି ଏକ ଅପ୍ରତ୍ୟାଶିତ ଘଟଣା ଘଟିବ । କାହିଁକି ? ଏହା କହିବା କଷ୍ଟକର । କାରଣ ଜଣାନାହିଁ ; କାର୍ଯ୍ୟର କଳ୍ପନା ଖାଲି ରହିଚି । ଏ କଥା ସତ ହେଲେ, କୁମୁଦ ତା'କୁ ଠିକ୍ ଭାବେ ବୁଝିବା ଉଚିତ୍ । ହୁଁ ! ସେ ଅନ୍ୟ ଉପରେ ଦାୟିତ୍ୱ ଲଦି ଦବାକୁ ଚେଷ୍ଟା କରୁଚି, ନା ? ଏଇଟା ତା' ନିଜର ଦୋଷ ହବନି କାହିଁକି ? ସେ ଯଦି ପ୍ରକୃତରେ କୁମୁଦକୁ ଭଲ ପାଉଚି, ତେବେ ଏ ଅଧିରତା କାହିଁକି ? ପ୍ରେମ ତା' ମନରେ ସାହସ ସୃଷ୍ଟି କରିବା ଉଚିତ୍ ନୁହେଁ କି ?

ସେ ଯେ କୁମୁଦର ପ୍ରାଣାଦପି ପ୍ରିୟ, ଏଥିରେ ରାମଣ୍ଡ ର ସନ୍ଦେହ ନ ଥିଲା । ବିବାହ ପୂର୍ବରୁ ଯେଉଦିନ କୁମୁଦ ତା'ର ହୋଇଗଲା, ସେବେଠୁ ସେ ଏ କଥା ଭଲ ଭାବେ ଜାଣେ । ମାତ୍ର ତା' ସତ୍ତ୍ୱେ କୁମୁଦ ବହୁ ବର୍ଷଧରି ଉଦାସୀନ ଭାବେ ତା' ସାଥିରେ ରହି ଆସୁଚି ।

କୁମୁଦର ଏ କି ପ୍ରକାର ତ୍ୟାଗ ? ଏ ତ୍ୟାଗର ସୁଖ ଅଛି ତ ? କୁମୁଦର ଓ ତା'ର ବୟସ ଭିତରେ ଚଉଦ ବର୍ଷର ପାର୍ଥକ୍ୟ । ଆରେ ! ତା' ଚିନ୍ତାଧାରା ପୁଣି ସେଇଆଡକୁ ଚାଲିଲା ?

ବିବାହିତ ଜୀବନରେ ତୃପ୍ତିର ଅର୍ଥ କ'ଣ କେବଳ କାମତୃପ୍ତି ? ଏ ଚିନ୍ତାଧାରା ତା'ର ନୁହେଁ । ଏହା ହଜାର ହଜାର ବର୍ଷରୁ ଚଳି ଆସିଥିବା ଚିନ୍ତାଧାରା । ଏହାହିଁ ତା' ଜୀବନର ଏକ ଅଙ୍ଗରେ ପରିଣତ ହୋଇଯାଇଚି । କିମ୍ବା ଏ ସୃଷ୍ଟିରେ ପ୍ରତ୍ୟେକ ପୁରୁଷ ପ୍ରାଣୀର ଚିନ୍ତାଧାରା ଏମିତି ? ଏହା ଅସମ୍ଭବ ନୁହେଁ । ବାସ୍ତବିକ୍ କେବଳ କାମତୃପ୍ତିରେ ପୁରୁଷ ତୃପ୍ତ । ସେଇ ତୃପ୍ତି ସହିତ ସମ୍ବନ୍ଧିତ କୌଣସି ଦାୟିତ୍ୱ ତା' ଉପରେ ନ୍ୟସ୍ତ ନୁହେଁ । ସ୍ତ୍ରୀମାନଙ୍କ କଥା ଅଲଗା । କାମତୃପ୍ତି ସେମାନଙ୍କ ଉପରେ ଏକ ଦାୟିତ୍ୱ ଲଦି ଦିଏ । ପୁରୁଷର କାମତୃପ୍ତି ରାତି ଚୋର ପରି । ତା'ର କୃତ କର୍ମକୁ ଘୋଡେଇ ଦିଆ ଯାଇପାରେ । କିନ୍ତୁ ସ୍ତ୍ରୀର କାମତୃପ୍ତି ଦିନ ଚୋର ପରି । ତା' ପକ୍ଷରେ କୃତକର୍ମକୁ ଘୋଡେଇବା ସମ୍ଭବ ନୁହେଁ । କାମତୃପ୍ତି ସମ୍ପର୍କରେ ଏଇ ପରସ୍ପର ବିରୋଧୀ ବିଚାରକୁ ଯଦି ସ୍ତ୍ରୀ ଓ ପୁରୁଷ ଉଭୟେ ଗ୍ରହଣ କରି ନିଅନ୍ତି ତା'ହେଲେ ? ରାମଣ୍ଡୀ ମନେ ମନେ ଭାବିଲା, ବର୍ତ୍ତମାନ ଏ ଚିନ୍ତା କାହିଁକି ? ଦଶ ବର୍ଷ ହେଲା ସ୍ତ୍ରୀ ସହିତ ତା'ର ତ କିଛି ସମ୍ପର୍କ ନାହିଁ ।

ଓଃ ! ରାମଣ୍ଡୀ ମଥାରେ ଗୋଟେ ନୂଆ ଚିନ୍ତା ଫୁଟିଲା । ସେ ନିଜେ ନିଜକୁ ସାବାସି ଦେଲା, ଏବଂ ଲାଜେଇ ଗଲାଭଳି ଚାରିଆଡକୁ ଚାହିଁଲା । ଯଦି କେହି ତା'ର ଏ ବ୍ୟବହାର ଦେଖିବ ତେବେ ତା'କୁ ନିଶ୍ଚୟ ପାଗଳ କହିବ ।

ସେ ପୁଣି ଭାବିଲା, ଏଇଟା ନିଜକୁ ସାବାସି ଦେଲା ଭଳିଆ କଥା ।

ଦଶବର୍ଷ ହେଲା ସେ ବ୍ରହ୍ମଚାରୀ ଜୀବନ କାଟି ଆସୁଚି । କିନ୍ତୁ ଏଇ ଦଶବର୍ଷ ଭିତରେ ସେ କେବଳ କୁମୁଦ ବ୍ୟତୀତ ଅନ୍ୟ କାହାରି ପ୍ରତି କେବେ ମନ ବଳେଇନି । ସେ ଯେ କୁମୁଦକୁ ଭଲ ପାଏ, ଏଥିପାଇଁ ଯାଠୁ ବଳି ଆଉ କ'ଣ ପ୍ରତ୍ୟକ୍ଷ ପ୍ରମାଣ ହୋଇପାରେ ?

କ୍ଷଣକପାଇଁ ରାମଣ୍ଣାର ମଥା ଭିତରେ ଚିନ୍ତାମାନଙ୍କ ଭିଡ ଲାଗିଲା । ଏହା କ'ଣ ସତ ? ଏତେ ସହଜରେ ସେ କ'ଣ କୁମୁଦର ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବ ? ଏଇ ପଦେ କଥାରେ କୁମୁଦର ସମସ୍ୟାର ସମାଧାନ ହୋଇଯିବ ?

ନିରାଶ ହୋଇ ରାମଣ୍ଣା ନିଶ୍ୱାସ ଛାଡ଼ିଲା । ସେ ପାଗଳ ହୋଇଯାଇଚି ନା ଆଗରୁ ଥିଲା ? କିମ୍ବା ସେ ଗୋଟିଏ ମୂର୍ଖ ? ଏମିତି କଥା ଶୁଣିଲେ ଖାଲି କୁମୁଦ କାହିଁକି, ଯେ କୌଣସି ସ୍ତ୍ରୀ ଖୁସି ହବ । ଶେଷରେ ତା'କୁ ଜିଦ୍‌ଖୋର ବୋଲି କୁହାଯାଇପାରିବ ତ ? ସତ କଥା । କୌଣସି ପିଲା କିଛି ଗୋଟେ ନିର୍ଦ୍ଦିଷ୍ଟ ଜିନିଷ ଖାଇବାକୁ ଜିଦ୍ ଧରି ବସିଲେ ଏଥିରେ ଅନ୍ୟ ଜିନିଷ ପ୍ରତି ତା'ର ଅନିଚ୍ଛା ସୂଚିତ ହଉନି କି ? ବାଛିତ ଜିନିଷଟି ନ ମିଳିଲେ ସେ ଦିନସାରା ଭୋକିଲା ରହିପାରେ । ଏଥିରୁ କେବଳ ସେଇ ନିର୍ଦ୍ଦିଷ୍ଟ ଜିନିଷଟି ପ୍ରତି ସେ ପିଲାର ଅସାଧାରଣ ଇଚ୍ଛା ରହିଚି ବୋଲି କ'ଣ କୁହାଯାଇ ପାରିବ ?

କୁମୁଦ ସହିତ ଯୁକ୍ତି କଲେ ରାମଣ୍ଣା ଗୋଟେ ଜିଦ୍‌ଖୋର ବାଳକ ବୋଲି ସେ କହିପାରେ । ଆଚ୍ଛା, ସେ କ'ଣ ସେ କଥା ବିଶ୍ୱାସ କରିଗଲା ? ତେବେ ସେ ଯେ କୁମୁଦକୁ ଭଲ ପାଉଚି, ଏଥିରେ ଜମା ସନ୍ଦେହ ନାହିଁ ? ଅର୍ଥାତ୍ ଆଗରୁ ଏବିଷୟରେ ସନ୍ଦେହ ଥିଲା ? ଛିଃ ! ତା'ର କେବେ ହେଲେ ସନ୍ଦେହ ନ ଥିଲା । ମାନେ - - ?

ମନ ଭିତରେ ଚାଲିଥିବା ସଂଘର୍ଷକୁ ବାହାର କରିଦବା ଲାଗି ରାମଣ୍ଣା ମଥା ଝାଡ଼ିଲା ଓ ଜୋରରେ ନିଜକୁ ନିଜେ କହିଦେଲା ଯେ କୁମୁଦକୁ ସେ ଯେ ଭଲ ପାଉଚି, ଏଥିରେ ସନ୍ଦେହ ନାହିଁ । ଏମିତି ହେଲେ ସେ ନିଜକୁ ସାବାସି ଦେଲା କାହିଁକି ?

ଓହୋ ! . . . ବୁଝିଲି । ଏଥର ସେ କୁମୁଦକୁ ଠିକ୍ ବୁଝି ପାରିବ - ଏହା କହି ରାମଣ୍ଣା ନିଜକୁ ସାବାସି ଦେଇଥିଲା । ପୁଣି ଭାବିଲା, ଏଇଥିପାଇଁ ତା'ର ସାହସ ହୋଇଥିଲା । କୁମୁଦ ଛଡା ଅନ୍ୟ କାହାରି ବିଷୟରେ ସେ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିନି ବୋଲି ଯଦି କୁହାଯାଏ . . . . ।

. . . ଯଦି କୁହାଯାଏ, ତେବେ ? ଭଲ ହବ । ସେଥିରୁ ସେ ଗୋଟେ କାମ କରି କୃତ୍ୟକୃତ୍ୟ ହୋଇଗଲା ବୋଲି ଧରିନବ । ମାତ୍ର କୁମୁଦ ଏହାକୁ ବିଶ୍ୱାସ କରିନବ ବୋଲି କୁହାଯିବ କେମିତି ? ରାମଣ୍ଣା କୋଉ ନୂଆ କଥା କହିବ ଯେ ସେ ତା'କୁ ବିଶ୍ୱାସ କରି ଯିବ ? ସେ କ'ଣ ରାମଣ୍ଣାର ଚାଲିଚଳଣ ସଂପର୍କରେ କିଛି ଜାଣିନି ? ରାମଣ୍ଣା ଅନ୍ୟ କୌଣସି ନାରୀପ୍ରତି ଆକୃଷ୍ଟ ନୁହେଁ ବୋଲି ଜାଣି ମଧ୍ୟ କୁମୁଦ ତା' ପ୍ରତି ବୀତସ୍ପୃହ ହୋଇଯାଇଚି । ଦୁଷ୍ମନ୍ତ-ଶକୁନ୍ତଳାଙ୍କ କାହାଣୀ ବି ଠିକ୍ ଏଇପରି । ପାର୍ଥକ୍ୟ କେବଳ ଏତିକି ଯେ ନାଟକରେ ଶକୁନ୍ତଳା ଯୋଉ ଦଶା ଭୋଗ କରିଥିଲା ଏଠି ଦୁଷ୍ୟନ୍ତକୁ ଅର୍ଥାତ ରାମଣ୍ଣାକୁ ତାହା ଭୋଗିବାକୁ ହବ । ବିଚାରୀ ଶକୁନ୍ତଳା ବି ଦୁର୍ଦ୍ଦଶା ଭୋଗିଲା ? ତା' ସାଥିରେ ଆସିଥିବା ଗୁରୁଜନ ଓ ପ୍ରିୟଜନ-ମାନେ ଦୁଷ୍ୟନ୍ତକୁ କହିଲେ, "ଇଏ ଆପଣଙ୍କର ବିବାହିତା ସ୍ତ୍ରୀ, ଆପଣଙ୍କ ସନ୍ତାନର ଜନନୀ ହବାକୁ ଯାଉଚି । ଆଉ କେତେଦିନ ସେ ପିତୃ ଗୃହରେ ରହିବ ? ତେଣୁ ଆମେ ତା'କୁ ଆପଣଙ୍କୁ ସମର୍ପଣ କରୁଚୁଁ । ଆପଣ ତା'କୁ ସ୍ୱୀକାର କରନ୍ତୁ ।" ଦୁଷ୍ୟନ୍ତ

ଭାବିଲା କନ୍ୟା ତ ସ୍ୱୀକାର ଯୋଗ୍ୟ । କିନ୍ତୁ ତା'କୁ ବିବାହ କରିଥିବା କଥା ସ୍ମରଣ ହଉନି, ଏବଂ କହିଲେ । "ତା'କୁ ବିବାହ କରିଚି ବୋଲି ମୋ'ର ସ୍ମରଣ ହଉନି । ତେଣୁ ମୁଁ ତା'କୁ ସ୍ୱୀକାର କରି ପାରିବିନି ।" ଏହାଶୁଣି ଗୁରୁଜନମାନେ ଶକୁନ୍ତଳାକୁ କହିଲେ, "ତୁ ଏପରି କୌଣସି କଥା କହ ଯୋଉଥିରେ ଦୁଷ୍ମନ୍ତ ବିଶ୍ୱାସ କରିବେ ।" ସେଇଠୁ ଶକୁନ୍ତଳା ଆରମ୍ଭ କଲା, "ଦିନେ ନବମଲ୍ଲିକା ମଣ୍ଡପରେ ତମେ ପଦ୍ମ ପତ୍ରରେ ପାଣି ଭରି ହରିଣ ଶାବକ ଦୀର୍ଘାପାଙ୍ଗକୁ ଜଳ ପିଏଇବାକୁ ଇଚ୍ଛା କଲ । ତମର ସମସ୍ତ ପ୍ରୟାସ ସତ୍ତ୍ୱେ ସେ ପିଇଲାନି । ତା'ପରେ ମୁଁ ତମ ହାତରୁ ସେଇ ପଦ୍ମ ପତ୍ର ଦୋନା ନବାରୁ ଶାବକଟି ସଙ୍ଗେ ସଙ୍ଗେ ମୋ' ନିକଟକୁ ଆସି ଜଳତକ ପିଇଗଲା । ତା'ପରେ ତମେ କହିଲ, ସମସ୍ତେ ନିଜ ଲୋକକୁ ହିଁ ବିଶ୍ୱାସ କରନ୍ତି ।" ସେ କାହାଣୀ ଶୁଣି ଦୁଷ୍ମନ୍ତ ତା'କୁ ବିଶ୍ୱାସ କରିବେ ବୋଲି ଧରିନେଇ ଶକୁନ୍ତଳା ଟିକେ ହସି ଦେଲା । କିନ୍ତୁ ଦୁଷ୍ମନ୍ତ କହିଲେ, "କାହାଣୀଟି ସୁନ୍ଦର । ଏଥିରୁ ସ୍ପଷ୍ଟ ହେଇ ଯାଉଚି ଯେ ନାରୀମାନେ ମିଥ୍ୟାକୁ ମଧ୍ୟ ଅତି ଆକର୍ଷଣୀୟ କରି କହିପାରନ୍ତି ।"

ମୋ' ଅବସ୍ଥା ବି ତ ଏମିତି ହେଇ ପାରେ ? କୁମୁଦ ଯଦି କେବଳ ଏତିକି କହିଦିଏ, "ଅନ୍ୟ ନାରୀ ପ୍ରତି ଦୃଷ୍ଟି ନ ଦବାର କାରଣ କ'ଣ ? ବ୍ରହ୍ମଚର୍ଯ୍ୟ ପାଳନ ନା ବୟସର ପ୍ରଭାବ ?" ରାମଣ୍ଡାର ହୃଦୟ ଶଙ୍କାକୁଳ ହୋଇ ଉଠିଲା । ସେ ଚିନ୍ତା କଲା, ସତ କହି ଜଣକୁ ବିଶ୍ୱାସ କରେଇବା ଯଦି ସହଜ ନୁହେଁ, ତେବେ ଯାହାଠୁ ଟ୍ରାଜେଡି ଆଉ କ'ଣ ହେଇପାରେ ? ଆମର ଏଠି 'ଟ୍ରାଜେଡି' ଶବ୍ଦଟିର ପ୍ରଚଳନ ନାହିଁ । ତେଣୁ ତା' ପରିବର୍ତ୍ତେ 'ହତଭାଗ୍ୟ' ବ୍ୟବହାର କରାଯିବା ଉଚିତ୍ ।

ହଁ, ଟିକିଏ ପୂର୍ବେ ସେ ଦୈବ ସଂପର୍କରେ କ'ଣ ଗୋଟେ ଭାବୁଥିଲା ନା ? ବିଚାର ଯାହା ହଉନା କାହିଁକି, 'ଦୈବ' ବୋଲି କହିଦେଲେ କର୍ତ୍ତବ୍ୟ ସରିଯାଏନି । ମୋ'ର କର୍ତ୍ତବ୍ୟ କ'ଣ ? ମୁଁ କୁମୁଦକୁ ଭଲପାଏଁ, ଅଥଚ ସେ ଏକଥା ବିଶ୍ୱାସ କରିବାକୁ ରାଜି ନୁହେଁ । ଏଥିରେ ମୋ' କର୍ତ୍ତବ୍ୟ କ'ଣ ? ତା' ମନରେ ବିଶ୍ୱାସ ଜନ୍ମେଇବାଲାଗି କ'ଣ କରିବା ଦରକାର ? କ'ଣ କହିବା ଉଚିତ୍ ? ନା, ତାହା କର୍ତ୍ତବ୍ୟ ନୁହେଁ ? କୁମୁଦକୁ ମୁଁ ଭଲପାଏ, ଏଥିଲାଗି ନିଜ ହୃଦୟର ବିଶ୍ୱାସ ଉପରେ ଭରସା ରଖି ମୋ'ର ଅଟଳ ରହିବା ଉଚିତ୍ । ଏହାହିଁ ମୋ'ର ଦାୟିତ୍ୱ ।

"ସାବାସ୍ ! ତା'ହେଲେ ହାତଗୋଡ ବାନ୍ଧି ଚୁପଚାପ୍ ବସିବା ମୋ'ର ଦାୟିତ୍ୱ ? ବାଃ ! ମୁଁ କେତେ ସହଜରେ କେତେ ବଡ କଥାର ସମାଧାନ କରିଦେଲି !" ରାମଣ୍ଡା ନିଜକୁ ବ୍ୟଙ୍ଗ କଲା । ତା'ପରେ ଭାବିଲା, ବାସ୍ତବିକ୍ ହାତଗୋଡ ବାନ୍ଧି ବସିବା ଛଡା ସେ ଆଉ କ'ଣ କରିପାରିବ ?

ଏ ବିଷୟ ହିଁ ସେମିତି, ଖାଲି 'ମୁଁ ତମକୁ ଭଲପାଏଁ' ବୋଲି କହିଦେଲେ କିଏ ବିଶ୍ୱାସ କରିବ ? ଭଲପାଇବାକୁ ଅନୁଭବ କରିବା ଦରକାର, ଗପ,ନାଟକ ବା ଉପନ୍ୟାସ ପରି କଥାରେ କହିଦେଲେ ବିଶ୍ୱାସ ହେଇଯାଏନି । ନାୟକ କହେ, "ମୁଁ ତମକୁ ଭଲପାଏ ।" ଏବଂ ନାୟିକା କହେ, "ପ୍ରିୟତମ ! ମୁଁ ବି ତମକୁ ଭଲପାଏ ।" ପ୍ରକୃତରେ କଥାଟା ଏତେ ସରଳ ହେଇଥିଲେ ପ୍ରତି ମୁହୂର୍ତ୍ତରେ ଗୋଟେ ଗୋଟେ ପ୍ରେମ--ବିବାହ ହଉଥା'ନ୍ତା । ରାମଣ୍ଡା ମନେ ମନେ ଚିନ୍ତାକଲା --- ସେ ସାହିତ୍ୟିକ । ମଣିଷର ସ୍ୱଭାବ ସହିତ ତା'ର କିଛି ପରିଚୟ ରହିଚି । ପୁରୁଷ ଯୋଉ ନାରୀକି ଚାହୁଁଚି, ତା'କୁ ଭଲପାଇବା ତା'ର ସହଜାତ ପ୍ରକୃତି ଏବଂ ମାତୃତ୍ୱ ପ୍ରାପ୍ତିପରେ ନାରୀ ନିଜର ଇପ୍ସିତ ପୁରୁଷ ପ୍ରତି ସଂପୂର୍ଣ୍ଣଭାବେ ଉଦାସୀନ ରହିଯିବା ମଧ୍ୟ ତାର ସହଜାତ

ପ୍ରକୃତି । କିନ୍ତୁ ପରିବାର-ଜୀବୀ ମଣିଷ ସର୍ବଦା ନିଜର ପ୍ରିୟଜନଙ୍କୁ ସାଥିରେ ରଖିବାକୁ ଚାହେଁ । ଏଇ କାରଣକୁ ତା'ର ପ୍ରେମର କଳ୍ପନା ଅନ୍ୟପ୍ରକାର । ସେ ......

ଘଡି ଦେଖିବା ପରେ ରାମଣ୍ଡା ଚଟକରି ଉଠିଲା । "ମୁଣ୍ଡ ଭିତରେ ଚିନ୍ତାମାନେ କାହିଁକି ମେଳା ଲଗେଇଚନ୍ତି କେଜାଣି ? ମେଳା ଫେଳା କିଛି ନାହିଁ । ଚିନ୍ତାଗୁଡାକ ମନଇଚ୍ଛାରେ ନାଚୁଚନ୍ତି । ସେ ନିଜ ଉପରେ ବିରକ୍ତି ପ୍ରକାଶ କରି କହିଲା ।"ଏ ଶଳା ସଭା ବି କ'ଣ ଶୀଘ୍ର ଆରମ୍ଭ ହବନି ?"

ହୁଁ । ଦେଖିଲ କୋଉକଥା ପାଇଁ ରାଗ, ହେଲେ କୋଉ କଥା ଉପରେ ଝାଡୁଚି ?

ରାମଣ୍ଡା କ୍ଲାନ୍ତ ହସଟିଏ ହସିଲା, ଏବଂ ଅନୁଭବ କଲା, କୌଣସି ଏକ କାରଣରୁ ସେ ଖୁବ୍ ଉଲ୍ଲସିତ । ଅଥଚ ଉଲ୍ଲାସର କାରଣ ସେ କଳ୍ପନା ବି କରିପାରୁନି । ଏହାର କାରଣ କ'ଣ ହୋଇପାରେ ? ଏତକ ଜାଣିଗଲେ, ଦଶ ବର୍ଷର ତପସ୍ୟାରୁ ମୁକ୍ତି ମିଳିଯା'ନ୍ତା । କୁମୁଦ ଛଡା ଆଉ କେହି ମୋ' ପାଖରେ ପ୍ରିୟ ନୁହଁନ୍ତି । ସେ ସୁଖରେ ରହୁ, ଏହାହିଁ ମୋ'ର ଇଚ୍ଛା । ସେ କେବଳ ମୋ'ର ହୋଇ ରହୁ ବୋଲି ବି ମୁଁ ଜିଦ୍ କରୁନି ।

ଆଚ୍ଛା, ଏହା ବୈରାଗ୍ୟର ପ୍ରସ୍ତୁତି ନା ବାର୍ଦ୍ଧକ୍ୟର ଲକ୍ଷଣ ?

ନା, କିଛି ନୁହେଁ । ମୋ' ରାଣ, ମୁଁ ଚାହୁଁଚି ସେ ଖୁସିରେ ମୋ' ଆଗରେ ରହୁ ବାସ୍, ଏଇଥିରେ ହିଁ ମୁଁ ସୁଖୀ । ସେ ଓ ତା'ର ମୋହନ . . . । ନା, ସେ ଦି'ଜଣଙ୍କ ଅସ୍ତିତ୍ୱ ଭିନ୍ନ ନୁହେଁ ଏକ । ମୋହନ ତା'ର ଗୋଟିଏ ଅଙ୍ଗ ବିଶେଷ । ମୁଁ ତା'କୁ ଯେତିକି ଭଲପାଏ, ମୋହନକୁ ସେତିକି ଭଲପାଏ । ସେମାନେ ଜଣେ ଅନ୍ୟର ଅଙ୍ଗବିଶେଷ, ସେମାନେ କେବେ ହେଲେ ଭିନ୍ନ ନୁହଁନ୍ତି । କୁମୁଦ ମତେ ଭଲ ପାଏ ବୋଲି ମୁଁ ଜାଣେ । ଏଥିପାଇଁ ସେ ଆଜି ସଭାକୁ ଯିବାପାଇଁ ରାଜି ହୋଇଚି । ସଭାରେ ମତେ ଯୋଉ ସମ୍ମାନ ମିଳିବ ତାହା ଦେଖି ସେ ଖୁସି ହବ ଏବଂ ତା'ର ଖୁସିରେ ମୁଁ ଖୁସି ହେବି । ଦିହେଁ ଯାକ ଖୁସି ହେଲା ପରେ ଆମର ଦୃଷ୍ଟି ଗୋଟିଏ ଆଡକୁ ଅର୍ଥାତ୍ ମୋହନ ଆଡକୁ ଯିବ ।

ଆଖିରୁ ଲୁହ ବହୁଥିବାର ଦେଖି ରାମଣ୍ଡା ଜୋରରେ କହିଲା, "ମୋହନ ବି ସଭାକୁ ଚାଲୁ ।" ପୁଣି ଝର୍କା ପାଖକୁ ଯାଇ ଉଚ୍ଚସ୍ୱରରେ କହିଲା, "ମୋହନ ବି ସଭାକୁ ଯିବ ।" ସେଥିରେ ବି ତୃପ୍ତି ନ ହୋଇ ସେ ଝର୍କାପାଖକୁ ଯାଇ କହିଲା, "ମୋହନ.ବି ସଭାକୁ ଯିବ ।"

15

କାମ କରୁ କରୁ କୁମୁଦ ହଠାତ୍ ରହିଗଲା । କ'ଣ ଗୋଟେ ଶୁଭିଲା ? କେହି କିଛି କହିଲା କି ? ଏହା ଭାବି ସେ କଣ୍ଢେଇଟି ପରି ଛିଡା ହୋଇ ରହିଗଲା । କଣ୍ଢେଇପରି ନୁହେଁ, କାରଣ ଠିଆହବା ପାଇଁ କଣ୍ଢେଇର ହାତଗୋଡ ତ ଅଛି । ହେଲେ ତା'ର ସେତିକି ବି ନ ଥିଲା ପରି ଲାଗୁଚି । ଗୋଡରେ ଶକ୍ତି ମଧ୍ୟ ନାହିଁ । ଜଙ୍ଘ ଉପରେ ହାତ ଥୋଇ ସେ ଯୋଉଠି ଠିଆ ହେଇଥିଲା ସେଇଠି ବସିପଡିଲା ।

"ମୋହନ ବି ସଭାକୁ ଯିବ ।"

ରାମଣ୍ଡାର ସ୍ୱର ଶୁଭୁଚି । ସେଇ ସ୍ୱର ପାହାଚବାଟେ ତଳକୁ ଓହ୍ଲେଇ ଆସିଚି । ସେ ସ୍ୱର କୁମୁଦକୁ ଏକ ଦଉଡି ପରି ମନେହେଲା । ତା'ରି ସାହାଯ୍ୟରେ ସେ ଧୀରେ ଧୀରେ ଉପରକୁ ଉଠିଲା । ଅଇନା ଆଗରେ ଯାଇ ଛିଡା ହେଲା ଏବଂ କପାଳ ଉପରକୁ ଝୁଲିପଡିଥିବା ବାଳକୁ ସଜାଡିଲା । ଇସ୍ସ୍ କ'ଣ ? ହାତ ଓଦା ହେଇଯାଇଚି ଯେ ! କପାଳରେ ଝାଳ !

କାହିଁକି -- କାହିଁକି -- କାହିଁକି ? ଛାତି ଜୋର୍‌ରେ ଧକ୍ ଧକ୍ ହଉଚି । ଦୁଃଖ ଓ ଆନନ୍ଦ ଉଭୟର ଲକ୍ଷଣ ସମାନ -- ଭୟ, ସ୍ୱେଦ ଓ ଶକ୍ତିହୀନତା । ମାତ୍ର ଏଥିଲାଗି ତା'ଦେହରେ ଶକ୍ତି ସଂଚରିତ ହେଲାପରି ଲାଗୁଚି କେମିତି ? ବୋଧେ ଦୁଃଖ ଓ ଆନନ୍ଦ ଭିତରେ ସେତିକି ଅନ୍ତର । ବର୍ତ୍ତମାନ ତା'କୁ ଖୁସି ଲାଗୁଚି । ସେ ଚାହୁଁଥିଲା, ମୋହନ ସଭାକୁ ଯିବ । ରାମଣ୍ଡା ବି ସେଇ କଥା କହୁଚି । ଏଥିପାଇଁ ତା'କୁ ଖୁସି ଲାଗୁଚି । ସବୁବେଳେ ସେ ଏମିତି ଅନୁଭବ କରେ । ଯେତେବେଳେ ତା'ର ଓ ରାମଣ୍ଡାର ଚିନ୍ତା ସମାନ ହେଇଯାଏ, ସେତେବେଳେ ରାମଣ୍ଡା ତା'କୁ ସ୍ପର୍ଶ କଲାପରି ଲାଗେ । ସେ ସ୍ପର୍ଶରେ ଦେହ ଶିହରି ଉଠେ, ଝାଳ ବହେ, ଗୋଡ ଛିଣ୍ଡି ପଡିଲା ପରି ବୋଧ ହୁଏ । କାହିଁକି, କାହିଁକି, କାହିଁକି ? ଅତିଶୟ ଖୁସିରେ କୁମୁଦ ନିଜକୁ ଏ ପ୍ରଶ୍ନ ପଚାରିଲା ।

କେତେ ଯୁଗର ଅନୁଭୂତି ! କେତେ ବର୍ଷର ଆନନ୍ଦ ! ତା'ର ମନେ ହେଲା, ସେ ଦିନର ସେଇ ଅନୁପମ ତଥା ଅଲୌକିକ ଆନନ୍ଦକୁ ସେ ବାରବାର ମନେ ପକଉଚି । ସେଦିନର ପ୍ରତ୍ୟକ୍ଷ ଅନୁଭୂତି ଆଜି ପରୋକ୍ଷ ହେଇ ମନେ ପଡୁଚି । ଜୀବନରେ ପ୍ରଥମଥର ପାଇଁ ସେଇ ଅନୁଭୂତିର ସୁଖ ଲାଭ କଲାପରେ ତା'ର ସ୍ତ୍ରୀର ଜନ୍ମ ସାର୍ଥକ ହେଇ ଗଲା ବୋଲି ସେ ଅନୁଭବ କରିଥିଲା । ରାମଣ୍ଡାର ଓ ତା'ର ଅସ୍ତିତ୍ୱ ଯେ ଅଲଗା ଅଲଗା ଏହା ହୃଦୟଙ୍ଗମ କରିବା ପରେ ତା'ର ମନେ ହେଲା ଯେ ସେ ହତବୁଦ୍ଧି ହେଇଯାଇଚି । ସେତେବେଳେ ଦୁଃଖରେ ସୁଖ ମିଳୁଥିଲା ଏବଂ ତାହା କ୍ଷଣିକ ହେଲେ ହେଁ ଚିରନ୍ତନ ପରି ବୋଧ ହଉଥିଲା । ଅନ୍ୟଜଣେ ତା'କୁ ସ୍ପର୍ଶ କରୁଥିଲେ ମଧ୍ୟ ଅନ୍ୟର ସ୍ପର୍ଶ ପରି ଲାଗୁ ନ ଥିଲା । ସେକଥା ମନେ ପଡିଲେ ଏବେ ସୁଦ୍ଧା କୁମୁଦର ଦେହ ଶିହରି ଉଠେ । ଠିଆ ହବାପାଇଁ ଅସମର୍ଥ ହବାରୁ ସେ ପୁଣି ଚୌକିରେ ବସିଲା । ଅକଥନୀୟ ଭୟରେ ସେ ନିଜକୁ ଭୁଲିଗଲା ; ତା'ପରେ ଅଇନାରେ ନିଜ ପ୍ରତିବିମ୍ବକୁ ଅନେଇଲା । ଦେହ ତ ଗରମ ଲାଗୁନି । ହେଲେ ନିଶ୍ୱାସ ଗରମ ଲାଗୁଚି କାହିଁକି ? ସେ ଆଖିବୁଜି ବସିଲା, ଏବଂ ଘର, ସଭା ଓ ସତ୍କାର ସବୁ ଭୁଲି ଅନ୍ୟ ଏକ ଜଗତରେ ବିହାର କରିବାକୁ ଲାଗିଲା ।

ସେଦିନ କି ବାର ଥିଲା ? ବାରରୁ କ'ଣ ମିଳିବ, ସେଦିନଟି କୁମୁଦ ଜୀବନରେ ଚିରନ୍ତନ ଆନନ୍ଦର ଉତ୍ସାହ । ରାମଣ୍ଡା ଲେଖୁଥିଲା । ତା' ଟେବୁଲ୍ ଆଗରେ ଗୋଟେ ଅଇନା ଥିଲା । କୁମୁଦ କିଛି ସମୟ ଦୂରରେ ଠିଆ ହୋଇ ଦେଖିଲା । ଲମ୍ବା ଲମ୍ବା ହାତ ଲେଖୁଥିବା ହେତୁ ଡାହାଣ ହାତ ହଲଚଲ ହଉଥିଲା । ମଥାରେ ବାଳଗୁଡା ଆଲୁରା ହୋଇପଡିଥିଲା । ମଝିରେ ମଝିରେ ସେ ଡାହାଣ ହାତରେ କାନ କୁଣ୍ଡଉଥିଲା । କୁମୁଦ ଧୀରେ ଧୀରେ ଯାଇ ତା' ଚୌକି ପଛରେ ଛିଡା ହେଲା । ଚୌକିକଡରେ ଛିଡାହବାକୁ ଇଚ୍ଛା ହଉଥିଲା । କିନ୍ତୁ ସେଥିରେ ହାତ ନ ଥିବାରୁ ପଛରେ ହିଁ ଠିଆ ହେଲା, କେବେ ସମୟ ପର୍ଯ୍ୟନ୍ତ ଠିଆ ହୋଇ ରହିଲା କେଜାଣି ! ଅଇନାରେ ତା'ର ପ୍ରତିଛବି ପ୍ରତିଫଳିତ ହଉଥିଲା । ମାତ୍ର ରାମଣ୍ଡାର ସେ ଆଡକୁ ନଜର ନ ଥିଲା । ସେ ଥରେ ମୁହଁ ଉଠେଇଲା ଓ ଡାହାଣ ହାତର କପାଳ ପୋଛିଲା । । ଅଥଚ ୟାକୁ ଦେଖିପାରିଲାନି । କି ଏକାଗ୍ରତା ! ଇୟେ ଠିଆ ହୋଇ ହୋଇ ତା'ବାଳକୁ ଧୀରେ ସାଉଁଳେଇବାକୁ ଲାଗିଲା । କିନ୍ତୁ ଡର ଲାଗୁଥିଲା, ତା'ର ଧ୍ୟାନ ଭଙ୍ଗ ହୋଇ ଯିବନି ତ ? ବାହ୍ୟଜଗତ ପ୍ରତି ତା'ର ଆଦୌ ଧ୍ୟାନ ନ ଥିଲା । କୁମୁଦର ମନେ ହେଲା, ଯେମିତି କେହି ତା'କୁ ଚାବୁକ ମାରୁଛି । ଏଇଟା ଏକାଗ୍ରତା ନା ଅନାଦର ? ଏପରି ଭାବେ ଅନାଦର କରିବା କ'ଣ ଉଚିତ୍ କଥା ? ଟିକେ ଜିଦ୍‌କରି ଇୟେ ତା'କଡକୁ ଘୁଞ୍ଚିଗଲା । କିଛି ସମୟ ଗଲା । ରାମଣ୍ଡା ଡାହାଣ ହାତରେ ଲେଖୁଥିଲା ଆଉ ବାଁ ହାତରେ ୟାକୁ ଆସ୍ତେ ଆସ୍ତେ ପାଖକୁ ଭିଡି ନଉଥିଲା । ଧ୍ୟାନଭଙ୍ଗ ହୋଇଗଲା ? ନା, ନା, ଲେଖା ତ ଚାଲୁରହିଥିଲା । ବାଁ ହାତ ୟାକୁ ପୂରା କୋଳେଇ ନେଇଥିଲା । କେତେ ମମତା ଥିଲା ସେ ହାତରେ ! କେତେ କୋମଳ ସେ ସ୍ପର୍ଶ ! କୋଳେଇ ନଉଥିବା ହାତଟି ୟାକୁ ଧୀରେ ଧୀରେ ତଳକୁ ଟାଣିଲା । ତା'ପରେ ସେ ରାମଣ୍ଡା କୋଳରେ ବସି ପଡିଲା । ତା' ସତ୍ତ୍ୱେ ରାମଣ୍ଡାର ତା' ଆଡକୁ ବୋଧେ ଦୃଷ୍ଟି ନ ଥିଲା । ସେତେବେଳେ ୟାର ବି ବୋଧେ ସଂଜ୍ଞା ନ ଥିଲା । କେତେ ମିନିଟ୍ ପର୍ଯ୍ୟନ୍ତ ଇୟେ କୋଉଠି ବସିଚି ବୋଲି ଜାଣି ପାରି ନ ଥିଲା । କେହି କାହାରି ସହ କଥାବାର୍ତ୍ତା କଲେନି । ଦିଜଣ ଯାକ ଯେପରି ଭାବେ ବସିଥିଲେ ସେଥିରୁ ବୋଧ ହଉଥିଲା ସତେ ଯେମିତି ଦୁଇ ହୃଦୟ ମିଶି ଏକ ହୋଇ ଯାଇଚି । କୁମୁଦ ରାମଣ୍ଡାର ଲେଖା ଦେଖିବାରେ ମଗ୍ନଥିଲା ଏବଂ କୁମୁଦକୁ ସାଉଁଳଉଥିବା ଅବସ୍ଥାରେ ବି ରାମଣ୍ଡାର ଲେଖା ଚାଲିଥିଲା । କାନ୍ଧକୁ କାନ୍ଧ, ଗାଲକୁ ଗାଲ ଲାଗି ରହିଥିଲା, ଓ ୟା' ଅଣ୍ଟା ଉପରେ ରାମଣ୍ଡାର ହାତ ଥିଲା । ମନେ ହଉଥିଲା, ଦୁଇ ଦେହକୁ ବିଦୀର୍ଣ୍ଣ କରି ତନ୍ମଧ୍ୟରେ ଥିବା ଦୁଇ ଆତ୍ମା ଏକ ହୋଇଯିବ । ପଦେ ହେଲେ କଥା ନ କହି, ଆଖିବୁଜି କୁମୁଦ ସେମିତି କେତେ ସମୟ ଯାଏଁ ବସି ରହିଥିଲା, ସେକଥା ନିଜେ ମଧ୍ୟ ଜାଣିନି । ସେ ଚିନ୍ତା କଲା, ସେଇ ତନ୍ମୟତାରେ ସେ ଯୋଉ ଆନନ୍ଦ ଲାଭ କରିଥିଲା, ତା'କୁ ସେ କେବେ ଭୁଲି ପାରିବନି । ସେଇ ଆନନ୍ଦକୁ ମନେ ପକେଇ ପୁଣି ଥରେ ତା'ର ରସାସ୍ୱାଦନ କରିବା ଲାଗି ସେ ଆଖି ବନ୍ଦ କଲା ।

କୁମୁଦକୁ ଭାରି ଖୁସି ଲାଗିଲା । ସେ ରାମଣ୍ଡାପାଇଁ ଭଲ ଲୁଗା ବାହାର କରି ରଖିଲା । ମୋହନ ପାଇଁ ବି ଲୁଗାପଟା ଏକାଠି ରଖିଲା । ସେ ନିଜେ ଠିକ୍ ଭାବେ ପ୍ରସ୍ତୁତ ହେଉଛି ତ ? ରାମଣ୍ଡାର ସମ୍ମାନ-ସଭା ପାଇଁ ସେ ଏତେ ସଜବାଜ ହଉଚି କାହିଁକି ? ରାମଣ୍ଡା ଲେଖକ । ସେଥିରେ କ'ଣ ହେଲା? ସେ ଲେଖକର ଅର୍ଦ୍ଧାଙ୍ଗିନୀ । ସେଦିନ ରାମଣ୍ଡା କୋଳରେ ବସିଥିଲା ବେଳେ ସେ କ'ଣ ନିଜେ ଲେଖିଲାପରି ଅନୁଭବ କରୁ ନ ଥିଲା ?

ତା'ପରେ କୁମୁଦ କହିଥିଲା, "ମୁଁ ଭାବିଲି, ଏକାଗ୍ରତାରେ ବ୍ୟାଘାତ ଘଟିଛି ବୋଲି ରାଗ କରିବନି ତ !"

"କୋଉ ଏକାଗ୍ରତା ?"

"ଲେଖିବାର ।"

"ଓ ! ଇଯ୍ୱେ କି କଥା କହୁଚ କୁମୁଦ ? ଲେଖିଲା ବେଳେ ପ୍ରେରଣା ନିଜେ ଆସି କବାଟ ଠକ୍ ଠକ୍ କଲେ ବି ଏକାଗ୍ରତା ଭଙ୍ଗ ହୁଏନି ।"

"ତା' ହେଲେ କେବଳ ସ୍ତୁତିପାଇଁ ମୁଣ୍ଡ କୁଣ୍ଡେଇ ହଉଥିଲା ?"
"ନା, ମନକୁ ଆସିଥିବା ପ୍ରେରଣାକୁ ହଜମ କରିବାଲାଗି ।"
"କୋଉ ପ୍ରେରଣା ? ଆମେ ଦି'ଜଣ ବସିଲାବେଳେ ସେ ଯଦି ଆଉଥରେ ଆସେ, ତେବେ ?"

"ଖାଲି ଆସିବ କାହିଁକି, ଆସି ଯଦି କୋଳରେ ବସିଯାଏ, ତା'ହେଲେ ?" କହି ରାମଣ୍ଡା ଜୋରରେ ହସି ଉଠିଲା ।

କୁମୁଦ ହିଁ ରାମଣ୍ଡାର ପ୍ରେରଣା । ସେ ଆସିଲେ କୌଣସି ଅସୁବିଧା ହବା ପରିବର୍ତ୍ତେ ଲେଖିବାପାଇଁ ଉତ୍ସାହ ମିଳେ । ସେତେବେଳେ ଇଯ୍ୱେ କେତେ ଗର୍ବ ଅନୁଭବ କରିଥିଲା ! ଲେଖିବାପାଇଁ ରାମଣ୍ଡା ଯ୍ୟାର ଆବଶ୍ୟକତା ଲୋଡୁଥିଲା । ତେଣୁ ଇଯ୍ୱେ ଅଧିକ ଯୋଗ୍ୟ ହେବା ଉଚିତ । ମା ପିଲାର ଲାଳନପାଳନ କଲାପରି ଇଯ୍ୱେ ରାମଣ୍ଡା ଲେଖନୀକି ଖୋରାକ ଯୋଗେଇବା ଦରକାର ---- ଏଇକଥା ଚିନ୍ତାକରି ସେ ରାତିସାରା ଶୋଇପାରି ନ ଥିଲା । ବହୁତ୍ ଡେରିରେ ଶୋଇଥିଲା ଓ ଉଠିବାପରେ ଦେଖିଲା, ରାମଣ୍ଡା ସୁଖରେ ଶୋଇଚି ଯେମିତି ପିଲାଟିଏ ! ଖେଳି ଖେଳି ଥକିଯାଇ ବିଶ୍ରାମ ନଉଚି ! କେଡେ ବଡ ମଥା ! ଏହା ଭାବି ଇଯ୍ୱେ ତା'କୁ ଆବେଗ ପ୍ରବଣତାରେ ଚୁମ୍ବନ ଦେଲା । ରାମଣ୍ଡା ଆଖି ଖୋଲି ଚାହିଁଲା ଆରେ, ଖାଲିମିଛ ! ସେ ଜମା ଶୋଇ ନ ଥିଲା । ଚୁମ୍ବନ ଦେବା ଲାଗି ନୁଆଁଇଥିବା ମୁହଁ ସେ ଆଉ ଉଠେଇ ପାରିଲାନି । ସେ ହିଁ ରାମଣ୍ଡାର ସ୍ମୃତି, ରାମଣ୍ଡାର ସରସ୍ୱତୀ । କାଳିଦାସଙ୍କ ମୁହଁଉପରେ ମୁହଁ ରଖି ସରସ୍ୱତୀ ବିଦ୍ୟାର ବର ଦେଇଥିଲେ । ସେ ଓ ରାମଣ୍ଡା ଏକ । କାରଣ ଲେଖକ ଓ ସ୍ମୃତି ହଉଚନ୍ତି ଅଭିନ୍ନ । ଜଣକୁ ଅନ୍ୟଠୁ ଅଲଗା କରିହବନି । ଦୁହିଁଙ୍କ ତାଦାତ୍ମ୍ୟରୁ କଳାକୃତି ସୃଷ୍ଟି ହୁଏ ।

ମୋହନ ରୂପକ କଳାକୃତି ବି ସେଦିନ ରୂପ ପରିଗ୍ରହ କରିଥିଲା । ଇଯ୍ୱେ କ'ଣ ସେକଥା ଭୁଲି ପାରିବ ? ମୋହନକୁ ଡାକିବା ସମୟରେ ରାମଣ୍ଡା 'ମୋହନ' ବୋଲି କହିଲେ, କୁମୁଦ ଆଖି ଆଗରେ ସେ ଦିନର ଅନୁଭୂତି ଚିତ୍ରପରି ନାଚିଯାଏ ।

କୁମୁଦ ଆସ୍ତେ ଉଠିଲା । ତା'କୁ ଲାଗୁଥିଲା, ବର୍ତ୍ତମାନ ସେ ରାମଣ୍ଡା କୋଳରେ ବସିଚି । ଚୌକିରୁ ଉଠି ତା'ଉପରେ ପଡିଥିବା ଗଦିକି ନିଜ କୋଳରେ ରଖି ସେ ପୁଣି ବସିପଡିଲା, ଓ କହିଲା, "ମୁଁ କେତେ ସୁଖୀ ଆଉ କେତେ ଅଭାଗିନୀ ବି ।"

ଅଭାଗିନୀ ନୁହେଁ ତ ଆଉ କ'ଣ ? ରାମଣ୍ଡା ଯେତେ ଏକାଗ୍ର ହେଇ ଲେଖୁଥିଲା, ସେତିକି ଏକାଗ୍ର ମନରେ ଯ୍ୟାକୁ କ'ଣ ଭଲ ପାଉ ନ ଥିବ ? ନ ଥିବ କାହିଁକି ? ଅନ୍ତତଃ ଏଇ କଥାରେ ସେ ସନ୍ଦେହ କରିବା ଉଚିତ୍ ନୁହେଁ । ରାମଣ୍ଡା ଯୋଉ ବହିସବୁ ଲେଖିଚି, ସେ ଗୁଡିକର ନାରୀ ଚରିତ୍ରମାନଙ୍କ ଛଡା ଅନ୍ୟ କୌଣସି ନାରୀ ପ୍ରତି ତା'ର ଦୃଷ୍ଟି ନ ଥିଲା । ହେଲେ ଏସବୁ ସତ୍ତ୍ୱେ ବି ସେ ଅଭାଗିନୀ ।

ଛିଃ ! ଏ କ'ଣ ସେ ଭାବୁଚି ? ସୁଖର ମୁହୂର୍ତ୍ତରେ ଏକ ଅପ୍ରତ୍ୟାଶିତ ଘଟଣାର ପରିକଳ୍ପନା କରି ଅତୀତରେ ଦୋଷତ୍ରୁଟି ରୂପକ ଅଇଁଠାକୁ ଘାଣ୍ଟି ହାତ ଅପରିଷ୍କାର କରିବା କ'ଣ ଯୁକ୍ତିଯୁକ୍ତ ? ତା'କୁ ଲାଗିଲା, ରାମଣ୍ଡାର ପ୍ରେମକୁ ସେ ଆଜି ପ୍ରଥମଥର ଅନୁଭବ କରୁଚି । ସେ କ'ଣ ପୁଣି ନବବଧୂ ହୋଇଗଲା କି ? ରାମଣ୍ଡାର ସ୍ୱର ଶୁଣିବା ମାତ୍ରେ ଏତେ ଉତ୍ସାହ, ଲଜ୍ଜା ଓ ରୋମାଞ୍ଚ ! ସେ ନବବଧୂ । ତା'କୁ ଏ ବେଶ ମାନିବନି । ଆସର ମୁତାବକ ବେଶ ପୋଷାକ ବାଞ୍ଛନୀୟ । ସେ ଭଲଭାବେ ସଜବାଜ ହୋଇ ଗଲେ ରାମଣ୍ଡା ଖୁସି ହବ । ରାମଣ୍ଡା ଆନନ୍ଦିତ ହେଲେ ସେ ଖୁସି ହବ । ଦିହେଁ ଯାକ ଖୁସି ହୋଇ ମୋହନକୁ ଚାହିଁବା ଉଚିତ୍ ଏବଂ ତା'କୁ ଚାହିଁ ପରସ୍ପରକୁ ଚୁମ୍ବନ କରିବା ଉଚିତ୍ ।

କୁମୁଦ ନିଜକୁ ସପତ କଲା । ଭାବନାରେ ଭାସିଯାଇ ସେ ନିଜ ପାଇଁ ଖଣ୍ଡେ ନୂଆ ଶାଢୀ ବାଛିଲା, ଏବଂ ଉପ୍ୱରେ ପାହାଚ ଆଡକୁ ଅନେଇଲା, ଏଇ ଶାଢୀ ପିନ୍ଧିଲାବେଳେ ଥରେ କେମିତି ହଇରାଣ କରିଥିଲା, ତାହା ତା'ର ମନେ ପଡିଲା, ସେଦିନ ଇପ୍ସେ ଶେଷକୁ ରାଗିଯାଇ କହିଥିଲା, "ଏ ପ୍ରକାର ଚିନ୍ତାଗୁଡାକୁ ମଥାରେ ପୂରେଇ ତମେ ଯଦି ବହି ଲେଖ, ତେବେ କେହି ଭଦ୍ରଲୋକ ତା'କୁ ପଢିବା ତ ଦୂରର କଥା, ଛୁଇଁବ ବି ନାହିଁ ।" ଭୀଷଣ ରାଗରେ ଇପ୍ସେ କାନ୍ଦି ପକେଇ ଥିଲା । ଶାଢୀ ସ୍ୱା ହାତରୁ ଖସିଯାଉଥିଲା । କିନ୍ତୁ ରାମଣ୍ଡା ତା'ର ଭିଡାଓଟରା ବନ୍ଦ କରୁ ନ ଥିଲା । ଟିକେ ହସି କୁମୁଦ ଆଗକୁ ଭାବିଚାଲିଲା । ସେତେବେଳକୁ ମୋହନ ଜନ୍ମ ହୋଇ ନ ଥାଏ । ମୋହନ ଜନ୍ମହବା ପରେ ମଧ୍ୟ ରାମଣ୍ଡାର ପିଲାଳିଆମି ଯାଇ ନ ଥିଲା । ଯୋଉଦିନ ଇପ୍ସେ ପ୍ରଥମଥର ପିଉସୀ ଘରୁ ଫେରିଆସିଲା । ସେଦିନ ମୋହନକୁ କୋଳକୁ ନବା ବାହାନାରେ ସେ ବଦମାସିରେ ସ୍ୱା ଦେହରେ ହାତ ଥୋଇ ନ ଥିଲା ? ଭାଗ୍ୟରେ ଥିଲେ ଏସବୁ ମିଳେ । ହେଲେ ସେ ନିଜେ ଥିଲା ନିର୍ବୋଧ, ଅଭାଗିନୀ ।

ଆରେ ! ପୁଣି ସେଇ ଦୁର୍ଭାଗ୍ୟ ବିଷୟରେ ଭାବୁଚି କାହିଁକି ? ଆଜି ମୋହନ ଆସିବା ମାତ୍ରେ ଆମେ ଦି'ଜଣଯାକ ତା'ର ହାତକୁ ଧରି ସଭାକୁ ଯଦି ନେଇ ଯାଉଁ, ତା'ହେଲେ ? ନା, ସେ ମୋହନର ହାତ ପରିବର୍ତ୍ତେ ମୋ' ହାତକୁ ଧରି ଦେଇ ପାରନ୍ତି । ନା, ମୋହନକୁ ହିଁ କହିବି । ଏ ପିଲାଟା ଟିକିଏ ଶୀଘ୍ର ଆସିଗଲେ ଭାରି ଭଲହେବ ।

ଏହା ଚିନ୍ତା କରି ସେ ଆଇନାକୁ ଚାହିଁଲା --- "ଏ ଶାଢୀ କ'ଣ ମାନୁନି ? ମୋହନ ଜଲଦି ଆସିଗଲେ ଭଲ ହୁଅନ୍ତା । ସେବି ତ କହିଚନ୍ତି, ମୋହନ ବି ସଭାକୁ ଯିବ । ଆରେ, ଲାଗୁଚି ସେ ମତେ'ଇ କହିଲେ । ମୁଁ ଏଣେ ପାଗଳଙ୍କ ପରି ଏଣୁତେଣୁ କଥା ଭାବୁଚି । ତାଙ୍କ ସାଥିରେ କଥା କହିଲିନି ବୋଲି ସେ ଖରାପ ଭାବିବେନି ତ ?"

କୁମୁଦ ତଳ ପାହାଚ ପର୍ଯ୍ୟନ୍ତ ଗଲା, ଭାବିଲା ଅନେକ ଡେରି ହେଲାଣି । ମୋହନ କେତେବେଳେ ଆଉ ଆସିବ ? ତା'ର ଦେଖାଦର୍ଶନ ତ ନାହିଁ ।

ସେଇଠି ସେ ଜୋରରେ କହିଲା, "ମୁଁ ମୋହନକୁ ହିଁ ଅପେକ୍ଷା କରିଚି" ଓ କୌଣସି ଅପରାଧ କରିଥିବା ପିଲାଟିଏ ପରି ଜିଭକାମୁଡି ପକେଇଗଲା ।

16

"ମୋହନ ବି ସଭାକୁ ଯିବ" କହିସାରି ରାମଣ୍ଡା ସେଇ ପାହାଚ ଉପରେ ଠିଆ ହୋଇ ହତବାକ୍ ଭାବେ ଚାରିଆଡକୁ ଅନେଇଲା ।

"ମୁଁ ମୋହନକୁ ହିଁ ଅପେକ୍ଷା କରିଚି ।"

କୁମୁଦର ସ୍ୱର । ସେ ସ୍ୱରକୁ ଦେଖିବା ପାଇଁ ରାମଣ୍ଡା ଆଖି ମେଲେଇ ଚାହିଁଲା । ହଠାତ୍ ଆଗରେ ତା'ର ଯେମିତି ଅନ୍ଧାର ଘୋଟିଗଲା ! ପାହାଚ ପାଖରେ ଥିବା ଖମ୍ବକୁ ଧରି ସେ ଛିଡା ହୋଇ ରହିଲା । ଏହିପରି ଗୋଟେ ମୁହୂର୍ତ୍ତ ବିତିଚି କି ନାଇଁ ବର୍ଷବର୍ଷରୁ ଜମି ଆସିଥିବା ସେଇ ଘନ ଅନ୍ଧକାର ଦୂରୀଭୂତ ହୋଇଗଲାପରି ସେ ବୋଧ କଲା । ତା' ଆଖିଆଗରୁ ପର୍ଦ୍ଦା ଉଠିଗଲା । ଦେଶ ଓ କାଳର ସୀମାବାହାରେ କ'ଣ ଅଛି, ତା'କୁ ଦେଖିବାର ଶକ୍ତି ତା'ଭିତରେ ସଂଚରିତ ହେଲା । ତା' ରୋମ ସବୁ ଟାଙ୍କୁରି ଉଠିଲା ।

ମଣିଷର ହୃଦୟ ଅଦ୍ଭୁତ ---- ଏହା କହି ସେ କୋଠରୀ ଭିତରେ ବୁଲାଚଲା କରିବାକୁ ଲାଗିଲା । ମଣିଷର ଜ୍ଞାନ ମଧ୍ୟ ବିଚିତ୍ର । କୌଣସି କଥାର କିଛି ଅର୍ଥ ନାଇଁ । ମଣିଷର ସବୁଠୁ ବେଶୀପ୍ରିୟ ସୁଖ କ'ଣ ? ଏହାହିଁ ସବୁଠୁ ବେଶି ପ୍ରିୟ ସୁଖ ବୋଲି କହିବା କ'ଣ ସମ୍ଭବ ? ଆଗରୁ ଯାହାକୁ ଦୁଃଖ କୁହାଯାଉଥିଲା, ତା'ର ବିପରୀତ ହିଁ ଥିଲା ସୁଖ । ଆମର ପ୍ରତ୍ୟେକ ଜ୍ଞାନ ଏଇପରି । ତେଣୁ ମଣିଷ ଭିତରେ ସ୍ମୃତି ବୋଲି ଯୋଉ ଜିନିଷଟି ଅଛି, ତା'କୁ ଏକ ବିଶିଷ୍ଟ ଶକ୍ତି ରୂପେ ଗ୍ରହଣ କରାଯାଇଚି । ଗୋଟିଏ ହେଉଚି ଆଜି, ବର୍ତ୍ତମାନ, ଅନ୍ୟଟି ପୁରାତନ, ଅତୀତ । ବର୍ତ୍ତମାନର ଅନୁଭୂତିକୁ ହିଁ ଜ୍ଞାନ କୁହାଯାଇଚି । କୁମୁଦର ସ୍ୱର ଶୁଣି ତା' ରୋମ ଟାଙ୍କୁରି ଉଠିଲା — କେତେ ଆନନ୍ଦ ଲାଗୁଚି ! ପୂର୍ବେ ସେଇ ସ୍ୱର ଶୁଣିଲେ ସେ ଉଦ୍‌ବିଗ୍ନ ହୋଇ ଉଠୁଥିଲା । ଏହା ହିଁ ଜ୍ଞାନର ବୈଚିତ୍ର୍ୟ ନା ? ଦିନେ ସେଇ ସ୍ୱର ଶୁଣିଲେ ଅତିକ୍ରାନ୍ତ ସୁଖମୟ ଦିନଗୁଡିକୁ ସ୍ମରଣ କରୁଥିଲା, ସେ ସବୁର ତୁଳନା କରି ଉଦ୍‌ବିଗ୍ନ ହେଉଥିଲା । ମାତ୍ର ବର୍ତ୍ତମାନ ? ଆଜି ? ସେଇ ସ୍ୱର ଶୁଣି ସେ ଅତୀତର ଉଦ୍‌ବିଗ୍ନତାକୁ ମନେ ପକେଇଲା, ଏବଂ ତା' ସହିତ ଆଜିର ଉଦ୍‌ବେଗକୁ ତୁଳନା କଲା, ଏହା କରି ସେ ଯଥେଷ୍ଟ ଆନନ୍ଦ ଲାଭ କଲା ।

ରାମଣ୍ଡାକୁ ଭୟ ଲାଗିଲା । କୁମୁଦର ସ୍ୱର ଶୁଣି ତା'ର ରୋମ ଯେ ଟାଙ୍କୁରି ଉଠିଥିଲା, ଏହା କ'ଣ ସତ ? ତାହା କ'ଣ ଆନନ୍ଦର ଲକ୍ଷଣ ? ତା' ଆଖିଆଗରେ କ୍ଷଣକପାଇଁ ଯୋଉ ଅନ୍ଧାର ଘୋଟି ଯାଇଥିଲା ତାହା ବି କ'ଣ ଆନନ୍ଦର ଲକ୍ଷଣ ?

ଦୀର୍ଘଶ୍ୱାସ ନେଇ ରାମଣ୍ଡା ଚୌକିରେ ବସି ପଡିଲା । ସେ ଭାବିଲା, ହୃଦୟର ସେଇ ସ୍ୱରଟି ଚିହ୍ନିବା କଷ୍ଟକର । ସ୍ୱୟଂ ପରମାତ୍ମା ମଧ୍ୟ ସେଇ ସ୍ୱରର ରହସ୍ୟ ବୁଝିପାରି ନାହାନ୍ତି । ଆମପରି ମଣିଷମାନେ ବା ବୁଝିବେ କେମିତି ? ଆହା ! ଭବଭୂତିଙ୍କ ଉତ୍ତରରାମଚରିତ ନାଟକରେ ବିଷ୍ଣୁଙ୍କ ଅନ୍ୟତମ ଅବତାର ଭଗବାନ ରାମଚନ୍ଦ୍ରଙ୍କ ଅବସ୍ଥା କ'ଣ ହେଲା ? ସେ ସୀତା ଦେବୀଙ୍କୁ କହିଲେ, "ତମ ହସ୍ତଦ୍ୱୟ ମୋ' ଗଳାର ଆଶ୍ରୟ

ଲାଭ କରୁ ।'' ଦେବୀ ଲାଜରେ ଚୁପ୍‌ହୋଇ ରହିଲେ । ତା' ପରେ ରାମଚନ୍ଦ୍ର ନିଜେ ସେମିତି କଲେ ଓ ଆଶ୍ଚର୍ଯ୍ୟ ରେ ସୀତାଙ୍କୁ ପଚାରିଲେ, "ପ୍ରିୟେ କିମେତତ୍ -- ଇୟେ କ'ଣ ?'' ତାଙ୍କ ବାହୁସ୍ପର୍ଶରେ ସୀତାଙ୍କର କ'ଣ ହେଲା ବୁଝି ନପାରି ପୁଣି କହିଲେ ----

ବିନିଶ୍ଚେତୁଂ ଶକ୍ୟଦଯୌନ ସୁଖମିତି ବା ଦୁଃଖମିତି ବା
ପ୍ରମୋହୋ ନିଦ୍ରାବା କିନ୍ନୁ ବିଷବିସର୍ପଃ କିମୁମଦଃ ।
ଗଣୋ ତବ ସ୍ପର୍ଶେ ମମହି ପରିମୂଢେନ୍ଦ୍ରିୟ -------
ବିକାରଶ୍ଚୈତନ୍ୟ ଭ୍ରମୟତି ଚ ସମୀଲୟତି ଚ ----

ଇୟେ କି ଚିନ୍ତା ? ଏହାର ଅର୍ଥ କଣ ? ଜଣେ ବିକୃତ ମସ୍ତିଷ୍କ ଟୀକାକାର ଏହାର ଅର୍ଥ ବ୍ୟାଖ୍ୟା କରିଚନ୍ତି, "ସର୍ବମିଦ ସୀତାୟ ଭୋଗ୍ୟତା ପ୍ରକର୍ଷେ ତାତ୍ପର୍ଯ୍ୟମାବିଷ୍କରୋତି ।'' କେଡେ ଅସଭ୍ୟ ଏ ବ୍ୟାଖ୍ୟା ! ନାରୀର ସ୍ପର୍ଶ ଯଦି ଚେତନା ହଜେଇ ଦିଏ, ତେବେ ସେ ବିଶେଷ ଭାବେ ଏକ ଭୋଗ୍ୟ ବସ୍ତୁ । ଆହାର-ନିଦ୍ରା-ଭୟ-ମୈଥୁନରେ ଆଗ୍ରହୀ ଜନୈକ ମାନବ-ପଶୁ ହିଁ ଏପ୍ରକାର ବ୍ୟାଖ୍ୟା କରିବା ସମ୍ଭବ । ଭବଭୂତି କିନ୍ତୁ ଏଇ ଅର୍ଥରେ କହି ନାହାନ୍ତି । ତାଙ୍କ କହିବାର ତାତ୍ପର୍ଯ୍ୟ ହଉଚି ଯେ ସ୍ପର୍ଶରୁ ଅଦ୍ୱୈତାନନ୍ଦ ମିଳିଥାଏ । ସେଇ ସ୍ପର୍ଶ ଏପରି ମତ୍ତ କରିଦିଏ ଯେ ସୁଖ--ଦୁଃଖ, ପ୍ରମୋଦ--ନିଦ୍ରା ଏବଂ ବିଷ ତଥା ମଦ ମଧ୍ୟରେ ପାର୍ଥକ୍ୟ କ'ଣ କିଛି ଜାଣିହୁଏନି ।

ଭବଭୂତିଙ୍କ କଥା ସତ । ମୁହୂର୍ତ୍ତକ ପାଇଁ ତା' ନିଜର ଆଖି ଆଗରେ ପରା ଅନ୍ଧାର ଘୋଟି ଯାଇଥିଲା ! ସେ ସମୟରେ ସେ ସେଇ ଅଦ୍ୱୈତାନନ୍ଦ ଉପଭୋଗ କରିଥିଲା । ହେଲେ ଏ ପ୍ରକାର ଅଦ୍ୱୈତାନନ୍ଦର ଭୋଗୀ କିଏ ଓ ଭୋଗ୍ୟ କ'ଣ ?

ଏହା ଭାବି ରାମଣ୍ଣା ନିଜ ଶରୀରରେ ଅଶେଷ ଶକ୍ତିର ସଞ୍ଚାର ଅନୁଭବ କଲା । କୁମୁଦର ସ୍ୱର, କୁମୁଦର ସ୍ପର୍ଶ, କୁମୁଦର ସ୍ମୃତି ଏସବୁ ତା'ଦେହରେ ବିଦ୍ୟୁତ୍--ପ୍ରବାହ ଖେଳେଇ ଦଉଥିଲା ଏବଂ ତା' ଅନ୍ତରରେ ଶିହରଣ ସୃଷ୍ଟି କରିଥିଲା । ବାସ୍ତବିକ୍ ସେ ଭାଗ୍ୟବାନ ବୋଲି ଏ ପ୍ରକାର ପ୍ରେମ ଲାଭ କରିପାରିଥିଲା ।

କିଛି ସମୟପାଇଁ ରାମଣ୍ଣା ନିଜର ଚିନ୍ତା--ପ୍ରବାହର ଗତିପଥ ବଦଳେଇ ଦେଲା । କହିଲା, "ହୁଁ, ଦଶ ବର୍ଷର ଯାତନାକୁ ବିଚାର କଲେ ଏହା ବଡ ଭାଗ୍ୟର କଥା ନିଶ୍ଚୟ ।''

ନା, ତାହାବୋଧେ ଯାତନା ନୁହେଁ । ରାମଣ୍ଣା ଆଉ ଗୋଟେ କଥା ଭାବିଲା । ସବୁ କଷ୍ଟର ନିବାରଣ ପରେ ହିଁ ମଣିଷ ସୁଖୀ ହବ ବୋଲି ଯଦି ଧରିନିଆଯାଏ ତେବେ ସେ କେବେ ହେଲେ ସୁଖୀ ହୋଇପାରିବନି । ଭଡାଘରେ ଯଦି ପାଣି ଗଳିବା ଆରମ୍ଭ ହୁଏ ତା'ହାଲେ ତା'କୁ ଠିଆରି କରିବା ଦାୟିତ୍ୱ କାହାର ? ତାହା କ'ଣ ଭଡାଟିଆ ହାତର କଥା ? ସେଇପରି ଜୀବନରେ ଆମ ଶକ୍ତିର ଅନେକ ଶକ୍ତି ରହିଚି, ଅନେକ କଥା ରହିଚି । ସେଥିପାଇଁ ଆମକୁ ଅନେକ କଷ୍ଟ ଭୋଗ କରିବାକୁ ପଡେ । ମାତ୍ର ସେଥିରେ ଦୁଃଖ କରିବାରେ ଲାଭ କ'ଣ ? ସବୁ ଶକ୍ତି କି ଜୟ କରି ନେଲେ ବି ମଣିଷ ମୃତ୍ୟୁକୁ ଜୟ କରିପାରିବନି । ଯଦି ସେ କେବେ ମୃତ୍ୟୁ ଉପରେ

ବିଜୟ୍ ହାସଲ କରେ ତେବେ ଜୀବନ ପ୍ରତି ତା' ମନରେ ଘୃଣା ଜାତ ହୋଇପାରେ । ଜମା ଦୁଃଖ କଷ୍ଟ ନ ରହୁ -- ଏପ୍ରକାର ଭାବିବା ଭୁଲ, ନିର୍ବୋଧତା । ଦୁଃଖ କଷ୍ଟକୁ ଜୀବନର ଏକ ଅନୁଭବ ବୋଲି ଧରିନେଲେ ଏବଂ ସେ ସବୁକୁ ଜୀବନୋପଯୋଗୀ ଶିକ୍ଷାର ଅଙ୍ଗ ବିଶେଷ ରୂପେ ଗ୍ରହଣ କରିନେଲେ, ଆଦୌ ଦୁଃଖ କଷ୍ଟ ରହନ୍ତାନି । ରାମଣ୍ଡା ଆଉ ନିଜକୁ ସଞ୍ଚିତ କରିପାରିଲାନି । 'କଷ୍ଟର କଷ୍ଟ' ଏ ବିଷୟ୍କୁ ଅନ୍ୟଭାବରେ କହିବା ଉଚିତ୍ । ଛାଡ, ମୋ' ମନରେ ଯାହା ଅଛି, ମତେ ସେ ସବୁ ଜଣା -- ଏହା ଭାବି ସେ ନିଜକୁ ସାନ୍ତ୍ୱନା ଦେଲା । ତା'ପରେ ଭାବିଲା, ସାନ୍ତ୍ୱନା ଦବା ଭାରି ସହଜ । ତା' ମନରେ ଆଉ ଗୋଟେ ଚିନ୍ତା ଉଠିଲା । କବିମାନେ ଦୁଷ୍ମନ୍ତ-ଶକୁନ୍ତଳା, ଯକ୍ଷ-ଯକ୍ଷିଣୀ ଓ ରାମ-ସୀତାଙ୍କ ପାରସ୍ପରିକ ପ୍ରେମକୁ ବିରହ ମାଧ୍ୟମରେ ହିଁ ବ୍ୟକ୍ତ କରିଚନ୍ତି । ଯକ୍ଷ ତା'ର ସ୍ତ୍ରୀ କି ଏତେ ଭଲ ପାଉଥିଲା । ହେଲେ ତା'କୁ ବର୍ଷେ ପର୍ଯ୍ୟନ୍ତ ବିରହ ଭୋଗିବାକୁ ପଡିଲା । ଦୁଷ୍ମନ୍ତ ଶକୁନ୍ତଳାକୁ ଭଲପାଉଥିଲେ । ମାତ୍ର ତାଙ୍କୁ ବି ତା'ଠାରୁ ଦଶବର୍ଷ କାଳ ଦୂରେଇ ରହିବାକୁ ହୋଇଥିଲା ।

ସେ ମଧ୍ୟ ଦଶ ବର୍ଷ ହେଲା କୁମୁଦଠୁ ଦୂରରେ ରହିଚି । ତେଣୁ ସେ ନିଶ୍ଚୟ୍ କୁମୁଦକୁ ଭଲପାଏ । ବାଃ ! ଏ ସିଦ୍ଧାନ୍ତ ଠିକ୍ ନା ?

ହଁ, ସିଦ୍ଧାନ୍ତ ଠିକ୍, ଯୁକ୍ତିସଙ୍ଗତ ବି । ବାକି କେବଳ କୁମୁଦ ଏହାକୁ ସ୍ୱୀକାର କରିବା କଥା ।

ନା, ସେ କଥା ବି ଶେଷ ହୋଇଯାଇଚି । କୁମୁଦ ତା'କୁ ସ୍ୱୀକାର କରିସାରିଚି ବୋଲି ଧରି ନିଆ ଯାଇପାରେ । ମୋହନ ସଭାକୁ ଯିବ ବୋଲି ସେ କହିବାପରେ କୁମୁଦ "ମୁଁ ମୋହନକୁ ହିଁ ଅପେକ୍ଷା କରିଚି" ବୋଲି କହିଲାନି କି ?

ଛିଃ ! ଇଏ୍ କି ପାଗଳାମି ? ଗୋଟେ ସାମାନ୍ୟ କଥାରୁ ସେ କ'ଣ କ'ଣ ଅର୍ଥ ସବୁ କଳ୍ପନା କରିଯାଉଚି ? ମାନେ ? ଅର୍ଥ ଶବ୍ଦରେ ଥାଏ ? ନା କଳ୍ପନାରେ ?

"ମୁଁ ମୋହନକୁହିଁ ଅପେକ୍ଷା କରିଚି'ର ଅର୍ଥ ମୁଁ ପ୍ରସ୍ତୁତ, ଏୟାନା ?" ନିଜ କଥାରେ ରାମଣ୍ଡା ଆଶ୍ଚର୍ଯ୍ୟ ହେଲା । ସେ କୋଉ ଶବ୍ଦରୁ କି ଅର୍ଥ ବାହାର କରୁଚି ? 'ମୁଁ ମୋହନକୁ ହିଁ ଅପେକ୍ଷା କରିଚି'ର ଅର୍ଥ ମୁଁ ବି ପ୍ରସ୍ତୁତ --- ଏ ଅର୍ଥ କୁଆଡୁ ଆସିଲା ?

ତା' ସତ୍ତ୍ୱେ ରାମଣ୍ଡାର ଦୃଢ ବିଶ୍ୱାସ ଥିଲା ଯେ ସେ ଯୋଉ ଅ..ର କଳ୍ପନା କରିଚି, ତାହା ଠିକ୍ । କିନ୍ତୁ କାହିଁକି ? ସେ କଳ୍ପନାର ଆଧାର କ'ଣ ? ତା'ର କାରଣ କ'ଣ ?

ମୁଁ କିଛି ଜାଣିନି । ଆଧାର ନୁହେଁ, କାରଣ ଚାହିଁ । ଯଦି କାରଣ ଦରକାର ତେବେ ହୃଦୟ୍ର ଭାଷା ହୃଦୟ୍କୁ ହିଁ ଜଣା । ବୁଦ୍ଧି ସେ କଥା ଜାଣିବ କିପରି ? ---- ପ୍ରତିବାଦୀକି ଧମକ ଦବା ଢଙ୍ଗିରେ ସେ ଏହା ନିଜକୁ ନିଜେ କହିଲା ।

କୁମୁଦ ପ୍ରସ୍ତୁତ ହୋଇ ରହିଚି ବୋଲି ତା'କୁ ଜଣେଇ ଦେଇଚି । ଏଥିପାଇଁ ପୁଲକିତ ହୋଇ ରାମଣ୍ଡା କ'ଣ

କରିବ କିଛି ସ୍ଥିର କରିପାରିଲାନି । ସେ ବି ବହୁ ଆଗରୁ ପ୍ରସ୍ତୁତ ହୋଇ ରହିଚି ବୋଲି କୁମୁଦକୁ ଜଣେଇ ଦବ କି ?

କହ । ଆରେ ପାଗଳ ! କିଛି ନା କିଛି କାମର କଥା କହ --- ଏହା ଭାବି ସେ ନିଜ ଉପରେ ରାଗିଗଲା । ତା' ପରେ ଧୀରେ ଧୀରେ ପାହାଚ ଆଡକୁ ଗଲା । ତା ' ଚାଲିବା ଭଙ୍ଗିରୁ ମନେ ହେଉଥିଲା ଯେମିତି ସେ ନିଜକୁ ନିଜେ ଧକ୍‌କା ମାରି ଆଗେଇ ନଉଚି ।

ସେ କହିଲା, ''ସ୍ୱାଗତ ସମିତି ବାଲାଙ୍କ ଆସିବା ସମୟ୍ ହୋଇଗଲା ।''

ତା'ପରେ ଝର୍କା ପାଖକୁ ଯାଇ ପାହାଚ ଆଡକୁ ଚାହିଁ ଆଉଥରେ କହିଲା, ''ସ୍ୱାଗତ ସମିତି ବାଲାଙ୍କ ଆସିବା ସମୟ୍ ହୋଇଗଲା ।''

17

କୁମୁଦ ହତବତେଇ ଗଲା । ରାମଣ୍ଣା କହି ଦେଲାଣି -- ''ସ୍ୱାଗତ ସମିତି ବାଲାଙ୍କ ଆସିବା ସମୟ୍ ହୋଇଗଲା ।'' ତା'ର ଅର୍ଥ ସେ ବୁଝିଗଲା । ଏକଥା କହିବାର ଅର୍ଥ ହଉଚି,''ମୁଁ ପ୍ରସ୍ତୁତ । ତମେ ପ୍ରସ୍ତୁତ ତ ?''

କୁମୁଦକୁ ହସ ମାଡିଲା ।

ରାମଣ୍ଣା ପ୍ରସ୍ତୁତ ହୋଇ ସାରିଚନ୍ତି, ତାଙ୍କ ପ୍ରସ୍ତୁତି କଥା ଇଏ୍ ବ'ଣ ଜାଣିନି ? କୋଟ୍ ପିନ୍ଧିବା ପରିବର୍ତ୍ତେ ଟୋପି ପିନ୍ଧି ପକେଇ ଥିବେ । କୁମୁଦକୁ ଡର ଲାଗିଲା, ତା' ହସ ଯଦି ରାମଣ୍ଣାକୁ ଶୁଭିଯାଏ, ତେବେ ? ହେଲେ ନିଜକୁ ସଂଯତ କରିନପାରି ସେ ହସିଲା, ଖୁବ୍ ହସିଲା । ଦିନେ କ'ଣ ଗୋଟେ କାମରେ ବାହାରକୁ ଗଲାବେଳେ ଖାଲି ଦେହରେ ବସିଚନ୍ତି ବୋଲି ଭୁଲିଯାଇ ସେ କୋଟ୍‌କୁ ପଗଡି ପରି ଗୁଡେଇ ବାହାରି ପଡିଥିଲେ । ବାସ୍ତବିକ୍, ରାମଣ୍ଣା ସଜବାଜ ହେଲାବେଳେ ଘରର କେହି ଜଣେ ତାଙ୍କ ପ୍ରତି ଧ୍ୟାନ ଦବା ଉଚିତ୍ । ଆଜି ପୁଣି ଏକ ବିରାଟ ସଭାର ଆୟୋଜନ କରାଯାଇଚି । ସେ ଯୋଉ ଲୁଗା ବାହାର କରି ରଖିଚି, ତାହା ହିଁ ତାଙ୍କୁ ଠିକ୍ ମାନିବ, ଏବେ କ'ଣ ପିନ୍ଧି ପକେଇଚନ୍ତି କେଜାଣି ?

ଏହା ଚିନ୍ତା କରି କୁମୁଦ ଅଇନା ଆଗରେ ଯାଇ ଠିଆ ହେଲା । ସେ ପ୍ରସ୍ତୁତ । ସାର୍ବଜନୀନ ସ୍ୱାଗତ ନିମନ୍ତେ ନିମନ୍ତ୍ରିତ ହୋଇ ଯାଇଥିବା ରାମଣ୍ଣାର ସ୍ତ୍ରୀପରି ଦିଶୁଚି ।

''ସ୍ୱାଗତ ସମିତି ବାଲାଙ୍କର ଆସିବା ସମୟ୍ ହୋଇଗଲା ।''

ପୁଣିଥରେ ରାମଣ୍ଡାର ସ୍ୱର ଶୁଭିଲା । ଏହା ଶୁଣି କୁମୁଦ ନିଜେ ନିଜକୁ କହିଲା, ହେଇ ଦେଖ । ସେ ଅନ୍ୟମାନଙ୍କୁ ଭାରି ତରତର କରନ୍ତି ବୋଲି ମୁଁ କହି ନ ଥିଲି ? ସେ ଯେ ମୋ' ପ୍ରସ୍ତୁତି କଥା ଭୁଲି ନାହାନ୍ତି, ଏହାକୁ ବଡ ଭାଗ୍ୟର କଥା ବୋଲି କହିବା ଉଚିତ୍ । ସବୁ ପୁରୁଷ ସମାନ । ବାହାରକୁ ଯିବାର ଥିଲେ ସାଗେ ସାଗେ ବାହାରି ପଡନ୍ତି । ଟିକେ ଧୀରେ ସୁସ୍ଥେ ତ ଯିବା ଦରକାର ! କୁଆଡେ ଯିବାର ଅଛି, ଏକଥା ବୁଝି ସେଇ ଅନୁସାରେ ପୋଷାକପତ୍ର ପିନ୍ଧିବା ତ ଦରକାର ! ରାତି ନ ପାହୁଣୁ ରୋଷେଇ ଘରେ ଘାଣ୍ଟି ଚକଟି ହେଉଥିବା ସ୍ତ୍ରୀ ମାନେ ହିଁ ବାହାରକୁ ଯିବାଲାଗି ପ୍ରସ୍ତୁତର ମର୍ଯ୍ୟାଦା କ'ଣ ଜାଣିଚନ୍ତି ?

ଅଇନାରେ କୁମୁଦ ପୁଣି ନିଜକୁ ଦେଖିଲା । ଏତେ ତର ତର କାହିଁକି ? ସେ ତ ପ୍ରସ୍ତୁତ । ହେଲେ . . . ? କୁମୁଦ ଶଙ୍କିତ ହେଇ ଉଠିଲା । ରାମଣ୍ଡା ଲାଗି ସେ ଭଲ ଲୁଗା ବାହାର କରି ରଖିଚି । ସଭାକୁ ଯିବାଲାଗି ଡାକିବାକୁ ଆସିବା ଆଗରୁ ରାମଣ୍ଡା ଲୁଗା ବଦଳେଇ ନବା ଉଚିତ୍ । ଇସ୍ତ୍ରେ ସେଠିକି ଯାଇ ଲୁଗା ଦେଇ ଆସିବ କି ? କୁମୁଦ ଥରି ଉଠିଲା । ସେ ସେଠିକି ଯିବ କେମିତି ? ସେଥିରେ ପୁଣି ଏ 'ନୂଆ' ଶାଢୀ ପିନ୍ଧିଚି! ତା'କୁ ଡର ମାଡିଲା । କିନ୍ତୁ ରାମଣ୍ଡାକୁ ଲୁଗା ଦବା ପାଇଁ ଯିବାକୁ ହିଁ ପଡିବ । ନ ହେଲେ ଲୋକେ ଯ୍ୟାକୁ କ'ଣ କହିବେ ? କୁମଦ କହିଲା, ଘରେ ଦି'ଜଣ ପୁରୁଷ ଥିଲେ ମଧ୍ୟ ଦିହେଁଯାକ ପିଲାଙ୍କ ସହିତ ସମାନ । ଏଣେ ମୋହନ କ'ଣ ପିନ୍ଧିବ ଏଚିନ୍ତା, ତେଣେ ରାମଣ୍ଡା କ'ଣ ପିନ୍ଧିବେ ସେ ଚିନ୍ତା -- ସବୁ ଯ୍ୟାକୁ ହିଁ କରିବାକୁ ପଡୁଚି । ସେ ଦି' ଜଣଙ୍କ ପାଇଁ ଲୁଗା ବାହାର କରି ସଜାଡି ରଖିଚି ।

"ସବୁ ପ୍ରସ୍ତୁତ । ମୋହନ ପାଇଁ ବି ଲୁଗାପଟା ବାହାର କରି ରଖିଚି" କହି କୁମୁଦ ଅଇନା ଆଡକୁ ମୁହଁ ବୁଲେଇଲା । ଟିକେ ଲାଜେଇ ଯାଇ ଆସ୍ତେ ଆସ୍ତେ ତଳ ପାହାଚ ପାଖକୁ ଆସି ଆଉଥରେ କହିଲା, "ସବୁ ପ୍ରସ୍ତୁତ, ମୋହନ ପାଇଁ ବି ଲୁଗାପଟା ବାହାର କରି ରଖିଚି ।"

୧୮

ଝର୍କା ପାଖରେ ଠିଆ ହେଇଥିଲା ରାମଣ୍ଡା । ମୁହଁ ତା'ର ପ୍ରସନ୍ନତାରେ ଉଜ୍ଜ୍ୱଳ ଦିଶୁଥିଲା । ସେ ଝର୍କା ଆଡୁ ମୁହଁ ବୁଲେଇଲା । ସେତିକିବେଳେ କୁମୁଦର ସ୍ୱର ଶୁଭିଲା, "ସବୁ ପ୍ରସ୍ତୁତ । ମୋହନ ପାଇଁ ବି ଲୁଗାପଟା ବାହାର କରି ରଖିଚି ।" ରାମଣ୍ଡା ମୁହଁରେ ହସ ଫୁଟି ଉଠିଲା । ସେ ମନେ ଭାବିଲା, ଏଇଟା ନାରୀମାନଙ୍କର ସ୍ୱଭାବ । ଘରେ ନିଆଁ ଲାଗିଥିଲେ ବି ଘରୁ ବାହାରିଲା ବେଳେ ଅଇନା ଆଗରେ ଠିଆ ହେଇ ବାଳ ସଜାଡୁଥିବେ ।

ମୋ' ବେଶପୋଷାକ ଭଲ ଲାଗୁନି ବୋଲି କୁମୁଦ କହିଚି ! ଖୁସିରେ ରାମଣ୍ଡା ଆତ୍ମହରା ହେଇ ଗଲା । ଭାବିଲା, ଆଜି ମୁଁ ଭଲଭାବେ ଲୁଗାପଟା ପିନ୍ଧି ଯାଏ ବୋଲି ତା'ର ଏକାନ୍ତ ଜିଦ୍ ! ବିଚାରି ! ଏ ପ୍ରକାର ଆଶା ସେ କରିବନି ବା କାହିଁକି ? ମୋ' ଛଡା ଆଉ କାହା ଉପରେ ସେ ଏତେ ଅଭିମାନ କରିପାରିବ ?

"ସବୁ ପ୍ରସ୍ତୁତ । ମୋହନ ପାଇଁ ବି ଲୁଗାପଟା ବାହାର କରି ରଖିଚି ।"

ଦ୍ୱିତୀୟଥର କୁମୁଦଠୁ ଏକଥା ଶୁଣି ରାମଣ୍ଡା ପାହାଚ ପର୍ଯ୍ୟନ୍ତ ଗଲା । ତା'କୁ ଲାଗିଲା, ଯେମିତି ସେଇ କଥା ତା'କୁ ଦଉଡି ଲଗେଇ ଟାଣୁଚି ! ତୀବ୍ର ଗତିରେ ସେ ପାହାଚ ପର୍ଯ୍ୟନ୍ତ ଚାଲି ଆସିଲା, ତା' ପରେ ଭାବିଲା, ଓହୋ ! ତା'ର ଇଚ୍ଛା ଯେ ମୁଁ ତଳକୁ ଯିବି । ଉପରକୁ ଆସିବା ଲାଗି ତା'କୁ ଲାଜ ମାଡୁଥିବ । ସେ ମୋ' ପାଇଁ ଲୁଗାପଟା ବାହାର କରି ରଖିଚି । ସେଥିପାଇଁ ମତେ ତଳକୁ ଯିବାକୁ ହବ । ଗୋଟେ ନିଶ୍ୱାସ ମାରି ରାମଣ୍ଡା ନାଟକୀୟ ଭଙ୍ଗିରେ କହିଲା, "ସ୍ତ୍ରୀ ମାନେ କଥା କହିଲା ବେଳେ ପୁରୁଷ ମାନେ ନିରବ ରହିବା ଉଚିତ୍ ।"

ସେ କେତେ ପାଗଳଟାଏ ! କୁମୁଦ ମୁହଁ ଖୋଲି କିଛି କହୁଥିଲା ବେଳେ ସେ ଏମିତି ଠିଆହେଇ କ'ଣ ଗୁଡା ବିଡିବିଡି ହଉଚି ?

ରାମଣ୍ଡା ହାତ ଘଡିକି ଚାହିଁଲା ! ନିର୍ଦ୍ଧାରିତ ସମୟ ପାଇଁ ଆଉ ମାତ୍ର ପାଞ୍ଚ ମିନିଟ୍ ବାକି । ସେ ଜୋରରେ ପାଟି କରି କହିଲା, "ଆରେ ! ଜମା ପାଞ୍ଚ ମିନିଟ୍ ବାକି ଅଛି ।" ତା'ପରେ ଝର୍କାବାଟେ ବାହାରକୁ ଦେଖିବାକୁ ଲାଗିଲା ।

19

"ଜମା ପାଞ୍ଚ ମିନିଟ୍ ବାକି ଅଛି ?"

ରାମଣ୍ଡାଠୁ ଶୁଣିବାପରେ କୁମୁଦ ନିଜ ଘଡି ଦେଖିଲା । ମାତ୍ର ପାଞ୍ଚ ମିନିଟ୍ ବାକି ଅଛି । କିନ୍ତୁ ମୋହନ ତ ଏପର୍ଯ୍ୟନ୍ତ ଆସିଲାନି ! କୁଆଡେ ଗଲା ସେ ? କୁମୁଦ ସ୍ପଷ୍ଟ ବୁଝିଗଲା ଯେ ରାମଣ୍ଡା ଏଇ କଥା ପଚାରୁଚି । ଚାରିଆଡକୁ ଚାହିଁ ସେ ଦ୍ୱାର ଆଡକୁ ଗଲା । କବାଟ ପାଖରେ ପହଞ୍ଚି ଡାହାଣ ପଟ ପାହାଚକୁ ଅନେଇଲା । ସେଇ ପାହାଚଠୁ କିଛି ଦୂରରେ ଝର୍କା ଭିତରୁ ବାହାରକୁ ଝୁଙ୍କି ପଡିଥିବା ରାମଣ୍ଡାର ପିଠି ତା'କୁ ଦିଶିଲା । ଭଗବାନଙ୍କ କୃପାରୁ ଲେଖକର ପିଠିରେ ଆଖି ନାହିଁ ବୋଲି ଭାବି ରାମଣ୍ଡାକୁ ଚାହିଁ ଚାହିଁ ସେ ଧୀରେ ଧୀରେ ଆଗକୁ ପାଦ ବଢେଇଲା । ସେତିକି ବେଳେ ରାମଣ୍ଡା ତା' ଆଡକୁ ବୁଲିପଡି କହିଲା, "ମୋହନ ଆସିଗଲା ।" ଯୋଉ ଆଖିରେ ରାମଣ୍ଡା ମୋହନକୁ ଦେଖିଚି, ସେଇ ଆଖିରେ ମୋହନକୁ ଦେଖିବା ଲାଳସାରେ କୁମୁଦ ରାମଣ୍ଡାକୁ ଚାହିଁରହିଲା । ପ୍ରସନ୍ନତାରେ ଉଜ୍ଜ୍ୱଳ ରାମଣ୍ଡାର ମୁହଁକୁ ଦେଖି ସେ ଟିକେ ହସିଲା । ରାମଣ୍ଡା ଶୀଘ୍ର ଶୀଘ୍ର ଓହ୍ଲେଇବାକୁ ଲାଗିଲା । ତା' ଦେଖି କୁମୁଦ ବି କବାଟ ଖୋଲିବା ପାଇଁ ଧାଇଁଗଲା । ମାତ୍ର କବାଟର ଛିଟ୍‌କିଣିଟା କୋଉଠି ଖୋଜି ପାଇଲାନି ।

20

ବାହାରେ ତୀବ୍ର ଗତିରେ ଆସୁଥିବା କାରର ଶବ୍ଦ ଶୁଣାଗଲା ।
ରାମଣ୍ଡା କହିଲା, "ମୋହନ ଆସିଗଲା ।"
ସେତିକି ବେଳେ କୁମୁଦ କହିଲା, "ସଭାପାଇଁ କେହି ଡାକିବାକୁ ଆସିଲାପରି ଲାଗୁଚି ।"

ଏଥର କାରର ଶବ୍ଦ ଖୁବ୍ ନିକଟରୁ ଶୁଭିଲା । ହର୍ଣ୍ଣ ବାଜିଲା । କିଏ ଜଣେ ଡାକିଲା । ହଠାତ୍ କାର୍‌ର ବ୍ରେକ୍ ମାରିବାରୁ ଦି ' ଜଣଙ୍କ ରୋମ ଟାଙ୍କୁରି ଉଠିଲା । କାର୍ ରହିଲା । କୁମୁଦ କବାଟ ଖୋଲି ଦେଲା ।

ବହୁଲୋକ ଏକତ୍ରିତ ହୋଇଗଲେ । ସମସ୍ତେ ନୀରବ । ସେମାନେ ରାସ୍ତା ଛାଡି ଦେଲେ, କିଏ ଜଣେ ଦି' ହାତରେ କ'ଣ ଗୋଟେ ଉଠେଇ ଧରି ବାହାରକୁ ଆସିଲା ।

"ମୋହନ ଆସିଲା ?" ରାମଣ୍ଡା ପଚାରିଲା, ତା'ର ଶ୍ୱାସରୁଦ୍ଧ ହୋଇ ଆସୁଥିଲା ।
କୁମୁଦ ଏକାବେଳକେ ଚିତ୍କାର କରି ଉଠିଲା ।

ଯୋଉ ଲୋକ ଜଣକ ମୋହନକୁ ଟେକି ଧରି ଆଣିଥିଲା, ସେ ଭିତରକୁ ଯିବ କି ନାହିଁ ଏଇ ସନ୍ଦେହରେ ଦ୍ୱାର ପାଖରେ ଠିଆ ହୋଇ ରହିଗଲା ।

Printed by Bharat Mudranalaya, Shahdara, Delhi-110032